# ଧରିତ୍ରୀ
DHARITRI

ଭୁବନେଶ୍ୱର, ମଙ୍ଗଳବାର, ଏପ୍ରିଲ ୨୫/୨୦୨୩ (୧୬ ପୃଷ୍ଠା) | Bhubaneswar, Tuesday, April 25/2023 | Page 16 | ₹ 7.00

୪୯ଶ ଭାଗ ୧୫୦ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul | VOLUME 49 ISSUE 150 | ମୂଲ୍ୟ ₹୭/-






ଜେମିନି ସର୍କସ୍‌ର ପ୍ରତିଷ୍ଠାତା ତଥା ଭାରତୀୟ ସର୍କସର କର୍ଣ୍ଣଧାର ଜେମିନି ଶଙ୍କରନ୍‌ଙ୍କ ସୋମବାର ପରଲୋକ ଘଟିଛି। ତାଙ୍କୁ ୯୯ ବର୍ଷ ହୋଇଥିଲା। ବାର୍ଦ୍ଧକ୍ୟ ଯୋଗୁ ନାନାବିଧ ରୋଗରେ ଆକ୍ରାନ୍ତ ଜେମିନିଙ୍କ ସ୍ୱାସ୍ଥ୍ୟାବସ୍ଥା ବିଗିଡ଼ିଯିବା କାରଣରୁ ତାଙ୍କୁ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ୧୯୫୧ରେ ଜେମିନି ବିଜୟା ସର୍କସ୍‌କୁ କିଣିବାପରେ ନାମ ବଦଳାଇ ଜେମିନି ସର୍କସ ରଖିଥିଲେ। ଜେମିନିଙ୍କ ବିୟୋଗରେ କେରଳ ମୁଖ୍ୟମନ୍ତ୍ରୀ ପିନାରାୟି ବିଜୟନ ଶୋକବ୍ୟକ୍ତ କରିଛନ୍ତି।



## ସଂକ୍ଷେପରେ

### ଚାରିଧାମ ଯାତ୍ରାରେ ୨ ଶ୍ରଦ୍ଧାଳୁଙ୍କ ମୃତ୍ୟୁ

**ଡେରାଡୁନ୍,୨୪।୪:** ଉତ୍ତରାଖଣ୍ଡର ଯାମନୋତ୍ରୀରେ ସୋମବାର ୨ ଜଣ ଶ୍ରଦ୍ଧାଳୁଙ୍କ ହୃଦ୍‌ଘାତରେ ମୃତ୍ୟୁ ଘଟିଛି। ଚାରିଧାମ ଯାତ୍ରା ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ଜାରି ଗାଇଡ୍ ଲାଇନ୍‌କୁ ଅଣଦେଖା କରିବା ଯୋଗୁ ଅଘଟଣ ଘଟିଥିବା କୁହାଯାଉଛି। ବିଶେଷକରି ୫୫ ବର୍ଷ ବୟସରୁ ଉର୍ଦ୍ଧ୍ୱ ଲୋକଙ୍କ ହେଲ୍‌ଥ ଚେକ୍‌ଅପ୍ କରିବା ସହ ହେଲ୍‌ଥ ସ୍କ୍ରିନିଂ ଫର୍ମ ଭରିବା ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ କୁହାଯାଇଥିଲା। ଶନିବାର ଅକ୍ଷୟତୃତୀୟା ଅବସରରେ ଚାରିଧାମ ଯାତ୍ରା ଆରମ୍ଭ କରାଯାଇଛି।

### ହିଜ୍‌ବୁଲ ମୁଖ୍ୟଙ୍କ ପୁଅ ସମ୍ପତ୍ତିକୁ ବାଜ୍ୟାପ୍ତ କଲା ଏନ୍‌ଆଇଏ

**ଶ୍ରୀନଗର,୨୪।୪:** ଆତଙ୍କବାଦ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ସ୍ୱରୂପ ଜାତୀୟ ତଦନ୍ତକାରୀ ସଂସ୍ଥା (ଏନ୍‌ଆଇଏ) ସୋମବାର ହିଜ୍‌ବୁଲ୍ ମୁଜାହିଦ୍ଦିନ ଆତଙ୍କବାଦୀ ସଂଗଠନ ମୁଖ୍ୟ ସୟେଦ ସଲାହୁଦ୍ଦିନଙ୍କ ୨ ପୁଅଙ୍କ ସମ୍ପତ୍ତିକୁ ବାଜ୍ୟାପ୍ତ କରିଛି। ୟୁଏ(ପି) ଆଇନର ଧାରା ୩୩(୧) ଅନୁଯାୟୀ ଶହିଦ ୟୁସୁଫ ଏବଂ ସୟେଦ ଅହମଦ ଶକିଲଙ୍କର ବଡ୍‌ଗାମ ଜିଲାର ବଡ୍‌ଗାମ ସୋଇବୁଗ୍ ତହସିଲ ଅଧୀନରେ ଥିବା ସ୍ଥାବର ସମ୍ପତ୍ତିକୁ ବାଜ୍ୟାପ୍ତ କରାଯାଇଥିବା ଏନ୍‌ଆଇଏ କହିଛି। ସଲାହୁଦ୍ଦିନଙ୍କ ଦୁଇପୁଅ ଯଥାକ୍ରମେ ୨୦୧୭ ଅକ୍ଟୋବର ଏବଂ ୨୦୧୮ ଅଗଷ୍ଟରେ ଗିରଫ ହୋଇ ଦିଲ୍ଲୀର ତିହାର ଜେଲରେ ରହିଛନ୍ତି। ୧୯୯୩ରୁ ସଲାହୁଦ୍ଦିନ ପାକିସ୍ତାନ ପଳାଇଯାଇଥିବାବେଳେ ୨୦୨୦ ଅକ୍ଟୋବରରେ କେନ୍ଦ୍ର ସରକାର ତାଙ୍କୁ ଆତଙ୍କବାଦୀ ଘୋଷଣା କରିଥିଲେ।

### ବାଂଲାଦେଶ ରାଷ୍ଟ୍ରପତି ଭାବେ ଶପଥ ନେଲେ ମହମ୍ମଦ ଶାହାବୁଦ୍ଦିନ



**ଢାକା,୨୪।୪:** ବାଂଲାଦେଶର ୨୨ତମ ରାଷ୍ଟ୍ରପତି ଭାବେ ବରିଷ୍ଠ ନେତା ମହମ୍ମଦ ଶାହାବୁଦ୍ଦିନ ସୋମବାର ଶପଥ ଗ୍ରହଣ କରିଛନ୍ତି। ଶପଥ ଗ୍ରହଣ ଉତ୍ସବରେ ପ୍ରଧାନମନ୍ତ୍ରୀ ଶେଖ୍ ହାସିନା ଓ ତାଙ୍କ କ୍ୟାବିନେଟ ସହକର୍ମୀମାନେ ଉପସ୍ଥିତ ଥିଲେ। ଐତିହାସିକ ବଙ୍ଗଭବନ ଦରବାର ହଲ୍‌ରେ ୭୩ ବର୍ଷୀୟ ଶାହାବୁଦ୍ଦିନଙ୍କୁ ବାଚସ୍ପତି ଶିରିନ୍ ଶର୍ମିନ ଚୌଧୁରୀ ଶପଥ ପାଠ କରାଇଥିଲେ। ଏହି କାର୍ଯ୍ୟକ୍ରମରେ ସୁପ୍ରିମକୋର୍ଟ ବିଚାରପତି, ବରିଷ୍ଠ ସାମରିକ ଓ ବେସାମରିକ ଅଧିକାରୀମାନେ ଉପସ୍ଥିତ ରହିଥିଲେ। ଗତ ଫେବୃୟାରୀରେ ଶାସକ ଦଳ ଆୱାମୀ ଲିଗ୍ ପ୍ରାର୍ଥୀ ଶାହାବୁଦ୍ଦିନ ନିର୍ଦ୍ୱନ୍ଦ୍ୱରେ ରାଷ୍ଟ୍ରପତି ନିର୍ବାଚିତ ହୋଇଥିଲେ।

### ଲଳିତ ମୋଦିଙ୍କ ବିରୋଧରେ ଅଦାଲତ ଅବମାନନା ମାମଲା ବନ୍ଦ

**ନୂଆଦିଲ୍ଲୀ,୨୪।୪:** ଆଇପିଏଲ୍‌ର ପୂର୍ବତନ କମିଶନର ଲଳିତ ମୋଦି ନ୍ୟାୟପାଳିକା ବିରୋଧରେ ସୋସିଆଲ ମିଡିଆରେ ପୋଷ୍ଟ କରିଥିବା ମନ୍ତବ୍ୟ ପାଇଁ ନିଃସର୍ତ୍ତ କ୍ଷମା ମାଗିବା ପରେ ସୁପ୍ରିମକୋର୍ଟ ତାଙ୍କ ବିରୋଧରେ ଅଦାଲତ ଅବମାନନା ମାମଲାକୁ ବନ୍ଦ କରିଦେଇଛନ୍ତି। ଅଦାଲତ କିମ୍ବା ଭାରତୀୟ ନ୍ୟାୟପାଳିକା ବିରୋଧରେ ଭବିଷ୍ୟତରେ ଏଭଳି ମନ୍ତବ୍ୟ ଦେବେନାହିଁ ବୋଲି ଲଳିତ ସତ୍ୟପାଠ ଜରିଆରେ ଜଷ୍ଟିସ୍ ଏମ୍.ଆର୍. ଶାହା ଏବଂ ସି.ଟି. ରବିକୁମାରଙ୍କ ଖଣ୍ଡପୀଠଙ୍କୁ ଜଣାଇଥିଲେ। ତାଙ୍କ ନିଃସର୍ତ୍ତ କ୍ଷମାପ୍ରାର୍ଥନାକୁ ଖଣ୍ଡପୀଠ ଗ୍ରହଣ କରିବା ସହ ଭବିଷ୍ୟତରେ ଏଭଳି ଉଦ୍ୟମକୁ ଅତ୍ୟନ୍ତ ଗମ୍ଭୀରତାର ସହ ନିଆଯିବ ବୋଲି ତାଗିଦ କରିଥିଲେ।



ପଶ୍ଚିମ ମେଦିନାପୁର ଜିଲାର କଳାଇକୁଣ୍ଡା ଫୋର୍ସ ଷ୍ଟେଶନ ଭାରତ-ଆମେରିକା ବାୟୁସେନାର ମିଳିତ ସମରାଭ୍ୟାସରେ ସାମିଲ ଦୁଇ ଦେଶର ଯବାନ।

# ଆରମ୍ଭ ହେଲା 'ଅପରେଶନ କାବେରୀ'

- ସୁଦାନରୁ ଭାରତୀୟଙ୍କୁ ଉଦ୍ଧାର ଲାଗି ତତ୍ପରତା
- ବନ୍ଦରରେ ପହଞ୍ଚିଲେ ୫୦୦ ଭାରତୀୟ
- ପ୍ରଥମେ ସହଯୋଗର ହାତ ବଢ଼ାଇଲେ ସାଉଦି ଆରବ, ଫ୍ରାନ୍ସ

**ନୂଆଦିଲ୍ଲୀ,୨୪।୪**

ସୁଦାନରେ ସେନା ଏବଂ ଅର୍ଦ୍ଧସାମରିକ ରାପିଡ୍ ସପୋର୍ଟଫୋର୍ସ (ଆର୍‌ଏସ୍‌ଏଫ୍) ମଧ୍ୟରେ ୯ ଦିନ ହେଲା ହିଂସାତ୍ମକ ସଂଘର୍ଷ ଲାଗିରହିଛି। ସେଠାରେ ଫସିରହିଥିବା ୩,୦୦୦ରୁ ଉର୍ଦ୍ଧ୍ୱ ଭାରତୀୟଙ୍କୁ ଉଦ୍ଧାର କରିବା ଲାଗି କେନ୍ଦ୍ର ସରକାର ସୋମବାର 'ଅପରେଶନ କାବେରୀ' ଆରମ୍ଭ କରିଥିବା ବହିର୍ବ୍ୟାପାର ମନ୍ତ୍ରୀ ଏସ୍. ଜୟଶଙ୍କର ଘୋଷଣା କରିଛନ୍ତି। ଭାରତୀୟମାନେ ସେଠାରେ ଆତଙ୍କିତ ଅବସ୍ଥାରେ ରହିଥିବାବେଳେ କେନ୍ଦ୍ର ସରକାର ଏପର୍ଯ୍ୟନ୍ତ କାହାକୁ ଉଦ୍ଧାର କରିବାରେ ସମର୍ଥ ହୋଇନାହାନ୍ତି। ସେମାନଙ୍କୁ ଫେରାଇ ଆଣିବା ଲାଗି ବାୟୁସେନାର ଦୁଇଟି ସି-୧୩୦ଜେ ବିମାନ ଜେଦ୍ଦାହରେ ପହଞ୍ଚିଥିବାବେଳେ ପୋର୍ଟ ସୁଦାନରେ ଆଇଏନ୍‌ଏସ୍ ସୁମେଧ ଲାଗିଛି। ଭାରତୀୟମାନଙ୍କୁ ନିରାପଦର ସହ ଫେରାଇ ଆଣିବା ଉପରେ ସରକାର ସର୍ବାଧିକ ଧ୍ୟାନ ଦେଉଛନ୍ତି ବୋଲି ଶୁକ୍ରବାର ବହିର୍ବ୍ୟାପାର ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଥିଲା।

ସୁଦାନ ରାଜଧାନୀ ଖର୍ତୁମ ଏବଂ ଅନ୍ୟ ଅଞ୍ଚଳରେ ଏପ୍ରିଲ ୧୫ରୁ ସଂଘର୍ଷ ଲାଗି ରହିଛି। ସେନାମୁଖ୍ୟ ଆବଡେଲ୍ ଫତାହ ଅଲ୍-ବୁର୍‌ହାନ ଏବଂ ତାଙ୍କ ଡେପୁଟି ତଥା ବିଦ୍ରୋହୀ ମହମ୍ମଦ ହମଦାନ୍ ଡାଗ୍‌ଲୋଙ୍କ ସମର୍ଥନଙ୍କ ମଧ୍ୟରେ ଜୋର୍‌ଦାର ସଂଘର୍ଷରେ ୪୦୦ରୁ ଉର୍ଦ୍ଧ୍ୱ ନିହତ ହେଲେଣି। ଅଟକି ରହିଥିବା ଭାରତୀୟଙ୍କୁ ଫେରାଇ ଆଣିବା ଲାଗି ଅନ୍ୟ ସହଯୋଗୀ ଦେଶଗୁଡ଼ିକ ସହ ସରକାର ସମନ୍ୱୟ ରଖି କାର୍ଯ୍ୟ କରୁଥିବା ବହିର୍ବ୍ୟାପାର ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି। ଜାତିସଂଘ ସମେତ ସାଉଦି ଆରବ, ୟୁଏଇ, ଇଜିପ୍ଟ ଏବଂ ଆମେରିକା ସହ ଭାରତ ସରକାର ଯୋଗାଯୋଗ କରିଛନ୍ତି। ସୁଦାନରୁ ୩ ଭାରତୀୟଙ୍କୁ ସାଉଦି ଆରବ ଉଦ୍ଧାର କରିଥିବାବେଳେ ସୋମବାର ଫ୍ରାନ୍ସ ବାୟୁସେନା ବିମାନରେ ୫ ଜଣଙ୍କୁ ଫେରାଇ ଅଣାଯାଇଛି। ସେମାନଙ୍କ ସହ ଅନ୍ୟ ୨୭ ଦେଶର ମୋଟ ୩୮୮ ଜଣଙ୍କୁ ଫ୍ରାନ୍ସ ଉଦ୍ଧାର କରିଛି। ସେମାନେ ଏହାର ଜିବୁଟିସ୍ଥିତ ସାମରିକ ଘାଟିରେ ପହଞ୍ଚିଛନ୍ତି।

ହିଂସା ପ୍ରଭାବିତ ସୁଦାନରୁ ବିଭିନ୍ନ ଦେଶ ସେମାନଙ୍କ କୂଟନୀତିଜ୍ଞ ଓ ଅନ୍ୟମାନଙ୍କୁ ଫେରାଇ ନେଲେଣି। ଉଦ୍ଧାର କାର୍ଯ୍ୟ ଶେଷ ହେବା ପରେ ସୁଦାନର ଦୁଇ ବିଦ୍ରୋହୀ ଜେନେରାଲଙ୍କ ସୈନ୍ୟଙ୍କ ମଧ୍ୟରେ ଲଢ଼େଇ ଜୋର୍‌ଦାର ହେବା ଆଶଙ୍କା କରାଯାଉଛି। ଲଢ଼େଇ ଜାରି ରହିଥିବା ଖର୍ତୁମ୍‌ରୁ ବିଦେଶୀମାନେ ଶତାଧିକ ମାଇଲ୍ ଅତିକ୍ରମ କରି ପୂର୍ବ ଉପକୂଳକୁ ଚାଲିଯାଉଛନ୍ତି। ସେମାନଙ୍କୁ ଫେରାଇ ନେବା ପାଇଁ ୟୁରୋପ ଏବଂ ମଧ୍ୟପ୍ରାଚ୍ୟର ସାମରିକ ବିମାନଗୁଡ଼ିକ ରବିବାର ଏବଂ ସୋମବାର ଏକାଧିକ ଉଡ଼ାଣ କରିଥିଲେ। ସୁରକ୍ଷା ସ୍ଥିତି ଅନୁମତି ଦେଲେ ଅଧିକ ବିମାନ ପଠାଯିବ ବୋଲି ଫ୍ରାନ୍ସ ଓ ଜର୍ମାନୀ କହିଛନ୍ତି।



ସ୍ୱଦେଶ ଫେରିବା ପାଇଁ ସୁଦାନ ବନ୍ଦରରେ ଅପେକ୍ଷାରତ ଭାରତୀୟ।

# ମିଡିଆକୁ ସାକ୍ଷାତ୍‌କାର ଦେଇପାରିବେନି ବିଚାରପତି

**ବିଚାରାଧୀନ ମାମଲା**

**ନୂଆଦିଲ୍ଲୀ,୨୪।୪(ପି.ଟି.)**

ବିଚାରାଧୀନ ମାମଲା ଉପରେ ବିଚାରପତିମାନେ ସାକ୍ଷାତ୍‌କାର ଦେଇପାରିବେ ନାହିଁ ବୋଲି ସୁପ୍ରିମକୋର୍ଟ ସୋମବାର ଟିପ୍ପଣୀ ଦେଇଛନ୍ତି। ପଶ୍ଚିମବଙ୍ଗ ଶିକ୍ଷକ ନିଯୁକ୍ତି ଲାଞ୍ଚ କାରବାର ମାମଲା ବିଚାରାଧୀନ ଥିବାବେଳେ କୋଲକାତା ହାଇକୋର୍ଟର ବିଚାରପତି ଜଷ୍ଟିସ ଅଭିଜିତ୍ ଗଙ୍ଗୋପାଧ୍ୟାୟ ଏକ ନ୍ୟୁଜ୍ ଚ୍ୟାନେଲ୍‌କୁ ସାକ୍ଷାତ୍‌କାର ଦେଇଥିଲେ। ଏନେଇ କୋଲକାତା ହାଇକୋର୍ଟର ରେଜିଷ୍ଟ୍ରାର ଜେନେରାଲ ୪ ଦିନ ମଧ୍ୟରେ ରିପୋର୍ଟ ଦେବାକୁ ସର୍ବୋଚ୍ଚ ଅଦାଲତ ନିର୍ଦ୍ଦେଶ ଦେଇଛନ୍ତି। ଭାରତର ପ୍ରଧାନ ବିଚାରପତି (ସିଜେଆଇ) ଡି.ୱାଇ. ଚନ୍ଦ୍ରଚୂଡ଼ ଶୁଣାଣି ବେଳେ କହିଛନ୍ତି, ବିଚାରାଧୀନ ମାମଲା ଉପରେ ସାକ୍ଷାତ୍‌କାର ଦେବା ବିଚାରପତିଙ୍କ କାର୍ଯ୍ୟ ନୁହେଁ। ସିଜେଆଇଙ୍କ ଅଧ୍ୟକ୍ଷତାରେ ଜଷ୍ଟିସ୍ ପି.ଏସ୍. ନରସିଂହଙ୍କୁ ନେଇ ଗଠିତ ଖଣ୍ଡପୀଠ ଜଷ୍ଟିସ୍ ଗଙ୍ଗୋପାଧ୍ୟାୟଙ୍କ ସାକ୍ଷାତ୍‌କାରକୁ ଅତ୍ୟନ୍ତ ଗୁରୁତର ସହ ନେଇଛନ୍ତି। ଟିଭି ଚ୍ୟାନେଲ ଏବିପି ଆନନ୍ଦକୁ ଜଷ୍ଟିସ୍ ଗଙ୍ଗୋପାଧ୍ୟାୟ ଦେଇଥିବା ସାକ୍ଷାତ୍‌କାରର ଏକ ଅନୂଦିତ ପ୍ରତିଲିପି ଆବେଦନକାରୀ ଟିଏମ୍‌ସି ନେତା ଅଭିଷେକ ବାନାର୍ଜୀଙ୍କ ପକ୍ଷରୁ ବରିଷ୍ଠ ଆଇନଜୀବୀ ଅଭିଷେକ ମନୁ ସିଂଘଭି ସର୍ବୋଚ୍ଚ ଅଦାଲତରେ ଉପସ୍ଥାପନ କରିଥିଲେ। ଗୁରୁବାର ପୂର୍ବରୁ ସତ୍ୟପାଠ ଦାଖଲ କରିବାକୁ ରେଜିଷ୍ଟ୍ରାର ଜେନେରାଲଙ୍କୁ କୁହାଯିବା ସହ ପରବର୍ତ୍ତୀ ଶୁଣାଣି ଶୁକ୍ରବାରକୁ ଧାର୍ଯ୍ୟ କରାଯାଇଛି।

ତେବେ ସିବିଆଇ ଏବଂ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ଦୁର୍ନୀତି ଅଭିଯୋଗ ଉପରେ ତଦନ୍ତ ଚଳାଇଥିଲେ, ଏହା ଉପରେ କୋର୍ଟ ନିର୍ଦ୍ଦେଶ ପ୍ରତିବନ୍ଧକ ହେବ ନାହିଁ ବୋଲି ସର୍ବୋଚ୍ଚ ଅଦାଲତ କହିଛନ୍ତି। କୋର୍ଟଙ୍କ ରାୟ ଯୋଗୁ ତଦନ୍ତ ବାଧାପ୍ରାପ୍ତ ହୋଇପାରେ କି ବୋଲି କେନ୍ଦ୍ରୀୟ ତଦନ୍ତକାରୀ ସଂସ୍ଥା ପକ୍ଷରୁ ଅତିରିକ୍ତ ସଲିସିଟର ଜେନେରାଲ ଏସ୍.ଭି. ରାଜୁ ପ୍ରଶ୍ନ କରିବାରୁ ଖଣ୍ଡପୀଠ ଉପରୋକ୍ତ ମତ ଦେଇଥିଲେ। ଉକ୍ତ ସାକ୍ଷାତ୍‌କାରରେ ବିଚାରପତି ଟିଏମ୍‌ସି ଏମ୍‌ପି ତଥା ଦଳର ସାଧାରଣ ସମ୍ପାଦକଙ୍କ ବିରୋଧରେ କହିଥିବା ଅଭିଯୋଗ ହୋଇଛି।

# ୱାଇ.ଏସ୍. ଶର୍ମିଳା ଗିରଫ

**ହାଇଦ୍ରାବାଦ,୨୪।୪**



ପୋଲିସ ଅଫିସରଙ୍କ ସହ ବଚସା ପରେ ୱାଇଏସ୍‌ଆର୍ ତେଲଙ୍ଗାନା ପାର୍ଟି ଅଧ୍ୟକ୍ଷା ୱାଇ.ଏସ୍. ଶର୍ମିଳାଙ୍କୁ ସୋମବାର ଗିରଫ କରାଯାଇଛି। ଶର୍ମିଳା କାର୍ ଯୋଗେ ତାଙ୍କ ହାଇଦ୍ରାବାଦ ବାସଭବନରୁ ବାହାରିଯିବାକୁ ଉଦ୍ୟମ କରୁଥିବାବେଳେ ପୋଲିସ ତାଙ୍କୁ ଅଟକାଇଥିଲା। ଏଥିରେ ଉତ୍‌କ୍ଷିପ୍ତ ହୋଇ ଶର୍ମିଳା ପୋଲିସ ଅଫିସରଙ୍କୁ ଗାଳିଗୁଲଜ କରିଥିଲେ। ପୋଲିସ ବିରୋଧର ପ୍ରତିବାଦରେ ସେ କିଛି ସମୟ ପାଇଁ ରାସ୍ତା ମଝିରେ ବସି ରହିଥିଲେ। ପରେ ଶର୍ମିଳା ପୋଲିସ ଅଫିସରଙ୍କୁ ଠେଲିଦେଇ ସ୍ଥାନ ଛାଡ଼ି ପଳାଇବାକୁ ଉଦ୍ୟମ କରୁଥିବାବେଳେ ପୋଲିସ ତାଙ୍କୁ ଗିରଫ କରି ଜୁବିଲ୍ ହିଲ୍ସ ଥାନାକୁ ନେଇଯାଇଥିଲା। ଉତ୍ତେଜନା ଲାଗି ରହିଥିବାରୁ ଶର୍ମିଳାଙ୍କ ଘର ପାଖରେ ଅଧିକ ପୋଲିସ ଫୋର୍ସ ମୁତୟନ କରାଯାଇଛି। ଟିଏସ୍‌ପିଏସ୍‌ସି ପ୍ରଶ୍ନପତ୍ର ଲିକ୍ ମମାଲାରେ ନିଜ ପକ୍ଷ ରଖିବା ପାଇଁ ଶର୍ମିଳା ଏସ୍‌ଆଇଟି କାର୍ଯ୍ୟାଳୟକୁ ଯିବାକୁ ଚାହୁଁଥିବାବେଳେ ପୋଲିସ ତାଙ୍କୁ ଗୃହବନ୍ଦୀ ରଖିଥିଲା ବୋଲି ସେ କହିଛନ୍ତି।

# ୬୭ ଅଭିଯୁକ୍ତ ଦୋଷମୁକ୍ତ ନିଷ୍ପତ୍ତିକୁ ଚ୍ୟାଲେଞ୍ଜ କରିବ ଏସ୍‌ଆଇଟି

**ନରୋଦା ଗାମ୍ ଦଙ୍ଗା ମାମଲା**

**କୋଲକାତା,୨୪।୪**

୨୦୦୨ ନରୋଦା ଗାମ୍ ଦଙ୍ଗା ମାମଲାର ସମସ୍ତ ୬୭ ଅଭିଯୁକ୍ତଙ୍କୁ ଏକ ସ୍ୱତନ୍ତ୍ର ଅଦାଲତ ଦୋଷମୁକ୍ତ କରିଥିବାବେଳେ ସୁପ୍ରିମକୋର୍ଟଙ୍କ ଦ୍ୱାରା ନିଯୁକ୍ତ ସ୍ୱତନ୍ତ୍ର ତଦନ୍ତକାରୀ ଟିମ୍ (ଏସ୍‌ଆଇଟି) ଏହାକୁ ଗୁଜରାଟ ହାଇକୋର୍ଟରେ ଚ୍ୟାଲେଞ୍ଜ କରିବ। ଗୁଜରାଟର ଗୋଧ୍ରା ଦଙ୍ଗା ପରେ ଅହମ୍ମଦାବାଦର ନରୋଦା ଗାମ୍ ଅଞ୍ଚଳରେ ୧୧ ଜଣ ମୁସଲମାନଙ୍କୁ ହତ୍ୟା କରାଯାଇଥିଲା। ଏହାର ଦୁଇ ଦଶନ୍ଧି ପରେ ଗତ ୨୦ ତାରିଖରେ ଅହମ୍ମଦାବାଦର ସ୍ୱତନ୍ତ୍ର ବିଚାରପତି ଏସ୍.କେ. ବକ୍ସି ମାମଲାର ବିଚାର କରି ପୂର୍ବତନ ଗୁଜରାଟ ମନ୍ତ୍ରୀ ମାୟା କୋଦନାନି ଏବଂ ବଜରଙ୍ଗ ଦଳର ପୂର୍ବତନ ନେତା ବାବୁ ବଜରଙ୍ଗୀଙ୍କ ସମେତ ସମସ୍ତ ୬୭ ଅଭିଯୁକ୍ତଙ୍କୁ ଦୋଷମୁକ୍ତ କରିଦେଇଥିଲେ। ତଳ କୋର୍ଟଙ୍କ ଏହି ରାୟ ବିରୋଧରେ ଏସ୍‌ଆଇଟି ଗୁଜରାଟ ହାଇକୋର୍ଟରେ ଅପିଲ୍ କରିବ। ଏସ୍‌ଆଇଟି କୋର୍ଟ ରାୟର ନକଲକୁ ଅପେକ୍ଷା କରାଯାଇଛି। ଉକ୍ତ ରାୟକୁ ଅନୁଧ୍ୟାନ କରିବା ପରେ ଚୂଡ଼ାନ୍ତ ନିଷ୍ପତ୍ତି ନିଆଯିବ ବୋଲି ଏସ୍‌ଆଇଟି ସୂତ୍ରରୁ କୁହାଯାଇଛି। ସୁପ୍ରିମକୋର୍ଟଙ୍କ ଦ୍ୱାରା ନିଯୁକ୍ତ ଏସ୍‌ଆଇଟି ଗୁଜରାଟ ପୋଲିସଠାରୁ ୨୦୦୮ରେ ତଦନ୍ତ ଦାୟିତ୍ୱ ଗ୍ରହଣ କରିବା ସହ ୩୦ରୁ ଉର୍ଦ୍ଧ୍ୱଙ୍କୁ ଗିରଫ କରିଥିଲା। ଏହି ମାମଲାରେ ମୋଟ ୮୬ ଜଣ ଅଭିଯୁକ୍ତ ଥିବାବେଳେ ସେମାନଙ୍କ ମଧ୍ୟରୁ ଇତିମଧ୍ୟରେ ୧୮ ଜଣଙ୍କ ମୃତ୍ୟୁ ଘଟିଲାଣି। ଉପଯୁକ୍ତ ତଥ୍ୟ ପ୍ରମାଣ ଅଭାବରୁ ପୂର୍ବରୁ ଜଣେ ଅଭିଯୁକ୍ତଙ୍କୁ ଦୋଷମୁକ୍ତ କରାଯାଇଥିଲା।

# ସହଯାତ୍ରୀଙ୍କ ଉପରେ ପରିସ୍ରା କଲେ ଭାରତୀୟ ଯୁବକ

**ନୂଆଦିଲ୍ଲୀ,୨୪।୪:** ନ୍ୟୁୟର୍କରୁ ଦିଲ୍ଲୀ ଆସୁଥିବା ଆମେରିକାନ୍ ଏୟାରଲାଇନ୍ସ ଏଏ ୨୯୨ ବିମାନରେ ରବିବାର ଜଣେ ବ୍ୟକ୍ତି ସହଯାତ୍ରୀଙ୍କ ଉପରେ ପରିସ୍ରା କରିବା ଅଭିଯୋଗ ହୋଇଛି। ଘଟଣାରେ ସମ୍ପୃକ୍ତ ଭାରତୀୟ ଯୁବକଙ୍କୁ ପୋଲିସ ଗିରଫ କରିଛି। କୌଣସି କାରଣରୁ ଯୁବକଙ୍କର ଝଗଡ଼ା ସହଯାତ୍ରୀଙ୍କ ସହ ହୋଇଥିବାବେଳେ ମଦ ନିଶାରେ ଥିବା ଯୁବକ ତାଙ୍କ ଉପରେ ପରିସ୍ରା କରିଦେଇଥିଲେ। ରବିବାର ରାତି ୯ଟାରେ ବିମାନଟି ଇନ୍ଦିରା ଗାନ୍ଧୀ ଇଣ୍ଟରନ୍ୟାଶନାଲ ଏୟାରପୋର୍ଟରେ ପହଞ୍ଚିବା ପରେ ସିଆଇଏସ୍‌ଏଫ୍ ପୋଲିସ ସମ୍ପୃକ୍ତ ଯୁବକଙ୍କୁ ଅଟକ ରଖିଥିଲା। ପରବର୍ତ୍ତୀ ସମୟରେ ଦୁଇଜଣଯାକ ଯାତ୍ରୀଙ୍କୁ ଦିଲ୍ଲୀ ପୋଲିସକୁ ହସ୍ତାନ୍ତର କରାଯାଇଥିଲା। ପୂର୍ବରୁ ଏଭଳି ୨ଟି ସମାନ ଘଟଣା ଘଟିଯାଇଛି। ଗତବର୍ଷ ନଭେମ୍ବର ୨୬ରେ ନ୍ୟୁୟର୍କ ଦିଲ୍ଲୀ ବିମାନ ଯାତ୍ରୀ ଜଣେ ମହିଳା ସହଯାତ୍ରୀଙ୍କ ଉପରେ ପରିସ୍ରା କରି ଗିରଫ ହୋଇଥିଲେ। ସେହିପରି ଡିସେମ୍ବର ୬ରେ ପ୍ୟାରିସ୍-ଦିଲ୍ଲୀ ବିମାନରେ ଯୁବକ ମହିଳାଙ୍କ ବ୍ଲାଙ୍କେଟ୍ ଉପରେ ପରିସ୍ରା କରିଥିଲେ।

# ୨୦୦୦ ଗଣ୍ଡା ନିଲାମ ହେବ

**ଆର୍ଥିକ ସଙ୍କଟ ଦେଇ ଗତି କରୁଛନ୍ତି ଫାର୍ମ ମାଲିକ**

**ଜୋହାନ୍ସବର୍ଗ,୨୪।୪**



ଦକ୍ଷିଣ ଆଫ୍ରିକାରେ ଥିବା ବିଶ୍ୱର ସବୁଠୁ ବଡ଼ ଗଣ୍ଡା ଫାର୍ମ ନିଲାମ ହେବାକୁ ଯାଉଛି। ପାଖାପାଖି ୨୦୦୦ ଗଣ୍ଡା ଏଠାରେ ବାସ କରୁଛନ୍ତି। ଫାର୍ମର ମାଲିକ ପ୍ରାଣୀ ସଂରକ୍ଷକ ଜନ୍ ହ୍ୟୁମେ ପ୍ରାଣୀଙ୍କ ଜୀବନ ରକ୍ଷା ଉଦ୍ଦେଶ୍ୟରେ ନିଜର ସଞ୍ଚିତ ଅର୍ଥ ଖର୍ଚ୍ଚ କରିବା ପରେ ସେ ଏବେ ସର୍ବସ୍ୱାନ୍ତ ହୋଇପଡ଼ିଛନ୍ତି। ବର୍ତ୍ତମାନ ତାଙ୍କ ପାଖରେ ୨୦୦୦ ଗଣ୍ଡା ଓ ୮,୦୦୦ ହେକ୍ଟର (ପାଖାପାଖି ୨୦,୦୦୦ ଏକର) ଜମିଛଡ଼ା ଆଉ କିଛି ନ ଥିବା ହ୍ୟୁମେ କହିଛନ୍ତି। ବିଶ୍ୱରେ ବାସ କରୁଥିବା ମୋଟ ଗଣ୍ଡାର ୮୦% କେବଳ ଦକ୍ଷିଣ ଆଫ୍ରିକାରେ ଦେଖାଯାଆନ୍ତି। ଏଠାରୁ ଅନେକ ଏସୀୟ ଦେଶ ଗଣ୍ଡା କିଣିଥାଆନ୍ତି।

ଦକ୍ଷିଣ ଆଫ୍ରିକାରେ ଗତବର୍ଷ ପାଖାପାଖି ୪୪୮ ପ୍ରକାର ବିରଳ ପଶୁଙ୍କ ପ୍ରାଣହାନି ଘଟିଥିବା ସରକାରଙ୍କ ପକ୍ଷରୁ କୁହାଯାଇଛି। ବଜାରରେ ଗଣ୍ଡା ଶିଂଘର ଖୁବ୍ ଚାହିଦା, ଯେଉଁଥିପାଇଁ ଶିକାରୀମାନେ ଗଣ୍ଡା ଫାର୍ମ ଗୁଡ଼ିକୁ ଟାର୍ଗେଟ୍ କରିବାରେ ଲାଗିଛନ୍ତି। ଶିକାର ରୋକିବା ଲାଗି ସରକାରଙ୍କ ପକ୍ଷରୁ ପଦକ୍ଷେପ ଗ୍ରହଣ କରାଯାଇଥିଲେ ମଧ୍ୟ ଏହା ସେତେ ପ୍ରଭାବୀ ନୁହେଁ। ୩୦ ବର୍ଷ ଧରି ହ୍ୟୁମେ ଗଣ୍ଡା ଫାର୍ମର ଦେଖାଶୁଣା କରି ଆସୁଛନ୍ତି। କିନ୍ତୁ ଅର୍ଥ ଅଭାବ ଯୋଗୁ ସେ ଏବେ ଫାର୍ମକୁ ନିଲାମ କରିବାକୁ ନିଷ୍ପତ୍ତି ନେଇଛନ୍ତି। ଆସନ୍ତା ବୁଧବାର ଅନ୍‌ଲାଇନ୍‌ରେ ଫାର୍ମ ନିଲାମ ଡକାଯିବ। ଅନ୍ୟପକ୍ଷେ ଇଣ୍ଟରନ୍ୟାଶନାଲ ୟୁନିୟନ୍ ଫର୍ କନ୍‌ଜରଭେଶନ୍ ଅଫ୍ ନେଚର (ଆଇୟୁସିଏନ୍) ଧଳା ଗଣ୍ଡାଙ୍କୁ ରେଡ୍ ଲିଷ୍ଟେଡ୍ କରିଛି। ଏହି ବିଲୁପ୍ତ ପ୍ରାୟ ଜୀବଙ୍କ ସଂଖ୍ୟା ଗତ ୧୦ ବର୍ଷ ମଧ୍ୟରେ ୧୮,୦୦୦ରେ ପହଞ୍ଚିଛି।



# ଧରିତ୍ରୀ
DHARITRI

ଭୁବନେଶ୍ୱର, ମଙ୍ଗଳବାର, ଏପ୍ରିଲ ୨୫/୨୦୨୩ (୧୬ ପୃଷ୍ଠା) Bhubaneswar, Tuesday, April 25/2023 Page 16 | ପୃଷ୍ଠା-୧




**ଭୁବନେଶ୍ୱର କୁମାରଙ୍କ ପ୍ରଭାବୀ ବୋଲିଂ**

ଦିଲ୍ଲୀ କ୍ୟାପିଟାଲ୍ସ ବିପକ୍ଷ ଆଇପିଏଲ୍ ମ୍ୟାଚରେ ପ୍ରଭାବୀ ବୋଲିଂ କରିଛନ୍ତି ସନରାଇଜର୍ସ ହାଇଦ୍ରାବାଦ ବୋଲର ଭୁବନେଶ୍ୱର କୁମାର।

୧୪

୧୦

**୧୦୦ କୋଟିମୁହାଁ ସଲମାନଙ୍କ ଫିଲ୍ମ**

ସଲ୍‌ମାନ ଖାନ୍‌ଙ୍କ ଫିଲ୍ମ 'କିସି କା ଭାଇ କିସି କି ଜାନ୍' ୩ ଦିନରେ ବକ୍ସ ଅଫିସରେ ୧୦୦ କୋଟି ପାଖାପାଖି ପହଞ୍ଚିଛି।





ମହିଳା ଆଥ୍‌ଲେଟ୍‌ଙ୍କୁ ଯୌନ ନିର୍ଯାତନାର କାର୍ଯ୍ୟାନୁଷ୍ଠାନରେ ବିଳମ୍ବ ପ୍ରତିବାଦରେ ନୂଆଦିଲ୍ଲୀସ୍ଥିତ ଯନ୍ତର ମନ୍ତରଠାରେ ସୋମବାର ଦ୍ୱିତୀୟ ଦିନରେ ଧାରଣାରେ ବସିଛନ୍ତି ରେସ୍‌ଲର ଭିନେଶ ଫୋଗତ, ସଙ୍ଗୀତା ଫୋଗତ, ସାକ୍ଷୀ ମଲିକ ଓ ଅନ୍ୟମାନେ। **(ଫଟୋ: ଚମନ ଗୌତମ)**।

# ଇ-ଯାନ ଉପରେ ମିଳିବ ଅଧିକ ରିହାତି

ଭୁବନେଶ୍ୱର,୨୪।୪(ବ୍ୟୁରୋ)

ଇଲେକ୍ଟ୍ରିକ୍ ଯାନ କିଣୁଥିବା ଗ୍ରାହକମାନଙ୍କ ପାଇଁ ଖୁସି ଖବର। ଏହି ଯାନ କ୍ରେତାଙ୍କ ପାଇଁ ରିହାତି ହାରକୁ ବୃଦ୍ଧି କରିବାକୁ ରାଜ୍ୟ ସରକାର ନିଷ୍ପତ୍ତି ନେଇଛନ୍ତି। ରାଜ୍ୟ କ୍ୟାବିନେଟର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକରେ ଏହାକୁ ଅନୁମୋଦନ କରାଯାଇଛି। ଇ-ଭେହିକିଲ୍ ପଲିସି-୨୦୨୧କୁ ଅଧିକ ଫଳପ୍ରଦ ତଥା ଇ-ଯାନ ପ୍ରତି ଲୋକମାନଙ୍କର ଆଗ୍ରହକୁ ବଢ଼ାଇବା ପାଇଁ ସରକାର ଏଭଳି ପଦକ୍ଷେପ ନେଇଛନ୍ତି। ରିହାତି କେତେ ବୃଦ୍ଧି କରାଯିବ ସେ ନେଇ ଖୁବ୍‌ଶୀଘ୍ର ଅର୍ଥ ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ କରାଯିବ। ଯାନବାହନ ପ୍ରଦୂଷଣ ହ୍ରାସ କରିବାକୁ ରାଜ୍ୟ ସରକାର ଓଡ଼ିଶା ଇ-ଭେହିକିଲ ପଲିସି କାର୍ଯ୍ୟକାରୀ କରିଛନ୍ତି। ୨୦୨୧ ସେପ୍ଟେମ୍ବରରୁ ଏହି ନୀତି ଲାଗୁ କରାଯାଇଛି। ☞ପୃଷ୍ଠା-୨

- ଖୁବ୍‌ଶୀଘ୍ର ଅର୍ଥ ବିଭାଗ ବିଜ୍ଞପ୍ତି ପ୍ରକାଶ କରିବ
- ଏବେ ମିଳୁଛି ଗାଡ଼ି ମୂଲ୍ୟ ଉପରେ ୧୫%
- ସରକାରୀ କର୍ମଚାରୀଙ୍କୁ ୭୫% ଆଡ୍‌ଭାନ୍ସ



**କ୍ୟାବିନେଟ୍ ନିଷ୍ପତ୍ତି**

## ୮୬୬ ନୂଆ ସେତୁ ନିର୍ମାଣ ହେବ

ଭୁବନେଶ୍ୱର,୨୪।୪(ବ୍ୟୁରୋ)

ରାଜ୍ୟ ସରକାର ବିଜୁ ସେତୁ ଯୋଜନାକୁ ୨୦୨୫-୨୬ ଆର୍ଥିକ ବର୍ଷ ପର୍ଯ୍ୟନ୍ତ ବୃଦ୍ଧି କରିଛନ୍ତି। ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ଦିଆଯାଇଥିବା ଏହି ପ୍ରସ୍ତାବକୁ ରାଜ୍ୟ କ୍ୟାବିନେଟ ସୋମବାର ଅନୁମୋଦନ କରିଛି। ଉକ୍ତ ଯୋଜନାରେ ଅତିରିକ୍ତ ୩୫୯୭.୨୨କୋଟି ଟଙ୍କା ବିନିଯୋଗରେ ୮୬୬ ନୂତନ ସେତୁ ନିର୍ମାଣ ହେବା ସହିତ ଚାଲୁ ରହିଥିବା ସେତୁଗୁଡ଼ିକୁ ସମ୍ପୂର୍ଣ୍ଣ କରିବାକୁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି। ଗ୍ରାମାଞ୍ଚଳରେ ବାସ କରୁଥିବା ଜନସାଧାରଣଙ୍କ ଯାତାୟାତ ସୁବିଧା ତଥା ସେମାନଙ୍କ ସାମାଜିକ ଓ ଅର୍ଥନୈତିକ ଉନ୍ନତି ନିମନ୍ତେ ରାଜ୍ୟ ସରକାର ବିଜୁ ସେତୁ ଯୋଜନା କାର୍ଯ୍ୟକାରୀ କରୁଛନ୍ତି। ୨୦୨୧-୨୨ ଆର୍ଥିକ ବର୍ଷରେ ୩ ବର୍ଷ ☞ପୃଷ୍ଠା-୨

## ଆଉ ୧୦ ବର୍ଷ ଭାରତୀୟ ହକି ଟିମ୍ ପ୍ରାୟୋଜକ ହେବ ଓଡ଼ିଶା

ଭୁବନେଶ୍ୱର,୨୪।୪(ବ୍ୟୁରୋ)

ରାଜ୍ୟ ସରକାର ମହିଳା ଓ ପୁରୁଷ ଭାରତୀୟ ହକି ଟିମ୍‌ର ପ୍ରାୟୋଜକ ଚୁକ୍ତିକୁ ଆଉ ୧୦ ବର୍ଷ ବୃଦ୍ଧି କରିଛନ୍ତି। ୨୦୨୩ରୁ ୨୦୩୩ ପର୍ଯ୍ୟନ୍ତ ଓଡ଼ିଶା ସରକାର ଏହି ଜାତୀୟ ଦଳର ପ୍ରାୟୋଜକ ରହିବେ। କ୍ରୀଡ଼ା ଓ ଯୁବସେବା ବ୍ୟାପାର ବିଭାଗ ପକ୍ଷରୁ ଦିଆଯାଇଥିବା ଏହି ପ୍ରସ୍ତାବକୁ ସୋମବାର ରାଜ୍ୟ କ୍ୟାବିନେଟର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକରେ ଅନୁମୋଦନ କରାଯାଇଛି। ରାଜ୍ୟ ସରକାର ୨୦୧୮ରୁ ଉଭୟ ମହିଳା ଓ ପୁରୁଷ ହକି ଟିମ୍‌ର ସରକାରୀ ପ୍ରାୟୋଜକ ରହିଛନ୍ତି। ଭାରତୀୟ ହକିର ଅଭିବୃଦ୍ଧି ଓ ବିକାଶ ଦିଗରେ ଏହି ସହାୟତା ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ☞ପୃଷ୍ଠା-୨

# ୩୫ ଲକ୍ଷ ଚାଷୀଙ୍କୁ ୪୪୧.୭୬ କୋଟିର ସୁଧ ରିହାତି

ଭୁବନେଶ୍ୱର, ୨୪।୪(ବ୍ୟୁରୋ)

୨୦୨୨-୨୩ ବର୍ଷ ପାଇଁ ଦ୍ୱିତୀୟ ପର୍ଯ୍ୟାୟରେ ରାଜ୍ୟର ୩୫ ଲକ୍ଷ ଚାଷୀଙ୍କୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ୪୪୧.୭୬ କୋଟି ଟଙ୍କାର ସୁଧ ରିହାତି ପ୍ରଦାନ କରିଛନ୍ତି। ଲୋକସେବା ଭବନ ସମ୍ମିଳନୀ କକ୍ଷରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ରାଜ୍ୟର ସମସ୍ତ ସମବାୟ ବ୍ୟାଙ୍କ ଓ ୨୪୦୯ଟି ପ୍ରାଥମିକ କୃଷି ସମବାୟ ସମିତିକୁ ଏହି ରିହାତି ପରିମାଣ ପ୍ରଦାନ କରାଯାଇଛି। ପ୍ରଥମ ପର୍ଯ୍ୟାୟରେ ୪୧୫.୧୭ କୋଟି ଟଙ୍କାର ସୁଧ ରିହାତି ପ୍ରଦାନ କରାଯାଇଥିଲା। ୨୦୨୨-୨୩ ବର୍ଷରେ ଚାଷୀମାନେ ସମୁଦାୟ ୮୫୬.୯୯ କୋଟି ଟଙ୍କା ସୁଧ ରିହାତି ପାଇଛନ୍ତି। ସୂଚନାଯୋଗ୍ୟ ଯେ ଲକ୍ଷେ ଟଙ୍କା ପର୍ଯ୍ୟନ୍ତ ଫସଲ ଋଣ ପାଇଁ ଚାଷୀଙ୍କୁ କୌଣସି ସୁଧ



ଦେବାକୁ ପଡୁନାହିଁ। ୩୫ ଲକ୍ଷ ଚାଷୀଙ୍କ ମଧ୍ୟରୁ ୩୦ ଲକ୍ଷ ହେଉଛନ୍ତି କ୍ଷୁଦ୍ର ଓ ନାମମାତ୍ର ଚାଷୀ।

ଏହି ଅବସରରେ ଉପସ୍ଥିତ ଚାଷୀ ଏବଂ ଆଭାସୀ ଜରିଆରେ ଯୋଡ଼ି ହୋଇଥିବା

**ଚାଷ ଆମ ଅର୍ଥନୀତିର ଆତ୍ମା ଏବଂ ବିକାଶର ଆଧାର: ମୁଖ୍ୟମନ୍ତ୍ରୀ**

ଚାଷୀଙ୍କୁ ଉଦ୍‌ବୋଧନ ଦେଇ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ଚାଷ ଆମ ଅର୍ଥନୀତିର ଆତ୍ମା ଏବଂ ବିକାଶର ଆଧାର। ଆମ ନୂଆ ଓ ସଶକ୍ତ ଓଡ଼ିଶାର ସାରଥି ହେଉଛନ୍ତି ରାଜ୍ୟର ଚାଷୀ ଓ ଯୁବତୀ,ଯୁବକ। ତେଣୁ ସେମାନଙ୍କ ସଶକ୍ତୀକରଣ ଉପରେ ସବୁବେଳେ ପ୍ରାଧାନ୍ୟ ଦିଆଯାଉଛି। ଚାଷୀକୁ ସଶକ୍ତ କରିବା ପାଇଁ ସ୍ୱତନ୍ତ୍ର ବଜେଟ କରାଯାଇଛି। ବିନା ସୁଧରେ ଲକ୍ଷେ ଟଙ୍କା ପର୍ଯ୍ୟନ୍ତ କୃଷି ☞ପୃଷ୍ଠା-୨

## ଫେରିଲା ମାସ୍କ କଟକଣା

### ସମସ୍ତ ସ୍ୱାସ୍ଥ୍ୟ ପ୍ରତିଷ୍ଠାନରେ ବାଧ୍ୟତାମୂଳକ



ଭୁବନେଶ୍ୱର, ୨୪।୪ (ବ୍ୟୁରୋ): ରାଜ୍ୟକୁ ପୁଣି ଥରେ ଫେରିଛି ମାସ୍କ କଟକଣା। ଦେଶ ଓ ରାଜ୍ୟରେ କରୋନା ସଂକ୍ରମଣ ଲଗାତର ଭାବେ ବୃଦ୍ଧି ପାଉଥିବାରୁ ଏହାକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର ଆଗୁଆ ସତର୍କତାମୂଳକ ପଦକ୍ଷେପ ଗ୍ରହଣ କରିଛନ୍ତି। ରାଜ୍ୟର ସମସ୍ତ ସ୍ୱାସ୍ଥ୍ୟ ପ୍ରତିଷ୍ଠାନରେ ମାସ୍କକୁ ବାଧ୍ୟତାମୂଳକ କରାଯାଇଛି। ଏନେଇ ଜନସ୍ୱାସ୍ଥ୍ୟ ବିଭାଗ ☞ପୃଷ୍ଠା-୨

## ପ୍ରତିବାଦ ପରେ ପରୀକ୍ଷା ବାତିଲ

### ଓଏସ୍‌ଏସ୍‌ସି ଓଡ଼ିଆ ପ୍ରଶ୍ନପତ୍ରରେ ତ୍ରୁଟି

ଭୁବନେଶ୍ୱର,୨୪।୪(ବ୍ୟୁରୋ)

ଓଡ଼ିଶା ଷ୍ଟାଫ୍ ସିଲେକ୍ସନ କମିଶନ (ଓଏସ୍‌ଏସ୍‌ସି) ପକ୍ଷରୁ ଆକାଉଣ୍ଟାଣ୍ଟ ପୋଷ୍ଟ ପାଇଁ ହୋଇଥିବା ପ୍ରିଲିମିନାରି ପରୀକ୍ଷା ରବିବାର ଅନୁଷ୍ଠିତ ହୋଇଥିଲା। ଏହି ପରୀକ୍ଷା ପାଇଁ ଆସିଥିବା ଓଡ଼ିଆ ପ୍ରଶ୍ନପତ୍ର ଏତେ ତ୍ରୁଟିପୂର୍ଣ୍ଣ ଥିଲା ଯେ, ପରୀକ୍ଷାର୍ଥୀମାନେ କିଛି ବୁଝି ପାରି ନ ଥିଲେ। ଏହାକୁ ନେଇ ପରୀକ୍ଷାର୍ଥୀଙ୍କ ମହଲରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇବା ପରେ ସୋମବାର ଏହି ପରୀକ୍ଷାକୁ ବାତିଲ କରାଯାଇଛି। ତେବେ ଏଭଳି ଏକ ଗୁରୁତ୍ୱପୂର୍ଣ୍ଣ ପରୀକ୍ଷାରେ ଓଡ଼ିଆ ଭାଷାର ବିକୃତୀକରଣ କରାଯାଇଥିବା ଅଭିଯୋଗ ନେଇ ଅସନ୍ତୋଷ ବଢ଼ିବାରେ ଲାଗିଛି। ରବିବାର ଅନୁଷ୍ଠିତ ହାଉସିଂ ଆଣ୍ଡ ଅର୍ବାନ ଡେଭଲପମେଣ୍ଟ ବିଭାଗର ଆକାଉଣ୍ଟାଣ୍ଟ ପରୀକ୍ଷା ପାଇଁ ଉଭୟ ଇଂରାଜୀ ଓ ଓଡ଼ିଆ ଭାଷାରେ ପ୍ରଶ୍ନପତ୍ର ଆସିଥିଲା। ତେବେ ଓଡ଼ିଆ ଭାଷାରେ ଆସିଥିବା ପ୍ରଶ୍ନପତ୍ର ଦେଖି ପରୀକ୍ଷାର୍ଥୀ ଚିନ୍ତାରେ ପଡ଼ିଯାଇଥିଲେ। ପ୍ରଶ୍ନପତ୍ରରେ ଥିବା ଲିପିଗୁଡ଼ିକ ଓଡ଼ିଆ ଥିଲେ ମଧ୍ୟ ଅଧିକାଂଶ ଶବ୍ଦ ବୁଝାପଡ଼ି ନ ଥିଲା। ଓଡ଼ିଆରେ ପ୍ରଶ୍ନପତ୍ର ପ୍ରସ୍ତୁତ କରିବା ପାଇଁ ଅନଭିଜ୍ଞଙ୍କୁ ନିୟୋଜିତ କରାଯାଇଥିବା ପରୀକ୍ଷାର୍ଥୀମାନେ ଅଭିଯୋଗ କରିଥିଲେ। ଭାଷାଜ୍ଞାନର ଅଭାବ କାରଣରୁ ପ୍ରଶ୍ନପତ୍ରରେ ତ୍ରୁଟି ରହିଥିବା କେହି ଜାଣିପାରିଲେ ନାହିଁ ବୋଲି କହି ଓଡ଼ିଆ ପରୀକ୍ଷାର୍ଥୀମାନେ କ୍ଷୋଭ ପ୍ରକାଶ କରିଥିଲେ। ପରୀକ୍ଷା ପାଇଁ ଦୀର୍ଘଦିନ ଧରି ପ୍ରସ୍ତୁତି କରି ଆସିଥିବା ଚାକିରି ଆଶାୟୀଙ୍କୁ ବିଭ୍ରାନ୍ତିକର ପ୍ରଶ୍ନପତ୍ର ଶକ୍ତ ଧକ୍କା ଦେଇଥିଲା। ଏପରିକି ସୋସିଆଲ ମିଡିଆରେ ଏହାକୁ ନେଇ ବହୁ ସମାଲୋଚନା ହୋଇଥିଲା। ବିରୋଧୀ ଦଳ ମଧ୍ୟ ଏପରି ☞ପୃଷ୍ଠା-୨

**ଆଜିର ସମ୍ପାଦକୀୟ**

**ସୁଦାନ ସଙ୍କଟ**

# ଉତ୍ତରାଧିକାରୀ ଚୟନ ପାଇଁ ହୁଏ ଅଡିଶନ୍

ପ୍ୟାରିସ,୨୪।୪

**ଚର୍ଚ୍ଚାରେ ବିଶ୍ୱର ସବୁଠୁ ଧନୀ ବର୍ନାର୍ଡ**

ଫୋର୍ବସ୍ ମାଗାଜିନ୍ ବିଶ୍ୱର ସବୁଠୁ ଧନୀ ବ୍ୟକ୍ତିଙ୍କ ତାଲିକାର ଶୀର୍ଷରେ ଥିବା ଲଗ୍‌ଜୁରୀ ବ୍ରାଣ୍ଡ ଲୁଇ ଭୁଇଟୋନ(ଏଲ୍‌ଭିଏମ୍‌ଏଚ୍) ଅଧ୍ୟକ୍ଷ ବର୍ନାର୍ଡ ଆର୍ନାଲ୍ଟଙ୍କ ସମ୍ପର୍କରେ ଏବେ ଏକ ନୂଆ ତଥ୍ୟ ସାମ୍ନାକୁ ଆସିଛି। ବିଶ୍ୱର ସବୁଠୁ ଧନୀ ହେବାପରଠୁ ୭୪ବର୍ଷୀୟ ବର୍ନାର୍ଡଙ୍କ ବ୍ୟକ୍ତିଗତ ସମ୍ପତ୍ତିରେ ବୃଦ୍ଧି ଘଟିଥିବାବେଳେ ସେ ୨୪୦ ବିଲିୟନ୍ ଡଲାର ସମ୍ପତ୍ତିର ମାଲିକ। ତେବେ ଏହି ବିଲିଅନେୟାର ନିଜ ଉତ୍ତରାଧିକାରୀ ବାଛିବା ପାଇଁ ତାଙ୍କ ୫ ସନ୍ତାନଙ୍କ ଅଡିଶନ୍ ନେଇଥାନ୍ତି, ଯାହା ପ୍ରତି ମାସରେ ଥରେ ଲେଖାଏ କରାଯାଏ ବୋଲି ଏବେ ଜଣାପଡ଼ିଛି। ଏପରି କି ଏହି ଅଡିଶନ ଏଲ୍‌ଭିଏମ୍‌ଏଚ୍‌ର ହେଡ୍ କ୍ୱାର୍ଟର୍ସର ପ୍ରାଇଭେଟ ଡାଇନିଂ ରୁମ୍‌ରେ



ବର୍ନାର୍ଡ ଆର୍ନାଲ୍ଡ

ମଧ୍ୟାହ୍ନ ଭୋଜନ ସମୟରେ କରାଯାଇଥାଏ ବୋଲି ୱାଲ୍ ଷ୍ଟ୍ରିଟ୍ ଜର୍ନାଲରେ ପ୍ରକାଶ ପାଇଥିବା ଏକ ରିପୋର୍ଟରେ ଉଲ୍ଲେଖ କରାଯାଇଛି।

ଅଡିଶନ ପାଇଁ ସ୍ୱତନ୍ତ୍ର ପ୍ରକାର ମଧ୍ୟାହ୍ନଭୋଜନ କାର୍ଯ୍ୟକ୍ରମ ପ୍ରାୟ ୯୦ ମିନିଟ୍ ଧରି ଚାଲେ। ଡାଇନିଂ ଟେବୁଲରେ ବର୍ନାର୍ଡ ବସି ନିଜ ଆଇପ୍ୟାଡ୍‌ରୁ ବିଭିନ୍ନ ବିଷୟରେ ପଢ଼ି ପିଲାଙ୍କୁ ପ୍ରଥମେ ଶୁଣାନ୍ତି। ଏହାପରେ ୫ସନ୍ତାନଙ୍କ ସହ ବିଜ୍‌ନେସ୍ ଷ୍ଟ୍ରାଟେଜି ସମ୍ପର୍କରେ ଆଲୋଚନା କରନ୍ତି। ପରେ ବ୍ୟବସାୟରେ ପରିବର୍ତ୍ତନ ଆଣିବା ଲାଗି ପିଲାମାନଙ୍କଠାରୁ ବର୍ନାର୍ଡ ପରାମର୍ଶ ଲୋଡ଼ିଥା'ନ୍ତି। ଜଣ ଜଣ କରି ପିଲାଙ୍କ ଅଡିଶନ୍ ନେବା ସହ ସେମାନଙ୍କ ମଧ୍ୟରୁ କିଏ ତାଙ୍କ ଉତ୍ତରାଧିକାରୀ ହେବାକୁ ଯୋଗ୍ୟ ତାହା ସ୍ଥିର କରିଥା'ନ୍ତି। ବ୍ୟବସାୟକୁ କିପରି ଭାବେ ଆଗକୁ ☞ପୃଷ୍ଠା-୨




## ସଂକ୍ଷେପରେ

### ଆମ୍ବତୋଟାରେ ୨ ମହିଳାଙ୍କୁ ଦଳିଦେଲା ହାତୀ

ଅନୁଗୋଳ ଅଫିସ, ୨୪।୪: ଭୋର୍ ସମୟରେ ଆମ୍ବ ତୋଟାକୁ ଯାଇଥିବା ୨ ମହିଳାଙ୍କ ଜୀବନ ନେଇଛି ହାତୀ। ଅନୁଗୋଳ ବନଖଣ୍ଡ ବନ୍ତଲା ରେଞ୍ଜ ବଡ଼କନ୍ତକୁଳ ଗ୍ରାମ ଆମ୍ବତୋଟାରେ ସୋମବାର ଘଟିଛି ଏହି ଅଘଟଣ। ମୃତକ ହେଲେ ଉକ୍ତ ଗ୍ରାମର ମୁନି ପ୍ରଧାନ ଓ ଗୌରୀ ରାଉଳ। ଏହି ଘଟଣା ଜଣାପଡ଼ିବା ପରେ ସକାଳୁ ଗାଁରେ ଚାପା ଉତ୍ତେଜନା ସୃଷ୍ଟି ହୋଇଥିଲା। ଖବରପାଇ ବନ୍ତଲା ପୋଲିସ ଓ ବନ ବିଭାଗ କର୍ମଚାରୀମାନେ ପହଞ୍ଚି ଲୋକଙ୍କୁ ବୁଝାଶୁଝା କରିବା ସହ କ୍ଷତିପୂରଣ ପ୍ରଦାନ କରାଯିବ ବୋଲି ପ୍ରତିଶ୍ରୁତି ଦେବା ପରେ ଉତ୍ତେଜନା ପ୍ରଶମିତ ହୋଇଥିଲା। ଏ ସମ୍ପର୍କରେ ଅନୁଗୋଳ ଡିଏଫଓ ବିବେକ କୁମାର କହିଛନ୍ତି, ହାତୀ ଆକ୍ରମଣରେ ୨ ମହିଳାଙ୍କ ମୃତ୍ୟୁ ହୋଇଛି। ଆମ୍ବତୋଟା ନିକଟସ୍ଥ ଜଙ୍ଗଲରେ ୪ଟି ହାତୀ ରହିଥିଲେ। ତେଣୁ ଗାଁ ଲୋକଙ୍କୁ ଯିବାକୁ ବାରଣ କରାଯାଇଥିଲା। ଅନ୍ଧାର ସମୟରେ ନ ଯାଇ ସକାଳ ୬ଟା ପରେ ଯିବାକୁ ବାରମ୍ବାର ସଚେତନ କରାଯାଇଥିଲା। ସେଠାରେ ମୁତୟନ ଥିବା ହାତୀ ସ୍କ୍ୱାଡ୍ କର୍ମଚାରୀମାନେ ମଧ ଅନ୍ଧାରୁଆ ସମୟରେ ଯାଉଥିବା ମହିଳାମାନଙ୍କୁ ବାରଣ କରିଥିଲେ। କିନ୍ତୁ ସେମାନେ ନ ମାନିବାରୁ ଏପରି ଅଘଟଣ ଘଟିଥିବା ଡିଏଫ୍ଓ ପ୍ରକାଶ କରିଛନ୍ତି। ତେବେ ଅନୁଗୋଳ ବନଖଣ୍ଡରେ ଗତ ୪ ମାସ ମଧରେ ହାତୀ ଆକ୍ରମଣରେ ୮ ଜଣଙ୍କ ମୃତ୍ୟୁ ଘଟିଥିବାରୁ ଏହାକୁ ନେଇ ସାଧାରଣରେ ଉଦ୍‌ବେଗ ପ୍ରକାଶ ପାଇଛି।

### ବଜ୍ରପାତରେ ଜଳଙ୍ଗ ଚଣ୍ଡୀମନ୍ଦିର ମୁଖଶାଳା ଭାଙ୍ଗିଲା

ଖଇରା,୨୪।୪(ଡି.ଏନ.ଏ.)- ବାଲେଶ୍ୱର ଜିଲାର ଅନ୍ୟତମ ପ୍ରସିଦ୍ଧ ଶକ୍ତିପୀଠ ଖଇରା ବ୍ଲକ ଅଧୀନ ଜଳଙ୍ଗ ଚଣ୍ଡୀପୀଠ ମୁଖଶାଳା ବଜ୍ରପାତରେ ଭାଙ୍ଗିଯାଇଛି। ଏନେଇ ଭକ୍ତଙ୍କ ମଧରେ ନୈରାଶ୍ୟ ଭାବ ପ୍ରକାଶ ପାଇଛି। ତୁରନ୍ତ ଏହାକୁ ନୂତନ ଭାବରେ ନିର୍ମାଣ କରିବାକୁ ଟ୍ରଷ୍ଟ ବୋର୍ଡ ତଥା ଭକ୍ତମାନଙ୍କ ତରଫରୁ ଦାବି କରାଯାଇଛି। ୨୨ତାରିଖ ରାତିରେ ବଜ୍ରପାତରେ ୨୦୦୦ ମସିହାରେ ପ୍ରତ୍ନତତ୍ତ୍ୱ ବିଭାଗ ଦ୍ୱାରା ନିର୍ମିତ ମୁଖଶାଳାର ଗୋଟିଏ ପାର୍ଶ୍ୱ ଭାଙ୍ଗି ଯାଇଥିଲା। ୨୩ତାରିଖରେ ଟ୍ରଷ୍ଟି ପ୍ରଫୁଲ୍ଲ କୁମାର ଦାସଙ୍କ ଅଧକ୍ଷତାରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ସଭ୍ୟ ସୁଶାନ୍ତ ମହାପାତ୍ର, ପୂର୍ଣ୍ଣଚନ୍ଦ୍ର ଦାସ, ନାରଣ ଦାସ ତଥା ଅନ୍ୟାନ୍ୟ ଗ୍ରାମବାସୀମାନେ ବୈଠକରେ ଯୋଗଦେଇଥିଲେ। ଦୁର୍ଘଟଣା ଆଶଙ୍କାରେ ବର୍ତ୍ତମାନ ମନ୍ଦିରକୁ ଭକ୍ତଙ୍କ ପ୍ରବେଶ ବନ୍ଦ କରାଯାଇଛି।

### ପୋଖରୀରେ ବୁଡ଼ି ୨ ଭାଇ ମୃତ

ବୁଗୁଡ଼ା,୨୪।୪(ଡି.ଏନ.ଏ.): ଗଞ୍ଜାମ ଜିଲା ବୁଗୁଡ଼ା ଥାନା ଖୋଳଖାଳି ଗ୍ରାମର ଏକ ପୋଖରୀରେ ବୁଡ଼ି ସୋମବାର ଦୁଇ ଭାଇଙ୍କ ମୃତ୍ୟୁ ଘଟିଛି। ସେମାନେ ହେଲେ ଖୋଳଖାଳି ଗ୍ରାମ ମାଳିସାହିର ରଙ୍କନିଧି ଗୌଡ଼ଙ୍କ ବଡ଼ ପୁଅ ପୃଥ୍ୱୀରାଜ ଗୌଡ଼(୧୨) ଓ ସାନ ପୁଅ ଅଜୟ୍ ଗୌଡ଼ (୭)। ସନ୍ଧ୍ୟାରେ ପୃଥ୍ୱୀ ଓ ଅଜୟ୍ ଗାଧୋଇବାକୁ ଗାଁର ସୋଲ ବନ୍ଧକୁ ଯାଇଥିଲେ। ସେଠାରେ ଗାଧୋଇବା ବେଳେ ଅସାବଧାନତାବଶତଃ ସେମାନେ ବୁଡ଼ି ଯାଉଥିଲେ। ସ୍ଥାନୀୟ ଲୋକେ ଦୁଇ ଭାଇଙ୍କୁ ଅଚେତ ଅବସ୍ଥାରେ ଉଦ୍ଧାର କରି ବୁଗୁଡ଼ା ମେଡିକାଲ ଆଣିଥିଲେ ମଧ ଡାକ୍ତର ଉଭୟଙ୍କୁ ମୃତ ଘୋଷଣା କରିଥିଲେ। ସ୍ଥାନୀୟ ତହସିଲଦାର ସଂଗ୍ରାମ କେଶରୀ ଜେନା ଓ ଆଇଆଇସି ଚିତ୍ତରଞ୍ଜନ ବେହେରା ମେଡିକାଲରେ ପହଞ୍ଚି ମୃତଦେହକୁ ଜବତ କରିଥିଲେ। ଏ ନେଇ ବୁଗୁଡ଼ା ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି।

### କୂଅରେ ଖସିପଡ଼ି ନାବାଳକଙ୍କ ମୃତ୍ୟୁ

କାମାକ୍ଷାନଗର, ୨୪।୪(ଡି.ଏନ୍.ଏ.)-ଯାତ୍ରା ଦେଖିବାକୁ ମାମୁ ଘରକୁ ଆସିଥିବାବେଳେ ଏକ ଖୋଲାକୂଅରେ ଖସିପଡ଼ି ଚାଲିଯାଇଛି ଜଣେ ନାବାଳକଙ୍କ ଜୀବନ। ଢେଙ୍କାନାଳ ଜିଲା କାମାକ୍ଷାନଗର ଥାନା ସରଦେଈପୁର ଗ୍ରାମରେ ସୋମବାର ଘଟିଛି ଏଭଳି ଏକ ଅଘଟଣ। ମୃତକ ହେଲେ ତୁମୁସିଙ୍ଗା ଥାନା ବୋଲୁଅ ଗ୍ରାମର ବିରଞ୍ଚି ନାୟକଙ୍କ ୧୨ ବର୍ଷୀୟ ପୁଅ ଶୁଭମ୍ ନାୟକ। ପରିବାର ଲୋକଙ୍କ କହିବା କଥା, ଶୁଭମ୍ ପରିବାର ସଦସ୍ୟଙ୍କ ସହ ଯାତ୍ରା ଦେଖିବାକୁ ମାମୁ ଘରକୁ ରବିବାର ଆସିଥିଲେ। ଯାତ୍ରା ଚାଲିଥିବାବେଳେ ପରିସ୍ରା କରିବାକୁ ଆସିଥିବାବେଳେ ସେ ଏକ ଖୋଲା କୂଅରେ ଖସିପଡ଼ିଥିଲେ। ବିଳମ୍ବିତ ରାତିରେ ଘର ଲୋକେ ବିଭିନ୍ନ ସ୍ଥାନରେ ଖୋଜାଖୋଜି କରିଥିଲେ ମଧ ତାଙ୍କର କୌଣସି ସନ୍ଧାନ ମିଳି ନ ଥିଲା। ସୋମବାର ସକାଳେ ଶୁଭମ୍‌ଙ୍କୁ ମୃତଦେହ କୂଅରେ ଭାସୁଥିବା ଦେଖି ଗ୍ରାମବାସୀ ପରିବାରକୁ ଅବଗତ କରାଇଥିଲେ। ସ୍ଥାନୀୟ ଲୋକଙ୍କ ସହାୟତାରେ ମୃତଦେହ କୂଅରୁ ବାହାର କରାଯାଇଥିଲା। କାମାକ୍ଷାନଗର ପୋଲିସ ପହଞ୍ଚି ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ପାଇଁ କାମାକ୍ଷାନଗର ମେଡିକାଲକୁ ପଠାଇଥିଲା। ଶୁଭମ୍‌ଙ୍କ ଏଭଳି ମୃତ୍ୟୁକୁ ନେଇ ମାମୁଘର ସରଦେଈପୁର ଏବଂ ନିଜ ଗାଁ ବୋଲୁଅରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି।

## ଏଡିଆର୍ ରିପୋର୍ଟ
# ୨୬ ଆଞ୍ଚଳିକ ଦଳଙ୍କୁ ମିଳିଛି ୧୮୯ କୋଟି ଚାନ୍ଦା







### ଚାନ୍ଦା ସମ୍ପର୍କରେ ଘୋଷଣା କରି ନ ଥିବା ଦଳ

**ବିଜେଡି, ଏଆଇଏଡିଏମ୍‌କେ, ଏନ୍‌ଡିପିପି, ଏସ୍‌ଡିଏଫ୍, ଏଆଇଏଫ୍‌ବି, ପିଏମ୍‌କେ ଏବଂ ଜେକେଏନ୍‌ସି**

ନୂଆଦିଲ୍ଲୀ,୨୪।୪(ପି.ଟି.)

୨୦୨୧-୨୨ ଆର୍ଥିକ ବର୍ଷରେ ଦେଶର ୨୬ଟି ଆଞ୍ଚଳିକ ଦଳଙ୍କୁ ମୋଟ ୧୮୯ କୋଟି ଟଙ୍କା ଚାନ୍ଦା ମିଳିଛି। ସେଥିରୁ ୮୫ ପ୍ରତିଶତ ଚାନ୍ଦା କେବଳ ୫ଟି ଦଳକୁ ଯାଇଛି। ତେବେ ବିଜେଡି, ଏଆଇଏଡିଏମ୍‌କେ, ଏନ୍‌ଡିପିପି, ଏସ୍‌ଡିଏଫ୍, ଏଆଇଏଫ୍‌ବି, ପିଏମ୍‌କେ ଏବଂ ଜେକେଏନ୍‌ସି ପାଇଥିବା ଚାନ୍ଦା ସମ୍ପର୍କରେ ଘୋଷଣା କରି ନ ଥିବା ଆସୋସିଏଶନ ଫର୍ ଡେମୋକ୍ରାଟିକ୍ ରିଫର୍ମ୍ସ (ଏଡିଆର୍) ରିପୋର୍ଟରେ କୁହାଯାଇଛି। ଏମାନଙ୍କୁ ବାଦ୍ ଦେଇ ଅନ୍ୟ ୨୬ ଆଞ୍ଚଳିକ ଦଳ ନିର୍ବାଚନ କମିଶନଙ୍କ ପାଖରେ ଦାଖଲ କରିଥିବା ଘୋଷଣାନାମା ଅନୁଯାୟୀ ସେମାନେ ୫,୧୦୦ଟି ଚାନ୍ଦାରୁ ମୋଟ ୧୮୯.୮୦୧ କୋଟି ଟଙ୍କା ପାଇଛନ୍ତି। ମୋଟ ଚାନ୍ଦାର ୮୫.୪୬ ପ୍ରତିଶତ ବା ୧୬୨.୨୧ କୋଟି ଟଙ୍କା ୫ଟି ଆଞ୍ଚଳିକ ଦଳକୁ ମିଳିଛି। ସେହି ଦଳଗୁଡ଼ିକ ହେଲେ ଟିଆର୍‌ଏସ୍, ଏଏପି, ଜେଡିୟୁ, ସମାଜବାଦୀ ପାର୍ଟି ଏବଂ ୱାଇଏସ୍‌ଆର୍ କଂଗ୍ରେସ। ଟିଆର୍‌ଏସ୍, ଏଏପି, ସମାଜବାଦୀ ପାର୍ଟି ଏବଂ ୱାଇଏସ୍‌ଆର୍ କଂଗ୍ରେସର ଚାନ୍ଦା ପରିମାଣ ପୂର୍ବ ବର୍ଷ ତୁଳନାରେ ବଢ଼ିଥିବାବେଳେ ଜେଡିୟୁ ଚାନ୍ଦା ହ୍ରାସ ପାଇଛି। ତେଲଙ୍ଗାନା ୧୪ ଚାନ୍ଦାରୁ ସର୍ବାଧିକ ୪୦.୯୦ କୋଟି ଟଙ୍କା ପାଇଥିବାବେଳେ ଏଏପି ୨,୬୧୯ଟି ଚାନ୍ଦାରୁ ମୋଟ ୩୮.୨୪ କୋଟି ପାଇଛି। ଜେଡିୟୁକୁ ୩୩.୨୬ କୋଟି ଟଙ୍କା ମିଳିଥିବାବେଳେ ଏସ୍‌ପି ଏବଂ ୱାଇଏସ୍‌ଆର୍-କଂଗ୍ରେସ ଯଥାକ୍ରମେ ୨୯.୮୦ କୋଟି ଏବଂ ୨୦ କୋଟି ଟଙ୍କା ପାଇଥିବା ଏଡିଆର୍ ରିପୋର୍ଟରେ ଦର୍ଶାଯାଇଛି। ୨୦୨୦-୨୧ ବର୍ଷରେ ଆର୍‌ଏଲ୍‌ଟିପି, ଜେଏମ୍‌ଏମ୍, ପିଡିଏଫ୍ ଏବଂ ଡିଏମ୍‌ଡିକେ ଦଳକୁ ଆଦୌ ଚାନ୍ଦା ମିଳି ନ ଥିବାବେଳେ ୨୦୨୧-୨୨ ବର୍ଷରେ ସେମାନେ ଚାନ୍ଦା ପାଇଥିବା ଘୋଷଣା କରିଛନ୍ତି। ଆର୍‌ଏଲ୍‌ଟିପିକୁ ୩ ଲକ୍ଷ ଟଙ୍କା, ଜେଏମ୍‌ଏମ୍‌କୁ ୧ ଲକ୍ଷ, ପିଡିଏଫ୍‌କୁ ୮୦,୦୦୦ ଏବଂ ଡିଏମ୍‌ଡିକେକୁ ୫୦, ୦୦୦ ଟଙ୍କା ଚାନ୍ଦା ମିଳିଛି। ଏଆଇଏଡିଏମ୍‌କେ, ଏସ୍‌ଡିଏଫ୍, ଏଆଇଏଫ୍‌ବି, ପିଏମ୍‌କେ ଏବଂ ଏଆଇୟୁଡିଏଫ୍ ଚାନ୍ଦାରେ ସର୍ବାଧିକ ହ୍ରାସ ଘଟିଛି। ଅନ୍ୟପକ୍ଷରେ ବିଜେଡି, ଏନ୍‌ଡିପିପି ଏବଂ ଜେକେଏନ୍‌ସି ୨୦୨୦-୨୧ ଏବଂ ୨୦୨୧-୨୨ରେ ୨୦,୦୦୦ ଟଙ୍କାରୁ ଊର୍ଦ୍ଧ୍ୱ କୌଣସି ଚାନ୍ଦା ପାଇ ନ ଥିବା ଏଡିଆର୍ ରିପୋର୍ଟରେ କୁହାଯାଇଛି।




# 'ଭାରତ ବିଶ୍ୱର ଦ୍ରୁତ ବିକାଶଶୀଳ ରାଷ୍ଟ୍ରରେ ପରିଣତ ହୋଇଛି'

### ଜି-୨୦ 'ଭବିଷ୍ୟତର କାର୍ଯ୍ୟଶୈଳୀ ଓ ଦକ୍ଷତା ପ୍ରଦର୍ଶନୀ'ର ଦ୍ୱିତୀୟ ଦିବସ

- ନିରନ୍ତର ଦକ୍ଷତା ବିକାଶ ଉପରେ କେନ୍ଦ୍ରମନ୍ତ୍ରୀଙ୍କ ଗୁରୁତ୍ୱାରୋପ
- ଲଜିଷ୍ଟିକ୍ସ କ୍ଷେତ୍ରରେ ଛାତ୍ରୀଛାତ୍ରଙ୍କ ପାଇଁ ଅପାର ସୁଯୋଗ ସୃଷ୍ଟି ହେବ
- ଚଳିତବର୍ଷ ୧୧ ବିଲିୟନ ଡଲାର ମୂଲ୍ୟର ଫୋନ୍ ବିଦେଶକୁ ରପ୍ତାନି ହୋଇଛି

ଭୁବନେଶ୍ୱର, ୨୪।୪ (ବ୍ୟୁରୋ)

ସୂଚନା ପ୍ରଯୁକ୍ତିକୁ ଆଧାର କରି ଭାରତ ବିଶ୍ୱର ଦ୍ରୁତ ବିକାଶଶୀଳ ରାଷ୍ଟ୍ରରେ ପରିଣତ ହୋଇଛି। ଭାରତକୁ ବିଶ୍ୱବ୍ୟାପୀ ଅଧିକ ସମ୍ମାନ ମିଳୁଛି ବୋଲି କେନ୍ଦ୍ର ଦକ୍ଷତା ବିକାଶ ଓ ଉଦ୍ୟମିତା ଏବଂ ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତି ରାଷ୍ଟ୍ରମନ୍ତ୍ରୀ ରାଜୀବ ଚନ୍ଦ୍ରଶେଖର କହିଛନ୍ତି। ସିଏସ୍‌ଆଇଆର୍-ଆଇଏମ୍‌ଏମ୍‌ଟି ପରିସରରେ ଜି-୨୦ ଶିକ୍ଷା ୱାର୍କିଂ ଗ୍ରୁପ୍‌ର ତୃତୀୟ ବୈଠକ ପରିପ୍ରେକ୍ଷୀରେ ଚାଲିଥିବା 'ଭବିଷ୍ୟତର କାର୍ଯ୍ୟଶୈଳୀ ଓ ଦକ୍ଷତା ପ୍ରଦର୍ଶନୀ'ର ସୋମବାର ଥିଲା ଦ୍ୱିତୀୟ ଦିବସ। କେନ୍ଦ୍ରମନ୍ତ୍ରୀ ଚନ୍ଦ୍ରଶେଖର ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରି କହିଲେ, ଏହି ସମ୍ମିଳନୀରେ ଲଜିଷ୍ଟିକ୍ସ କ୍ଷେତ୍ରରେ ସମନ୍ୱୟ, ଉପକୂଳ ଅର୍ଥ ବ୍ୟବସ୍ଥା ଏବଂ ଦୀର୍ଘ ସ୍ଥାୟିତ୍ୱ ଭଳି ଗୁରୁତ୍ୱପୂର୍ଣ୍ଣ ବିଷୟରେ ଆଲୋଚନା କରାଯାଉଛି। ଉପକୂଳ ଅର୍ଥ ବ୍ୟବସ୍ଥାରେ ଦକ୍ଷତା ବିକାଶ ପରିଦୃଶ୍ୟ ପାଇଁ ଏସବୁ ଆଲୋଚନା ଜରୁରୀ। ଆଗାମୀ ଦିନରେ ଲଜିଷ୍ଟିକ୍ସ କ୍ଷେତ୍ରରେ ଛାତ୍ରୀଛାତ୍ରଙ୍କ ପାଇଁ ଅପାର ସୁଯୋଗ ସୃଷ୍ଟି ହେବ। ସେମି କଣ୍ଡକ୍ଟର, ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତି ଦ୍ୱାରା ଏହାକୁ ସଶକ୍ତ କରାଗଲେ ନିବେଶ, ଉଦ୍ୟମିତା ଓ ନିଯୁକ୍ତି ପାଇଁ ବ୍ୟାପକ ସମ୍ଭାବନା ସୃଷ୍ଟି ହୋଇପାରିବ। ସୁଯୋଗର ପ୍ରତିନିଧିତ୍ୱ କରିବା ଏବଂ ଆହ୍ୱାନର ମୁକାବିଲା କରିବା ଲାଗି ସମଗ୍ର ବିଶ୍ୱ ପାଇଁ ଏହାଏକ ଗୁରୁତ୍ୱପୂର୍ଣ୍ଣ ସମୟ ବୋଲି କେନ୍ଦ୍ରମନ୍ତ୍ରୀ କହିଛନ୍ତି। ସେହିପରି ଦେଶରେ ମୋବାଇଲ ଫୋନ ଉତ୍ପାଦନ ସମ୍ପର୍କରେ ଉଦାହରଣ ଦେଇ କେନ୍ଦ୍ରମନ୍ତ୍ରୀ କହିଲେ, ୨୦୧୪ରେ ଭାରତରେ ବ୍ୟବହୃତ ୮୨% ମୋବାଇଲ ଫୋନ୍ ବାହାରୁ ଆମଦାନୀ କରାଯାଉଥିଲା। ମାତ୍ର ୨୦୨୨ରେ ଭାରତରେ ଉପଯୋଗ କରାଯାଉଥିବା ପ୍ରାୟ ୧୦୦% ମୋବାଇଲ ଫୋନ୍ ଆମ ଦେଶରେ ହିଁ ନିର୍ମାଣ କରାଯାଉଛି। ୨୦୧୪ରେ ଭାରତର ମୋବାଇଲ ଫୋନ ରପ୍ତାନି ସମ୍ପୂର୍ଣ୍ଣ ଶୂନ୍ୟ ସ୍ତରରେ ଥିବାବେଳେ ଚଳିତବର୍ଷ ୧୧ ବିଲିୟନ ଡଲାର ମୂଲ୍ୟର ଆପଲ୍ ଏବଂ ସାମ୍‌ସଙ୍ଗ ଫୋନ ବିଦେଶକୁ ରପ୍ତାନି କରିଛି। ଏବେ ବିଶ୍ୱର ବଡ଼ବଡ଼ ସେମି କଣ୍ଡକ୍ଟର, ଇଲେକ୍ଟ୍ରୋନିକ୍ସ, ମୋବାଇଲ ଏବଂ ଅନ୍ୟାନ୍ୟ ଉତ୍ପାଦ ନିର୍ମାତା ଭାରତରେ ସେମାନଙ୍କ ସାମଗ୍ରୀ ତିଆରି ସହ ବିକ୍ରି ଓ ରପ୍ତାନି କରିବା ଲାଗି ଆଗ୍ରହୀ ହେଉଛନ୍ତି। ଦେଶରେ ଲଜିଷ୍ଟିକ୍ସ ଇକୋସିଷ୍ଟମ ଏବେ ଅଧିକ ଦକ୍ଷ ହୋଇପାରିଛି। ଭବିଷ୍ୟତରେ ସ୍କିଲିଂ, ଅପସ୍କିଲିଂ ଓ ରିସ୍କିଲିଂ ବା ନିରନ୍ତର ଦକ୍ଷତା ବିକାଶ ଉପରେ ଗୁରୁତ୍ୱାରୋପ କରାଯିବ। ତେଣୁ ଦକ୍ଷତା ବିକାଶ ସବୁବେଳେ ଏକ ନିରନ୍ତର ପ୍ରକ୍ରିୟା ହୋଇ ରହିବ ବୋଲି କେନ୍ଦ୍ରମନ୍ତ୍ରୀ କହିଥିଲେ। ସମାରୋହରେ ଦକ୍ଷତା ବିକାଶ ଓ ଉଦ୍ୟମିତା ମନ୍ତ୍ରଣାଳୟ ସଚିବ ଅତୁଲ କୁମାର ତିୱାରୀ, ସିଆଇଆଇର ଭାରପ୍ରାପ୍ତ ଅଧକ୍ଷ ତଥା ଟିଭିଏସ ସପ୍ଲାଇ ଚେନ ସଲ୍ୟୁଶନ୍ସର ଉପସଭାପତି ଆର୍. ଦିନେଶ, ଡେଲଏଟ୍‌ର ଭାଗୀଦାର ଏନ୍.ଏସ୍.ଏନ୍. ମୂର୍ତ୍ତି ପ୍ରମୁଖ ଅତିଥିଭାବେ ଯୋଗଦେଇ କାର୍ଯ୍ୟକ୍ରମର ବିଭିନ୍ନ ଦିଗ ଉପରେ ଗୁରୁତ୍ୱାରୋପ କରିଥିଲେ।



କେନ୍ଦ୍ରମନ୍ତ୍ରୀ ରାଜୀବ ଚନ୍ଦ୍ର ଶେଖର ଓ ଅନ୍ୟ ଅତିଥିମାନେ ପ୍ରଦର୍ଶନୀ ବୁଲି ଦେଖୁଛନ୍ତି।

### ପ୍ରେମିକଙ୍କ ଆତ୍ମହତ୍ୟା ପରେ ଜୀବନ ହାରିଲେ ପ୍ରେମିକା

ଚଣ୍ଡିଖୋଲ/ବଡ଼ଚଣା, ୨୪।୪(ଡି.ଏନ.ଏ.)

ଯାଜପୁର ଜିଲା ବୈରୀ ଥାନା ଅନ୍ତର୍ଗତ ବିରିଜଙ୍ଗା ଗ୍ରାମର ପ୍ରଭାତ ଲେଙ୍କା (୨୬) ବୈରୀ ଅଞ୍ଚଳର ନମିତା ସାହୁଙ୍କୁ ଗତ ୪ ବର୍ଷ ହେଲା ଭଲ ପାଉଥିଲେ। ଏହି ସମ୍ପର୍କ ଭିତରେ ନମିତାଙ୍କୁ ବିଭିନ୍ନ ସମୟରେ ପ୍ରଭାତ ଲକ୍ଷାଧିକ ଟଙ୍କା ଓ ବହୁ ଅଳଙ୍କାର ଦେଇଥିଲେ। ପ୍ରଭାତଙ୍କ ପରିବାର ପକ୍ଷରୁ ଏହାକୁ ବିରୋଧ କରାଯିବାରୁ ୨ ପରିବାର ମଧ୍ୟରେ ଝଡ଼ ସୃଷ୍ଟି ହୋଇଥିଲା। ଫଳରେ ନମିତା ପ୍ରଭାତଙ୍କୁ ବିବାହ କରିବାକୁ ରୋକ୍‌ଠୋକ୍ ମନା କରିଦେଇଥିଲେ । ଏଥିରେ ସମ୍ପୂର୍ଣ୍ଣ ଭାଙ୍ଗିପଡ଼ି ପ୍ରଭାତ ଗତ ଶନିବାର ରାତିରେ ନିଜ ଘରେ ରଶି ବାନ୍ଧି ଆତ୍ମହତ୍ୟା କରିଥିଲେ। ଏହାପରେ ପ୍ରଭାତଙ୍କ ପରିବାର ଲୋକେ ବୈରୀ ଥାନା ଆଗରେ ମୃତଦେହ ରଖି ନ୍ୟାୟ ଭିକ୍ଷା କରିଥିଲେ। ପୋଲିସ ସେମାନଙ୍କୁ ବୁଝାଶୁଝା କରି ଶାନ୍ତ କରାଇବା ପରେ ଏକ ଅପମୃତ୍ୟୁ ମାମଲା(ନଂ.୬୮/୨୩) ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ମାତ୍ର ରବିବାର ବିଳମ୍ବିତ ରାତିରେ ନମିତା ବି ନିଜ ବେକରେ ରଶି ବାନ୍ଧି ନିଜ ଶୋଇବା ଘରେ ଝୁଲି ପଡିଥିଲେ। ଏହି ଘଟଣା ପରେ ୨ ପରିବାର ମଧ୍ୟରେ ଥିବା ଅସନ୍ତୋଷ ଉଗ୍ରରୂପ ଧାରଣ କରିଛି। ସୋମବାର ବୈରୀ ଥାନା ପୋଲିସ ଓ ସାଇଣ୍ଟିଫିକ୍ ଟିମ୍ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ବଡ଼ଚଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଛି।

# ଡିଲ୍‌ବେଳେ ବାଘ ଛାଲ ଜବତ, ୨ ଗିରଫ

### ଏସ୍‌ଟିଏଫ୍ ହାତରୁ ଖସିଗଲେ ଗ୍ରାହକ

ଭୁବନେଶ୍ୱର,(ବ୍ୟୁରୋ)/ ଫୁଲବାଣୀ ଅଫିସ/ଖଜୁରିପଡ଼ା,୨୪।୪

ବାଘ ଛାଲ ବିକ୍ରି ପାଇଁ ଡିଲ ଚାଲିଥିବାବେଳେ କ୍ରାଇମବ୍ରାଞ୍ଚର ସ୍ପେଶାଲ ଟାସ୍କ ଫୋର୍ସ (ଏସ୍‌ଟିଏଫ) କନ୍ଧମାଳ ଜିଲା ଖଜୁରିପଡ଼ା ଷ୍ଟେଟ୍ ବ୍ୟାଙ୍କ ଛକରେ ଚଢ଼ାଉକରି ଯୋଜନାକୁ ପଣ୍ଡ କରିବା ସହ ୨ ଅଭିଯୁକ୍ତଙ୍କୁ ଗିରଫ କରିଛି। ତେବେ ବାଘ ଛାଲ କିଣିବାକୁ ଆସିଥିବା ଜଣେ ଗ୍ରାହକ ଖସି ଯାଇଥିବା ଜଣାପଡିଛି। ଗିରଫ ଅଭିଯୁକ୍ତଦ୍ୱୟ ହେଲେ ଖଜୁରିପଡ଼ା ଥାନା ଆରାପାଜୁ ଅଞ୍ଚଳର ସୁଜିତ ରାଜସ୍ୱଦୀପ ଓ ଧନଞ୍ଜୟ ବେହେରା। ସେମାନଙ୍କଠାରୁ ଗୋଟିଏ କଲରାପତରିଆ ବାଘ ଛାଲ ଜବତ ହୋଇଛି। ଏନେଇ ଏସ୍‌ଟିଏଫ୍ ଏକ ମାମଲା (ନଂ. ୮/୨୩) ରୁଜୁ କରି ଅଭିଯୁକ୍ତଦ୍ୱୟଙ୍କୁ ଫୁଲବାଣୀ ଏସ୍‌ଡିଜେଏମ୍ କୋର୍ଟରେ ହାଜର କରିଥିଲା। ଜାମିନ ନ ମିଳିବାରୁ ଅଭିଯୁକ୍ତଦ୍ୱୟଙ୍କୁ ବିଚାରବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଅନ୍ୟପଟେ ଜବତ ବାଘ ଛାଲକୁ ଡେରାଡୁନ୍‌ସ୍ଥିତ ଡବ୍ଲ୍ୟୁଆଇଆଇ ନିର୍ଦ୍ଦେଶାଳୟକୁ ବାୟୋଲଜିକାଲ ପରୀକ୍ଷା ନିମନ୍ତେ ପଠାଇ ଦିଆଯାଇଛି। ତେବେ ଅଭିଯୁକ୍ତଦ୍ୱୟ ଜବତ ବାଘଛାଲକୁ ୮ ଲକ୍ଷ ଟଙ୍କାରେ ବିକ୍ରି କରିଥାନ୍ତେ ବୋଲି ତଦନ୍ତବେଳେ ଏସ୍‌ଟିଏଫ୍ ଜାଣିବାକୁ ପାଇଛି। ତେବେ ଉକ୍ତ କଲରାପତରିଆ ବାଘକୁ କେଉଁଠି ଶିକାର କରାଯାଇଛି, ପୂର୍ବରୁ କେତେଥର ଅଭିଯୁକ୍ତଦ୍ୱୟ ଏପରି ବେଆଇନ କାରବାର କରିଛନ୍ତି, ତାହାର ଅଧିକ ତଥ୍ୟ ଜାଣିବାକୁ ଏସ୍‌ଟିଏଫ୍ ସେମାନଙ୍କୁ ରିମାଣ୍ଡରେ ଆଣିବାକୁ ଯୋଜନା ରଖିଛି। ସୂଚନା ମୁତାବକ, ଗିରଫ ଦୁଇ ଅଭିଯୁକ୍ତ ସୁଜିତ ଓ ଧନଞ୍ଜୟ ରବିବାର ସନ୍ଧ୍ୟାରେ ଖଜୁରିପଡା ନିକଟସ୍ଥ ଏକ ରାସ୍ତାରେ ବାଘ ଛାଲ ବିକ୍ରି ପାଇଁ ଗ୍ରାହକଙ୍କ ସହ ଡିଲ କରୁଥିଲେ। ଏହି ସମୟରେ ଏସିଟିଏଫ୍ ଟିମ ସାଦା ପୋଷାକରେ ସେଠାରେ ଅତର୍କିତ ଚଢାଉ କରିଥିଲା। ଫଳରେ ଅଭିଯୁକ୍ତମାନେ ଫେରାର ହେଉଥିବାବେଳେ କିଛି ବାଟ ଦୌଡିବା ପରେ ସେମାନଙ୍କୁ କାବୁ କରିଥିଲା ଟିମ୍। ହେଲେ ଗ୍ରାହକ ଜଣକ କୌଶଳକ୍ରମେ ଫେରାର ହୋଇଯାଇଥିବା ଜଣାପଡିଛି।


ଜବତ ବାଘଛାଲ ସହ ୨ଗିରଫ ଯୁବକ।

### ବଜ୍ରପାତରେ ୨ ଚାଷୀ ମୃତ

ଭବାନୀପାଟଣା,୨୪।୪(ସ୍ୱ.ପ୍ର.)

କଳାହାଣ୍ଡି ଜିଲା କଳମପୁର ବ୍ଲକ ମିନଗୁର ପଞ୍ଚାୟତ ଅନ୍ତର୍ଗତ ମାଟିଖାଲ ଗ୍ରାମରେ ସୋମବାର ସନ୍ଧ୍ୟାରେ ଝଡବର୍ଷା ସହ ବଜ୍ରପାତ ହୋଇଥିଲା। ଏଥିରେ ୨ଜଣ ଚାଷୀଙ୍କର ମୃତ୍ୟୁ ଘଟିଛି। ସେମାନେ ହେଲେ ଭଜମନ ଦଳପତି(୬୦) ଓ ତାଙ୍କ ସମ୍ପର୍କୀୟ ଭାଇ ପଙ୍କଜ ଦଳପତି(୫୦)। ଉଭୟେ ସନ୍ଧ୍ୟାରେ ନିଜ ତରଭୁଜ କିଆରିକୁ ଯାଇଥିବା ବେଳେ ବଜ୍ରପାତ ଘଟିଥିଲା। ଏଥିରେ ସେମାନେ ଖେତରେ ଟଳି ପଡିଥିଲେ। ଖବର ଲେଖା ହେବା(ରାତି ୯ଟା) ପର୍ଯ୍ୟନ୍ତ ମୃତଦେହ ତରଭୁଜ କିଆରିରେ ପଡି ରହିଛି। ଖବର ପାଇ ସ୍ଥାନୀୟ ପୋଲିସ ପ୍ରାଥମିକ ତଦନ୍ତ ଆରମ୍ଭ କରିଥିବା କଳମପୁର ଥାନା ଅଧିକାରୀ ଯୁଗଳ ଶବର କହିଛନ୍ତି।



ହେ ଅମୃତର ପୁତ୍ର ! ପ୍ରକୃତିକୁ ଅନୁସରଣ କରି ଜୀବନଯାପନ କରନାହିଁ। ଭଗବାନଙ୍କୁ ଅନୁସରଣ କରି ଜୀବନଯାପନ କର। ପ୍ରକୃତିକୁ ମଧ୍ୟ ବାଧ୍ୟ କର- ସେ ଯେପରି ତୁମର ଅନ୍ତର୍ଯ୍ୟାମୀ ଦେବତାଙ୍କୁ ମାନି ଜୀବନ ଯାପନ କରେ। -ଶ୍ରୀଅରବିନ୍ଦ

# ସୁଦାନ ସଙ୍କଟ

ୟୁକ୍ରେନ୍ ଉପରେ ରୁଷିଆ ଆକ୍ରମଣର ୧୪ ମାସ ପୂରୁଣୁ ଆଉ ଏକ ଭୟଙ୍କର ଯୁଦ୍ଧ ସ୍ଥିତି ଉପୁଜିଛି। ପ୍ରାୟ ସପ୍ତାହ ପୂର୍ବରୁ ଉତ୍ତର-ପୂର୍ବ ଆଫ୍ରିକୀୟ ଦେଶ ସୁଦାନରେ ସଂଘର୍ଷ ଦେଖାଦେଇଛି। ଏହି ଅଶାନ୍ତ ପରିସ୍ଥିତି ପାଇଁ ଦୁଇଟି ସଶସ୍ତ୍ର ଆଭ୍ୟନ୍ତରୀଣ ଗୋଷ୍ଠୀ ଦାୟୀ। ଗୋଟିଏ ପଟେ ସୁଦାନର ସେନା ଏବଂ ତାକୁ ବିରୋଧ କରୁଛି ସୁଦାନର ଅର୍ଦ୍ଧ ସାମରିକ ବାହିନୀ ବା ରାପିଡ୍ ସପୋର୍ଟ ଫୋର୍ସ ( ଆର୍‌ଏସ୍‌ଏଫ୍)। ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ଅନୁଯାୟୀ, ସପ୍ତାହରୁ ଊର୍ଦ୍ଧ୍ୱ ସମୟ ଧରି ଲାଗି ରହିଥିବା ସଂଘର୍ଷରେ ୪୦୦ରୁ ଊର୍ଦ୍ଧ୍ୱ ଲୋକ ନିହତ ହେଲେଣି। ସେଠାରେ ଖାଦ୍ୟ, ପାନୀୟ ଜଳ ଓ ଔଷଧ ସଙ୍କଟ ଦେଖାଯାଇଛି। ବିଶ୍ୱର ଦରିଦ୍ର ଦେଶ ସୁଦାନର ଇତିହାସକୁ ଦେଖିଲେ ୧୯୫୬ରେ ସ୍ୱାଧୀନତା ପାଇବା ପରଠାରୁ ଏହାର ଶାସନରେ ଅସ୍ଥିରତା ଲାଗିରହିଛି ଓ ସେନା ସେଠାରେ ୬ ଥର କ୍ଷମତା ଦଖଲ କରିଛି। ୧୯୫୮ରେ ପ୍ରଥମ ଓ ଶେଷ ଥର ୨୦୨୧ରେ ରାଷ୍ଟ୍ରପତି ଓମାର ଅଲ ବସିରଙ୍କୁ ଗାଦିଚ୍ୟୁତ କରି ଜେନେରାଲ ଅବଦେଲ ଫାତହା ଅଲ ବୁର୍‌ହାନ୍ କ୍ଷମତା ହାତକୁ ନେଇଥିଲେ। ସେନା ହାତରେ କ୍ଷମତା ରଖିବା ଲାଗି ରାପିଡ୍ ସପୋର୍ଟ ଫୋର୍ସର ଜେନେରାଲ ଏମ୍.ଏଚ୍ ଡାଗଲୋ ସାହାଯ୍ୟ କରି ଆସୁଥିଲେ। ୨୦୨୩ ଶେଷ ସୁଦ୍ଧା ସେଠାରେ ନିର୍ବାଚନ କରି ଗଣସରକାର ପ୍ରତିଷ୍ଠା କରିବା ଲାଗି ବୁର୍‌ହାନ୍ ପ୍ରତିଶ୍ରୁତି ଦେଇଥିଲେ। କିନ୍ତୁ ଏବେ ଦୁଇ ଗୋଷ୍ଠୀଙ୍କ ମଧ୍ୟରେ ସଂଘର୍ଷ ସୂଚାଉଛି ଯେ, ସେମାନଙ୍କ ମଧ୍ୟରୁ କାହାର ବି କ୍ଷମତା ଛାଡ଼ିବାର ଇଚ୍ଛା ନାହିଁ। କେବଳ ସୁଦାନ ନୁହେଁ, ଏସୀୟ ରାଷ୍ଟ୍ର ମ୍ୟାନ୍‌ମାର(ପୂର୍ବନାମ ବର୍ମା)ର ଉଦାହରଣ ବିଶ୍ୱ ଦୃଶ୍ୟପଟରେ ଉଲ୍ଲେଖନୀୟ। ଦୀର୍ଘଦିନ ଧରି ସେନା ଶାସନରେ ରହି ମ୍ୟାନ୍‌ମାରରେ ଏକାଧିକ ନିର୍ବାଚନ କରାଯାଇଥିଲେ ବି ଗଣତନ୍ତ୍ରକୁ ସଫଳ କରାଇ ଦିଆଯାଇନାହିଁ। ୨୦୨୦ ସାଧାରଣ ନିର୍ବାଚନରେ ଗଣତନ୍ତ୍ର ସପକ୍ଷବାଦୀ ତଥା ନ୍ୟାଶ୍‌ନାଲ ଲିଗ୍ ଫର୍ ଡେମୋକ୍ରାସି (ଏନ୍‌ଏଲ୍‌ଡି) ନେତ୍ରୀ ଆଙ୍ଗ୍ ସାନ୍ ସୁଚି ବିପୁଳ ବିଜୟ ଲାଭ କରି କ୍ଷମତାକୁ ଆସିଥିଲେ ମଧ୍ୟ ସେନା ପୁନର୍ବାର ୨୦୨୧ରେ କ୍ଷମତା ଦଖଲ କରି ସୁଚିଙ୍କୁ ଗୃହବନ୍ଦୀ କରିଥିଲା। ବିଶ୍ୱରେ ଏଭଳି ଅନେକ ସେନା ଅଧିକାରୀ ଯେଉଁମାନଙ୍କୁ ଜୁଣ୍ଟା ବୋଲି କୁହାଯାଏ, ସେମାନେ କ୍ଷମତା ଦଖଲ କରି ହିଂସା ଓ ଏକଛତ୍ରବାଦକୁ ପ୍ରୋତ୍ସାହନ ଦିଅନ୍ତି। ୧୯୯୦ ଦଶକରୁ ବିଭିନ୍ନ ଦେଶରେ ମିଲିଟାରି ଶାସନ ଅନେକ ନିର୍ବାଚନ କରାଇଛି ଓ ପରେ ତାହାକୁ ନିଜ ସୁବିଧା ହେବା ଭଳି ରାଜନୈତିକ ଦଳ କିମ୍ବା ମୁଖ୍ୟମାନଙ୍କୁ ନିଯୁକ୍ତ କରିଛି। ୧୯୯୨ରେ ଆଲ୍‌ଜେରିଆ ଠାରୁ ଆରମ୍ଭ କରି ସୁଦାନ ଓ ମ୍ୟାନ୍‌ମାର ସମେତ ନାଇଜେରିଆ, କାମ୍ବୋଡିଆ, ଇଜିପ୍ଟ, ଥାଇଲାଣ୍ଡ, ମାଲି, ଚାଦ୍ ଏବଂ ଗତ ବର୍ଷ ବୁର୍କିନା ଫାସୋ ମିଲିଟାରି ଏକଛତ୍ରବାଦ ଶାସନକୁ ଚାଖିଛନ୍ତି। ବିଶେଷଜ୍ଞ କହନ୍ତି ଯେ, ଯେଉଁ ଦେଶରେ ରାଜନୈତିକ କାର୍ଯ୍ୟକ୍ରମ ଜୋର୍ ଧରେ, ସେଠାରେ ସେନା ଏବଂ କର୍ପୋରେଟ ବିରୋଧୀ ମନୋଭାବ ବୃଦ୍ଧି ପାଇଥାଏ। ।

ଉଲ୍ଲେଖନୀୟ ଯେ, ବିଶ୍ୱରେ ଯେତେସବୁ ଦେଶରେ ମିଲିଟାରି କ୍ଷମତା ଦଖଲ କରିଛି ଓ ଗଣତାନ୍ତ୍ରିକ ପ୍ରକ୍ରିୟାକୁ ବାଟ ଛାଡ଼ିନି ସେଠାରେ ଆର୍ଥିକ ଏବଂ ସାମାଜିକ ଅସ୍ଥିରତା ଦେଖାଯାଇଛି। ବହୁ କ୍ଷେତ୍ରରେ ମାନବୀୟ ସଙ୍କଟ ସୀମା ଟପିଯାଉଛି। ନାଇଜେରିଆ, ସୁଦାନ, ମ୍ୟାନ୍‌ମାର ଓ ଚାଦକୁ ଦୃଷ୍ଟାନ୍ତ ରୂପେ ନିଆଯାଇପାରେ। ଏବେ ପାକିସ୍ତାନର ଅବସ୍ଥା ସେହି ସ୍ତରକୁ ଖସିଆସୁଛି। ବିଶ୍ୱ ସମୁଦାୟ ସବୁବେଳେ ଗଣତନ୍ତ୍ରକୁ ପ୍ରାଧାନ୍ୟ ଦେଉଛି ଓ ସାମରିକ ଶାସନକୁ ନାପସନ୍ଦ କରିଆସିଛି। କିନ୍ତୁ ପୃଥିବୀର ଏହିଭଳି ମିଲିଟାରି ଶାସକଙ୍କୁ ଦମନ କରିବା ପାଇଁ କୌଣସି ବ୍ୟବସ୍ଥା ନାହିଁ। ଏଠାରେ ମନେରଖିବାକୁ ହେବ ଯେ, ଏକଛତ୍ରବାଦ କେବଳ ମିଲିଟାରି ଶାସକଙ୍କଠାରୁ ଆରମ୍ଭ ହୁଏନାହିଁ। ଚାଇନାର ଶି ଜିନ ପିଙ୍ଗ୍ ରୁଷିଆର ଭ୍ଲାଡିମିର ପୁଟିନ୍, ହଙ୍ଗେରୀର ଓର୍‌ବାନ୍‌ଙ୍କ ଭଳି ଅନେକ ରାଜନେତା ନିର୍ବାଚନ ମାଧ୍ୟମରେ କ୍ଷମତା ଦଖଲ କରିଥିବା ସତ୍ତ୍ୱେ ପରବର୍ତ୍ତୀ ସମୟରେ କ୍ଷମତା ଲୋଭ ସେମାନଙ୍କୁ ଏକଛତ୍ରବାଦୀ କରାଇଦେଇଛି। ଏହିସବୁ ଦେଶର ନେତାମାନେ ନିଜ ଦେଶର ଶକ୍ତିକୁ ଦେଖି ଅନେକ କାର୍ଯ୍ୟ କରୁଛନ୍ତି, ଯାହାଦ୍ୱାରା ତାଙ୍କର ନାଗରିକମାନେ ସତ୍ୟର ସନ୍ଧାନ କରିପାରୁନାହାନ୍ତି। ଅସତ୍ୟ କହି ଏବଂ ସେହି ଅସତ୍ୟକୁ ବାରମ୍ବାର ଲୋକଲୋଚନକୁ ଆଣି ତାହାକୁ ସତ୍ୟ ବୋଲି ପ୍ରମାଣ କରିଦେଇପାରୁଛନ୍ତି। ଓଡ଼ିଆରେ ଗୋଟିଏ ଢଗ ଅଛି 'ତିନି ତୁଣ୍ଡରେ ଛେଳି କୁକୁର'-ଉକ୍ତ ନୀତିରେ ବିଭିନ୍ନ ଅସତ୍ୟକୁ ବାରମ୍ବାର ଦୋହରାଇବା ପାଇଁ ମିଡିଆ ବା ଗଣମାଧ୍ୟମକୁ ପ୍ରଥମେ ଏହି ନେତାମାନେ ହାତେଇ ନେଉଛନ୍ତି। ସେଥିରେ ସଫଳତା ପ୍ରାପ୍ତି ହେଲା ପରେ ଗଣତାନ୍ତ୍ରିକ ପଦ୍ଧତିରେ ଜିଣିଥିବା ନେତା ସହଜରେ ଏକଛତ୍ରବାଦୀ ପାଲଟି ଯାଉଛନ୍ତି। କିଏ ବାହାରେ ଯୁଦ୍ଧ ଆରମ୍ଭ କରୁଛି ତ ଆଉ କିଏ ଦେଶ ଭିତରେ ଗୋଷ୍ଠୀ ସୃଷ୍ଟି କରି ହଣାକଟା ଆରମ୍ଭ କରିଦେଉଛି। ଏହା ହେଉଛି ଏକବିଂଶ ଶତାବ୍ଦୀର ତୃତୀୟ ଦଶନ୍ଧିର ପୃଥିବୀ ପରିସ୍ଥିତି।

**ବିଶ୍ୱ ସମୁଦାୟ ସବୁବେଳେ ଗଣତନ୍ତ୍ରକୁ ପ୍ରାଧାନ୍ୟ ଦେଉଛି ଓ ସାମରିକ ଶାସନକୁ ନାପସନ୍ଦ କରିଆସିଛି। କିନ୍ତୁ ପୃଥିବୀର ଏହିଭଳି ମିଲିଟାରି ଶାସକଙ୍କୁ ଦମନ କରିବା ପାଇଁ କୌଣସି ବ୍ୟବସ୍ଥା ନାହିଁ।**

## su|do|ku Puzzles by Srikant Ghosh — ସୁ-ଡୋ-କୁ

| | | | | | | | | |
|---|---|---|---|---|---|---|---|---|
| | | 7 | | | | | | |
| 5 | | | | | 4 | | 9 | 1 |
| | 6 | | 5 | 9 | | | | |
| | | | | | 1 | 6 | | |
| | 8 | | 4 | 2 | | | | |
| | | | | | | | 7 | |
| | | | | | | | 5 | 4 |
| | | | 9 | | 5 | 8 | | 7 |
| 7 | 1 | | | | | | | 2 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 7 | 2 | 5 | 3 | 9 | 6 | 8 | 4 | 1 |
| 3 | 9 | 1 | 4 | 7 | 8 | 5 | 2 | 6 |
| 8 | 6 | 4 | 1 | 2 | 5 | 3 | 9 | 7 |
| 5 | 8 | 2 | 9 | 6 | 4 | 1 | 7 | 3 |
| 4 | 3 | 9 | 7 | 8 | 1 | 2 | 6 | 5 |
| 1 | 7 | 6 | 5 | 3 | 2 | 4 | 8 | 9 |
| 6 | 1 | 8 | 2 | 5 | 9 | 7 | 3 | 4 |
| 9 | 5 | 7 | 8 | 4 | 3 | 6 | 1 | 2 |
| 2 | 4 | 3 | 6 | 1 | 7 | 9 | 5 | 8 |

ଗତକାଲିର ଉତ୍ତର



# ଦୁଇଚକିଆ ଯାନରେ ପିଲାଙ୍କ ସୁରକ୍ଷା

ଈପ୍ସିତା ମହାନ୍ତି

୨୦୨୨ ଡିସେମ୍ବର ୨୪ର କଥା। ପରିବାର ସହ ମିଗ୍‌ନଗରୀ ସୁନାବେଡା ଅଭିମୁଖେ ଯାତ୍ରା କରୁଥିବାବେଳେ ଆମ ଆଖି ସାମ୍ନାରେ ଘଟିଗଲା ଏକ ହୃଦୟବିଦାରକ ଘଟଣା। ୨୬ନଂ. ଜାତୀୟ ରାଜପଥ ଉପରେ ଆମ ଆଗେ ଆଗେ ନିଜ ସ୍ତ୍ରୀ ଓ ୩-୪ବର୍ଷର ପୁଅ ତୁଳାରାମକୁ ବସାଇ ଏକ ଦୁଇଚକିଆ ଯାନରେ ଜଣେ ଯୁବକ ଦ୍ରୁତଗତିରେ ଚାଲିଯାଉଥିଲେ। ଅକସ୍ମାତ ଗାଡିରୁ ଗଳିପଡି ନିରୀହ ବାଳକ ତୁଳାରାମ ଗୁରୁତର ହୋଇଥିଲା। ସଙ୍ଗେ ସଙ୍ଗେ ଜଣେ ବ୍ୟକ୍ତିଙ୍କ ସହଯୋଗରେ ସେ ପହଞ୍ଚି ଯାଇଥିଲା ଶହୀଦ ଲକ୍ଷ୍ମଣ ନାୟକ ମେଡିକାଲ କଲେଜରେ। ତୁରନ୍ତ ଡାକ୍ତରୀସେବା ପାଇବାରୁ ତୁଳାରାମ ସେଦିନ ନିଶ୍ଚିତ ମରଣମୁହଁରୁ ଫେରି ଆସିଥିଲା ସତ କିନ୍ତୁ ବାସ୍ତବରେ ଆମ ଚାରିପାଖରେ ଏଭଳି ଘଟଣା ପ୍ରତ୍ୟହ ଘଟିଚାଲିଛି। ତଥାପି ଆମେ ଚେତୁନାହୁଁ।

ସଡ଼କ ଦୁର୍ଘଟଣାର ପରିସଂଖ୍ୟାନରେ ଭାରତର ସ୍ଥିତି ଆଜି ଚିନ୍ତାଜନକ। ବିଶ୍ୱରେ ସର୍ବାଧିକ ସଡ଼କ ଦୁର୍ଘଟଣା ଘଟୁଥିବା ୧୦ଟି ଦେଶ ମଧ୍ୟରେ ଭାରତ ଶୀର୍ଷରେ ଥିବା ମିଳିତ ଜାତିସଂଘର ରିପୋର୍ଟ କହୁଛି। ଆମ ଦେଶରେ ଦୁଇଚକିଆ ଯାନ ସଂଖ୍ୟା ଆଶାତୀତ ଭାବେ ବୃଦ୍ଧି ଘଟିଛି। ଦେଶର କୋଣଅନୁକୋଣର ରାସ୍ତାଘାଟରେ ଆଜି ବିଭିନ୍ନ ନାମୀଦାମୀ କମ୍ପାନୀର ଦୁଇଚକିଆ ଯାନ ଆତଯାତ ହେଉଥିବା ଦୃଶ୍ୟମାନ ହେଉଛି। ଅଧିକାଂଶ ଚାଳକ ଦ୍ରୁତଗତି ସହ ଟ୍ରାଫିକ୍ ନିୟମର ଉଲ୍ଲଂଘନ ଏବଂ ସୁରକ୍ଷା ବ୍ୟବସ୍ଥାକୁ ଅବମାନନା କରି ଚାଲିଛନ୍ତି। ଆଶ୍ଚର୍ଯ୍ୟର କଥା ହେଉଛି ବଡମାନଙ୍କର ଦାୟିତ୍ୱହୀନତା ପାଇଁ ଅନେକ ନିରୀହ ପିଲା ପ୍ରାଣ ହରାଉଛନ୍ତି। ଆକଳନ ଅନୁସାରେ ଭାରତରେ ଦୈନିକ ୩୧ ଜଣ ଶିଶୁ ସଡ଼କ ଦୁର୍ଘଟଣାରେ ପ୍ରାଣ ହରାଉଛନ୍ତି। ଏହା ସଡ଼କ ଦୁର୍ଘଟଣାଜନିତ ସମୁଦାୟ ମୃତ୍ୟୁ ସଂଖ୍ୟାର ପାଖାପାଖି ୮ ପ୍ରତିଶତ। ନିଜ ପିଲାଙ୍କ ନିରାପତ୍ତା ପ୍ରତି ଆମେ କେତେ ସଚେତନ ତାହା ଉପରେ ବିରାଟ ବଡ଼ ପ୍ରଶ୍ନଚିହ୍ନ ଲଗାଇଛି।

ସଡକ ପରିବହନ ଏବଂ ରାଜପଥ ମନ୍ତ୍ରଣାଳୟର ତଥ୍ୟ ଅନୁଯାୟୀ ୨୦୧୯ରେ ସଡ଼କ ଦୁର୍ଘଟଣାରେ ୧୧,୧୬୮ ପିଲାଙ୍କ ଜୀବନ ଯାଇଛି। ପୂର୍ବ ବର୍ଷ ତୁଳନାରେ ଏହା ୧୧.୯୪ ପ୍ରତିଶତ ଅଧିକ। ସେହିଭଳି ୨୦୨୦ରେ ୧୪ ବର୍ଷରୁ କମ୍ ବୟସର ୨୭ଶହ ଏବଂ ୧୮ ବର୍ଷରୁ କମ୍ ବୟସର ୧୪ହଜାର ପିଲା ସଡ଼କ ଦୁର୍ଘଟଣାରେ ପ୍ରାଣ ହରାଇଛନ୍ତି। ଏମାନଙ୍କ ମଧ୍ୟରୁ ବହୁ ସଂଖ୍ୟକ ପିଲା ନିଜ ଗୁରୁଜନଙ୍କ ସହ ଦୁଇଚକିଆ ଯାନରେ ବସି ଯାତ୍ରା କରୁଥିଲେ। ଆମ ଦେଶରେ ପ୍ରତ୍ୟହ ବହୁ ସଂଖ୍ୟକ ପିଲା ନିଜ ଅଭିଭାବକଙ୍କ ସହ ଦୁଇଚକିଆ ଯାନରେ ଯାତ୍ରା କରୁଛନ୍ତି, କିନ୍ତୁ ସେମାନଙ୍କ ସୁରକ୍ଷା ପାଇଁ ସେପରି କୌଣସି ବ୍ୟବସ୍ଥା ନାହିଁ। ତେଣୁ ଦୁର୍ଘଟଣା ଘଟିଲେ ପିଲାମାନେ ଅଧିକ କ୍ଷତିଗ୍ରସ୍ତ ହେଉଛନ୍ତି। ଅଧିକାଂଶ ଦୁର୍ଘଟଣା ଦ୍ରୁତଗତି ଏବଂ ଖାଲଖମା ରାସ୍ତା ଯୋଗୁ ଘଟୁଛି, କିନ୍ତୁ ଅନେକ ସମୟରେ ସେଫ୍ଟି ହର୍ନସ ବେଲ୍ଟ ବିନା ପଛରେ ବସିଥିବା ପିଲାଙ୍କ ସୁରକ୍ଷା ବିଷୟରେ ଚିନ୍ତା କରୁଥିବାରୁ ଚାଳକଙ୍କ ଏକାଗ୍ରତା ଭଙ୍ଗ ହୋଇଥାଏ। ଏହା ମଧ୍ୟ ଦୁର୍ଘଟଣାର ଅନ୍ୟତମ ପ୍ରମୁଖ କାରଣ।



ଏଭଳି ଦୁର୍ଘଟଣାକୁ ଟାଳିବା ପାଇଁ ୨୦୨୨ ଫେବୃୟାରୀ ୧୫ରେ ନୂତନ ଟ୍ରାଫିକ୍ ନିୟମ ଜାରି କରାଗଲା। ତଦନୁଯାୟୀ ୨୦୨୩ ଫେବୃୟାରୀ ୧୫ଠାରୁ ୯ ମାସରୁ ୪ବର୍ଷ ବୟସର ପିଲାଙ୍କ ପାଇଁ ସେଫ୍ଟି ହର୍ନସ ବେଲ୍ଟ (ସୁରକ୍ଷା ସୂଚକ ପଟି) ପିନ୍ଧିବା ଅନିବାର୍ଯ୍ୟ। ଏଥିପାଇଁ କେନ୍ଦ୍ର ସରକାର ମୋଟର ଯାନ ଅଧିନିୟମ ୧୯୮୮ (୧୯୮୮ଏ ୫୯) ଧାରା ୧୩୭, ଖଣ୍ଡ (ଏଏ)ର କ୍ଷମତାକୁ ପ୍ରୟୋଗ କରିବା ସହ କେନ୍ଦ୍ରୀୟ ମୋଟର ଯାନ ନିୟମ ୧୯୮୯କୁ ସଂଶୋଧନ କରି କେନ୍ଦ୍ରୀୟ ମୋଟର ଯାନ (ଦ୍ୱିତୀୟ ସଂଶୋଧନ) ନିୟମ- ୨୦୨୨ ପ୍ରସ୍ତୁତ କରିଛନ୍ତି। କିନ୍ତୁ ଏଯାଏ ଠିକ୍ ଢଙ୍ଗରେ ଏହାର ଅନୁପାଳନ ହେଉନାହିଁ। କେବଳ ଛୋଟ ପିଲାଙ୍କ ପାଇଁ ସେଫ୍ଟି ହର୍ନସ ବେଲ୍ଟ ଏବଂ ହେଲ୍‌ମେଟ ପିନ୍ଧିବା ଅନିବାର୍ଯ୍ୟ ହୋଇନାହିଁ, ନିୟମ ଅନୁସାରେ କୌଣସି ପରିସ୍ଥିତିରେ ଜଣେ ଚାଳକ ଘଣ୍ଟା ପ୍ରତି ୪୦ କିଲୋମିଟରରୁ ଅଧିକ ବେଗରେ ଦୁଇଚକିଆ ଯାନ ଚଳାଇପାରିବେ ନାହିଁ। ନିୟମ ଅବମାନନାକାରୀଙ୍କ ପାଇଁ କଠୋର ଦଣ୍ଡ ଧାର୍ଯ୍ୟ ହୋଇଛି। କିନ୍ତୁ ଠିକ୍ ଯାଞ୍ଚ ବିନା ଏହାର ସଫଳତା ଆଶା କରାଯାଇ ନ ପାରେ।

ବାସ୍ତବରେ ପିଲାଙ୍କ ପାଇଁ ପ୍ରସ୍ତୁତ ସେଫ୍ଟି ହର୍ନସ ବେଲ୍ଟ ହେଉଛି ଏକ ନିୟନ୍ତ୍ରିତ ବେଲ୍ଟ, ଯାହାକୁ ଅଷ୍ଟ୍ରେଲିଆ, ଫ୍ରାନ୍ସ, ନେଦରଲାଣ୍ଡ୍ସ, ନ୍ୟୁଜିଲାଣ୍ଡ, ଜାପାନ ସମେତ ଦୁନିଆର ପ୍ରାୟ ୫୬ଟି ଦେଶର ପିଲା ବହୁ ପୂର୍ବରୁ ବ୍ୟବହାର କରିଆସୁଛନ୍ତି। କାଗଜ କଲମରେ ଆଇନ ତିଆରି ହୋଇଥିଲେ ମଧ୍ୟ ଭାରତରେ ଏ ପର୍ଯ୍ୟନ୍ତ ଛୋଟ ପିଲାଙ୍କ ପାଇଁ ଏଭଳି ସେଫ୍ଟି ହର୍ନ ବେଲ୍ଟ କିମ୍ବା ହେଲ୍‌ମେଟ ବାଧ୍ୟତାମୂଳକ ହୋଇନାହିଁ। ବିଶେଷଜ୍ଞଙ୍କ ପରାମର୍ଶ କ୍ରମେ ୯ ମାସରୁ ୪ବର୍ଷ ବୟସର ପିଲାଙ୍କ ପାଇଁ ସରକାର ୨୦୨୩ ଫେବୃୟାରୀ ୧୫ରୁ ସେଫ୍ଟି ହର୍ନସ ବେଲ୍ଟ ସହ ହେଲ୍‌ମେଟ ପରିଧାନକୁ ବାଧ୍ୟତାମୂଳକ କରିଛନ୍ତି। ନିୟମର ଉଲ୍ଲଂଘନ ପାଇଁ ପ୍ରଥମ ଥର ୧ହଜାର ଟଙ୍କା ଜରିମାନା ସହ ତିନିମାସ ପାଇଁ ଚାଳକଙ୍କ ଲାଇସେନ୍ସ ନିଲମ୍ବିତ କରାଯିବ। ଏଯାଏ କିନ୍ତୁ ଏହା ଠିକ୍ ଢଙ୍ଗରେ କାର୍ଯ୍ୟକାରୀ ହୋଇନି।

ପ୍ରଶ୍ନ ହେଉଛି, ଏହି ସେଫ୍ଟି ହର୍ନସ ବେଲ୍ଟ କ'ଣ ? ଏବଂ ଏହା କିପରି ଛୋଟପିଲାଙ୍କୁ ସୁରକ୍ଷା ଦେବ ? ସେଫ୍ଟି ହର୍ନସ ବେଲ୍ଟ ହେଉଛି ଦୁଇଚକିଆ ଯାନରେ ଯାତ୍ରା କରୁଥିବାବେଳେ ପିଲାମାନେ ପିନ୍ଧୁଥିବା ଏକ ନିୟନ୍ତ୍ରିତ ବେଲ୍ଟ। ଯଦିଓ ଏହି ବେଲ୍ଟଟିକୁ ପିଲାଟି ପିନ୍ଧି ଥାଏ, କିନ୍ତୁ ଏହାର ଏକ ଅଂଶ ଦୁଇଚକିଆ ଯାନର ଚାଳକଙ୍କ ସହିତ ସଂଲଗ୍ନ ହୋଇଥାଏ। ଏହି ବେଲ୍ଟକୁ ପିଲାଟି ସ୍କୁଲ ବେଲ୍ଟ ପରି ପିନ୍ଧିଥାଏ, ଯାହାର ଏକ ଅଂଶ ଦୁଇଚକିଆ ଯାନର ଚାଳକଙ୍କ ଅଣ୍ଟା କିମ୍ବା ପେଟ ସହ ନ ଖସିବା ଭଳି ବନ୍ଧା ଯାଇଥାଏ (ଲକ କରାଯାଇଥାଏ)। ଦୁଇଚକିଆ ଯାନର ଚାଳକଙ୍କ ସହିତ ପିଲାଟିକୁ ଏହା ଦୃଢ଼ ଭାବରେ ଧରି ରଖେ। ଯେଉଁଥିପାଇଁ ପିଲାଟି ଅସୁରକ୍ଷିତ ରହେ ନାହିଁ। ଭାରସାମ୍ୟ ହରାଇବା ସତ୍ତ୍ୱେ ପିଲାଟି ଗାଡିରୁ ଖସି ପଡିବାର ଭୟ ନ ଥାଏ।

ତଥ୍ୟ କହୁଛି ସେଫ୍ଟି ହର୍ନସ ବେଲ୍ଟ ବାନ୍ଧୁ ନ ଥିବା କାରଣରୁ ୪ପ୍ରତିଶତ ପିଲା ଗାଡିରୁ ଖସି ତଳେ ପଡନ୍ତି ଏବଂ ଅଧିକାଂଶ ସମୟରେ ସେମାନେ ଦୁର୍ଘଟଣାର ଶିକାର ହୁଅନ୍ତି। ଭାରତୀୟ ମାନକ ବ୍ୟୁରୋ ଅଧିନିୟମ ୨୦୧୬ରେ ଏଭଳି ବେଲ୍ଟ ତିଆରି ପାଇଁ ମାନଦଣ୍ଡ ପ୍ରସ୍ତୁତ ହୋଇଥିଲା। ତଦନୁସାରେ ଏହା ନାଇଲନ, ନରମ ଫୋମ ଭଳି ବହୁମୁଖୀ ପଦାର୍ଥରେ ତିଆରି ହେବା ଉଚିତ। ଏହି ବେଲ୍ଟ ୩୦ କିଲୋଗ୍ରାମ ପର୍ଯ୍ୟନ୍ତ ଭାର ଉଠାଇବାର କ୍ଷମତା ରଖେ। ପିଲାଙ୍କ ପାଇଁ ବ୍ୟବହୃତ ହେଉଥିବା ହେଲ୍‌ମେଟଟି ଆଇଏସ୍‌ଆଇ ଚିହ୍ନ ଯୁକ୍ତ ହେବା ଆବଶ୍ୟକ। ସେଫ୍ଟି ହର୍ନ ବେଲ୍ଟ ଏବଂ ହେଲ୍‌ମେଟ ପିନ୍ଧାଇବା ସହ ଦୁଇଚକିଆ ଯାନର ଗତିକୁ ସୀମିତ ରଖିବା ଦ୍ୱାରା ଗାଡିରେ ବସିଥିବା ପିଲାଟି ଅନେକାଂଶରେ ସୁରକ୍ଷିତ ହୋଇଯାଏ। ଏହି ନିୟମକୁ କଡାକଡି ଲାଗୁ କଲେ ପିଲାଙ୍କ ଜୀବନ ସୁରକ୍ଷିତ ରହିବ।

**ବୈପାରୀଗୁଡ଼ା, କୋରାପୁଟ**
**ମୋ: ୬୩୭୦୬୭୯୪୦୫**



# ପିଠି କୁଣ୍ଡେଇ ହେଉଛି କି

ନିରଞ୍ଜନ ସାହୁ

ପ୍ରଖ୍ୟାତ କଥାକାର ରାମଚନ୍ଦ୍ର ବେହେରାଙ୍କ ଗୋଟିଏ ଅଭୁଲା ପଂକ୍ତି ମନେପଡ଼ିଯାଉଛି। 'ମଣିଷ ଏଡ଼େ ଅସହାୟ ଯେ ନିଜ ପିଠିକୁ ମଧ୍ୟ ନିଜେ ଆଉଁସିପାରେନି ଅଥଚ ସେଇ ମଣିଷ ଏତେ ଆବେଗପ୍ରବଣ ଯେ ଭାବେ ଏକା ଏକା ଲୁହ ଢାଳି ସାରା ପୃଥିବୀକୁ ପ୍ଲାବନ କରିଦେବ'। ବାସ୍ତବ ଜୀବନରେ ଅସହାୟ ଦିଶୁଥିବା ମଣିଷଟି ଭାବନା ରାଜ୍ୟରେ କେତେ ଶକ୍ତିଶାଳୀ ହୋଇପାରେ ତାହା ସାବଲୀଳ ଭାବରେ ପ୍ରକାଶ କରିଛନ୍ତି ବେହେରା ।

କିଛିଦିନ ତଳେ ଜଣେ ବନ୍ଧୁଙ୍କ ଘରକୁ ଯାଇଥିଲାବେଳେ ଗୋଟିଏ ସୁନ୍ଦର ଛୋଟିଆ ଅସ୍ୱାଭାବିକ ଉପକରଣ ମୋ ନଜରକୁ ଆସିଲା। ପ୍ଲାଷ୍ଟିକ୍ ତିଆରି ଜିନିଷଟି ଏପରି ଯେ ସେଥିରେ ଗୋଟିଏ ହ୍ୟାଣ୍ଡେଲ ଅଛି ପ୍ରାୟ ଦେଢ଼ଫୁଟ ଲମ୍ବହେବ ଏବଂ ତା'ର ଅଗ୍ରଭାଗଟି ମଣିଷର ପାପୁଲି ପରି ହୋଇ ପାଞ୍ଚଆଙ୍ଗୁଠି ପରି ବାହାରିଛି ପାଞ୍ଚଗୋଟି ବକ୍ର ଆଙ୍ଗୁଠି। ସେଇଟି ପଡ଼ିଥିଲା ମୋର ବନ୍ଧୁଙ୍କ ଡାଇନିଂ ଟେବୁଲ ଉପରେ ଆଉ ମୋ ସହିତ କଥାବାର୍ତ୍ତା କରୁକରୁ ସେ ଯେତେବେଳେ ତାହା ଉଠେଇ ନେଲେ ମୁଁ ଅପେକ୍ଷାକରି ରହିଲି ତା'ର ଉପଯୋଗ ଦେଖିବାକୁ। ସେ ତାକୁ ତାଙ୍କର ଶାର୍ଟର କଲର ପଛପଟକୁ ନେଇ ପିଠି ଆଡ଼କୁ ପୂରାଇଦେଲେ ଓ ମୋ ସହିତ କଥା ହେଉଥିଲା ବେଳେ ଅନାୟାସରେ ତାଙ୍କର ପିଠିକୁ କୁଣ୍ଡାଇ ଚାଲିଲେ। ସେତେବେଳେ ମୁଁ ଜାଣିଲି ଏଇ ଉଦ୍ଭାବନଟିର ବିଶେଷ ଦାୟିତ୍ୱ ସମ୍ପର୍କରେ।

ମଣିଷ ନିଜର ଜୀବନକୁ ସହଜ କରିବା ପାଇଁ ବହୁ ଯନ୍ତ୍ରପାତି ଉଦ୍ଭାବନ କରିଛି। ଆଉ ଏଇ ଛୋଟିଆ ଯନ୍ତ୍ରଟି ସାହାଯ୍ୟରେ ଅନାୟାସରେ ପିଠିକୁ କୁଣ୍ଡାଇ ହେବ ଏବଂ ରାମଚନ୍ଦ୍ର ସାର୍‌ଙ୍କୁ ମନେ ମନେ କହିହେବ, ସାର୍ ଆପଣଙ୍କ ବିଶେଷ ପଂକ୍ତିଟି ବୋଧହୁଏ ସୃଜନ ହୋଇଥିଲା ଏଇ ବିଶେଷ ଶବ୍ଦର ଉଦ୍ଭାବନ ପୂର୍ବରୁ। ଏବେ ଆଉ ନିଜ ହାତରେ ନିଜ ପିଠିକୁ କୁଣ୍ଡେଇବା ଏକ ଦୁଃସାଧ୍ୟ ପରିସ୍ଥିତି ହୋଇନାହିଁ!

ଆଗ ଯୁଗରେ ଯେତେବେଳେ ଆଧୁନିକ ବସ୍ତୁଟି ପରି ଯନ୍ତ୍ରଟିଏ ଉଦ୍ଭାବନ ହୋଇ ନ ଥିଲା ସେତେବେଳେ ପିଠି କୁଣ୍ଡା ଆରମ୍ଭ ହେଲା ମାନେ ନିକଟରେ ଥିବା ଆଉ କାହାକୁ ଡକାପଡୁଥିଲା। ସେ ଆସିବାରେ ବିଳମ୍ବ ହେଲେ କୁଣ୍ଡେଇବା ଭୋଗୁଥିବା ଲୋକର ରାଗ ସାଙ୍ଗେ ସାଙ୍ଗେ ପଞ୍ଚମକୁ ଉଠିଯାଏ। ଭୂମିକମ୍ପର ଏପିସୋଡ୍ ସିନା କେଉଁଠି ବୋଲି ଆଧୁନିକ କାଳରେ ଜାଣି ହେଉଛି ମାତ୍ର ତାହା କୁଣ୍ଡେଇ ହେବା କ୍ଷେତ୍ରରେ ବାହାର କରିବା ଏତେ ସହଜ ଓ ସୁଗମ ନ ଥିଲା ଏବଂ କୁଣ୍ଡେଇ ହେବା ଆରମ୍ଭ ହେବା ମାତ୍ରେ ସମଗ୍ର ପିଠିରେ ଏଇ ପ୍ରଭାବ ଅନୁଭୂତ ହୁଏ। ବିଶେଷକରି ଖରାଦିନେ ଏଇ ଉପସର୍ଗ ଅଧିକ ହୁଏ ଯେତେବେଳେ ଝାଳ ବାହାରି ଘିମିରି ଉଠେ। ଏଇ ଘିମିରି ବାହାରିଲେ କୁଣ୍ଡେଇ ହେବା ରୋଗ ଆପେ ଆପେ ବାହାରେ। ପିଠି କୁଣ୍ଡେଇହେବା ଏପରି ଏକ ଉପସର୍ଗ ଯାହାକୁ କେହି ନ୍ୟୂନ ଭାବରେ ଦେଖୁ ନ ଥିଲେ; କିନ୍ତୁ ପିଠି କୁଣ୍ଡେଇହେବାକୁ ଅନେକ ସମୟରେ ଥଟ୍ଟାରେ କୌଣସି ଦଣ୍ଡବିଧାନ ପୂର୍ବର ଅବସ୍ଥା ଭାବରେ କହୁଥିଲେ, ଯେମିତି କେହି ପାଠ ପ୍ରସ୍ତୁତି ନ କରିଥିଲେ ତାଙ୍କୁ କୁହାଯାଉଥିଲା, ତୋ ପିଠି କୁଣ୍ଡେଇ ହେଉଛି କି ? ଅର୍ଥାତ୍ ତୋତେ ଆଜି ଅପେକ୍ଷା କରିଛି ଅବଧାନଙ୍କ ବେତ। ଯଦି କେହି ଗୁରୁଜନ କୌଣସି ଦାୟିତ୍ୱ ସାନମାନଙ୍କୁ ଦେଇଥାନ୍ତି ଓ ତାହା ଅନୁପାଳନ ହୋଇ ନ ଥିବାର ତାଙ୍କ ଦୃଷ୍ଟିକୁ ଆସେ ତା'ହେଲେ କାଳ ବିଳମ୍ବ ନ କରି କହୁଥିଲେ, ତୋ ପିଠି କୁଣ୍ଡେଇ ହେଲାଣି କିରେ। ଅର୍ଥାତ୍ ତୁ କ'ଣ ଭୁଲିଯାଇଛୁ ତୋତେ ଅପେକ୍ଷା କରିଥିବା ଅବଶ୍ୟମ୍ଭାବୀ ଶାରୀରିକ ଦଣ୍ଡକୁ ? ଓଡ଼ିଆ ଭାଷାର ଏଇ ମହକ ଏଇ ମଧୁରତା କ୍ରମେ କମି କମି ଆସୁଛି। କାରଣ ଏହିପରି ଅନେକ କଥା ଅଛି ଯାହା ଆଉ ବ୍ୟବହାର ହେଉନାହିଁ।



ଗୋଟିଏ ଭାଷା ଓ ସାହିତ୍ୟ ଋଦ୍ଧିମନ୍ତ ହୁଏ ଯଦି ତାହା ଲେଖାହେବା, କହିବା, ପଢ଼ିବା ଆଦି ସବୁଥିରେ କ୍ରମାଗତ ଭାବରେ ବ୍ୟବହାର ହୁଏ। ଓଡ଼ିଶାର ଭାଷା ଓଡ଼ିଆ। ଏହା ପୁଣି ଏକ ଶାସ୍ତ୍ରୀୟ ଭାଷାର ମାନ୍ୟତା ପାଇଛି; ମାତ୍ର ଓଡ଼ିଆ କହୁଥିବା ଲୋକଙ୍କ ସଂଖ୍ୟା ଦ୍ରୁତ ଗତିରେ କମିଯାଉଛି। କଥିତ ଓଡ଼ିଆ ଭାଷାର ବ୍ୟବହାର କ୍ରମଶଃ କମି କମି ଯିବା ଏଇ ଭାଷା ପାଇଁ ସୁଖବର ନୁହେଁ ନିଶ୍ଚିତ। କେତେକ ଜାଗାରେ ବିଦେଶୀ ଭାଷାକୁ ପ୍ରାଧାନ୍ୟ ଦିଆଯାଉଛି ଏଇଥିପାଇଁ ଯେ ତାହା କୁଆଡ଼େ ନିୟୋଜନର ଭାଷା ପାଲଟିଛି। ନିଜ ମାତୃଭାଷା ଏପରି ଗୋଟିଏ ଭାଷା ଯେଉଁଥିରେ ଜଣେ କେବଳ ସହଜରେ ନିଜକୁ ପ୍ରକାଶ କରିପାରେ ନାହିଁ; ମାତ୍ର ନିଜର ଭାବନା ବେଳେ ଏଇ ଭାଷାଟି ଆପେ ଆପେ ତା' ମନକୁ ଚାଲିଆସେ। ଲୋକକଥାରେ ଥିବା ଭାଷା ଭିତରେ ଯେଉଁ ମହକ ଅଛି ଲିଖିତ ଭାଷାରେ ସେଇ ମହକ କ୍ୱଚିତ ଦେଖିବାକୁ ମିଳେ।

ପିଠି ମାନବ ଶରୀରର ଗୋଟାଏ ଉପାନ୍ତ ଇଲାକା। ସେଇଠି ବିଶେଷ ନଜର ପଡ଼େନି ଆଖିର। ତା' ଉପରେ ସବୁଦିନ ତେଲ ସାବୁନ ବାଜେନି; ମାତ୍ର ଆପାତତଃ ସମତଳ ହୋଇଥିବାରୁ ଚିତ୍ ହୋଇ ଶୋଇଲେ ତାହା ଭୂମିର ଭୂମିକା ତୁଲାଏ ଆଉ କେହି ଆକ୍ରମଣକାରୀ ପଛରୁ ଆକ୍ରମଣ କଲେ ସବୁ ଜୁଲମ ତାରି ଉପରେ ଛିଡ଼େ। ଅନେକ ଦିନ ତଳେ ପଢ଼ିଥିଲି ଜଣେ କବିଙ୍କର କବିତାଟିଏ। କବିତାଟି ମନେ ନାହିଁ; ମାତ୍ର ପଂକ୍ତିଟି ମନେ ରହିଯାଇଛି। ଯେଉଁଠି ସେ ସହରର ପିଚୁ ରାସ୍ତାକୁ ଆଦିବାସୀ ଯୁବତୀର ପିଠି ପରି କଳା ବୋଲି କହିଥିଲେ। କେତେ ଆଦିବାସୀଙ୍କର ପିଠି ଓ କାନ୍ଧରେ ଢେରାମାରି କେତେ ରାସ୍ତା ଖଣି ଖାଦାନ ତିଆରି ହେଉଥିଲେ ଆଗ। ଏବେ ଅବଶ୍ୟ ଯନ୍ତ୍ରପାତି ବୁହାବୁହିରେ ମଣିଷର କାନ୍ଧ ଆଉ ପିଠିର ଦାୟିତ୍ୱ ନେଲେଣି।

କେହି ଜଣେ କବି ପୁଣି କେବେ କହିଥିଲେ, ଯାହାର ପିଠି ଫୁଙ୍ଗୁଳା ସେ କୁଆଡ଼େ ସବୁଠୁ ଖୁସିରେ ଥିବା ଲୋକ। ତା'ହେଲେ ଯେଉଁମାନେ ସବୁବେଳେ କୋର୍ଟ ବା ତତ୍ ଜାତୀୟ ଦୁର୍ମୂଲ୍ୟ ପୋଷାକରେ ନିଜର ପିଠିକୁ ଘୋଡ଼ାଇ ରଖୁଛନ୍ତି ସେମାନେ କ'ଣ ଦୁଃଖରେ ଶଢୁଥିବା ସଜ୍ଜନ। ଏହି ପ୍ରଶ୍ନର କ'ଣ ବା ଉତ୍ତର ଅଛି ?

ମୁଁ ଗାଁରୁ ଫେରିଲାବେଳେ ମୋ ମା କହନ୍ତି, ତୁ ଯେଉଁମାନଙ୍କ ସହିତ କାମ କରୁଛୁ ତାଙ୍କର ପେଟ ପିଠିକୁ ଦେଖୁଥିବୁ। ଅବଶ୍ୟ ଏଇ ଦେଖିବା ଖାଲି ଆଖିରେ ଦେଖିବା କଥା ନୁହେଁ। ସେମାନେ ଉତ୍ତମ ଖାଉଛନ୍ତି କି ନା ଉତ୍ତମ ପରିଧାନ କରୁଛନ୍ତି କି ନା, ସେସବୁ ଉପରେ ଦୃଷ୍ଟି ଦେବାକୁ କହୁଥିଲେ। ଏଇ ଦୁଇଟି ଉପରେ ଯିଏ ସଯତ୍ନ ଦୃଷ୍ଟିରଖେ ତାଙ୍କ ପାଖରେ କାମ କରୁଥିବା ଲୋକେ ଅଧିକାଂଶ ସମୟରେ କୃତଜ୍ଞ ରହନ୍ତି।

ପିଠି ଆମର ବାରିପଟ। ସଦର ମଫସଲ ପରି ସେ ଆମ ପରିଚୟର ଅନ୍ତଃପୁର। ତାକୁ ଛାଡ଼ି ହୁଏନା, ତା' ପ୍ରତି ଅଯତ୍ନ ନୁହେଁ ବରଂ ଦରକାର ଏକ ସସ୍ନେହ ଦୃଷ୍ଟିଭଙ୍ଗୀ। କାରଣ ବିପଦ ବେଳେ ସେ ହିଁ କଷଣ ସହେ, ଲାତ ଖାଏ। ଅନେକ ସମୟରେ ଉପାନ୍ତ ଅଞ୍ଚଳରେ ବିଦ୍ରୋହ ଜନ୍ମ ନିଏ। ତେଣୁ ଦୂରବର୍ତ୍ତୀ ଅଞ୍ଚଳ ପ୍ରତି ଅଧିକ ଯତ୍ନର ଆବଶ୍ୟକତା ରହିଛି। ତା' ପାଇଁ ଅନାଗ୍ରହ ଡାକି ଆଣିପାରେ ବିପଦର ଶକୁନିକୁ।

**ମୋ : ୯୪୩୮୪୮୨୯୧୧**

## ଏଇ ଭାରତରେ

ବହୁ ସମୟରେ ପେସା ଅପେକ୍ଷା ଜଣେ ବ୍ୟକ୍ତିର କାର୍ଯ୍ୟ ପ୍ରତି ନିଶା ତାକୁ ଏକ ସ୍ୱତନ୍ତ୍ର ପରିଚିତି ଦେଇଥାଏ। ଏଭଳି ବ୍ୟକ୍ତି ହେଉଛନ୍ତି କେରଳର ଇଞ୍ଜିନିୟର ଏଜିକିଲ ପୌଲୋସେ। ସ୍ଥପତି ଭାବେ କାର୍ଯ୍ୟରତ ପୌଲୋସେ ସେଥିରୁ ସମୟ ବାହାର କରି ୫୦୦ ପ୍ରକାର ଔଷଧୀୟ ବୃକ୍ଷ ସଂଗ୍ରହ କରି ଘରେ ରଖିଛନ୍ତି। ଘର ଓ ତା'ଚାରିପାଖ ଔଷଧୀୟ ଗଛର ବଗିଚା ପାଲଟିଯାଇଛି। ଏହି ବଗିଚା ୪ ଏକର ଜମିରେ କରିଛନ୍ତି। ପୌଲୋସେଙ୍କୁ ବୟସ ଏବେ ୪୦। ୧୫ ବର୍ଷ ପୂର୍ବରୁ ସେ ଔଷଧୀୟ ଗଛ ସଂଗ୍ରହ କରିବା ଆରମ୍ଭ କରିଥିଲେ । ସେ ଯେଉଁଆଡେ କାମ କରିବାକୁ ଯାଆନ୍ତି ସେହିସବୁ ଅଞ୍ଚଳରୁ ଗଛ ସଂଗ୍ରହ କରିଥାନ୍ତି କିମ୍ବା କିଣିଆଣନ୍ତି। ବଗିଚା ଦେଖାରଖା କାର୍ଯ୍ୟରେ ତାଙ୍କ ପରିବାର ସଦସ୍ୟମାନେ ସାହାଯ୍ୟ କରୁଛନ୍ତି। ପୌଲୋସେ କହନ୍ତି, ପରିବାର ତିନି ପିଢ଼ି ହେଲା ଚାଷ କରୁଥିବାରୁ କୃଷି ପ୍ରତି ଆକର୍ଷଣ ରହିଥିଲା, ଯାହା ତାଙ୍କୁ ଏହି କାର୍ଯ୍ୟ କରିବାକୁ ପ୍ରେରିତ କରିଥିଲା ।

## ୨୫ ବର୍ଷ ତଳର ଧରିତ୍ରୀ

୨୫ ଏପ୍ରିଲ ୧୯୯୮

- ଗଣହତ୍ୟାକାଣ୍ଡ ପାଇଁ ଅଭିଯୁକ୍ତ ସମସ୍ତ ୨୨ ଜଣଙ୍କୁ ରୁଆଣ୍ଡାର ଫାୟାରିଂ ସ୍କ୍ୱାଡ୍ ଗୁଳିକରି ହତ୍ୟା କରିଛନ୍ତି।
- ବାଂଲାଦେଶରେ ଝଡ଼ବର୍ଷା ଓ ପ୍ରବଳ ବର୍ଷ ହେବା ଫଳରେ ୨୬ ଜଣଙ୍କ ମୃତ୍ୟୁ।
- ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ତଥା ସାହିତ୍ୟିକ ବଳରାମ ମହାନ୍ତିଙ୍କ ୮୪ ବର୍ଷ ବୟସରେ ପରଲୋକ।

## ଚିରନ୍ତନୀ

ବହୁ ସାଧନାର ଫଳେ ସଞ୍ଚିଗଲ
ଯେ ସବୁ ବିଧାନ
ସମାଜର ସ୍ତରେ ସ୍ତରେ ଗୁନ୍ଥିଲ ଯେ
କ୍ରିୟା ଅନୁଷ୍ଠାନ।
-(ପ୍ରାଚୀନ ଓ ନବୀନ)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

# ପାଠକ ଶ୍ରେଷ୍ଠ ବିଚାରକ

## ପ୍ରାକୃତିକ ବିପର୍ଯ୍ୟୟ ପାଇଁ ପ୍ରଶିକ୍ଷଣ କୁଆଡ଼େ ଗଲା

ମହାଶୟ,

ପ୍ରତ୍ୟେକ ବର୍ଷ ଓଡ଼ିଶା ବନ୍ୟା, ବାତ୍ୟା, ମରୁଡ଼ି ଭଳି ପ୍ରାକୃତିକ ବିପର୍ଯ୍ୟୟର ସମ୍ମୁଖୀନ ହେଉଛି। ତେଣୁ ପ୍ରାକୃତିକ ବିପର୍ଯ୍ୟୟ ସହ ମହାମାରୀ ମୁକାବିଲା ନେଇ ଛାତ୍ରୀଛାତ୍ରଙ୍କୁ ଶିକ୍ଷା ଦିଆଯିବା ଲାଗି ସ୍କୁଲ, କଲେଜ ପାଠ୍ୟକ୍ରମରେ ଏହାକୁ ସାମିଲ କରାଯିବ ବୋଲି ରାଜ୍ୟ ସରକାର ନିଷ୍ପତ୍ତି ନେଇଥିଲେ। ୨୦୨୧ ମେ' ୨୯ରେ ରାଜ୍ୟ ମନ୍ତ୍ରୀ ପରିଷଦ ବୈଠକରେ ପ୍ରାକୃତିକ ବିପର୍ଯ୍ୟୟ ଓ ମହାମାରୀ ମୁକାବିଲା ନେଇ ଏକ ସଂକଳ୍ପ ପାରିତ କରାଯାଇଥିଲା। ଏହି ନିଷ୍ପତ୍ତିକୁ ଦେଢ଼ବର୍ଷ ବିତିବାକୁ ବସିଲାଣି। ମାତ୍ର ଏ ନେଇ ସେଭଳି କିଛି ପଦକ୍ଷେପ ନିଆଯାଇପାରିନାହିଁ। ପ୍ରଶିକ୍ଷଣ ପାଇ ପ୍ରାଥମିକ ସ୍କୁଲ ଓ କଲେଜ ଛାତ୍ରୀଛାତ୍ରମାନେ ପ୍ରାକୃତିକ ବିପର୍ଯ୍ୟୟ ବିଷୟରେ ଜ୍ଞାନ ଆହରଣ କରିବେ। ଏହି ମିଶନକୁ ଆଗେଇ ନେଇ ଓଡ଼ିଶାକୁ ପ୍ରାକୃତିକ ବିପର୍ଯ୍ୟୟ ଓ ମହାମାରୀ ନିରୋଧୀ ରାଜ୍ୟ ଭାବେ ଗଢ଼ି ତୋଳିବା ସକାଶେ ଏକ ଟାସ୍କଫୋର୍ସ ଗଠନ କରାଯିବ। ଭବିଷ୍ୟତରେ ସର୍ବବୃହତ୍ ପ୍ରସ୍ତୁତି ହେବ ବୋଲି ସରକାର ଲକ୍ଷ୍ୟ ରଖିଛନ୍ତି। ତେବେ ବିଭାଗୀୟ ଉଦାସୀନତା ଯୋଗୁ ରାଜ୍ୟ ସରକାରଙ୍କ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି କେବଳ ଘୋଷଣାରେ ସୀମିତ ରହିଛି।

**-ବାଦଲ ଭୂୟାଁ, ୭ ଏକ୍ସଟେନ୍‌ସନ ରୋଡ୍, ପୁରୁଣା ସୋନାରୀ, ଜାମସେଦପୁର**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ବିଲ୍‌କୁ ଶୀଘ୍ର ମଞ୍ଜୁରୀ ଦିଅନ୍ତୁ ରାଜ୍ୟପାଳ: ସୁପ୍ରିମକୋର୍ଟ

ନୂଆଦିଲ୍ଲୀ,୨୪।୪: ସମ୍ବିଧାନର ଅନୁଚ୍ଛେଦ ୨୦୦ ଅନୁଯାୟୀ ବିଧାନସଭା ଦ୍ୱାରା ଗୃହୀତ ବିଲ୍‌କୁ ରାଜ୍ୟପାଳମାନେ ଯଥାସମ୍ଭବ ମଞ୍ଜୁରୀ ପ୍ରଦାନ କରିବା ଆବଶ୍ୟକ। ରାଜ୍ୟପାଳ ଚାହିଁଲେ ବିଲ୍‌କୁ ମଞ୍ଜୁରୀ ଦେଇପାରିବେ, ଖାରଜ କରିପାରିବେ କିମ୍ବା କେତେକ କ୍ଷେତ୍ରରେ ରାଷ୍ଟ୍ରପତିଙ୍କ ବିଚାର ପାଇଁ ପଠାଇପାରିବେ। ତେବେ ଏହାକୁ ଦୀର୍ଘଦିନ ଅଟକାଇପାରିବେ ନାହିଁ ବୋଲି ସୁପ୍ରିମକୋର୍ଟ ସୋମବାର ଟିପ୍ପଣୀ ଦେଇଛନ୍ତି। ତେଲଙ୍ଗାନା ବିଧାନସଭାରେ ଗୃହୀତ ହୋଇଥିବା ୧୦ଟି ବିଲ୍‌କୁ ରାଜ୍ୟପାଳ ତାମିଲିସାଇ ସୌନ୍ଦରାରାଜନ ଅଟକାଇ ରଖିଥିବାରୁ ଏହା ବିରୋଧରେ ରାଜ୍ୟ ସରକାର ସର୍ବୋଚ୍ଚ ଅଦାଲତଙ୍କ ଦ୍ୱାରସ୍ଥ ହୋଇଥିଲେ।

## ଦ୍ୱିତୀୟ ପର୍ଯ୍ୟାୟ ସାକ୍ଷ୍ୟ ଗ୍ରହଣ

**କ୍ୟାମେରାମ୍ୟାନ ମାନସ ସ୍ୱାଇଁ ହତ୍ୟା ମାମଲା**

ଭଦ୍ରକ ଅଫିସ, ୨୪।୪: ବହୁଚର୍ଚ୍ଚିତ କ୍ୟାମେରାମ୍ୟାନ ମାନସ ସ୍ୱାଇଁ ହତ୍ୟା ମାମଲାରେ ଭଦ୍ରକ ଜିଲା ଦୌରାଜଜ୍ କୋର୍ଟରେ ସୋମବାର ଦ୍ୱିତୀୟ ପର୍ଯ୍ୟାୟ ସାକ୍ଷ୍ୟ ଗ୍ରହଣ କରାଯାଇଛି। ପ୍ରଥମ ସାକ୍ଷୀ ବାଂଶଡ଼ା ଥାନା ଅଧୀନ ସଦାନନ୍ଦପୁର ଗ୍ରାମର ଦେବାଶିଷ ଜେନାଙ୍କଠାରୁ ଦ୍ୱିତୀୟ ପର୍ଯ୍ୟାୟ ସାକ୍ଷ୍ୟ ଗ୍ରହଣ ହୋଇଛି। ଅଭିଯୁକ୍ତ ଶର୍ମିଷ୍ଠା ରାଉତ, ସହଯୋଗୀ ଝୁନା ଭୋଇ, କୃଷ୍ଣଚନ୍ଦ୍ର ନାୟକ ଓ ଭାଗ୍ୟଧର ନାୟକ ଏବେ ଭଦ୍ରକ ଜେଲ୍‌ରେ ବିଚାରାଧୀନ ବନ୍ଦୀ ଭାବେ ଅଛନ୍ତି। ସେମାନଙ୍କୁ କଡ଼ା ସୁରକ୍ଷା ମଧ୍ୟରେ ଜେଲରୁ ଆଣି କୋର୍ଟରେ ହାଜର କରାଯାଇଥିଲା। ସେହିପରି ବେଲ୍‌ରେ ଯାଇଥିବା ଅଭିଯୁକ୍ତ ରାଜ୍ୟ ସୂଚନା ଓ ଲୋକସମ୍ପର୍କ ବିଭାଗର ପୂର୍ବତନ ବୈଷୟିକ ନିର୍ଦ୍ଦେଶକ ନିରଞ୍ଜନ ସେଠୀ ମଧ କୋର୍ଟରେ ହାଜର ହୋଇଥିଲେ। ଅଭିଯୁକ୍ତଙ୍କ ଓକିଲମାନେ ଦେବାଶିଷଙ୍କୁ ଅନେକ ପ୍ରଶ୍ନ ପଚାରି ଥିବାବେଳେ ସେ ଠିକ୍ ଭାବେ ଉତ୍ତର ଦେଇଥିବା ସରକାରୀ ଓକିଲ ପ୍ରଦୀପ୍ତ କୁମାର ସାମଲ କହିଛନ୍ତି।

## ଶିକ୍ଷକ ବାପ, ପୁଅଙ୍କ ସମେତ ୪ ଗିରଫ

- ଆନ୍ତଃରାଜ୍ୟ ଜାଲ୍ ସାର୍ଟିଫିକେଟ୍ କାରବାରର ପର୍ଦ୍ଦାଫାଶ
- ନକଲି ସାର୍ଟିଫିକେଟ୍, ବ୍ୟାଙ୍କ ଖାତା, ମୋବାଇଲ ଜବତ

ବ୍ରହ୍ମପୁର ଅଫିସ,୨୪।୪

ବ୍ରହ୍ମପୁର ପୋଲିସ ଏକ ଆନ୍ତଃରାଜ୍ୟ ଜାଲ୍ ସାର୍ଟିଫିକେଟ୍ କାରବାରର ପର୍ଦ୍ଦାଫାଶ କରିଛି। ନକଲି ସାର୍ଟିଫିକେଟ୍ ପ୍ରଦାନ କରୁଥିବା ଏକ ର୍ୟାକେଟକୁ ଧରିଛି। ଏହି ର୍ୟାକେଟର ମାଷ୍ଟରମାଇଣ୍ଡ ଶିକ୍ଷକ, ତାଙ୍କ ଡାକ୍ତରୀ ପଢୁଆ ପୁଅଙ୍କ ସମେତ ୪ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ଖଲ୍ଲିକୋଟ ଥାନା ଲଙ୍ଗଳେଶ୍ୱର ଗ୍ରାମର ଦୈତାରି ବେହେରା(୫୨), ତାଙ୍କୁ ସହଯୋଗ କରୁଥିବା ତାଙ୍କ ଡାକ୍ତରୀ ପଢୁଥିବା ପୁଅ ଅମୃତ ପ୍ରସାଦ ବେହେରା (୨୫), ଢେଙ୍କାନାଳ ଜିଲା ଟାଉନ ଥାନା ଅଞ୍ଚଳର ପ୍ରଶାନ୍ତ କୁମାର ସାହୁ (୩୯) ଓ କଟକ ମଙ୍ଗଳାବାଗ ଥାନା ଅଞ୍ଚଳର କିଶୋର କୁମାର ବେହେରା(୫୨)। ମାମଲା ନମ୍ବର ୧୧୩/୨୩ରେ ଗିରଫ ପରେ ଏମାନଙ୍କୁ ସୋମବାର କୋର୍ଟ ଚାଲାଣ କରାଯାଇଛି। ଦୈତାରି ଖଲ୍ଲିକୋଟ ବ୍ଲକ ଦେବୀଝର ଉଚ୍ଚବିଦ୍ୟାଳୟରେ ଶିକ୍ଷକତା କରୁଥିଲେ, କିନ୍ତୁ କୌଣସି କାରଣ ପାଇଁ ନିଲମ୍ବିତ ହୋଇଛନ୍ତି।

ପ୍ରକାଶ ଯେ, ପ୍ରଶାନ୍ତ କୁମାର ସାହୁ ଢେଙ୍କାନାଳରେ ଏକ ଜେରକ୍ସ ସେଣ୍ଟର୍ ଖୋଲିଥିଲେ। ସେ ସେହି ଦୋକାନରେ କମ୍ପ୍ୟୁଟର ଦ୍ୱାରା ନକଲି ସାର୍ଟିଫିକେଟ୍ ପ୍ରସ୍ତୁତ କରୁଥିଲେ। କିଶୋର କୁମାର ବେହେରା ସାର୍ଟିଫିକେଟ୍ ପ୍ରସ୍ତୁତ ପାଇଁ ଆବଶ୍ୟକ



ଗିରଫ ଅଭିଯୁକ୍ତମାନେ।

କାଗଜ କଟକରୁ ପଠାଉଥିଲେ ବୋଲି ସୋମବାର ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ବ୍ରହ୍ମପୁର ଏସ୍‌ପି ଡ. ଶ୍ରବଣା ବିବେକ ଏମ୍. ସୂଚନା ଦେଇଛନ୍ତି। ପ୍ରଶାନ୍ତଙ୍କ ଘର ଓ ଦୋକାନରୁ ବିପୁଳ ପରିମାଣର ମାଟ୍ରିକ୍‌ଠାରୁ ଆରମ୍ଭ କରି +୨ ସାର୍ଟିଫିକେଟ୍, ଧନ୍ଦାମୂଳକ ଶିକ୍ଷା, ଇଞ୍ଜିନିୟରିଂ, ହୋମିଓପାଥି ଡାକ୍ତରୀ ସାର୍ଟିଫିକେଟ୍, ଏପରିକି ଆନ୍ଧ୍ରର ବିଭିନ୍ନ ବିଶ୍ୱବିଦ୍ୟାଳୟ ଓ କଲେଜର ବିଏଡ୍ ସାର୍ଟିଫିକେଟ୍, ଛତିଶଗଡ଼ର ମାଟ୍ରିକ୍ ସାର୍ଟିଫିକେଟ ଆଦି ଜବତ କରାଯାଇଛି। ଏଥିସହ ବିଭିନ୍ନ ଶିକ୍ଷାନୁଷ୍ଠାନର ଲୋଗୋ, ଅଧିକାରୀଙ୍କ ଷ୍ଟାମ୍ପ, କମ୍ପ୍ୟୁଟର, ହାର୍ଡଡିସ୍କ ଓ ପ୍ରିଣ୍ଟର୍ ଆଦି ପୋଲିସ ଜବତ କରିଛି। ସେହିପରି ଦୈତାରିଙ୍କ ଗୋଟିଏ ବ୍ୟାଙ୍କ ଆକାଉଣ୍ଟକୁ ମଧ ପୋଲିସ ଫ୍ରିଜ୍ କରିଥିବା ସୂଚନା ଦିଆଯାଇଛି।

ସୂଚନାଯୋଗ୍ୟ, ଗୋଷାଣୀନୂଆଗାଁ ଥାନା ଅଞ୍ଚଳରେ ଥିବା ଏକ ଘରୋଇ ଶିକ୍ଷାନୁଷ୍ଠାନରେ ଶିକ୍ଷକତା କରୁଥିବା ମନୋରଞ୍ଜନ ଗୌଡ଼ ଅଭିଯୁକ୍ତ ଦୈତାରିଙ୍କ ସହଯୋଗରେ ଆନ୍ଧ୍ରପ୍ରଦେଶର ଗୁଣ୍ଟୁରସ୍ଥିତ ଆଚାର୍ଯ୍ୟ ନାଗାର୍ଜୁନ ବିଶ୍ୱବିଦ୍ୟାଳୟରେ ବିଏଡ୍ ପାଇଁ ତାଙ୍କ ସ୍ତ୍ରୀଙ୍କ ନାମ ଲେଖାଇଥିଲେ। ୨୦୧୯ରେ ତାଙ୍କର ବିଏଡ୍ ପାଠ୍ୟକ୍ରମ ଶେଷ ହୋଇଥିଲା। କିନ୍ତୁ ସାର୍ଟିଫିକେଟ୍ ଦେବା ପରିବର୍ତ୍ତେ ସେ ନାନା ବାହାନା କରୁଥିଲେ। ମନୋରଞ୍ଜନ ନିଜେ ବିଶ୍ୱବିଦ୍ୟାଳୟ ଯାଇ ସାର୍ଟିଫିକେଟ୍ ଆଣିବାକୁ କହିବାରୁ, ଦୈତାରି ଏହାକୁ ବାରଣ କରିବା ସହ ୪ଟି ସେମିଷ୍ଟର ପରୀକ୍ଷାଫଳ ଓ ପ୍ରୋଭିଜନାଲ୍ ସାର୍ଟିଫିକେଟ୍ ଦେଇଥିଲେ। ଏସବୁ ବାବଦରେ ମନୋରଞ୍ଜନଙ୍କଠାରୁ ସେ ଲକ୍ଷାଧିକ ଟଙ୍କା ନେଇଥିଲେ। କିନ୍ତୁ ଏହି ସାର୍ଟିଫିକେଟକୁ ନେଇ ସନ୍ଦେହ ହେବାରୁ ମନୋରଞ୍ଜନ ଗୁଣ୍ଟୁରରେ ଥିବା ବିଶ୍ୱବିଦ୍ୟାଳୟକୁ ଯାଇ ଘଟଣା ସମ୍ପର୍କରେ ବୁଝିବାରୁ, ତାଙ୍କ ସ୍ତ୍ରୀଙ୍କ ପ୍ରଥମ ଓ ତୃତୀୟ ସେମିଷ୍ଟର ପରୀକ୍ଷାଫଳ ସ୍ଥଗିତ (ଉଇଥ୍‌ହେଲ୍ଡ) ହୋଇଛି। ତାଙ୍କୁ ଯେଉଁ ପ୍ରୋଭିଜନାଲ୍ ସାର୍ଟିଫିକେଟ୍ ଦିଆଯାଇଛି ତାହା ନକଲି। ସେ ଠକେଇର ଶିକାର ହୋଇଥିବା ଜାଣିବାକୁ ପାଇ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଏ ସଂକ୍ରାନ୍ତରେ ଏକ ମାମଲା ରୁଜୁ କରି ଏହି ଘଟଣାର ତଦନ୍ତ ଆରମ୍ଭ କରିବା ପରେ ଏହାର ପର୍ଦ୍ଦାଫାଶ ହୋଇଥିଲା।

## ୧୨ ଜିଲା ଶିକ୍ଷା ଅଧିକାରୀଙ୍କୁ ପ୍ରାଥମିକ ଶିକ୍ଷା ନିର୍ଦ୍ଦେଶାଳୟର ରିମାଇଣ୍ଡର

**ଜାଲ୍ ସାର୍ଟିଫିକେଟ ମାମଲା**

ବଲାଙ୍ଗୀର ଅଫିସ, ୨୪।୪

ବଲାଙ୍ଗୀର ଜିଲା ସମେତ ରାଜ୍ୟର ୧୨ଟି ଜିଲା ଶିକ୍ଷା ଅଧିକାରୀଙ୍କୁ ଜାଲ୍ ସାର୍ଟିଫିକେଟ ମାମଲା ସମ୍ପର୍କିତ ସୂଚନା ଏବଂ ତଥ୍ୟ ପ୍ରଦାନ କରିବାକୁ ପ୍ରାଥମିକ ଶିକ୍ଷା ନିର୍ଦ୍ଦେଶାଳୟ (ଡାଇରେକ୍ଟୋରେଟ୍ ଅଫ୍ ଏଲିମେଣ୍ଟାରୀ ଏଜୁକେଶନ୍) ପକ୍ଷରୁ ଦ୍ୱିତୀୟ ରିମାଇଣ୍ଡର (ସ୍ମରଣପତ୍ର) ଦିଆଯାଇଥିବା ଜଣାପଡିଛି। ଉକ୍ତ ନିର୍ଦ୍ଦେଶାଳୟଙ୍କ ଚିଠି ନମ୍ବର ୮୩୬୧/୨୧।୪।୨୩ ଜରିଆରେ ବଲାଙ୍ଗୀର, ଗଜପତି, ଗଞ୍ଜାମ, ଯାଜପୁର, କଳାହାଣ୍ଡି, କନ୍ଧମାଳ, କେନ୍ଦ୍ରପଡା, ମାଲକାନଗିରି, ନୟାଗଡ, ନୂଆପଡା, ପୁରୀ ଓ ରାୟଗଡା ଜିଲା ଶିକ୍ଷା ଅଧିକାରୀଙ୍କୁ ରିମାଇଣ୍ଡର ଦିଆଯାଇ ତାଗିଦା କରାଯାଇଛି। ଉକ୍ତ ଚିଠିରେ ଉଲ୍ଲେଖ କରାଯାଇଛି ଯେ, ପ୍ରାଥମିକ ଶିକ୍ଷା ନିର୍ଦ୍ଦେଶାଳୟ ପକ୍ଷରୁ ଉପରୋକ୍ତ ଜିଲାଗୁଡିକରେ କେତେ ଶିକ୍ଷକଙ୍କ ଜାଲ୍ ସାର୍ଟିଫିକେଟ ମାମଲା ରହିଛି ସେନେଇ ସୂଚନା ଏବଂ ତଥ୍ୟ ନିର୍ଦ୍ଦେଶାଳୟକୁ ଜଣାଇବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ତେବେ ଉପରୋକ୍ତ ଜିଲା ଶିକ୍ଷା ଅଧିକାରୀମାନେ କୌଣସି ସୂଚନା ନ ଦେବାରୁ ନିର୍ଦ୍ଦେଶାଳୟ ପକ୍ଷରୁ ଦ୍ୱିତୀୟ ଥର ରିମାଇଣ୍ଡର ଦିଆଯାଇଛି।

## ସୁଶାନ୍ତ ଧଳସାମନ୍ତଙ୍କୁ ସୁପ୍ରିମକୋର୍ଟରୁ ଜାମିନ

**ବଟି ଆଦାୟ ମାମଲା**

ନୂଆଦିଲ୍ଲୀ,୨୪।୪

ବଟି ଆଦାୟ ମାମଲାରେ ସୁଶାନ୍ତ ଧଳସାମନ୍ତଙ୍କୁ ସୁପ୍ରିମକୋର୍ଟ ସୋମବାର ଜାମିନ ମଞ୍ଜୁର କରିଛନ୍ତି। ଧଳସାମନ୍ତ ତାଙ୍କ ସହଯୋଗୀମାନଙ୍କ ଜରିଆରେ ବଟି ଆଦାୟ, ଟେଣ୍ଡର ଫିକ୍ସିଂ ଏବଂ ବାଲିଘାଟ ଲିଜ୍‌ରୁ କୋଟି କୋଟି ଟଙ୍କା ସଂଗ୍ରହ କରୁଥିଲେ। ଏନେଇ ୨୦୧୬ରେ କଟକର ଚାଉଳିଆଗଞ୍ଜ ଥାନାରେ ଧଳସାମନ୍ତଙ୍କ ବିରୋଧରେ ମାମଲା ରୁଜୁ ହୋଇଥିଲା। ଏକାଧିକ ଅପରାଧ ମାମଲାରେ ସେ ଏବେ ଜେଲରେ ଅଛନ୍ତି। ଜଷ୍ଟିସ କେ.ଏମ୍. ଜୋସେଫ୍ ଏବଂ ବି.ଭି. ନାଗରତ୍ନାଙ୍କ ଖଣ୍ଡପୀଠ ତାଙ୍କୁ ବଟି ଆଦାୟ ମାମଲାରେ ଜାମିନ ପ୍ରଦାନ କରିଥିବାବେଳେ ଅନ୍ୟ ଆବେଦନର ଶୁଣାଣିକୁ ଦୁଇ ସପ୍ତାହ ପାଇଁ ସ୍ଥଗିତ ରଖିଛନ୍ତି। ଧଳସାମନ୍ତଙ୍କ ପକ୍ଷରୁ ଆଇନଜୀବୀ ମଧୁସ୍ମିତା ବୋରା ଉପସ୍ଥିତ ରହି ସର୍ବୋଚ୍ଚ ଅଦାଲତଙ୍କୁ କହିଥିଲେ, ତାଙ୍କ ମହକିଲ ୭ ବର୍ଷ ଜେଲରେ ବିତାଇସାରିଲେଣି, ଯାହା ଏକ ବଟି ଆଦାୟ ମାମଲାରେ ସର୍ବାଧିକ ଦଣ୍ଡ। ପୂର୍ବରୁ ଧଳସାମନ୍ତ ଜାମିନ ପାଇଁ ଓଡ଼ିଶା ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ଗତବର୍ଷ ଅଗଷ୍ଟ ୧୧ରେ ହାଇକୋର୍ଟ ଉକ୍ତ ଆବେଦନକୁ ଖାରଜ କରିଦେଇଥିଲେ।

## ତାମିଲନାଡୁରେ ଓଡ଼ିଆ ଶ୍ରମିକଙ୍କ ମୃତ୍ୟୁ

ନନ୍ଦପୁର,୨୪।୪(ଡି.ଏନ୍.ଏ.): ତାମିଲନାଡୁରେ ଏକ ପଥର ଖାଦାନରେ କାର୍ଯ୍ୟ କରୁଥିବା ଜଣେ ଓଡ଼ିଆ ଶ୍ରମିକଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ କୋରାପୁଟ ଜିଲା ନନ୍ଦପୁର ବ୍ଲକ ହିକିମପୁଟ ପଞ୍ଚାୟତ ମାରଡ଼ା ଗ୍ରାମର ନରସିଂହ କଅଁର(୨୮)। ରବିବାର ଅପରାହ୍ଣରେ ନରସିଂହ ପଥର ଖାଦାନରେ କାମ କରୁଥିବା ବେଳେ ପଥର ତଳେ ଚାପି ହୋଇଯିବାରୁ ମୃତ୍ୟୁ ଘଟିଥିଲା। ନରସିଂହଙ୍କ ବାପା ସୀତାରାମ କଅଁର ଏହି ସୂଚନା ପାଇବା ପରେ ଜିଲା ଶ୍ରମ ବିଭାଗର ଅଧିକାରୀଙ୍କୁ ଜଣାଇଥିଲେ। ପରେ ଜିଲା ପ୍ରଶାସନ ତରଫରୁ ତାମିଲନାଡୁ ପ୍ରଶାସନ ସହ ଯୋଗାଯୋଗ କରାଯାଇ ସୋମବାର ଖାଦାନରୁ ମୃତଦେହ ବାହାର କରାଯାଇଛି। ସେଠାରେ ବ୍ୟବଚ୍ଛେଦ ପରେ ମୃତଦେହକୁ ମାରଡ଼ା ଗ୍ରାମକୁ ଅଣାଯିବା ପ୍ରକ୍ରିୟା ଆରମ୍ଭ ହୋଇଛି। ମୃତଦେହକୁ ଆମ୍ବୁଲାନ୍ସ ଯୋଗେ ପ୍ରଥମେ ବେଙ୍ଗାଲୁରୁ ବିମାନ ବନ୍ଦରକୁ ଅଣାଯିବ। ସେଠାରୁ ରାତି ୩ଟା ୩୦ରେ ବିମାନରେ ବିଶାଖାପାଟଣା ବିମାନ ବନ୍ଦରକୁ ଆସିବ। ସେଠାରେ ଅପେକ୍ଷା କରିଥିବା ଜିଲା ପ୍ରଶାସନର ଆମ୍ବୁଲାନ୍ସ ଯୋଗେ ନରସିଂହଙ୍କ ମୃତଦେହ ନିଜ ଗ୍ରାମ ମାରଡ଼ାକୁ ଅଣାଯିବା ବ୍ୟବସ୍ଥା ହୋଇଥିବା ଜିଲା ଶ୍ରମ ଅଧିକାରୀ ପ୍ରସନ୍ନ ପାଣିଗ୍ରାହୀ ସୂଚନା ଦେଇଛନ୍ତି। ମୃତଦେହ ପହଞ୍ଚିବା ପରେ ସରକାରୀ ସହାୟତା ଓ କାର୍ଯ୍ୟକରୁ ଥିବା ଖାଦାନ କର୍ତ୍ତୃପକ୍ଷଙ୍କ ସହ ଆଲୋଚନା କରାଯାଇ ପରିବାରକୁ କ୍ଷତିପୂରଣ ପ୍ରଦାନ କରାଯିବ ବୋଲି ଶ୍ରମ ଅଧିକାରୀ କହିଛନ୍ତି।

## ପ୍ରଶାସନିକ ଅଧିକାରୀ ହଟହଟା

- ଦଙ୍ଗାରେ ଆହତଙ୍କୁ ଆଣିବାକୁ ଯାଇଥିଲେ
- ଅପହରଣ ଉଦ୍ୟମ ପରେ ଦେଲେ କ୍ଷତିପୂରଣ
- ଏତେଦିନ କୁଆଡେ ଥିଲା ପ୍ରଶାସନ: ପୀଡିତ

ସମ୍ବଲପୁର,୨୪।୪(ବ୍ୟୁରୋ)

ସମ୍ବଲପୁର ହନୁମାନ ଜୟନ୍ତୀ ଶୋଭାଯାତ୍ରା ସମୟରେ ହୋଇଥିବା ଦଙ୍ଗାରେ ଆହତ ଯୁଯୁମୁରା ଥାନା ଭବାନୀପାଲି ଗ୍ରାମର ବିଶ୍ୱନାଥ ଶିଖାଙ୍କୁ ଆଣିବାକୁ ଯାଇ ସୋମବାର ପ୍ରଶାସନିକ ଅଧିକାରୀ ହଟହଟା ହୋଇଛନ୍ତି। ଘରକୁ ଆସିଥିବା ଅଧିକାରୀମାନଙ୍କୁ ଆହତ ବିଶ୍ୱନାଥ ବିଭିନ୍ନ ପ୍ରଶ୍ନ କରିଥିଲେ। ଏତେଦିନ କୁଆଡେ ଥିଲା ପ୍ରଶାସନ, ଆହତ ହୋଇ ଚିକିତ୍ସିତ ହେବା ସମୟରେ କାହାରି ଦେଖା ମିଳିଲା ନାହିଁ। ଦୀର୍ଘ ୧୦ଦିନ ପରେ କାହିଁକି ବଡବାବୁମାନେ ଆମ ଛୋଟ ଘରକୁ ଆସିଛନ୍ତି। ଦୁଃଖ ସମୟରେ ସହାୟତା କରିଥିଲେ ଭଲ ହୋଇଥାନ୍ତା। ମୋତେ କାହିଁକି ନେବାକୁ ଆସିଛନ୍ତି ବୋଲି ପ୍ରଶ୍ନ ପଚାରିଥିଲେ। ପରିବାର ଓ ପରିଜନ ମଧ ବିଶ୍ୱନାଥଙ୍କୁ ସମର୍ଥନ କରି ସମାନ କଥା କହିଥିଲେ। ଅଧିକାରୀମାନେ ବୁଝାଇ ତାଙ୍କୁ ଯୁଯୁମୁରା ତହସିଲଦାରଙ୍କ ଗାଡିରେ ବସାଇଥିଲେ। ହେଲେ ଭାଜପା କର୍ମକର୍ତ୍ତା ପହଞ୍ଚି ଗାଡିରୁ ବିଶ୍ୱନାଥଙ୍କୁ ଓହ୍ଲାଇଦେଇ ଗ୍ରାମରେ ଯାହା କହିବା କଥା କୁହନ୍ତୁ ବୋଲି କହିଥିଲେ। ଏଭଳି ସ୍ଥିତି ପ୍ରାୟ ୪ଘଣ୍ଟା ଧରି ଲାଗିରହିଥିଲା। ସଦର ଉପଜିଲାପାଳ ପ୍ରଭାଶ ଡନସେନା, ଏଡିଏମ୍ ଅଜାମ୍ବର ମହାନ୍ତି, ତହସିଲଦାର ଅଭିଷେକ ସାହୁ, ବିଡିଓ ନୀଳାମ୍ବର ମହାନନ୍ଦ, ସଦର ଏସ୍‌ଡିପିଓ ପ୍ରଦୀପ ସାହୁ, ଥାନା ଅଧିକାରୀ ରାଜକୁମାର ବିଶ୍ୱାଳ ପ୍ରମୁଖ ଅଧିକାରୀ ବିଶ୍ୱନାଥଙ୍କ ଘରକୁ ଯାଇଥିଲେ। ଶେଷରେ ବିଜେଡି ନେତାମାନେ ପହଞ୍ଚି ପରିବାର ସହିତ ଆଲୋଚନା କରି ସମାଧାନର ବାଟ ବାହାର କରିଥିଲେ। ରେଡକ୍ରସ୍ ପକ୍ଷରୁ ବିଶ୍ୱନାଥଙ୍କୁ ୧୫ ହଜାର ଟଙ୍କାର ଚେକ୍ ପ୍ରଦାନ କରାଯାଇଥିଲା । ଉପଜିଲାପାଳ ଡନସେନା କହିଥିଲେ, କ୍ଷତିପୂରଣ ବାବଦକୁ ୬ ଲକ୍ଷ ଟଙ୍କା ଦିଆଯିବ। ସେଥିପାଇଁ ଯାଞ୍ଚ କରାଯାଉଥିଲା। ଏହାସହ ତାଙ୍କ ସ୍ୱାସ୍ଥ୍ୟ ସମ୍ବନ୍ଧରେ ଜାଣିବା ପାଇଁ ଯାଇଥିଲେ ବୋଲି କହିଥିଲେ।

ଏହାକୁ ନେଇ ଭାଜପା ପକ୍ଷରୁ ଅଭିଯୋଗ କରାଯାଇଛି, ମଙ୍ଗଳବାର ଏସ୍‌ଟି କମିଶନ ସମ୍ବଲପୁର ଗସ୍ତ କରିବାର କାର୍ଯ୍ୟକ୍ରମ ରହିଛି। କମିଶନ ଆଗରେ ପୀଡିତ ସତ୍ୟ ଘଟଣା କହିଦେବା ଆଶଙ୍କା କରି ଆହତ ବିଶ୍ୱନାଥଙ୍କୁ ଅପହରଣ କରିବାକୁ ପ୍ରଶାସନ ଉଦ୍ୟମ କରୁଥିଲା। ପ୍ରଥମେ ଜଣେ ବିଜେଡି ନେତା ତଥା ବ୍ୟବସାୟୀଙ୍କ ଗୋଷ୍ଠୀର କେତେଜଣ ଯୁବକ ଆସି ବିଶ୍ୱନାଥଙ୍କୁ ଅପହରଣ କରିବାକୁ ଯୋଜନା କରିଥିଲେ। ଏହା ଜିଲା ପ୍ରଶାସନ ଇଙ୍ଗିତରେ ହୋଇଥିଲା। ଟଙ୍କା ଲୋଭ ଦେଖାଇ ସତ୍ୟକୁ ଚପାଇଦେବାକୁ ଉଦ୍ୟମ କରାଯାଉଛି।



ଆହତଙ୍କୁ ଚେକ୍ ପ୍ରଦାନ କରାଯାଉଛି।

ଦଙ୍ଗାରେ ପୀଡିତ ପରିବାରକୁ ସମବେଦନା ଜଣାଇବା ବଦଳରେ ଭୟଭୀତ କରାଯାଉଛି। ପ୍ରଥମେ ଭୟଭୀତ କରି ଅପହରଣ କରିବାକୁ ଯୋଜନା କରାଯାଇଥିଲା। ତାହା ବିଫଳ ହେବାରୁ ରେଡକ୍ରସ୍‌ରୁ କ୍ଷତିପୂରଣ ଦେଇ ସମାଧାନ କରିବାକୁ ପ୍ରଶାସନ ଯୋଜନା କରିଛି ବୋଲି ଦଳ ଅଭିଯୋଗ କରିଛି। ଭାଜପାର ମଣ୍ଡଳ ସଭାପତି ଓମ୍‌ପ୍ରକାଶ ବିଶ୍ୱାଳ, ସସ୍ମିତା ଦେହୁରି, ପରିକ୍ଷିତ ନାଏକ ଓ ବିଜେଡି ନେତା ବରୁଣ ଦେହୁରି ପ୍ରମୁଖ ଉପସ୍ଥିତ ଥିଲେ।


**PARADIP PORT AUTHORITY**
**E & M DEPARTMENT**
**PLANNING & DESIGN CELL**
No. EM/PD-11/2022/605 Date:20/04/2023
**CORRIGENDUM - II**

2nd CORRIGENDUM to e-Tender Call Notice (TCN) No.EM/PD-06/2023 issued vide No. EM/PD-11/2022/258, dt.14/02/2023 for the work "Implementation and Operation & Maintenance (O&M) of Port Access Control System".
The date and time of submission of tender are hereby extended as per the following schedule: (i) Document download end date : 21/05/2023; 18:00 Hrs. (ii) Bid submission end date : 21/05/2023, 18:00 Hrs. (iii) Last date of submission of cost of Tender document / Tender fee through NEFT/RTGS (as per Clause No.17 of ITB): 21/05/2023; 18:00 Hrs. (iv) Bid opening date: 22.05/2023; 16:00 Hrs.
The clarification to the pre-bid queries received from the prospective bidders will be uploaded shortly. Detailed Tender Document is available at the Website: https://eprocure.gov.in/eprocure/app for online bidding.
Sd/- Executive Engineer, Planning & Design Cell,
Electrical & Mechanical Department
PPA/PR/07/2022-23 Dt. 24/04/2023



**OFFICE OF THE PROJECT ADMINISTRATOR, I.T.D.A., RAIRANGPUR**
At: Rairangpur, W. No. 3, Mandirsahi, P.O.: Rairangpur,
Dist.: Mayurbhanj - 757043, Office No. 06794-222024
Email: paitdarrp@yahoo.in, itdargp@nic.in
Letter No. 405//2023-ITDARRP Dated, the 24.04.2023

**1st CORRIGENDUM NOTICE OF BID IDENTIFICATION No. 01/2023-24 OF ITDA, RAIRANGPUR**

No. CAD-300: The following changes have been made to the Bid Identification No. 01/2023-24 date 19.04.2023 which was published in daily Oriya Newspaper "DHARITRI" & "SAKALA" and in English Newspaper "THE TIMES OF INDIA" on date 21.04.2023. As per Office Memorandum, Amendment Rule-3 of Appendix - VIII of OPWD Code Vol-II of Letter No. Works-FA-MISCSB-0018-2022-12586/W, Bhubaneswar dated 9th Sept., 2022 the Class of Contractor as mentioned earlier in the Bid Identification No. 01/2023-24 dated 19.04.2023 of ITDA, Rairangpur has been modified against the Bid Identification Work Sl. No. 1, 2, 3, 4, 5, 10, 12, 13, 14, 15 & 16. The class of contractor read as 'C' & 'B' instead of 'D' & 'C'. Similarly the work Sl. No. 31 the Class of Contractor read as 'B' Class instead of 'C' & 'B' and Work Sl. No. 34 the Class of Contractor read as 'B' Class instead of 'D' & 'C' Class.
The above Bid Identification Clause No. 1 Work Sl. No. 61 cost of Bid document is read as Rs.2000/- instead of Rs.4000/-. The other terms & conditions are available in tender schedule remain unchanged.
All concerned be presume as modified to abvoe extent.
Sd./- Project Administrator
I.T.D.A., Rairangpur
OIPR-26041/11/0002/2324



झारखण्ड सरकार निदेशक का कार्यालय
राँची तंत्रिका मनोचिकित्सा एवं संबद्ध विज्ञान संस्थान (रिनपास)
काँके, राँची 834006 (झारखण्ड) फैक्स 0651&2450813 फोन 2450303
www.rinpas.nic.in, Directorrinpas@gmail.com & Director-rinpas@jharkhandmail.gov.in

आवश्यक सूचना

- दिनांक 19/04/2023 एवं दिनांक 20/04/2023 को आयोजित Walk-in Interview Advertisement No. DIR/26/01/2022-2023/Junior Engineer (Civil) को अपरिहार्य कारणो से स्थगित की जाती है।
- अगली तिथि की सूचना रिनपास वेबसाईट www.rinpas.nic.in पर दे दी जायेगी।

रिनपास पत्रांक 1023 दि0 18/04/2023
PR NO. 295149
ह/–
प्रभारी निदेशक
रिनपास, कॉंके, रॉंची।
PR 295763 RINPAS(23-24)D


## ରାଜ୍ୟରେ ବିଦ୍ୟୁତ୍ କାଟ୍ ନୁହେଁ, ଓଭରଲୋଡିଂ ପାଇଁ ପାୱାର ଟ୍ରିପ୍ କରୁଛି: ଶକ୍ତିମନ୍ତ୍ରୀ

ଭୁବନେଶ୍ୱର,୨୪।୪(ବ୍ୟୁରୋ)

ରାଜ୍ୟରେ ବିଦ୍ୟୁତ୍ କାଟ ହେଉନି। ଓଭରଲୋଡିଂ ପାଇଁ ପାୱାର ଲାଇନ ଟ୍ରିପ୍ କରିଯାଉଛି। ରାଜ୍ୟରେ ବିଦ୍ୟୁତ୍ ଯୋଗାଣର ଅଭାବ ନାହିଁ ବୋଲି ଶକ୍ତିମନ୍ତ୍ରୀ ପ୍ରତାପ ଦେବ ସୋମବାର କହିଛନ୍ତି। ପିକ୍ ପିରିୟଡରେ ରାଜ୍ୟରେ ୫,୬୦୦ ମେଗାୱାଟ ବିଜୁଳିର ଆବଶ୍ୟକତା ରହୁଛି। ଗତ ବର୍ଷ ଏହା ୫,୫୦୦ ମେଗାୱାଟ ରହିଥିଲା। ଅନେକ ଜାଗାରେ ଓଭରଲୋଡିଂ ଦ୍ୱାରା ପାୱାର ଲାଇନ ଟ୍ରିପ୍ ହୋଇଯାଉଛି। ବିଶେଷକରି ଭୁବନେଶ୍ୱର ଅଞ୍ଚଳରେ ଗୋଟିଏ ଥର ଲାଇନ ଟ୍ରିପ୍ ସଜାଡ଼ିବା ପାଇଁ ୩ରୁ ୪ ଘଣ୍ଟା ଲାଗୁଛି। ଗାଁ ଗହଳିରେ ଏହି ସମୟ ଆଉ ଟିକିଏ ଅଧିକ ନେଉଛି। କେମିତି ନିରବଚ୍ଛିନ୍ନ ବିଜୁଳି ଯୋଗାଇ ଦିଆଯିବ ସେ ନେଇ ସରକାର ଅବିରତ ଉଦ୍ୟମ ଜାରି ରଖିଛନ୍ତି। ଯେଉଁଠି ଲାଇନ କଟିଯାଇଛି, ତା'ର ଛିଣ୍ଡି ଯାଇଛି କି ଟ୍ରାନ୍ସଫର୍ମର ପୋଡ଼ିଯାଇଛି ଯଦି ସେଠି ଲୋକେ କହିବା ପରେ ବି କେହି ଅଧିକାରୀ ଯାଉନାହାନ୍ତି ସେଥିପାଇଁ ୨ ଦିନ ତଳେ ସବୁ ଅଧିକାରୀଙ୍କୁ ଡାକି ତାଗିଦ କରିଛୁ ବୋଲି ମନ୍ତ୍ରୀ କହିଛନ୍ତି। ଲୋ ଭୋଲଟେଜ କାରଣ ବୈଷୟିକ ତ୍ରୁଟି। ଯେଉଁଠି ଲାଇନ ଦୂର ବାଟରେ ଅଛି, ଟ୍ରାନ୍ସଫର୍ମର କାପାସିଟି ଓଭରଲୋଡ ଅଛି, ସେଠି ଲୋ ଭୋଲ୍‌ଟେଜ ହେଉଛି। ଏହାର ପ୍ରତିକାର କରାଯାଉଛି ବୋଲି ମନ୍ତ୍ରୀ କହିଛନ୍ତି ବୋଲି ମନ୍ତ୍ରୀ ପ୍ରତାପ ଦେବ କହିଛନ୍ତି।


GOVERNMENT OF ODISHA No. O-81
**OFFICE OF THE CHIEF CONSTRUCTION ENGINEER**
**CENTRAL RURAL WORKS CIRCLE, BHUBANESWAR**
No.1934 / Date: 19.04.2023
**"e" PROCUREMENT NOTICE FOR ROAD WORKS**

| | | |
|---|---|---|
| 1. | Name of the Work | Road Works |
| 2. | Total No. of Works | 03 Nos. of Road Work under CMRL, 02 Nos. of Road work under Improvement to Existing RD Road and 01 No. of road under RIDF for the year 2022-23 |
| 3. | Estimated Cost of the Work | Varies from Rs.73.69 lakhs to Rs.1326.75 lakhs |
| 4. | Class of Contractors | |
| | a) Estimated cost more than Rs.20.00 lakhs upto Rs.3.00 Crore | **B Class** (of Odisha PWD) or relevant Class of other licensing authorities |
| | b) Estimated cost more than Rs.1.00 Crore upto Rs.20.00 Crores | **A Class** (of Odisha PWD) or relevant Class of other licensing authorities |
| | c) Estimated cost more than Rs.6.00 Crores upto Rs.50.00 Crores | **Special Class** (of Odisha PWD) or relevant class of other licensing authorities |
| 5. | Period of Completion | As mentioned in Column - 7 of Annexure |
| 6. | Offered rates by bidder | The offered rate by the contractor shall be excluding GST |
| 7. | Other details | |

| Procurement Officer | Bid Identification No. | Availability of Tender Online for Bidding | | Date & time of opening of tender | |
|---|---|---|---|---|---|
| | | From | To | Technical Bid | Financial Bid |
| 1 | 2 | 3 | 4 | 5 | 6 |
| Chief Construction Engineer, Central Rural Works Circle, Bhubaneswar | Tender Online - C.C.14 of 2023 | 27.04.2023 at 11.00 A.M. | 15.05.2023 upto 5.00 P.M. | 16.05.2023 at 11.00 A.M. | To be intimated later on |

Further details can be seen from the website: **www.tendersodisha.gov.in**.
OIPR-25082/11/0002/2324
Sd./- Chief Construction Engineer,
Central Rural Works Circle, Bhubaneswar


## ମୃତ୍ୟୁ ପୂର୍ବରୁ ନିଶାରେ ଥିଲେ ଚିନ୍ମୟୀ: ଭିସେରା ରିପୋର୍ଟ

**ଭିସୁଟ୍ ପୁରାତନ ଛାତ୍ରୀ ମୃତ୍ୟୁ ଘଟଣା**

ସମ୍ବଲପୁର, ୨୪।୩(ବ୍ୟୁରୋ)

ସମ୍ବଲପୁର ବୁର୍ଲାସ୍ଥିତ ଭିସୁଟ୍‌ର ପୁରାତନ ଛାତ୍ରୀ ଚିନ୍ମୟୀ ପ୍ରିୟଦର୍ଶିନୀ ସାହୁଙ୍କ ପାଣିରେ ବୁଡି ମୃତ୍ୟୁ ଘଟିଥିଲା। ବ୍ୟବଚ୍ଛେଦ ରିପୋର୍ଟ ଓ ଡାଏଟମ୍ ରିପୋର୍ଟରେ ମଧ ଏହା ଉଲ୍ଲେଖ ଥିବା ପୋଲିସ କହିଥିଲା। ସୋମବାର ଭିସେରା ରିପୋର୍ଟକୁ ନେଇ ପୋଲିସ ସୂଚନା ଦେଇଛି। ଏସ୍‌ପି ବାତୁଲା ଗଙ୍ଗାଧର କହିଛନ୍ତି, ଚିନ୍ମୟୀ ମୃତ୍ୟୁ ପୂର୍ବରୁ ନିଶାଦ୍ରବ୍ୟ ସେବନ କରିଥିଲେ। ଭିସେରା ରିପୋର୍ଟରେ ଏହା ଉଲ୍ଲେଖ ରହିଛି। ତେବେ କୌଣସି ବିଷକ୍ରିୟା ହୋଇନାହିଁ। ପୂର୍ବରୁ ସେ ନିକଟସ୍ଥ ଏକ ହୋଟେଲରେ ନିଶା କରୁଥିବା ଭିଡିଓ ପୋଲିସର ହସ୍ତଗତ ହୋଇଥିଲା। ଏବେ ତାହା ସ୍ପଷ୍ଟ ହୋଇଛି। ହେଲେ ଚିନ୍ମୟୀ କିଭଳି ବୁର୍ଲା ଥାନା ପିସି ବ୍ରିଜ୍‌କୁ ଗଲେ। ପାଣିକୁ କିଏ ଠେଲିଦେଇଥିଲେ ନା ନିଜେ ପଡିଗଲେ, ଯଦି ସେ ଆତ୍ମହତ୍ୟା କରିଛନ୍ତି ତା'ହେଲେ ଏହାର କାରଣ ଓ ଏହା ପଛରେ କାହାର ହାତ ରହିଛି ସେ ନେଇ ତଦନ୍ତ କରାଯାଉଛି ବୋଲି ଏସ୍‌ପି ଗଙ୍ଗାଧର କହିଥିଲେ। ଅନ୍ୟପଟେ ଏହି ଘଟଣା ଏବେ ମଧ ରହସ୍ୟଘେରରେ ରହିଛି। ପାଣିରେ ବୁଡ଼ି ଚିନ୍ମୟୀଙ୍କ ମୃତ୍ୟୁ ଘଟିଥିବା ପୂର୍ବରୁ ଜଣାପଡୁଥିଲା। ଏ ନେଇ ପରିବାର କିମ୍ବା ସାଧାରଣ ଲୋକଙ୍କ ମନରେ ସନ୍ଦେହ ନ ଥିଲା। ହେଲେ ଯୋଜନାବଦ୍ଧ ଭାବେ ଚିନ୍ମୟୀଙ୍କୁ ହତ୍ୟା କରାଯାଇଥିବା ନେଇ ପରିବାର ଲୋକେ ଅଭିଯୋଗ କରିଥିଲେ। ଅନ୍ୟପଟେ ପୁରୁଷବନ୍ଧୁ ପ୍ରୀତିମାନ ଦେ'ଙ୍କ ସହ ଚିନ୍ମୟୀ ବ୍ରିଜ୍‌କୁ ଆସିଥିଲେ ବୋଲି ପୋଲିସ କହିଛି। ପ୍ରୀତିମାନ ଏକମାତ୍ର ପ୍ରତ୍ୟକ୍ଷଦର୍ଶୀ ହୋଇଥିଲେ ମଧ ସେ ରାଜ୍ୟ ଗୃହ ବିଭାଗ ଯୁଗ୍ମସଚିବ ପ୍ରଣବ କୁମାର ଦେଙ୍କ ପୁଅ ହୋଇଥିବାରୁ ପୋଲିସ ଅନୁକମ୍ପା ଦେଖାଉଥିବା ଅଭିଯୋଗ ହୋଇଥିଲା। ଘଟଣା ଦିନ ପ୍ରୀତିମାନ ସହ ଚିନ୍ମୟୀ ଢାବାରେ ଖାଇବା ସହ ଏକାଠି ବୁଲାବୁଲି କରି ରାତିରେ ପିସି ବ୍ରିଜ୍‌କୁ ଆସିଥିଲେ। ଏତେ କମ୍ ସମୟରେ ଉଭୟଙ୍କ ମଧ୍ୟରେ ଏଭଳି କ'ଣ ଘଟିଥିଲା ଯେ, ବାଇକ୍‌ରେ ଆସିବା ମାତ୍ରେ ବ୍ରିଜ ଉପରୁ ଚିନ୍ମୟୀ ପାଣି ଭିତରେ ପଡିଯାଇଥିଲେ।


**କୃଷକ ଭାଇ ଓ ଭଉଣୀମାନଙ୍କ ପାଇଁ ସୂଚନା**

No. L-18: ୨୦୨୩-୨୪ ବର୍ଷ ପାଇଁ କୃଷି ଯନ୍ତ୍ରପାତି **୨୪ ଏପ୍ରିଲ ଦିବା ୧୦.୩୦** ଘଣ୍ଟାରୁ ପର୍ଯ୍ୟାୟକ୍ରମେ ଆରକ୍ଷଣ ପାଇଁ ଉପଲବ୍ଧ ହେବ। ସବିଶେଷ ସମୟ ନିର୍ଘଣ୍ଟ ପାଇଁ **https://odishafarmmachinery.nic.in** କିମ୍ବା **https://agrisnetodisha.ori.nic.in** ରେ ସୂଚିତ ସଂଦେଶାବଳୀର ଅନୁସରଣ କରନ୍ତୁ।

ଇଚ୍ଛୁକ ଆବେଦନକାରୀ **ଗୋ ସୁଗମ** ପୋର୍ଟାଲ **https://sugam.odisha.gov.in** ମାଧ୍ୟମରେ ବୈଧ କୃଷକ ପରିଚୟ ପତ୍ର ଦ୍ୱାରା ଦରଖାସ୍ତ କରିବାର ସୁଯୋଗ ନେଇପାରିବେ।

OIPR-01102/11/0007/2324

କୃଷି ଓ ଖାଦ୍ୟ ଉତ୍ପାଦନ ନିର୍ଦ୍ଦେଶାଳୟ, ଓଡ଼ିଶା



**STATE FOREST DEVELOPMENT AGENCY (SFDA), ODISHA**
**STATE FOREST HEADQUARTERS, ODISHA**
**OFFICE OF THE PRINCIPAL CHIEF CONSERVATOR OF FORESTS**
ARANYA BHAWAN, BHUBANESWAR - 23
Email: affn.pccfodisha@gmail.com/ppa.pccfhoff@odisha.gov.in
RFP No. 404 Date: 21.04.2023

**REQUEST FOR PROPOSAL (RFP) NOTICE**

No. MM-13: Sealed proposals are invited from eligible organizations (Government/Non-Government) to carry out **"3rd Party Monitoring and Evaluation of activities under Programme Expenditure Scheme (1) Increasing Green Cover in the State for the year 2017-18 to 2022-23 (6 years) & (2) Green Mahanadi Mission for the year 2018-19 to 2022-23 (5 years) implemented in the State of Odisha**. Bidders fulfilling the eligibility criteria of the bidding process can access and download the complete RFP Document, ToR and other details from **http://odishaforest.in, www.ofsds.in & www.odisha.gov.in** (All Tender Section).

1. The proposal complete in all respect must reach the undersigned by Speed Post/Registered Post/Courier only latest by 10.05.2023 upto 4 P.M. in a sealed envelope clearly mentioning the title of the project on the top of it. The proposals received beyond the last date and time will be rejected.
2. The authority reserves the right to reject or accept any/all proposals without assigning any reason thereof and to cancel or amend the tender and/or scope & other terms and condition of this tender document. Please visit the website mentioned in the RFP document regularly from time to time for the same.

Sd./- Chief Conservator of Forests (PP&A)
and Member Secretary, SFDA, Odisha
OIPR-08002/11/0003/2324

## ୨ ଗିରଫ, ୫ ମୋବାଇଲ ଜବତ

ଭୁବନେଶ୍ୱର, (ବ୍ୟୁରୋ): ଲିଙ୍ଗରାଜ ଥାନା ପୋଲିସ ମୋବାଇଲ ଲୁଟ୍ କରୁଥିବା ୨ ଯୁବକଙ୍କୁ ଗିରଫ କରି ସୋମବାର କୋର୍ଟ ଚାଲାଣ କରିଛି। ସେମାନେ ହେଲେ ସ୍ଥାନୀୟ ଥାନା ଅଞ୍ଚଳର ମାନସ ନାୟକ ଓ ନିରଞ୍ଜନ ବେହେରା। ସେମାନଙ୍କଠାରୁ ୫ଟି ଚୋରା ମୋବାଇଲ ଜବତ କରାଯାଇଛି। ମାନସଙ୍କ ନାମରେ ବଡଗଡ ଥାନାରେ ୧୧ଟି ଓ ଶ୍ରୀ ଲିଙ୍ଗରାଜ ଥାନାରେ ୬ଟି ଆପରାଧିକ ମାମଲା ରହିଛି। ଅଭିଯୁକ୍ତ ଜଣକ ନିୟମିତ ଭାବେ ବିଭିନ୍ନ ଆପରାଧିକ କାର୍ଯ୍ୟକାଳପରେ ସମ୍ପୃକ୍ତ ରହୁଥିବାରୁ ତାଙ୍କ ବିରୋଧରେ ସିଆର୍‌ପିସି-୧୧୦ ଧାରା ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ନିଆଯିବା ଲାଗି ପଦକ୍ଷେପ ନିଆଯାଉଥିବା ସୂଚନା ଦିଆଯାଇଛି।

## ଆଜି କ'ଣ କେଉଁଠି

ବାଲିଅନ୍ତା

- ଭାଗବତ ମେଳଣ ଉପଲକ୍ଷେ ମାଗଣାରେ ଅପେରା ପରିବେଷଣ, ବୁଢାଲୋ ଗ୍ରାମର ମେଳଣ ପଡ଼ିଆ, ରାତି୧୧ଟା।

## ସଂକ୍ଷେପରେ

### ଗୋଷ୍ଠୀ ସଂଘର୍ଷ: ୨ ଭାଇଙ୍କ ସମେତ ୩ ଗିରଫ

ଭୁବନେଶ୍ୱର,୨୪।୪ (ବ୍ୟୁରୋ)

ଚିକେନ ବ୍ୟବସାୟକୁ କେନ୍ଦ୍ର କରି ଦୁଇ ଦୋକାନୀଙ୍କ ମଧ୍ୟରେ ପରସ୍ପର ମରଣାନ୍ତକ ଆକ୍ରମଣ ଘଟଣାରେ ଏୟାରଫିଲ୍ଡ ଥାନା ପୋଲିସ ୨ ଭାଇଙ୍କ ସମେତ ୩ ଜଣଙ୍କୁ ପୃଥକ ପୃଥକ ମାମଲାରେ ଗିରଫ କରି କୋର୍ଟ ଚାଲାଣ କରିଛି । ସେମାନେ ହେଲେ ପୁରୀ ଜିଲା ଗୋପ ଥାନା ଅଞ୍ଚଳର ମାଙ୍ଗା ଓରଫ ଅମିଦ ଖାନ ଓ ଏୟାରଫିଲ୍ଡ ଥାନା ଅଞ୍ଚଳର ୨ ଭାଇ ସେକ ଇବ୍ରାହିମ ଓ ସେକ ସ୍ମାଇଲ । ଅଭିଯୁକ୍ତ ୨ ଭାଇ ଗୋଟିଏ ଗୋଷ୍ଠୀର ହୋଇଥିବା ବେଳେ ମାଙ୍ଗା ଆଉ ଗୋଟିଏ ଗୋଷ୍ଠୀର ବୋଲି ଜଣାପଡିଛି । ଘଟଣାରେ ପୋଲିସ ଗୋଟିଏ ଛୁରୀ ଜବତ କରିଛି । ଜାମିନ ନମିଳିବାରୁ ସମସ୍ତଙ୍କୁ ଜେଲକୁ ପଠାଇ ଦିଆଯାଇଛି । ସୂଚନାନୁସାରେ ସୁନ୍ଦରପଦା ହାଟରେ ଉଭୟ ପକ୍ଷର ଦୁଇଟି ଚିକେନ ସେଣ୍ଟର ଅଛି । ରବିବାର ମଧ୍ୟାହ୍ନରେ ଚିକେନ ବ୍ୟବସାୟକୁ କେନ୍ଦ୍ରକରି ଉଭୟ ପକ୍ଷ ମଧ୍ୟରେ ପ୍ରଥମେ ଯୁକ୍ତିତର୍କ ଓ ପରେ ମାରପିଟ ହୋଇଥିଲା। ଏହା ପରବର୍ତ୍ତୀ ସମୟରେ ଉଗ୍ର ରୂପ ନେବା ସହିତ ଉଭୟ ପକ୍ଷର କିଛି ବ୍ୟକ୍ତି ମାରଣାସ୍ତ୍ର ସାହାଯ୍ୟରେ ପରସ୍ପରକୁ ମରଣାନ୍ତକ ଆକ୍ରମଣ କରିଥିଲେ । ଯାହାଫଳରେ ଏହି ଆକ୍ରମଣ ଦ୍ୱାରା ଉଭୟ ପକ୍ଷର କିଛି ବ୍ୟକ୍ତି ଗୁରୁତର ଆହତ ହୋଇ ଚିକିତ୍ସା ନିମନ୍ତେ ହସ୍ପିଟାଲକୁ ସ୍ଥାନାନ୍ତର ହୋଇଥିଲେ । ଏହି ଘଟଣାକୁ କେନ୍ଦ୍ରକରି ଉଭୟ ପକ୍ଷର ଅଭିଯୋଗ କ୍ରମେ ଏୟାରଫୀଲ୍ଡ ଥାନା ପୋଲିସ ମାମଲା ରୁଜୁ କରି ୨ ଗୋଷ୍ଠୀର ୩ଜଣ ଅଭିଯୁକ୍ତଙ୍କୁ ଗିରଫ କରିଥିବା ବେଳେ ଆଉ କିଛି ଫେରାର ଅଛନ୍ତି ।

### ଶହୀଦ ଯବାନ ଦେବାଶିଷ ବିଶ୍ୱାଳଙ୍କୁ ଶ୍ରଦ୍ଧାଞ୍ଜଳି

ଭୁବନେଶ୍ୱର, ୨୪।୪ (ବ୍ୟୁରୋ)- ଜମ୍ମୁ କଶ୍ମୀର ପୁଞ୍ଚରେ ଆତଙ୍କବାଦୀ ଆକ୍ରମଣରେ ଶହୀଦ ହୋଇଥିବା ଓଡ଼ିଆ ଯବାନ ଦେବାଶିଷ ବିଶ୍ୱାଳଙ୍କୁ ଉତ୍କଳ ବୁଲେଟିନ ଚାରିଟେବୁଲ ଟ୍ରଷ୍ଟ ପକ୍ଷରୁ ବୁଦ୍ଧ ମନ୍ଦିର ପରିସରରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଛି। ଟ୍ରଷ୍ଟର ସମ୍ପାଦକ ଅରବିନ୍ଦ ତ୍ରିପାଠୀଙ୍କ ସଂଯୋଜନାରେ ବୁଦ୍ଧମନ୍ଦିରଠାରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଗୁପୁର ସମାଚାରର ସମ୍ପାଦକ ମଦନ ମୋହନ ପାଢ଼ୀ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବେ ଭାଷା ଆନ୍ଦୋଳନ ସଦସ୍ୟ ନବକିଶୋର ପ୍ରଧାନ, ସାମାଜିକ କର୍ମୀ ସୀତାଂଶୁ ଶେଖର ମହାରଣା ଉପସ୍ଥିତ ରହି ଶହୀଦ ଦେବାଶିଷ ବିଶ୍ୱାଳଙ୍କ ବୀରତ୍ୱ ଓ ସାହାସ ସର୍ମ୍ପକରେ ଆଲୋକପାତ କରିବା ସହ ଶଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ଯୁବପିଢ଼ି ଶହୀଦ ଦେବାଶିଷଙ୍କ ଭଳି ନିଜନିଜ ସ୍ତରରେ ଦେଶ ମାତୃକାର ରକ୍ଷା ପାଇଁ ଆଗେଇ ଆସିବା ଆବଶ୍ୟକ ବୋଲି ଅତିଥିମାନେ ମତ ଦେଇଥିଲେ। କାର୍ଯ୍ୟକ୍ରମକୁ ନାରାୟଣ ଖୁଣ୍ଟିଆ, ସମୀର ମହାପାତ୍ର ଓ ଲୁସି ପରିଚାଳନା କରିଥିଲେ।

### ସିଓଆର୍ ନ ମିଳିଲେ ଆନ୍ଦୋଳନ ଚେତାବନୀ

ବାଲିପାଟଣା,୨୪।୪(ଡି.ଏନ୍.ଏ.): ରାଜ୍ୟରେ ପ୍ରାୟ ୬ ହଜାର ସ୍କୁଲ ସାର୍ଟିଫିକେଟ ଅଫ୍ ରେକୋଗନାଇଜେଶନ (ସିଓଆର୍) ପାଇଁ ଆବେଦନ କରିଥିଲେ। ଗତ ମାର୍ଚ୍ଚରୁ ଏହି ପୋର୍ଟାଲ ଖୋଲିଥିଲା। ଯେଉଁ ବିଦ୍ୟାଳୟଗୁଡିକ ଆବେଦନ କରିଥିଲେ ସେଥିମଧ୍ୟରୁ ୯୫ପ୍ରତିଶତ ବିଦ୍ୟାଳୟ ପାଞ୍ଚବର୍ଷିଆ ସିଓଆର ପାଇଛନ୍ତି। ଯେଉଁ ବିଦ୍ୟାଳୟ ସିଓଆର ପାଇବାରୁ ବଞ୍ଚିତ ଅଛନ୍ତି, ସେମାନେ ଗଣଶିକ୍ଷା ବିଭାଗ ନିର୍ଦ୍ଦେଶକ, ଓସେପା ଅଧିକାରୀ, ଡିଇଓ ଏବଂ ବିଇଓଙ୍କୁ ଭେଟିଥିଲେ। ପରେ ସେମାନଙ୍କୁ ପୁନଃ ଆବେଦନ କରିବାକୁ ବିଧିବଦ୍ଧ ଚିଠି ହୋଇଥିଲା। ସେଥିରେ ଉଲ୍ଲେଖ ଥିଲା ଆବେଦନକାରୀ ବିଦ୍ୟାଳୟର ସମସ୍ତ ଆବଶ୍ୟକ ନଥିପତ୍ର ପ୍ରଦାନ କରିବେ। ଉପଜିଲାପାଳ ସ୍ତରରେ ଏକ ତଦନ୍ତ ପରେ ସେମାନଙ୍କ ଆବେଦନ ବିଚାରକୁ ନିଆଯିବ। ସମସ୍ତ ପ୍ରକ୍ରିୟା ଶେଷ ହୋଇଥିଲେ ମଧ କାର୍ଯ୍ୟକାରୀ ହେଉନାହିଁ। ଏନେଇ ଓଡ଼ିଶା ପ୍ରାଇଭେଟ ସ୍କୁଲ ଆସୋସିଏଶନ ପକ୍ଷରୁ ସୋମବାର ଓସେପା ଅଭିଯୋଗ ପ୍ରକୋଷ୍ଠରେ ଏକ ପ୍ରତିନିଧି ଦଳ ପହଞ୍ଚି ଭେଟିଥିଲେ। ସାତଦିନ ମଧ୍ୟରେ ଅଭିଯୋଗ ବିଚାରକୁ ନିଆଯିବ ବୋଲି ପ୍ରତିଶ୍ରୁତି ଅଭିଯୋଗ ପ୍ରକୋଷ୍ଠରୁ ମିଳିଛି। ସାତଦିନ ମଧ୍ୟରେ ସୁଫଳ ନ ମିଳିଲେ ସଂଘ ପକ୍ଷରୁ ଆନ୍ଦୋଳନ କରାଯିବ ବୋଲି ଆସୋସିଏଶନ ସଭାପତି ସତ୍ୟନାରାୟଣ ମିଶ୍ର ଚେତାବନୀ ଦେଇଛନ୍ତି।

# ଫୋନ୍‌ରେ କଥା ହୋଇ ୭ ମହଲାରୁ ଡେଇଁଥିଲେ ମାନସ

ଭୁବନେଶ୍ୱର,୨୪।୪ (ବ୍ୟୁରୋ)

**ଆପାର୍ଟମେଣ୍ଟରୁ ପଡି ଆଇନ ଛାତ୍ରଙ୍କ ମୃତ୍ୟୁ ଘଟଣା**

- ସିସିଟିଭି ଫୁଟେଜରେ ଘଟଣା ସମୟର ଦୃଶ୍ୟ
- ପ୍ରେମ ପାଇଁ ଆତ୍ମହତ୍ୟା ସନ୍ଦେହ
- ମୃତ୍ୟୁ ପୂର୍ବରୁ ଇନ୍‌ଷ୍ଟାରେ ପୋଷ୍ଟ କରିଥିଲେ 'ଦେଖାହେବ ଆରପାରିରେ'

ଖାରବେଳନଗର ଥାନା ଅନ୍ତର୍ଗତ ମାଷ୍ଟରକ୍ୟାଣ୍ଟିନସ୍ଥିତ ଚନ୍ଦ୍ରମା ଆପାର୍ଟମେଣ୍ଟରୁ ଖସି ଆଇନ ଛାତ୍ର ଅନିରାଜ ମାନସ ଟୁଡୁଙ୍କ ମୃତ୍ୟୁ ଘଟଣାରେ ନୂଆ ତଥ୍ୟ ସାମ୍ନାକୁ ଆସିଛି। ପୋଲିସ ଆପାର୍ଟମେଣ୍ଟର ସିସିଟିଭି ଫୁଟେଜ ପାଇବା ପରେ ତଦନ୍ତର ମୋଡ଼ ବଦଳିଛି। ବିବାର ରାତିରେ ଏହି ଘଟଣା ଘଟିଥିବାବେଳେ ମାନସ ଆପାର୍ଟମେଣ୍ଟରୁ ଡେଇଁ ପଡୁଥିବା ଦୃଶ୍ୟ ସିସିଟିଭି ଫୁଟେଜରେ ଦେଖିବାକୁ ମିଳୁଛି। ସେ କିଛି ସମୟ ଧରି ଫୋନ୍‌ରେ କଥା ହୋଇ ଚାଲି ଚାଲି ଯିବା ସହ ୭ ମହଲାରୁ ଡେଇଁ ପଡୁଛନ୍ତି। ତେବେ ସେ କାହିଁକି ଏଭଳି ନିଷ୍ପତ୍ତି ନେଲେ ଓ ଆପାର୍ଟମେଣ୍ଟକୁ କାହାକୁ ଦେଖା କରିବାକୁ ଆସିଥିଲେ, ତାହାର ସଠିକ କାରଣ ଜଣାପଡି ନ ଥିବାବେଳେ ମୃତ୍ୟୁ ପୂର୍ବରୁ ସେ ତାଙ୍କ ଇନ୍‌ଷ୍ଟା ଆଇଡିରେ 'ଆର ପାରିରେ ଦେଖା ହେବ' ଲେଖି ପୋଷ୍ଟ କରିଥିବା ପୋଲିସ ଜାଣିବାକୁ ପାଇଛି। ତେବେ ଏହି ଲେଖା କାହା ଉଦ୍ଦେଶ୍ୟରେ ଲେଖା ହୋଇଛି ଓ କାହିଁକି ଏଭଳି ଲେଖିଛନ୍ତି ତାହାର ଠିକ ତଥ୍ୟ ପାଇଁ ପୋଲିସ ତାଙ୍କ ପରିବାର ସଦସ୍ୟ ଓ ସାଙ୍ଗସାଥୀଙ୍କୁ ପଚରାଉଚରା




କରୁଛି। ଏହାସହ ସେ ଡେଇଁବା ପୂର୍ବରୁ ତାଙ୍କ ଭଉଣୀଙ୍କୁ ଶେଷ କଲ୍ କରିଥିବା କୁହାଯାଉଛି। ଏଥିରୁ ମାନସ ଆତ୍ମହତ୍ୟା କରିଥିବା ସନ୍ଦେହ କରାଯାଉଥିଲେ ମଧ୍ୟ ପୋଲିସ ପ୍ରକୃତ କାରଣ ପାଇବା ପାଇଁ ତଦନ୍ତକୁ ଜୋର୍‌ଦାର କରିଛି। ଅନ୍ୟପଟେ ପୋଲିସ କ୍ୟାପିଟାଲ ହସ୍ପିଟାଲରେ ଶବ ବ୍ୟବଚ୍ଛେଦ ପରେ ମୃତଦେହ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଏନେଇ ପରିବାର ପକ୍ଷରୁ ଥାନାରେ କୌଣସି ଅଭିଯୋଗ ହୋଇ ନ ଥିଲେ ମଧ୍ୟ ପୋଲିସ ଏକ ଅପମୃତ୍ୟୁ ମାମଲା (ନଂ. ୧୧/୨୩) ରୁଜୁ କରି ଘଟଣାର ତଦନ୍ତ କରୁଛି। ଏହାସହ ଅନିରାଜ କାହା ସହ ଫୋନରେ କଥା ହେଉଥିଲେ ତାହାର ଯାଞ୍ଚ କରାଯିବ ବୋଲି ପୋଲିସ ପକ୍ଷରୁ ସୂଚନା ମିଳିଛି । ସୂଚନାଯୋଗ୍ୟ, ଅନିରାଜ ୟୁନିଟି-୬ ଗଙ୍ଗନଗରରେ ରହୁଥିଲେ। ତେବେ ତାଙ୍କ ପକେଟ୍‌ରୁ ମିଳିଥିବା ଆଇକାର୍ଡରୁ ସେ କଟକରେ ଥିବା ନ୍ୟାଶନାଲ ଲ ୟୁନିଭର୍ସିଟିରେ ପାଠ ପଢୁଥିବା ଜଣାପଡିଛି।

# ମୁମ୍ବାଇରେ ରଥକାଠ ଅନୁକୂଳ



ଭୁବନେଶ୍ୱର, ୨୪।୪ (ବ୍ୟୁରୋ)

ନଭି ମୁମ୍ବାଇ ଖରଘର ନିକଟ ଶ୍ରୀଜଗନାଥ ମନ୍ଦିରରେ ରଥ ତିଆରି ପାଇଁ କାଠ ଅନୁକୂଳ ହୋଇଯାଇଛି। ପୁରୀ ଶ୍ରୀମନ୍ଦିର ଭଳି ଏଠାରେ ମଧ୍ୟ ଅକ୍ଷୟ ତୃତୀୟାର ପବିତ୍ର ତିଥିରେ ରଥକାଠ ଅନୁକୂଳ କରାଯାଇଥିଲା। ମନ୍ଦିରରରେ ହୋମ ଯଜ୍ଞ କରାଯିବା ପରେ ରଥ ଚକ କାଠକୁ କୁରାଢ଼ୀ ଚୋଟଦେଇ ରଥ କାମର ଶୁଭାରମ୍ଭ ହୋଇଥିଲା। ମନ୍ଦିରର ସେବାୟତ ରଞ୍ଜନ ଶତପଥୀ, ସ୍ୱାମୀ ଅଦ୍ୱେଶା ନନ୍ଦ ୱେଲ୍‌ଫେୟାର ଆସୋସିଏଶନ ଓ ଜୟ ଜଗନ୍ନାଥ ଲୋକ ତରଣ ଟ୍ରଷ୍ଟର ସଭ୍ୟମାନେ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# କବାଡ଼ିଆଙ୍କୁ ପିଲାଙ୍କ ବହି ବିକୁଥିଲେ ସିଆର୍‌ସିସି

ବୋଲଗଡ଼,୨୪।୪(ଡି.ଏନ୍.ଏ.)

ସରକାର ପିଲାମାନଙ୍କ ପାଠପଢ଼ା ଲାଗି ମାଗଣାରେ ବହି ଯୋଗାଇ ଦେଉଛନ୍ତି। ତେବେ କେତେଜଣ ଅସାଧୁ ସରକାରୀ କର୍ମଚାରୀ ଏଥିରୁ ଅନୈତିକ ଉପାୟରେ ଅର୍ଥ ଉପାର୍ଜନ କରିବାକୁ ପଛାଉନାହାନ୍ତି। ଏଭଳି ଘଟଣା ଖୋର୍ଦ୍ଧା ଜିଲା ବୋଲଗଡ଼ ଗୋଷ୍ଠୀ ଶିକ୍ଷା କାର୍ଯ୍ୟାଳୟ ଦେଉଳି କ୍ଲଷ୍ଟର ଅଧୀନରେ ଦେଖିବାକୁ ମିଳିଛି। ଦେଉଳି ସତ୍‌ମାର୍ଗ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରସ୍ଥ କ୍ଲଷ୍ଟର କାର୍ଯ୍ୟାଳୟରେ ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ଛାତ୍ରୀଛାତ୍ରଙ୍କ ପାଇଁ ଆସିଥିବା ବହିକୁ ଜଣେ ସିଆର୍‌ସିସି କବାଡିଆଙ୍କୁ ବିକ୍ରି କରୁଥିଲେ। ଏହି ସମୟରେ ବିଦ୍ୟାଳୟ ପରିଚାଳନା କମିଟି ସଭାପତି ତଥା ଗୋପାଳପୁର ପଞ୍ଚାୟତର ସ୍ଥାନୀୟ ୱାର୍ଡମେମ୍ବର ଆଲୋକ କୁମାର ସାହୁ ଓ କେତେଜଣ ଗ୍ରାମବାସୀ ପହଞ୍ଚି ବହି ବିକ୍ରିକୁ ନେଇ ବିରୋଧ କରିଥିଲେ। ଏହା ପରେ ସିଆର୍‌ସିସି ଓ କବାଡିଆଙ୍କୁ ଅଟକ ରଖି ପଚରାଉଚରା କରିଥିଲେ। ଖବରପାଇ ପଞ୍ଚାୟତ ସମିତିସଭ୍ୟ ତଥା ବ୍ଲକ ଉପାଧ୍ୟକ୍ଷ ରମେଶ ଚନ୍ଦ୍ର ସାହୁ ଘଟଣାସ୍ଥଳରେ ପହଞ୍ଚି ଘଟଣା ସମ୍ପର୍କରେ ବୋଲଗଡ଼ ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କୁ ଟେଲିଫୋନ ମାଧ୍ୟମରେ ଜଣାଇଥିଲେ। ବିଇଓ ଅନ୍ୟକାମରେ ବାହାରେ ଥିବାରୁ ସେ ଏବିଇଓ ସିଦ୍ଧେଶ୍ୱର ସାହୁ ଏବଂ କୈଳାସ ନାଥ ସ୍ୱାଇଁଙ୍କୁ ଏହି ଘଟଣାର ତଦନ୍ତ ପାଇଁ ପଠାଇଥିଲେ। ଉଭୟେ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିବା ସହ ବହି ବିକ୍ରି ପାଇଁ ଉଦ୍ୟମ ହୋଇଥିବା ଜାଣିବାକୁ ପାଇଥିଲେ। ଏହା ପରେ ଦୁଇ ଏବିଇଓ ବହିଗୁଡ଼ିକ ଜବତ କରିବା ସହ ଉକ୍ତ କାର୍ଯ୍ୟାଳୟକୁ ସିଲ୍ କରିଥିଲେ। ତେବେ ଘଟଣାର ତଦନ୍ତ ପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଲିଖିତ ପ୍ରତିଶ୍ରୁତି ଦେଇ ଗ୍ରାମବାସୀଙ୍କଠାରୁ ସମ୍ପୃକ୍ତ ସିଆର୍‌ସିସି ଓ କବାଡିଆଙ୍କୁ ମୁକୁଳାଇଥିଲେ।

# ବାରଙ୍ଗ ରାସ୍ତାରୁ ଜବରଦଖଲ ଉଚ୍ଛେଦ



ତ୍ରିଶୂଳିଆ ଛକରୁ ବାରଙ୍ଗ ପର୍ଯ୍ୟନ୍ତ ବେଆଇନ ଭାବେ ଥିବା ଦୋକାନ ଘରକୁ ଉଚ୍ଛେଦ କରାଯାଇଛି।

ବାରଙ୍ଗ,୨୪।୪(ଡି.ଏନ୍.ଏ.)

ତ୍ରିଶୂଳିଆ ଛକରୁ ବାରଙ୍ଗ ପର୍ଯ୍ୟନ୍ତ ହେବାକୁ ଥିବା ରାସ୍ତା ପ୍ରଶସ୍ତୀକରଣ ପାଇଁ ଦ୍ୱିତୀୟଥର ଜିଲା ପ୍ରଶାସନ ପକ୍ଷରୁ ସୋମବାର ଉଚ୍ଛେଦ କରାଯାଇଛି। ରାସ୍ତାର ଉଭୟ ପାର୍ଶ୍ୱରେ ବେଆଇନ ଭାବେ ଗଢି ଉଠିଥିବା ଦୋକାନକୁ ସିଡିଏ ପକ୍ଷରୁ ଭଙ୍ଗାଯାଇଛି। ରାସ୍ତା ପ୍ରଶସ୍ତୀକରଣ ପାଇଁ ଆବଶ୍ୟକତା ଥିବାରୁ ଏକ ମାସ ପୂର୍ବରୁ ତ୍ରିଶୂଳିଆରୁ ବାରଙ୍ଗ ପର୍ଯ୍ୟନ୍ତ ରାସ୍ତାକଡ଼ରେ ଥିବା ଉଠା ଦୋକାନୀଙ୍କୁ ଖାଲି କରିବାକୁ ସିଡିଏ ପକ୍ଷରୁ ପୂର୍ବରୁ ନୋଟିସ୍ ଜାରି କରାଯାଇଥିଲା। ଉଚ୍ଛେଦ କରାଯିବାର ତାରିଖ ସୋମବାର ଥିବାରୁ ସିଡିଏ ପକ୍ଷରୁ ବାରଙ୍ଗ ପୋଲିସକୁ ସାଙ୍ଗରେ ଧରି ଉଚ୍ଛେଦ ପାଇଁ ଉଦ୍ୟମ ଆରମ୍ଭ କରାଯାଇଥିଲା। ପୂର୍ବ ସୂଚନା ମୁତାବକ ଦୋକାନୀମାନେ ସେମାନଙ୍କ ଦୋକାନ ଭାଙ୍ଗିଦେଇଥିବାରୁ କାଁ ଭାଁ ଥିବା ଅର୍ଦ୍ଧଭଗ୍ନ ଦୋକାନକୁ ସିଡିଏ ପକ୍ଷରୁ ଭଙ୍ଗାଯାଇଥିଲା। ଏଥିରେ ବାରଙ୍ଗ ତହସିଲଦାର ସଂକଳ୍ପ ସ୍ୱରୂପ ସାହୁ, ବାରଙ୍ଗ ଥାନା ଅଧିକାରୀ ଆକାଶ ଚନ୍ଦ୍ର ରଣାଙ୍କ ସମେତ ଅଗ୍ନିଶମ ବିଭାଗ, ବିଦ୍ୟୁତ୍ ବିଭାଗ, ସିଡିଏ ଅଧିକାରୀମାନେ ଉପସ୍ଥିତ ଥିଲେ। ଉଚ୍ଛେଦ ସମୟରେ ସୁରକ୍ଷା ଦୃଷ୍ଟିରୁ ୨ ପ୍ଲାଟୁନ ପୋଲିସ ଫୋର୍ସ ମୁତୟନ କରାଯାଇଥିଲା।

# ବ୍ରାଉନସୁଗାର ଜବତ, ଜଣେ ଗିରଫ

ଭୁବନେଶ୍ୱର,୨୪।୪ (ବ୍ୟୁରୋ)

ବେଆଇନ ଭାବେ ବ୍ରାଉନସୁଗାର ବେପାର କରୁଥିବାବେଳେ ଏୟାରପୋର୍ଟ ଥାନା ପୋଲିସ ଜଣେ ନିଶା ବେପାରୀଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେ ହେଲେ ସ୍ଥାନୀୟ ଥାନା ଅଞ୍ଚଳରେ ରହୁଥିବା ଯାଜପୁରର ରାଜେନ୍ଦ୍ର ସାମଲ (୪୭)। ତାଙ୍କଠାରୁ ୯.୨୫ ଗ୍ରାମ ବ୍ରାଉନସୁଗାର ଜବତ ହୋଇଛି। ଜାମିନ ନ ମିଳିବାରୁ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଜବତ ନିଶାଦ୍ରବ୍ୟର ମୂଲ୍ୟ ୧ ଲକ୍ଷ ଟଙ୍କା ହେବ। ପଚରା ଉଚରା ସମୟରେ ଅଭିଯୁକ୍ତ ବ୍ରାଉନସୁଗାରକୁ ଖୋର୍ଦ୍ଧା ଅଞ୍ଚଳରୁ ୫୦ ହାଜର ଟଙ୍କାରେ କିଣିଥିବା ବେଳେ ତାହାକୁ ଏକଲକ୍ଷ ଟଙ୍କାରେ ବିକ୍ରି କରିବା ନିମନ୍ତେ ଯୋଜନା କରୁଥିବା ପୋଲିସ ଜାଣିବାକୁ ପାଇଛି।
ସୂଚନାନୁସାରେ, ରବିବାର ରାଜେନ୍ଦ୍ର ସ୍ଥାନୀୟ ଥାନା କାର୍ଗିଲ ବସ୍ତି ମଦନମୋହନ ସାହି ନିକଟରେ ବ୍ରାଉନସୁଗାର ବେପାର କରୁଥିବାବେଳେ ବିଶେଷ ସୂତ୍ରରୁ ଖବର ପାଇ ପୋଲିସ ଚଢାଉ କରି କାବୁ କରିଥିଲା ।

# ପତିତପାବନଙ୍କ ରଥକାଠ ଅନୁକୂଳ

ବାଲିଅନ୍ତା,୨୪।୪(ଡି.ଏନ୍.ଏ.)

ପବିତ୍ର ଅକ୍ଷୟତୃତୀୟା ଅବସରରେ ବାଲିଅନ୍ତା ବ୍ଲକ ଅଧୀନ କାକରୁଦ୍ରପୁର ଅଞ୍ଚଳର ପ୍ରସିଦ୍ଧ ଠାକୁର ଶ୍ରୀ ପତିତପାବନ ଦେବଙ୍କ ରଥଯାତ୍ରା ପାଇଁ ରବିବାର ରଥକାଠ ଅନୁକୂଳ ହୋଇଛି। ପୁରୀ ଶ୍ରୀଜଗନ୍ନାଥଙ୍କ ସମସ୍ତ ରୀତିନୀତି ଅନୁଯାୟୀ, କେଉଁକାଳରୁ ଏଠାରେ ପୂଜା ପାଉଥିବା ଶ୍ରୀ ପତିତପାବନ ଦେବଙ୍କ ରଥଯାତ୍ରା ଆୟୋଜିତ ହୋଇଆସୁଛି। ଏଠାରେ କେବଳ ଶ୍ରୀ ପତିତପାବନଙ୍କ ଗୋଟିଏ ରଥ ନିର୍ମାଣ କରାଯାଇଥାଏ। ଶ୍ରୀ ପତିତପାବନ ଦେବଙ୍କ ମନ୍ଦିରରୁ ଆଜ୍ଞାମାଳ ଆସିବା ପରେ ରଥଖଳାରେ ବରିଷ୍ଠ ପୂଜକ ବାଉରୀବନ୍ଧୁ ପଣ୍ଡା ପୂଜାର୍ଚ୍ଚନା କରିଥିଲେ। ପରେ ରଥ ନିର୍ମାଣ ପାଇଁ ବ୍ୟବହୃତ ହେବାକୁ ଥିବା ଏକ କାଠକୁ ମହାରଣା ସେବାୟତମାନେ ଅନୁକୂଳ କରିଥିଲେ। ସେ ସମୟରେ ସେଠାରେ ମନ୍ଦିର ପରିଚାଳନା କମିଟି ଟ୍ରଷ୍ଟ ବୋର୍ଡ ଓ ବିଭିନ୍ନ ବର୍ଗର ସେବାୟତ ଯୋଗଦେଇଥିଲେ।

# 'ଦେବୀ ଦର୍ଶନ' ପୁସ୍ତକ ଲୋକାର୍ପିତ

ଭୁବନେଶ୍ୱର, ୨୪।୪ (ବ୍ୟୁରୋ)

**୩୮ ଅଧିଷ୍ଠାତ୍ରୀ ଦେବୀଙ୍କ ସମ୍ପର୍କରେ ରହିଛି ଅଜଣା ତଥ୍ୟ**

ଅବସରପ୍ରାପ୍ତ ଭାରତୀୟ ପ୍ରଶାସନିକ ସେବା ଅଧିକାରୀ ବିଶ୍ୱନାଥ ମଲ୍ଲିକଙ୍କ ରଚିତ 'ଦେବୀ ଦର୍ଶନ' ପୁସ୍ତକ ସୋମବାର ଲୋକାର୍ପିତ ହୋଇ ଯାଇଛି।
ରୋଟାରୀ କ୍ଲବଠାରେ ଆୟୋଜିତ ଏହି ଉତ୍ସବରେ ପୂର୍ବତନ ମନ୍ତ୍ରୀ ତଥା ବୀରମହାରାଜପୁର ବିଧାୟକ ପଦ୍ମନାଭ ବେହେରା ମୁଖ୍ୟ ଅତିଥିଭାବେ ଯୋଗ ଦେଇଥିଲେ। ପୁସ୍ତକରେ ରାଜ୍ୟର ବିଭିନ୍ନ ସ୍ଥାନରେ ପ୍ରତିଷ୍ଠିତ ୩୮ଟି ଅଧିଷ୍ଠାତ୍ରୀ ଦେବୀଙ୍କ ସମ୍ପର୍କରେ ବିଶଦ ଭାବେ ବର୍ଣ୍ଣନା ହୋଇଛି। ଏହି ପୁସ୍ତକ ପଢିବା ଦ୍ୱାରା ପାଠକମାନେ ସମସ୍ତ ଦେବୀଙ୍କ ବିଷୟରେ ଅନେକ ଅଜଣା ତଥ୍ୟ ପାଇ ପାରିବେ ବୋଲି ବିଧାୟକ କହିଥିଲେ। ସାହିତ୍ୟିକ ତଥା ଉଚ୍ଚଶିକ୍ଷା ବିଭାଗର ପ୍ରମୁଖ ଶାସନ ସଚିବ ବିଷ୍ଣୁପଦ ସେଠୀ ଉଦ୍‌ଘାଟକ ଭାବେ ଯୋଗଦେଇ ପୁସ୍ତକର ଲୋକାର୍ପଣ କରି କହିଲେ, ସ୍ଥାନୀୟ ଅଞ୍ଚଳରେ ପୂଜା ପାଉଥିବା ଦେବୀମାନେ ପରବର୍ତ୍ତୀ ସମୟରେ ରାଜ୍ୟ ଓ ରାଷ୍ଟ୍ରୀୟ ସ୍ତରରେ ସମ୍ମାନ ଓ ସ୍ୱୀକୃତି ପାଉଥିବାର ଅନେକ ନଜିର ରହିଛି। ଏସବୁ ସ୍ଥାନୀୟ ଦେବୀମାନେ ଲୋକଙ୍କର ଆସ୍ଥା ଓ ବିଶ୍ୱାସର ପ୍ରତୀକ ବୋଲି ସେ ମତ ରଖିଥିଲେ। କାର୍ଯ୍ୟକ୍ରମରେ ବକ୍ତାଭାବେ ପ୍ରାଧ୍ୟାପକ ପ୍ରେମାନନ୍ଦ ମହାପାତ୍ର ଯୋଗଦେଇ ପୁସ୍ତକ ସମ୍ପର୍କରେ ସବିଶେଷ ଆଲୋଚନା କରିଥିଲେ। ସମ୍ମାନିତ ଅତିଥି ଭାବେ ପ୍ରାଧ୍ୟାପକ ଶୁଭେନ୍ଦୁ ମହାନ୍ତି ଯୋଗ ଦେଇଥିଲେ। ଅବସରପ୍ରାପ୍ତ ପ୍ରଶାସକ ତଥା ଶିଶୁ ସାହିତ୍ୟିକ ମହେନ୍ଦ୍ର ମଲ୍ଲିକ ଏଥିରେ ସଭାପତିତ୍ୱ କରିଥିବାବେଳେ ଚମକ ଚାନ୍ଦିନୀ ଦାଶ ସଂଯୋଜନା କରିଥିଲେ। ପ୍ରାରମ୍ଭରେ ପୁସ୍ତକର ଲେଖକ ବିଶ୍ୱନାଥ ମଲ୍ଲିକ ଏହାର ବିଷୟବସ୍ତୁ ସମ୍ବନ୍ଧରେ ଆଲୋକପାତ କରିଥିଲେ।




ରୋଟାରୀ କ୍ଲବଠାରେ ଆୟୋଜିତ ଉତ୍ସବରେ 'ଦେବୀ ଦର୍ଶନ' ପୁସ୍ତକକୁ ଅତିଥିମାନେ ଉନ୍ମୋଚନ କରୁଛନ୍ତି।

# ବ୍ଲକସ୍ତରୀୟ କୃଷକ ଦିବସ

ବାଲିଅନ୍ତା,୨୪।୪(ଡି.ଏନ୍.ଏ.)

ବାଲିଅନ୍ତା ବ୍ଲକସ୍ତରୀୟ କୃଷକ ଦିବସ ରବିବାର ପବିତ୍ର ଅକ୍ଷୟତୃତୀୟା ଅବସରରେ ଭିଙ୍ଗାରପୁରସ୍ଥିତ ଶ୍ରୀ ବକ୍ରେଶ୍ୱରଙ୍କ ପୀଠ ନିକଟରେ ପାଳିତ ହୋଇଯାଇଛି। ଏହି ଉପଲକ୍ଷେ ସ୍ଥାନୀୟ ଏକ ଚାଷ ଜମିରେ ପାରମ୍ପରିକ ପୂଜାର୍ଚ୍ଚନା ଓ ହୋମଯଜ୍ଞ ଆୟୋଜିତ ହୋଇଥିଲା। ପରେ ସେଠାରେ ଅଖିମୁଠି ଅନୁକୂଳ କରାଯାଇଥିଲା। କୃଷି ଓ କୃଷକ ସଶକ୍ତୀକରଣ ବିଭାଗ ପକ୍ଷରୁ ଆୟୋଜିତ ଏହି ଉତ୍ସବରେ 'ଆତ୍ମା'ର ସଭାପତି ଚୈତନ୍ୟ ପାତ୍ର ମୁଖ୍ୟ ଅତିଥି ରୂପେ ଯୋଗଦେଇ ଚାଷଜମିରେ ଅଖିମୁଠି ବିହନ ବୁଣିଥିଲେ। ଉତ୍ସବରେ ଅନ୍ୟମାନଙ୍କ ମଧ୍ୟରେ ବାଲିଅନ୍ତା ବ୍ଲକ ଅଧ୍ୟକ୍ଷା ବାସନ୍ତୀ ଖଟୁଆ, ଜିଲା ପରିଷଦ ସଭ୍ୟ ମଙ୍ଗରାଜ ବେହେରା ଓ ସମିତି ସଭ୍ୟ ଗଗନ ବିହାରୀ ସାହୁଙ୍କ ସମେତ ବହୁ ଲୋକପ୍ରତିନିଧି, ଆତ୍ମାର ସଭ୍ୟାସଭ୍ୟ ଓ ଚାଷୀ ଯୋଗଦେଇଥିଲେ। ଉତ୍ସବକୁ ବ୍ଲକ କୃଷି ଅଧିକାରୀ ଜି. ଶ୍ୱେତା ପରିଚାଳନା କରିଥିବାବେଳେ ବିଟିଏମ୍ ପ୍ରଶାନ୍ତ ମିଶ୍ର ଓ ଭିଏଲ୍‌ଡବ୍ଲ୍ୟୁ ସୂର୍ଯ୍ୟକାନ୍ତ ବରାଳ ସହଯୋଗ କରିଥିଲେ।

# ଲିଟିଲ ଷ୍ଟାର ଗ୍ରୁପ୍‌ର ବ୍ୟକ୍ତିତ୍ୱ ବିକାଶ କର୍ମଶାଳା ଉଦ୍‌ଘାଟିତ



ଭୁବନେଶ୍ୱର,୨୪।୪(ବ୍ୟୁରୋ)

ଶିଶୁ ବିକାଶ ଅନୁଷ୍ଠାନ ଲିଟିଲ ଷ୍ଟାର ଗ୍ରୁପ ପକ୍ଷରୁ ୨୦ତମ ରାଜ୍ୟସ୍ତରୀୟ ବ୍ୟକ୍ତିତ୍ୱ ବିକାଶ କର୍ମଶାଳା ସୋମବାର ଉଦ୍‌ଘାଟିତ ହୋଇଯାଇଛି। ଏହା ୧୫ ଦିନ ଧରି ଚାଲିବ। ଭୁବନେଶ୍ୱରଠାରେ ଆୟୋଜିତ ଏହି ଉତ୍ସବରେ ବିଶିଷ୍ଟ ଚଳଚ୍ଚିତ୍ର ଅଭିନେତା ତଥା ଏମ୍‌ପି ପ୍ରଶାନ୍ତ ନନ୍ଦ, ଗ୍ରୁପର ସମ୍ପାଦକ ସୁମନ୍ତ ମହାରଣା, ଶିଶୁ କଳାକାର ଶାନ୍ତନୁ ମହାନ୍ତି ପ୍ରମୁଖ ଯୋଗଦେଇ ଏହି ଅବସରରେ ପ୍ରକାଶ ପାଇଥିବା 'ମୋ ଆଶା'ର ଗ୍ରୀଷ୍ମ ସଂଖ୍ୟାକୁ ଉନ୍ମୋଚନ କରିଥିଲେ। ଏଥିସହ ନନ୍ଦ ପିଲାଙ୍କ ସହ ତାଙ୍କ ଅଭିଜ୍ଞତା, ଅନୁଭୂତି ବାଣ୍ଟିଥିଲେ। ପ୍ରତିବର୍ଷ ଭଳି ଚଳିତବର୍ଷ ଗ୍ରୁପ ପକ୍ଷରୁ ପିଲାଙ୍କୁ ଖରାଛୁଟିରେ ବିଭିନ୍ନ ଶିକ୍ଷଣୀୟ ଜ୍ଞାନ ପ୍ରଦାନ କରାଯିବ। ଏଥିସହ ସେମାନଙ୍କ ପ୍ରତିଭା ବିକାଶ ପାଇଁ ବିଭିନ୍ନ କାର୍ଯ୍ୟକ୍ରମ ଚାଲିବ। ରାଜ୍ୟର ବିଭିନ୍ନ ଜିଲାରୁ ବହୁ ଆଗ୍ରହୀ ଛାତ୍ରୀଛାତ୍ର ଏଥିରେ ଯୋଗଦେଉଥିବା ନେଇ ସମ୍ପାଦକ ମହାରାଣା ସୂଚନା ଦେଇଛନ୍ତି।

# ଆର୍‌ଆଇ କାର୍ଯ୍ୟାଳୟ ଭିତ୍ତିପ୍ରସ୍ତର ସ୍ଥାପନ

ବାରଙ୍ଗ,୨୪।୪(ଡି.ଏନ୍.ଏ.)

ଭୁବନେଶ୍ୱର ତହସିଲ ଅନ୍ତର୍ଗତ କଲ୍ୟାଣପୁର ଓ ବରିମୁଣ୍ଡ ପଞ୍ଚାୟତର ଜନସାଧାରଣଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି ରାଜ୍ୟ ସରକାରଙ୍କ ପକ୍ଷରୁ ୧କୋଟି ୪୦ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ନୂଆବନ୍ତ ସ୍ୱାସ୍ଥ୍ୟକେନ୍ଦ୍ରଠାରେ ନୂତନ କଲ୍ୟାଣପୁର ରାଜସ୍ୱ ନିରୀକ୍ଷକ(ଆର୍‌ଆଇ) କାର୍ଯ୍ୟାଳୟ ନିର୍ମାଣ ନିମନ୍ତେ ଭିତ୍ତିପ୍ରସ୍ତର ସ୍ଥାପନ ସୋମବାର ଅନୁଷ୍ଠିତ ହୋଇଯାଇଛି। ଭୁବନେଶ୍ୱର ଉତ୍ତର ବିଧାୟକ ସୁଶାନ୍ତ କୁମାର ରାଉତ ମୁଖ୍ୟ ଅତିଥିଭାବେ ଯୋଗଦେଇ ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି। ଏହି ରାଜସ୍ୱ ନିରୀକ୍ଷକ କାର୍ଯ୍ୟାଳୟ ନିର୍ମାଣ ହେଲେ କଲ୍ୟାଣପୁର ଓ ବରିମୁଣ୍ଡ ଆଦି ୨ ପଞ୍ଚାୟତର ୧୧ଟି ରାଜସ୍ୱ ଗ୍ରାମର ଜନସାଧାରଣ ଉପକୃତ ହେବେ ବୋଲି କଲ୍ୟାଣପୁର ରାଜସ୍ୱ ନିରୀକ୍ଷକ ସୌଭାଗ୍ୟ ଶତପଥୀ କହିଛନ୍ତି। କଲ୍ୟାଣପୁର ସରପଞ୍ଚ ଦେବରାଜ ଭୋଇ, ସମିତିସଭ୍ୟ ଭୁବନ ମୋହନ ଦାସ, ୫ ପଞ୍ଚାୟତ ମୁରବି ଅନ୍ତର୍ଯ୍ୟାମୀ କୁଅଁର, ପୂର୍ବତନ ସରପଞ୍ଚ ଗୋପୀନାଥ ଦାଶ ଯୋଗଦେଇଥିଲେ।

# ଡିଜିଟାଲ କ୍ଷେତ୍ରରେ ଦକ୍ଷ ହେବେ ଛାତ୍ରୀଛାତ୍ର

ଭୁବନେଶ୍ୱର,୨୪।୪(ବ୍ୟୁରୋ)

**ଟିସିଆଇଟି ସହ 'ମୋ କଲେଜ'ର ଏମ୍‌ଓୟୁ**

କଲେଜ ଛାତ୍ରୀଛାତ୍ରଙ୍କ ବୈଷୟିକ ଶିକ୍ଷାକୁ ସୁଦୃଢ଼ କରାଯିବା ସହ ସେମାନଙ୍କୁ ଡିଜିଟାଲ କ୍ଷେତ୍ରରେ ଦକ୍ଷ କରାଯିବ। ଏନେଇ ମୋ କଲେଜ ଅଭିଯାନ ପରିଚାଳନା ସଂଗଠନ ଓ ଟାଟା କମ୍ୟୁନିଟି ଇନିସିଏଟିଭ୍ ଟ୍ରଷ୍ଟ (ଟିସିଆଇଟି) ମଧ୍ୟରେ ଏକ ବୁଝାମଣା ପତ୍ର (ଏମ୍‌ଓୟୁ) ସ୍ୱାକ୍ଷରିତ ହୋଇଛି। 'ମୋ କଲେଜ' ଅଧ୍ୟକ୍ଷ ଆକାଶ ଦାସ ନାୟକ ଓ ଟିସିଆଇଟି ସିଇଓ ଅନିତା ରାଜନ ଏହି ଏମ୍‌ଓୟୁ ସ୍ୱାକ୍ଷର କରିଛନ୍ତି। ଏମ୍‌ଓୟୁ ଅନୁସାରେ ରାଜ୍ୟର ବିଭିନ୍ନ ସରକାରୀ କଲେଜରେ ଛାତ୍ରୀଛାତ୍ରଙ୍କୁ ବିଭିନ୍ନ ଡିଜିଟାଲ୍ ପାଠ୍ୟକ୍ରମ ଦିଆଯିବାର ବ୍ୟବସ୍ଥା କରାଯିବ। ଟିସିଆଇଟିର ଟାଟା ଷ୍ଟ୍ରାଇଭ୍ ଡିଜିଟାଲ୍ ସ୍କିଲ୍ ଟ୍ରେନିଂ ପ୍ରୋଗ୍ରାମରେ ବିଭିନ୍ନ କଲେଜ ପାଇଁ ଭିନ୍ନ ଭିନ୍ନ ଡିଜିଟାଲ କୋର୍ସ ରହିଛି। ଇଞ୍ଜିନିୟରିଂ ଓ ପ୍ରଫେସନାଲ୍ କଲେଜରେ ପିଲାଙ୍କୁ ଡିଜିଟାଲ୍ ଓ ଆଇଟି କ୍ଷେତ୍ରରେ ସୁଦୃଢ଼ କରିବାକୁ ସ୍ୱତନ୍ତ୍ର ପାଠ୍ୟକ୍ରମ ରହିଥିବାବେଳେ ବିଜ୍ଞାନ ଓ ଗଣିତରେ ସ୍ନାତକ ଥିବା କଲେଜର ଛାତ୍ରୀଛାତ୍ରଙ୍କ ପାଇଁ ବିଭିନ୍ନ ସଚେତନତାମୂଳକ ପାଠ୍ୟକ୍ରମ ଦିଆଯିବ। ବିଶେଷ କରି ଯୁକ୍ତ୩ ଦ୍ୱିତୀୟ ଓ ତୃତୀୟ ବର୍ଷର ପିଲାଙ୍କ ପାଇଁ ଏହି ପାଠ୍ୟକ୍ରମ ରହିଛି। ଏହାଦ୍ୱାରା ରାଜ୍ୟର ବିଭିନ୍ନ କଲେଜରେ ପ୍ରାୟ ୫ ହଜାର ଛାତ୍ରୀଛାତ୍ର ଉପକୃତ ହେବେ। ଅନ୍ୟପକ୍ଷରେ, ନିର୍ଦ୍ଦିଷ୍ଟ ସମୟସୀମା ମଧ୍ୟରେ ଏହି ପାଠ୍ୟକ୍ରମ ସାରିଲେ ଛାତ୍ରଛାତ୍ରୀଙ୍କୁ ଟାଟା ଷ୍ଟ୍ରାଇଭ୍ ପକ୍ଷରୁ ନିଯୁକ୍ତି ଲାଗି ପ୍ରଶିକ୍ଷଣ ମିଳିବ। ଏ ସମ୍ପର୍କରେ ମୋ କଲେଜ ଅଧ୍ୟକ୍ଷ ଦାସନାୟକ କହିଛନ୍ତି, ବର୍ତ୍ତମାନ ସମୟ ହେଉଛି ଡିଜିଟାଲର ଯୁଗ। ପ୍ରତ୍ୟେକ ଛାତ୍ରୀଛାତ୍ର ବୈଷୟିକ କ୍ଷେତ୍ରରେ ନିଜର ଜ୍ଞାନ ବୃଦ୍ଧି କରିବା ସହ ଡିଜିଟାଲ କ୍ଷେତ୍ରରେ ଦକ୍ଷ ହେବା ଦରକାର।

## ସଂକ୍ଷେପରେ

### ବାନାମୱରି ହିଙ୍ଗୁଳା ମନ୍ଦିର ରତ୍ନମୁଦ

ତିଗିରିଆ, ୨୪।୪(ଡି.ଏନ୍.ଏ .): ତିଗିରିଆ ବ୍ଲକ ମାନପୁର ଗ୍ରାମରେ ନିର୍ମାଣାଧୀନ ରହିଥିବା ବାନାମୱରି ହିଙ୍ଗୁଳା ମନ୍ଦିରର ରତ୍ନମୁଦ କାର୍ଯ୍ୟ ସୋମବାର ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବରେ କୃଷି, ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିକାଶ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସାଇଁ ଯୋଗଦେଇଥିଲେ। ଗ୍ରାମବାସୀଙ୍କ ଉପସ୍ଥିତିରେ ଆଚାର୍ଯ୍ୟ ସନ୍ତୋଷ କୁମାର ଶତପଥୀ ସମସ୍ତ ବୈଦିକ କର୍ମକାଣ୍ଡ ସଞ୍ଚାଳନ କରିଥିଲେ। କର୍ତ୍ତା ଭାବେ ଲଳିତ ମୋହନ ପଣ୍ଡା ଏବଂ ଦିଲୀପ କୁମାର ବାରିକ ଦାୟିତ୍ୱ ନିର୍ବାହ କରିଥିଲେ। କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥିଭାବେ ବ୍ଲକ ଅଧକ୍ଷା ସନ୍ଧ୍ୟାରାଣୀ ନାୟକ, ଉପାଧକ୍ଷ ମାନସ କୁମାର ସାହୁ, ସ୍ଥାନୀୟ ସରପଞ୍ଚ ପୁଷ୍ପିତା ସ୍ୱାଇଁ, ସମିତି ସଭ୍ୟ ବିଜୟ କୁମାର ଦେହୁରୀ ପ୍ରମୁଖ ଯୋଗଦେଇଥିଲେ।

### ଗୋପାଳପୁର ଜାଭିୟର୍ସ ସ୍କୁଲର ବାର୍ଷିକୋତ୍ସବ

କଟକ ଅଫିସ,୨୪।୪: କଟକ ମହାନଗର ନିଗମ(ସିଏମ୍ସି) ୫୭ ନମ୍ବର ୱାର୍ଡ ଗୋପାଳପୁର ସେଣ୍ଟ ଜାଭିୟର୍ସ ପବ୍ଲିକ ସ୍କୁଲର ବାର୍ଷିକ ଉତ୍ସବ 'ଅଙ୍କୁରନ' ସ୍ଥାନୀୟ ଏକ ମଣ୍ଡପଠାରେ ଅନୁଷ୍ଠିତ ହୋଇଯାଇଛି। ଉତ୍ସବକୁ ମେୟର ସୁବାସ ଚନ୍ଦ୍ର ସିଂ ଉଦ୍‌ଘାଟନ କରି କହିଥିଲେ ପିଲାଙ୍କୁ ଖାଲି ପାଠ ପଢ଼ାଇଲେ ହେବ ନାହିଁ। ସେମାନଙ୍କ ଭିତରେ ଥିବା ପ୍ରତିଭାକୁ ବିକଶିତ କରିବାରେ ଶିକ୍ଷକ ଓ ଅଭିଭାବକଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ସେମାନଙ୍କ ଅନ୍ତର୍ନିହିତ ଜ୍ଞାନକୁ ମଧ ପରିପ୍ରକାଶ କରିବା ଆବଶ୍ୟକ ବୋଲି ମେୟର କହିଥିଲେ। ମୁଖ୍ୟ ବକ୍ତା ଭାବେ କର୍ପୋରେଶନ, ପ୍ରତିଷ୍ଠାନ ସ୍ଥାୟୀ କମିଟି ଅଧକ୍ଷା ତଥା କର୍ପୋରେଟର ପୂର୍ଣ୍ଣିମା ସ୍ୱାଇଁ ଯୋଗଦେଇ ପ୍ରତିଯୋଗିତାପୂର୍ଣ୍ଣ ପାଠପଢ଼ା ମଧରେ ପିଲାମାନଙ୍କୁ ଖେଳକୁଦ ପ୍ରତି ଆଗ୍ରହ ସୃଷ୍ଟି କରିବା ସହିତ ସେମାନଙ୍କ ପ୍ରତିଭାକୁ ବିକାଶ କରିବା ଦିଗରେ ଉଭୟ ଅଭିଭାବକ ଓ ଶିକ୍ଷକଙ୍କ ଭୂମିକା ଉପରେ ଆଲୋକପାତ କରିଥିଲେ। ଉତ୍ସବରେ ଅଧକ୍ଷତା କରି ସ୍କୁଲର ଅଧକ୍ଷ ପ୍ରତାପ ଚନ୍ଦ୍ର ମହାନ୍ତି କହିଲେ ବିଭିନ୍ନ ଘାତ ପ୍ରତିଘାତକୁ ଅତିକ୍ରମ କରି ସ୍କୁଲଟି ଗଢ଼ିଉଠିଛି। ଏଥିପାଇଁ ସମସ୍ତ ଅଭିଭାବକ, ଶିକ୍ଷକଙ୍କ ଭୂମିକାର ପଟାନ୍ତର ନାହିଁ। ଏହି ଅବସରରେ କ୍ରୀଡ଼ା ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା ପିଲାମାନଙ୍କୁ ମେୟର ସିଂ ମେଡାଲ ଓ ପ୍ରମାଣପତ୍ର ଦେଇ ପୁରସ୍କୃତ କରିଥିଲେ। ଉତ୍ସବରେ ସ୍କୁଲର ସମସ୍ତ ଶିକ୍ଷୟିତ୍ରୀ, ଶିକ୍ଷକଙ୍କ ସମେତ ଅଭିଭାବକମାନେ ଉପସ୍ଥିତ ଥିଲେ। ଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମ ହୋଇଥିଲା। ଉତ୍ସବରେ ଶିକ୍ଷୟିତ୍ରୀ ମୌସୁମୀ ସେନଗୁପ୍ତ, ମୋନାଲିସା ମୁଦୁଲି, ସ୍ମିତା ସେନାପତି ପ୍ରମୁଖ ପରିଚାଳନା କରିଥିଲେ।

### ପୂର୍ବତନ ପ୍ରଧାନ ଶିକ୍ଷକଙ୍କ ପରଲୋକରେ ଶୋକ

ବଡମ୍ବା,୨୪।୪(ଡି.ଏନ୍.ଏ): ବଡମ୍ବା ବ୍ଲକ ଅନ୍ତର୍ଗତ ସରକାରୀ ମଙ୍ଗରାଜପୁର ଉନ୍ନିତ ଉଚ୍ଚ ବିଦ୍ୟାଳୟର ପୂର୍ବତନ ପ୍ରଧାନ ଶିକ୍ଷକ ସୁରେଶ ଚନ୍ଦ୍ର ପାଣି (୫୩)ଙ୍କ ଭୁବନେଶ୍ୱରସ୍ଥିତ ଏକ ଘରୋଇ ଡାକ୍ତରଖାନାରେ ପରଲୋକ ଘଟିଛି। ତାଙ୍କ ବିୟୋଗରେ ବିଦ୍ୟାଳୟର ଶିକ୍ଷୟିତ୍ରୀ, ଶିକ୍ଷକମାନେ ନୀରବ ପ୍ରାର୍ଥନା କରି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଛନ୍ତି। ଖବରପାଇ ବଡ଼ମ୍ବା ବିଧାୟକ ଦେବୀ ପ୍ରସାଦ ମିଶ୍ର, ବଡମ୍ବା ପଞ୍ଚାୟତ ସମିତି ଅଧକ୍ଷ ରଘୁପତି ମହାନ୍ତି, ୩୦ ନଂ. ଜୋନ ଜିଲାପରିଷଦ ସଭ୍ୟ ରବୀନ୍ଦ୍ର କୁମାର ସାହୁ, ପୂର୍ବତନ ବଡ଼ମ୍ବା ବ୍ଲକ ଅଧକ୍ଷ ବିଭୁଦତ୍ତ ପଟ୍ଟନାୟକ, ବ୍ଲକ ଶିକ୍ଷା ଅଧିକାରୀ ଲକ୍ଷ୍ମଣ ଲେଙ୍କା ପ୍ରମୁଖ ଶୋକବ୍ୟକ୍ତ କରିଛନ୍ତି।

# ବାଣୀପଦାରେ ପାଉଁଶ ନ ପକାଇବାକୁ ଦାବି

**ଅତିରିକ୍ତ ତହସିଲଦାରଙ୍କ ନିକଟରେ ସମିତିସଭ୍ୟ, ସରପଞ୍ଚଙ୍କ ଫେରାଦ**

ମଙ୍ଗୁଳି-ଜଗତପୁର, ୨୪।୪(ଡି.ଏନ୍.ଏ.)

ଟାଙ୍ଗୀ-ଚୌଦ୍ୱାର ବ୍ଲକ ଅଧୀନ ବାଣୀପଦା ପଞ୍ଚାୟତର ସୀମାନ୍ତରେ ଦୀର୍ଘ ମାସ ହେବ ଚୌଦ୍ୱାରସ୍ଥିତ ଏକ ଘରୋଇ କମ୍ପାନୀରୁ ବାହାରୁଥିବା କୋଇଲା ପାଉଁଶ ପକାକୁ ବିରୋଧ କରି ଏଠାରେ ନ ପକାଇବାକୁ ଦାବି ହୋଇଛି। ଏ ନେଇ ସ୍ଥାନୀୟ ସମିତି ସଭ୍ୟ, ସରପଞ୍ଚ ଓ ଗ୍ରାମବାସୀ ସୋମବାର ଅତିରିକ୍ତ ତହସିଲଦାରଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ଦାବିପତ୍ରରେ ଉଲ୍ଲେଖ ଅଛି ଯେ, ସ୍ଥାନୀୟ ଘରୋଇ କମ୍ପାନୀର ବର୍ଜ୍ୟବସ୍ତୁ ଯାହାକି କୋଇଲା ପୋଡ଼ିଗଲା ପରେ ପାଉଁଶକୁ ଆମ



ପାଉଁଶ ଉଡ଼ି ରାସ୍ତା ଧୂଆଁମୟ ହୋଇଯାଇଛି।

ଗ୍ରାମର ସୀମାନ୍ତରେ ପ୍ରତିଦିନ ଡମ୍ଫରରେ ଆଣି ପକାଯାଉଛି। ଏହି ସବୁ ସ୍ଥାନକୁ ଗ୍ରାମସଭା ଦ୍ୱାରା ଶିଳ୍ପ ପ୍ରତିଷ୍ଠା ପାଇଁ ସରକାରଙ୍କ ଇଡ୍‌କୋକୁ ଦିଆଯାଇଥିଲା। ଏଠାରେ ଶିଳ୍ପ ହେବା ପରିବର୍ତ୍ତେ କମ୍ପାନୀର ବର୍ଜ୍ୟବସ୍ତୁ ଢାଳିବା ପାଇଁ ଅନୁମତି ଦିଆଯାଇଛି। ଏହି କୋଇଲା ପାଉଁଶ ସାମାନ୍ୟ ପବନ ହେଲେ ଉଡି ଚାଷ ଜମି, ପୋଖରୀ, ରାସ୍ତାଘାଟ ଏବଂ ଖାଦ୍ୟ ପଦାର୍ଥରେ ମିଶୁଛି। ଯାହାର ପରିଣାମ ସ୍ୱରୂପ ଚାଷ ଜମିରେ ଫସଲ ହାନି ଶହ ଲୋକମାନେ ନାନାଧି ରୋଗର ଶିକାର ହେଉଛନ୍ତି। ବର୍ଷାଦିନେ ଉକ୍ତ ପାଉଁଶରୁ ବାହାରୁଥିବା ବିଷାକ୍ତ ପାଣି ଫସଲ ନଷ୍ଟ କରିବା ସହ ଛତିଶାପାଟରେ ମିଶିବା ଦ୍ୱାରା ଗୃହପାଳିତ ପଶୁ ସେହି ପାଣିକୁ ପିଇ ବିଭିନ୍ନ ରୋଗରେ ଆକ୍ରାନ୍ତ ହୋଇ ମୃତ୍ୟୁମୁଖେ ପଡୁଛନ୍ତି। ବିଗତ କିଛି ମାସ ତଳେ ଛତିଶା ପାଟରେ ମାଛ ମଡ଼କ ତାହାର ଜ୍ୱଳନ୍ତ ଉଦାହରଣ। ଏଣୁ ଏହାକୁ ତୁରନ୍ତ ବନ୍ଦ କରିବା ପାଇଁ ଇଡ୍‌କୋକୁ ନିର୍ଦ୍ଦେଶ ଦିଅନ୍ତୁ। ଏ ନେଇ ତହସିଲଦାର କହିଛନ୍ତି, ଆର୍‌ଆଇଙ୍କୁ ସ୍ୱଟକୁ ଯାଇ ତଦନ୍ତ କରି ୭ଦିନ ମଧରେ ରିପୋର୍ଟ ପାଇଁ ନିର୍ଦ୍ଦେଶ ଦିଆଯାଇଛି। ଆର୍‌ଆଇ ରିପୋର୍ଟ ଆସିବା ପରେ ଯଦି ସେପରି ସତ୍ୟ ଥାଏ, ତେବେ ଇଡ୍‌କୋ ଅଧିକାରୀଙ୍କ ସହ ଆଲୋଚନା କରିବା ସହ ଅଭିଯୋଗର ନିଷ୍କର୍ଷ ବାହାର କରାଯିବ। ଏହି ଦାବିପତ୍ର ପ୍ରଦାନ ବେଳେ ସମିତିଭ୍ୟ ସୁରେନ୍ଦ୍ର ସାମଲ, ସରପଞ୍ଚ ଦିଲୀପ ଭୋଇ, ସୁବାସ ମହନ୍ତ, ସନାତନ ସାମଲ, ସୁବାସ ମହନ୍ତ ପ୍ରମୁଖ ଉପସ୍ଥିତ ଥିଲେ ।

# ଅଗ୍ନିକାଣ୍ଡରେ ୫ ବଖରା ଜଳିଗଲା

ସାଲେପୁର,୨୪।୪(ଡି. ଏନ.ଏ.)

**ଲକ୍ଷାଧିକ ଟଙ୍କାର ସମ୍ପତ୍ତି ନଷ୍ଟ**

ସାଲେପୁର ବ୍ଲକ ଅନ୍ତର୍ଗତ ମିର୍ଜାପୁରରେ ରବିବାର ବିଳମ୍ବିତ ରାତିରେ ଭୟାବହ ଅଗ୍ନିକାଣ୍ଡ ଘଟି ୫ ବଖରା ସହ ଏକ ଛଣଗଦା ଜଳିଯାଇଛି। ଏଥିରେ ଲକ୍ଷାଧିକ ଟଙ୍କାର ସମ୍ପତ୍ତି ନଷ୍ଟ ହୋଇଯାଇଛି। ନିଆଁରେ ହାରାବତୀ ସ୍ୱାଇଁଙ୍କ ୩, ମାନସୀ ସ୍ୱାଇଁ ଏବଂ ରାତି ବଲ୍ଲଭ ସ୍ୱାଇଁଙ୍କ ଗୋଟିଏ ଲେଖାଏ ବଖରା ଜଳିଯାଇଛି। ଏଥିରେ ହାରବତୀଙ୍କ ୩୦ ବସ୍ତାରୁ ଉର୍ଦ୍ଧ୍ୱ ଧାନ, ଚାଉଳ, ମୁଗ ସହ ଝିଆରୀ ବାହାଘର ପାଇଁ କିଣିଥିବା ଅନେକ ନୂଆ ଶାଢ଼ି, ଗହଣା, ଆସବାବପତ୍ର, ଜମବାଡ଼ି କାଗଜପତ୍ର, ଶିକ୍ଷାଗତ ପ୍ରମାଣପତ୍ର ଆଦି ପୋଡ଼ି ପାଉଁଶ ହୋଇଯାଇଛି। ସେହିପରି ମାନସୀ ଓ ରାତିବଲ୍ଲଭଙ୍କ ମଧ ଅନେକ ଆସବାବପତ୍ର ଜଳିଯାଇଛି। ରାତିରେ ହାରବତୀ ଘରେ ଶୋଇଥିବାବେଳେ କୌଣସି କାରଣରୁ ହଠାତ୍ ନିଆଁ ଲାଗିଯାଇଥିଲା। ଏହାଦେଖି ସେ ଚିତ୍କାର କରିବାରୁ ଗ୍ରାମବାସୀ ଘଟଣାସ୍ଥଳରେ ପହଞ୍ଚି ନିଆଁ ଲିଭାଇବାକୁ ଉଦ୍ୟମ କରିବା ସହ ସାଲେପୁର ଦମକଳ ବାହିନୀକୁ ଖବର ଦେଇଥିଲେ। ଖବରପାଇ ଅଗ୍ନିଶମ ବିଭାଗର ୨ଟି ଗାଡ଼ି ପହଞ୍ଚି ନିଆଁକୁ ବହୁ କଷ୍ଟରେ ଆୟତ୍ତ କରିଥିଲା। ମାତ୍ର ସେତେବେଳକୁ ସବୁ ଜଳିଯାଇଥିଲା। ଧର୍ମକ୍ଷଗତପୁର ରାଜସ୍ୱ ନିରୀକ୍ଷକ ଅଧିକାରୀ ସୋମବାର ପହଞ୍ଚି କ୍ଷୟକ୍ଷତି ଆକଳନ କରିଥିବା ଜଣାପଡ଼ିଛି। ବିପନ୍ନ ପରିବାରଙ୍କୁ ତୁରନ୍ତ ସରକାରୀ ସହାୟତା ଯୋଗାଇଦେବା ନିମନ୍ତେ ଗ୍ରାମବାସୀଙ୍କ ପକ୍ଷରୁ ଦାବି ହୋଇଛି।



ଜଳିଯାଇଥିବା ଘର ଓ ଛଣଗଦା।

# ଶିକ୍ଷା ହିଁ ଛାତ୍ରୀଛାତ୍ରଙ୍କୁ ଉତ୍ତମ ମଣିଷ କରେ

**ଗୋତରା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ବାର୍ଷିକ ଉତ୍ସବ ପାଳିତ**

ମାହାଙ୍ଗା,୨୪।୪(ସ୍ୱ.ପ୍ର.)

ମାହାଙ୍ଗା ବ୍ଲକ ଅନ୍ତର୍ଗତ ଗୋତରା ଗ୍ରାମସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ବାର୍ଷିକ ଉତ୍ସବ ସୋମବାର ପାଳିତ ହୋଇଯାଇଛି। ଶିକ୍ଷାବିତ୍ ତଥା ଆଇନଜୀବୀ ସୁବାସ ପାଇଟଲ ଏଥିରେ ଅଧକ୍ଷତା କରିଥିଲେ। ଉତ୍ସବରେ ମୁଖ୍ୟ ଅତିଥିଭାବେ ଶିକ୍ଷାବିତ୍ ତଥା ପ୍ରବଚକ ବିଭୂତି ଭୂଷଣ ଷଡ଼ଙ୍ଗୀ, ସମ୍ମାନିତ ଅତିଥିଭାବେ ବିଦ୍ୟାଳୟ ଟ୍ରଷ୍ଟି ବିଭୁ ମିଶ୍ର, ପରିଚାଳନା ଟ୍ରଷ୍ଟି ଏସ୍ ପି ଡି ଆର ମହାପାତ୍ର ଯୋଗଦେଇ ଶିକ୍ଷା ହିଁ ଛାତ୍ରୀଛାତ୍ରଙ୍କୁ ଉତ୍ତମ ମଣିଷ କରି ଗଢ଼ିତୋଳେ ବୋଲି କହିଥିଲେ। ପ୍ରଧାନ ଆଚାର୍ଯ୍ୟ ସୁଜାତା ମାଢ଼େଇ ଅତିଥି ପରିଚୟ ଓ ବାର୍ଷିକ ବିବରଣୀ ପାଠ କରିଥିଲେ। ଏହି ଅବସରରେ



ଅତିଥିମାନେ ଜଣେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରୁଛନ୍ତି।

କୃତୀ ପ୍ରତିଯୋଗୀମାନଙ୍କୁ ଅତିଥିମାନେ ଟ୍ରଫି ଦେଇ ପୁରସ୍କୃତ କରିଥିଲେ । ସରସ୍ୱତୀ ପୃଷ୍ଟି,ବିଦ୍ୟୁଲତା ମହାପାତ୍ର, ଜୟନ୍ତୀ ଷଡ଼ଙ୍ଗୀ, ମମତା ଷଡ଼ଙ୍ଗୀ, ରିତୁନ ନାୟକ, ପ୍ରଗତି ସୂତାର, ଅୟସକାନ୍ତ ନାୟକ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ । ପରେ କୁନି କୁନି ପିଲାମାନଙ୍କ ଦ୍ୱାରା ନୃତ୍ୟ ଓ ସଙ୍ଗୀତ ଆଦି ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

### ସଂସ୍କାରକ ସାଧୁସୁନ୍ଦର ଦାସଙ୍କ ଜୟନ୍ତୀ

ଚୌଦ୍ୱାର,୨୪।୪(ଡି.ଏନ୍.ଏ):

ମହାନ୍ ସଂସ୍କାରକ, ଏକେଶ୍ୱରବାଦର ପ୍ରବକ୍ତା, ଦେଶର ପ୍ରଥମ ହାତଲେଖା ଖବରକାଗଜ 'କୁଜିବର ପତ୍ର'ର ପ୍ରଣେତା ମହାତ୍ମା ସାଧୁସୁନ୍ଦର ଦାସଙ୍କ ୩୦୪ତମ ଜୟନ୍ତୀ ଓ ବିଶ୍ୱଶାନ୍ତି ମହାଯଜ୍ଞ ଆଗ୍ରାହାଟ ପଞ୍ଚାୟତ କୁଜିବରସ୍ଥିତ ସିଦ୍ଧପୀଠରେ ସମାରୋହରେ ପାଳିତ ହୋଇଯାଇଛି। ପ୍ରଭାତରୁ ସୂର୍ଯ୍ୟପୂଜା, ଗୋ ପୂଜନ, କଳସଯାତ୍ରା, ମହାପୂଜା ଆଦି ସହିତ ଯଜ୍ଞାରମ୍ଭ କରାଯାଇଥିଲା। ସାଧୁ ସୁନ୍ଦର ସ୍ମୃତି କମିଟି ଆନୁକୂଲ୍ୟରେ ସନ୍ଧ୍ୟାରେ ଆୟୋଜିତ ଉତ୍ସବକୁ ହିନ୍ଦ୍ ସେବକ ସଂଘର ରାଷ୍ଟ୍ରୀୟ ଅଧକ୍ଷ ଦାମୋଦର ସାହୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। କମିଟି ସଭାପତି ସୁକାନ୍ତ କୁମାର ମହାନ୍ତିଙ୍କ ପରିଚାଳନାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ବିଧାୟକ ସୌଭିକ ବିଶ୍ୱାଳ ଅତିଥି ଭାବେ ଯୋଗଦେଇ ମହାତ୍ମାଙ୍କ ତ୍ୟାଗପୁତ ଜୀବନୀ ଉପରେ ଆଲୋଚନା କରିଥିଲେ। ସମ୍ପାଦକ ଶରତ ଚନ୍ଦ୍ର ନାୟକ ବିବରଣୀ ପାଠ କରିଥିଲେ। ଧୀରେନ୍ଦ୍ରନାଥ ଜେଠୀ ଧନ୍ୟବାଦ ଦେଇଥିଲେ। ଯଜ୍ଞରେ ହଜାର ହଜାର ସଂଖ୍ୟାରେ ଶ୍ରଦ୍ଧାଳୁ ଯୋଗଦେବା ସହିତ ମହାପୁରୁଷଙ୍କ ପ୍ରସିଦ୍ଧ ଦହି ପଖାଳ, ଶାଗଭଜା, ମହନଭୋଗ ଆଦି ପ୍ରସାଦ ସେବନ କରିଥିଲେ। ମାର୍ଫତଦାର ଶରତ କୁମାର ସାହୁ, ଅନ୍ତର୍ଯାମୀ ଦାସ, ଉମେଶ ଚନ୍ଦ୍ର ସାହାଣୀ, ବାସୁଦେବ ସାହୁ, ସାଧୁସୁନ୍ଦର ଆଳତି ସଂଘ, ସାଧୁସୁନ୍ଦର ସଂକୀର୍ତ୍ତନ ମଣ୍ଡଳୀ, ସ୍ମୃତି କମିଟିର ସଦସ୍ୟବୃନ୍ଦ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଭଜନ ସନ୍ଧ୍ୟା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

# ସଦ୍‌ଗୁରୁ କ୍ୟାନ୍‌ସର ହସ୍ପିଟାଲ ଉଦ୍‌ଘାଟିତ

କଟକ ଅଫିସ, ୨୪।୪:

ଜଗତପୁରସ୍ଥିତ ସଦଗୁରୁ ହସ୍ପିଟାଲରେ କ୍ୟାନ୍‌ସର ୟୁନିଟ୍ ରବିବାର ଉଦ୍‌ଘାଟିତ ହୋଇଯାଇଛି। ଉକ୍ତ କ୍ୟାନ୍‌ସର ୟୁନିଟ୍‌କୁ ରାଜ୍ୟପାଳ ପ୍ରଫେସର ଡ. ଗଣେଶୀ ଲାଲ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ରାଜ୍ୟପାଳ କହିଥିଲେ, ଡାକ୍ତରମାନଙ୍କ ଭୂମିକା ଧର୍ମଯାଜକ କିମ୍ବା ପୁରୋହିତମାନଙ୍କଠାରୁ କମ୍ ନୁହେଁ। ସେମାନେ ଈଶ୍ୱରଙ୍କ ଦ୍ୱିତୀୟ ଅବତାର। ସମାଜର ଭଲ ପାଇଁ ସେମାନେ କାମ କରୁଛନ୍ତି । ଏହା ସଦ୍‌ଗୁରୁ କର୍କଟ ହସ୍ପିଟାଲ କ୍ଷେତ୍ରରେ ପ୍ରଜୁର୍ଯ୍ୟ। ସୁଲଭ ସ୍ୱାସ୍ଥ୍ୟସେବା ସଦଗୁରୁ ହସ୍ପିଟାଲ ପ୍ରଦାନ କରିବ ବୋଲି ରାଜ୍ୟପାଳ କହିଥିଲେ। କ୍ୟାନ୍‌ସର ହସ୍ପିଟାଲର ପରିଚାଳନା ନିର୍ଦ୍ଦେଶକ ଡା. ପ୍ରଦୀପ କୁମାର ମହାନ୍ତିଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଉତ୍ସବରେ ସିଏମ୍ସି ମେୟର ସୁବାସ ସିଂ ଯୋଗଦେଇ କହିଥିଲେ, ସଦଗୁରୁ ହସ୍ପିଟାଲ ୧୨ ବର୍ଷ ଧରି ରୋଗୀସେବା କ୍ଷେତ୍ରରେ ସୁନାମ ଅର୍ଜନ କରିଆସିଛି। ଏହି କ୍ୟାନ୍‌ସର ହସ୍ପିଟାଲ ଖୋଲିବା ପରେ ସେଥିରେ ଆଉ ଏକ ଫର୍ଦ୍ଦ ଯୋଡି ହୋଇଛି ବୋଲି ସିଂ କହିଥିଲେ। ସୂଚନାଯୋଗ୍ୟ, ସଦ୍‌ଗୁରୁ କ୍ୟାନସର ହସ୍ପିଟାଲରେ ଅତ୍ୟାଧୁନିକ ଯନ୍ତ୍ରପାତି ଓ ବିଶେଷଜ୍ଞ ଡାକ୍ତର ଅଛନ୍ତି। ସେହିପରି ଅତ୍ୟାଧୁନିକ ଟ୍ରୁ ବିମ୍ ଲିନାକ ରେଡିଓଥେରାପି ପଦ୍ଧତିରେ ବାହ୍ୟବିକିରଣ ଚିକିତ୍ସା ସହ ବ୍ରାକିଥେରାପି ରେଡିଓଥେରାପି ପଦ୍ଧତିରେ ଆଭ୍ୟନ୍ତରୀଣ ବିକିରଣ ଚିକିତ୍ସା କରାଯାଇପାରିବ। ଏଥିସହ କେମୋଥେରାପି ଟାର୍ଗେଟେଡ୍ ଥେରାପି, ୟୁମୋନଥେରାପି ଚିକିତ୍ସା ସୁବିଧା ମଧ ଉପଲବ୍ଧ ହେବ। ମଡ୍ୟୁଲାର ଅସ୍ତ୍ରୋପଚାର କକ୍ଷରେ ସର୍ଜିକାଲ ଅଙ୍କୋଲୋଜି ସହ ମୁଣ୍ଡ ବେକ, ଜିଆଇ ଥୋରାସିକ୍, ସ୍ତନ, ଜରାୟୁ, ସ୍ନାୟୁ, ଅସ୍ଥି, ମୁତ୍ରଶଲ୍ୟ କର୍କଟ ରୋଗର ଅସ୍ତ୍ରୋପଚାର କରାଯାଇପାରିବ। ବର୍ତ୍ତମାନ ୬୦ଟି ଶଯ୍ୟା ରହିଥିବା ବେଳେ ସ୍ୱତନ୍ତ୍ର ୧୨ଟି ଆଇସିୟୁ ବେଡ୍ ସଂରକ୍ଷିତ ରହିବ। ଫଳରେ ରୋଗୀମାନେ ଉତ୍ତର ଚିକିତ୍ସା ସୁବିଧା ପାଇପାରିବେ। ଉତ୍ସବରେ ଜିଲାପାଳ ଭବାନୀ ଶଙ୍କର ଚୟନୀ, କଟକ ଜିଲା ଭାଜପା ସଭାପତି ପ୍ରକାଶ ଚନ୍ଦ୍ର ବେହେରା, ଭାରତ ମସଲା ପରିଚାଳନା ନିର୍ଦ୍ଦେଶକ ସୁଶାନ୍ତ ପଣ୍ଡା, ଟାଟା ମେମୋରିଆଲ ହସ୍ପିଟାଲର ଡେପୁଟି ଡାଇରେକ୍ଟର ଡା. ସିଦ୍ଧାର୍ଥ ଲସ୍କର ଓ ରେଡିୟସ୍ ଅଙ୍କୋଲୋଜି ଡା. ଶ୍ରାବଣୀ ଘୋଷ ଲସ୍କର ଯୋଗଦେଇଥିଲେ।

# ଆନ୍ଦୋଳନ ଦ୍ୱାରା ମୌଳିକ ସମସ୍ୟାର ସମାଧାନ ହୋଇପାରିବ

**ଏସ୍‌ୟୁସିଆଇ (କମ୍ୟୁନିଷ୍ଟ)ର ପ୍ରତିଷ୍ଠା ଦିବସ**

କଟକ ଅଫିସ, ୨୪।୪:

ସୋସିଆଲିଷ୍ଟ ୟୁନିଟ୍ ସେଣ୍ଟର ଅଫ୍ ଇଣ୍ଡିଆ (ଏସ୍‌ୟୁସିଆଇ, କମ୍ୟୁନିଷ୍ଟ)ର ୭୬ତମ ପ୍ରତିଷ୍ଠା ଦିବସ ସୋମବାର ସ୍ଥାନୀୟ ଗାନ୍ଧୀଭବନରେ ପାଳିତ ହୋଇଯାଇଛି। ଏସ୍‌ୟୁସିଆଇ (କମ୍ୟୁନିଷ୍ଟ) ଜିଲା କମିଟିର ଅଫିସ୍ ସମ୍ପାଦକ ଖଗେଶ୍ୱର ସେଠୀଙ୍କ ସଭାପତିତ୍ୱରେ ଏହି ଉପଲକ୍ଷେ ଆୟୋଜିତ ସଭାରେ କଟକ ଜିଲା କମିଟି ସମ୍ପାଦକ ବିଶ୍ୱାବସୁ ଦାସ ମୁଖ୍ୟ ଅତିଥି ଭାବେ ଯୋଗଦେଇ କହିଥିଲେ, ବର୍ତ୍ତମାନ ଦେଶରେ ଜନସାଧାରଣ ସଙ୍କଟ ଓ ଅନିଶ୍ଚିତତା ମଧରେ ଜୀବନ ବିତାଉଛନ୍ତି। ଅତ୍ୟାବଶ୍ୟକ ସାମଗ୍ରୀ ଦର ଓ ଟିକସ ବୃଦ୍ଧି, ବେକାରୀ, ଛଟେଇ ସାଙ୍ଗକୁ ସରକାରୀ ସଂସ୍ଥାର ଘରୋଇକରଣ, ଦୁର୍ନୀତି ଆଦି ଯୋଗୁ ଭୟଙ୍କର ପରିସ୍ଥିତି ସୃଷ୍ଟି




ଗାନ୍ଧୀ ଭବନରେ ଅନୁଷ୍ଠିତ ଏସ୍‌ୟୁସିଆଇ (ସି)ର ପ୍ରତିଷ୍ଠା ଦିବସରେ ମଞ୍ଚାସୀନ ଅତିଥିମାନେ ।

ହୋଇଛି। ବିଶେଷକରି ନବେ ଦଶକରୁ ଜଗତୀକରଣ- ଘରୋଇକରଣ ନୀତି କାର୍ଯ୍ୟକାରୀ ହେବା ପରଠାରୁ ଆର୍ଥିକ ଓ ନୈତିକ ଦିଗ ଉପରେ ଆକ୍ରମଣ ହୋଇଛି। ସେହିପରି ବର୍ତ୍ତମାନ କେନ୍ଦ୍ର ସରକାର କଳା ଆଇନମାନ ପ୍ରଣୟନ କରି ଗଣତାନ୍ତ୍ରିକ ଅଧିକାରକୁ ଛଡ଼ାଇ ନେଉଛନ୍ତି। ସରକାରଙ୍କ ବିଫଳତାକୁ ଲୋକଲୋଚନକୁ ଆଣୁଥିବା ବ୍ୟକ୍ତିଙ୍କ ସ୍ୱରକୁ ଚପାଇଦେବା ପାଇଁ ପ୍ରାୟୋଜିତ ଭାବେ ସିବିଆଇ କିମ୍ବା ଇଡି ଚଢାଉ କରାଯାଉଛି। ଏହିଭଳି ସ୍ଥିତିରେ ଶ୍ରମିକ ଶ୍ରେଣୀର ଦଳ ଏସୟୁସିଆଇ(ସି) ହିଁ ଜନଗଣଙ୍କ ସମସ୍ତ ମୌଳିକ ସମସ୍ୟା ସମାଧାନର ଏକମାତ୍ର ପଥ। ଶକ୍ତିଶାଳୀ ଗଣ ଆନ୍ଦୋଳନ ଦ୍ୱାରା ଏହି ଶୋଷଣମୂଳକ ସମାଜ ବ୍ୟବସ୍ଥାର ଉଚ୍ଛେଦ କରାଯାଇପାରିବ ବୋଲି ସେ କହିଥିଲେ। ସେହିପରି ଜିଲା କମିଟି ସଦସ୍ୟା ବବି ବଳବନ୍ତରାୟ ଏସୟୁସିଆଇ (ସି) ଦଳକୁ ଶକ୍ତିଶାଳୀ କରି ଗଢି ତୋଳିବାକୁ ଜନସାଧାରଣଙ୍କୁ ଆହ୍ୱାନ ଦେଇଥିଲେ। କାର୍ଯ୍ୟକ୍ରମରେ ଜିଲା କମିଟି ସଦସ୍ୟ ବସନ୍ତ ନାୟକ, ସୌଭାଗ୍ୟ କେତନ ସାମଲ, ଦୀପକ ଦାସ, ଭାଗ୍ୟରବି ଦାସ, ବିନୋଦ ସେଠୀ, ତରୁଣସେନ ନାୟକ, ଇଶା ଧର ପ୍ରମୁଖ ଉପସ୍ଥିତ ଥିଲେ।




ବିଭିନ୍ନ ସମସ୍ୟା ନେଇ ସିପିଆଇ ମହାନଦୀ ନଗର ଆଞ୍ଚଳିକ କମିଟି ପକ୍ଷରୁ ଆର୍‌ଡିସିଙ୍କ କାର୍ଯ୍ୟାଳୟ ଆଗରେ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି।

# ସମ୍ବଲପୁର ହିଂସା ବିରୋଧରେ ହିନ୍ଦୁ ସଙ୍ଗଠନର ବିକ୍ଷୋଭ




ଆଠଗଡ଼ ଉପଖଣ୍ଡ ହିନ୍ଦୁ ସମାଜ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି।

ଆଠଗଡ,୨୪।୪(ସ୍ୱ.ପ୍ର.)

**ରାଜ୍ୟପାଳଙ୍କୁ ସ୍ମାରକ ପତ୍ର ପ୍ରଦାନ**

ସମ୍ବଲପୁରରେ ହନୁମାନ ଜୟନ୍ତୀ ଅବସରରେ ଆୟୋଜିତ ଶୋଭାଯାତ୍ରାବେଳେ ହିଂସା ହୋଇଥିଲା। ପରେ ଜଣେ ଯୁବକଙ୍କୁ ନିଷ୍ଠୁର ଭାବେ ହତ୍ୟା କରାଯାଇଥିଲା। ଏହି ପ୍ରାୟୋଜିତ ଆକ୍ରମଣ ଓ ହତ୍ୟା ସମଗ୍ର ହିନ୍ଦୁ ସମାଜକୁ ଗଭୀର ଆଘାତ ଦେଇଛି। ଏନେଇ ଦୋଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବା ସହ ହିନ୍ଦୁ ସମାଜକୁ ସୁରକ୍ଷା ଦେବାକୁ ଦାବି କରି ଆଠଗଡ଼ ଉପଖଣ୍ଡ ହିନ୍ଦୁ ସମାଜ ପକ୍ଷରୁ ରାଜପାଳଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ଉପଜିଲାପାଳ ହେମନ୍ତ କୁମାର ସ୍ୱାଇଁଙ୍କୁ ସୋମବାର ପ୍ରଦାନ କରାଯାଇଛି। ବଡ଼ମ୍ବା ବିଶ୍ୱ ହିନ୍ଦୁ ପରିଷଦ ସଭାପତି ସନ୍ତୋଷ କୁମାର ପଟ୍ଟନାୟକ ଏହାର ନେତୃତ୍ୱ ନେଇଥିଲେ। ଏହି ଅବସରରେ ବିଶ୍ୱହିନ୍ଦୁ ପରିଷଦର କର୍ମକର୍ତ୍ତା ଏକ ଶୋଭାଯାତ୍ରାରେ ଆସି ଆଠଗଡ ସହର ପରିକ୍ରମା କରିଥିଲେ। ପରେ ଆଠଗଡ ଉପଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଏକ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ମାନସ କୁମାର ଘଡ଼େଇ, ପ୍ରଭାକର ପ୍ରଧାନ, ଆଦିକନ୍ଦ ବାନପ୍ରସ୍ତି, ବ୍ରଜେନ୍ଦ୍ର ରାଏ, ବିଜୟ କୁମାର ବଳିୟାର ସିଂହ,ରାମନାରାୟଣ ମହାନ୍ତି, ସରୋଜ ରଣା, ଶଙ୍କର୍ଷଣ ମହାନ୍ତି, ଜଗଦାନନ୍ଦ ତ୍ରିପାଠୀ, ପ୍ରକାଶ ସେଠୀ ପ୍ରମୁଖ ଯୋଗଦେଇଥିଲେ।

# ପୂର୍ବତନ ମ୍ୟାନେଜରଙ୍କ ବୟାନ ରେକର୍ଡ କଲା ପୋଲିସ

କଟକ ସଦର,୨୪।୪(ଡି.ଏନ୍.ଏ.)

**କନ୍ଦରପୁର ସମବାୟ ମିନି ବ୍ୟାଙ୍କ ଅର୍ଥ ତୋସରପାତ ମାମଲା**

କଟକସଦର ବ୍ଲକ ଅନ୍ତର୍ଗତ କନ୍ଦରପୁର କୃଷକ ସେବା ସମବାୟ ସମିତି ଦ୍ୱାରା ପରିଚାଳିତ ମିନି ବ୍ୟାଙ୍କ ଅର୍ଥ ତୋଷରପାତ ମାମଲାର ପୋଲିସ ତଦନ୍ତ ଆରମ୍ଭ ହୋଇଛି। ଶୁକ୍ରବାର ମିନି ବ୍ୟାଙ୍କର ପୂର୍ବତନ ଶାଖା ପରିଚାଳକ(ମ୍ୟାନେଜର) ରବୀନ୍ଦ୍ର କୁମାର ମହାନ୍ତି(୮୫) କନ୍ଦରପୁର ଥାନାରେ ଉପସ୍ଥିତ ହୋଇ ନିଜର ପକ୍ଷ ତଦନ୍ତକାରୀ ଅଧିକାରୀଙ୍କ ନିକଟରେ ରଖିଥିଲେ। ଯେଉଁ ସମୟରେ ଅର୍ଥ ତୋଷରପାତ ଘଟଣା ପଦାକୁ ଆସିଲା ସେହି ସମୟରେ ନିଜ ଦାୟିତ୍ୱରୁ ଅବ୍ୟାହତି ନେଇ ସାରିଥିଲେ ବୋଲି ମହାନ୍ତି ପୋଲିସ ନିକଟରେ ବୟାନ ଦେଇଥିବା ନିର୍ଭରଯୋଗ୍ୟ ସୂତ୍ରରୁ ଜଣାପଡ଼ିଛି। ସୂଚନାଯୋଗ୍ୟ, ୨୦୨୧ ସେପ୍ଟେମ୍ବରରେ କନ୍ଦରପୁର ସମବାୟ ମିନି ବ୍ୟାଙ୍କରେ ଜମାକାରୀଙ୍କ ଟଙ୍କା ତୋଷରପାତ ହୋଇଥିବା ନେଇ ଜଣାପଡ଼ିଥିଲା। ଏ ନେଇ ମିନି ବ୍ୟାଙ୍କର ପରିଚାଳନା କମିଟି ଥାନାରେ ଏତଲା ଦେବା ପରେ ପୋଲିସ ନଂ.୨୨୬/୨୧ରେ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ଅନ୍ୟତମ ଅଭିଯୁକ୍ତ ବ୍ୟାଙ୍କ କ୍ୟାସିୟର ଦୀପ୍ତି କୁମାର ପଟ୍ଟନାୟକ ହାଇକୋର୍ଟରୁ ଅଗ୍ରୀମ ଜାମିନରେ ଆସି କେସ ଲଢୁଛନ୍ତି। ଅର୍ଥ ତୋଷରପାତ ମାମଲାର ତଦନ୍ତ ରିପୋର୍ଟ କଟକସ୍ଥିତ ସହକାରୀ ସମବାୟ ନିବନ୍ଧକଙ୍କର ହସ୍ତଗତ ହୋଇସାରିଛି। ଏହି ତଦନ୍ତ ଓଡ଼ିଶା ସମବାୟ ଆଇନ ଧାରା ୬୫ ମୁତାବକ କରାଯାଇ ଶାଖା ପରିଚାଳକ ମହାନ୍ତି, କ୍ୟାଶିୟର ଓ ପରିଚାଳନା ନିର୍ଦ୍ଦେଶକ ଧିରେନ ଦାଶଙ୍କୁ ଅଭିଯୁକ୍ତ ବୋଲି ଦର୍ଶାଯାଇଥିବା ତଥ୍ୟ ସହକାରୀ ସମବାୟ ନିବନ୍ଧକ କାର୍ଯ୍ୟାଳୟ ପତ୍ର ସଂଖ୍ୟା ୨୫୧୮/୨୦।୯।୨୦୨୨ରୁ ଜଣାପଡ଼ିଛି। ତଦନ୍ତ ବେଳେ ୮୨ ଲକ୍ଷ ୨ହଜାର ୯୮୦ ଟଙ୍କା ଜମାକାରୀଙ୍କ ଆକାଉଣ୍ଟରୁ ଗାଏବ ହୋଇଯାଇଥିବା ଜଣାପଡ଼ିଥିଲା। ମାତ୍ର ଏହି ତଦନ୍ତରେ ସ୍ୱଚ୍ଛତା ନ ଥିବାରୁ ସ୍ଥାନୀୟ ଅଞ୍ଚଳର ଜଣେ ସୂଚନା ଅଧିକାର କର୍ମୀ ଭୁବନେଶ୍ୱରସ୍ଥିତ ସମବାୟ ନିବନ୍ଧକଙ୍କ ଦୃଷ୍ଟି ଆକର୍ଷଣ କରି ଜଣେ ୮୫ବର୍ଷୀୟ ବରିଷ୍ଠ ନାଗରିକଙ୍କୁ କିପରି ଅର୍ଥ ପରିଚାଳନା ଦାୟିତ୍ୱ ଦେଇଥିବା ପରିଚାଳନା ମଣ୍ଡଳୀର ଭୂମିକା ସମ୍ପର୍କରେ ତଦନ୍ତ ପାଇଁ ଆର୍‌ଟିଆଇ ମାଧମରେ ନିବେଦନ କରିଥିଲେ। ଏହିପତ୍ର ପାଇବା ପରେ ନିବନ୍ଧକଙ୍କ କାର୍ଯ୍ୟାଳୟ ତରଫରୁ ପରବର୍ତ୍ତୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ ନିମନ୍ତେ ସହକାରୀ ସମବାୟ ନିବନ୍ଧକଙ୍କ କାର୍ଯ୍ୟାଳୟକୁ ପଠାଇ ଦିଆଯାଇଥିଲା। ଇତିମଧ୍ୟରେ ୫ମାସ ବିତି ଯାଇଥିଲେ ସୁଦ୍ଧା ଏହା ଉପରେ ଉଚ୍ଚ କର୍ତ୍ତୃପକ୍ଷ କୌଣସି ନିଷ୍ପତ୍ତି ନେଇ ନାହାନ୍ତି ବୋଲି ସହକାରୀ ସମବାୟ ନିବନ୍ଧକଙ୍କ କାର୍ଯ୍ୟାଳୟର ଲୋକ ସୂଚନା ଅଧିକାରୀ ପତ୍ର ସଂଖ୍ୟା ୧୧୭୧/୧୨।୪।୨୦୨୩ ରେ ଜଣାଇଛନ୍ତି। ଅନ୍ୟପକ୍ଷେ ପତ୍ର ସଂଖ୍ୟା ୨୫୧୮/୨୦।୯।୨୦୨୨ରେ ତତକ୍ାଳୀନ ସହକାରୀ ସମବାୟ ନିବନ୍ଧକ ଦେଇଥିବ। ନିର୍ଦ୍ଦେଶନାମାର କାର୍ଯ୍ୟକାରୀ ହୋଇଛି କି ନାହିଁ ସେ ସମ୍ପର୍କରେ ଲୋକ ସୂଚନା ଅଧିକାରୀ କିଛି ପତ୍ରରେ ଉଲ୍ଲେଖ କରିନାହାନ୍ତି। ତେଣୁ ସମ୍ପୃକ୍ତ ସୂଚନା ଅଧିକାର କର୍ମୀ ପ୍ରଥମ ଅପିଲ କରି ସବିଶେଷ ବିବରଣୀ ପ୍ରଦାନ ପାଇଁ ଦାବି କରିଛନ୍ତି। ଉକ୍ତ ମାମଲାଟି ଏବେବି ସୁଦ୍ଧା ବିଚାରାଧୀନ ରହିଛି।

## ସଂକ୍ଷେପରେ

### ୪ କେଜିରୁ ଉର୍ଦ୍ଧ୍ୱ ଗଞ୍ଜେଇ ଜବତ, ବ୍ୟବସାୟୀ ଗିରଫ



ବାଲୁଗାଁ,୨୪।୪(ଡି.ଏନ୍.ଏ.): ବାଲୁଗାଁ ଅବକାରୀ ବିଭାଗ ସୋମବାର ଚଢ଼ାଉ କରି ଜଣେ ଗଞ୍ଜେଇ ବ୍ୟବସାୟୀଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସେ ହେଲେ ବାଣପୁର ରୋଡ୍‌ସ୍ଥିତ ନହରଡିହ ଗ୍ରାମର ପ୍ରକାଶ ଚନ୍ଦ୍ର ପଣ୍ଡା। ତାଙ୍କ ନିକଟରୁ ୪ କେଜି ୨୦୦ ଗ୍ରାମର ଏକ ଗଞ୍ଜେଇ ବସ୍ତା ଜବତ ଜବତ ହୋଇଛି। ଏନେଇ ଏକ ମାମଲା (ନଂ.୧୨/୨୩) ରୁଜୁ ହୋଇଛି। ସୂଚନା ମୁତାବକ, ବେଆଇନ ଭାବେ ଗଞ୍ଜେଇ ବିକ୍ରି ହେଉଥିବା ଖବରପାଇ ବାଲୁଗାଁ ଅବକାରୀ ଅଧିକାରୀ ରୋହିତ କୁମାର ଦଣ୍ଡସେଣ ସଦଳବଳ ସୋମବାର ଭୋରୁ ଏହି ଚଢ଼ାଉ କରିଥିଲେ। ଏଏସ୍‌ଆଇ ସୁଦୀପ୍ତ କୁମାର ଦାସ, ବିଶ୍ୱମ୍ଭର ବିଶ୍ୱାଳ, ରତ୍ନାକର ଜାଲି, ଉର୍ମିଷ୍ଠା ସାମନ୍ତସିଂହାର, ଚିନ୍ମୟୀ ଦାସ ପ୍ରମୁଖ ଏହି ଚଢ଼ାଉରେ ସାମିଲ ହୋଇଥିଲେ।

### ବିଶ୍ୱଶାନ୍ତି ରୁଦ୍ର ମହାଯଜ୍ଞ

ନିରାକାରପୁର,୨୪।୪(ଡି.ଏନ୍.ଏ.): ସ୍ଥାନୀୟ ବଘେଇପୁଟ ଗ୍ରାମର ଇଷ୍ଟଦେବ ଶ୍ରୀଅନନ୍ତେଶ୍ୱର ଦେବଙ୍କ ପୀଠରେ ସୋମବାରଠାରୁ ଆରମ୍ଭ ହୋଇଛି ବିଶ୍ୱଶାନ୍ତି ରୁଦ୍ର ମହାଯଜ୍ଞ। ଏହି ଅବସରରେ ମଲାଗୁଣି ନଦୀରୁ ଗ୍ରାମର ମହିଳା, ପୁରୁଷ ବ୍ରତଧାରୀ ଜଳଯାତ୍ରା କରି ଯଜ୍ଞମଣ୍ଡପରେ ପହଞ୍ଚିଥିଲେ। ବାଦ୍ୟ ନୃତ୍ୟ ସହ ହରିବୋଲ, ହୁଳହୁଳିରେ ରାସ୍ତା କମ୍ପିଉଠିଥିଲା। ପରେ ସର୍ବଦେବଦେବୀ ଆବାହନ, ଅଗ୍ନି ସ୍ଥାପନା, ସୂର୍ଯ୍ୟ ପୂଜା, ଧେନୁ ପୂଜା ଆଦି କାର୍ଯ୍ୟ ରୀତିନୀତି ଅନୁସାରେ ଆରମ୍ଭ ହୋଇଛି। ଶିବପଞ୍ଚାକ୍ଷରୀ ଓ ବିଶ୍ୱଶାନ୍ତି ଅବସରରେ ଆହୁତ ଯୋଗୁ ଯଜ୍ଞ ପୀଠରେ ଏକ ଆଧାତ୍ମିକ ପରିବେଶ ସୃଷ୍ଟି ହୋଇଛି। ଆସନ୍ତା ୨୬ ତାରିଖରେ ପୂର୍ଣ୍ଣାହୁତି ଦିବସ ହୋଇଥିବାରୁ ସ୍ଥାନୀୟ ଅଞ୍ଚଳର ଶ୍ରଦ୍ଧାଳୁ ଉପସ୍ଥିତ ରହି ପ୍ରଭୁ କୃପାଲାଭ କରିବା ପାଇଁ ପୂର୍ବତନ ଜିଲା ପରିଷଦ ସଦସ୍ୟ ସୁକାନ୍ତ ମଙ୍ଗରାଜ, ନାରାୟଣ ଶତପଥୀ, ରମେଶ ମଙ୍ଗରାଜ, ଶଙ୍କର ବେହେରା, ପ୍ରଦ୍ୟୁମ୍ନ ମାର୍ଥା, ଲିଙ୍ଗରାଜ ମାର୍ଥା, ରଙ୍ଗନାଥ ମଙ୍ଗରାଜ, ଗୋପୀନାଥ ବଳିୟାରସିଂହ, ବିଜୟ କୁମାର ରାଉତରାୟ ପ୍ରମୁଖ ନିବେଦନ କରିଛନ୍ତି।

### ଭିଆର୍‌ପି ଆସୋସିଏଶନର ବିକ୍ଷୋଭ

ଭୁବନେଶ୍ୱର,୨୪।୪(ବ୍ୟୁରୋ): ୬ ଦଫା ଦାବି ନେଇ ଭିଲେଜ୍ ରିସୋର୍ସ ପର୍ସନ (ଭିଆର୍‌ପି) ଆସୋସିଏଶନ ପକ୍ଷରୁ ଲୋୟର ପିଏମଜିରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଆନ୍ଦୋଳନକାରୀଙ୍କ ଅଭିଯୋଗ ଅନୁସାରେ, ୨୦୧୭ରୁ ରାଜ୍ୟ ସରକାରଙ୍କ ଅଧିନସ୍ଥ ପଞ୍ଚାୟତିରାଜ ଓ ପାନୀୟଜଳ ବିଭାଗ, ଓଡ଼ିଶା ସୋସାଇଟି ଫର୍ ସୋସିଆଲ ଅଡିଟ୍ ଆକାଉଣ୍ଟାବିଲିଟି ଆଣ୍ଡ୍ ଟ୍ରାନ୍ସପରେନ୍ସି ବିଭାଗରେ କାର୍ଯ୍ୟ କରିଆସୁଥିବାବେଳେ ନିଜ ଅଧିକାରରୁ ସେମାନଙ୍କୁ ବଞ୍ଚିତ କରାଯାଉଛି। ଦାବି ପୂରଣ ନ ହେଲେ ଆନ୍ଦୋଳନ ଯୋରଦାର ହେବ ବୋଲି ଆସୋସିଏଶନ ସଭାପତି ସୁପ୍ରା ରାଉତ ଓ ରୁନୁ ଥାପ୍ପା କହିଛନ୍ତି।

# କବାଡ଼ିଆଙ୍କୁ ପିଲାଙ୍କ ବହି ବିକୁଥିଲେ ସିଆର୍‌ସିସି

**ଏବିଇଓଙ୍କ ଲିଖିତ ପ୍ରତିଶ୍ରୁତି ପରେ ଗ୍ରାମବାସୀ ଛାଡ଼ିଲେ**

ବୋଲଗଡ଼,୨୪।୪(ଡି.ଏନ୍.ଏ.)

ସରକାର ପିଲାମାନଙ୍କ ପାଠପଢ଼ା ଲାଗି ମାଗଣାରେ ବହି ଯୋଗାଇ ଦେଉଛନ୍ତି। ତେବେ କେତେଜଣ ଅସାଧୁ ସରକାରୀ କର୍ମଚାରୀ ଏଥିରୁ ଅନୈତିକ ଉପାୟରେ ଅର୍ଥ ଉପାର୍ଜନ କରିବାକୁ ପଛାଉନାହାନ୍ତି। ଏଭଳି ଘଟଣା ଖୋର୍ଦ୍ଧା ଜିଲା ବୋଲଗଡ଼ ଗୋଷ୍ଠୀ ଶିକ୍ଷା କାର୍ଯ୍ୟାଳୟ ଦେଉଳି କ୍ଲଷ୍ଟର ଅଧୀନରେ ଦେଖିବାକୁ ମିଳିଛି। ଦେଉଳି ସତ୍‌ମାର୍ଗ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରସ୍ଥ କ୍ଲଷ୍ଟର କାର୍ଯ୍ୟାଳୟରେ ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ଛାତ୍ରୀଛାତ୍ରଙ୍କ ପାଇଁ ଆସିଥିବା ବହିକୁ ଜଣେ ସିଆର୍‌ସିସି କବାଡିଆଙ୍କୁ ବିକ୍ରି କରୁଥିଲେ। ଏହି ସମୟରେ ବିଦ୍ୟାଳୟ ପରିଚାଳନା କମିଟି ସଭାପତି ତଥା ଗୋପାଳପୁର ପଞ୍ଚାୟତର ସ୍ଥାନୀୟ ୱାର୍ଡମେମ୍ବର



ଜବତ ହୋଇଥିବା ବହି।

ଆଲୋକ କୁମାର ସାହୁ ଓ କେତେଜଣ ଗ୍ରାମବାସୀ ପହଞ୍ଚି ବହି ବିକ୍ରିକୁ ନେଇ ବିରୋଧ କରିଥିଲେ। ଏହା ପରେ ସିଆର୍‌ସିସି ଓ କବାଡିଆଙ୍କୁ ଅଟକ ରଖି ପଚରାଉଚରା କରିଥିଲେ। ଖବରପାଇ ପଞ୍ଚାୟତ ସମିତିସଭ୍ୟ ତଥା ବ୍ଲକ ଉପାଧ୍ୟକ୍ଷ ରମେଶ ଚନ୍ଦ୍ର ସାହୁ ଘଟଣାସ୍ଥଳରେ ପହଞ୍ଚି ଘଟଣା ସମ୍ପର୍କରେ ବୋଲଗଡ଼ ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କୁ ଟେଲିଫୋନ ମାଧ୍ୟମରେ ଜଣାଇଥିଲେ। ବିଇଓ ଅନ୍ୟକାମରେ ବାହାରେ ଥିବାରୁ ସେ ଏବିଇଓ ସିଦ୍ଧେଶ୍ୱର ସାହୁ ଏବଂ କୈଳାସ ନାଥ ସ୍ୱାଇଁଙ୍କୁ ଏହି ଘଟଣାର ତଦନ୍ତ ପାଇଁ ପଠାଇଥିଲେ। ଉଭୟେ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିବା ସହ ବହି ବିକ୍ରି ପାଇଁ ଉଦ୍ୟମ ହୋଇଥିବା ଜାଣିବାକୁ ପାଇଥିଲେ। ଏହା ପରେ ଦୁଇ ଏବିଇଓ ବହିଗୁଡ଼ିକ ଜବତ କରିବା ସହ ଉକ୍ତ କାର୍ଯ୍ୟାଳୟକୁ ସିଲ୍ କରିଥିଲେ। ତେବେ ଘଟଣାର ତଦନ୍ତ ପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଲିଖିତ ପ୍ରତିଶ୍ରୁତି ଦେଇ ଗ୍ରାମବାସୀଙ୍କଠାରୁ ସମ୍ପୃକ୍ତ ସିଆର୍‌ସିସି ଓ କବାଡିଆଙ୍କୁ ମୁକୁଳାଇଥିଲେ।



ନିରାକାରପୁର: ବଘେଇପୁଟ ଗ୍ରାମସ୍ଥିତ ଶ୍ରୀଅନନ୍ତେଶ୍ୱରଙ୍କ ପୀଠରେ ଅନୁଷ୍ଠିତ ବିଶ୍ୱଶାନ୍ତି ରୁଦ୍ର ମହାଯଜ୍ଞ ଉପଲକ୍ଷେ ଅନୁଷ୍ଠିତ ଜଳଯାତ୍ରା।

### ମେ ୧୧ରୁ 'ଶବ୍ଦରଙ୍ଗ ନାଟକ ଉତ୍ସବ'

ଭୁବନେଶ୍ୱର, ୨୪।୪ (ବ୍ୟୁରୋ)

ଶବ୍ଦରଙ୍ଗ ପକ୍ଷରୁ ମେ ୧୧ରୁ ୩ଦିନ ଧରି 'ଶବ୍ଦରଙ୍ଗ ନାଟକ ଉତ୍ସବ' ଅନୁଷ୍ଠିତ ହେବାକୁ ଯାଉଛି। ରବିନ୍ଦ୍ରମଣ୍ଡପରେ ହେବାକୁ ଥିବା ଏହି ଉତ୍ସବ ପାଇଁ ସୋମବାର ଲୋଗୋ ଏବଂ ପୋଷ୍ଟର ଉନ୍ମୋଚିତ ହୋଇଛି। ସିନେ ନିର୍ଦ୍ଦେଶକ ତଥା ଅଭିନେତା ପ୍ରଶାନ୍ତ ନନ୍ଦ ଏବଂ ଇଷ୍ଟର୍ଣ୍ଣ ମିଡିଆ କାର୍ଯ୍ୟକାରୀ ନିର୍ଦ୍ଦେଶିକା ତନୟା ପଟ୍ଟନାୟକ ଏହି ଲୋଗୋକୁ ଉନ୍ମୋଚନ କରିଥିଲେ। ୧୧ତାରିଖରେ ମୋହନ ରାକେଶଙ୍କ ନାଟକର ରତ୍ନମାଳା ସ୍ୱାଇଁଙ୍କ ଦ୍ୱାରା ନାଟ୍ୟାନୁବାଦ 'ଆଷାଢରେ ଦିନେ', ୧୨ରେ ଗାଳ୍ପିକ ମନୋଜ ଦାସଙ୍କ 'ଆବୁ ପୁରୁଷ' ଉପରେ ଆଧାରିତ ସୁବୋଧ ପଟ୍ଟନାୟକଙ୍କ ନାଟ୍ୟରୂପ 'ଆବୁ' ମଞ୍ଚସ୍ଥ ହେବ।

# ଆନ୍ତଃରାଜ୍ୟ ଲୁଟେରା ଗ୍ୟାଙ୍ଗର ୧୨ ଗିରଫ

**୩ ସୁନାଚେନ୍, ୧୨ ମୋବାଇଲ, ୨୮ ହଜାର ଟଙ୍କା ଜବତ**

ପୁରୀ ଅଫିସ, ୨୪।୪

ପୁରୀ ପୋଲିସ ଏକ ଆନ୍ତଃରାଜ୍ୟ ଲୁଟେରା ଗ୍ୟାଙ୍ଗର ୧୨ ସଦସ୍ୟଙ୍କୁ ଗିରଫ କରିଛି। ଗିରଫ ଲୁଟେରାମାନେ ହେଲେ ଉତ୍ତରପ୍ରଦେଶ ଗୋରଖପୁର ଜିଲାର ରାଜେଶ କୁମାର (୨୮), ବିକାଶ ରାଠୋର (୩୦), ବିହାର ପଶ୍ଚିମ ଚମ୍ପାରନ୍ ଜିଲା ପୋଖରୀୟା ଗ୍ରାମର ରମେଶ ରୟ (୨୭), ପୁରୁଷୋତ୍ତମପୁର ଗ୍ରାମର ବ୍ୟାସ ମାହାତୋ (୩୭), ପିପିରିଆ ସୋଲାର ରୋଡର ରୂପ ନାରାୟଣ ରୟ (୩୪), ରିପୁ ରୟ (୩୪), ଆନନ୍ଦ ସାଗର ପିପିରିୟାର ଆଲୋକ ରୟନତ୍ (୫୦), ପୋଖରୀୟାର ମୁକେଶ ରୟ (୨୬), ରାଜେଶ ରୟ (୨୬), ଦିଲୀପ କୁମାର (୨୩) ଏବଂ ଚନ୍ଦ୍ରେଶ୍ୱର ପଶୱର (୨୨)। ଏମାନଙ୍କଠାରୁ ୩ଟି ସୁନାଚେନ୍, ନଗଦ ୨୮ ହଜାର ଟଙ୍କା ଏବଂ ୧୨ଟି ମୋବାଇଲ ଫୋନ ଜବତ କରାଯାଇଛି। ସିଂହଦ୍ୱାର ଥାନାରେ ଏନେଇ ଏକ କେସ୍ (ନଂ. ୪୯/୨୩) ରୁଜୁ ହୋଇଛି। ଗିରଫ ୧୨ ଲୁଟେରାଙ୍କୁ ମଙ୍ଗଳବାର କୋର୍ଟ ଚାଲାଣ କରାଯିବ। ଅତିରିକ୍ତ ଏସ୍‌ପି ମିହିର ରଞ୍ଜନ ପଣ୍ଡା ସୋମବାର ଟାଉନ ଥାନା



ଖବରଦାତା ସମ୍ମିଳନୀରେ ସୂଚନା ଦିଆଯାଉଛି।

ଅତିରିକ୍ତ ଏସ୍‌ପି ପଣ୍ଡା କହିଛନ୍ତି, ରବିବାର ଅକ୍ଷୟତୃତୀୟା ଥିବାରୁ ଶ୍ରୀମନ୍ଦିରରେ ପ୍ରବଳ ଗହଳି ହୋଇଥିଲା। ଏହି ଗହଳିର ସୁଯୋଗ ନେଇ ଲୁଟେରାମାନେ ଭକ୍ତଙ୍କ ନିକଟରୁ ସୁନାଚେନ୍ ଲୁଟ ପାଇଁ ଯୋଜନା କରିଥିଲେ। ତେବେ ସିଂହଦ୍ୱାର ଥାନାରେ ରବିବାର ସୁନାଚେନ୍ ଲୁଟ ନେଇ ୩ଟି ମାମଲା ରୁଜୁ ହୋଇଥିଲା। ଏହାକୁ ପୋଲିସ ଗୁରୁତ୍ୱର ସହ ନେଇ ସିସିଟିଭି କ୍ୟାମେରା ଯାଞ୍ଚ କରିବା ସହ ଶ୍ରୀମନ୍ଦିର ଭିତରେ ସାଧା ପୋଷାକରେ ସଜାଗ ରହିଥିଲେ। ସିଂହଦ୍ୱାର ଥାନା ଅଧିକାରୀ, କର୍ମଚାରୀମାନେ ପରିଶ୍ରମ କରି ୨୪ ଘଣ୍ଟା ମଧ୍ୟରେ ବିହାର ଓ ଉତ୍ତରପ୍ରଦେଶରୁ ଆସିଥିବା ଏକ ୧୨ଜଣ ଜଣିଆ ଲୁଟେରା ଗ୍ୟାଙ୍ଗକୁ ଧରିବାରେ ସକ୍ଷମ ହୋଇଥିଲେ। ଏହି ଲୁଟେରାମାନେ ଗତ ୨୨ତାରିଖରେ ପୁରୀ ଆସି ବାଲିସାହି ଗଛ କାଳୀ ଲେନ୍‌ରେ ଥିବା ଚନ୍ଦ୍ରକାନ୍ତ ଗେଷ୍ଟ ହାଉସରେ ରହିଥିଲେ। ପରେ ୨୩ ତାରିଖରେ ଗହଳିର ଫାଇଦା ନେଇ ଅପରାଧ କରିଥିଲେ। ତଦନ୍ତରୁ ଯାହା ଜଣାପଡ଼ିଛି, ଅଭିଯୁକ୍ତମାନେ ଦେଶର ବିଭିନ୍ନ ସ୍ଥାନରେ ଯେଉଁଠି ପ୍ରବଳ ଗହଳି ହୋଇଥାଏ ସେଠାକୁ ଯାଇ ଏପରି ଅପରାଧ କରିଥାନ୍ତି। ତେବେ ଗିରଫ ୧୨ ଲୁଟେରାଙ୍କର ଅନ୍ୟ କ'ଣ ଆପରାଧିକ କାର୍ଯ୍ୟ କରନ୍ତି ଜାଣିବା ପାଇଁ ବିହାର ଓ ଉତ୍ତରପ୍ରଦେଶ ସମତେ ଅନ୍ୟ ରାଜ୍ୟର ପୋଲିସ ସହ ଯୋଗାଯୋଗ କରାଯାଉଛି। ଲୁଟେରାମାନେ ୭ଦିନ ପୁରୀରେ ରହିବାର ଯୋଜନା କରିଥିଲେ। ୭ଦିନ ମଧ୍ୟରେ ଅତି କମ୍‌ରେ ୫୦ଟି ସୁନାଚେନ୍ ଲୁଟ କରିବାର ଲକ୍ଷ୍ୟ ରଖିଥିଲେ। ପରେ ଅନ୍ୟ ରାଜ୍ୟକୁ ଚାଲିଯିବା ପାଇଁ ଯୋଜନା ପ୍ରସ୍ତୁତ କରିଥିଲେ। ତେବେ ପୋଲିସ ଏହି ଘଟଣାକୁ ଗୁରୁତ୍ୱର ସହ ନେଇଛି। କିପରି ଏଭଳି କାର୍ଯ୍ୟକୁ ରୋକାଯାଇପାରିବ ସେ ନେଇ ପଦକ୍ଷେପ ନିଆଯିବ। ଥାନାରେ ରବିବାର ଅଭିଯୋଗ ହେବା ପରେ ପୋଲିସ ସିସିଟିଭି ଫୁଟେଜ ଓ ଅଭିଯୋଗକାରୀଙ୍କ ବୟାନକୁ ନେଇ ଏକ ରିପୋର୍ଟ ପ୍ରସ୍ତୁତ କରିଥିଲା। ପରେ ସିସିଟିଭିରୁ ଲୁଟେରାମାନଙ୍କୁ ଚିହ୍ନଟ କରାଯିବା ସହ ହୋଟେଲରେ ଚଢାଉ କରି ସମସ୍ତଙ୍କୁ ଗିରଫ କରାଯାଇଥିଲା ବୋଲି ଅତିରିକ୍ତ ଏସ୍‌ପି ପଣ୍ଡା କହିଛନ୍ତି। ଖବରଦାତା ସମ୍ମିଳନୀରେ କେ.କେ. ହରିପ୍ରସାଦ, ଶ୍ୱେତପଦ୍ମା ଦାଶ ଏବଂ ଗୋକୁଳ ରଞ୍ଜନ ଦାଶ ଉପସ୍ଥିତ ଥିଲେ।

# ପ୍ରସ୍ତାବିତ ମେଟ୍ରୋ ଚଳାଚଳ ପାଇଁ ସମୀକ୍ଷା ବୈଠକ




ବୈଠକରେ ଉପସ୍ଥିତ ଅଧିକାରୀ ଏବଂ ଅନ୍ୟମାନେ।

- ଡିପିଆର୍ ପ୍ରସ୍ତୁତି ପାଇଁ ଡିଏମ୍‌ଆର୍‌ସିଙ୍କୁ ଦିଆଗଲା ଦାୟିତ୍ୱ
- ସମନ୍ୱୟ ରକ୍ଷା କରି କାମ କରିବା ଉପରେ ଗୁରୁତ୍ୱାରୋପ

ଭୁବନେଶ୍ୱର, ୨୪।୪ (ବ୍ୟୁରୋ)

ରାଜଧାନୀ ଭୁବନେଶ୍ୱରରୁ ରୌପ୍ୟନଗରୀ କଟକକୁ ମେଟ୍ରୋ ଟ୍ରେନ ଗଡିବ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମେଟ୍ରୋ ଟ୍ରେନ ପ୍ରସ୍ତାବକୁ ଅନୁମୋଦନ କରିବା ପରେ ଏନେଇ ଉଚ୍ଚସ୍ତରୀୟ ସର୍ଭେ କରାଯାଇଛି। ପ୍ରଥମ ପର୍ଯ୍ୟାୟରେ ଏୟାରପୋର୍ଟରୁ ତ୍ରିଶୁଳିଆ ପର୍ଯ୍ୟନ୍ତ କାମକୁ ଅନୁମୋଦନ ମିଳିଥିବାବେଳେ ମେଟ୍ରୋ ଟ୍ରେନ ଭୁବନେଶ୍ୱର-କଟକ-ପୁରୀକୁ ସଂଯୋଗ କରିବ। ବିମାନବନ୍ଦରରୁ ବାହାରି ରେଳଷ୍ଟେସନ, ବାଣୀବିହାର, ପଟିଆ, ନନ୍ଦନକାନନ ଦେଇ ତ୍ରିଶୁଳିଆକୁ ଯୋଡିବ। ନୂଆକରି ଗଠନ ହୋଇଥିବା ସିଟି କୋଡିନେସନ କମିଟି (ସିସିସି) ପକ୍ଷରୁ ସୋମବାର ଏହାର ଅଗ୍ରଗତି ନେଇ ବିଡିଏ ସମ୍ମିଳନୀ କକ୍ଷରେ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଥିଲା। ସିସିସି ଅଧ୍ୟକ୍ଷ ତଥା ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ (ବିଡିଏ) ଉପାଧ୍ୟକ୍ଷ ବଲୱନ୍ତ ସିଂହଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ସମସ୍ତ ବିଭାଗୀୟ ମୁଖ୍ୟ ଉପସ୍ଥିତ ଥିଲେ। ସମସ୍ତ ବିଭାଗ ମଧ୍ୟରେ ସମନ୍ୱୟ ରକ୍ଷା କରି ମେଟ୍ରୋ କାମ କିପରି ସୁରୁଖୁରୁରେ ଆଗେଇବ ସେନେଇ ଆଲୋଚନା କରାଯାଇଥିଲା। ବୈଠକରେ ପ୍ରସ୍ତାବିତ ମେଟ୍ରୋର ଡ୍ରାଫ୍ଟ ଆଲାଇନମେଣ୍ଟ ଏବଂ ଅନ୍ୟ ଆବଶ୍ୟକତା ନେଇ ଆଲୋଚନା ହୋଇଥିଲା। ସ୍ୱଳ୍ପ ସମୟ ମଧ୍ୟରେ ଭୁବନେଶ୍ୱର ମେଟ୍ରୋ ଲାଗି ଡିପିଆର ଓ ମାଷ୍ଟରପ୍ଲାନ ପ୍ରସ୍ତୁତ କରିବା ଓ କାମ ଆରମ୍ଭ କରିବା ବଡ ଚ୍ୟାଲେଞ୍ଜ ହେବ ବୋଲି ମତ ପ୍ରକାଶ ପାଇଥିଲା। ଓଆରଆଇଡିଏଲ ପକ୍ଷରୁ ଡିପିଆର ପ୍ରସ୍ତୁତି ନେଇ ସଂକ୍ଷିପ୍ତ ସୂଚନା ଦିଆଯାଇଥିବାବେଳେ ଦିଲ୍ଲୀ ମେଟ୍ରୋ ରେଳ ନିଗମ (ଡିଏମଆରସି)କୁ ଏହି କାର୍ଯ୍ୟରେ ନିଯୁକ୍ତ କରାଯାଇଛି। ଯିଏକି ଦିଲ୍ଲୀ ଭଳି ଏଠାରେ ମଧ୍ୟ ଡିପିଆର ପ୍ରସ୍ତୁତ କରିବ। ଏହାବାଦ ବୈଠକରେ ପ୍ରସ୍ତାବିତ ପ୍ରକଳ୍ପ, ବିକାଶମୂଳକ କାର୍ଯ୍ୟରେ ଆବଶ୍ୟକ ଥିବା ତଥ୍ୟ ଏବଂ ଟ୍ରେଣ୍ଡର ନେଇ ଆଲୋଚନା ହୋଇଥିଲା। ଡିପିଆର ପ୍ରସ୍ତୁତ ସହ ଭୁବନେଶ୍ୱର, ଖୋର୍ଦ୍ଧା, କଟକ ଏବଂ ପୁରୀର ଅନ୍ୟାନ୍ୟ ଅଞ୍ଚଳକୁ ମେଟ୍ରୋ ନେଟୱାର୍କ ଲାଗି ମାଷ୍ଟର ପ୍ଲାନ ମଧ୍ୟ ପ୍ରସ୍ତୁତ ହେବ। ବୈଠକରେ ଇଡକୋ ମୁଖ୍ୟ ପାରିଚାଳକ, ବିଏମସି କମିଶନର, ଅତିରିକ୍ତ ପୋଲିସ କମିଶନରଙ୍କ ସହ ବହୁ ଅଧିକାରୀ ଉପସ୍ଥିତ ଥିଲେ।

## ରେଳୱେ ପକ୍ଷରୁ ନିଯୁକ୍ତି ମେଳା ଆରମ୍ଭ

ଜଟଣୀ,୨୪।୪(ଡି.ଏନ୍.ଏ.)

ଖୋର୍ଦ୍ଧାରୋଡ୍ ରେଳ ମଣ୍ଡଳ ପକ୍ଷରୁ ଜଟଣୀ ଟ୍ରାଫିକ କଲୋନୀସ୍ଥିତ ରେଲୱେ କଲ୍ୟାଣ ମଣ୍ଡପ ପରିସରରେ ସୋମବାର ଆରମ୍ଭ ହୋଇଛି ନିଯୁକ୍ତି ମେଳା। ପ୍ରଥମ ପର୍ଯ୍ୟାୟରେ ଗ୍ରୁପ 'ସି' କାଟୋଗୋରର ଟିକେଟ ନିରୀକ୍ଷକ, ଟ୍ରେନ ମ୍ୟାନେଜର(ଗାର୍ଡ), ବୁକିଂ କ୍ଲର୍କ ଓ ଅଫିସ କ୍ଲର୍କ ପାଇଁ ଯୋଗ୍ୟ ବିବେଚିତ ହୋଇଥିବା ୧୭୨ ଜଣ ଓ ଗ୍ରୁପ 'ଡି' ପଦବୀ ପାଇଁ ୫୧ ଜଣ ବିଦ୍ୟାର୍ଥୀଙ୍କୁ ନିଯୁକ୍ତି ପତ୍ର ବଣ୍ଟା ଯାଇଥିଲା। ୨୦୧୯ରୁ ଅଦ୍ୟାବଧି ବିଭିନ୍ନ ପର୍ଯ୍ୟାୟରେ ପରୀକ୍ଷା ଦେଇ କୃତକାର୍ଯ୍ୟ ହୋଇଥିବା ବିଦ୍ୟାର୍ଥୀଙ୍କୁ ଏପ୍ରିଲ ୨୪ ରୁ ୨୮ ତାରିଖ ପର୍ଯ୍ୟନ୍ତ ନିଯୁକ୍ତି ପତ୍ର ବାଣ୍ଟିବା ପାଇଁ ରେଳ ପ୍ରଶାସନ ପକ୍ଷରୁ ସ୍ଥିର କରାଯାଇଛି। ଏହି ପରିପ୍ରେକ୍ଷୀରେ ୨୦୩ ଜଣଙ୍କୁ ନିଯୁକ୍ତି ପାଇଁ ଡକାଯାଇଥିଲା। ମଙ୍ଗଳବାର ଗ୍ରୁପ ଡି କାଟାଗୋରିରେ ୨୧୫ଜଣ ଓ ବୁଧବାର ୨୧୫ଜଣ ଟ୍ରାକ ମେଣ୍ଟେନର, ଗୁରୁବାର କ୍ୟାରେଜ୍, ସିଗ୍ନାଲ, ଇଲେକ୍ଟ୍ରିକାଲ ବିଭାଗ ପାଇଁ ୨୦୬ ଜଣ ଆସିଷ୍ଟାଣ୍ଟ, ୨୮ ତାରିଖ ଶେଷ ଦିବସରେ ଅପରେଟିଂ ବିଭାଗ ପାଇଁ ୨୩୭ ଜଣ ଟୋକନ ପୋର୍ଟର ଏହିଭଳି ଖୋର୍ଦ୍ଧାରୋଡ୍ ରେଳ ମଣ୍ଡଳ ଠାରେ ୧୦୭୬ ଜଣ ନୂତନ ନିଯୁକ୍ତି ପାଇବେ। ଖୋର୍ଦ୍ଧାରୋଡ୍ ମଣ୍ଡଳ ଶ୍ରମିକ କଂଗ୍ରେସର ସହସଂଯୋଜକ ସୁନୀଲ କୁମାର ଭଞ୍ଜ, ଶାଖା ସମ୍ପାଦକ ଏଲ୍. ଡି ମହାନ୍ତି, ସୂର୍ଯ୍ୟକାନ୍ତ ସୁବୁଦ୍ଧି, ସଭାପତି ଧୁସାସନ ସାହୁ, କେନ୍ଦ୍ରୀୟ ପଦାଧିକାରୀ ଏମ୍.ଜି.କେ ରାଓ, ନିରଞ୍ଜନ ମିଶ୍ର, ଏ.ଶ୍ରୀନିବାସ ରାଓ ଓ ସୁନିଲ ପରିଡ଼ାଙ୍କ ନେତୃତ୍ୱରେ ୫୦ରୁ ଉର୍ଦ୍ଧ୍ୱ କର୍ମୀ ସର୍ବତ ବଣ୍ଟନ କରିଥିଲେ। ସେହିପରି ଜଟଣୀ ନାଗରିକ କମିଟି ସଭାପତି ମନ୍ମଥ ରାଉତରାୟଙ୍କ ସହଯୋଗରେ ନିଶୁଳ୍କ ମଧ୍ୟାହ୍ନ ଭୋଜନ ବ୍ୟବସ୍ଥା କରାଯାଇଥିଲା। ନୂତନ ଭାବେ ନିଯୁକ୍ତି ପାଇଥିବା କର୍ମଚାରୀମାନେ ଏହି କାର୍ଯ୍ୟ ପାଇଁ ପ୍ରଶଂସା କରିଥିଲେ।

## ଶାରୀରିକ ଶିକ୍ଷା ଶିକ୍ଷକଙ୍କ ରାଜ୍ୟସ୍ତରୀୟ ପ୍ରଶିକ୍ଷଣ ଶିବିର

ଭୁବନେଶ୍ୱର,୨୪।୪(ବ୍ୟୁରୋ)

ଭୁବନେଶ୍ୱରସ୍ଥିତ କଳିଙ୍ଗ ଷ୍ଟାଡ଼ିୟମଠାରେ ଶାରୀରିକ ଶିକ୍ଷା ଶିକ୍ଷକଙ୍କ ରାଜ୍ୟସ୍ତରୀୟ ପ୍ରଶିକ୍ଷଣ ଶିବିର ଉଦ୍‌ଘାଟିତ ହୋଇଯାଇଛି। ମୁଖ୍ୟମନ୍ତ୍ରୀଙ୍କ ଶିକ୍ଷା ପରାମର୍ଶଦାତା ଉପେନ୍ଦ୍ର ନାଥ ତ୍ରିପାଠୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଶାରୀରିକ ଶିକ୍ଷା ତଥା ଛାତ୍ରୀଛାତ୍ରଙ୍କ ବ୍ୟକ୍ତିତ୍ୱର ପୂର୍ଣ୍ଣାଙ୍ଗ ବିକାଶରେ ଶାରୀରିକ ଶିକ୍ଷାର ମହତ୍ତ୍ୱ ସମ୍ପର୍କରେ ଆଲୋକପାତ କରିଥିଲେ। ଛାତ୍ରୀଛାତ୍ରଙ୍କୁ ଶାରୀରିକ ଶିକ୍ଷା ସମ୍ପର୍କିତ କାର୍ଯ୍ୟକ୍ରମରେ ସାମିଲ କରିବାକୁ ସେ ଉପସ୍ଥିତ ଶାରୀରିକ ଶିକ୍ଷକଙ୍କୁ ଆହ୍ୱାନ ଦେଇଥିଲେ। ଓଡ଼ିଶା ବିଦ୍ୟାଳୟ ଶିକ୍ଷା କାର୍ଯ୍ୟକ୍ରମ ପ୍ରାଧିକରଣ (ଓସେପା)ର ରାଜ୍ୟ ପ୍ରକଳ୍ପ ନିର୍ଦ୍ଦେଶକ ଅନୁପମ ସାହା ଯୋଗଦେଇ ଆଗାମୀ ଦିନରେ ଏହି ପ୍ରଶିକ୍ଷଣ କାର୍ଯ୍ୟ ଚାଲୁ ରହିବ।

## ବିପଦକୁ ଡାକୁଛି ବେନାମୀ ମୃଦୁ ପାନୀୟ

**ପ୍ରଶାସନ ଦୃଷ୍ଟିଦେବାକୁ ଦାବି**

ଜଟଣୀ,୨୪।୪(ଡି.ଏନ୍.ଏ.)

ଖୋର୍ଦ୍ଧା ଜିଲା ଜଟଣୀ ସହରରେ ଅଣପଞ୍ଜୀକୃତ ମୃଦୁ ପାନୀୟ ବିକ୍ରି ହେଉଥିବା ଜଣାପଡ଼ିଛି। ସହରର ସୀତାରାମ ଛକ, ଥାନା ଛକ, ମସଜିଦ ଛକ, ହରିଭାଇନା ଛକ, ଗାନ୍ଧୀ ପାର୍କ, ରାଜା ବଜାର, ଆର୍‌ଆଇ କାର୍ଯ୍ୟାଳୟ ଛକ, ଷ୍ଟେଶନ ବଜାର ଆଦି ସ୍ଥାନରେ ଆଇସକ୍ରିମ, ସର୍ବତ, ମିଲ୍‌କସେକ୍, ଲସି, ସୋଡ଼ା, ରସନା ଆଦି ବିକ୍ରି କରାଯାଉଛି। ଲୋକଙ୍କ ଚାହିଦାକୁ ନଜରରେ ରଖି ପ୍ରସ୍ତୁତକାରୀ ସଂସ୍ଥା ବିଭିନ୍ନ ପ୍ରକାର ପାନୀୟ ପ୍ରସ୍ତୁତ କରିବା ସହ ବଜାରକୁ ପଠାଉଛନ୍ତି। ତାତିରୁ ରକ୍ଷା ପାଇବା ପାଇଁ ଗ୍ରାହକ ଏହି ମୃଦୁ ପାନୀୟକୁ ପିଉଛନ୍ତି। ତେବେ ଉକ୍ତ ପାନୀୟର ମାନ ନିରୂପଣ କରିବା ପାଇଁ ଖାଦ୍ୟ ସୁରକ୍ଷା ବିଭାଗ ପକ୍ଷରୁ କୌଣସି ପଦକ୍ଷେପ ନିଆଯାଉନାହିଁ। ଏହି ମୃଦୁପାନୀୟ ପିଇ କେତେଜଣ ଅସୁସ୍ଥ ହୋଇଥିବା ସାଧାରଣରେ ଅଭିଯୋଗ ହେଉଛି। ଏ ସଂକ୍ରାନ୍ତରେ ସ୍ଥାନୀୟ ପ୍ରଶାସନ ନିକଟରେ ଖବର ରହିଥିଲେ ମଧ୍ୟ ନୀରବଦ୍ରଷ୍ଟା ସାଜିଛି। ଜଟଣୀ ପୌର



କାର୍ଯ୍ୟନିର୍ବାହୀ ଅଧିକାରୀ ଦିଲୀପ ମହାନ୍ତି କୁହନ୍ତି, ଖାଦ୍ୟର ମାନ ନିରୂପଣ ସହିତ ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଖାଦ୍ୟ ସୁରକ୍ଷା ଅଧିକାରୀଙ୍କ ଦାୟିତ୍ୱ। ତଦନ୍ତରେ ଅଧିକାରୀଙ୍କୁ କେବଳ ସହଯୋଗ କରିବୁ। ପୌରପରିଷଦ ପକ୍ଷରୁ ଉକ୍ତ ବ୍ୟବସାୟୀଙ୍କଠାରୁ ଦୈନିକ କର ଆଦାୟ କରାଯାଉଛି ବୋଲି ସେ କହିଛନ୍ତି। ଅନ୍ୟପକ୍ଷରେ ଏନେଇ ପୌରାଧ୍ୟକ୍ଷ ଅନନ୍ତ ବେହେରା କୁହନ୍ତି, ଜନସାଧାରଣଙ୍କ ସ୍ୱାସ୍ଥ୍ୟକୁ ଦୃଷ୍ଟିରେ ରଖି ଆସନ୍ତା କାଉନ୍‌ସିଲ ବୈଠକରେ ଆଲୋଚନା କରାଯିବ। ପୌରପରିଷଦରେ ଜଣେ ଖାଦ୍ୟ ସୁରକ୍ଷା ଅଧିକାରୀଙ୍କୁ ନିଯୁକ୍ତ କରିବା ପାଇଁ ସରକାରଙ୍କ ନିକଟରେ ଦାବି କରାଯିବ ବୋଲି ସେ କହିଛନ୍ତି।

# ଜିଲାପାଳଙ୍କ କାର୍ଯ୍ୟାଳୟ ଘେରିଲେ କ୍ଷତିଗ୍ରସ୍ତ ଜମାକାରୀ

- ତୁରନ୍ତ ସଞ୍ଚୟ ଅର୍ଥ ଫେରାଇବାକୁ ଦାବି
- ସରକାରଙ୍କ ବିରୋଧରେ ଗର୍ଜିଲେ

ଖୋର୍ଦ୍ଧା ଅଫିସ,୨୪।୪

ଅର୍ଥ ଲଗାଣକାରୀ ସଂସ୍ଥାରେ ଟଙ୍କା ସଞ୍ଚୟ କରି ହଇରାଣ ହେଉଛନ୍ତି ଜମାକାରୀ। ଅଧିକ ସୁଧ ପ୍ରଲୋଭନ ଦେଖାଇ ଶତାଧିକ ଜମାକାରୀଙ୍କ ଠାରୁ କୋଟି କୋଟି ଟଙ୍କା ଆଦାୟ କରି ଏବେ ଫେରାର ହୋଇଯାଇଛନ୍ତି। ଜମାକାରୀଙ୍କ ଟଙ୍କା ଫେରସ୍ତ ପାଇଁ କୌଣସି ସଂସ୍ଥା ଗୁରୁତ୍ୱ ଦେଉନାହାନ୍ତି। ଫଳରେ ଜମାକାରୀ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ପ୍ରତିଶ୍ରୁତି ଦେଇ ସରକାର ମଧ୍ୟ ପ୍ରତାରଣା କରୁଛନ୍ତି। ଜମାକାରୀ ଟଙ୍କା ଫେରି ପାଇବା ନେଇ ଆଶଙ୍କା ସୃଷ୍ଟି ହୋଇଛି। ଏହାର ପ୍ରତିବାଦରେ ସୋମବାର ଆର୍ଥିକ ସଂସ୍ଥାମାନଙ୍କ ଦ୍ୱାରା କ୍ଷତିଗ୍ରସ୍ତ ହୋଇଥିବା କ୍ଷତିଗ୍ରସ୍ତଙ୍କୁ ନେଇ ଗଠିତ ମିଳିତ ମଞ୍ଚ ନେତୃତ୍ୱରେ ଶତାଧିକ ଜମାକାରୀ ନୂଆ ବସଷ୍ଟାଣ୍ଡଠାରୁ ଏକ ଶୋଭାଯାତ୍ରାରେ ବାହାରି ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ପହଞ୍ଚି ସରକାରଙ୍କ




ମିଳିତ ମଞ୍ଚ ପକ୍ଷରୁ ବାହାରିଥିବା ବିକ୍ଷୋଭ ଶୋଭାଯାତ୍ରା।

ବିରୋଧରେ ଗର୍ଜିଥିଲେ। ଏହି ଅବସରରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲାପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। କ୍ଷତିଗ୍ରସ୍ତ ଜମାକାରୀଙ୍କୁ ଚିହ୍ନଟ କରାଯାଇ ସେମାନଙ୍କ ଅର୍ଥ ଫେରି ପାଇବା ବ୍ୟବସ୍ଥା ଲାଗି ଦାବି କରିଛନ୍ତି।

ଅର୍ଥ ଲଗାଣକାରୀ ସଂସ୍ଥାଗୁଡିକ ସାଧାରଣ ଲୋକଙ୍କୁ ବର୍ଦ୍ଧିତ ସୁଧର ପ୍ରଲୋଭନ ଦେଖାଇ ଜମାଟଙ୍କା ଫେରସ୍ତ ନ ଦେଇ ନୂତନ ସ୍କିମ ଆଳ ଦେଖାଇ ଦିନ ଗଡ଼ାଇ ଚାଲିଛନ୍ତି। ଏହାର ପ୍ରତିବାଦରେ ଜମାକାରୀମାନେ ସମ୍ପୃକ୍ତ ସଂସ୍ଥା କାର୍ଯ୍ୟାଳୟ ଏବଂ ଜିଲାର ପ୍ରଶାସନିକ କାର୍ଯ୍ୟାଳୟ ଆଗରେ ଆନ୍ଦୋଳନ ସହ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ତେବେ ସରକାରଙ୍କ ପକ୍ଷରୁ କୌଣସି ପଦକ୍ଷେପ ଗ୍ରହଣ କରାଯାଇ ନାହିଁ। ଏପରିକି କୌଣସି ଥାନାରେ ଏତଲା ମଧ୍ୟ ରଖାଗଲା ନାହିଁ। ସମସ୍ତ ଥାନା ଅଞ୍ଚଳରେ ରହିଥିବା ସଂସ୍ଥା କାର୍ଯ୍ୟାଳୟ ବିରୋଧରେ ଏତଲା ଗ୍ରହଣ କରାଯାଇ କାର୍ଯ୍ୟାନୁଷ୍ଠାନ ପାଇଁ ଜମାକାରୀ ଦାବି କରିଛନ୍ତି। ଜମାକାରୀଙ୍କୁ ଚିହ୍ନଟ କରାଯାଇ ଟଙ୍କା ଫେରସ୍ତ ପାଇଁ ଦାବି କରାଯାଇଛି। ବିଜୟ ପାଢୀ, ସୁନିଲ ଦାଶ, ସଞ୍ଜିବ ପଣ୍ଡା, ରବି ଦାସ, ଅନୁରାଧା ସୁବୁଦ୍ଧି, ଜୟନ୍ତ ଦାସ, ଲକ୍ଷ୍ମୀଧର ମହାନ୍ତି, ହରିଶ ମହାନ୍ତି, ଫକୀର ଚରଣ ବେହେରା, ପ୍ରମୋଦ ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ତୁରନ୍ତ ଜମାକାରୀଙ୍କ ଟଙ୍କା ଫେରସ୍ତ ପାଇଁ କୌଣସି ପଦକ୍ଷେପ ଗ୍ରହଣ କରାନଗଲେ, ଆଗାମୀ ଦିନରେ ପ୍ରଶାସନ କଳକୁ ଅଚଳ କରି ଦିଆଯିବ। ଏଥିସହ ରାଜରାସ୍ତାକୁ ଓହ୍ଲାଇବେ ବୋଲି ମଞ୍ଚ ପକ୍ଷରୁ ଚେତାବନୀ ଦିଆଯାଇଛି।

## ଶ୍ରୀମନ୍ଦିର ହୁଣ୍ଡିରୁ ଆୟ



୨୪।୪।୨୦୨୩

| | |
|---|---|
| ୪,୨୫,୩୪୭ ଟଙ୍କା | |
| ସୁନା | ୮.୭୦୦ ଗ୍ରାମ୍ |
| ରୁପା | ୪୪ ଗ୍ରାମ୍ |

## ସଂକ୍ଷେପରେ

### ଶନିଦେବଙ୍କ ବାର୍ଷିକ ମହାଯଜ୍ଞ ଉଦ୍‌ଯାପିତ

ପିପିଲି,୨୪।୪(ଡି.ଏନ୍.ଏ.)- ପିପିଲି ବ୍ଲକ ଅନ୍ତର୍ଗତ ଗୋବର୍ଦ୍ଧନପୁରସ୍ଥିତ ଶନିଦେବଙ୍କର ୫ମ ବାର୍ଷିକ ମହାଯଜ୍ଞ ମହୋତ୍ସବ ରବିବାର ରାତିରେ ଉଦ୍‌ଯାପିତ ହୋଇଯାଇଛି। ଏହି ଉତ୍ସବ ୪ଦିନ ଧରି ଚାଲିଥିଲା। ଠାକୁରଙ୍କ ପୂର୍ଣ୍ଣାହୁତି ଓ କ୍ଷୀର ସ୍ନାନ ଦେଖିବାକୁ ଅନେକ ଶ୍ରଦ୍ଧାଳୁ ଶେଷ ଦିନରେ ସାମିଲ ହୋଇଥିଲେ। ଏହି ଆଧାତ୍ମିକ କାର୍ଯ୍ୟକ୍ରମରେ ମନ୍ଦିର ପରିବେଶ ଲୋକାରଣ୍ୟ ହୋଇ ଉଠିଥିଲା। ସେହିଭଳି ଦର୍ଶକଙ୍କ ମନୋରଞ୍ଜନ ପାଇଁ ଦୟାନଦୀ କୂଳରେ ମୀନାବଜାର ସହିତ ସାଂସ୍କୃତିକ କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ପ୍ରତ୍ୟେକ ସନ୍ଧ୍ୟାରେ ପାଇକ ଆଖଡ଼ା, ଓଡ଼ିଶୀ ନୃତ୍ୟ ଓ ସମ୍ବଲପୁରୀ ନୃତ୍ୟରେ ହଜାର ହଜାର ଲୋକ ବିଭୋର ହୋଇଥିଲେ। ଗତୀଶ୍ୱର ଉନ୍ନୟନ ପରିଷଦ ମୁଖ୍ୟ ପୂର୍ଣ୍ଣଚନ୍ଦ୍ର ସାହୁ ଓ ସମସ୍ତ ଗ୍ରାମବାସୀ ସହଯୋଗ କରିଥିଲେ।

### ଶହୀଦ ଦେବାଶିଷଙ୍କ ପରିବାରକୁ ଭେଟି ୫୦ ହଜାର ଟଙ୍କା ଦେଲେ ରାନୀ ପଣ୍ଡା

ସାକ୍ଷୀଗୋପାଳ,୨୪।୪(ଡି.ଏନ୍.ଏ.)- ଯାତ୍ରା ଅଭିନେତ୍ରୀ ରାନୀ ପଣ୍ଡା ସୋମବାର ଶହୀଦ ଦେବାଶିଷ ବିଶ୍ୱାଳଙ୍କ ଘର ଅଳଗୁମ୍ ବାସଭବନରେ ପହଞ୍ଚି ପରିବାରବର୍ଗଙ୍କୁ ସମବେଦନା ଜଣାଇଛନ୍ତି। ଶ୍ମଶାନକୁ ଖାଲିପାଦରେ ଯାଇ ସେଠାରେ ଶହୀଦଙ୍କ ଜୁଇ ନିକଟରେ ଫୁଲତୋଡ଼ା ଦେଇ ଦୁଃଖ ପ୍ରକାଶ କରିଥିଲେ। ବାସଭବନରେ ଥିବା ତାଙ୍କ ଫଟୋରେ ଶ୍ରଦ୍ଧାଞ୍ଜଳି ଦେଇଥିଲେ। ଶହୀଦଙ୍କ କୁନି ଝିଅକୁ ଦେଖି କାନ୍ଦ କାନ୍ଦ ହୋଇଯାଇଥିଲେ। ଏଥିସହ କୁନି ଝିଅ ହାତରେ ୫୦ ହଜାର ଟଙ୍କା ଧରାଇଥିଲେ।

### ପୁରୁଣା ସ୍ମୃତି ମନେ ପକାଇଲେ ଛାତ୍ରୀଛାତ୍ର

ସାକ୍ଷୀଗୋପାଳ,୨୪।୪(ସ୍ୱ.ପ୍ର./ଡି.ଏନ.ଏ)- ସତ୍ୟବାଦୀ ବ୍ଲକ ଅନ୍ତର୍ଗତ ଶାଣ୍ଟରା ଶ୍ରୀ ଶ୍ରୀ ନୀଳକଣ୍ଠ ଦେବ ବିଦ୍ୟାଳୟର ୧୯୯୦ ମସିହା ବ୍ୟାଚ୍‌ର ଛାତ୍ରୀଛାତ୍ରଙ୍କ ବୃନ୍ଦ ମିଳନ ଉତ୍ସବ ବୀରପୁରୁଷୋତ୍ତମସ୍ଥିତ ଶ୍ରୀ ବୁଦ୍ଧେଶ୍ୱର ମନ୍ଦିର ପରିସରରେ ସୋମବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଉକ୍ତ ବ୍ୟାଚର ଅଧିକାଂଶ ଛାତ୍ରୀଛାତ୍ରଙ୍କ ସମେତ ଶିକ୍ଷୟିତ୍ରୀ ଶିକ୍ଷକ ଯୋଗଦେଇଥିଲେ। କାର୍ଯ୍ୟକ୍ରମ ଆରମ୍ଭରେ ଦିବଂଗତ ଶିକ୍ଷୟିତ୍ରୀ, ଶିକ୍ଷକ, କର୍ମଚାରୀ ଏବଂ ସହପାଠୀଙ୍କ ଉଦ୍ଦେଶ୍ୟରେ ନୀରବ ପ୍ରାର୍ଥନା କରାଯାଇଥିଲା। ଏହାପରେ ଉପସ୍ଥିତ ଶିକ୍ଷୟିତ୍ରୀ ଶିକ୍ଷକଙ୍କ ସହ ଛାତ୍ରୀଛାତ୍ରମାନେ ପୁରୁଣାଦିନର ସ୍ମୃତିକୁ ମନେ ପକାଇ ଖୁସି ହୋଇଥିଲେ। ଏଥିରେ ବି.ରଥ, କେ. ପ୍ରଧାନ, ବି.ମୁଦୁଲି, ଏ.ପାଡ଼ୀ, ଏସ୍. ସାହୁ, ଏସ୍.ପାଣି, ବି. ପାତ୍ର, ଏସ୍.ପଣ୍ଡା, ଏସ୍. ପ୍ରଧାନ ଏବଂ ସେମାନଙ୍କ ପରିବାରବର୍ଗ ଯୋଗଦେଇଥିଲେ।

### କୃଷକଙ୍କ ଉନ୍ନତି ରାଜ୍ୟ ସରକାରଙ୍କ ମୂଳ ଲକ୍ଷ୍ୟ

ବଳଙ୍ଗା,୨୪।୪(ଡି.ଏନ୍.ଏ.)- ବଳଙ୍ଗା ଥାନା ନିକଟସ୍ଥ ଦଳଭାଣପୁରଠାରେ ନିମାପଡ଼ା ବ୍ଲକ କୃଷି ବିଭାଗ ପକ୍ଷରୁ ବ୍ଲକସ୍ତରୀୟ କୃଷକ ପାଳନ ଦିବସ ରବିବାର ଅନୁଷ୍ଠିତ ହୋଇଥିଲା। ମୁଖ୍ୟ ଅତିଥି ଭାବେ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ ଯୋଗଦେଇଥିଲେ। କୃଷି ଓ କୃଷକର ଉନ୍ନତି ପାଇଁ ରାଜ୍ୟ ସରକାରଙ୍କ ଯୋଜନା ଗୁଡ଼ିକର ସୁଫଳ କିଭଳି ଚାଷୀଙ୍କ ପାଖରେ ପହଞ୍ଚି ପାରିବ, ସେନେଇ ସରକାର ଚେଷ୍ଟା ଜାରି ରଖିଛନ୍ତି। କୃଷକଙ୍କ ଉନ୍ନତି ରାଜ୍ୟ ସରକାରଙ୍କ ମୂଳ ଲକ୍ଷ୍ୟ ଓ ଉଦ୍ଦେଶ୍ୟ। ବୋଲି ମନ୍ତ୍ରୀ କହିଥିଲେ। ବ୍ଲକ କୃଷି ଅଧିକାରୀ ସୁବାସ ଚନ୍ଦ୍ର ବାରିକ ଏଥିରେ ସଭାପତିତ୍ୱ କରିଥିଲେ। ସମ୍ମାନିତ ଅତିଥି ଭାବେ ପଞ୍ଚାୟତ ସମିତି ଅଧକ୍ଷ ଶଙ୍କର ଭୋଇ, ଆତ୍ମା କମିଟି ଅଧକ୍ଷ ନରେନ୍ଦ୍ର ମହାନ୍ତି, ଜିଲା ପରିଷଦ ସଭ୍ୟ ପ୍ରଦୀପ୍ତ ଖଟୋଇ, ରେଞ୍ଚ ପଞ୍ଚାୟତ ସରପଞ୍ଚ ପ୍ରସନ୍ନ ସ୍ୱାଇଁ, ସ୍ଥାନୀୟ ସରପଞ୍ଚ ରାକେଶ ବାରିକ ଯୋଗ ଦେଇଥିଲେ। ଚାଷ ଜମିରେ ମନ୍ତ୍ରୀ ଦାଶ ଅଖିମୁଠି ଅନୁକୂଳ କରିଥିଲେ। ଦଳଭାଣପୁର ଗହୀରରେ ଜଳ ନିଷ୍କାସନ ସମସ୍ୟା ପାଇଁ ହଜାର ହଜାର ହେକ୍ଟର ଚାଷ ଜମି ଜଳମଗ୍ନ ହୋଇ କ୍ଷତିଗ୍ରସ୍ତ ହେଉଥିବା ସରପଞ୍ଚ ମନ୍ତ୍ରୀ ଦାଶଙ୍କ ଦୃଷ୍ଟି ଆକର୍ଷଣ କରି ପ୍ରତିକାର ପାଇଁ ଦାବି କରିଥିଲେ।

# 'ଗୋଟିପୁଅର ବିକାଶ ପାଇଁ ସରକାର ସଂକଳ୍ପବଦ୍ଧ'

ପୁରୀ ଅଫିସ, ୨୪।୪:



ଗୋଟିପୁଅ ମହୋତ୍ସବର ଦ୍ୱିତୀୟ ଦିବସରେ କଳାକାରଙ୍କ ସହ ଅତିଥି ଓ ଅନ୍ୟମାନେ ।

ଉତ୍କର୍ଷ କଳାର ରାଜ୍ୟ ଉତ୍କଳର ସଂସ୍କୃତି ଓ ପରମ୍ପରାର ପ୍ରତୀକ ଗୋଟିପୁଅ ନୃତ୍ୟର ବିକାଶ ପାଇଁ ରାଜ୍ୟ ସରକାର ସଂକଳ୍ପବଦ୍ଧ ବୋଲି ସୋମବାର ଗୋଟିପୁଅ ମହୋତ୍ସବର ଦ୍ୱିତୀୟ ଦିବସରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ରାଜସ୍ୱ ଓ ସଂସ୍କୃତି ବିଭାଗର ସ୍ୱତନ୍ତ୍ର ଦାୟିତ୍ୱରେ ଥିବା ଅତିରିକ୍ତ ମୁଖ୍ୟ ଶାସନ ସଚିବ ସତ୍ୟବ୍ରତ ସାହୁ କହିଛନ୍ତି। କେନ୍ଦ୍ର ସରକାର, ରାଜ୍ୟ ସରକାର ଓ ପୁରୀ ଜିଲା ପ୍ରଶାସନର ମିଳିତ ସହଯୋଗରେ ଦଶଭୂଜା ଗୋଟିପୁଅ ଓଡ଼ିଶୀ ନୃତ୍ୟ ପରିଷଦ ପକ୍ଷରୁ ରଘୁରାଜପୁର କପୋତେଶ୍ୱର ବିଦ୍ୟାଳୟ ପଡ଼ିଆରେ ପଦ୍ମଶ୍ରୀ ଗୁରୁ ମାଗୁଣି ଦାସଙ୍କ ସ୍ମୃତିରେ ଗୋଟିପୁଅ ମହୋତ୍ସବ ଆୟୋଜିତ ହେଉଛି। ମହୋତ୍ସବର ଦ୍ୱିତୀୟ ଦିବସରେ ଯୋଗଦେଇ ଅତିରିକ୍ତ ମୁଖ୍ୟ ଶାସନ ସଚିବ ସାହୁ କହିଥିଲେ, ସଂସ୍କୃତିର ବିକାଶ ପାଇଁ ସରକାର ଜିଲାସ୍ତରୀୟ ସାଂସ୍କୃତିକ ମହୋତ୍ସବ ଆୟୋଜନ କରୁଛନ୍ତି। ରଘୁରାଜପୁର ଗୋଟିପୁଅ ଓ ପଟ୍ଟଚିତ୍ର ପାଇଁ ବିଶ୍ୱରେ ପରିଚୟ ସୃଷ୍ଟି କରିଥିବା ଐତିହ୍ୟ ଗ୍ରାମର ସାମଗ୍ରିକ ବିକାଶ ସହ ପଦ୍ମଶ୍ରୀ ମାଗୁଣି ଦାସଙ୍କ ଗୋଟିପୁଅକୁ କେବଳ ଭାରତ ନୁହେଁ, ସମଗ୍ର ବିଶ୍ୱରେ ପହଞ୍ଚାଇବା ଆମ ସମସ୍ତଙ୍କ ଦାୟିତ୍ୱ। ଜିଲା ପ୍ରଶାସନ ସହ ଖୁବ୍‌ଶୀଘ୍ର ଆଲୋଚନା କରାଯାଇ ଏଠାରେ ତ୍ରିଧାରା ସଂଗ୍ରହାଳୟ ପ୍ରତିଷ୍ଠା କରାଯିବ। ଅନୁଷ୍ଠାନର କାର୍ଯ୍ୟକାରୀ ସଭାପତି ତଥା ଗୀତିକାର ବଦ୍ରି ମିଶ୍ରଙ୍କ ଅଧକ୍ଷତାରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଜିଲାପାଳ ପ୍ରଦୀପ କୁମାର ସାହୁ ଯୋଗଦେଇ ପ୍ରତିବର୍ଷ ଗୋଟିପୁଅ ମହୋତ୍ସବ କରିବା ପାଇଁ କହିଥିଲେ। ମୁଖ୍ୟବକ୍ତା ଭାବେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଅତିରିକ୍ତ ଶାସନ ସଚିବ କବି ମଧୁସୂଦନ ଦାସ ଯୋଗଦେଇ କହିଥିଲେ, ଜଗନ୍ନାଥ ସଂସ୍କୃତିରେ ଦେବଦାସୀ ନୃତ୍ୟ, ମଠ ସଂସ୍କୃତିରେ ଆଖଡ଼ା ପିଲା ନୃତ୍ୟ ପରେ ଗୋଟିପୁଅ ତାହାର ପରିବର୍ଦ୍ଧିତ ନୃତ୍ୟ, ଯେଉଁଥିରେ ପୁଅମାନେ ନାରୀ ବେଶରେ ନୃତ୍ୟ ପରିବେଷଣ ସହ ଅନେକ ସମୟରେ ବିଧର୍ମୀମାନଙ୍କ କବଳରୁ ଏ ଜାତିକୁ ରକ୍ଷା କରିଥିଲେ। ଏହି ଗୋଟିପୁଅ ସହ ଓଡ଼ିଶୀ ନୃତ୍ୟର ସମ୍ପର୍କ ରହିଛି। ଫଳରେ ବିଶ୍ୱରେ ଆମ ନୃତ୍ୟ ଆଦରଣୀୟ ଓ ପ୍ରଶଂସନୀୟ ହୋଇପାରିଛି। ଏହି କାର୍ଯ୍ୟକ୍ରମରେ ଉପସଭାପତି ପ୍ରଦ୍ୟୁମ୍ନ କୁମାର ସାଥୁଆ, ସମ୍ପାଦକ ସେବେନ୍ଦ୍ର ଦାସ, ମୁଖ୍ୟ ସଂଯୋଜକ ବସନ୍ତ ପ୍ରଧାନ, ସହ ସଂଯୋଜକ ବଟକୃଷ୍ଣ ଦାସ ମଞ୍ଚାସୀନ ଥିଲେ। ଏହି ଅବସରରେ ଏହି ଅବସରରେ ନୃତ୍ୟଶିଳ୍ପୀ ତଥା ଉଦଘୋଷକ ଡ. ଶ୍ରୀନିବାସ ଘଟୁଆରୀ, ଗୋଟିପୁଅ ଗୁରୁ ପରମାନନ୍ଦ ମହାପାତ୍ର, ଭଗବାନ ବେହେରା, ଏକଲବ୍ୟ ମୁଦୁଲି, ଚରଣ ଭୋଳ ଓ ନୀଳାଚଳ ମହାପାତ୍ର ଏବଂ ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ସନ୍ତୋଷ କୁମାର ସେଠୀଙ୍କୁ ସମ୍ମାନିତ କରାଯାଇଥିଲା। ଅତିରିକ୍ତ ମୁଖ୍ୟ ଶାସନ ସଚିବ ସାହୁ ଶ୍ରୀକ୍ଷେତ୍ରରେ ଆଜି ଚନ୍ଦନ ଯାତରା ଭଜନ ପରିବେଷଣ କରିଥିଲେ। ଡ. ଶ୍ରୀନିବାସ ଘଟୁଆରୀ ଏବଂ ଅଞ୍ଜନ ହୋତାଙ୍କ ସଞ୍ଚାଳନରେ ଦଶଭୂଜା ଗୋଟିପୁଅ ଓଡ଼ିଶୀ ନୃତ୍ୟ ପରିଷଦ ପକ୍ଷରୁ ଗୋଟିପୁଅ ନୃତ୍ୟ, ଗୁରୁ ନିରଞ୍ଜନ ରାଉତଙ୍କ ନୁପୁର, ମୁଟୁ ଦାସ ଓ ସୁନୀଲ ବେହେରାଙ୍କ ଓଡ଼ିଶୀ ନୃତ୍ୟ, ମଣିପୁର ରାସ ଓ ଥାଙ୍ଗଟା, ମୟୁରଭଞ୍ଜର ମାଲଖମ୍ବ ଓ ଗୁରୁ ଦୀପକ ଶତ୍ରୁଶଲ୍ୟଙ୍କ ନେତୃତ୍ୱରେ ଖୋର୍ଦ୍ଧାର ପାଇକ ଆଖଡ଼ା ପରିବେଷଣ ହୋଇଥିଲା।

# ଧରିତ୍ରୀ ଦିବସରେ ସଚେତନତା ଶୋଭାଯାତ୍ରା

ପୁରୀ ଅଫିସ, ୨୪।୪:

ଭାରତ ସରକାରଙ୍କ ପ୍ରତିରକ୍ଷା ମନ୍ତ୍ରାଳୟ ଆହ୍ୱାନ କ୍ରମେ ତଥା ଜାତୀୟ ସମର ଶିକ୍ଷାର୍ଥୀ ବାହିନୀ (ଏନ୍‌ସିସି) ମହାନିର୍ଦ୍ଦେଶାଳୟ ନୂଆଦିଲ୍ଲୀଙ୍କ ତରଫରୁ ପ୍ଲାଷ୍ଟିକ ତଥା ଅନ୍ୟାନ୍ୟ ବର୍ଜ୍ୟବସ୍ତୁରୁ ସମୁଦ୍ରକୂଳକୁ ମୁକ୍ତ କରିବା ଏବଂ ସଚେତନତା ବୃଦ୍ଧି ଉଦ୍ଦେଶ୍ୟରେ ପୁନିତ ସାଗର ଅଭିଯାନ ବିଭିନ୍ନ ବେଳାଭୂମିରେ କରାଯାଉଛି। ଏହି ପରିପ୍ରେକ୍ଷୀରେ ସୋମବାର ଷଷ୍ଠ ଓଡ଼ିଶା ଏନ୍‌ସିସି ବାଟାଲିୟନ ପୁରୀ ଆନୁକୁଲ୍ୟରେ ଧରିତ୍ରୀ ଦିବସ ପାଳିତ ହୋଇଛି। ଏସ୍‌ସିଏସ୍ କଲେଜଠାରୁ ସଚେତନତା ଶୋଭାଯାତ୍ରା ବାହାରି ପୁରୀ ବେଳାଭୂମି ପର୍ଯ୍ୟନ୍ତ ଯାଇଥିଲା। ଏହି କଲେଜର ଏନ୍‌ସିସି କ୍ୟାଡେଟମାନେ ସାଇକେଲରେ ସଚେତନତା ସୃଷ୍ଟି କରିଥିଲେ। ପରେ ବିଭିନ୍ନ ସ୍କୁଲ ଓ କଲେଜର ଏନ୍‌ସିସି କ୍ୟାଡେଟମାନେ ବେଳାଭୂମି ସଫେଇ ସହିତ ସ୍ୱଚ୍ଛତା ରକ୍ଷା ପାଇଁ ପଦଯାତ୍ରା ଓ ପଥପ୍ରାନ୍ତ ନାଟକ କରିଥିଲେ। ଉପସ୍ଥିତ ପର୍ଯ୍ୟଟକ, ସ୍ଥାନୀୟ ଜନତା ଓ ବ୍ୟବସାୟୀଙ୍କୁ ସଚେତନ କରାଯାଇଥିଲା। କାର୍ଯ୍ୟକ୍ରମରେ ଷଷ୍ଠ ଓଡ଼ିଶା ଏନ୍‌ସିସି ବାଟାଲିୟନ ପୁରୀର କମାଣ୍ଡିଂ ଅଫିସର କର୍ଣ୍ଣେଲ ସୁଦୀପ ସିଂ ମୁଖ୍ୟ ଅତିଥି ଏବଂ ଏନ୍‌ସିସି ପ୍ରଶାସନିକ ଅଧିକାରୀ ଲ୍ୟୁଟନାଣ୍ଟ କର୍ଣ୍ଣେଲ ପ୍ରସୂନ କୁମାର ପଣ୍ଡା ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ବେଳାଭୂମିରେ ପ୍ଲାଷ୍ଟିକ ପ୍ରଦୂଷଣ ଏକ ଗୁରୁତର ସମସ୍ୟା ଏବଂ ଏହା ସାମୁଦ୍ରିକ ଜଳ ଓ ଜୀବଜନ୍ତୁଙ୍କ ପ୍ରତି ବିପଦ ସୃଷ୍ଟି କରିଥାଏ। ତେଣୁ ଏବେଠାରୁ ଏ ନେଇ ଚିନ୍ତା କରିବା ଉଚିତ ବୋଲି ଅତିଥିମାନେ କହିଥିଲେ। ଏହି କାର୍ଯ୍ୟକ୍ରମକୁ ସାମନ୍ତ ଚନ୍ଦ୍ରଶେଖର ସ୍ୱୟଂଶାସିତ ମହାବିଦ୍ୟାଳୟର ଏନ୍‌ସିସି ଅଧିକାରୀ ଡ. ସଞ୍ଜୟ କୁମାର ସୁନ୍ଦରାୟ, ଏସ୍‌ଏମ୍‌ଏସ୍ ମହାବିଦ୍ୟାଳୟର ଡ. ଶୁଭେନ୍ଦୁ ମିଶ୍ର, କଣାସ ଦୟାବିହାର ମହାବିଦ୍ୟାଳୟର ଡ. ପ୍ରତାପ ହରିଚନ୍ଦନ ପରିଚାଳନା କରିଥିଲେ।

# ଏସ୍‌ୟୁସିଆଇର ପ୍ରତିଷ୍ଠା ଦିବସ ପାଳିତ

ଡେଲାଙ୍ଗ,୨୪।୪(ଡି.ଏନ୍.ଏ)

ଡେଲାଙ୍ଗ ବ୍ଲକସ୍ଥିତ ବେରବୋଇ ଏସ୍‌ୟୁସିଆଇ କାର୍ଯ୍ୟାଳୟ ପରିସରରେ ପାର୍ଟିର ୭୫ତମ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। କମ୍ରେଡ ଦୀନବନ୍ଧୁ ପରିଡାଙ୍କ ଅଧକ୍ଷତାରେ ଅନୁଷ୍ଠିତ ସାଧାରଣ ସଭାରେ କମ୍ରେଡ ସୁବାସ ବରାଳ, ପଦ୍ମଚରଣ ଜେନା, ତ୍ରିନାଥ ପ୍ରଧାନ ପ୍ରମୁଖ ପାର୍ଟିର ଅନେକ କର୍ମକର୍ତ୍ତା ଉପସ୍ଥିତ ରହି କମ୍ୟୁନିଷ୍ଟ ପାର୍ଟିର ଗଠନ ଉଦ୍ଦେଶ୍ୟ, ବିଭିନ୍ନ ସାମଗ୍ରୀର ଆକାଶଛୁଆଁ ଦର ବୃଦ୍ଧି, ବେକାରି ସମସ୍ୟା ଓ ପୁଞ୍ଜିବାଦୀମାନଙ୍କୁ ଉଚ୍ଛେଦ କରିବା ଆଦି ଦିଗରେ ଗଣଆନ୍ଦୋଳନ ଗଢିତୋଳିବା ପାଇଁ କମ୍ରେଡ ରଘୁନାଥ ଦାଶ ଆହ୍ୱାନ ଦେଇଥିଲେ।



ପୁରୀ ସଂସ୍କୃତି ଭବନରେ ଆୟୋଜିତ ଦିବ୍ୟଦର୍ଶନର ପଞ୍ଚମ ବାର୍ଷିକ ଉତ୍ସବରେ ଅତିଥିଙ୍କ ସହ ସମ୍ବର୍ଦ୍ଧିତ ବ୍ୟକ୍ତିମାନେ।

# ସରଳ, ବୋଧଗମ୍ୟ ସାହିତ୍ୟ ସୃଷ୍ଟି ଉପରେ ଗୁରୁତ୍ୱ

**ଦିବ୍ୟଦର୍ଶନର ପଞ୍ଚମ ବାର୍ଷିକ ଉତ୍ସବ**

ପୁରୀ ଅଫିସ, ୨୪।୪:

ଆଧାତ୍ମିକ ପତ୍ରିକା 'ଦିବ୍ୟଦର୍ଶନ'ର ପଞ୍ଚମ ବାର୍ଷିକ ଉତ୍ସବ ରବିବାର ପୁରୀ ସଂସ୍କୃତି ଭବନରେ ବିପିନ ବିହାରୀ ଦଳାଇଙ୍କ ସଭାପତିତ୍ୱରେ ପାଳିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ବିଧାୟକ ଜୟନ୍ତ କୁମାର ଷଡ଼ଙ୍ଗୀ ଯୋଗଦେଇ ଉତ୍ସବକୁ ଉଦ୍‌ଘାଟନ କରିଥିଲେ। ବିଶିଷ୍ଟ ଅତିଥି ଭାବେ ଓଡ଼ିଆ ଭାଷା ପ୍ରତିଷ୍ଠାନର ପୂର୍ବତନ ନିର୍ଦ୍ଦେଶକ ଡ. କୈଳାସ ଚନ୍ଦ୍ର ଟିକାୟତରାୟ, ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଶାସନ ସଚିବ ମଧୁସୂଦନ ଦାସ, ସାହିତ୍ୟିକା ପ୍ରତିଭା ମହାରଥୀ, ପ୍ରଫେସର ଶଶାଙ୍କ ଚୂଡ଼ାମଣି, ଲେଖକ ବିଶ୍ୱପ୍ରକାଶ ପଟ୍ଟନାୟକ ଏବଂ ଡ. ସଂଗ୍ରାମ କେଶରୀ ସାମନ୍ତରାୟ ମଞ୍ଚାସୀନ ଥିଲେ। ସରଳ, ସାବଲୀଳ ଓ ବୋଧଗମ୍ୟ ସାହିତ୍ୟ ସୃଷ୍ଟି ଉପରେ ଅତିଥିମାନେ ଗୁରୁତ୍ୱାରୋପ କରିଥିଲେ। ଚଳିତ ବର୍ଷ ସାହିତ୍ୟ ଓ ସଂସ୍କୃତି କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ରାମଭକ୍ତ ଲକ୍ଷ୍ମୀଧର ଜେନା, ବିଶ୍ୱପ୍ରକାଶ ପଟ୍ଟନାୟକ, ବସନ୍ତ ମାଝି, ଭାରତୀ ଦାଶ, ବେଣୁଧର ସୂତାର, ଇଂ. ରଶ୍ମିରଞ୍ଜନ ରାୟ, ପ୍ରତିଭା ତ୍ରିପାଠୀ, ଦିଲୀପ କୁମାର ମହାନ୍ତି, ଡ. ସଂଯୁକ୍ତା ପରିଡ଼ା, ଶ୍ରୁତକୀର୍ତ୍ତି ତ୍ରିପାଠୀ, ଅଭିନବ ପଟ୍ଟନାୟକ ଏବଂ ଲକ୍ଷ୍ମୀପ୍ରିୟା ଦାଶଙ୍କୁ ଦିବ୍ୟ ଦର୍ଶନ ସମ୍ମାନ-୨୦୨୩ରେ ସମ୍ମାନିତ କରାଯାଇଥିଲା। କାର୍ଯ୍ୟକ୍ରମ ପ୍ରାରମ୍ଭରେ କ୍ରିଷ୍ଣା ମହାପାତ୍ର ଅତିଥିମାନଙ୍କୁ ସ୍ୱାଗତ କରିଥିଲେ। ଶେଷରେ ଦିବ୍ୟଦର୍ଶନ ସମ୍ପାଦିକା ପ୍ରବାସିନୀ ମିଶ୍ର ଧନ୍ୟବାଦ ଦେଇଥିଲେ। ଏହି ଅବସରରେ ରାଜ୍ୟସ୍ତରୀୟ କବିତା ପାଠ ଉତ୍ସବ ଅନୁଷ୍ଠିତ ହୋଇଥିଲା। କବିତା ପାଠକୁ ସର୍ବାଣୀ ଦାସ, ଡ. ଜ୍ୟୋତ୍ସ୍ନାରାଣୀ ମହାନ୍ତି, ମନୋରମା ପାତ୍ର, ଯୋଗେଶ୍ୱର ପ୍ରହରାଜ, ବିଜୟଲକ୍ଷ୍ମୀ ଦାଶ ଏବଂ କ୍ରିଷ୍ଣା ମହାପାତ୍ର ସଂଯୋଜନା କରିଥିଲେ। ଏଥିରେ ଶତାଧିକ କବି ସ୍ୱରଚିତ କବିତା ପାଠ କରିଥିଲେ। ଓଁକାର ଦାଶ, ମନସ୍ୱିନୀ, ଅଲିଭା, ପ୍ରୀତିଶା ମହାପାତ୍ର ସଭା ପରିଚାଳନାରେ ସହଯୋଗ କରିଥିଲେ।

# ବଟି ଆଦାୟ: ୪ ଗିରଫ

ପୁରୀ ଅଫିସ, ୨୪।୪:

ବଟି ଆଦାୟ ଓ ଲୁଟ୍ ଅଭିଯୋଗରେ ତାଳବଣିଆ ଥାନା ପୋଲିସ ୪ଜଣଙ୍କୁ ଗିରଫ କରି ସୋମବାର କୋର୍ଟ ଚାଲାଣ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ କୁମ୍ଭାରପଡ଼ା ଥାନା ଅନ୍ତର୍ଗତ ଖାକିମଠ ନୂଆସାହିର ଲିଙ୍ଗରାଜ ଓରଫ ବାବୁ, ତାଳବଣିଆ ଥାନା ଅନ୍ତର୍ଗତ ଦାଦାବାଡ଼ି ଅଞ୍ଚଳର ସତ୍ୟ ବେହେରା, ବାଲିଘାଟ ଅଞ୍ଚଳର ଯୁଗଳ ପ୍ରଧାନ ଏବଂ ସମୁଦ୍ରକୂଳ ଥାନା ଅନ୍ତର୍ଗତ ରେଲୱେ କଲୋନୀର ସମୀର ପାଣିଗ୍ରାହୀ। ଏମାନଙ୍କ ନିକଟରୁ ଗୋଟିଏ ଛୁରି, ନଗଦ ୫୦୦ ଟଙ୍କା ଓ ଗୋଟିଏ କାଠପଟ ଜବତ କରାଯାଇଛି। ଏନେଇ ପୋଲିସ ଏକ କେସ୍ (ନଂ ୭୧/୨୩) ରୁଜୁ କରିଛି। ବାଲିଘାଟ ଛକ ନିକଟରେ ୪ ଅଭିଯୁକ୍ତ ଲୋକଙ୍କଠାରୁ ବଟି ଆଦାୟ କରୁଥିବା ଖବର ପାଇ ପୋଲିସ ସେଠାରେ ଚଢାଉ କରିଥିଲା।

# ମା' ବେଲେଶ୍ୱରୀଙ୍କ ବାର୍ଷିକ ପୂଜା ଉତ୍ସବ

ନିମାପଡ଼ା,୨୪।୪(ଡି.ଏନ୍.ଏ.)

ଚାରିଛକ ପୁରୁଣା ଫାଣ୍ଡିସ୍ଥିତ ଆରାଧ୍ୟା ଦେବୀ ମା'ବେଲେଶ୍ୱରୀ ଠାକୁରାଣୀଙ୍କ ବାର୍ଷିକ ପୂଜା ଉତ୍ସବ ରବିବାର ଚାରିଛକ ଥାନା ପକ୍ଷରୁ ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ମା'ଙ୍କ ପୀଠରେ ଗୀତାଯଜ୍ଞ, ଚଣ୍ଡୀପାଠ, ହୋମଯଜ୍ଞ, ପୂଜାର୍ଚ୍ଚନା ଯଥାବିଧି କରାଯାଇଥିଲା। ଏଥିରେ କର୍ତ୍ତା ଭାବେ ଚାରିଛକ ଥାନା ଅଧିକାରୀ ମମତା ବିଶ୍ୱାଳ ଯୋଗଦେଇ ପୂଜାକାର୍ଯ୍ୟ ସମାପନ କରିଥିଲେ। ପୂଜାକାର୍ଯ୍ୟ ସମାପନ ହେବା ପରେ ମା'ଙ୍କ ଚଳନ୍ତି ପ୍ରତିମାକୁ ଏକ ସୁସଜ୍ଜିତ ବିମାନରେ ବଜାର ପରିକ୍ରମା କରାଯାଇଥିଲା। ଠାକୁରାଣୀଙ୍କ ପରିକ୍ରମା ଶୋଭାଯାତ୍ରାରେ ଘଣ୍ଟ, ଘଣ୍ଟା, ଧ୍ୱନି, ତୂରୀ, ବାଦ୍ୟ, ସଂକୀର୍ତ୍ତନ, ଘାଡ଼ାନାଚ, ବାଜା, ବାଣରେ ଚାରିଛକର ସହର ବଜାର ପ୍ରକମ୍ପିତ ହୋଇଉଠିଥିଲା। ପରିକ୍ରମାବେଳେ ମା' ଓରପେଟ ଗ୍ରାମର ପ୍ରଭୁ ଜଗନ୍ନାଥ ମନ୍ଦିର, ଚାରିଛକ ଥାନା ବ୍ରହ୍ମକୁଣ୍ଡି ଗ୍ରାମରେ ପଛି ଭୋଗ ଖାଇସାରିବା ପରେ ରାତିରେ ମା' ସ୍ୱାସ୍ଥାନକୁ ପ୍ରତ୍ୟାବର୍ତ୍ତନ କରିଥିଲେ। ଏହି ଅବସରରେ ଶ୍ରଦ୍ଧାଳୁଙ୍କ ପାଇଁ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଭଜନ ସମାରୋହ ଅନୁଷ୍ଠିତ ହୋଇଥିଲା। ଏହି ଉତ୍ସବରେ ଏସ୍‌ଡିପିଓ ଦେବାଶିଷ ମିଶ୍ର, ଚାରିଛକ ଥାନା ଅଧିକାରୀ ମମତା ବିଶ୍ୱାଳ, ଏସ୍‌ଆଇ କୃଷ୍ଣଚନ୍ଦ୍ର ପୃଷ୍ଟି ଓ ଶିଶିର ମହାନ୍ତି, ଏଏସ୍‌ଆଇ ପ୍ରକାଶ ମହାନ୍ତି, ଅଜିତ ସାହୁଙ୍କ ସମେତ ସମସ୍ତ ପୋଲିସ କର୍ମଚାରୀ, ଚାରିଛକ ଅଞ୍ଚଳର ବହୁ ବିଶିଷ୍ଟ ରାଜନେତା, ନିର୍ବାଚିତ ଲୋକପ୍ରତିନିଧି, ଗଣମାଧ୍ୟମ ପ୍ରତିନିଧି, ସ୍ଥାନୀୟ ବହୁ ବିଶିଷ୍ଟ ବ୍ୟକ୍ତି, ଶହଶହ ସଂଖ୍ୟାରେ ଭକ୍ତ ଓ ଶ୍ରଦ୍ଧାଳୁ ସାମିଲ ହୋଇଥିଲେ। ଚାରିଛକ ଥାନା ପକ୍ଷରୁ ଦୀର୍ଘ ବର୍ଷ ଧରି ମା'ଙ୍କ ଏହି ପୂଜା ପାଳିତ ହୋଇଆସୁଛି।



ମା'ବେଲେଶ୍ୱରୀଙ୍କ ପୂଜାର୍ଚ୍ଚନା କରାଯାଉଛି ।

# ୨ ପ୍ରିପେଡ ଅଟୋ ସର୍ଭିସ୍ କାଉଣ୍ଟର ଉଦ୍‌ଘାଟିତ




ପ୍ରିପେଡ ଅଟୋ ସର୍ଭିସ୍ କାଉଣ୍ଟରକୁ ଏସ୍‌ପି କନଓ୍ୱର ବିଶାଲ ସିଂ ଉଦ୍‌ଘାଟନ କରୁଛନ୍ତି ।

ପୁରୀ ଅଫିସ, ୨୪।୪:

ବିଶ୍ୱ ପ୍ରସିଦ୍ଧ ରଥଯାତ୍ରା ପୂର୍ବରୁ ପୁରୀ ଜିଲା ପୋଲିସ ପ୍ରଶାସନ ପକ୍ଷରୁ ବିଭିନ୍ନ ପଦକ୍ଷେପ ଗ୍ରହଣ କରାଯାଉଛି। ଏହି କ୍ରମରେ ସୋମବାର ନୀଳାଚଳ ଅଟୋ ଚାଳକ ସଂଘ ଆନୁକୁଲ୍ୟରେ ଜିଲା ପରିବହନ ବିଭାଗ ଓ ଜିଲା ପୋଲିସ ପ୍ରଶାସନ ସହଯୋଗରେ ପୁରୀ ବସଷ୍ଟାଣ୍ଡ ପରିସରରେ ଦୁଇଟି ପ୍ରିପେଡ ଅଟୋ ସର୍ଭିସ୍ କାଉଣ୍ଟର ଉଦ୍‌ଘାଟିତ ହୋଇଛି। ଏସ୍‌ପି କନଓ୍ୱର ବିଶାଲ ସିଂ ଉକ୍ତ କାଉଣ୍ଟରକୁ ଉଦଘାଟନ କରିଥିଲେ। ଯାତ୍ରୀ ଓ ପର୍ଯ୍ୟଟକଙ୍କୁ ଉତ୍ତମ ସେବା ଯୋଗାଇବା ଲକ୍ଷ୍ୟରେ ଏହି ପଦକ୍ଷେପ ଗ୍ରହଣ କରାଯାଇଛି। ଯାତ୍ରୀ, ପର୍ଯ୍ୟଟକ କୌଣସି ଅସୁବିଧାର ସମ୍ମୁଖୀନ ହେଲେ ପୋଲିସ ହେଲ୍ପ ଲାଇନ ନମ୍ବର କିମ୍ବା ଟୁରିଷ୍ଟ ହେଲ୍ପ ଲାଇନ୍ ନମ୍ବରରେ ଯୋଗାଯୋଗ କରିବାକୁ ପୋଲିସ ପ୍ରଶାସନ ପକ୍ଷରୁ କୁହାଯାଇଛି। ପ୍ରତିଦିନ ବସ୍ ଯୋଗେ ହଜାର ହଜାର ଶ୍ରଦ୍ଧାଳୁ ଓ ପର୍ଯ୍ୟଟକ ପୁରୀ ଆସୁଛନ୍ତି। ବସଷ୍ଟାଣ୍ଡରେ ଓହ୍ଲାଇବା ପରେ ଶ୍ରଦ୍ଧାଳୁ ଓ ପର୍ଯ୍ୟଟକ ହୋଟେଲ ତଥା ବିଭିନ୍ନ ସ୍ଥାନକୁ ଯିବା ଆସିବା କରିବା ପାଇଁ ମୁଖ୍ୟତଃ ଅଟୋ ଉପରେ ନିର୍ଭରଶୀଳ। ତେଣୁ ଅଟୋ ସେବା ମାଧ୍ୟମରେ ସେମାନଙ୍କୁ ଉଚିତ୍ ବ୍ୟବହାର ପ୍ରଦର୍ଶନ, ଉପଯୁକ୍ତ ଭଡ଼ା ନେବା ଓ ସେମାନଙ୍କୁ ଏକ ସୁଖଦ ଅନୁଭୂତି ଦେଇ ଫେରାଇବା ଲକ୍ଷ୍ୟରେ ଏହି ପ୍ରିପେଡ୍ ଅଟୋ ସେବାର ବ୍ୟବସ୍ଥା କରାଯାଉଛି। ଦୁଇଟି କାଉଣ୍ଟର ସମ୍ମୁଖରେ ସହରର ବିଭିନ୍ନ ସ୍ଥାନକୁ କମିଟି ଦ୍ୱାରା ନିର୍ଦ୍ଧାରିତ ରେଟ୍ ଚାର୍ଟ ଲଗାଯାଇଛି। ଉଦ୍‌ଘାଟନ କାର୍ଯ୍ୟକ୍ରମରେ ସଂଘର ଉପଦେଷ୍ଟା ଶ୍ରୀକାନ୍ତ ପରିଜା, ସଭାପତି ଓ ସମ୍ପାଦକଙ୍କ ସମେତ ପରିବହନ ଅଧିକାରୀ ଉପସ୍ଥିତ ଥିଲେ।

# ହିନ୍ଦୁ ସମାଜ ପକ୍ଷରୁ ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ପ୍ରତିବାଦ

**ସମ୍ବଲପୁରରେ ହିନ୍ଦୁମାନଙ୍କ ଉପରେ ଆକ୍ରମଣ ଘଟଣା**

କଣାସ/ପିପିଲି/ଅସ୍ତରଙ୍ଗ/ ନିମାପଡ଼ା, ୨୪।୪ (ସ୍ୱ.ପ୍ର./ଡି.ଏନ୍.ଏ.)

ସମ୍ବଲପୁର ସହରରେ ରାମନବମୀରେ ହନୁମାନ ଭକ୍ତଙ୍କ ବାଇକ୍ ଶୋଭାଯାତ୍ରାରେ ହିନ୍ଦୁମାନଙ୍କ ଉପରେ ପୋଲିସ ସମ୍ମୁଖରେ ହିଂସାତ୍ମକ ଆକ୍ରମଣ କରାଯାଇଥିଲା। ଏହାର ପ୍ରତିବାଦରେ ହିନ୍ଦୁ ସମାଜ ପକ୍ଷରୁ ସାରା ରାଜ୍ୟରେ ପ୍ରତ୍ୟେକ ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ପ୍ରତିବାଦ ଶୋଭାଯାତ୍ରା କରାଯାଇ ଦାବିପତ୍ର ପ୍ରଦାନ କରାଯାଇଛି। କଣାସ ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ସୋମବାର ଆକ୍ରମଣକାରୀଙ୍କ ବିରୋଧରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଶୋଭାଯାତ୍ରା ଦୋକନ୍ଦା ମେଳଣ ପଡ଼ିଆରୁ ବାହାରି ଗୋଲାବଜାର, ବସ୍‌ଷ୍ଟାଣ୍ଡ, କୁଞ୍ଜେଶ୍ୱରୀ ବଜାର, ବାଲିଘାଇ ଛକ ଓ ବ୍ଲକ ବଜାର ଦେଇ ବ୍ଲକ ସମ୍ମୁଖରେ ପହଞ୍ଚିଥିଲା। ସେଠାରେ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ବିଡିଓଙ୍କ ଅନୁପସ୍ଥିତିରେ ଅତିରିକ୍ତ ବିଡିଓ ମଙ୍ଗସିଂ ହେମ୍ବ୍ରମଙ୍କୁ ପ୍ରଦାନ କରାଯାଇଥିଲା।

ସେହିପରି ପିପିଲି ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ଏକ ପ୍ରତିବାଦ ସଭା କରାଯାଇଛି। ସ୍ଥାନୀୟ ହିନ୍ଦୁ ସଂଗଠନ ନେତା ପ୍ରଦୀପ୍ତ ବେହେରା ଓ ବିଶ୍ୱ ହିନ୍ଦୁ ପରିଷଦ, ପିପିଲି ପ୍ରଖଣ୍ଡର ସମ୍ପାଦକ ବିଭୂତି ଚନ୍ଦ୍ର ସାମନ୍ତରାୟଙ୍କ ସଂଯୋଜନାରେ ବିଭିନ୍ନ ସଂଗଠନର ଶତାଧିକ ହିନ୍ଦୁ ସମାଜ କର୍ମକର୍ତ୍ତା ଏହି ପ୍ରତିବାଦରେ ସାମିଲ ହୋଇଥିଲେ। ଅଖିଳ ଭାରତୀୟ ଇତିହାସ ସଂକଳନ ସମିତି ସଦସ୍ୟ ବୈରାଗୀ ସାହୁ ଏଥିରେ ସଭାପତିତ୍ୱ କରିଥିଲେ। ଉକ୍ତ ଆକ୍ରମଣରେ ଯୋଜନାବଦ୍ଧ ଭାବେ ହତ୍ୟା କରାଯାଇଥିବାରୁ ସମସ୍ତ କର୍ମକର୍ତ୍ତା ଏହାକୁ ବିରୋଧ କରି ବିଭିନ୍ନ ସ୍ଲୋଗାନ ଦେବାସହ ନ୍ୟାୟ ଦାବି କରିଥିଲେ। ଏହାକୁ ସମର୍ଥନ ଜଣାଇ ପୁରୀ ଜିଲା ଭାଜପା ସଭାପତି ଆଶ୍ରିତ ପଟ୍ଟନାୟକ ଓ ସାମାଜିକ କର୍ମୀ ସରୋଜ ପ୍ରଧାନ ମଧ୍ୟ ଏଥିରେ ସାମିଲ ହୋଇଥିଲେ। ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ବିଡିଓ ରଶ୍ମିତା ନାଥଙ୍କୁ ପ୍ରଦାନ କରାଯାଇଥିଲା।

ସେହିପରି କାକଟପୁର ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ଉକ୍ତ ଘଟଣାକୁ ବିରୋଧ କରି ଏକ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଯାଇଛି। ମିହିର ରଞ୍ଜନ ଦୀକ୍ଷିତ ଏଥିରେ ନେତୃତ୍ୱ ନେଇଥିଲେ। ପୂର୍ବତନ ବିଧାୟକ ବାଇଧର ମଲ୍ଲିକ, ଯୁବନେତା ରତିକାନ୍ତ ବେହେରା, ସରୋଜ ମିଶ୍ର, ରାକେଶ ଦଳାଇ, ଲଳିତ ରଥ ପ୍ରମୁଖ ଏକାଠି ହୋଇ ସ୍ଥାନୀୟ ବିଶ୍ୱାମିତ୍ର ଆଶ୍ରମରୁ ଏକ ଶୋଭାଯାତ୍ରାରେ ବାହାରି ବିଭିନ୍ନ ନାରା ଦେଇ ବ୍ଲକରେ ପହଞ୍ଚିଥିଲେ। ହତ୍ୟାକାରୀଙ୍କ ବିରୋଧରେ ପଦକ୍ଷେପ ନେବାକୁ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ବିଡ଼ିଓଙ୍କୁ ଦାବିପତ୍ର ପ୍ରଦାନ କରାଯାଇଥିଲା।

ନିମାପଡ଼ା ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ଆକ୍ରମଣକାରୀଙ୍କ ବିରୋଧରେ ଏକ ସଭା ଆୟୋଜିତ ହୋଇଥିଲା। ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ସ୍ଥାନୀୟ ବିଡିଓ ବସନ୍ତ ମଲ୍ଲିକଙ୍କୁ ପ୍ରଦାନ କରାଯାଇଥିଲା। ବିଶ୍ୱ ହିନ୍ଦୁ ସମାଜ ପରିଷଦର ରାଜ୍ୟ ସହସମ୍ପାଦକ ଉମାଶଙ୍କର ଆଚାର୍ଯ୍ୟ, ନିମାପଡ଼ା ବ୍ଲକ ସମ୍ପାଦକ ସଞ୍ଜୟ ବାରିକ, ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘର କାର୍ଯ୍ୟକର୍ତ୍ତା ଭାଗୀରଥି ଓଝା, ପ୍ରଶାନ୍ତ ପଣ୍ଡା, ଅମୂଲ୍ୟ ଦାଶ ଏହି ଶୋଭାଯାତ୍ରାର ନେତୃତ୍ୱ ନେଇଥିଲେ। ସକାଳ ୯ଟାରୁ ପୂର୍ବାହ୍ନ ୧୧ଟା ପର୍ଯ୍ୟନ୍ତ ଆନ୍ଦୋଳନ ଅନୁଷ୍ଠିତ ହୋଇଥିଲା।



ପିପିଲି ବ୍ଲକ ପ୍ରଶାସନ ଉଦ୍ଦେଶ୍ୟରେ ଦାବିପତ୍ର ଦିଆଯାଉଛି ।



ନିମାପଡା ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ହିନ୍ଦୁ ସମାଜ ପକ୍ଷରୁ ଧାରଣା ଦିଆଯାଉଛି ।

## ସଂକ୍ଷେପରେ

### ମେ ୧୧ରୁ 'ଶବ୍ଦରଙ୍ଗ ନାଟକ ଉତ୍ସବ'

ଭୁବନେଶ୍ୱର, ୨୪।୪ (ବ୍ୟୁରୋ) : ଶବ୍ଦରଙ୍ଗ ପକ୍ଷରୁ ମେ ୧୧ରୁ ୧୩ ତାରିଖ ପର୍ଯ୍ୟନ୍ତ ୩ଦିନ ଧରି 'ଶବ୍ଦରଙ୍ଗ ନାଟକ ଉତ୍ସବ' ଅନୁଷ୍ଠିତ ହେବାକୁ ଯାଉଛି। ରବୀନ୍ଦ୍ରମଣ୍ଡପଠାରେ ହେବାକୁ ଥିବା ଏହି ଉତ୍ସବ ପାଇଁ ସୋମବାର ଲୋଗୋ ଏବଂ ପୋଷ୍ଟର ଉନ୍ମୋଚିତ ହୋଇ ଯାଇଛି। ସିନେ ନିର୍ଦ୍ଦେଶକ ତଥା ଅଭିନେତା ପ୍ରଶାନ୍ତ ନନ୍ଦ ଏବଂ ଇଷ୍ଟର୍ଣ୍ଣ ମିଡିଆ କାର୍ଯ୍ୟକାରୀ ନିର୍ଦ୍ଦେଶିକା ତନୟା ପଟ୍ଟନାୟକ ଏହି ଲୋଗୋକୁ ଉନ୍ମୋଚନ କରିଥିଲେ। ୧୧ତାରିଖରେ ନାଟ୍ୟକାର ମୋହନ ରାକେଶଙ୍କ ନାଟକର ରତ୍ନମାଳା ସ୍ୱାଇଁଙ୍କ ଦ୍ୱାରା ନାଟ୍ୟାନୁବାଦ 'ଆଷାଢ଼ରେ ଦିନେ', ୧୨ ତାରିଖରେ ଗାଳ୍ପିକ ମନୋଜ ଦାସଙ୍କ 'ଆବୁ ପୁରୁଷ' ଉପରେ ଆଧାରିତ ସୁବୋଧ ପଟ୍ଟନାୟକଙ୍କ ନାଟ୍ୟରୂପ 'ଆବୁ' ଏବଂ ୧୩ରେ ଗୌରହରି ଦାସଙ୍କ ରଚିତ ନାଟକ 'ଆମଘରର ନକ୍ସା' ମଞ୍ଚସ୍ଥ ହେବ। ତେବେ ନାଟକ ଦେଖିବା ପାଇଁ ଦର୍ଶକମାନେ ବୁକ୍ ମାଇଁ ଶୋ କିମ୍ବା all evevts.in ମାଧ୍ୟମରେ କିମ୍ବା ନାଟକ ଦିନ ପ୍ରେକ୍ଷାଳୟ ସମ୍ମୁଖରୁ ଟିକେଟ କିଣି ପାରିବେ ବୋଲି ଅନୁଷ୍ଠାନ ପକ୍ଷରୁ ସୂଚନା ଦିଆଯାଇଛି।

### 'ପ୍ରଜ୍ଞା ପ୍ରତିଭା ସମ୍ମାନ' ପ୍ରତିଯୋଗିତା ଉଦ୍‌ଯାପିତ

ଭୁବନେଶ୍ୱର,୨୪।୪(ବ୍ୟୁରୋ)- ସାଂସ୍କୃତିକ ଅନୁଷ୍ଠାନ ପ୍ରଜ୍ଞା ନୃତ୍ୟାୟନ ପକ୍ଷରୁ ୨୨ ଓ ୨୩ ତାରିଖ ଦୁଇଦିନ ଧରି ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଜାତୀୟସ୍ତରର ଏହି ପ୍ରତିଯୋଗିତାରେ ଶିଳ୍ପୀମାନେ ଓଡ଼ିଶୀ, ଭାରତନାଟ୍ୟମ୍, କଥକ ଆଦି ପ୍ରଦର୍ଶନ କରିଥିଲେ। ଏଥିରେ କୃତିତ୍ୱ ହାସଲ କରିଥିବା ପ୍ରତିଯୋଗୀଙ୍କୁ ଆସନ୍ତା ଅଗଷ୍ଟରେ 'ପ୍ରଜ୍ଞା ପ୍ରତିଭା ସମ୍ମାନ'ରେ ସମ୍ମାନିତ କରାଯିବ। ମୁଖ୍ୟ ଅତିଥି ଭାବେ ବିଧାୟକ ଅନନ୍ତ ନାରାୟଣ ଜେନା, ଗୁରୁ ସ୍ନେହପ୍ରଭା ସାମନ୍ତରାୟ, ଗୁରୁ ଗଜେନ୍ଦ୍ର ପଣ୍ଡା, ଗୁରୁ ଧନେଶ୍ୱର ସ୍ୱାଇଁ, ଗୁରୁ ସ୍ୱପ୍ନାରାଣୀ ସିହ୍ନା, ବିଶିଷ୍ଟ ନିର୍ଦ୍ଦେଶକ ଲାଲା ବିରେନ୍ ରାୟ ଏବଂ ନିଳାଦ୍ରୀ ମୋହନ ଶତପଥୀ ପ୍ରମୁଖ ଯୋଗଦେଇଥିଲେ। ଅନୁଷ୍ଠାନର ସଭାପତି ନବକିଶୋର ବେହେରା ଓ ଗୟାଧର ସାହ ସଂଯୋଜନା କରିଥିଲେ।

### ୬ ଲେନ୍ ରାସ୍ତା ନେଇ ମୁଖ୍ୟମନ୍ତ୍ରୀଙ୍କୁ କୃତଜ୍ଞତା

କଟକ ଅଫିସ,୨୪।୪: ରାଜ୍ୟ କ୍ୟାବିନେଟର ଗୁରୁତ୍ୱପୂର୍ଣ୍ଣ ବୈଠକ ଶେଷ ହୋଇଛି। କ୍ୟାବିନେଟ ବୈଠକରେ ମୋଟ ୧୫ଟି ପ୍ରସ୍ତାବକୁ ମଞ୍ଜୁରୀ ମିଳିଛି । ଏଥିମଧ୍ୟରେ କଟକ ରିଂ ରୋଡ ୬ ଲେନ ବିଶିଷ୍ଟ କରିବାକୁ କ୍ୟାବିନେଟ ନିଷ୍ପତ୍ତି ନେଇଥିବାବେଳେ ଖାନନଗରଠାରୁ ଲିଙ୍କ ରୋଡ୍ ପର୍ଯ୍ୟନ୍ତ ୬ଲେନ ହେବ ବୋଲି ସୂଚନା ଦିଆଯାଇଛି। ରିଂ ରୋଡ୍ ହେବାକୁ ଥିବା ୬ ଲେନ ପାଇଁ ୧୨୧ କୋଟି ୬୫ ଲକ୍ଷ ଟଙ୍କା ଖର୍ଚ୍ଚ ହେବ। ୨୪ ମାସ ମଧ୍ୟରେ କାର୍ଯ୍ୟ ଶେଷ କରିବାକୁ କ୍ୟାବିନେଟ ନିଷ୍ପତ୍ତି ନେଇଛି। ଏଥିପାଇଁ ଜିଲା ବିଜେଡି ପକ୍ଷରୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ କୃତଜ୍ଞତା ଜ୍ଞାପନ କରାଯାଇଛି।

# ନୂଆ ରୂପ ପାଇବ ଫିଶେରି, ସ୍ପ୍ରିଙ୍ଗ ଟ୍ୟାଙ୍କ୍

## ସହରାଞ୍ଚଳ ଜଳାଶୟ ପୁନଃ ନବୀକରଣ ପାଇଁ ବିଏମ୍‌ସିର ବ୍ୟାପକ ଯୋଜନା

■ ଦାୟିତ୍ୱ ନେଲେ ୩୯ ସ୍ୱୟଂ ସହାୟକ ଗୋଷ୍ଠୀ



ଭୁବନେଶ୍ୱର, ୨୪।୪ (ବ୍ୟୁରୋ)

ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି)ର ଏକାମ୍ର ହଲରେ 'ଆମ ପୋଖରୀ' ସମ୍ପର୍କିତ ଏକ ଦକ୍ଷତା ବୃଦ୍ଧି ତାଲିମ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମେୟର ସୁଲୋଚନା ଦାସ ଅଧ୍ୟକ୍ଷତା କରି 'ଜଳାଶୟ ଆମ ଐତିହ୍ୟର ଅଙ୍ଗ, ଏହାର ସୁରକ୍ଷା ଆମର ଦାୟିତ୍ୱ' ବୋଲି କହିଥିଲେ। ଜଳାଶୟଗୁଡିକ ଅତୀତରେ ପ୍ରାକୃତିକ କିମ୍ବା ସ୍ଥାନୀୟ ଲୋକ ବା ସରକାରଙ୍କ ଦ୍ୱାରା ଖୋଳା ଯାଇଥିଲା। ଏହି ଜଳାଶୟଗୁଡିକର ଜଳ ଲୋକଙ୍କ ବହୁବିଧ କାର୍ଯ୍ୟରେ ଲାଗୁଥିଲା। ମାତ୍ର ଏବେ ଜଳାଶୟଗୁଡିକ ପୋତିହେବା ସହ ପଙ୍କ ଓ ଦଳରେ ପୂର୍ଣ୍ଣ ହୋଇ ରହିଛି। ସେଥିରୁ ଦୁର୍ଗନ୍ଧ ବାହାରିବା ସହ ମଶା ଓ ମାଛି ବଂଶ ବୃଦ୍ଧିର କାରଣ ପାଲଟିଛି। ଦ୍ରୁତ ସହରୀକରଣ ଯୋଗୁ ଏହି ଜଳାଶୟଗୁଡିକ ଆଜି ବିପଦରେ ଏବଂ ମାନବ ସମାଜ ପାଇଁ ଏହା ଚ୍ୟାଲେଞ୍ଜ ସୃଷ୍ଟି କରିଛି। ସରକାରଙ୍କ ପକ୍ଷରୁ ଏଥିପାଇଁ ବ୍ୟଗ୍ରତା ପ୍ରକାଶ ପାଇବା ସହ ସ୍ୱତନ୍ତ୍ର କାର୍ଯ୍ୟକ୍ରମ 'ଆମ ପୋଖରୀ' ହାତକୁ ନିଆଯାଇଛି ବୋଲି ମେୟର କହିଥିଲେ। ବିଏମ୍‌ସି କମିଶନର ବିଜୟ ଅମୃତା କୁଲାଙ୍ଗେ ଯୋଗଦେଇ ଆମ ପୋଖରୀ ଯୋଜନାରେ ସମୁଦାୟ ୩୯ଟି ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ସାମିଲ କରାଯାଇଛି ବୋଲି କହିଥିଲେ। ଏଥିରେ ପ୍ରଥମତଃ ୨ଟି ମୁଖ୍ୟ ପ୍ରକଳ୍ପ ଫିଶେରି ଟ୍ୟାଙ୍କ ଲକ୍ଷ୍ମୀସାଗର ଏବଂ ଝରଣା ପୋଖରୀ (ସ୍ପ୍ରିଙ୍ଗ ଟ୍ୟାଙ୍କ) ଡ୍ରେନ୍ ନମ୍ବର ୭ର କାର୍ଯ୍ୟ କରାଯିବ। ଏହାର ନବୀକରଣ କରାଯାଇ ଏହି ସ୍ଥାନକୁ ସହରର ସୌନ୍ଦର୍ଯ୍ୟକରଣ ଏବଂ ପରିବେଶ ଉତ୍‌ଥାନକୁ ନିଶ୍ଚିତ କରାଯିବ। ସରକାରୀ ନିୟମ ଏବଂ ପରସ୍ପର ମଧ୍ୟରେ ସମନ୍ୱୟ ରକ୍ଷାକରି ଯେପରି ପ୍ରକଳ୍ପ କାର୍ଯ୍ୟ ସମ୍ପୂର୍ଣ୍ଣ କରାଯିବ, ସେ ନେଇ ଗୃହ ଓ ନଗର ଉନ୍ନୟନ ବିଭାଗ ମୁଖ୍ୟଯନ୍ତ୍ରୀ ତଥା ସ୍ୱତନ୍ତ୍ର ସଚିବ ଡ. ଭକ୍ତକବି ଦାସ ତାଲିମ ଦେଇଥିଲେ।

ଲକ୍ଷ୍ମୀସାଗର ଅନ୍ତର୍ଗତ ଫିଶେରି ଟ୍ୟାଙ୍କ ପାଇଁ ମୋଟ ୨୪ଟି ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ଚୟନ କରାଯାଇଥିବାବେଳେ ସ୍ପ୍ରିଙ୍ଗ ଟ୍ୟାଙ୍କ ପାଇଁ ୧୫ ଗୋଷ୍ଠୀଙ୍କୁ ଚୟନ କରାଯାଇଛି। ସେମାନେ ଏହି ଦୁଇଟି ପ୍ରକଳ୍ପର ପୁନଃ ନବୀକରଣ ବା ପାଣି ନିଷ୍କାସନ, ଦଳ ଓ ପଙ୍କୋଦ୍ଧାର କରିବା, ନିକଟରେ ଜଗିଙ୍ଗ ଟ୍ରାକ ନିର୍ମାଣ, ପିଲାମାନଙ୍କ ପାର୍କ, ସବୁଜୀକରଣ ପାଇଁ ବୃକ୍ଷ ରୋପଣ, ପାଣି ଯାତାୟାତ ପାଇଁ ବ୍ୟବସ୍ଥା ଆଦି କରିବେ। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଡେପୁଟି ମେୟର ମଞ୍ଜୁଲତା କହଁର, ଗୃହ ଓ ନଗର ଉନ୍ନୟନ ବିଭାଗ ସ୍ୱତନ୍ତ୍ର ସଚିବ ସାଗରିକା ପଟ୍ଟନାୟକ, ଡେପୁଟି କମିଶନର ମନୋରଞ୍ଜନ ସାହୁ, ସିଟି ଇଂଜିନିୟର ଅରୁଣ କୁମାର ନାୟକ, କର୍ପୋରେଟର ଭରତ କୁମାର ଲେଙ୍କା, ଶ୍ରୀଧର ବେହେରା ପ୍ରମୁଖ ଯୋଗଦେଇଥିଲେ। ଏଥିରେ ୩୯ଟି ଏସ୍‌ଏଚ୍‌ଜିର ୧୬୦ ଜଣ ମହିଳା ତାଲିମ ନେଇଥିଲେ।

# ପ୍ରସ୍ତାବିତ ମେଟ୍ରୋ ଚଳାଚଳ ପାଇଁ ସମୀକ୍ଷା ବୈଠକ




■ ଡିପିଆର୍ ପ୍ରସ୍ତୁତି ପାଇଁ ଡିଏମ୍‌ଆର୍‌ସିକୁ ଦିଆଗଲା ଦାୟିତ୍ୱ
■ ସମନ୍ୱୟ ରକ୍ଷା କରି କାମ କରିବା ଉପରେ ଗୁରୁତ୍ୱାରୋପ

ଭୁବନେଶ୍ୱର, ୨୪।୪ (ବ୍ୟୁରୋ)

ରାଜଧାନୀ ଭୁବନେଶ୍ୱରରୁ ରୌପ୍ୟନଗରୀ କଟକକୁ ମେଟ୍ରୋ ଟ୍ରେନ ଗଡିବ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମେଟ୍ରୋ ଟ୍ରେନ ପ୍ରସ୍ତାବକୁ ଅନୁମୋଦନ କରିବା ପରେ ଏନେଇ ଉଚ୍ଚସ୍ତରୀୟ ସର୍ଭେ କରାଯାଇଛି। ପ୍ରଥମ ପର୍ଯ୍ୟାୟରେ ଏୟାରପୋର୍ଟରୁ ତ୍ରିଶୂଳିଆ ପର୍ଯ୍ୟନ୍ତ କାମକୁ ଅନୁମୋଦନ ମିଳିଥିବାବେଳେ ମେଟ୍ରୋ ଟ୍ରେନ ଭୁବନେଶ୍ୱର-କଟକ-ପୁରୀକୁ ସଂଯୋଗ କରିବ। ବିମାନବନ୍ଦରରୁ ବାହାରି ରେଳଷ୍ଟେଶନ, ବାଣୀବିହାର, ପଟିଆ, ନନ୍ଦନକାନନ ଦେଇ ତ୍ରିଶୂଳିଆକୁ ଯୋଡିବ। ନୂଆକରି ଗଠନ ହୋଇଥିବା ସିଟି କୋଅର୍ଡିନେସନ କମିଟି (ସିସିସି) ପକ୍ଷରୁ ସୋମବାର ଏହାର ଅଗ୍ରଗତି ନେଇ ବିଡିଏ ସମ୍ମିଳନୀ କକ୍ଷରେ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଥିଲା। ସିସିସି ଅଧ୍ୟକ୍ଷ ତଥା ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ (ବିଡିଏ) ଉପାଧ୍ୟକ୍ଷ ବଲୱନ୍ତ ସିଂହଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ସମସ୍ତ ବିଭାଗୀୟ ମୁଖ୍ୟ ଉପସ୍ଥିତ ଥିଲେ। ସମସ୍ତ ବିଭାଗ ମଧ୍ୟରେ ସମନ୍ୱୟ ରକ୍ଷା କରି ମେଟ୍ରୋ କାମ କିପରି ସୁରୁଖୁରୁରେ ଆଗେଇବ ସେନେଇ ଆଲୋଚନା କରାଯାଇଥିଲା। ବୈଠକରେ ପ୍ରସ୍ତାବିତ ମେଟ୍ରୋର ଡ୍ରାଫ୍ଟ ଆଲାଇନମେଣ୍ଟ ଏବଂ ଅନ୍ୟ ଆବଶ୍ୟକତା ନେଇ ଆଲୋଚନା ହୋଇଥିଲା। ସ୍ୱଳ୍ପ ସମୟ ମଧ୍ୟରେ ଭୁବନେଶ୍ୱର ମେଟ୍ରୋ ଲାଗି ଡିପିଆର ଓ ମାଷ୍ଟରପ୍ଲାନ ପ୍ରସ୍ତୁତ କରିବା ଓ କାମ ଆରମ୍ଭ କରିବା ବଡ ଚ୍ୟାଲେଞ୍ଜ ହେବ ବୋଲି ମତ ପ୍ରକାଶ ପାଇଥିଲା। ଓଆରଆଇଡିଏଲ ପକ୍ଷରୁ ଡିପିଆର ପ୍ରସ୍ତୁତି ନେଇ ସଂକ୍ଷିପ୍ତ ସୂଚନା ଦିଆଯାଇଥିବାବେଳେ ଦିଲ୍ଲୀ ମେଟ୍ରୋ ରେଳ ନିଗମ (ଡିଏମ୍‌ଆର୍‌ସି)କୁ ଏହି କାର୍ଯ୍ୟରେ ନିଯୁକ୍ତ କରାଯାଇଛି, ଯିଏକି ଦିଲ୍ଲୀ ଭଳି ଏଠାରେ ମଧ୍ୟ ଡିପିଆର ପ୍ରସ୍ତୁତ କରିବ। ଏହାବାଦ ବୈଠକରେ ପ୍ରସ୍ତାବିତ ପ୍ରକଳ୍ପ, ବିକାଶମୂଳକ କାର୍ଯ୍ୟରେ ଆବଶ୍ୟକ ଥିବା ତଥ୍ୟ ଏବଂ ଟେଣ୍ଡର ନେଇ ଆଲୋଚନା ହୋଇଥିଲା। ଡିପିଆର ପ୍ରସ୍ତୁତ ସହ ଭୁବନେଶ୍ୱର, ଖୋର୍ଦ୍ଧା, କଟକ ଏବଂ ପୁରୀର ଅନ୍ୟାନ୍ୟ ଅଞ୍ଚଳକୁ ମେଟ୍ରୋ ନେଟୱର୍କ ଲାଗି ମାଷ୍ଟର ପ୍ଲାନ ମଧ୍ୟ ପ୍ରସ୍ତୁତ ହେବ। ବୈଠକରେ ଇଡ୍‌କୋ ମୁଖ୍ୟ ପରିଚାଳକ, ବିଏମ୍‌ସି କମିଶନର, ଅତିରିକ୍ତ ପୋଲିସ କମିଶନରଙ୍କ ସହ ବହୁ ଅଧିକାରୀ ଉପସ୍ଥିତ ଥିଲେ।

# ଓଡ଼ିଶୀ ନୃତ୍ୟ ବିକାଶରେ ଗୁରୁ ଦେବପ୍ରସାଦଙ୍କ ଅବଦାନ ଅତୁଳନୀୟ

## ନୃତ୍ୟ ସମାରୋହ 'ଅନୁସରଣ'

ଭୁବନେଶ୍ୱର,୨୪।୪(ବ୍ୟୁରୋ)

ଗୁରୁ ଦେବପ୍ରସାଦ ଦାସ ଫାଉଣ୍ଡେଶନ ପକ୍ଷରୁ ନୃତ୍ୟ ସମାରୋହ 'ଅନୁସରଣ' ଜିକେସିଏମ୍ ଓଡ଼ିଶୀ ଗବେଷଣା କେନ୍ଦ୍ରଠାରେ ସୋମବାର ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର ଉପସଭାପତି ନମ୍ରତା ଚଢ଼ା ଏଥିରେ ସଭାପତିତ୍ୱ କରିଥିବାବେଳେ ପୂର୍ବତନ ବିଧାୟକ ପ୍ରିୟଦର୍ଶୀ ମିଶ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ବିଶିଷ୍ଟ ଶିକ୍ଷାବିତ୍ ଡକ୍ଟର ନୀତା ବହିଦାର ସମ୍ମାନିତ ଅତିଥି ଭାବେ ଯୋଗଦେଇ ଗୁରୁ ଦେବପ୍ରସାଦଙ୍କ ନୃତ୍ୟ ଶୈଳୀର ବିଶେଷତ୍ୱ ସମ୍ପର୍କରେ ଆଲୋଚନା କରିଥିଲେ। ବିଶିଷ୍ଟ ବକ୍ତା ଭାବେ ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟର ଅଧ୍ୟାପକ ଡ. ଆଶିଷ ମହାପାତ୍ର ଓଡ଼ିଶୀ ନୃତ୍ୟର ମୌଳିକତା ଉପରେ ଗୁରୁତ୍ୱ ଦେବା ସହ ଗୁରୁ ଦେବପ୍ରସାଦଙ୍କ ପାଣ୍ଡୁଲିପି ପ୍ରକାଶନ ପାଇଁ ପରାମର୍ଶ ଦେଇଥିଲେ। ଅନ୍ୟତମ ଅତିଥି ଭାବେ ପରିଚୟ ଫାଉଣ୍ଡେଶନର ଅଧ୍ୟକ୍ଷା ରୋଜାଲିନ ପାଟ୍ଟଶାଣୀ ମିଶ୍ର ଓଡ଼ିଶାର କଳା ଓ ସଂସ୍କୃତିର ମହତ୍ତ୍ୱ ତଥା ଓଡ଼ିଶୀ ନୃତ୍ୟର ବିକାଶରେ ଗୁରୁ ଦେବପ୍ରସାଦଙ୍କ ଅବଦାନ ସମ୍ପର୍କରେ ଆଲୋଚନା କରିଥିଲେ। ବିଶିଷ୍ଟ ଓଡ଼ିଶୀ ନୃତ୍ୟଗୁରୁ ଡ. ମନୋଜ ବେହେରା ସମ୍ମାନିତ ଅତିଥି ଭାବେ ଯୋଗଦେଇ ଗୁରୁ ଦେବ ପ୍ରସାଦଙ୍କ ସହ ତାଙ୍କର ଅନୁଭୂତି ସମ୍ପର୍କରେ ଆଲୋଚନା କରିଥିଲେ। ଅନୁଷ୍ଠାନର ସମ୍ପାଦିକା ଗୁରୁ ବିପଞ୍ଚି ଦାସ ବାର୍ଷିକ ବିବରଣୀ ଉପସ୍ଥାପନ କରିଥିଲେ। ଅନୁଷ୍ଠାନ ପକ୍ଷରୁ ନୃତ୍ୟଶିଳ୍ପୀଙ୍କୁ ପୁରସ୍କୃତ କରାଯାଇଥିଲା। ପରେ ଚିତାକର୍ଷକ ନୃତ୍ୟ ପରିବେଷଣ ହୋଇଥିଲା।

# ଶାରୀରିକ ଶିକ୍ଷା ଶିକ୍ଷକଙ୍କ ରାଜ୍ୟସ୍ତରୀୟ ପ୍ରଶିକ୍ଷଣ ଶିବିର

ଭୁବନେଶ୍ୱର,୨୩।୪(ବ୍ୟୁରୋ)

ଭୁବନେଶ୍ୱରସ୍ଥିତ କଳିଙ୍ଗ ଷ୍ଟାଡ଼ିୟମଠାରେ ଶାରୀରିକ ଶିକ୍ଷା ଶିକ୍ଷକଙ୍କ ରାଜ୍ୟସ୍ତରୀୟ ପ୍ରଶିକ୍ଷଣ ଶିବିର ଉଦ୍‌ଘାଟିତ ହୋଇଯାଇଛି। ମୁଖ୍ୟମନ୍ତ୍ରୀଙ୍କ ଶିକ୍ଷା ପରାମର୍ଶଦାତା ଉପେନ୍ଦ୍ର ନାଥ ତ୍ରିପାଠୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଶାରୀରିକ ଶିକ୍ଷା ତଥା ଛାତ୍ରୀଛାତ୍ରଙ୍କ ବ୍ୟକ୍ତିତ୍ୱର ପୂର୍ଣ୍ଣାଙ୍ଗ ବିକାଶରେ ଶାରୀରିକ ଶିକ୍ଷାର ମହତ୍ତ୍ୱ ସମ୍ପର୍କରେ ଆଲୋକପାତ କରିଥିଲେ। ଛାତ୍ରୀଛାତ୍ରଙ୍କୁ ଶାରୀରିକ ଶିକ୍ଷା ସମ୍ପର୍କିତ କାର୍ଯ୍ୟକ୍ରମରେ ସାମିଲ କରିବାକୁ ସେ ଉପସ୍ଥିତ ଶାରୀରିକ ଶିକ୍ଷକଙ୍କୁ ଆହ୍ୱାନ ଦେଇଥିଲେ। ଅନ୍ୟପକ୍ଷରେ ଓଡ଼ିଶା ବିଦ୍ୟାଳୟ ଶିକ୍ଷା କାର୍ଯ୍ୟକ୍ରମ ପ୍ରାଧିକରଣ (ଓସେପା)ର ରାଜ୍ୟ ପ୍ରକଳ୍ପ ନିର୍ଦ୍ଦେଶକ ଅନୁପମ ସାହା ଯୋଗଦେଇ ଆଗାମୀ ଦିନରେ ଏହି ପ୍ରଶିକ୍ଷଣ କାର୍ଯ୍ୟ ପର୍ଯ୍ୟାୟକ୍ରମେ ଚାଲୁ ରହିବ। ଏଥିରେ କେନ୍ଦ୍ରୀୟ ରାଜସ୍ୱ ଜୋନ୍ ଓଡ଼ିଶାର ୧୦ଟି ଜିଲାରୁ ଆସିଥିବା ୧୦୦ ଜଣ ପ୍ରଶିକ୍ଷାର୍ଥୀ ( ପିଇଟି) ଭାଗ ନେଇଛନ୍ତି। ଚଳିତ ଖରାଛୁଟି ମଧ୍ୟରେ ୧୮୮୦ ଜଣ ପିଇଟିଙ୍କୁ ପ୍ରଶିକ୍ଷଣ ପ୍ରଦାନ କରାଯିବ। ଏହି କାର୍ଯ୍ୟକ୍ରମରେ ରାଜ୍ୟ କ୍ରୀଡା ଓ ଯୁବ ସେବା ବିଭାଗର ପ୍ରଶିକ୍ଷିତ ପ୍ରଶିକ୍ଷାର୍ଥୀମାନେ ପ୍ରଶିକ୍ଷଣ ପ୍ରଦାନ କରୁଥିବା ସେ ସୂଚନା ଦେଇଥିଲେ। ଓସେପାର ଅତିରିକ୍ତ ନିର୍ଦ୍ଦେଶକ ଭଗବାନ ବେହେରା ଧନ୍ୟବାଦ ଦେଇଥିବାବେଳେ ଓସେପାର ଯୁଗ୍ମ ନିର୍ଦ୍ଦେଶକ ସରୋଜ କୁମାର ବେହେରା ଓ ଉପନିର୍ଦ୍ଦେଶକ ମହେଶ୍ୱର ସାହୁ ପରିଚାଳନା କରିଥିଲେ।

# ୬ ଦଫା ଦାବିରେ ଭିଆରପି ଆସୋସିଏଶନର ବିକ୍ଷୋଭ




ଭୁବନେଶ୍ୱର,୨୪।୪(ବ୍ୟୁରୋ)

୬ ଦଫା ଦାବି ନେଇ ଭିଲେଜ୍ ରିସୋର୍ସ ପର୍ସନ (ଭିଆର୍‌ପି) ଆସୋସିଏଶନ ପକ୍ଷରୁ ଲୋୟର ପିଏମଜିରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଆନ୍ଦୋଳନକାରୀଙ୍କ ଅଭିଯୋଗ ଅନୁସାରେ, ୨୦୧୭ରୁ ରାଜ୍ୟ ସରକାରଙ୍କ ଅଧୀନସ୍ଥ ପଞ୍ଚାୟତିରାଜ ଓ ପାନୀୟଜଳ ବିଭାଗ, ଓଡ଼ିଶା ସୋସାଇଟି ଫର୍ ସୋସିଆଲ ଅଡିଟ୍ ଆକାଉଣ୍ଟାବିଲିଟି ଆଣ୍ଡ୍ ଟ୍ରାନ୍ସପରେନ୍ସି ବିଭାଗରେ କାର୍ଯ୍ୟ କରିଆସୁଥିବାବେଳେ ନିଜ ଅଧିକାରରୁ ସେମାନଙ୍କୁ ବଞ୍ଚିତ କରାଯାଉଛି। ସରକାରଙ୍କ ଅନ୍ୟ ଯୋଜନାଗୁଡ଼ିକ ସାମାଜିକ ସୁରକ୍ଷାରେ ସାମିଲ କରାଯିବା ସହ ପାରିଶ୍ରମିକ ବୃଦ୍ଧି, ଓସାଟ୍ ଯୋଜନାରେ କାର୍ଯ୍ୟକରୁଥିବା ଭିଆରପିଙ୍କୁ ସ୍ଥାୟୀ ନିଯୁକ୍ତି ଦେବା, ଇପିଏଫ୍ ଓ ବୀମା ସୁବିଧା ସହ ଡ୍ରେସ କୋଡ୍ ଓ ପରିଚୟପତ୍ର ପ୍ରଦାନ ପାଇଁ ଦାବି କରାଯାଇଛି। ସେହିପରି ପାରିଶ୍ରମିକକୁ ସିଧାସଳଖ ଭିଆର୍‌ପିଙ୍କ ବ୍ୟାଙ୍କ ଆକାଉଣ୍ଟରେ ଜମା କରାଯିବା ସହ ସେମାନଙ୍କୁ ଗ୍ରାମ ପଞ୍ଚାୟତ ସୋସିଆଲ ଅଡିଟର ମାନ୍ୟତା ଦିଆଯାଉ ବୋଲି ଆନ୍ଦୋଳନକାରୀମାନେ ଦାବି କରିଛନ୍ତି। ଦାବି ପୂରଣ ନ ହେଲେ ଆନ୍ଦୋଳନ ତୀବ୍ରତର ହେବ ବୋଲି ଆସୋସିଏଶନ ସଭାପତି ସୁପ୍ରା ରାଉତ ଓ ସାଧାରଣ ସମ୍ପାଦିକା ରୁନୁ ଥାପ୍ପା ପ୍ରମୁଖ ଚେତାବନୀ ଦେଇଛନ୍ତି।

# 'ପ୍ରତିକାର'ର ସ୍ୱନକ୍ଷତ୍ର ଉତ୍ସବ, ପ୍ରତିଭା ସମ୍ମାନ ସମାରୋହ




'ପ୍ରତିକାର'ର ସ୍ୱନକ୍ଷତ୍ର ଉତ୍ସବ ଏବଂ ଓଡ଼ିଶା ପ୍ରତିଭା ସମ୍ମାନ ସମାରୋହରେ ଉପସ୍ଥିତ ଅତିଥି।

ଭୁବନେଶ୍ୱର,୨୪।୪(ବ୍ୟୁରୋ)

ଓଡ଼ିଆ ଖବରକାଗଜ 'ପ୍ରତିକାର'ର ୧୬ତମ ସ୍ୱନକ୍ଷତ୍ର ଉତ୍ସବ ଏବଂ ଓଡ଼ିଶା ପ୍ରତିଭା ସମ୍ମାନ ସମାରୋହ ସୋମବାର ସୂଚନା ଭବନରେ ଅନୁଷ୍ଠିତ ହୋଇଯାଇଛି। ବିଶିଷ୍ଟ ସଂସ୍କୃତ ବିଶାରଦ ପ୍ରବୋଧ କୁମାର ମିଶ୍ର ଏହାକୁ ଉଦ୍‌ଘାଟନ କରିଥିବାବେଳେ ମୁଖ୍ୟ ଅତିଥି ଭାବେ ପୂର୍ବତନ କେନ୍ଦ୍ରମନ୍ତ୍ରୀ ବ୍ରଜ କିଶୋର ତ୍ରିପାଠୀ, ସ୍ୱତନ୍ତ୍ର ଅତିଥି ଭାବେ ବରିଷ୍ଠ ସାମ୍ବାଦିକ ପ୍ରଦୋଷ ପଟ୍ଟନାୟକ ଓ ମୁଖ୍ୟବକ୍ତା ଭାବେ ଓଡ଼ିଶା କର୍ମଜିବୀ ସାମ୍ବାଦିକ ସଂଘ ସଭାପତି ସୁଜ୍ଞାନ ଚୌଧୁରୀ ପ୍ରମୁଖ ଯୋଗଦେଇଥିଲେ। ସାଂପ୍ରତିକ ପରିସ୍ଥିତିରେ ଗଣମାଧ୍ୟମର ଭୂମିକା ସମ୍ପର୍କରେ ଅତିଥିମାନେ ମତ ରଖିଥିଲେ। ବରିଷ୍ଠ ଗ୍ରନ୍ଥକାର ସୁଧାଂଶୁ ଶେଖର ମହାପାତ୍ର ଏଥିରେ ଅଧ୍ୟକ୍ଷତା କରିଥିବାବେଳେ ପ୍ରତିକାରର ପ୍ରତିଷ୍ଠାତା ସୁଭାଶିଷ ମିଶ୍ର ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଏହି ଅବସରରେ ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ରଖିଥିବା ବ୍ୟକ୍ତିତ୍ୱଙ୍କୁ ଓଡ଼ିଶା ପ୍ରତିଭା ସମ୍ମାନରେ ସମ୍ମାନିତ କରାଯାଇଥିଲା।

## କନ୍‌ଷ୍ଟେବଲ ଓ ହାବିଲଦାର ସଂଘ ନିର୍ବାଚନ

# କୁଦ୍ଦୁସ ସଭାପତି, ଚକ୍ରଧର ସମ୍ପାଦକ

ଭୁବନେଶ୍ୱର,୨୪।୪ (ବ୍ୟୁରୋ)

ଭୁବନେଶ୍ୱର ସହରାଞ୍ଚଳ ପୋଲିସ ଜିଲା କନ୍‌ଷ୍ଟେବଲ ଓ ହାବିଲଦାର ସଂଘ ନିର୍ବାଚନ ଅନୁଷ୍ଠିତ ହୋଇଯାଇଛି। ମହମ୍ମଦ କୁଦ୍ଦୁସ ସଭାପତି ଓ ଚକ୍ରଧର ଦାସ ସମ୍ପାଦକ ଭାବେ ନିର୍ବାଚିତ ହୋଇଛନ୍ତି। କୁଦ୍ଦୁସ ତାଙ୍କ ନିକଟତମ ପ୍ରତିଦ୍ୱନ୍ଦ୍ୱିଙ୍କୁ ୨୪୧ ଭୋଟରେ ହରାଇଛନ୍ତି। ସେହିପରି ଉପ-ସଭାପତି ଭାବେ ପ୍ରତାପ ଛୋଟରାୟ, ସହ-ସମ୍ପାଦକ ଭବ ରଞ୍ଜନ ରାଉତ, ଦେବାଶିଷ ପାତ୍ର, କୋଷାଧ୍ୟକ୍ଷ ଦିଲୀପ ଭୋଳ ନିର୍ବାଚିତ ହୋଇଥିବାବେଳେ ସଭ୍ୟ ଭାବେ ଅଭିମନ୍ୟୁ ଦାଶ, ଦେବବ୍ରତ ଜେନା, ଶ୍ରୀଧର କିଶାନ, ସୁନିତ୍ରା ବେଉରା, ଜିତେନ୍ଦ୍ର ବେହେରା ବିଜୟୀ ହୋଇଛନ୍ତି। ଭୋଟ ଗଣତି ପରେ ବିଜୟ ଲାଭ କରିଥିବା ଟିମ୍ ପକ୍ଷରୁ ଏକ ଶୋଭାଯାତ୍ରା କରାଯାଇଥିଲା। ଏହି ସମୟରେ ନବ ନିର୍ବାଚିତ ସଭାପତି ଓ ସମ୍ପାଦକ କହିଛନ୍ତି, ବିଜୟର ସମସ୍ତ ଶ୍ରେୟ ପୂର୍ବତନ ସଭାପତି ପ୍ରବୋଧ ଦାସଙ୍କୁ ଦିଆଯିବ। କାରଣ ତାଙ୍କର ଦୃଢ ନେତୃତ୍ୱ ଓ ଦକ୍ଷ ସଙ୍ଗଠନ ଯୋଗୁ ଟିମ ଆଜି ପ୍ରତଟି ମେମ୍ବର ପାଖରେ ପହଞ୍ଚିପାରିଛି। ସଂଘର ସମସ୍ତ ସଭ୍ୟଙ୍କ ସୁବିଧା-ଅସୁବିଧା ବୁଝିବା ପାଇଁ ଟିମ୍ ପ୍ରତିଶ୍ରୁତିବଦ୍ଧ ଥିବା ସେମାନେ କହିଛନ୍ତି। ନିର୍ବାଚନ ସମୟରେ କିଛି ସଭ୍ୟ ଆମର ପ୍ରତିଦ୍ୱନ୍ଦ୍ୱୀ ହୋଇଥିଲେ, ହେଲେ ଭୋଟ ସରିବା ପରେ ସମସ୍ତେ ଆମର ଭାଇ ଓ ବନ୍ଧୁ। ତେଣୁ ବାଦବିବାଦକୁ ଭୁଲି ସମସ୍ତଙ୍କୁ ସାଙ୍ଗରେ ନେଇ ସଂଘ କାର୍ଯ୍ୟ କରିବ ବୋଲି ନବନିର୍ବାଚିତ ପ୍ରତିନିଧିମାନେ ମତ ଦେଇଛନ୍ତି।



ଭୁବନେଶ୍ୱର ସହରାଞ୍ଚଳ ପୋଲିସ ଜିଲା କନ୍‌ଷ୍ଟେବଲ ଓ ହାବିଲଦାର ସଂଘର ନବନିର୍ବାଚିତ କର୍ମକର୍ତ୍ତାମାନେ।

# ପଲାଶୁଣୀ ବସ୍‌ଷ୍ଟାଣ୍ଡରେ ନାହିଁ ଶୌଚାଳୟ, ଯାତ୍ରୀ ହନ୍ତସନ୍ତ





ଜାତୀୟ ରାଜପଥର ପଲାଶୁଣୀ ଛକଠାରେ ବସ୍ ଷ୍ଟପ୍ କିମ୍ବା ଯାତ୍ରୀ ବିଶ୍ରାମାଗାର ନ ଥିବାରୁ ଲୋକେ ରାସ୍ତା ଉପରେ ଅପେକ୍ଷା କରିଛନ୍ତି। ଇ-ଟଏଲେଟ୍ ସ୍ଥାନରେ ହୋଇଥିବା ହୋଟେଲ।

## ମୌଳିକ ସୁବିଧା ଯୋଗାଇ ପାରୁନି ବିଏମ୍‌ସି

ଭୁବନେଶ୍ୱର, ୨୪।୪ (ବ୍ୟୁରୋ)

ରାଜଧାନୀ ଭୁବନେଶ୍ୱରକୁ ୧ନମ୍ବର ସ୍ମାର୍ଟସିଟିରେ ପରିଣତ କରିବା ସହ ସହରକୁ ସ୍ୱଚ୍ଛ ଓ ସୁନ୍ଦର କରି ଗଢ଼ି ତୋଳିବା ପାଇଁ ବିଏମ୍‌ସି ସର୍ବଦା ଚେଷ୍ଟା କରି ଆସୁଥିବା ପ୍ରଚାର କରୁଛି। କେଉଁଠି ଅଳିଆ ଉଠାଇ ତ ଆଉ କେଉଁଠି କାନ୍ଥ, ବାଡ଼ରେ ଚିତ୍ର ଆଙ୍କି ନିଜର ଡିଣ୍ଡିମ ପିଟୁଛି। ମାତ୍ର ଦୀପ ତଳ ଅନ୍ଧାର ଭଳି ସହରର ଅଧିକାଂଶ ସ୍ଥାନରେ ଲୋକଙ୍କୁ ମୌଳିକ ସୁବିଧା ଯୋଗାଇ ଦେବାରେ ଅସମର୍ଥ ହୋଇଛି। ଏହାର ଉଦାହରଣ ଦେଖିବାକୁ ମିଳିଛି ବିଏମ୍‌ସି ୱାର୍ଡ ନଂ. ୧୮ ଅନ୍ତର୍ଗତ ପଳାଶୁଣି ଅଞ୍ଚଳରେ। ଏଠାରେ ସୁଲଭ ଶୌଚାଳୟ ନ ଥିବାରୁ ଲୋକମାନେ ନାହିଁ ନ ଥିବା ହଇରାଣ ହେଉଛନ୍ତି। ବିଶେଷକରି ମହିଳାମାନେ ଏଥିରେ ଅଧିକ ପ୍ରଭାବିତ ହେଉଛନ୍ତି। ସହରର ଅନ୍ୟତମ ଜନଗହଳିପୂର୍ଣ୍ଣ ବସ୍‌ଷ୍ଟାଣ୍ଡ ହେଉଛି ପଳାଶୁଣି ବସ୍‌ଷ୍ଟାଣ୍ଡ। ପ୍ରତିଦିନ ଏଠାରେ ଶହଶହ ଯାତ୍ରୀ ଯିବା ଆସିବା କରିଥାନ୍ତି। ସକାଳୁ ସଞ୍ଜ ଯାଏ ଏଠାରେ ବଜାରଘାଟ ଚାଲେ। ମାତ୍ର ଏତେ ସଂଖ୍ୟକ ଲୋକଙ୍କ ପାଇଁ ଆଖପାଖରେ କୌଣସି ଶୌଚାଳୟ ନାହିଁ। ଫଳରେ ଯାତ୍ରୀମାନେ ଅସୁବିଧାର ସମ୍ମୁଖୀନ ହେବା ସହ ବାଧ୍ୟହୋଇ ରାସ୍ତାକଡ଼, ହାଟ ନିକଟସ୍ଥ ପଡିଆରେ ମଳ, ମୂତ୍ର ତ୍ୟାଗ କରୁଛନ୍ତି। ଏହାଦ୍ୱାରା ପରିବେଶ ଦୂଷିତ ହେବା ସହ ସହରର ଚିତ୍ର ମଳିନ ହେଉଛି। ଏନେଇ ସ୍ଥାନୀୟ ବାସିନ୍ଦା ଏବଂ ସାମାଜିକ ସେବା ସଂଗଠନ ଆଞ୍ଜେଲ ଗ୍ରୁପ୍ ପକ୍ଷରୁ ବିଏମ୍‌ସି ଏବଂ ରାଜ୍ୟ ସରକାରଙ୍କ ନିକଟରେ ବାରମ୍ବାର ଦାବି କରାଯିବା ସତ୍ତ୍ୱେ କୌଣସି ଫଳ ମିଳୁନାହିଁ। ପ୍ରେମଚାନ୍ଦ ଚୌଧାରୀ ବିଏମ୍‌ସି କମିଶନର ଭାବେ ଦାୟିତ୍ୱ ନେବା ସମୟରୁ ଏ ନେଇ ଦାବି କରାଯାଉଛି। ବାରମ୍ବାର ଲିଖିତ ଭାବେ ମଧ୍ୟ ଅଭିଯୋଗ କରାଯାଇଛି। ମାତ୍ର ଏହା ମଧ୍ୟରେ ୨ଜଣ କମିଶନରଙ୍କ ବଦଳି ହୋଇ ସାରିଥିଲେ ବି ସମସ୍ୟା ଯେପରି ଥିଲା ସେହିପରି ଅଛି। ଅପରପକ୍ଷେ ବିଏମ୍‌ସି ଅଫିସ୍ ଗଲେ ସେଠାରେ କମିଶନରଙ୍କ ଦେଖା ମିଳୁନି। ଫଳରେ ଅତିରିକ୍ତ କମିଶନର କେବଳ ପ୍ରତିଶ୍ରୁତି ଦେଇ ଭୂଆଁ ବୁଲାଉଛନ୍ତି। ପଳାଶୁଣି ହାଟଛକ ନିକଟରେ ଇ-ଟଏଲେଟ୍ ନିର୍ମାଣ ପାଇଁ ଜାଗା ଚିହ୍ନଟ ହୋଇଥିଲା। ମାତ୍ର ସମ୍ପୃକ୍ତ ସ୍ଥାନରେ ଜଣେ ବ୍ୟକ୍ତି ଜବରଦଖଲ କରିବା ସହ ସେଠାରେ ଥିବା ନାଳକୁ ପୋତି ହୋଟେଲ ନିର୍ମାଣ କରିଛନ୍ତି। ଏନେଇ ବିଏମ୍‌ସିରେ ଅଭିଯୋଗ କରାଯାଇଥିଲେ ବି ଏଯାବତ୍ କୌଣସି କାର୍ଯ୍ୟାନୁଷ୍ଠାନ ନିଆଯାଉ ନ ଥିବା ସ୍ଥାନୀୟ ଅଧିବାସୀ ଅଭିଯୋଗ କରିଛନ୍ତି।

## ସଂକ୍ଷେପରେ

### ରାସ୍ତାରେ ଜଳିଗଲା ହାଇୱା



**ଖୋର୍ଦ୍ଧା ଅଫିସ,୨୪।୪:** ୧୬ ନମ୍ବର ଜାତୀୟ ରାଜପଥର ଖୋର୍ଦ୍ଧା ଦଧିମାଛଗାଡ଼ିଆ ଛକରେ ସୋମବାର ମଧ୍ୟାହ୍ନରେ ହଠାତ୍ ପିଚୁ ବୋଝେଇ ହାଇୱା ଜଳିଯାଇଥିଲା। ନିଆଁ ଲାଗିବାର କାରଣ ଅସ୍ପଷ୍ଟ ରହିଥିବା ବେଳେ ଶର୍ଟସର୍କିଟରୁ ଜଳିଯାଇଥିବା ଅନୁମାନ କରାଯାଉଛି। ସୂଚନା ମୁତାବକ, ତାପଙ୍ଗରୁ ଏହି ହାଇୱା ଖୋର୍ଦ୍ଧା ଆସୁଥିଲା। ଡ୍ରାଇଭରଙ୍କ ସନ୍ଦେହ ହେବାରୁ ଗାଡିକୁ ରାସ୍ତା ପାର୍ଶ୍ୱରେ ରଖି ଓହ୍ଲାଇ ପଡିଥିଲେ। ହଠାତ୍ ନିଆଁଲାଗି ଜଳିଯାଇଥିଲା। ଖବରପାଇ ଅଗ୍ନିଶମ କର୍ମଚାରୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ।

### ୮ ଦିବ୍ୟାଙ୍ଗଙ୍କୁ ମିଳିଲା ଟ୍ରାଇସାଇକେଲ

ଟାଙ୍ଗୀ(ଖୋର୍ଦ୍ଧା),୨୪।୪(ଡି.ଏନ୍.ଏ.): ରାଜ୍ୟ ସରକାରଙ୍କ ଦିବ୍ୟାଙ୍ଗ ସହାୟତା ଯୋଜନାରେ ଟାଙ୍ଗୀ ବ୍ଲକର ୮ଜଣ ଦିବ୍ୟାଙ୍ଗଙ୍କୁ ସୋମବାର ଟ୍ରାଇସାଇକେଲ ପ୍ରଦାନ କରାଯାଇଛି। ଏମାନେ ହେଲେ ବଡ଼ପାରୀର ପବିତ୍ର ବିଶ୍ୱାଳ, ମଙ୍ଗଳାଯୋଡ଼ି ନୂଆପଡାର ଗୀତାଞ୍ଜଳି ପ୍ରଧାନ, ଛଣଗିରି ତେଲିସାହିର ସୁକାନ୍ତ ଗଜେନ୍ଦ୍ର, ମଙ୍ଗଳାଯୋଡ଼ିର ସୁଶାନ୍ତ ବେହେରା, ସୁନ୍ଦରପୁରର ରଚନା ପ୍ରଧାନ, ପାରିଓରଡ଼ର ଚିତ୍ତରଞ୍ଜନ ସାହୁ, ଭୂଷଣ୍ଡପୁର ଅଭୟମୁଖୀର ଦିବାକର ସାହୁ, ଲେଣ୍ଡୋ ଯାଜପୁରର ପୁଷ୍ପାଞ୍ଜଳି ମହତରାୟ। ଏହି ବଣ୍ଟନ କାର୍ଯ୍ୟକ୍ରମରେ ଟାଙ୍ଗୀ ବ୍ଲକ ଅଧକ୍ଷା ରିସ୍ମା ମାନ୍ଧାତା, ବିଡିଓ ଐଶ୍ୱର୍ଯ୍ୟା ସାମନ୍ତରାୟ, ପବିତ୍ର ପାଇକରାୟ, ରାମଚନ୍ଦ୍ରପୁର ସରପଞ୍ଚ ମଧୁସୂଦନ ପଲାଇ ପ୍ରମୁଖ ଉପସ୍ଥିତ ଥିଲେ।

### ଯାଗୋ ପକ୍ଷରୁ ଆମ୍ବେଡକରଙ୍କ ଜୟନ୍ତୀ

ଜଟଣୀ,୨୪।୪(ଡି.ଏନ୍.ଏ.): ଜଟଣୀ ବ୍ଲକ ଅନ୍ତର୍ଗତ ତରାବୋଇ ଗ୍ରାମରେ ଜାଗୋ ଅନୁଷ୍ଠାନ ପକ୍ଷରୁ ବାବାସାହେବ ଆମ୍ବେଡକରଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ଅଭିରାମ ମଲ୍ଲିକ, ବିଜୟ ଭୋଇ, ବିଭ୍ରାନ୍ତ ମଲ୍ଲିକ, ପ୍ରଭାସ କାଣ୍ଡି, ବିପିନ ସୁନ୍ଦରାୟ, ବସନ୍ତ ନାୟକ, ମହମ୍ମଦ ଅବ୍ରାର, ତରାବୋଇ କ୍ଲବର ସଭାପତି ମାଧବ ନାୟକ, ଉପ ସଭାପତି ଏଇମ ମହମ୍ମଦ, ସମ୍ପାଦକ ପ୍ରଦୀପ ବେହେରା, ପ୍ରତାପ ବେହେରା, ପ୍ରସନ୍ନ କାଣ୍ଡି, ରବୀନ୍ଦ୍ର ବେହେରା, ପ୍ରଭାତ ନାୟକ, ବିଜୟ ବେହେରା, ସଞ୍ଜୟ ବେହେରା, ଉଗ୍ରସେନ ନାୟକ ପ୍ରମୁଖ ଯୋଗଦେଇ ଆମ୍ବେଡକରଙ୍କ ନୀତି ଓ ଆଦର୍ଶ ସମ୍ପର୍କରେ ଆଲୋକପାତ କରିଥିଲେ। ଏଥିସହିତ ସମାଜ ଓ ଦେଶ ସେବା ପାଇଁ ସଙ୍କଳ୍ପ ନେଇଥିଲେ।

### କୃଷ୍ଣପ୍ରସାଦ ପଞ୍ଚାୟତରେ ଜଳଛତ୍ର ଉଦ୍‌ଘାଟିତ

କୃଷ୍ଣପ୍ରସାଦ,୨୪।୪(ଡି.ଏନ୍.ଏ.): କୃଷ୍ଣପ୍ରସାଦ ଓ ଏହାର ଆଖପାଖ ଅଞ୍ଚଳରେ ଲୋକେ ପାନୀୟଜଳ ପାଇଁ ହଇରାଣ ହେଉଛନ୍ତି। ପାନୀୟଜଳ ସଙ୍କଟ ଦୂର ପାଇଁ ବିଡିଓ ମନୋଜ କୁମାର ନାୟକଙ୍କ ନିର୍ଦ୍ଦେଶକ୍ରମେ ଶନିବାର କୃଷ୍ଣପ୍ରସାଦ ପଞ୍ଚାୟତରେ ଜଳଛତ୍ର ସ୍ଥାନୀୟ ସରପଞ୍ଚ ଇତିଶ୍ରୀ ସିଂହଙ୍କ ଦ୍ୱାରା ଉଦ୍‌ଘାଟିତ ହୋଇଯାଇଛି। ଟ୍ୟାଙ୍କରରେ ଜଳଛତ୍ର ପାଣିକୁ ଦ୍ୱାର ଦ୍ୱାର ବଣ୍ଟନ କରାଯାଉଛି। ପଞ୍ଚାୟତ କାର୍ଯ୍ୟ ନିର୍ବାହୀ ଅଧିକାରୀ ପଞ୍ଚାନନ ପୂଜାରୀ, ସରପଞ୍ଚଙ୍କ ପ୍ରତିନିଧି ଜିତେନ୍ଦ୍ର କୁମାର ବିଶ୍ୱାଳଙ୍କ ନେତୃତ୍ୱରେ ବଣ୍ଟନ କାର୍ଯ୍ୟ ହୋଇଥିଲା।

### ଖବରଦାତାଙ୍କ ଭ୍ରାତୃ ବିୟୋଗ

ଜଟଣୀ,୨୪।୪(ଡି.ଏନ୍.ଏ.): ଦୈନିକ ହିନ୍ଦୀ ଖବରକାଗଜର ଖବରଦାତା ସଜ୍ଜନ ଅଗ୍ରୱାଲଙ୍କ ସାନଭାଇ କୈଳାସ ଅଗ୍ରୱାଲ(୬୧)ଙ୍କ ରବିବାର ରାତିରେ ପରଲୋକ ହୋଇଯାଇଛି। ଗତ କିଛି ଦିନହେବ କୈଳାସ ସ୍ୱାସ୍ଥ୍ୟଗତ ସମସ୍ୟାରେ ପୀଡିତ ରହିଥିଲେ। ତାଙ୍କ ମୃତ୍ୟୁ ଖବର ପ୍ରଚାରିତ ହେବା ପରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ଜଟଣୀ ବିଧାୟକ ସୁରେଶ କୁମାର ରାଉତରାୟ, ଭାଜପା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ବିଶ୍ୱରଞ୍ଜନ ବଡ଼ଜେନା, ଭାରତୀୟ ତୈଳ ନିଗମ ନିର୍ଦ୍ଦେଶକ ତଥା ଭାଜପା ରାଜ୍ୟ ପ୍ରବକ୍ତା ସୁଦୀପ୍ତ ରାୟ, ଜଟଣୀ ପ୍ରେସ କ୍ଲବ ଓ ସାମ୍ବାଦିକ ସଂଘର ସମସ୍ତ ସଦସ୍ୟ ତାଙ୍କ ବାସଭବନରେ ପହଞ୍ଚି ଶେଷ ଦର୍ଶନ କରିଥିଲେ। ସ୍ଥାନୀୟ ମାରୱାଡି ଶ୍ମଶାନରେ ତାଙ୍କର ଅନ୍ତିମ ସଂସ୍କାର କରାଯାଇଥିଲା।

# ଆୟୁଷ ନିର୍ଦ୍ଦେଶକଙ୍କ ତଦନ୍ତ ଆରମ୍ଭ

**ବିନା ଏନ୍‌ଇଇଟିରେ ପଢୁଛନ୍ତି ଆୟୁର୍ବେଦ ପାଠ ପ୍ରସଙ୍ଗ**

- ସବିଶେଷ ତଥ୍ୟ ଦେବାକୁ ତାଗିଦା
- ଅଭିଯୋଗ ପ୍ରମାଣିତ ହେଲେ କାର୍ଯ୍ୟାନୁଷ୍ଠାନ

ଖୋର୍ଦ୍ଧା ଅଫିସ,୨୪।୪

ରାଜ୍ୟରେ ନକଲି ସାର୍ଟିଫିକେଟ ରାକେଟ ସକ୍ରିୟ ରହିଛି। ବଲାଙ୍ଗୀରରେ ନକଲି ସାର୍ଟିଫିକେଟ ପରେ ଚର୍ଚ୍ଚାକୁ ଆସିଛି ପୁରୀସ୍ଥିତ ଗୋପବନ୍ଧୁ ଆୟୁର୍ବେଦ କଲେଜ ଓ ହସ୍ପିଟାଲ। ଓଜେଇଇ ଓ ଏନ୍‌ଇଇଟି ପାସ କରିନଥିବା କେତେଜଣ ଛାତ୍ରୀଛାତ୍ର ନକଲି ସାର୍ଟିଫିକେଟରେ ଏହି କଲେଜରେ ଡାକ୍ତରୀ(ଆୟୁର୍ବେଦ) ପାଠ ଅଧ୍ୟୟନ କରୁଥିବା ଗତ ଜାନୁୟାରୀ ୧୦ରେ 'ଧରିତ୍ରୀ'ରେ ପ୍ରକାଶ ପାଇଥିଲା। ଖବର ପ୍ରକାଶ ସତ୍ତ୍ୱେ ରାଜ୍ୟ ସରକାରଙ୍କ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ଏବଂ ଆୟୁଷ ବିଭାଗର ନୀରବତାକୁ ନେଇ ପ୍ରଶ୍ନ ଉଠିଥିଲା। ଏବେ ରାଜ୍ୟ ଆୟୁଷ ବିଭାଗ ନିର୍ଦ୍ଦେଶକ କଲ୍ୟାଣ କୁମାର ରଥ ଏହି ଘଟଣାର ତଦନ୍ତ ଆରମ୍ଭ କରିଛନ୍ତି। ନିର୍ଦ୍ଦେଶକ ରଥ କଲେଜରେ ପହଞ୍ଚି ଏ ସମ୍ପର୍କରେ କଲେଜ ଅଧକ୍ଷ ଏବଂ ଅନ୍ୟ ବିଭାଗୀୟ ପ୍ରାଧ୍ୟାପକ, ଅଧ୍ୟାପକଙ୍କ ସହ ଆଲୋଚନା କରିଛନ୍ତି। କେଉଁ ପରିସ୍ଥିତିରେ ଏଭଳି ତ୍ରୁଟିକୁ କର୍ତ୍ତୃପକ୍ଷ ଧରିପାରିଲେ ନାହିଁ କିମ୍ବା ସବୁକିଛି ଜାଣତରେ ପିଲାଙ୍କୁ ନାମଲେଖା ସୁଯୋଗ ଦିଆଯାଇଛି, ସେ ସମ୍ପର୍କରେ ନିର୍ଦ୍ଦେଶକ ରଥ ଯାଞ୍ଚ କରିଛନ୍ତି। ଏହି ଘଟଣାର ସବିଶେଷ ତଥ୍ୟ ରଖିବାକୁ କଲେଜ କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦେଶ ଦେଇଥିବା ଜଣାପଡିଛି । ତେବେ ଆଲୋଚନା ସମ୍ପର୍କରେ କଲେଜ କର୍ତ୍ତୃପକ୍ଷ ମୁହଁ ଖୋଲିବାକୁ ନାରାଜ।

ପ୍ରକାଶ ଯେ, ବିନା ଓଜେଇଇ, ଏନ୍‌ଇଇଟି ଏବଂ ନକଲି ସାର୍ଟିଫିକେଟ ଦେଇ ପିଲାମାନେ ଏଠାରେ ଅଧ୍ୟୟନ କରୁଥିବା ନେଇ ଜଣେ ଅଭିଯୋଗକାରୀ ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ସଚିବଙ୍କ ନିକଟରେ ଲିଖିତ ଅଭିଯୋଗ କରିଥିଲେ। ଏହି ଘଟଣାର ତଦନ୍ତ ଲାଗି ପୁରୀର ସଚେତନ ନାଗରିକ ମଞ୍ଚ ଭୁବନେଶ୍ୱର ଭିଜିଲାନ୍ସ ଅଧୀକ୍ଷକଙ୍କ ନିକଟରେ ଲିଖିତ ଅଭିଯୋଗ କରିଛନ୍ତି। ଅନ୍ୟପଟେ ଧରିତ୍ରୀରେ ପ୍ରକାଶିତ ଖବରକୁ ଆଧର କରି କଲେଜ ଅଧକ୍ଷ ଘଟଣାର ଅନ୍ତରୀଣ ତଦନ୍ତ ଲାଗି ୯ଜଣିଆ କମିଟି ଗଠନ କରିଥିଲେ। ୭ଦିନ ମଧ୍ୟରେ ତଦନ୍ତ ରିପୋର୍ଟ ଦାଖଲ ନିର୍ଦ୍ଦେଶ ଦେଇଥିଲେ। ଏକାଡେମିକ ସେକ୍ସନ ଦାୟିତ୍ୱରେ ରହିଥିବା ସିନିୟର ଆସିଷ୍ଟାଣ୍ଟଙ୍କୁ ତଦନ୍ତ କମିଟିକୁ ସମସ୍ତ ସହଯୋଗ ଏବଂ ଆଡମିଶନ ସଂକ୍ରାନ୍ତ ସମସ୍ତ ଡକ୍ୟୁମେଣ୍ଟ ପ୍ରଦାନ ଲାଗି ମଧ୍ୟ ନିର୍ଦ୍ଦେଶ ଦେଇଥିଲେ। ଉକ୍ତ କମିଟି ସବିଶେଷ ତଦନ୍ତ ରିପୋର୍ଟ କଲେଜ ଅଧକ୍ଷଙ୍କୁ ପ୍ରଦାନ କରିଥିବା ଜଣାପଡିଛି। ତେବେ ରିପୋର୍ଟରେ କ'ଣ ଲେଖାଯାଇଛି କମିଟି ସଦସ୍ୟ କିମ୍ବା କଲେଜ ଅଧକ୍ଷ ବେହେରା କେହି ମୁହଁ ଖୋଲିବାକୁ ନାରାଜ। ଅନ୍ୟପକ୍ଷରେ ଏନେଇ ରାଜ୍ୟ ଆୟୁଷ ନିର୍ଦ୍ଦେଶକ କଲ୍ୟାଣ କୁମାର ରଥ କୁହନ୍ତି, ଗୋପବନ୍ଧୁ ଆୟୁର୍ବେଦ କଲେଜରେ ବିନା ଓଜେଇଇ, ଏନ୍‌ଇଇଟି ଏବଂ ନକଲି ସାର୍ଟିଫିକେଟ ଦେଇ ପିଲାମାନେ ଏଠାରେ ଅଧ୍ୟୟନ କରୁଥିବା ନେଇ ଅଭିଯୋଗ ହସ୍ତଗତ ହୋଇଛି। ଘଟଣାର ସବିଶେଷ ଯାଞ୍ଚ କରାଯିବ। ଅଭିଯୋଗ ପ୍ରମାଣ ହେଲେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବାଲି ସେ କହିଛନ୍ତି।

ଗତ ୨୦୨୧ ନଭେମ୍ବରରେ ଜଣେ ଛାତ୍ର ଭାରତ ସରକାରଙ୍କ ଆୟୁଷ ମନ୍ତ୍ରଣାଳୟ ଏବଂ ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ସଚିବଙ୍କ ନିକଟରେ ଉପରୋକ୍ତ ଅଭିଯୋଗ ଆଣିଥିଲେ। ପୂର୍ବରୁ ଉତ୍ତରପ୍ରଦେଶରେ ସମାନ ଅଭିଯୋଗ ପରେ ଆୟୁଷ ମନ୍ତ୍ରଣାଳୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଥିଲା। ଘଟଣାର ତଦନ୍ତ ଦାବି କରିଥିଲେ ଅଭିଯୋଗକାରୀ। ଗତ ୫ବର୍ଷର ନାମଲେଖା ରେଜିଷ୍ଟର ଯାଞ୍ଚ ଦାବି କରିଥିଲେ। ବାହାର କଲେଜର ଛାତ୍ରୀଛାତ୍ରଙ୍କଠାରୁ ମୋଟା ଅଙ୍କ ନେଇ ନକଲି ନିଟ୍ ଆପ୍ଲିକେଶନ ନମ୍ବର, ର୍ୟାଙ୍କ କାର୍ଡ ଓ ଓଜେଇ ଆଲଟମେଣ୍ଟ ଲେଟର, କଲେଜ ଟ୍ରାନ୍ସଫର ସାର୍ଟିଫିକେଟ(ସିଏଲସି) ଓ ମାଇଗ୍ରେଶନ ସାର୍ଟିଫିକେଟ, ଆୟୁଷ ନିର୍ଦ୍ଦେଶକଙ୍କ ବିନା ଅନୁମୋଦିତ କଲେଜ ଟ୍ରାନ୍ସଫର ସାର୍ଟିଫିକେଟ ବ୍ୟବସ୍ଥା କରାଯାଇ ନାମଲେଖା କରାଯାଉଥିବା ନେଇ ଅଭିଯୋଗରେ ଉଲ୍ଲେଖ କରିଥିଲେ।



ଟାଙ୍ଗୀ ବ୍ଲକର ସଂଗଠିତ ହିନ୍ଦୁ ସମାଜ ପକ୍ଷରୁ ସୋମବାର ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଏବିଡିଓଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି।

## ଜନଶୁଣାଣି ଶିବିରରେ ୯୨ ଅଭିଯୋଗ


ଜନଶୁଣାଣି ଶିବିରରେ ଉପସ୍ଥିତ ଅଧିକାରୀ ଏବଂ ଅନ୍ୟମାନେ।

ବୋଲଗଡ଼,୨୪।୪(ଡି.ଏନ୍.ଏ.)

ଜିଲାପାଳଙ୍କ ଜନଶୁଣାଣି ଶିବିର ବୋଲଗଡ଼ ବ୍ଲକ ସଭାଗୃହରେ ସୋମବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅତିରିକ୍ତ ଜିଲାପାଳ (ରାଜସ୍ୱ) ସାଫଲ୍ୟ ମଣ୍ଡିତ ପ୍ରଧାନ, ଏଡିଏମ୍ ପ୍ରତାପ ଚନ୍ଦ୍ର ବେଉରା, ଜିଲାପରିଷଦ ମୁଖ୍ୟ ଉନ୍ନୟନ ଓ କାର୍ଯ୍ୟନିର୍ବାହୀ ଅଧିକାରୀ ଦିଗନ୍ତ ରାଉତରାୟ, ଉପଜିଲାପାଳ ଦୀପ୍ତିରଞ୍ଜନ ସେଠୀ, ବିଡିଓ ଧୋବେଇ ନାୟକ ଓ ତହସିଲଦାର ସନ୍ତୋଷିନୀ ଦାସ ପ୍ରମୁଖ ଯୋଗଦେଇ ଶୁଣାଣି କରିଥିଲେ। ଏହି ଶିବିରରେ ମୋଟ୍ ୯୨ଟି ଅଭିଯୋଗ ପଞ୍ଜୀକରଣ ହୋଇଥିଲା। ତନ୍ମଧ୍ୟରୁ ବ୍ୟକ୍ତିଗତ ୮୫, ସାମୂହିକ ୫ ଓ ଅନ୍ୟାନ୍ୟ ୨ଟି ଅଭିଯୋଗ ରହିଥିଲା। ବ୍ୟକ୍ତିଗତ ଅଭିଯୋଗ ମଧ୍ୟରେ ମୁଖ୍ୟତଃ ଆବାସ ଯୋଜନାରେ ଘର ପାଇଁ ରହିଥିଲା। ସମସ୍ତ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ। ଏବିଡିଓ ଡ. ରତିକାନ୍ତ ମିଶ୍ର ଧନ୍ୟବାଦ ଦେଇଥିଲେ।

## ଭୂୟାଁଣୀ ପୀଠ, ରେଳ ଷ୍ଟେଶନକୁ ପକ୍କା ରାସ୍ତା କରାଯାଉ



ବୋଲଗଡ଼,୨୪।୪(ଡି.ଏନ୍.ଏ.)

**ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ**

ବୋଲଗଡ଼ ବ୍ଲକ କାର୍ଯ୍ୟାଳୟଠାରୁ ଅନତି ଦୂରରେ ରହିଛି ମା'ଭୂୟାଁଣୀଙ୍କ ପୀଠ ଏବଂ ରେଲ୍‌ୱେ ଷ୍ଟେଶନ। ଏହି ଦୁଇଟି ସ୍ଥାନକୁ ପକ୍କା ରାସ୍ତା ନିର୍ମାଣ କରାଯିବାକୁ ସ୍ଥାନୀୟ ସରପଞ୍ଚ ଗୀତାଞ୍ଜଳି ସାହୁ, ସମିତିସଭ୍ୟା ନିର୍ମଳା ପ୍ରଧାନଙ୍କ ସମେତ ବହୁ ବ୍ୟକ୍ତି ସୋମବାର ଜିଲାପାଳଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ଅତିରିକ୍ତ ଜିଲାପାଳ ସାଫଲ୍ୟ ମଣ୍ଡିତ ପ୍ରଧାନଙ୍କୁ ପ୍ରଦାନ କରିଛନ୍ତି। ପ୍ରକାଶ ଯେ, ପ୍ରାକୃତିକ ଶୋଭାରାଜି ମଧ୍ୟରେ ପାହାଡ଼ ପାଦଦେଶରେ ରହିଛି ଭୂୟାଁଣୀଙ୍କ ପୀଠ। ଏହି ପୀଠରେ ବିଭିନ୍ନ ସାମାଜିକ କାର୍ଯ୍ୟକ୍ରମ ସହ ପର୍ବପର୍ବାଣି ଅନୁଷ୍ଠିତ ହେଉଛି। ଏଠାକୁ ଆସୁଥିବା ଲୋକେ ଯାତାୟାତ ପାଇଁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ସେହିପରି ରେଲୱେ ଷ୍ଟେଶନକୁ ଯାତ୍ରୀମାନେ ଯାତାୟାତ ପାଇଁ ମଧ୍ୟ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ବୋଲଗଡ, ଡାବରଧୁଆ ପାଟଣା, ଖଙ୍ଗୁରିଆ, କଳାଙ୍ଗ ପଞ୍ଚାୟତର ବହୁ ଜନସାଧାରଣ ଟ୍ରେନ ଯୋଗେ ପ୍ରତିଦିନ ଯାତାୟାତ କରୁଛନ୍ତି। ଏହି ରାସ୍ତା ସାରା ଖାଲଖମା ରହିଛି। ଏଥିସହିତ ବର୍ଷାରେ ଧୋଇ ହୋଇ ମେଟାଲ ବୋଲଡର ବାହାରି ଗଲାଣି। ଅନ୍ୟପଟେ ଏନେଇ ଗ୍ରାମବାସୀ ଏମ୍‌ପି ଅପରାଜିତା ଷଡଙ୍ଗୀଙ୍କୁ ଲିଖିତଭାବେ ଜଣାଇବାରେ ସେ ଏହି ସମସ୍ୟାର ସମାଧାନ ପାଇଁ ଚିଠି କରିଛନ୍ତି। ଏତିସହିତ ଉକ୍ତ ରାସ୍ତା ସମ୍ପର୍କରେ ବିଭିନ୍ନ ଗଣମାଧମରେ ଖବର ପ୍ରକାଶ ପାଇଥିଲେ ମଧ୍ୟ ପ୍ରଶାସନ ପକ୍ଷରୁ ଗୁରୁତ୍ୱ ଦିଆଯାଇନାହିଁ। ପ୍ରଶାସନ ଏହି ରାସ୍ତାର ଗୁରୁତ୍ୱକୁ ଦୃଷ୍ଟିରେ ରଖି ପକ୍କା ରାସ୍ତା ନିର୍ମାଣ ପାଇଁ ପଦକ୍ଷେପ ନେବାକୁ ଦାବି ହୋଇଛି।

## ସଂଗଠିତ ହିନ୍ଦୁ ସମାଜ ପକ୍ଷରୁ ଦାବିପତ୍ର

ଟାଙ୍ଗୀ(ଖୋର୍ଦ୍ଧା),୨୪।୪(ଡି.ଏନ୍.ଏ.)

ଟାଙ୍ଗୀ ବ୍ଲକର ସଂଗଠିତ ହିନ୍ଦୁ ସମାଜ ପକ୍ଷରୁ ସମ୍ବଲପୁରରେ ହନୁମାନ ଜନ୍ମୋତ୍ସବ ଶୋଭାଯାତ୍ରା ସମୟରେ ହୋଇଥିବା ଆକ୍ରମଣ ଓ ପଣା ସଂକ୍ରାନ୍ତିରେ ଜଣେ ଯୁବକଙ୍କୁ ହତ୍ୟା କରାଯିବା ଘଟଣାରେ ସମ୍ପୃକ୍ତ ଦୋଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ ନିମନ୍ତେ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରାଯାଇଛି। ରଘୁନାଥ ସାହୁ, ସନ୍ତୋଷ ପ୍ରଧାନ, ରାମଚନ୍ଦ୍ର ପରିଡା ପ୍ରମୁଖଙ୍କ ନେତୃତ୍ୱରେ ଏକ ଶୋଭାଯାତ୍ରାରେ ହିନ୍ଦୁ ସମାଜର କର୍ମୀମାନେ ଏକତ୍ରିତ ହୋଇ ଟାଙ୍ଗୀ ପଞ୍ଚାୟତ ସମିତି କାର୍ଯ୍ୟାଳୟ ପରିସରରେ ପହଞ୍ଚିଥିଲେ। ବିଡିଓଙ୍କ ଅନୁପସ୍ଥିତିରେ ଅତିରିକ୍ତ ବିଡିଓ କୃଷ୍ଣ ପ୍ରସାଦ ମିଶ୍ରଙ୍କୁ ଏହି ଦାବିପତ୍ର ପ୍ରଦାନ କରାଯାଇଥିଲା।

## 'ପ୍ରାଚୀନ ସ୍ଥାପତ୍ୟ କଳାର ସ୍ୱତନ୍ତ୍ରତା ରହିଛି'

ବେଗୁନିଆ,୨୪।୪(ଡି.ଏନ୍.ଏ.)

ବେଗୁନିଆ ବ୍ଲକ ଅଧୀନ ଚଣ୍ଡିଆପଲ୍ଲୀ ଗ୍ରାମସ୍ଥିତ ମା'ବଘେଇ ମଣ୍ଡପ ପରିସରରେ ସୋମବାର ଶିଳ୍ପୀମାନଙ୍କ ଏକ ସମାବେଶ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଶ୍ୱ ସ୍ଥାପତ୍ୟ ଦିବସର ତାତ୍ପର୍ଯ୍ୟ ସମ୍ପର୍କରେ ଆଲୋକପାତ କରାଯାଇଥିଲା। ଶିଳ୍ପୀ କଳ୍ପତରୁ ପଣ୍ଡାଙ୍କ ଆବାହକତ୍ୱରେ ଆୟୋଜିତ ସମାରୋହରେ ସ୍ଥାନୀୟ ଅଞ୍ଚଳର ଶତାଧିକ ଶିଳ୍ପୀ ଯୋଗଦେଇଥିଲେ। ଶିଳ୍ପୀ ଚିତ୍ରାନନ୍ଦ ପ୍ରଧାନଙ୍କ ଅଧ୍ୟକ୍ଷତାରେ ଶିକ୍ଷାବିତ୍ ରାଜ କିଶୋର ପାଣିଗ୍ରାହୀ ମୁଖ୍ୟ ଅତିଥି ଏବଂ ବକ୍ତାଭାବେ ଶିକ୍ଷାବିତ କ୍ଷେତ୍ରବାସୀ ମଲ୍ଲିକ ଯୋଗଦେଇଥିଲେ। ଏପ୍ରିଲ ୨୪କୁ ବିଶ୍ୱ ସ୍ଥାପତ୍ୟ ଦିବସ ଭାବେ ପାଳନ କରାଯାଉଛି। ସ୍ଥପତି ଓ ସ୍ଥାପତ୍ୟର ବିକାଶ ଦିଗରେ ପ୍ରୟାସ ଜାରି ରଖିବା ଏହାର ମୂଳ ଲକ୍ଷ୍ୟ। ବହୁ ପୁରାତନ କାଳରୁ ସ୍ଥାପତ୍ୟ କିମ୍ବା ନିର୍ମାଣ କଳାକୁ ଗୁରୁତ୍ୱ ଦିଆଯାଉଛି। ଅତ୍ୟାଧୁନିକ ଯୁଗରେ ଏବେ ବି ପ୍ରାଚୀନ ସ୍ଥାପତ୍ୟ କଳାର ଆଦର ରହିଛି। ଭାରତର ଚାନ୍ଦବାଓରୀ ଭଳି ଚାଇନାର ସୁଦୀର୍ଘ ପ୍ରାଚୀର, ଗ୍ରିସ୍‌ର ପ୍ରାର୍ଥେନନ୍ ଏବଂ ଗିର୍ଜାର ପିରାମିଡ୍ ଆଦି ଅନେକ ସ୍ଥାପତ୍ୟ କଳାର ଦୃଷ୍ଟାନ୍ତ ରହିଛି ବୋଲି ଅତିଥିମାନେ କହିଥିଲେ। ସେହିପରି ରାଜ୍ୟରେ ଏବେ ମଧ୍ୟ ଅନେକ ଶିଳ୍ପୀ ଦୁର୍ଦ୍ଦିନରେ ଅଛନ୍ତି। ସେମାନଙ୍କୁ ରିହାତି ଦରରେ କଞ୍ଚାମାଲ ଯୋଗାଣ, ପରିଶ୍ରମ ତୁଳନାରେ ପାରିଶ୍ରମିକ ମିଳୁନାହିଁ। ପ୍ଲାଷ୍ଟିକର ମାତ୍ରାଧିକ ବ୍ୟବହାର ଆଦି ବହୁ ସମସ୍ୟାର ସମାଧାନ ଦାବିରେ ସରକାର ଉଦାସୀନ ମନୋଭାବ ରଖୁଛନ୍ତି ବୋଲି ଅତିଥି ପାଣିଗ୍ରାହୀ କହିଥିଲେ। ରଘୁନାଥ ସାହୁ ସ୍ୱାଗତ ଭାଷଣ ଦେଇଥିବା ବେଳେ ରାଜ କିଶୋର ସାହୁ ଧନ୍ୟବାଦ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଶିଳ୍ପୀ ଜରୀନା ବିବି, କାମଦେବ ମହାରଣା, ରାକେଶ କୁମାର ସ୍ୱାଇଁ, ବିଶ୍ୱନାଥ ମାର୍ଥା ପ୍ରମୁଖ ଉସ୍ଥିତ ଥିଲେ। ଲିପୁ ବେହେରା, ମିଛୁ ନାୟକ, ରବୀନ୍ଦ୍ର ମହାରଣା, ରଞ୍ଜନ ପ୍ରଧାନ ପ୍ରମୁଖ ସହଯୋଗ କରିଥିଲେ।



କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି ଏବଂ ଅନ୍ୟମାନେ।

## ଡିଜିଟାଲ କ୍ଷେତ୍ରରେ ଦକ୍ଷ ହେବେ ଛାତ୍ରୀଛାତ୍ର

ଭୁବନେଶ୍ୱର,୨୪।୪(ବ୍ୟୁରୋ)

କଲେଜ ଛାତ୍ରୀଛାତ୍ରଙ୍କ ବୈଷୟିକ ଶିକ୍ଷାକୁ ସୁଦୃଢ଼ କରାଯିବା ସହ ସେମାନଙ୍କୁ ଡିଜିଟାଲ କ୍ଷେତ୍ରରେ ଦକ୍ଷ କରାଯିବ। ଏନେଇ ମୋ କଲେଜ ଅଭିଯାନ ପରିଚାଳନା ସଂଗଠନ ଓ ଟାଟା କମ୍ୟୁନିଟି ଇନିସିଏଟିଭ୍ ଟ୍ରଷ୍ଟ (ଟିସିଆଇଟି) ମଧ୍ୟରେ ଏକ ବୁଝାମଣା ପତ୍ର (ଏମ୍‌ଓୟୁ) ସ୍ୱାକ୍ଷରିତ ହୋଇଛି। 'ମୋ କଲେଜ' ଅଧକ୍ଷ ଆକାଶ ଦାସ ନାୟକ ଓ ଟିସିଆଇଟି ସିଇଓ ଅନିତା ରାଜନ ଏହି ଏମ୍‌ଓୟୁ ସ୍ୱାକ୍ଷର କରିଛନ୍ତି। ରାଜ୍ୟର ବିଭିନ୍ନ ସରକାରୀ କଲେଜରେ ଛାତ୍ରୀଛାତ୍ରଙ୍କୁ ବିଭିନ୍ନ ଡିଜିଟାଲ୍ ପାଠ୍ୟକ୍ରମ ଦିଆଯିବାର ବ୍ୟବସ୍ଥା କରାଯିବ। ଟିସିଆଇଟିର ଟାଟା ଷ୍ଟ୍ରାଇଭ୍ ଡିଜିଟାଲ୍ ସ୍କିଲ୍ ଟ୍ରେନିଂ ପ୍ରୋଗ୍ରାମରେ ବିଭିନ୍ନ କଲେଜ ପାଇଁ ଭିନ୍ନ ଭିନ୍ନ ଡିଜିଟାଲ କୋର୍ସ ରହିଛି। ଇଞ୍ଜିନିୟରିଂ ଓ ପ୍ରଫେସନାଲ୍ କଲେଜରେ ପିଲାଙ୍କୁ ଡିଜିଟାଲ୍ ଓ ଆଇଟି କ୍ଷେତ୍ରରେ ସୁଦୃଢ଼ କରିବାକୁ ସ୍ୱତନ୍ତ୍ର ପାଠ୍ୟକ୍ରମ ରହିଥିବାବେଳେ ବିଜ୍ଞାନ ଓ ଗଣିତରେ ସ୍ନାତକ ଥିବା ଛାତ୍ରୀଛାତ୍ରଙ୍କ ପାଇଁ ସଚେତନତାମୂଳକ ପାଠ୍ୟକ୍ରମ ଦିଆଯିବ।

## ବରିଷ୍ଠ ନାଗରିକ ମଞ୍ଚର ବାର୍ଷିକ ପ୍ରତିଷ୍ଠା ଉତ୍ସବ

ଜଟଣୀ,୨୪।୪(ଡି.ଏନ୍.ଏ.)

ଜଟଣୀ ବରିଷ୍ଠ ନାଗରିକ ମଞ୍ଚର ୧୦ମ ବାର୍ଷିକ ପ୍ରତିଷ୍ଠା ଉତ୍ସବ ସୋମବାର ଅନୁଷ୍ଠିତ ହୋଇଯାଇଛି। ସଂଘ ସଭାପତି ପ୍ରହଲାଦ ସାହୁଙ୍କ ସଭାପତିତ୍ୱରେ ସ୍ଥାନୀୟ ଉତ୍ତରାୟଣୀ କ୍ଲବ ପରିସରରେ ଆୟୋଜିତ ଉତ୍ସବରେ ଅତିଥିଭାବେ ଅବସରପ୍ରାପ୍ତ ନ୍ୟାୟାଧୀଶ ବିରଞ୍ଚି କୁମାର ରଥ ଯୋଗଦେଇଥିଲେ। ବରିଷ୍ଠ ନାଗରିକ ସମାଜର ସମ୍ବଳ। ସମାଜମଙ୍ଗଳ କାର୍ଯ୍ୟ ଓ ଦେଶର ଉନ୍ନତିରେ ବରିଷ୍ଠଙ୍କ ଅବଦାନ ଅତୁଳନୀୟ। ତେଣୁ ବରିଷ୍ଠ ନାଗରିକଙ୍କ ସୁରକ୍ଷା ଓ ଯତ୍ନ ସରକାରୀ ଓ ଘରୋଇ ସ୍ତରରେ ହେବା ଆବଶ୍ୟକ ବୋଲି କହିଥିଲେ। ସଂଘ ସମ୍ପାଦକ ସଚ୍ଚିଦାନନ୍ଦ ପଟ୍ଟନାୟକ ବାର୍ଷିକ ବିବରଣୀ ପାଠ କରିବା ସହିତ ବରିଷ୍ଠ ନାଗରିକଙ୍କ ବିଭିନ୍ନ ସମସ୍ୟା ଓ ତା'ର ନିରାକାରଣ ଉପରେ ଆଲୋକପାତ କରିଥିଲେ। ଏହି ଅବସରରେ ୬ଜଣ ବରିଷ୍ଠ ନାଗରିକଙ୍କୁ ମାନପତ୍ର ଓ ଉତ୍ତରୀୟ ସହିତ ବରିଷ୍ଠ ନାଗରିକ ସମ୍ମାନ ପ୍ରଦାନ କରାଯାଇଥିଲା। ବରିଷ୍ଠ ନାଗରିକଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା ଆୟୋଜନ କରାଯାଇଥିଲା। କୃତୀ ପ୍ରତିଯୋଗୀ ମାର୍କଣ୍ଡ ବରାଳ, ଦାମୋଦର ବଳବନ୍ତରାୟ, ଅରୁଣ କୁମାର ମହାନ୍ତି, ସଚ୍ଚିଦାନନ୍ଦ ପଟନାୟକ ଓ ପୁରୁଷୋତ୍ତମ ଅଗ୍ରୱାଲଙ୍କୁ ପୁରସ୍କୃତ କରାଯାଇଥିବା ବେଳେ ଡମ୍ବରୁଧର ସାହୁଙ୍କୁ ସ୍ୱତନ୍ତ୍ର ପୁରସ୍କାର ପ୍ରଦାନ କରାଯାଇଥିଲା। ବରିଷ୍ଠ ସଦସ୍ୟ ପଦ୍ମନାଭ ପାଣିଗ୍ରାହୀ ଧନ୍ୟବାଦ ଦେଇଥିଲେ।

## ବାବୁ ସୁପରକିଙ୍ଗ୍ ବିଜୟୀ

ବୋଲଗଡ଼,୨୪।୪(ଡି.ଏନ୍.ଏ.)

**ବୋଲଗଡ ପ୍ରିମିୟର ଲିଗ୍ କ୍ରିକେଟ ଟୁର୍ଣ୍ଣାମେଣ୍ଟ**

ସ୍ଥାନୀୟ ବାମନ ଉଚ୍ଚ ବିଦ୍ୟାଳୟ ମିନି ଷ୍ଟାଡିୟମରେ ଚାଲିଥିବା ନବମ ବୋଲଗଡ଼ ପ୍ରିମିୟର ଲିଗ୍ କ୍ରିକେଟ ଟୁର୍ଣ୍ଣାମେଣ୍ଟରେ ସୋମବାର ବାବୁ ସୁପର କିଙ୍ଗ ଓ ଆର୍ମି ଇଲେଭେନ ଟିମ୍ ମଧ୍ୟରେ ମ୍ୟାଚ୍ ହୋଇଥିଲା। ଏଥିରେ ବାବୁ ସୁପର କିଙ୍ଗ ଟିମ୍ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୨ ଓଭରରେ ୯ ଉଇକେଟ ବିନିମୟରେ ୧୦୧ରନ ସଂଗ୍ରହ କରିଥିଲା। ଜବାବରେ ଆର୍ମି ଇଲେଭେନ ଟିମ୍ ୧୨ ଓଭରରେ ୯ ଉଇକେଟ ବିନିମୟରେ ୭୯ରନ ସଂଗ୍ରହ କରି ପରାଜିତ ହୋଇଥିଲା। ବିଜୟୀ ଟିମ୍‌ର ତପୁ ସୁଦର୍ଶନ ମ୍ୟାନ ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଥିଲେ। ରଶ୍ମିରଞ୍ଜନ ମହାରଣା ଓ ଦେବରାଜ ଘଡେଇ ମ୍ୟାଚ୍ ପରିଚାଳନା କରିଥିଲେ। ଆୟୋଜକ ବିପିଏଲ ଟୁର୍ଣ୍ଣାମେଣ୍ଟ କମିଟି ପକ୍ଷରୁ ଗୁଡୁ, ମଣ୍ଟୁ, ଶିବ, ଡବ୍ଲୁ ପ୍ରମୁଖ ମ୍ୟାଚ୍ ପରିଚାଳନାରେ ସହଯୋଗ କରିଥିଲେ।


ଅତିଥିଙ୍କଠାରୁ ଖେଳାଳି ପୁରସ୍କାର ଗ୍ରହଣ କରୁଛନ୍ତି।

## ଜମି ମ୍ୟୁଟେଶନ ଦାବିରେ ଅନଶନରେ ପରିବାର

ଖୋର୍ଦ୍ଧା ଅଫିସ,୨୪।୪

ବୋଲଗଡ଼ ଥାନା ତୃତୀୟପଡ଼ା ଗ୍ରାମର ରୀତା ପରିଡା ଜମି ମ୍ୟୁଟେଶନ ଦାବିରେ ସୋମବାର ପରିବାର ସହ ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ଧାରଣା ଦେଇଥିଲେ। ଏହି ଅବସରରେ ଜିଲାପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରିଥିଲେ। ପ୍ରଶାସନ ପକ୍ଷରୁ ପ୍ରତିଶ୍ରୁତି ପରେ ଧାରଣାରୁ ଓହରିଥିଲେ।

ରୀତାଙ୍କ ଅଭିଯୋଗ ଅନୁଯାୟୀ, ସେ ବୋଲଗଡ ମୌଜା ଖାତା ନଂ.୧୨୭୭/୨୯୨, ପ୍ଲଟ ନଂ. ୫୯୬/୨୬୧୮ ସାରଦ ଅଣଜଳସେଚିତ ଜମିଠ.୧୬୩ ଡିସିମିଲ ଜମି କ୍ରୟ କରିଥିଲେ। ଜମି ମ୍ୟୁଟେଶନ ପଟା ପାଇଁ ସ୍ଥାନୀୟ ତହସିଲଦାରଙ୍କ ନିକଟରେ ଆବେଦନ କରିଥିଲେ। ତେବେ ସମ୍ପୃକ୍ତ ଗ୍ରାମର କେତେଜଣ ଅସାମାଜିକ ବ୍ୟକ୍ତି ତହସିଲ ଓ ଆର୍‌ଆଇଙ୍କ ନିକଟରେ ମିଥ୍ୟା ପିଟିଶନ ଦେଇ ବାଧକ ସାଜିଛନ୍ତି। ଏପରିକି ଜମିର ଡିମାଗ୍ରେସନ ପାଇଁ ବାରମ୍ବାର ଆବେଦନ ସତ୍ତ୍ୱେ ସେମାନେ ବାଧା ସୃଷ୍ଟି କରୁଛନ୍ତି। ଫଳରେ ଦୀର୍ଘଦିନ ଧରି କାର୍ଯ୍ୟାଳୟକୁ ଦୌଡିବା ସତ୍ତ୍ୱେ ସମ୍ପୃକ୍ତ ଅଧିକାରୀମାନେ ଆଜିକାଲି କହି ଦିନ ଗଡାଇ ଚାଲିଛନ୍ତି। ଏଠାରେ ଘର କଲେ ପରବାର ଲୋକଙ୍କୁ ହତ୍ୟା କରାଯିବା ବୋଲି ଧମକ ଦେବା ସହ ମିଥ୍ୟା କେସ୍ ଲଗାଇ ଜେଲରେ ପୂରାଇ ଦେବାକୁ ସମ୍ପୃକ୍ତ ଅସାମାଜିକ ବ୍ୟକ୍ତି ଧମକ ଦେଉଛନ୍ତି। ଏପରିକି ୨୦୧୮ ମସିହାରେ ବାପା ଓ ଭାଇଙ୍କୁ ମରଣାନ୍ତକ ଆକ୍ରମଣ କରାଯାଇଥିଲା। ଗ୍ରାମର ଅନ୍ୟମାନଙ୍କ ଦ୍ୱାରା ଆମ ନାମରେ ମିଥ୍ୟା କେସ୍ ରୁଜୁ କରାଯାଇଥିଲା। ଅନ୍ୟମାନଙ୍କ ଜରିଆରେ ଗଣ୍ଡଗୋଳ କରାଇ ପରିବାର ଲୋକଙ୍କୁ ଆକ୍ରମଣ କରୁଛନ୍ତି। ଏଥିସହିତ ସ୍ୱାମୀ, ଦେଢ଼ଶୁରଙ୍କ ନାମରେ ଦଳିତ ଲୋକଙ୍କୁ ଲଗାଇ ମିଥ୍ୟା କେଓଦେଇଥିଲେ। ଯଦି ଗ୍ରାମରେ ରହିବାକୁ ଚାହୁଁଛ, ତା ହେଲେ ଆମ କଥା ମାନିବାକୁ ବାଧ ବୋଲି କହୁଛନ୍ତି। ସମସ୍ତ ପରିବାରକୁ ଜୀବନରେ ମାରିଦେବୁ ବୋଲି ବାରମ୍ବାର ଧମକ ଦେଉଛନ୍ତି ବୋଲି ଦାବିପତ୍ରରେ ଉଲ୍ଲେଖ କରିଛନ୍ତି।


ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ଅନଶନରେ ବସିଛନ୍ତି।

## ସଂକ୍ଷେପରେ

### ବିଦ୍ୟାଳୟ ନିର୍ମାଣାଧୀନ ପାଚେରି ଭାଙ୍ଗିଲେ ଦୁର୍ବୃତ୍ତ

ବଳଙ୍ଗା,୨୪।୪(ଡି.ଏନ୍.ଏ.)- ବଳଙ୍ଗା-ନିମାପଡ଼ା ରାସ୍ତାର ତରବୋଇସ୍ଥିତ ଲକ୍ଷ୍ମୀ ନୃସିଂହ ଉଚ୍ଚ ବିଦ୍ୟାଳୟର ନିର୍ମାଣାଧୀନ ପାଚେରିକୁ ଦୁର୍ବୃତ୍ତ ଭାଙ୍ଗିଥିବା ନେଇ ସୋମବାର ଥାନାରେ ଅଭିଯୋଗ ହୋଇଛି। ବିଦ୍ୟାଳୟ ପରିଚାଳନା ପରିଷଦ କମିଟି ସଭାପତି ରେସିଙ୍ଗା ଗ୍ରାମର ଧରଣୀଧର ବେହେରା ଏନେଇ ଅଭିଯୋଗ କରିଥିଲେ। ଚଳିତବର୍ଷ ଉକ୍ତ ବିଦ୍ୟାଳୟର ଶହେ ଫୁଟ ପାଚେରି ନିର୍ମାଣ ପାଇଁ ଏମ୍‌ଏଲ୍‌ଏ ପାଣ୍ଠିରୁ ଦେଢ଼ ଲକ୍ଷ ଟଙ୍କା ବ୍ୟୟ ବରାଦ ହୋଇଥିବାବେଳେ ଗ୍ରାମର ଅମିୟ ଖୁଣ୍ଟିଆଙ୍କ ନାମରେ କାର୍ଯ୍ୟାଦେଶ ରହିଥିଲା। ତେବେ ଏହି କାର୍ଯ୍ୟଟି ସମ୍ପୂର୍ଣ୍ଣ ଶେଷ ହୋଇ ପ୍ଲାଷ୍ଟର କାର୍ଯ୍ୟ ସରିଯାଇଥିଲା। ଦୁର୍ବୃତ୍ତ ରବିବାର ରାତିରେ ପାଚେରିର ପାଖାପାଖି ୨୫ ଫୁଟ ପର୍ଯ୍ୟନ୍ତ ଭାଙ୍ଗି ଦେଇଥିବା ନେଇ ପରଦିନ ସକାଳୁ ଜଣାପଡିଥିଲା। ପରେ ବିଭାଗୀୟ ଜେନାଙ୍କ ପରାମର୍ଶରେ ଧରଣୀଧର ବେହେରା ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗ ଆଧାରରେ ବଳଙ୍ଗା ପୋଲିସ ଘଟଣାର ତଦନ୍ତ ଜାରି ରଖିଛନ୍ତି।

### ମନ୍ଦିରରୁ ଚୋରି କରି ଯୁବକ ଗିରଫ

ଗୋପ,୨୪।୪(ଡି.ଏନ୍.ଏ.)- ଗୋପ ଥାନା ଅନ୍ତର୍ଗତ ନୟାହାଟ ଫାଣ୍ଡି ଅଧୀନ ରାଇସ ଗ୍ରାମର ହରଗଣେଶ୍ୱର ମନ୍ଦିରରୁ ଚୋରି ଅଭିଯୋଗରେ ପୋଲିସ ଜଣଙ୍କୁ ଗିରଫ କରି ସୋମବାର କୋର୍ଟ ଚାଲାଣ କରିଛି। ସେ ହେଲେ ଆଖୁରିଆ ଗ୍ରାମର ରାଜକିଶୋର ମହାନ୍ତି (୩୬)। ଏନେଇ ପୋଲିସ ୧୯୫/୨୩ରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ଜେଲ ହାଜତକୁ ପଠାଇ ଦିଆଯାଇଛି। ସୂଚନା ମୁତାବକ, ରାଜକିଶୋର ଗତ ଶନିବାର ରାତିରେ ମନ୍ଦିରରେ ପଶି ଘଣ୍ଟା, ଘଣ୍ଟ, ଗରା, ଢାଳ ସହିତ ଆଉ କେତେକ ଜିନିଷ ନେଇ ପଳାଇ ଯାଉଥିବାବେଳେ ପୂଜକ ଅର୍ଜୁନ ପାଢ଼ୀ ଦେଖିଥିଲେ। ଖବରପାଇ ଅନ୍ୟ ପୂଜକମାନେ ସେଠାରେ ପହଞ୍ଚି ରାଜକିଶୋରଙ୍କୁ ଖୋଜିଥିଲେ ମଧ ତାଙ୍କୁ ପାଇ ନ ଥିଲେ। ପରେ ପୂଜକ ଲିଙ୍ଗରାଜ ପାଢ଼ୀ ନୟାହାଟ ଫାଣ୍ଡିରେ ଅଭିଯୋଗ କରିଥିଲେ। ଏହାପରେ ପୋଲିସ ରବିବାର ତାଙ୍କୁ କାବୁ କରିଥିଲା। ଏଠାରେ ସୂଚନାଯୋଗ୍ୟ, ପୂର୍ବରୁ ୨ଥର ମନ୍ଦିରରୁ ଚୋରି ଅଭିଯୋଗରେ ସେ ଗିରଫ ହୋଇଛନ୍ତି।

### ଲିଟିଲ ଷ୍ଟାର ଗ୍ରୁପର ବ୍ୟକ୍ତିତ୍ୱ ବିକାଶ କର୍ମଶାଳା ଉଦ୍‌ଘାଟିତ

ଭୁବନେଶ୍ୱର,୨୪।୪(ବ୍ୟୁରୋ)- ଶିଶୁ ବିକାଶ ଅନୁଷ୍ଠାନ ଲିଟିଲ ଷ୍ଟାର ଗ୍ରୁପ ପକ୍ଷରୁ ୨୦ତମ ରାଜ୍ୟସ୍ତରୀୟ ବ୍ୟକ୍ତିତ୍ୱ ବିକାଶ କର୍ମଶାଳା ସୋମବାର ଉଦ୍‌ଘାଟିତ ହୋଇଯାଇଛି। ଏହା ୧୫ ଦିନ ଧରି ଚାଲିବ। ଭୁବନେଶ୍ୱରଠାରେ ଆୟୋଜିତ ଏହି ଉତ୍ସବରେ ବିଶିଷ୍ଟ ଚଳଚ୍ଚିତ୍ର ଅଭିନେତା ତଥା ଏମ୍‌ପି ପ୍ରଶାନ୍ତ ନନ୍ଦ, ଗ୍ରୁପର ସମ୍ପାଦକ ସୁମନ୍ତ ମହାରଣା, ଶିଶୁ କଳାକାର ଶାନ୍ତନୁ ମହାନ୍ତି ପ୍ରମୁଖ ଯୋଗଦେଇ ଏହି ଅବସରରେ ପ୍ରକାଶ ପାଇଥିବା 'ମୋ ଆଶା'ର ଗ୍ରୀଷ୍ମ ସଂଖ୍ୟାକୁ ଉନ୍ମୋଚନ କରିଥିଲେ। ଏଥିସହ ନନ୍ଦ ପିଲାଙ୍କ ସହ ତାଙ୍କ ଅଭିଜ୍ଞତା, ଅନୁଭୂତି ବାଣ୍ଟିଥିଲେ। ପ୍ରତିବର୍ଷ ଭଳି ଚଳିତବର୍ଷ ଗ୍ରୁପ ପକ୍ଷରୁ ପିଲାଙ୍କୁ ଖରାଛୁଟିରେ ବିଭିନ୍ନ ଶିକ୍ଷଣୀୟ ଜ୍ଞାନ ପ୍ରଦାନ କରାଯିବ। ଏଥିସହ ସେମାନଙ୍କ ପ୍ରତିଭା ବିକାଶ ପାଇଁ ବିଭିନ୍ନ କାର୍ଯ୍ୟକ୍ରମ ଚାଲିବ। ରାଜ୍ୟର ବିଭିନ୍ନ ଜିଲାରୁ ବହୁ ଆଗ୍ରହୀ ଛାତ୍ରୀଛାତ୍ର ଏଥିରେ ଯୋଗଦେଉଥିବା ନେଇ ସମ୍ପାଦକ ମହାରାଣା ସୂଚନା ଦେଇଛନ୍ତି।

### ବିଜେଡି ପ୍ରାର୍ଥୀଙ୍କୁ ବିଜୟୀ ପାଇଁ ଦଳୀୟ କର୍ମୀଙ୍କ ଶପଥ

ଗୋପ,୨୪।୪(ଡି.ଏନ୍.ଏ)- ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କେବଳ ରାଜ୍ୟର ବିକାଶକୁ ଗୁରୁତ୍ୱ ଦେଇ ଆସିଛନ୍ତି। ଆମ ପ୍ରାର୍ଥୀ ଭାଗୀରଥି ସେନାପତିଙ୍କ ବିଜୟ କେବଳ ମୁଖ୍ୟମନ୍ତ୍ରୀଙ୍କ ବିକାଶର ମୂଳମନ୍ତ୍ର ହେବ ବୋଲି ସୋମବାର ସନ୍ଧ୍ୟାରେ ଗୋପ ବ୍ଲକ ଅନ୍ତର୍ଗତ ଇଟିଭୂଆଁ ପଞ୍ଚାୟତରେ ବିଜେଡି ଦଳର ଏକ ଦଳୀୟ କର୍ମୀ ସମ୍ମିଳନୀରେ ପୂର୍ବତନ ମନ୍ତ୍ରୀ ତଥା ପୁରୀ ଜିଲା ବିଜେଡି ସଭାପତି ମହେଶ୍ୱର ମହାନ୍ତି କହିଥିଲେ। ଏହି କର୍ମୀ ସମ୍ମିଳନୀରେ ଉପସ୍ଥିତ ଶତାଧିକ ଦଳୀୟ କର୍ମୀ ବିଜେଡି ଜିଲା ପରିଷଦ ପ୍ରାର୍ଥୀ ଭାଗୀରଥି ସେନାପତିଙ୍କୁ ବିଜୟ କରିବାର ଶପଥ ନେବା ମଧ ଦେଖିବାକୁ ମିଳିଥିଲା। ଏହି କର୍ମୀ ସମ୍ମିଳନୀରେ ଗଣଶିକ୍ଷାମନ୍ତ୍ରୀ ସମୀର ରଞ୍ଜନ ଦାଶ ଯୋଗଦେଇ ଦୀର୍ଘ ୨୫ ବର୍ଷ ଧରି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସାଧାରଣ ଲୋକମାନଙ୍କ ସହିତ ସୁଖଦୁଃଖରେ ଅଛନ୍ତି ବୋଲି କହିଥିଲେ। ୧୧ ନମ୍ବର ଜିଲା ପରିଷଦ ସଭ୍ୟ ଧର୍ମେନ୍ଦ୍ର ସାହୁଙ୍କ ଅକାଳ ମୃତ୍ୟୁ ପରେ ଏହି ଜିଲା ପରିଷଦ ଉପନିର୍ବାଚନ ଚଳିତ ମେ ୨ରେ ଅନୁଷ୍ଠିତ ହେବ। ଏହି ଉପନିର୍ବାଚନରେ ଭାଜପା ଓ କଂଗ୍ରେସ ପ୍ରାର୍ଥୀ ଦେଇଥିବା ବେଳେ ବିଜେଡି ପ୍ରାର୍ଥୀ ଭାଗୀରଥି ସେନାପତିଙ୍କ ସହିତ ଆଉ ୬ଜଣ ମଧ ଲଢେଇରେ ରହିଛନ୍ତି।

# ଆନ୍ତଃରାଜ୍ୟ ଲୁଟେରା ଗ୍ୟାଙ୍ଗର ୧୨ ଗିରଫ

**୩ ସୁନାଚେନ୍, ୧୨ ମୋବାଇଲ, ୨୮ ହଜାର ଟଙ୍କା ଜବତ**

- ବିହାର ଓ ୟୁପିରୁ ଆସିଥିଲେ, ଟାର୍ଗେଟ୍ ଥିଲା ୫୦ ସୁନାଚେନ
- ଗହଳିର ସୁଯୋଗ ନେଇ ଭକ୍ତଙ୍କୁ ଲୁଟିବାକୁ ରଚିଥିଲେ ଯୋଜନା
- ରହୁଥିବା ଗେଷ୍ଟ ହାଉସ୍, ପରିଚୟପତ୍ର ଯାଞ୍ଚ କରୁଛି ପୋଲିସ



ଖବରଦାତା ସମ୍ମିଳନୀରେ ଅତିରିକ୍ତ ଏସ୍‌ପି ମିହିର ରଞ୍ଜନ ପଣ୍ଡା ସୂଚନା ଦେଉଛନ୍ତି ।


ଜବତ ଟଙ୍କା ଓ ସାମଗ୍ରୀ।

**ପୁରୀ ଅଫିସ, ୨୪।୪:**

ପୁରୀ ପୋଲିସ ଏକ ଆନ୍ତଃରାଜ୍ୟ ଲୁଟେରା ଗ୍ୟାଙ୍ଗର ୧୨ ସଦସ୍ୟଙ୍କୁ ଗିରଫ କରିଛି। ଗିରଫ ଲୁଟେରାମାନେ ହେଲେ ଉତ୍ତରପ୍ରଦେଶ ଗୋରଖପୁର ଜିଲାର ରାଜେଶ କୁମାର (୨୮), ବିକାଶ ରାଠୋର (୩୦), ବିହାର ପଶ୍ଚିମ ଚମ୍ପାରନ୍ ଜିଲା ପୋଖରୀୟା ଗ୍ରାମର ରମେଶ ରୟ (୨୭), ପୁରୁଷୋତ୍ତମପୁର ଗ୍ରାମର ବ୍ୟାସ ମାହାତୋ (୩୭), ପିପିରିଆ ସୋଲାର ରୋଡର ରୂପ ନାରାୟଣ ରୟ (୩୪), ରିପୁ ରୟ (୩୪), ଆନନ୍ଦ ସାଗର ପିପିରିୟାର ଆଲୋକ ରୟନତ୍ (୫୦), ପୋଖରୀୟାର ମୁକେଶ ରୟ (୨୬), ରାଜେଶ ରୟ (୨୬), ଦିଲୀପ କୁମାର (୨୩) ଏବଂ ଚନ୍ଦ୍ରେଶ୍ୱର ପଶୱର (୨୨)। ଏମାନଙ୍କଠାରୁ ୩ଟି ସୁନାଚେନ୍, ନଗଦ ୨୮ ହଜାର ଟଙ୍କା ଏବଂ ୧୨ଟି ମୋବାଇଲ ଫୋନ ଜବତ କରାଯାଇଛି। ସିଂହଦ୍ୱାର ଥାନାରେ ଏନେଇ ଏକ କେସ୍ (ନଂ. ୪୯/୨୩) ରୁଜୁ ହୋଇଛି। ଗିରଫ ୧୨ ଲୁଟେରାଙ୍କୁ ମଙ୍ଗଳବାର କୋର୍ଟ ଚାଲାଣ କରାଯିବ। ଅତିରିକ୍ତ ଏସ୍‌ପି ମିହିର ରଞ୍ଜନ ପଣ୍ଡା ସୋମବାର ଟାଉନ ଥାନା ପରିସରରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଏହି ସୂଚନା ଦେଇଛନ୍ତି।

ଅତିରିକ୍ତ ଏସ୍‌ପି ପଣ୍ଡା କହିଛନ୍ତି, ରବିବାର ଅକ୍ଷୟତୃତୀୟା ଥିବାରୁ ଶ୍ରୀମନ୍ଦିରରେ ପ୍ରବଳ ଗହଳି ହୋଇଥିଲା। ଏହି ଗହଳିର ସୁଯୋଗ ନେଇ ଲୁଟେରାମାନେ ଭକ୍ତଙ୍କ ନିକଟରୁ ସୁନାଚେନ୍ ଲୁଟ ପାଇଁ ଯୋଜନା କରିଥିଲେ। ତେବେ ସିଂହଦ୍ୱାର ଥାନାରେ ରବିବାର ସୁନାଚେନ୍ ଲୁଟ ନେଇ ୩ଟି ମାମଲା ରୁଜୁ ହୋଇଥିଲା। ଏହାକୁ ପୋଲିସ ଗୁରୁତ୍ୱର ସହ ନେଇ ସିସିଟିଭି କ୍ୟାମେରା ଯାଞ୍ଚ କରିବା ସହ ଶ୍ରୀମନ୍ଦିର ଭିତରେ ସାଦା ପୋଷାକରେ ସଜାଗ ରହିଥିଲେ। ସିଂହଦ୍ୱାର ଥାନା ଅଧିକାରୀ, ଟାଉନ ଥାନା ଅଧିକାରୀ ଓ ଶ୍ରୀମନ୍ଦିର ପରିସରରେ ନିୟୋଜିତ ଥିବା ପୋଲିସ କର୍ମଚାରୀମାନେ ପରିଶ୍ରମ କରି ୨୪ ଘଣ୍ଟା ମଧ୍ୟରେ ବିହାର ଓ ଉତ୍ତରପ୍ରଦେଶରୁ ଆସିଥିବା ଏକ ୧୨ଜଣ ଜଣିଆ ଲୁଟେରା ଗ୍ୟାଙ୍ଗକୁ ଧରିବାରେ ସକ୍ଷମ ହୋଇଥିଲେ। ଏହି ଲୁଟେରାମାନେ ଗତ ୨୨ତାରିଖରେ ପୁରୀ ଆସି ବାଲିସାହି ଗଛ କାଳୀ ଲେନ୍‌ରେ ଥିବା ଚନ୍ଦ୍ରକାନ୍ତ ଗେଷ୍ଟ ହାଉସରେ ରହିଥିଲେ। ପରେ ୨୩ ତାରିଖରେ ଗହଳିର ଫାଇଦା ନେଇ ଅପରାଧ କରିଥିଲେ। ତଦନ୍ତରୁ ଯାହା ଜଣାପଡ଼ିଛି, ଅଭିଯୁକ୍ତମାନେ ଦେଶର ବିଭିନ୍ନ ସ୍ଥାନରେ ଯେଉଁଠି ପ୍ରବଳ ଗହଳି ହୋଇଥାଏ ସେଠାକୁ ଯାଇ ଏପରି ଅପରାଧ କରିଥାନ୍ତି। ତେବେ ଗିରଫ ୧୨ ଲୁଟେରାଙ୍କର ଅନ୍ୟ କ'ଣ ଆପରାଧିକ କାର୍ଯ୍ୟ କରନ୍ତି ଜାଣିବା ପାଇଁ ବିହାର ଓ ଉତ୍ତରପ୍ରଦେଶ ସମେତ ଅନ୍ୟ ରାଜ୍ୟର ପୋଲିସ ସହ ଯୋଗାଯୋଗ କରାଯାଉଛି। ଲୁଟେରାମାନେ ୭ଦିନ ପୁରୀରେ ରହିବାର ଯୋଜନା କରିଥିଲେ। ୭ଦିନ ମଧ୍ୟରେ ଅତି କମ୍‌ରେ ୫୦ଟି ସୁନାଚେନ୍ ଲୁଟ କରିବାର ଲକ୍ଷ୍ୟ ରଖିଥିଲେ। ପରେ ଅନ୍ୟ ରାଜ୍ୟକୁ ଚାଲିଯିବା ପାଇଁ ଯୋଜନା ପ୍ରସ୍ତୁତ କରିଥିଲେ। ତେବେ ପୋଲିସ ଏହି ଘଟଣାକୁ ଗୁରୁତ୍ୱର ସହ ନେଇଛି। କିପରି ଏଭଳି କାର୍ଯ୍ୟକୁ ରୋକାଯାଇପାରିବ ସେ ନେଇ ପଦକ୍ଷେପ ନିଆଯିବ। ଥାନାରେ ରବିବାର ଅଭିଯୋଗ ହେବା ପରେ ପୋଲିସ ସିସିଟିଭି ଫୁଟେଜ ଓ ଅଭିଯୋଗକାରୀଙ୍କ ବୟାନକୁ ନେଇ ଏକ ରିପୋର୍ଟ ପ୍ରସ୍ତୁତ କରିଥିଲା। ପରେ ସିସିଟିଭିରୁ ଲୁଟେରାମାନଙ୍କୁ ଚିହ୍ନଟ କରାଯିବା ସହ ହୋଟେଲରେ ଚଢାଉ କରି ସମସ୍ତଙ୍କୁ ଗିରଫ କରାଯାଇଥିଲା ବୋଲି ଅତିରିକ୍ତ ଏସ୍‌ପି ପଣ୍ଡା କହିଛନ୍ତି। ପୋଲିସ ବିଭିନ୍ନ ଦିଗକୁ ନେଇ ତଦନ୍ତ କରୁଛି। ଅପରପକ୍ଷରେ ସେମାନେ ଯେଉଁ ହୋଟେଲରେ ରହିଥିଲେ, ସେଠାରେ ଯେଉଁ ପରିଚୟପତ୍ର ଦେଇଥିଲେ ତାହା ଠିକ୍ କି ଜାଲ୍ ସେ ନେଇ ତଦନ୍ତ କରାଯାଉଛି। ହୋଟେଲ ମ୍ୟାନେଜର ଠିକ ଭାବେ ଯାଞ୍ଚ କରିଥିଲେ କି ନାହିଁ ତାହା ତଦନ୍ତ କରାଯିବ। ଯଦି ଏହି ଘଟଣାରେ ହୋଟେଲ କର୍ମଚାରୀ ଓ ମାଲିକ ସମ୍ପୃକ୍ତ ଥିବା ଜଣାଯାଏ, ତେବେ ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଯାତ୍ରୀମାନଙ୍କ ସୁରକ୍ଷାକୁ ପୋଲିସ ପ୍ରାଥମିକତା ଦେଇଆସିଛି, ଆଗକୁ ମଧ ଦେବ। ତେଣୁ ନିୟମିତ ବ୍ୟବଧାନରେ ପୋଲିସ ସମସ୍ତ ହୋଟଲ ଯାଇ ଯାଞ୍ଚ କରୁଛି ବୋଲି ପଣ୍ଡା କହିଛନ୍ତି। ଖବରଦାତା ସମ୍ମିଳନୀରେ ସିଟି ଡିଏସ୍‌ପି କେ.କେ. ହରିପ୍ରସାଦ, ସିଂହଦ୍ୱାର ଥାନା ଅଧିକାରୀ ଶ୍ୱେତପଦ୍ମା ଦାଶ ଏବଂ ଟାଉନ ଥାନା ଅଧିକାରୀ ଗୋକୁଳ ରଞ୍ଜନ ଦାଶ ଉପସ୍ଥିତ ଥିଲେ।

### ସରକାରୀ କର୍ମଚାରୀଙ୍କୁ ଲୁଟିଲେ ୪ ଦୁର୍ବୃତ୍ତ

**ଗୋପ,୨୪।୪(ଡି.ଏନ୍.ଏ.)**

ଗୋପ- କୋଣାର୍କ ରାସ୍ତାର ଶାରଡ଼ା ଛକ ନିକଟରେ ୪ ଦୁର୍ବୃତ୍ତ ଜଣେ ସରକାରୀ କର୍ମଚାରୀଙ୍କଠୁ ଲୁଟ୍ କରିଥିବା ସୋମବାର ଗୋପ ଥାନାରେ ଅଭିଯୋଗ ହୋଇଛି। ତାଙ୍କଠାରୁ ନଗଦ ୯ ହଜାର ଟଙ୍କା, ସୁନା ମୁଦି, ଲ୍ୟାପଟପ୍, ମୋବାଇଲ୍ ଓ ସରକାରୀ କାଗଜପତ୍ର ନେଇ ଚମ୍ପଟ ମାରିଛନ୍ତି। ଏନେଇ ପୋଲିସ ୧୯୬/୨୩ରେ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ଏଥିସହ ସେହି ଅଞ୍ଚଳରେ ଲାଗିଥିବା ସିସିଟିଭି ଫୁଟେଜ୍‌କୁ ଯାଞ୍ଚ କରାଯାଉଛି।

ସୂଚନା ମୁତାବକ, ଗୋପ ତହସିଲ ଅନ୍ତର୍ଗତ ଜୁଣେଇ ରାଜସ୍ୱ ନିରୀକ୍ଷକ ସର୍କଲର ରାଜସ୍ୱ ନିରୀକ୍ଷକ ଦାୟିତ୍ୱରେ ଥିବା ରମେଶ ବେହେରା ତହସିଲ ଅଫିସରୁ କାର୍ଯ୍ୟ ସାରି ବାଇକ୍ ଯୋଗେ ଫେରୁଥିଲେ। ଶାରଡା ଛକ ନିକଟରେ ଜଣେ ଯୁବକଙ୍କ ଡାକରେ ସେ ଅଟକିବାରୁ ଆଉ ୩ ଦୁର୍ବୃତ୍ତ ସେଠାରେ ପହଞ୍ଚି ବେହେରାଙ୍କୁ ଘେରିଯାଇଥିଲେ। ସେମାନେ ବେହେରାଙ୍କ ପେଟରେ ଛୁରି ଲଗାଇ ସମସ୍ତ ସୁନା, ଟଙ୍କା, କାଗଜପତ୍ର ନେଇଯାଇଥିଲେ। ପରେ ସେମାନେ ସେଠାରୁ ପଳାଇ ଯାଇଥିଲେ। ପରେ ବେହେରା ଗୋପ ଥାନାରେ ପହଞ୍ଚି ଅଭିଯୋଗ କରିଥିଲେ।



ପୁରୀଠାରେ ଶ୍ରୀଜୟଦେବ ଫାଉଣ୍ଡେଶନ ପକ୍ଷରୁ ଆୟୋଜିତ କବି ଜୟଦେବଙ୍କ ପ୍ରତିମୂର୍ତ୍ତି ଉନ୍ମୋଚନ କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିମାନେ।

## ପୂଜ୍ୟପୂଜାର ସମ୍ମାନ ସମାଜକୁ ସଂସ୍କାରିତ କରେ

**ପୁରୁଣା ସଦର ଥାନା ଛକଠାରେ ଜୟଦେବଙ୍କ ପ୍ରତିମୂର୍ତ୍ତି ଉନ୍ମୋଚିତ**

**ପୁରୀ ଅଫିସ, ୨୪।୪:**

ଶ୍ରୀଜୟଦେବ ଫାଉଣ୍ଡେଶନ ତରଫରୁ ପୁରୀ ପୁରୁଣା ସଦର ଥାନା ଛକଠାରେ ରବିବାର ଗୀତଗୋବିନ୍ଦର ରଚୟିତା କବି ଜୟଦେବଙ୍କ ପ୍ରତିମୂର୍ତ୍ତି ଉନ୍ମୋଚିତ ହୋଇଛି। ଉଦ୍‌ଘାଟକ ଭାବେ ଅତିରିକ୍ତ ଜିଲାପାଳ (ପ୍ରଶାସନ) ପ୍ରଦୀପ କୁମାର ସାହୁ ଏବଂ ମୁଖ୍ୟ ଅତିଥି ଭାବେ ପୂର୍ବତନ କମିଶନର ଦିଗମ୍ବର ମହାନ୍ତି ଯୋଗଦେଇ ଜୟଦେବଙ୍କ ପ୍ରତିମୂର୍ତ୍ତି ଉନ୍ମୋଚନ କରିଥିଲେ। ପୂଜ୍ୟପୂଜାର ସମ୍ମାନ ସମାଜକୁ ଶୃଙ୍ଖଳିତ ଓ ସଂସ୍କାରିତ କରିଥାଏ। ଜୟଦେବଙ୍କ ଗୀତଗୋବିନ୍ଦ ଭକ୍ତି ଓ ପ୍ରେମ ରସର ଏକ ଅନନ୍ୟ ସୃଷ୍ଟି। ଏହା ପ୍ରଭୁଙ୍କର ଅତି ପ୍ରିୟ ଗୀତ। ଏବେ ଜୟଦେବଙ୍କ ଜୟନ୍ତୀ ଏକ ଜାଗରଣରେ ପରିଣତ ହୋଇଛି ବୋଲି ମହାନ୍ତି କହିଥିଲେ। ସେହିପରି ଅତିରିକ୍ତ ଜିଲାପାଳ ସାହୁ କହିଥିଲେ, ଗୀତଗୋବିନ୍ଦ ଏକ କାଳଜୟୀ ସୃଷ୍ଟି। ଏହା କବି ଜୟଦେବଙ୍କୁ ଚିରକାଳ ଅମର କରି ରଖିଥିବ।



ଜୟଦେବଙ୍କ ପ୍ରତିମୂର୍ତ୍ତିସ୍ଥଳର ସୁରକ୍ଷା ପାଇଁ ପଦକ୍ଷେପ ନେବାକୁ ସେ ପରାମର୍ଶ ଦେଇଥିଲେ। ପୌର ନିର୍ବାହୀ ଅଧିକାରୀ ସରୋଜ କୁମାର ସ୍ୱାଇଁ କବି ଜୟଦେବ, ଗୀତଗୋବିନ୍ଦ ଓ ପ୍ରଭୁ ଜଗନ୍ନାଥଙ୍କ ସମ୍ପର୍କ ବିଷୟରେ ଆଲୋକପାତ କରି ପ୍ରତିମୂର୍ତ୍ତିସ୍ଥଳ ଚିହ୍ନଟ, ମୂର୍ତ୍ତି ସ୍ଥାପନ ଇତ୍ୟାଦି ସମ୍ବନ୍ଧରେ ସୂଚନା ଦେଇଥିଲେ। ରବିନାରାୟଣ ଗୁରୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସନ୍ତୋଷ କୁମାର ସେଠୀ, ଜିଲା ସଂସ୍କୃତି ଅଧିକାରୀ ହେମନ୍ତ ବେହେରା, ଫାଉଣ୍ଡେଶନର କାର୍ଯ୍ୟକାରୀ ସଭାପତି ଚକ୍ରଧର ମହାପାତ୍ର, ସଦସ୍ୟ ଜଟାଧାରୀ ମିଶ୍ର, ଚିତ୍ତରଞ୍ଜନ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ। ଫାଉଣ୍ଡେଶନ୍‌ର ସମ୍ପାଦକ ଅନାମ ଚନ୍ଦ୍ର ସାହୁ ବିବରଣୀ ପ୍ରଦାନ, ସାହିତ୍ୟିକ କୈଳାସ ଚନ୍ଦ୍ର ଟିକାୟତରାୟ ମଞ୍ଚ ପରିଚାଳନା, ଯୁଗ୍ମ ସମ୍ପାଦକ ପ୍ରସନ୍ନ କୁମାର ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ। ଓଡ଼ିଶା ସଙ୍ଗୀତ ପରିଷଦ ତରଫରୁ ଗୀତଗୋବିନ୍ଦ ଏବଂ ଶ୍ରୀଜଗନ୍ନାଥ ସଂସ୍କୃତି ସଂକୀର୍ତ୍ତନ ସେବା ବିକାଶ ପରିଷଦ ପକ୍ଷରୁ ସଂକୀର୍ତ୍ତନ ପରିବେଷଣ କରାଯାଇଥିଲା।

### ଗ୍ରୀଷ୍ମକାଳୀନ ଭାରୋତ୍ତୋଳନ ଶିବିର ଆରମ୍ଭ

**ପୁରୀ ଅଫିସ, ୨୪।୪:**

ଗ୍ରୀଷ୍ମକାଳୀନ ଭାରୋତ୍ତୋଳନ ଶିବିର ସୋମବାରଠାରୁ ଦିଗବାରେଣୀସ୍ଥିତ ଓଡ଼ିଶା ଜାତୀୟ ବ୍ୟାୟାମ କ୍ରୀଡ଼ା ପରିଷଦରେ ଆରମ୍ଭ ହୋଇଛି। ଏହା ଆସନ୍ତା ମେ ୮ ତାରିଖ ଯାଏ ଅପରାହ୍ନ ୪.୩୦ରୁ ୬.୩୦ ପର୍ଯ୍ୟନ୍ତ ଚାଲିବ। ଶିବିରକୁ ଅତିରିକ୍ତ ଜିଲାପାଳ (ପ୍ରଶାସନ) ପ୍ରଦୀପ କୁମାର ସାହୁ ଉଦଘାଟନ କରି କ୍ରୀଡ଼ା ଶୃଙ୍ଖଳା ଓ ଭାଇଚାରାର ଶିକ୍ଷା ଦେଇଥାଏ ବୋଲି କହିଥିଲେ। ବର୍ତ୍ତମାନ ଶିକ୍ଷାନୁଷ୍ଠାନ ଛୁଟି ଥିବାରୁ ପିଲାମାନେ ଅଯଥା ସମୟ ନଷ୍ଟ ନ କରି ନିଜକୁ କୌଣସି ସୃଜନାତ୍ମକ କଳାରେ ସଂଶ୍ଳିଷ୍ଟ କରିବାକୁ ସେ ପରାମର୍ଶ ଦେଇଥିଲେ। କ୍ରୀଡ଼ା ଶାରୀରିକ ଓ ମାନସିକ ସନ୍ତୁଳନ ରଖିବାରେ ସହାୟକ ହେବା ସହ ଆତ୍ମବିଶ୍ୱାସ ବୃଦ୍ଧି କରିଥାଏ ବୋଲି ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସନ୍ତୋଷ କୁମାର ସେଠୀ କହିଥିଲେ। ପରିଷଦ ସମ୍ପାଦକ ସତ୍ୟନାରାୟଣ ମହାନ୍ତି ଶିବିରର ଲକ୍ଷ୍ୟ, ଉଦ୍ଦେଶ୍ୟ ଓ ଆଭିମୁଖ୍ୟ ସମ୍ପର୍କରେ କହିଥିଲେ। ରାଜ୍ୟ କ୍ରୀଡ଼ା ବିଭାଗ ୧୨ଟି ଜିଲାର ୧୫ଟି ସ୍ଥାନରେ ଏହିଭଳି ଗ୍ରୀଷ୍ମକାଳୀନ ଶିବିର ଆୟୋଜନ କରିଥିବା ଜିଲା କ୍ରୀଡ଼ା ଅଧିକାରୀ ଚନ୍ଦନ ସାହୁ କହିଥିଲେ। ପୁରୀ ଶିବିରରେ ୧୦ରୁ ୧୫ ବର୍ଷ ବୟସର ପିଲାଙ୍କୁ ପ୍ରଶିକ୍ଷଣ ଦିଆଯିବାର ବ୍ୟବସ୍ଥା ହୋଇଛି। ପ୍ରଶିକ୍ଷକ ହରେକୃଷ୍ଣ ସିଂହାରୀ ଓ ସୌମ୍ୟ ରଞ୍ଜନ ଖୁଣ୍ଟିଆ କ୍ରୀଡ଼ା ପ୍ରଶିକ୍ଷଣର ବିଭିନ୍ନ ଦିଗ ସମ୍ପର୍କରେ ଆଲୋକପାତ କରିଥିଲେ। ଆଗ୍ରହୀ ବିଦ୍ୟାର୍ଥୀମାନେ ନାମ ପଞ୍ଜୀକରଣ କରିବାକୁ କ୍ରୀଡ଼ା ଅଧିକାରୀ ପରାମର୍ଶ ଦେଇଛନ୍ତି।

## 'ଆଧ୍ୟାତ୍ମିକତା ହିଁ ଭାରତର ପରମ ସମ୍ପଦ'

**ପୁରୀ ଅଫିସ, ୨୪।୪:**

ଶ୍ରୀଗୁଣ୍ଡିଚା ଆଧ୍ୟାତ୍ମିକ ଟ୍ରଷ୍ଟ ଓଡ଼ିଶା ପକ୍ଷରୁ ଧ୍ୟାନ ମନ୍ଦିର ଆଶ୍ରମ ପରିସରରେ ଆଶ୍ରମର ପ୍ରତିଷ୍ଠାତା ସ୍ୱାମୀ ବ୍ରହ୍ମାନନ୍ଦଜୀ ମହାରାଜଙ୍କ ବ୍ରହ୍ମଲୀନ ଦିବସ ଅବସରରେ ସୋମବାର 'ଆଧ୍ୟାତ୍ମିକତାରେ ସନ୍ନ୍ୟାସ ଧର୍ମ' ଶୀର୍ଷକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଟ୍ରଷ୍ଟର ଉପାଧ୍ୟକ୍ଷ ବିନୋଦ କୁମାର ପଣ୍ଡା ଆଲୋଚନାଚକ୍ରରେ ଅଧ୍ୟକ୍ଷତା କରିଥିଲେ। ସ୍ୱାମୀ ଶୁଭାନନ୍ଦ ମହାରାଜ ମୁଖ୍ୟ ଅତିଥି ଭାବେ ଯୋଗଦେଇ କହିଥିଲେ, ଆଧ୍ୟାତ୍ମିକତା ହେଉଛି ଭରତ ବର୍ଷର ପରମ ସମ୍ପଦ। ଭାରତର ଶ୍ରେଷ୍ଠ ୪ ଧାମ ମଧ୍ୟରୁ ପୁରୀ ଅନ୍ୟତମ। ସ୍ୱାମୀ ବ୍ରହ୍ମାନନ୍ଦଜୀ ମହାରାଜ ୧୯୮୫ରେ ଶ୍ରୀକ୍ଷେତ୍ର ଆସି ଧ୍ୟାନ ମନ୍ଦିର ଆଶ୍ରମ ପ୍ରତିଷ୍ଠା କରିଥିଲେ ବୋଲି ମୁଖ୍ୟ ଅତିଥି ସୂଚନା ଦେଇଥିଲେ। ସମ୍ମାନିତ ଅତିଥି ଭାବେ ସ୍ୱାମୀ ଜୟଦେବ ଭାରତୀ ଯୋଗଦେଇ ସ୍ୱାମୀ ବ୍ରହ୍ମାନନ୍ଦଜୀ ମହାରାଜଙ୍କ ସାଧନା, ସିଦ୍ଧି ସମ୍ପର୍କରେ ଆଲୋକପାତ କରିଥିଲେ। ବିଶିଷ୍ଟ ଅତିଥି ଭାବେ ଐତିହାସିକ ମଦନ ମୋହନ ମହାପାତ୍ର ଯୋଗଦେଇ ପଶ୍ଚିମବଙ୍ଗ ବିଶ୍ୱବିଦ୍ୟାଳୟ ପାଠ୍ୟକ୍ରମରେ ସ୍ୱାମୀ ବ୍ରହ୍ମାନନ୍ଦଜୀ ମହାରାଜଙ୍କ ଭାରତୀୟ ଦର୍ଶନ ଆଧାରିତ ପୁସ୍ତକ ଅନ୍ତର୍ଭୁକ୍ତ ଥିବା କହିଥିଲେ। ଅନ୍ୟତମ ଅତିଥି ଭାବେ ସ୍ତମ୍ଭକାର ହରିଶଙ୍କର ମିଶ୍ର ଓ ଟ୍ରଷ୍ଟ ସଦସ୍ୟା ବିଜୟଲକ୍ଷ୍ମୀ ଦାଶ ମଞ୍ଚାସୀନ ଥିଲେ। ଟ୍ରଷ୍ଟର କାର୍ଯ୍ୟକ୍ରମ ସଂଯୋଜକ ଶିବସୁନ୍ଦର ମିଶ୍ର କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ। ଆଶ୍ରମର ସଂଯୋଜକ ଗୁରୁ ଚରଣ ଦାସ ଗୁରୁମନ୍ତ୍ର ପାଠ ସହ ଅତିଥି ପରିଚୟ ପ୍ରଦାନ କରିଥିଲେ। ଟ୍ରଷ୍ଟ ସଦସ୍ୟ ଭବାନୀ ପ୍ରସାଦ ବଳିଆର ସିଂ, ଭାଗବତ ପ୍ରସାଦ ପଟ୍ଟନାୟକ, ସୌମ୍ୟ ରଞ୍ଜନ ବିଶୋୟୀ ଓ ପ୍ରଦୀପ କୁମାର ନାୟକ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଧ୍ୟାନ ମନ୍ଦିର ଆଶ୍ରମ ଟ୍ରଷ୍ଟର ସମ୍ପାଦକ ଦେବବ୍ରତ ସରକାର କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ। ଶ୍ରୀଗୁଣ୍ଡିଚା ଆଧ୍ୟାତ୍ମିକ ଟ୍ରଷ୍ଟ ସମ୍ପାଦକ ଲକ୍ଷ୍ମୀନାରାୟଣ ପଟ୍ଟନାୟକ ଧନ୍ୟବାଦ ଦେଇଥିଲେ। ଆଲୋଚନାଚକ୍ରରେ ବହୁ ସାଧୁ ସନ୍ଥ ଓ ଶ୍ରଦ୍ଧାଳୁ ଉପସ୍ଥିତ ଥିଲେ।


କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିବୃନ୍ଦ।

## ସକାରାତ୍ମକ ପରିବର୍ତ୍ତନ ବର୍ଷର ଶୁଭାରମ୍ଭ ମହୋତ୍ସବ

**ପୁରୀ ଅଫିସ, ୨୪।୪:**

ପ୍ରଜାପିତା ବ୍ରହ୍ମାକୁମାରୀ ଈଶ୍ୱରୀୟ ରାଜଯୋଗ ସାଧନକେନ୍ଦ୍ରରେ ସକାରାତ୍ମକ ପରିବର୍ତ୍ତନ ବର୍ଷର ଶୁଭରମ୍ଭ ମହୋତ୍ସବ ବଳିଆପଣ୍ଡାସ୍ଥିତ ଓମ୍ ଶାନ୍ତି ଅଡିଟୋରିୟମ ହଲରେ ଉଦ୍‌ଘାଟିତ ହୋଇଛି। ଅତିଥି ଭାବେ ଶ୍ରୀଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟର ପ୍ରାକ୍ତନ କୁଳପତି ପ୍ରଫେସର ହରିହର ହୋତା ଯୋଗଦେଇ କହିଥିଲେ, ଅଦ୍ୟ ଦିନଟି ଏକ ଅବିସ୍ମରଣୀୟ ଦିବସ। ଅକ୍ଷୟ ତୃତୀୟରେ ଅଖିମୁଠିରେ ବୀଜ ବପନ ସହିତ ମନୁଷ୍ୟ ଆତ୍ମାର ମାନସିକ ସ୍ତରରେ ଶୁଦ୍ଧ ସଙ୍କଳ୍ପର ବୀଜ ରୋପଣ ଓ ସକାରାତ୍ମକ ପ୍ରାପ୍ତିର ସାମଞ୍ଜସ୍ୟ ରହିଛି। ଶୁଭ ଭାବନା ଓ କାମନା ହିଁ ସଫଳତାର ଚାବିକାଠି । ଏହି ଉତ୍ସବରେ ଅନ୍ୟତମ ଅତିଥି ଭାବେ ଶ୍ରୀଜଗନ୍ନାଥ ବିଶ୍ୱବିଦ୍ୟାଳୟର ପ୍ରାକ୍ତନ କୁଳପତି ପ୍ରଫେସର ଡ. ଅଲେଖ ଚନ୍ଦ୍ର ଷଡଙ୍ଗୀ, ଫକୀର ମୋହନ ବିଶ୍ୱବିଦ୍ୟାଳୟର ପ୍ରାକ୍ତନ କୁଳପତି ମଧୁସ୍ମିତା ଦାଶ, ଅତିରିକ୍ତ ଜିଲାପାଳ ପ୍ରଦୀପ କୁମାର ସାହୁ, ଅବସରପ୍ରାପ୍ତ ସିଡିଏମ ଡ. ବିଚିତ୍ରାନନ୍ଦ ବେହେରା, ଅବସରପ୍ରାପ୍ତ ସିଡିଏମ ଡ. ପି.କେ.ନାୟକ ଯୋଗଦେଇ ସକାରାତ୍ମକ ପରିବର୍ତ୍ତନର ବିଭିନ୍ନ ପୌରଣିକ, ବୈଜ୍ଞାନିକ ଓ ଆଧ୍ୟାତ୍ମିକ ଦିଗ ଉପରେ ଆଲୋକପାତ କରିଥିଲେ। ଈଶ୍ୱରୀୟ ରାଜଯୋଗ ସାଧନ କେନ୍ଦ୍ରର ନିର୍ଦ୍ଦେଶିକା ରାଜଯୋଗିନୀ ବିକେ ଡ. ନିରୁପମା ଏହି ଉତ୍ସବରେ ଈଶ୍ୱରୀୟ ବାର୍ତ୍ତା ପ୍ରଦାନ କରିଥିଲେ। ବରିଷ୍ଠ ରାଜଯୋଗୀ ବିକେ ଡ. ସତ୍ୟାନନ୍ଦ ମଞ୍ଚ ପରିଚାଳନା କରିଥିଲେ।


କାର୍ଯ୍ୟକ୍ରମକୁ ଅତିଥି ଉଦ୍‌ଘାଟନ କରୁଛନ୍ତି ।

## ଆୟୁଷ ନିର୍ଦ୍ଦେଶକଙ୍କ ତଦନ୍ତ ଆରମ୍ଭ

**ବିନା ଏନ୍‌ଇଇଟିରେ ପଢୁଛନ୍ତି ଆୟୁର୍ବେଦ ପାଠ ପ୍ରସଙ୍ଗ**

- ସବିଶେଷ ତଥ୍ୟ ଦେବାକୁ ତାଗିଦା
- ଅଭିଯୋଗ ପ୍ରମାଣିତ ହେଲେ କାର୍ଯ୍ୟାନୁଷ୍ଠାନ

**ଖୋର୍ଦ୍ଧା ଅଫିସ,୨୪।୪:**

ରାଜ୍ୟରେ ନକଲି ସାର୍ଟିଫିକେଟ ରାକେଟ ସକ୍ରିୟ ରହିଛି। ବଲାଙ୍ଗୀରରେ ନକଲି ସାର୍ଟିଫିକେଟ ପରେ ଚର୍ଚ୍ଚାକୁ ଆସିଛି ପୁରୀସ୍ଥିତ ଗୋପବନ୍ଧୁ ଆୟୁର୍ବେଦ କଲେଜ ଓ ହସ୍ପିଟାଲ। ଓଜେଇଇ ଓ ଏନ୍‌ଇଇଟି ପାସ କରି ନ ଥିବା କେତେଜଣ ଛାତ୍ରୀଛାତ୍ର ନକଲି ସାର୍ଟିଫିକେଟରେ ଏହି କଲେଜରେ ଡାକ୍ତରୀ (ଆୟୁର୍ବେଦ) ପାଠ ଅଧ୍ୟୟନ କରୁଥିବା ଗତ ଜାନୁୟାରୀ ୧୦ରେ 'ଧରିତ୍ରୀ'ରେ ପ୍ରକାଶ ପାଇଥିଲା। ଖବର ପ୍ରକାଶ ସତ୍ତ୍ୱେ ରାଜ୍ୟ ସରକାରଙ୍କ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ଏବଂ ଆୟୁଷ ବିଭାଗର ନୀରବତାକୁ ନେଇ ପ୍ରଶ୍ନ ଉଠିଥିଲା। ଏବେ ରାଜ୍ୟ ଆୟୁଷ ବିଭାଗ ନିର୍ଦ୍ଦେଶକ କଲ୍ୟାଣ କୁମାର ରଥ ଏହି ଘଟଣାର ତଦନ୍ତ ଆରମ୍ଭ କରିଛନ୍ତି। ନିର୍ଦ୍ଦେଶକ ରଥ କଲେଜରେ ପହଞ୍ଚି ଏ ସମ୍ପର୍କରେ କଲେଜ ଅଧ୍ୟକ୍ଷ ଏବଂ ଅନ୍ୟ ବିଭାଗୀୟ ପ୍ରାଧ୍ୟାପକ, ଅଧ୍ୟାପକଙ୍କ ସହ ଆଲୋଚନା କରିଛନ୍ତି। କେଉଁ ପରିସ୍ଥିତିରେ ଏଭଳି ତ୍ରୁଟିକୁ କର୍ତ୍ତୃପକ୍ଷ ଧରିପାରିଲେ ନାହିଁ କିମ୍ବା ସବୁକିଛି ଜାଣତରେ ପିଲାଙ୍କୁ ନାମଲେଖା ସୁଯୋଗ ଦିଆଯାଇଛି, ସେ ସମ୍ପର୍କରେ ନିର୍ଦ୍ଦେଶକ ରଥ ଯାଞ୍ଚ କରିଛନ୍ତି। ଏହି ଘଟଣାର ସବିଶେଷ ତଥ୍ୟ ରଖିବାକୁ କଲେଜ କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦେଶ ଦେଇଥିବା ଜଣାପଡିଛି । ତେବେ ଆଲୋଚନା ସମ୍ପର୍କରେ କଲେଜ କର୍ତ୍ତୃପକ୍ଷ ମୁହଁ ଖୋଲିବାକୁ ନାରାଜ।

ପ୍ରକାଶ ଯେ, ବିନା ଓଜେଇଇ, ଏନ୍‌ଇଇଟି ଏବଂ ନକଲି ସାର୍ଟିଫିକେଟ ଦେଇ ପିଲାମାନେ ଏଠାରେ ଅଧ୍ୟୟନ କରୁଥିବା ନେଇ ଜଣେ ଅଭିଯୋଗକାରୀ ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ସଚିବଙ୍କ ନିକଟରେ ଲିଖିତ ଅଭିଯୋଗ କରିଥିଲେ। ଏହି ଘଟଣାର ତଦନ୍ତ ଲାଗି ପୁରୀର ସଚେତନ ନାଗରିକ ମଞ୍ଚ ଭୁବନେଶ୍ୱର ଭିଜିଲାନ୍ସ ଅଧୀକ୍ଷକଙ୍କ ନିକଟରେ ଲିଖିତ ଅଭିଯୋଗ କରିଛନ୍ତି। ଅନ୍ୟପଟେ ଧରିତ୍ରୀରେ ପ୍ରକାଶିତ ଖବରକୁ ଆଧର କରି କଲେଜ ଅଧ୍ୟକ୍ଷ ଘଟଣାର ଅନ୍ତରୀଣ ତଦନ୍ତ ଲାଗି ୯ଜଣିଆ କମିଟି ଗଠନ କରିଥିଲେ। ୭ଦିନ ମଧ୍ୟରେ ତଦନ୍ତ ରିପୋର୍ଟ ଦାଖଲ ନିର୍ଦ୍ଦେଶ ଦେଇଥିଲେ। ଏକାଡେମିକ ସେକ୍ସନ ଦାୟିତ୍ୱରେ ରହିଥିବା ସିନିୟର ଆସିଷ୍ଟାଣ୍ଟଙ୍କୁ ତଦନ୍ତ କମିଟିକୁ ସମସ୍ତ ସହଯୋଗ ଏବଂ ଆଡିମିଶନ ସଂକ୍ରାନ୍ତ ସମସ୍ତ ଡକ୍ୟୁମେଣ୍ଟ ପ୍ରଦାନ ଲାଗି ମଧ ନିର୍ଦ୍ଦେଶ ଦେଇଥିଲେ। ଉକ୍ତ କମିଟି ସବିଶେଷ ତଦନ୍ତ ରିପୋର୍ଟ କଲେଜ ଅଧ୍ୟକ୍ଷଙ୍କୁ ପ୍ରଦାନ କରିଥିବା ଜଣାପଡିଛି। ତେବେ ରିପୋର୍ଟରେ କ'ଣ ଲେଖାଯାଇଛି କମିଟି ସଦସ୍ୟ କିମ୍ବା କଲେଜ ଅଧ୍ୟକ୍ଷ ବେହେରା କେହି ମୁହଁ ଖୋଲିବାକୁ ନାରାଜ। ଅନ୍ୟପକ୍ଷରେ ଏନେଇ ରାଜ୍ୟ ଆୟୁଷ ନିର୍ଦ୍ଦେଶକ କଲ୍ୟାଣ କୁମାର ରଥ କୁହନ୍ତି, ଗୋପବନ୍ଧୁ ଆୟୁର୍ବେଦ କଲେଜରେ ବିନା ଓଜେଇଇ, ଏନ୍‌ଇଇଟି ଏବଂ ନକଲି ସାର୍ଟିଫିକେଟ ଦେଇ ପିଲାମାନେ ଏଠାରେ ଅଧ୍ୟୟନ କରୁଥିବା ନେଇ ଅଭିଯୋଗ ହସ୍ତଗତ ହୋଇଛି। ଘଟଣାର ସବିଶେଷ ଯାଞ୍ଚ କରାଯିବ। ଅଭିଯୋଗ ପ୍ରମାଣ ହେଲେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବାଲି ସେ କହିଛନ୍ତି।

ଗତ ୨୦୨୧ ନଭେମ୍ବରରେ ଜଣେ ଛାତ୍ର ଭାରତ ସରକାରଙ୍କ ଆୟୁଷ ମନ୍ତ୍ରଣାଳୟ ଏବଂ ରାଜ୍ୟ ସ୍ୱାସ୍ଥ୍ୟ ପରିବାର କଲ୍ୟାଣ ସଚିବଙ୍କ ନିକଟରେ ଉପରୋକ୍ତ ଅଭିଯୋଗ ଆଣିଥିଲେ। ପୂର୍ବରୁ ଉତ୍ତରପ୍ରଦେଶରେ ସମାନ ଅଭିଯୋଗ ପରେ ଆୟୁଷ ମନ୍ତ୍ରଣାଳୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଥିଲା। ଘଟଣାର ତଦନ୍ତ ଦାବି କରିଥିଲେ ଅଭିଯୋଗକାରୀ। ଗତ ୫ବର୍ଷର ନାମଲେଖା ରେଜିଷ୍ଟ୍ରାର ଯାଞ୍ଚ ଦାବି କରିଥିଲେ। ବାହାର କଲେଜର ଛାତ୍ରୀଛାତ୍ରଙ୍କଠାରୁ ମୋଟା ଅଙ୍କ ନେଇ ନକଲି ନିଟ୍ ଆପ୍ଲିକେଶନ ନମ୍ବର, ର୍‌ୟାଙ୍କ କାର୍ଡ ଓ ଓଜେଇ ଆଲାଟମେଣ୍ଟ ଲେଟର, କଲେଜ ଟ୍ରାନ୍ସଫର ସାର୍ଟିଫିକେଟ(ସିଏଲସି) ଓ ମାଇଗ୍ରେସନ ସାର୍ଟିଫିକେଟ, ଆୟୁଷ ନିର୍ଦ୍ଦେଶକଙ୍କ ବିନା ଅନୁମୋଦିତ କଲେଜ ଟ୍ରାନ୍ସଫର ସାର୍ଟିଫିକେଟ ବ୍ୟବସ୍ଥା କରାଯାଇ ନାମଲେଖା କରାଯାଉଥିବା ନେଇ ଅଭିଯୋଗରେ ଉଲ୍ଲେଖ କରିଥିଲେ।

## ଗାଡ଼ି ଧକ୍କାରେ ସୁରକ୍ଷା କର୍ମଚାରୀ ଗୁରୁତର

ଖୁଣ୍ଟୁଣୀ (ଡି.ଏନ୍.ଏ): ଖୁଣ୍ଟୁଣୀ ଥାନା ପୁରୁଷୋତ୍ତମପୁର ଗ୍ରାମ ସମ୍ମୁଖ ୫୫ନଂ. ଜାତୀୟ ରାଜପଥ ଉପରେ ସୋମବାର ସନ୍ଧ୍ୟାରେ ଏକ ଗାଡ଼ି ଧକ୍କାରେ ଜଣେ ବାଇକ୍ ଆରୋହୀ ଯୁବକ ଗୁରୁତର ହୋଇ କଟକ ବଡ଼ ଡାକ୍ତରଖାନାରେ ଚିକିତ୍ସାଧୀନ ଅଛନ୍ତି। ସେ ହେଲେ ଗୁରୁଡ଼ିଝାଟିଆ ଥାନା ଓରନ୍ଦା ଗ୍ରାମର ବିଜୟ ବେହେରା। ସୂଚନା ମୁତାବକ, ବିଜୟ ଢେଙ୍କାନାଳଠାରେ ଏକ ଘରୋଇ ସଂସ୍ଥାର ସୁରକ୍ଷା କର୍ମଚାରୀ ଭାବେ କାମ କରୁଛନ୍ତି। ସେ ସୋମବାର ଡ୍ୟୁଟି ସାରି ସନ୍ଧ୍ୟାରେ ବାଇକ୍‌ରେ ଘରକୁ ଫେରୁଥିବା ବେଳେ ପୁରୁଷୋତ୍ତମପୁର ଗ୍ରାମଠାରେ ଦୁର୍ଘଟଣାର ଶିକାର ହୋଇଥିଲେ। ଏକ ଗାଡି ତାଙ୍କ ବାଇକ୍‌କୁ ପଛରୁ ଧକ୍କା ଦେବାରୁ ବିଜୟ ଗୁରୁତର ହୋଇଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି କଟକ ମେଡିକାଲ ପଠାଇଥିଲେ।

## ସଂକ୍ଷେପରେ

### ନାବାଳିକାଙ୍କୁ ଅସଦାଚରଣ, ଜଣେ ଗିରଫ

ଚୌଦ୍ୱାର,୨୪।୪(ଡି.ଏନ୍.ଏ.) : ଜଣେ ନାବାଳିକାଙ୍କୁ ଅସଦାଚରଣ କରିବା ଅଭିଯୋଗରେ ଚୌଦ୍ୱାର ପୋଲିସ ଜଣେ ଯୁବକଙ୍କୁ ଗିରଫ କରି ସୋମବାର କୋର୍ଟଚାଲାଣ କରିଛି। ସେ ହେଲେ ଓଟିଏମ୍ କଲୋନୀ ୬ନଂ. ୱାର୍ଡ ମୁଣ୍ଡମାଳ ଗ୍ରାମର ପୂର୍ଣ୍ଣଚନ୍ଦ୍ର ନାୟକ(୨୨)। ନାବାଳିକାଙ୍କ ପିତା ଥାନାରେ କରିଥିବା ଅଭିଯୋଗ ଅନୁଯାୟୀ ତାଙ୍କ ଝିଅ ସବୁଦିନ ପରି ସନ୍ଧ୍ୟାରେ ଘରର କିଛି ଦୂରକୁ ଟିଉଶନ ପାଇଁ ଯାଇଥାଏ। ତେବେ ରବିବାର ସେ ଟିଉଶନକୁ ଯାଇ ଆଉ ଘରକୁ ଫେରି ନ ଥିଲା। ବହୁ ଖୋଜାଖୋଜି କରି ନାବାଳିକାଙ୍କ ପରିବାର ଲୋକେ ନିରାଶ ହୋଇଥିବା ବେଳେ ସୋମବାର ସକାଳୁ ଅଭିଯୁକ୍ତ ନାବାଳିକାଙ୍କୁ ଏକ ବାଇକ୍‌ରେ ବସାଇ ଘରେ ଛାଡ଼ିଥିଲେ। ନାବାଳିକା ଜଣକ ଟିଉଶନ ଛୁଟି ପରେ ପୂର୍ଣ୍ଣଚନ୍ଦ୍ର ତାଙ୍କୁ ସ୍ଥାନୀୟ ଏକ ମନ୍ଦିର ନିକଟକୁ ନେଇଯାଇ ସାରା ରାତି ରଖିବା ସହିତ ତା'ସହିତ ଅସଦାଚରଣ କରିଥିବା ପରିବାର ଲୋକଙ୍କୁ ଜଣାଇଥିଲେ। ଏ ନେଇ ଅଭିଯୋଗ ପରେ ପୋଲିସ ନଂ.୧୯୭/୨୩ ପୋକ୍ସୋ ଆକ୍ଟରେ ଅଭିଯୁକ୍ତଙ୍କୁ ଗିରଫ କରିବା ସହିତ ନାବାଳିକାକୁ ଡାକ୍ତରୀମାଇନା କରି ତାଙ୍କ ପରିବାର ଲୋକଙ୍କ ଜିମା ଦିଆଯାଇଛି।

### ଦୋକାନକୁ ମାଡ଼ିଗଲା ଟ୍ରକ୍, ଜଣେ ଆହତ

ଚୌଦ୍ୱାର,୨୪।୪(ଡି.ଏନ୍.ଏ) : ଚୌଦ୍ୱାର ଥାନା ଅଧୀନ ଶଙ୍କରପୁର ଗ୍ରାମ ବଜାରରେ ଥିବା ଏକ ଦୋକାନ ଉପରକୁ ଟ୍ରକ୍ ମାଡିଯିବାରୁ ଏଥିରେ ୨ଟି ଦୋକାନ କ୍ଷତିଗ୍ରସ୍ତ ହେବା ସହିତ ଜଣେ ଯୁବତୀ ଆହତ ହୋଇଛନ୍ତି। ମିଳିଥିବା ସୂଚନା ଅନୁଯାୟୀ, ସୋମବାର ଅପରାହ୍ନରେ ଏକ ଆଇଚର ଟ୍ରକ ମଙ୍ଗରାଜପୁରରୁ ଚୌଦ୍ୱାର ଅଭିମୁଖେ ଆସୁଥିବା ବେଳେ ଭାରସାମ୍ୟ ହରାଇ ଶଙ୍କରପୁର ବଜାରରେ ରାସ୍ତାକଡରେ ଥିବା ଦୋକାନକୁ ମାଡିଯାଇଥିଲା । ଫଳରେ ଉକ୍ତ ରାସ୍ତାରେ ଥିବା ଏକ ଗହଣା ଦୋକାନ ଓ ଜଳଖିଆ ଦୋକାନର ସମ୍ମୁଖଭାଗ କ୍ଷତିଗ୍ରସ୍ତ ହୋଇଥିଲା। ଜଳଖିଆ ଦୋକାନ କରିଥିବା ଲୋପାମୁଦ୍ରା ମଲ୍ଲଙ୍କ ମୁଣ୍ଡ ଓ ହାତରେ ଆଘାତ ଲାଗିଛି। ପୋଲିସ ଘଟଣାସ୍ଥଳରେ ପହଞ୍ଚି ଟ୍ରକକୁ ଜବତ କରିବା ସହିତ ଆହତ ଯୁବତୀଙ୍କୁ ଚିକିତ୍ସା କରାଇଛି। ଟ୍ରକର ଡ୍ରାଇଭର ମଦ୍ୟପାନ କରିଥିବା ପୋଲିସ କହିଛି।

### ଏନ୍‌ଏଚ୍‌ଏଆଇ ପକ୍ଷରୁ ଜବରଦଖଲ ଉଚ୍ଛେଦ

ମଙ୍ଗୁଳି-ଜଗତପୁର,୨୪।୪(ଡି.ଏନ୍.ଏ.): ଏନ୍‌ଏଚ୍‌ଆଇ ପକ୍ଷରୁ ଟାଙ୍ଗୀ ଥାନା ଅଧୀନ ୧୬ନମ୍ବର ଜାତୀୟ ରାଜପଥ ଏକ ହୋଟେଲ ନିକଟରୁ ମଙ୍ଗୁଳି ଆଡକୁ ଗୋଟିଏ ପାର୍ଶ୍ୱରୁ ସୋମବାର ଜବରଦଖଲ ଉଚ୍ଛେଦ କରାଯାଇଛି। ବେଆଇନ ଭାବେ ଜାତୀୟ ରାଜପଥକୁ ମାଡି ବସିଥିବା ବ୍ୟବସାୟୀଙ୍କ ଛୋଟ ବଡ଼ ଦୋକାନ ଭାଙ୍ଗି ଦିଆଯାଇଛି। ଏଥିରେ ୧୦ଟି ଆଜବେଷ୍ଟସ ଘର ଭଙ୍ଗାଯାଇଥିବା ବେଳେ ୧୦ଟି ଟିଣ ଛପର ପଥର ନିର୍ମିତ ଘର ଏବଂ ୫ଟି କେବିନ ମୋଟ ୨୫ଟି ଦୋକାନ ଭଙ୍ଗାଯାଇଛି। ଉଚ୍ଛେଦବେଳେ ଏନ୍‌ଏଚ୍‌ଏଆଇ ପ୍ରୋଜେକ୍ଟ ମୁଖ୍ୟ ପ୍ରକାଶ ନାୟକ, ଇଞ୍ଜିନିୟର ଅଭିନାଶ ପାଣ୍ଡେ, ଟାଙ୍ଗୀ ଥାନା ଅଧିକାରୀ ସୁଚିତ୍ରବୀର୍ଯ୍ୟ ଦାସ, ତହସିଲଦାର ଚୌଧୁରୀ ପ୍ରଜ୍ଞାନନ୍ଦ ଦାସ ପ୍ରମୁଖ ଉପସ୍ଥିତ ଥିଲେ। ସୁରକ୍ଷା ଦୃଷ୍ଟି ଟାଙ୍ଗୀ ଥାନା ପକ୍ଷରୁ ୨ପ୍ଲାଟୁନ ଫୋର୍ସ ମୁତୟନ କରାଯାଇଥିଲା। ଏହି ସମୟରେ କେତେଜଣ ଜବରଦଖଲକାରୀ କିଛି ସମୟ ବିରୋଧ କରିଥିଲେ କିନ୍ତୁ ଥାନା ଅଧିକାରୀଙ୍କ ହସ୍ତକ୍ଷେପ ପରେ ଉଚ୍ଛେଦ ହେଇଥିଲା। ସୂଚନା ମୁତାବକ,ମଙ୍ଗୁଳି ଓଭର ବ୍ରିଜଠାରୁ ବିରୂପା ବ୍ରିଜ ମଧ୍ୟର ଦୁଇ ପାର୍ଶ୍ୱରେ ରାସ୍ତାକୁ ମାଡ଼ି ବିଭିନ୍ନ ଦୋକାନ ରହିଥିଲା।ସେଠାରେ ବେଆଇନ ପାର୍କି ଯୋଗୁ ଟ୍ରାଫିକ ସମସ୍ୟା ଦେଖାଯାଉଥିଲା।

# ହରିଣଙ୍କ ସ୍ୱାସ୍ଥ୍ୟ ପ୍ରଭାବିତ ହେବା ଆଶଙ୍କା

କଟକ ଅଫିସ,୨୪।୪



**ତୁଳସୀପୁର ଡିଅର ପାର୍କ**
- ଜାଲି ଭିତରକୁ ଲୋକେ ଫିଙ୍ଗୁଛନ୍ତି ଖାଦ୍ୟ ପଦାର୍ଥ
- ସଚେତନତା ଅଭାବ, ସୁରକ୍ଷା ବ୍ୟବସ୍ଥା ଢିଲା

କଟକ ମହାନଗର ନିଗମ (ସିଏମ୍‌ସି) ଅନ୍ତର୍ଗତ ତୁଳସୀପୁର ବିଜୁ ପଟ୍ଟନାୟକ ରୋଡ୍‌ର ମହାନଦୀ ବନ୍ଧ ସନ୍ନିକଟରେ ଡିଅର ପାର୍କ ଅବସ୍ଥିତ। ଏହି ପାର୍କରେ ସ୍ୱଳ୍ପ ସ୍ଥାନରେ ୨୫୦ରୁ ଅଧିକ ହରିଣ ରହିଛନ୍ତି। ପ୍ରତ୍ୟେକ ଦିନ ଏଠାକୁ ହରିଣ ଦେଖିବା ପାଇଁ ବହୁ ଲୋକ ଆସୁଛନ୍ତି। ସେମାନେ ଖୁସିରେ ହରିଣମାନଙ୍କୁ ବିଭିନ୍ନ ପ୍ରକାର ଖାଦ୍ୟ ଦେଉଛନ୍ତି। ତେବେ ଏହାଦ୍ୱାରା ହରିଣମାନଙ୍କ ସ୍ୱାସ୍ଥ୍ୟବସ୍ଥା ପ୍ରଭାବିତ ହେବାର ଆଶଙ୍କା ପ୍ରକାଶ ପାଇଛି।

ଜଙ୍ଗଲରେ ହରିଣମାନେ ବୁଲି ବୁଲି ନିଜ ଆବଶ୍ୟକତା ଅନୁସାରେ ଖାଦ୍ୟ ଖାଇଥାନ୍ତି। ତେବେ ଉକ୍ତ ପାର୍କରେ ହରିଣଙ୍କ ସ୍ୱାସ୍ଥ୍ୟକୁ ଦୃଷ୍ଟିରେ ରଖି ପୁଷ୍ଟିକର ଖାଦ୍ୟ ଦିଆଯାଏ। ଖାଦ୍ୟରେ ଫଳ, ପନିପରିବା ସହ ବିଭିନ୍ନ ଶସ୍ୟ ସାମିଲ ଥାଏ। ହରିଣମାନଙ୍କ ଖାଦ୍ୟ ଓ ରକ୍ଷଣାବେକ୍ଷଣ ବାବଦରେ ସିଏମ୍‌ସି ପକ୍ଷରୁ ବର୍ଷକୁ ୫୧,୫୨ ଲକ୍ଷ ଟଙ୍କା ଖର୍ଚ୍ଚ ହେଉଛି। ଏହାସତ୍ତ୍ୱେ ସେମାନଙ୍କ ସ୍ୱାସ୍ଥ୍ୟ ପ୍ରତି ବିଶେଷ ଗୁରୁତ୍ୱ ଦିଆଯାଉ ନ ଥିବା ଅଭିଯୋଗ ହେଉଛି। ନଦୀ ବନ୍ଧ ଦେଇ ଯାଇଥିବା ରାସ୍ତାପାର୍ଶ୍ୱରେ ଲୋକେ ଅଟକିଯାଇ ହରିଣ ଦେଖିଥାନ୍ତି। ବିସ୍କୁଟ୍ ଏବଂ ଅନ୍ୟ ଖାଦ୍ୟ କିଣି ସେମାନଙ୍କୁ ଦେଇଥାନ୍ତି। ତେବେ ସେଠାରେ ଏହି ଲୋକଙ୍କୁ ରୋକିବା ପାଇଁ ସୁରକ୍ଷାକର୍ମୀ ନାହାନ୍ତି। କୌଣସି ସୂଚନା ଫଳକ ମଧ୍ୟ ନାହିଁ। ପାର୍କ ଚାରିପଟେ ତାରଜାଲି ଗୁଡ଼ାଯାଇଛି, କିନ୍ତୁ ତାହା ନାମକୁ ମାତ୍ର। ଖାଦ୍ୟ ଲୋଭରେ ହରିଣମାନେ ଜାଲି ନିକଟକୁ ଚାଲିଆସିଥାନ୍ତି। ରାସ୍ତାରେ ଛିଡ଼ା ହୋଇ ଲୋକେ ଖାଦ୍ୟ ଜାଲି ମଧ୍ୟକୁ ବିସ୍କୁଟ ଫିଙ୍ଗିଥାନ୍ତି। ହରିଣମାନେ ସେହି ଖାଦ୍ୟ ଖାଇ ବେଳେବେଳେ ଅସୁସ୍ଥ ହୋଇପଡ଼ିଥାନ୍ତି ବୋଲି ଅଭିଯୋଗ ଶୁଣିବାକୁ ମିଳେ। ସେହିପରି ଏହି ପାର୍କରେ କମ୍ ସ୍ଥାନରେ ମାତ୍ରାଧିକ ହରିଣ ରହୁଛନ୍ତି। ପାର୍କ ସ୍ଥାନାନ୍ତରଣ ହେବା ନେଇ ୪ବର୍ଷ ହେଲା କୁହାଯାଉଛି। ମାତ୍ର ପଦକ୍ଷେପ ନିଆଯାଉନାହିଁ। ୧୯୮୧ ମସିହାରେ ୫ଟି ହରିଣକୁ ନେଇ ପ୍ରାୟ ଅଢେଇ ଏକର ଜମିରେ ଗଢିଉଠିଥିବା ଏହି ପାର୍କ ଅବସ୍ଥା ଦୟନୀୟ ଅବସ୍ଥାରେ ପହଞ୍ଚିଲାଣି। ଏନେଇ ସାମାଜିକ କର୍ମୀ ଈଶ୍ୱର ମହାନ୍ତି କହିଛନ୍ତି, ହରିଣଙ୍କୁ ବାହାର ଖାଦ୍ୟ ଦେବା ଦ୍ୱାରା ସେମାନଙ୍କ ସ୍ୱାସ୍ଥ୍ୟ ଉପରେ ପ୍ରଭାବ ପଡ଼ିପାରେ। ଏଥିପାଇଁ ଲୋକେ ସଚେତନ ହେବା ଆବଶ୍ୟକ। ସେହିପରି ଲୋକଙ୍କୁ ବାରଣ କରିବା ପାଇଁ ସେଠାରେ ସୁରକ୍ଷା କର୍ମୀ ନିୟୋଜନ ସହ ସୂଚନା ଫଳକ ଲଗାଯିବାର ଆବଶ୍ୟକତା ରହିଛି। ଅନ୍ୟପକ୍ଷରେ ଏ ନେଇ ଡିଅର ପାର୍କ କର୍ତ୍ତୃପକ୍ଷଙ୍କ ପ୍ରତିକ୍ରିୟା ମିଳିପାରିନାହିଁ।

# ବାଲ୍ୟ ବିବାହ ନିରୋଧୀ ସଚେତନତା ଅଭିଯାନ



ବାଲ୍ୟବିବାହ ବିରୋଧ ନେଇ ସଚେତନତା ଅଭିଯାନରେ ଉପସ୍ଥିତ ବିଭିନ୍ନ ସଂସ୍ଥାର ସଦସ୍ୟ।

ଚୌଦ୍ୱାର,୨୪।୪(ଡି.ଏନ୍.ଏ)

ଇମ୍ଫାର ସାମାଜିକ ଦାୟିତ୍ୱବୋଧ ଶାଖା ବଂଶୀଧର ଇଲା ପଣ୍ଡା ଫାଉଣ୍ଡେଶନ ଓ ଟାଙ୍ଗୀ-ଚୌଦ୍ୱାର ବ୍ଲକ୍ ସମନ୍ୱିତ ଶିଶୁ ବିକାଶ ସେବା ପ୍ରକଳ୍ପର ମିଳିତ ଆୟୋଜନରେ ବ୍ଲକର କରଞ୍ଜି ପଞ୍ଚାୟତ ଅଧୀନ କୁସୁନୁପୁର ଗ୍ରାମରେ ବାଲ୍ୟ ବିବାହ ନିରୋଧୀ ସଚେତନତା ଅଭିଯାନ ଅନୁଷ୍ଠିତ ହୋଇଯାଇଛି। ବ୍ଲକ ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ ମନୋରମା ସ୍ୱାଇଁ ଏହାକୁ ଉଦ୍‌ଘାଟନ କରିଥିଲେ। ଗ୍ରାମର ଶତାଧିକ ଯୁବତୀ, ମହିଳା, ଅଙ୍ଗନୱାଡ଼ି କର୍ମୀ, ସହାୟିକା, ଆଶାକର୍ମୀ, ସ୍ୱୟଂ ସହାୟିକା ଗୋଷ୍ଠୀର ସଦସ୍ୟା, ଅଭିଭାବକ ପ୍ରମୁଖ ବାଲ୍ୟ ବିବାହ ବନ୍ଦ କରିବା, ଏଥିଜନିତ ଆଇନ ତଥା ନାରୀ ଶିକ୍ଷା ସମ୍ପର୍କିତ ପ୍ଲାକାର୍ଡମାନ ଧରି ଗ୍ରାମ ପରିକ୍ରମା କରିବା ସହିତ ବାଲ୍ୟ ବିବାହ ବିରୋଧରେ ଲୋକମାନଙ୍କୁ ସଚେତନ କରିଥିଲେ। ଏହି ଉପଲକ୍ଷେ ଆୟୋଜିତ ସଚେତନତା ସଭାରେ ସିଡିପିଓ ସ୍ୱାଇଁ, ସରପଞ୍ଚ ମହେଶ୍ୱର ମହାନ୍ତି, ସୁପରଭାଇଜର ମଞ୍ଜୁଶ୍ରୀ ଦାସ, ସୁଭାସିନୀ ସ୍ୱାଇଁ ପ୍ରମୁଖ ବାଲ୍ୟ ବିବାହର କୁପରିଣାମ ଓ ଏହାକୁ ବନ୍ଦ କରିବା ପାଇଁ ବିଭିନ୍ନ ପଦକ୍ଷେପ ସମ୍ପର୍କରେ ଲୋକମାନଙ୍କୁ ସଚେତନ କରିଥିଲେ। ଫାଉଣ୍ଡେଶନ ଅଧିକାରୀ ଆଶିଷ ଦାସଙ୍କ ନେତୃତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମକୁ ଅଧିକାରୀ ଚନ୍ଦ୍ରଶେଖର ମହାପାତ୍ର, ଅର୍ଚ୍ଚନା ଜେନା, ଶୁଭଶ୍ରୀ ନାୟକ, ଅଙ୍ଗନୱାଡି କର୍ମୀ ଅଚଳା ସାହୁ, ମିନତୀ ହାତୀ, କୁନି ବେହେରା ପ୍ରମୁଖ ପରିଚାଳନା କରିଥିଲେ।



ସାରଳା ଭବନରେ ସାରଳା ସାହିତ୍ୟ ସଂସଦ ପକ୍ଷରୁ ସାରସ୍ୱତ ସାଧକ ପ୍ରଫେସର ଶ୍ରୀଧର ଦାସଙ୍କ ଶ୍ରାଦ୍ଧୋତ୍ସବରେ ଉପସ୍ଥିତ ଅତିଥିମାନେ ଡ. ଜ୍ଞାନୀ ଦେବାଶିଷ ମିଶ୍ରଙ୍କୁ ଶ୍ରୀଧର ଦାସ ସାରସ୍ୱତ ସମ୍ମାନରେ ସମ୍ମାନିତ କରୁଛନ୍ତି।

# 'ଲେଖକ ସୃଷ୍ଟି କରିବାରେ ଶ୍ରୀଧର ଥିଲେ ଅଗ୍ରଗଣ୍ୟ'

କଟକ ଅଫିସ,୨୪।୪

- ସାରସ୍ୱତ ସାଧକ ଶ୍ରୀଧର ଦାସଙ୍କ ଶ୍ରାଦ୍ଧୋତ୍ସବ
- ଡ. ଜ୍ଞାନୀ ଦେବାଶିଷ ମିଶ୍ର ପାଇଲେ ଶ୍ରୀଧର ଦାସ ସାରସ୍ୱତ ସମ୍ମାନ

ସାରଳା ସାହିତ୍ୟ ସଂସଦ ପକ୍ଷରୁ ସାରସ୍ୱତ ସାଧକ ପ୍ରଫେସର ଶ୍ରୀଧର ଦାସଙ୍କ ଶ୍ରାଦ୍ଧୋତ୍ସବ ଓ ସମ୍ମାନ ପ୍ରଦାନ ସମାରୋହ ସାରଳା ଭବନଠାରେ ସୋମବାର ଅନୁଷ୍ଠିତ ହୋଇଯାଇଛି। ସଂସଦର ପ୍ରତିଷ୍ଠାତା ଓ ସଭାପତି ଡ. ଇଂ ପ୍ରଭାକର ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ମୁଖ୍ୟ ଅତିଥି ଭାବେ ପୂର୍ବତନ ମୁଖ୍ୟ ଶାସନ ସଚିବ ସହଦେବ ସାହୁ ଯୋଗଦେଇ କହିଥିଲେ, ଅଧ୍ୟାପନା ଓ ସାରସ୍ୱତ ସୃଷ୍ଟି ସହିତ ନୂତନ ଲେଖକ ସୃଷ୍ଟି କରିବାରେ ପ୍ରଫେସର ଶ୍ରୀଧର ଦାସ ଥିଲେ ଅଗ୍ରଗଣ୍ୟ। ତାଙ୍କ ରଚିତ ସର୍ବସାର ବ୍ୟାକରଣ ଓଡ଼ିଆ ସାହିତ୍ୟର ଏକ ଅମୂଲ୍ୟ ସଂପଦ। ମୁଖ୍ୟ ବକ୍ତା ଡ. ହେମେନ୍ଦ୍ର ନାରାୟଣ ଦାସ ସ୍ମାରକୀ ବକ୍ତୃତା ପ୍ରଦାନ କରି କହିଲେ, ୧୩୦ରୁ ଊର୍ଦ୍ଧ୍ୱ ପୁସ୍ତକ ରଚନା କରି ଓଡ଼ିଆ ସାହିତ୍ୟର ଜଣେ ସଫଳ ସ୍ରଷ୍ଟା ଭାବେ ପ୍ରଫେସର ଦାସ ସୁଖ୍ୟାତି ଅର୍ଜନ କରିଥିଲେ। ଓଡ଼ିଆ ସମାଲୋଚନା ସାହିତ୍ୟକୁ ମାର୍ମିକ ରୂପ ଦେବାରେ ପ୍ରଫେସର ଦାସଙ୍କ ଭୂମିକା ଉଲ୍ଲେଖନୀୟ। ସଭାପତି ଇଂ ସ୍ୱାଇଁ କହିଲେ, ପ୍ରଫେସର ଦାସଙ୍କ ଆତ୍ମଜୀବନୀ ସୁଅ ମୁହଁରେ ପତର ତତ୍କାଳୀନ ଓଡ଼ିଆ ସାହିତ୍ୟ, ସଂସ୍କୃତି, ଶିକ୍ଷା ଓ ସମାଜର ଏକ ଐତିହାସିକ ଦସ୍ତାବିଜ। ସେ ଥିଲେ ଜଣେ ପ୍ରଥିତଯଶା ଶିକ୍ଷାବିତ୍ ଓ ଭାଷାବିତ୍। ଏହି ଅବସରରେ ରେଭେନଶା ବିଶ୍ୱବିଦ୍ୟାଳୟ ଓଡ଼ିଆ ଭାଷା ସାହିତ୍ୟ ବିଭାଗର ମୁଖ୍ୟ ଅଧ୍ୟାପକ ଡ. ଜ୍ଞାନୀ ଦେବାଶିଷ ମିଶ୍ରଙ୍କୁ ଚଳିତ ବର୍ଷର ମର୍ଯ୍ୟାଦାଜନକ ଶ୍ରୀଧର ଦାସ ସାରସ୍ୱତ ସମ୍ମାନ ପ୍ରଦାନ କରାଯାଇଥିଲା। ଏଥିସହ ଡ. ରବିନାରାୟଣ ମହାରଣାଙ୍କ ରଚିତ ପିଲାଙ୍କ ଶ୍ରୀଧର ଦାସ ଏବଂ ସୋମା ଦାସଙ୍କ ରଚିତ ଜେଜେଙ୍କ ଚଷମା ପୁସ୍ତକ ଉନ୍ମୋଚିତ ହୋଇଥିଲା। ନାଟ୍ୟକାର ସଞ୍ଜିତ ପଟ୍ଟନାୟକ ସ୍ୱାଗତ ଭାଷଣ ଓ ବିଭୁ ପ୍ରସାଦ ରାଉତ ମାନପତ୍ର ପାଠ କରିଥିଲେ। ପ୍ରଫେସର ଶ୍ରୀଧର ଦାସଙ୍କ ପୁତ୍ର ଇଂ ରଘୁନାଥ ପ୍ରସାଦ ଦାସ ଏବଂ ପୁତ୍ରବଧୂ ପ୍ରମୋଦା ଦାସ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଅଶୋକ ପଟ୍ଟନାୟକ, ଅଧ୍ୟାପିକା ତୃପ୍ତି ମହାନ୍ତି, ବ୍ରଜକିଶୋର ବେଉରା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ୬ ଲେନ୍ ରାସ୍ତା ନେଇ ମୁଖ୍ୟମନ୍ତ୍ରୀଙ୍କୁ କୃତଜ୍ଞତା

କଟକ ଅଫିସ,୨୪।୪

ରାଜ୍ୟ କ୍ୟାବିନେଟର ଗୁରୁତ୍ୱପୂର୍ଣ୍ଣ ବୈଠକ ଶେଷ ହୋଇଛି। କ୍ୟାବିନେଟ ବୈଠକରେ ମୋଟ ୧୫ଟି ପ୍ରସ୍ତାବକୁ ମଞ୍ଜୁରୀ ମିଳିଛି । ଏଥିମଧ୍ୟରେ କଟକ ରିଂ ରୋଡ ୬ ଲେନ ବିଶିଷ୍ଟ କରିବାକୁ କ୍ୟାବିନେଟ ନିଷ୍ପତ୍ତି ନେଇଥିବାବେଳେ ଖାନନଗରଠାରୁ ଲିଙ୍କ ରୋଡ୍ ପର୍ଯ୍ୟନ୍ତ ୬ଲେନ ହେବ ବୋଲି ସୂଚନା ଦିଆଯାଇଛି। ରିଂ ରୋଡ୍ ହେବାକୁ ଥିବା ୬ ଲେନ ପାଇଁ ୧୨୧ କୋଟି ୬୫ ଲକ୍ଷ ଟଙ୍କା ଖର୍ଚ୍ଚ ହେବ। ୨୪ ମାସ ମଧ୍ୟରେ କାର୍ଯ୍ୟ ଶେଷ କରିବାକୁ କ୍ୟାବିନେଟ ନିଷ୍ପତ୍ତି ନେଇଛି। ଏଥିପାଇଁ ଜିଲା ବିଜେଡି ପକ୍ଷରୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ କୃତଜ୍ଞତା ଜ୍ଞାପନ କରାଯାଇଛି। ଏ ନେଇ ସୋମବାର ସର୍କିଟ ହାଉସରେ ଜିଲା ବିଜେଡି ପକ୍ଷରୁ ଏକ ଖବରଦାତା ସମ୍ମିଳନୀ କରାଯାଇ ମୁଖ୍ୟମନ୍ତ୍ରୀଙ୍କୁ ସାଧୁବାଦ ଦିଆଯାଇଥିଲା। ଏଥିରେ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ, ମେୟର ସୁବାସ ସିଂ, ବିଧାୟକ ସୌଭିକ ବିଶ୍ୱାଳଙ୍କ ଦଳୀୟ କର୍ମୀମାନେ ଉପସ୍ଥିତ ଥିଲେ।

## ଶିରିଡ଼ି ସାଇ ମନ୍ଦିର ପ୍ରତିଷ୍ଠା ଉତ୍ସବ

କଟକ ସଦର,୨୪।୪(ଡି.ଏନ.ଏ.)

କଟକ-ପାରାଦୀପ ରାସ୍ତାପାର୍ଶ୍ୱ ସୋମପୁରଠାରେ ରବିବାର ନବନିର୍ମିତ ଶିରିଡ଼ି ସାଇ ମନ୍ଦିରର ପ୍ରତିଷ୍ଠା ସହ ବିଗ୍ରହ ସ୍ଥାପନ କରାଯାଇଥିଲା। ଶିରିଡ଼ିରୁ ବାବାଙ୍କ ପୂଜକ ଚନ୍ଦ୍ରକାନ୍ତ ଗୋରକର ଓ ପଣ୍ଡିତ ଚିତ୍ତରଞ୍ଜନ ମିଶ୍ର ସମେତ ୧୨ଜଣ ପଣ୍ଡିତ ପ୍ରତିଷ୍ଠାରେ ଅଂଶଗ୍ରହଣ କରିଥିଲେ। ଏହି କାର୍ଯ୍ୟକ୍ରମ ଦେଖିବା ପାଇଁ କଟକ ସଦର ଓ ବିରିଡ଼ି ଅଞ୍ଚଳର ବହୁ ସାଇ ପ୍ରେମୀ ଯୋଗଦେଇଥିଲେ। ଏହି ପରିପ୍ରେକ୍ଷୀରେ ୨୦ ତାରିଖରୁ ଆରମ୍ଭ ହୋଇଥିବା ଯଜ୍ଞର ପୂର୍ଣ୍ଣାହୁତି ଦିଆଯାଇଥିଲା।

## 'ମାନବସେବାର ବିରଳ ବ୍ୟକ୍ତିତ୍ୱ ଭାଗୁବାବୁ'

କଟକ ଅଫିସ,୨୪।୪

**ସ୍ୱାଧୀନତା ସଂଗ୍ରାମୀ ଭାଗୀରଥି ମହାପାତ୍ରଙ୍କ ଜୟନ୍ତୀ**

ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ, ପୂର୍ବତନ ଏମ୍‌ପି ତଥା କଟକ ପୌର ପରିଷଦର ପ୍ରଥମ ଅଧ୍ୟକ୍ଷ ଭାଗୀରଥି ମହାପାତ୍ରଙ୍କ ୧୩୧ତମ ଜୟନ୍ତୀ ସ୍ୱରାଜ ଆଶ୍ରମଠାରେ ସୋମବାର ପାଳିତ ହୋଇଯାଇଛି। ଇଂ ପ୍ରଭାକର ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ଭାବେ ରାଜ୍ୟ ଖାଉଟି କମିଶନର ଅଧ୍ୟକ୍ଷ ଜଷ୍ଟିସ ଡ. ଦୁର୍ଗାପ୍ରସନ୍ନ ଚୌଧୁରୀ ଯୋଗଦେଇ କହିଲେ, ଦେଶସେବାରେ ଭାଗୀରଥି ବାବୁଙ୍କ ତ୍ୟାଗ ଓ ତିତିକ୍ଷାର ପଟାନ୍ତର ନାହିଁ। ମାନବସେବାର ବିରଳ ବ୍ୟକ୍ତିତ୍ୱ ଥିଲେ ଭାଗୁବାବୁ। ତତ୍କାଳୀନ ରାଜନୈତିକ ସ୍ଥିତିରେ ନେତାଜୀ ସୁଭାଷ, ପଣ୍ଡିତ ଗୋପବନ୍ଧୁ ଓ ଆଚାର୍ଯ୍ୟ ହରିହରଙ୍କ ସମେତ ଜାତୀୟସ୍ତରର ନେତା ମହାତ୍ମା ଗାନ୍ଧୀ, ଡ. ବି ଆର ଆମ୍ବେଡକର, ପଣ୍ଡିତ ଜବାହରଲାଲ ନେହେରୁ ଓ ଦୁର୍ଗାବାଇ ଦେଶମୁଖଙ୍କ ସହ ଘନିଷ୍ଠ ସମ୍ପର୍କ ତାଙ୍କ ବଳିଷ୍ଠ ବ୍ୟକ୍ତିତ୍ୱର ପରିଚୟ ଦିଏ। ସମ୍ମାନିତ ଅତିଥି କେନ୍ଦ୍ରୀୟ ଗାନ୍ଧୀ ସ୍ମାରକନିଧିର ସମ୍ପାଦକ ଡ. ବିଶ୍ୱଜିତ୍ କହିଲେ, ମହାତ୍ମା ଗାନ୍ଧୀଙ୍କ ଓଡ଼ିଶା ଗସ୍ତବେଳେ ଭାଗୁବାବୁ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ଏପରିକି ସେ ନିଜ ପୈତୃକ ସମ୍ପତ୍ତିକୁ ବିକି ଦେଶସେବାରେ ଲଗାଇଥିଲେ। ଅନ୍ୟତମ ସମ୍ମାନିତ ଅତିଥି ଆଡଭୋକେଟ ଶଶୀଭୂଷଣ ଦାସ ଭାଗୀରଥି ବାବୁଙ୍କ ତ୍ୟାଗପୂତ ଜୀବନ ସମ୍ପର୍କରେ କହିଥିଲେ। ଏହି ଅବସରରେ ସଖାର ପ୍ରତିଷ୍ଠାତା କବିତା ମହାପାତ୍ରଙ୍କୁ ଭାଗୀରଥି ମହାପାତ୍ର ସ୍ମୃତି ସମ୍ମାନ, ହ୍ୟୁମାନିଟି ଟୁ ହେଲ୍ପ ଚାରିଟେବୁଲ ଟ୍ରଷ୍ଟକୁ ଭାଗୀରଥି ମହାପାତ୍ର ସେବା ସମ୍ମାନ ଓ ଆଡଭୋକେଟ ମନୋଜ ପଣ୍ଡାଙ୍କୁ ବିଶେଷ ଶ୍ରୋତା ସମ୍ମାନ ଦିଆଯାଇଥିଲା। ସସ୍ମିତା ପଟ୍ଟନାୟକ ଓ ଗୀତାଞ୍ଜଳି ବେଉରା ମାନପତ୍ର ପାଠ କରିଥିଲେ। ସରଳାଦେବୀ-ଭାଗୀରଥି ମହାପାତ୍ର ଟ୍ରଷ୍ଟର ମାନେଜିଂ ଟ୍ରଷ୍ଟି ଲକ୍ଷ୍ମୀ ପ୍ରକାଶ ମହାପାତ୍ର ବିବରଣୀ ପାଠ ଓ ବିଶ୍ୱଜିତ ସୂର୍ଯ୍ୟବଂଶୀ ସ୍ୱାଗତ ଭାଷଣ ଦେଇଥିଲେ। ଟ୍ରଷ୍ଟ ସଭାପତି ଆଡଭୋକେଟ ନିରଞ୍ଜନ ପଣ୍ଡା ଧନ୍ୟବାଦ ଦେଇଥିଲେ। ସଙ୍ଗୀତା ପ୍ରଧାନ, ନୂପୁର ଦତ୍ତ, ବିଜ୍ଞାନ ଦାସ, ବିଭୁପ୍ରସନ୍ନ ମହାପାତ୍ର, ଦେବୀ ପ୍ରସନ୍ନ ମହାପାତ୍ର, ଭରତ ମିଶ୍ର ଓ ଅକ୍ଷୟ ବେହେରା ପ୍ରମୁଖ ସହଯୋଗ କରିଥିଲେ।

## ସ୍କ୍ରାପ ଚୋରିରେ ଜଣେ ଶ୍ରମିକ ଗିରଫ

ମଙ୍ଗୁଳି-ଜଗତପୁର,୨୪।୪(ଡି.ଏନ୍.ଏ.)

ସ୍କ୍ରାପ ଚୋରି ଅଭିଯୋଗରେ ଜଣେ ଶ୍ରମିକଙ୍କୁ ଜଗତପୁର ପୋଲିସ ଗିରଫ କରି ସୋମବାର କୋର୍ଟଚାଲାଣ କରିଛି। ସେ ହେଲେ ଜଗତ୍‌ସିଂପୁର ଜିଲା ବାଲିକୁଦା ଥାନା ଅଧୀନ ଉମେଶ ସ୍ୱାଇଁ। ପୋଲିସ ସୂଚନା ମୁତାବକ, ଜଗତପୁର ଅଞ୍ଚଳର ଜଣେ କଣ୍ଟ୍ରାକ୍ଟର ସୁବ୍ରତ କୁମାର ଦାସଙ୍କ ପାଖରେ ଶ୍ରମିକ ଭାବେ କାମ କରନ୍ତି। ସେଥିପାଇଁ ସୁବ୍ରତ ବେଳେ ବେଳେ ଉମେଶଙ୍କୁ ବାଦାମବାଡ଼ି ଥାନା ଅଧୀନ ପଶୁପତି କମ୍ପାନୀକୁ କୌଣସି ସାମଗ୍ରୀ ଆଣିବା ପାଇଁ ପଠାଇଥାନ୍ତି। ଗୁରୁବାର ଅପରାହ୍ନରେ ଉମେଶ କମ୍ପାନୀକୁ ସ୍କ୍ରାପ ଆଣିବା ପାଇଁ ଯାଇ କିଛି ସ୍କ୍ରାପ ସାମଗ୍ରୀ କମ୍ପାନୀ ପାଚେରି ସେପଟକୁ ଫିଙ୍ଗି ଦେଇଥିଲେ । କମ୍ପାନୀର ଅନ୍ୟ ଜଣେ ଶ୍ରମିକ ସ୍କ୍ରାପ ଫିଙ୍ଗୁଥିବାର ଦେଖି ପାଟି କରିବାରୁ ସେ ସେଠାରୁ ଦୌଡ଼ି ପଳେଇବାରେ ସକ୍ଷମ ହୋଇଥିଲା। ଏ ନେଇ କମ୍ପାନୀ ମ୍ୟାନେଜର ସାଶ୍ୱତ ସାହୁ ଥାନାର ଦ୍ୱାରସ୍ଥ ହୋଇଥିଲେ। ଅଭିଯୋଗକ୍ରମେ ପୋଲିସ ଏକ ମାମଲା (ନଂ୧୮୩/୨୩)ରୁଜୁ କରି ତଦନ୍ତ କରି ଅଭିଯୁକ୍ତଙ୍କୁ ଗିରଫ କରିଥିଲା।



ସ୍ୱାଧୀନତା ସଂଗ୍ରାମୀ ଭାଗୀରଥି ମହାପାତ୍ରଙ୍କ ଜୟନ୍ତୀ ଉତ୍ସବରେ ସମାଜସେବୀ କବିତା ମହାପାତ୍ରଙ୍କୁ ଅତିଥିମାନେ ସମ୍ବର୍ଦ୍ଧିତ କରୁଛନ୍ତି।

# ହିନ୍ଦୁ ସୁରକ୍ଷା ମଞ୍ଚ ପକ୍ଷରୁ ରାଜ୍ୟପାଳଙ୍କୁ ଦାବିପତ୍ର

କଣ୍ଟାପଡା,୨୪।୪(ଡି.ଏନ୍.ଏ.)

ଗତ ହନୁମାନ ଜୟନ୍ତୀରେ ସମ୍ବଲପୁର ସହରରେ ହନୁମାନ ଜନ୍ମୋତ୍ସବ ପାଳନ ବେଳେ ଏକ ନିର୍ଦ୍ଦିଷ୍ଟ ଗୋଷ୍ଠୀ ପକ୍ଷରୁ ଆକ୍ରମଣ କରାଯିବା ଓ ଏଥିରେ ଜଣେ ବ୍ୟକ୍ତିଙ୍କୁ ହତ୍ୟା କରାଯିବା ପ୍ରତିବାଦରେ ହିନ୍ଦୁ ସୁରକ୍ଷା ମଞ୍ଚ ପକ୍ଷରୁ କଣ୍ଟାପଡା ତହସିଲ ସମ୍ମୁଖରେ ସୋମବାର ୨ ଘଣ୍ଟିଆ ପ୍ରତିବାଦ ସଭା ଓ ଧାରଣା ଦିଆଯାଇଥିଲା। ଏଥିସହ ସରକାରଙ୍କ ପକ୍ଷରୁ କାର୍ଯ୍ୟାନୁଷ୍ଠାନ ନିଆଯିବା ପାଇଁ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ କରାଯାଇଛି। କଟକ ଜିଲା ହିନ୍ଦୁ ସୁରକ୍ଷା ମଞ୍ଚର ଆବାହକ ମାନସ ରଞ୍ଜନ ପଣ୍ଡାଙ୍କ ଅଧ୍ୟକ୍ଷତାରେ ତହସିଲ ସମ୍ମୁଖରେ ଧାରଣା ଦିଆଯାଇଥିଲା। ରାଜ୍ୟରେ ଏଭଳି ଘଟଣା ବାରମ୍ବାର ଘଟୁଥିବାରୁ ରାଜ୍ୟ ସରକାର ଏଥିରେ ହସ୍ତକ୍ଷେପ କରି ସମ୍ପୃକ୍ତ ଗୋଷ୍ଠୀ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବାକୁ ଉପସ୍ଥିତ କର୍ମୀମାନେ କହିଥିଲେ। ଏଥିରେ ସୁଶାନ୍ତ ମଲ୍ଲିକ, ପ୍ରଶାନ୍ତ ବେହେରା, ବେଣୁଧର ବେହେରା, ଲୋକନାଥ ବେହେରା, କିଶୋର ରାଉତରାୟ, ସୌଭାଗ୍ୟ ଦାସ, ବାବୁଲି ବେହେରାଙ୍କ ସମେତ ବହୁ କର୍ମୀ ଯୋଗଦେଇଥିଲେ। ପରେ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ତହସିଲର ବରିଷ୍ଠ କିରାଣି ଶିଶିର ସାଶମଲଙ୍କୁ ପ୍ରଦାନ କରାଯାଇଥିଲା।




ସମ୍ବଲପୁର ହନୁମାନ ଜୟନ୍ତୀ ଉତ୍ସବରେ ହୋଇଥିବା ଆକ୍ରମଣ ପ୍ରତିବାଦରେ ହିନ୍ଦୁ ସମାଜ ପକ୍ଷରୁ ସୋମବାର କଟକ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି।

# ପିପୁଲ ପଦ୍ମଜା ପ୍ରାଇଡ୍ ହୋଟେଲ ସିଲ୍

କଟକ ଅଫିସ,୨୪।୪

- ବିନା ଟ୍ରେଡ୍ ଲାଇସେନ୍ସରେ ଚାଲିଥିଲା
- କିଛିଦିନ ତଳେ ବଳାତ୍କାରର ଶିକାର ହୋଇଥିଲେ ଆଇନ ଛାତ୍ରୀ

କଟକ ମହାନଗର ନିଗମ(ସିଏମ୍‌ସି) ପକ୍ଷରୁ ମଧୁପାଟଣାସ୍ଥିତ ହୋଟେଲ ପିପୁଲ ପଦ୍ମଜା ପ୍ରାଇଡକୁ ସୋମବାର ସିଲ୍ କରାଯାଇଛି। ସିଏମସିର ଏକ ସ୍ୱତନ୍ତ୍ର ଟିମ୍ ଉକ୍ତ ହୋଟେଲ ଉପରେ ଚଢ଼ାଉ କରି ଆବଶ୍ୟକ କାଗଜପତ୍ର ଯାଞ୍ଚ କରିଥିଲେ। ତେବେ ଏହି ହୋଟେଲ ଟ୍ରେଡ ଲାଇସେନ୍ସ ନ ଥାଇ ଚାଲିଥିଲା । ଦୀର୍ଘଦିନ ଧରି ୟୁଜର୍ସ ଫି ମଧ୍ୟ ପୈଠ କରାଯାଇନାହିଁ। ସିଏମ୍‌ସିର ପ୍ଲାନିଂ ଅନୁଯାୟୀ ହୋଟେଲ କରାଯାଇ ନ ଥିବା ଯାଞ୍ଚ ସମୟରେ ଜଣାପଡିବାରୁ ହୋଟେଲକୁ ସିଲ କରାଯିବା ସହ ୮ ହଜାର ଟଙ୍କା ଫାଇନ୍ କରାଯାଇଛି।

କିଛିଦିନ ପୂର୍ବରୁ ହୋଟେଲରେ ଘଟିଥିବା ଏକ ବଳାତ୍କାର ଘଟଣାକୁ କେନ୍ଦ୍ର କରି ସୋମବର ଅଚାନକ ଏଠାରେ ସିଏମ୍‌ସି ପକ୍ଷରୁ ଚଢ଼ାଉ କରାଯାଇଥିଲା। ସିଏମ୍‌ସି ପକ୍ଷରୁ ସ୍ୱାସ୍ଥ୍ୟ ବିଭାଗ, ପ୍ଲାନିଂ ବିଭାଗ, ଲାଇସେନ୍ସ ବିଭାଗ ଏବଂ ଏନଫୋର୍ସମେଣ୍ଟ ବିଭାଗ ମିଳିତ ଭାବେ ଏକ ଟିମ ଉକ୍ତ ହୋଟେଲରେ ଯାଞ୍ଚ କରିଥିଲେ। ହୋଟେଲ ଆବଶ୍ୟକ କାଗଜ ପତ୍ର ଦେଖାଇ ନ ପାରିବାରୁ ଅନିର୍ଦ୍ଦିଷ୍ଟ ସମୟ ପର୍ଯ୍ୟନ୍ତ ବନ୍ଦ ରଖିବାକୁ କୁହାଯାଇଛି। ସିଏମ୍‌ସି ନିକଟରେ ସମସ୍ତ ଆବଶ୍ୟକ କାଗଜପତ୍ର ଦାଖଲ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ହୋଟେଲର ରେଷ୍ଟୁରାଣ୍ଟକୁ ବନ୍ଦ କରିଦିଆଯାଇଥିବାବେଳେ ଅନ୍ୟ କୌଣସି ବ୍ୟକ୍ତିଙ୍କୁ ହୋଟେଲ ପ୍ରବେଶ ନ କରିବାକୁ କୁହାଯାଇଛି। ଏଥିନିମନ୍ତେ ମଙ୍ଗଳବାର ସୁଦ୍ଧା ହୋଟେଲକୁ ଖାଲି କରିବାକୁ କୁହାଯାଇଛି। ଏହି ଅବସରରେ ସିଏମ୍‌ସି ଡେପୁଟି କମିଶନର ଅଜୟ ମହାନ୍ତି, ସ୍ୱାସ୍ଥ୍ୟ ଅଧିକାରୀ ଡା. ସତ୍ୟବ୍ରତ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ସୂଚନାଥାଉକି,କିଛିଦିନ ତଳେ ସହପାଠୀଙ୍କ ଜନ୍ମଦିନ ପାଳିବା ପାଇଁ ଯାଇଥିବା ବେଳେ ଜଣେ ଆଇନ ଛାତ୍ରୀ ବଳାତ୍କାରର ଶିକାର ହୋଇଥିଲେ। ରାତିରେ ହୋଟେଲ ରୁମ ଖୋଲାଥିବାର ସୁଯୋଗ ନେଇ ହୋଟେଲ ମ୍ୟାନେଜର ସମ୍ପୃକ୍ତ ଛାତ୍ରୀଙ୍କୁ ବଳାତ୍କାର କରିଥିବା ଅଭିଯୋଗ ହୋଇଥିଲା। ଏ ନେଇ ମଧୁପାଟଣା ଥାନା ପୋଲିସ ତଦନ୍ତ କରି ଉକ୍ତ ମ୍ୟାନେଜରଙ୍କୁ ଗିରଫ କରିଥିଲା।

## ସଂକ୍ଷେପରେ

### ବିଦ୍ୟାଳୟ ଛୁଟି ତାଲିକା ପରିବର୍ତ୍ତନ ଦାବି

ଭୁବନେଶ୍ୱର,୨୪।୪(ବ୍ୟୁରୋ): ବିଭିନ୍ନ ସରକାରୀ ଉଚ୍ଚ ବିଦ୍ୟାଳୟରେ କାର୍ଯ୍ୟରତ ଶିକ୍ଷୟିତ୍ରୀଶିକ୍ଷକଙ୍କ ଛୁଟିକୁ ବିଭିନ୍ନ ଆଳରେ କାଟ କରାଯାଉଥିବା ନୂତନ ପେନ୍‌ସନ ଯୋଜନାଭୁକ୍ତ ମାଧମିକ ଶିକ୍ଷକ ସଂଘ ଅଭିଯୋଗ କରିଛି। ଏଥିସହ ମାଧମିକ ଶିକ୍ଷା ନିର୍ଦ୍ଦେଶାଳୟ ଏହି ଛୁଟି ତାଲିକା ପରିବର୍ତ୍ତନ କରିବା ପାଇଁ ସଂଘ ପକ୍ଷରୁ ଦାବି କରାଯାଇଛି। ସରକାର ଶିକ୍ଷୟିତ୍ରୀଶିକ୍ଷକଙ୍କୁ ୮୨ ଦିନ ଛୁଟି ପ୍ରଦାନ କରୁଛନ୍ତି ବୋଲି ବାର୍ଷିକ ଛୁଟି କ୍ୟାଲେଣ୍ଡରରେ ପ୍ରକାଶ କରୁଛନ୍ତି। ତାହା ମଧ୍ୟରେ ୮ଦିନ ବିଦ୍ୟାଳୟରେ ରହିବାକୁ ପଡିଥାଏ। ଗୁରୁଦିବସ, ଗଣେଶ ପୂଜା, ସରସ୍ୱତୀ ପୂଜା ଆଦିକୁ ସରକାର ଛୁଟି ତାଲିକାରେ ସ୍ଥାନିତ କରିଛନ୍ତି। କିନ୍ତୁ ବାସ୍ତବରେ ଶିକ୍ଷୟିତ୍ରୀଶିକ୍ଷକମାନେ ଉକ୍ତଦିନ ବିଦ୍ୟାଳୟ ଯାଇଥାନ୍ତି ଏବଂ ସମସ୍ତ କାର୍ଯ୍ୟ ସହ ମଧାହ୍ନ ଭୋଜନ ମଧ ଦିଆଯାଇଥାଏ। ସେହି ପାଳନ ଦିବସଗୁଡିକ କିପରି ଛୁଟି ଦିନ ହେଲା ବୋଲି ସଂଘ ପକ୍ଷରୁ ସରକାରଙ୍କୁ ପ୍ରଶ୍ନ କରିଛନ୍ତି ସଂଘ ସଭାପତି ପ୍ରଦୀପ୍ତ କୁମାର ପ୍ରଧାନ। ଏହାବ୍ୟତୀତ ସରକାର ବିଭିନ୍ନ ରବିବାରରେ ନାନାଦି ପ୍ରକାର ତାଲିମ୍, ପରୀକ୍ଷା କରି ଶିକ୍ଷୟିତ୍ରୀଶିକ୍ଷକଙ୍କୁ ନିୟୋଜିତ କରୁଛନ୍ତି। ବିଦ୍ୟାଳୟଗୁଡ଼ିକରେ ଅଧିକାଂଶ ସମୟରେ ଛୁଟି ଦିବସରେ ନାନାଦି କାର୍ଯ୍ୟକ୍ରମ ସହ ବିଦ୍ୟାଳୟର କାର୍ଯ୍ୟ କରିବାକୁ ପଡୁଥିବାରୁ ଶିକ୍ଷକମାନେ ଏକାଧିକ ଛୁଟି ହରାଉଛନ୍ତି। ଅନ୍ୟପଟେ ଖରା ଛୁଟିକୁ ଛୁଟିରେ ଗଣନା କରାଯାଉଥିଲେ ମଧ ନିକଟରେ ମୋ ସ୍କୁଲ ପକ୍ଷରୁ ସମସ୍ତ ଜିଲାର ଜିଲାପାଳଙ୍କୁ ଖରା ଛୁଟିରେ ଶିକ୍ଷୟିତ୍ରୀଶିକ୍ଷକମାନେ ରୋଷ୍ଟର ଡ୍ୟୁଟି କରିବେ ବୋଲି ବିଜ୍ଞପ୍ତି ପ୍ରକାଶ ପାଇଛି। ଏହାକୁ ନେଇ ଶିକ୍ଷୟିତ୍ରୀଶିକ୍ଷକଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ତେଣୁ ସରକାର ଛୁଟି ତାଲିକାକୁ ପରିବର୍ତ୍ତନ କରି ସ୍ପଷ୍ଟ ଛୁଟି ତାଲିକା ପ୍ରକାଶ କରନ୍ତୁ ବୋଲି ରାଜ୍ୟ ସଂଘ ସମ୍ପାଦକ ଅମରେନ୍ଦ୍ର ସ୍ୱାଇଁ, ମହାସଚିବ ବିଶ୍ୱଜିତ ବିଶ୍ୱାଳ, ମିଡ଼ିଆ ସମ୍ପାଦକ ଚନ୍ଦ୍ର କାନ୍ତ ପଣ୍ଡା, କୋଷାଧକ୍ଷ ପଞ୍ଚାନନ ଜେନା, ଆବାହକ ନିରୋଦ ରଥ ପ୍ରମୁଖ ଦାବି କରିଛନ୍ତି।

### ମନ୍ତ୍ରୀଙ୍କୁ ଭେଟିଲା ଓୟୁଟିଆର ପୁରାତନ ଛାତ୍ର ସଂଗଠନ

**ଏମ୍‌ସିଏ ପାଠ୍ୟକ୍ରମ ବନ୍ଦ ପ୍ରସ୍ତାବ ପ୍ରସଙ୍ଗ**

ଭୁବନେଶ୍ୱର,୨୪।୪(ବ୍ୟୁରୋ): ଓଡ଼ିଶା ୟୁନିଭର୍ସିଟି ଅଫ୍ ଟେକ୍ନୋଲୋଜି ଆଣ୍ଡ ରିସର୍ଚ୍ଚ(ଓୟୁଟିଆର)ରେ ପ୍ରଚଳିତ ଏମ୍‌ସିଏ ପାଠ୍ୟକ୍ରମ ବନ୍ଦ କରିବାକୁ କୁଳପତି ଏକାଡେମିକ୍ କାଉନସେଲିଂ ବୈଠକରେ ପ୍ରସ୍ତାବ ଦେଇଛନ୍ତି। ଏହାକୁ ଛାତ୍ରୀଛାତ୍ର ତଥା ପୁରାତନ ଛାତ୍ରୀଛାତ୍ର ତୀବ୍ର ବିରୋଧ କରିବା ସହ ସୋମବାର ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷାମନ୍ତ୍ରୀ ପ୍ରୀତିରଞ୍ଜନ ଘଡ଼େଇଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି। ପୁରାତନ ଛାତ୍ର ସଂଗଠନ ସଦସ୍ୟ ମନ୍ତ୍ରୀଙ୍କୁ ତାଙ୍କ ବାସଭବନରେ ସାକ୍ଷାତ କରି ଦାବିପତ୍ର ଦେବା ସହ ଆଲୋଚନା କରିଥିଲେ। ତେବେ ଉପଯୁକ୍ତ ପଦକ୍ଷେପ ଗ୍ରହଣ କରାଯିବ ବୋଲି ଆଲୋଚନା ପରେ ମନ୍ତ୍ରୀ ଘଡେଇ ଆଶ୍ୱାସନା ଦେଇଛନ୍ତି। ଏମ୍‌ସିଏ ପାଠ୍ୟକ୍ରମ ବନ୍ଦ କରିବାକୁ କୁଳପତି ଦେଇଥିବା ପ୍ରସ୍ତାବପତ୍ରରେ ଦର୍ଶାଇଥିବା ଯୁକ୍ତିଗୁଡ଼ିକ ଭିତ୍ତିହୀନ ବୋଲି ସଂଗଠନର ସଦସ୍ୟ ଦର୍ଶାଇଛନ୍ତି। ପାଠ୍ୟକ୍ରମରେ କେତୋଟି ସିଟ୍ ରହିଛି, ପ୍ରତିବର୍ଷ କେତେ ପିଲା ନାମ ଲେଖାଉଛନ୍ତି ଏବଂ ଛାତ୍ରୀଛାତ୍ର ନିଯୁକ୍ତି ହାର ସମ୍ପର୍କରେ କୁଳପତିଙ୍କ ନିକଟରେ ତଥ୍ୟ ନ ଥିବା ପୁରାତନ ଛାତ୍ର ମହେଶ ଜେନା, ଅରବିନ୍ଦ ପ୍ରହରାଜ ପ୍ରମୁଖ କହିଛନ୍ତି।

### ପୁରୁଣା ପେନ୍‌ସନ ଦାବିରେ ୨୬ରେ ଆନ୍ଦୋଳନ

**ସାମିଲ ହେବ ପିଷ୍ଟା**

ଭୁବନେଶ୍ୱର,୨୪।୪(ବ୍ୟୁରୋ): ପୁରୁଣା ପେନ୍‌ସନ ବ୍ୟବସ୍ଥା ପୁନଃ ପ୍ରଚଳନ ଦାବିରେ ଜାତୀୟ ଯୁଗ୍ମ କାର୍ଯ୍ୟକାରିଣୀ ପରିଷଦ ପକ୍ଷରୁ ଆନ୍ଦୋଳନର ଡ଼ାକରା ଦିଆଯାଇଛି। ଆସନ୍ତା ୨୬ ତାରିଖରେ ଲୋୟରେ ପିଏମଜିରେ ହେବାକୁ ଥିବା ଏହି ଆନ୍ଦୋଳନରେ ପ୍ରାଥମିକ ଶିକ୍ଷକମାନେ ମଧ ସାମିଲ ହେବେ। ଏ ନେଇ ପ୍ରାଥମିକ ଶିକ୍ଷକ ସଂଘ(ପିଷ୍ଟା)ର ସଭାପତି ବ୍ରହ୍ମାନନ୍ଦ ମହାରଣା ସୂଚନା ଦେଇଛନ୍ତି। କେନ୍ଦ୍ର ସରକାର ୨୦୦୪ରେ ଓ ରାଜ୍ୟ ସରକାର ୨୦୦୫ରେ ପୁରୁଣା ପେନସନ ବ୍ୟବସ୍ଥାକୁ ଉଚ୍ଛେଦ କରିଥିଲେ। ଫଳରେ ନୂତନ ପେନସନ ଯୋଜନାରେ ସରକାରୀ କର୍ମଚାରୀମାନେ ଅବସର ପରେ ୧୦୦୦ରୁ ୧୫୦୦ଟଙ୍କା ପେନସନ ପାଉଛନ୍ତି। ଏହା ଅବସରପ୍ରାପ୍ତ କର୍ମଚାରୀଙ୍କ ପାଇଁ ପର୍ଯ୍ୟାପ୍ତ ନୁହେଁ ବୋଲି ସଂଘ ପକ୍ଷରୁ କୁହାଯାଇଛି। ତେଣୁ ଏହି ପେନସନ ବ୍ୟବସ୍ଥା ଉଚ୍ଛେଦ କରି ପୁରୁଣା ପେନସନ ବ୍ୟବସ୍ଥା ଲାଗୁ କରିବା ପାଇଁ ପ୍ରାଥମିକ ଶିକ୍ଷକ ସଂଘର ସାଧାରଣ ସମ୍ପାଦକ ବିଭୁପ୍ରସାଦ ସାହୁ କହିଛନ୍ତି।

# ଦାରୁଦିଅଁଙ୍କ ପାଇଁ ରଥ ନିର୍ମାଣ ଆରମ୍ଭ

**ପ୍ରଥମ ଦିନରେ ଚିରଟ ହେଲା ୩ ତୁମ୍ବ**

ରଥଖଳାରୁ...

ପୁରୀ ଅଫିସ, ୨୪।୪

ଆସନ୍ତା ଜୁନ୍ ୨୦ରେ ଘୋଷଯାତ୍ରା। ଶ୍ରୀକ୍ଷେତ୍ରରେ ମହାପ୍ରଭୁଙ୍କ ବିଶ୍ୱପ୍ରସିଦ୍ଧ ଘୋଷଯାତ୍ରା ପାଇଁ ରଥ ନିର୍ମାଣ ଶୁଭାରମ୍ଭ ହୋଇଛି। ରବିବାର ପବିତ୍ର ଅକ୍ଷୟ ତୃତୀୟାରେ ରଥ କାମ ଅନୁକୂଳ ହେବା ପରେ ସୋମବାରଠାରୁ ଶ୍ରୀନଅର ସମ୍ମୁଖ ଅସ୍ଥାୟୀ ରଥଖଳାରେ ବିଧିବଦ୍ଧ ଭାବେ ରଥ ନିର୍ମାଣ ଆରମ୍ଭ ହୋଇଛି। ପରମ୍ପରା ଅନୁଯାୟୀ, ପ୍ରଥମ ଦିନରେ ତିନିରଥର ତୁମ୍ବ କାର୍ଯ୍ୟ ଆରମ୍ଭ କରାଯାଇଛି। ତିନିରଥର ମୁଖ୍ୟ ବିଶ୍ୱକର୍ମା ମହାରଣାଙ୍କ ନିର୍ଦ୍ଦେଶ ଅନୁଯାୟୀ, ପ୍ରାଥମିକ ପର୍ଯ୍ୟାୟରେ ରଥ ଚକ ପାଇଁ ତୁମ୍ବ ନିର୍ମାଣ କାର୍ଯ୍ୟ ଜାରି ରହିଛି। ତିନିରଥ ନିମନ୍ତେ ମୋଟ ୪୨ଟି ତୁମ୍ବ ନିର୍ମାଣ ହେବ। ପ୍ରଥମ ଦିନରେ ରଥଖଳାରେ ତିନିରଥର ମୁଖ୍ୟ ମହାରଣାଙ୍କ ସମେତ ଭୋଇ ସେବକ, କରତି ସେବକଙ୍କ ଉପସ୍ଥିତିରେ ତୁମ୍ବ ପାଇଁ ଆବଶ୍ୟକ ଫାସିକାଠରେ ଚିହ୍ନ ଦିଆଯାଇଥିଲା। ପରେ କରତି ସେବକମାନେ ତିନିରଥ ପାଇଁ ଉଦ୍ଦିଷ୍ଟ ଫାସିକାଠକୁ ମାପ ପ୍ରକାରେ ଗଡ଼ କରି ତାଳଧ୍ୱଜ ଚାଳି, ଦର୍ପଦଳନ ଚାଳି ଏବଂ ନନ୍ଦିଘୋଷ ଚାଳିକୁ ଦୁଇଟି ଲେଖାଏ ତୁମ୍ବ ଯୋଗାଇଥିଲେ। ଏହାପରେ ତିନିରଥର ମହାରଣା ତୁମ୍ବ ଗଡ଼ରେ ଘେରମାପ ଚିହ୍ନ ଦେବା ପରେ ମହାରଣାମାନେ ତୁମ୍ବଗଡ଼କୁ ବାରିସିରେ ହାଣି ତିନିରଥ ଲାଗି ଗୋଟିଏ ଲେଖାଏ ତୁମ୍ବ ନିର୍ମାଣ କରିଛନ୍ତି। ସେହିପରି କମାର ସେବକମାନେ ଦୋଳବେଦିଠାରେ ଅସ୍ଥାୟୀ କମାରଶାଳ ପ୍ରସ୍ତୁତ ସହ ପୂଜାର୍ଚ୍ଚନା ସାରିଛନ୍ତି। ଏଠାରେ ତିନିରଥ ପାଇଁ ଆବଶ୍ୟକ କଣ୍ଟା ତିଆରି କରାଯିବ। ତିନିରଥ ପାଇଁ ୪୨ ତୁମ୍ବ ଆବଶ୍ୟକ। ତନ୍ମଧ୍ୟରୁ ପ୍ରଭୁ ବଳଭଦ୍ରଙ୍କ ତାଳଧ୍ୱଜ ରଥ ପାଇଁ ୧୪, ମା' ସୁଭଦ୍ରାଙ୍କ ଦେବଦଳନ ରଥ ନିମନ୍ତେ ୧୨ ଏବଂ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନନ୍ଦିଘୋଷ ରଥ ସକାଶେ ୧୬ଟି ତୁମ୍ବ ନିର୍ମାଣ କରାଯିବ। ଶ୍ରୀଜଗନ୍ନାଥ ଏବଂ ବଳଭଦ୍ରଙ୍କ ରଥର ତୁମ୍ବ ସାଇଜ ୨ ଫୁଟ ୮ ଇଞ୍ଚ, ସୁଭଦ୍ରାଙ୍କ ରଥର ତୁମ୍ବ ସାଇଜ ୩ ଫୁଟ ରହିବ। ତୁମ୍ବ ନିର୍ମାଣ ପାଇଁ ଫାସିକାଠ ବ୍ୟବହାର ହେବ। ପ୍ରଥମ ଦିନରେ ମହାରଣା ୧୦, ଭୋଇ ସେବକ ୬, କରତି ସେବକ ୪, କମାର ସେବକ ୬ ଏବଂ ରଥ ଖଳା ସହାୟକ ଜଣଙ୍କୁ ମିଶାଇ ମୋଟ ୨୭ଜଣ ନିୟୋଜିତ ଥିଲେ। ନନ୍ଦିଘୋଷ ରଥର ମୁଖ୍ୟ ବିଶ୍ୱକର୍ମା ମହାରଣା ସେବକ ବିଜୟ କୁମାର ମହାପାତ୍ର କହିଛନ୍ତି, ଗତବର୍ଷ ଭଳି ଚଳିତ ବର୍ଷ ପ୍ରଶାସନ ପକ୍ଷରୁ ଅନୁରୂପ ବ୍ୟବସ୍ଥା କରାଯାଇଛି। ଖଳା ଚାରିପଟେ କନା ଲଗାଯାଇଛି। ଲାଇଟ୍ ବ୍ୟବସ୍ଥା ହୋଇଛି। ପ୍ରଥମ ପର୍ଯ୍ୟାୟରେ ତୁମ୍ବ କାର୍ଯ୍ୟ ଚାଲିଛି। ତୁମ୍ବ ପାଇଁ କରତିଆମାନେ ମାପ ଅନୁଯାୟୀ କାଠ କାଟୁଛନ୍ତି ବୋଲି ସେ ସୂଚନା ଦେଇଛନ୍ତି। ଶ୍ରୀମନ୍ଦିରର ବରିଷ୍ଠ ତତ୍ତ୍ୱାବଧାରକ ସୁଦର୍ଶନ ମେକାପ କହିଛନ୍ତି, ପର୍ଯ୍ୟାୟ କ୍ରମେ ରଥଖଳାକୁ ରଥକାଠ ଆସି ପହଞ୍ଚୁଛି। ସମ୍ପ୍ରତି ତୁମ୍ବ ନିର୍ମାଣ ଚାଲିଛି, ଯାହା ଦୁଇ ତିନି ଦିନ ଲାଗିବ। ସେହିପରି କରତି ସେବକ ରଞ୍ଜିତ ମହାରଣା କହିଛନ୍ତି, ତିନିବାଡ଼ରେ ୪ଜଣ କରତି ସେବକ କାମ କରୁଛୁ। ତୁମ୍ବ ପାଇଁ ଚିହ୍ନ ଦେବା ପରେ କାଠ କଟାଯାଇଛି। ପର୍ଯ୍ୟାୟ କ୍ରମେ ତୁମ୍ବ କାଟି ମହାରଣାଙ୍କୁ ଯୋଗାଇଦେବୁ।



ରଥ ତୁମ୍ବ ପାଇଁ କରତିଆମାନେ କାଠଗଣ୍ଡି କାଟୁଛନ୍ତି।




ଶ୍ରୀ ସତ୍ୟସାଇ ବାବାଙ୍କ ଆରାଧନା ଦିବସ ପାଳନ ଅବସରରେ ସୋମବାର ଭୁବନେଶ୍ୱରରେ ବାଲ୍‌ବିକାଶ ଶିଶୁଙ୍କ ପକ୍ଷରୁ କ୍ୟାଣ୍ଡେଲ ଲାଇଟ୍ ମାର୍ଚ୍ଚ।

# ପୁଣି ହାଜର ହେଲେନି ଶ୍ରଦ୍ଧାଞ୍ଜଳି

**କେନ୍ଦ୍ରୀୟ ଲାବ୍‌କୁ ଗଲା ନାଗ-ଚାନ୍ଦ ଦମ୍ପତିଙ୍କ ମୋବାଇଲ ଫୋନ୍**

- ଭିସି ଜରିଆରେ କୋର୍ଟରେ ହାଜର ହେଲେ ଅର୍ଚ୍ଚନା, ଜଗବନ୍ଧୁ ଓ ଖଗେଶ୍ୱର
- ଆଜି ଶ୍ରଦ୍ଧାଞ୍ଜଳି ହାଜର ନ ହେଲେ ହୋଇପାରେ ୱାରେଣ୍ଟ ଇସ୍ୟୁ



ଶ୍ରଦ୍ଧାଞ୍ଜଳି ବେହେରା



ଅର୍ଚ୍ଚନା ନାଗ



ଜଗବନ୍ଧୁ ଚାନ୍ଦ

ଭୁବନେଶ୍ୱର,୨୪।୪(ବ୍ୟୁରୋ)

ବହୁଚର୍ଚ୍ଚିତ ମହିଳା ବ୍ଲାକ୍‌ମେଲର ଅର୍ଚ୍ଚନା ନାଗଙ୍କ ହନିଟ୍ରାପ, ଠକେଇ ଓ ବେଆଇନ ଅର୍ଥ କାରବାର ମାମଲା ଏବେ କୋର୍ଟରେ ବିଚାରାଧୀନ ରହିଛି। ଅର୍ଚ୍ଚନା ଓ ତାଙ୍କ ସ୍ୱାମୀ ଜଗବନ୍ଧୁ ଚାନ୍ଦ ଏବଂ ସହଯୋଗୀ ଖଗେଶ୍ୱର ଏବେ ଜେଲରେ ଥିବାବେଳେ ଅନ୍ୟତମ ଅଭିଯୁକ୍ତ ଶ୍ରଦ୍ଧାଞ୍ଜଳି ବେହେରାଙ୍କୁ ଗିରଫ କରାଯାଉ ନ ଥିବାରୁ ଅନ୍ୟ ଅଭିଯୁକ୍ତମାନେ ବାରମ୍ବାର ପ୍ରଶ୍ନ ଉଠାଉଛନ୍ତି। ସୋମବାର ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ ପକ୍ଷରୁ ହୋଇଥିବା ବେଆଇନ ଅର୍ଥ କାରବାର ମାମଲାର ଶୁଣାଣି ସିବିଆଇ-୧ ସ୍ୱତନ୍ତ୍ର କୋର୍ଟରେ ହୋଇଥିଲା। ଅର୍ଚ୍ଚନା, ଜଗବନ୍ଧୁ ଓ ଖଗେଶ୍ୱର ଜେଲ୍‌ରେ ରହି ଭିଡିଓ କନ୍‌ଫରେନ୍ସ ଜରିଆରେ କୋର୍ଟରେ ହାଜର ହୋଇଥିଲେ ମଧ ଶ୍ରଦ୍ଧାଞ୍ଜଳି ଆସି ନ ଥିଲେ। ତେବେ ଶ୍ରଦ୍ଧାଞ୍ଜଳି କୋର୍ଟରେ ହାଜର ପାଇଁ ତାଙ୍କ ଓକିଲ ଅଧିକ ସମୟ ମାଗିଥିଲେ ମଧ କୋର୍ଟ ଅନୁମତି ଦେଇ ନ ଥିବା ଜଣାପଡିଛି। କୋର୍ଟରେ ତାରିଖ ପରେ ତାରିଖ ଗଡୁଥିଲେ ମଧ ଶ୍ରଦ୍ଧାଞ୍ଜଳି ହାଜର ହେଉ ନ ଥିବାରୁ କୋର୍ଟରୁମ୍‌ରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟର ପବ୍ଲିକ ପ୍ରସିକ୍ୟୁଟର ପ୍ରଶ୍ନ ଉଠାଇଛନ୍ତି। ଏନେଇ ଶ୍ରଦ୍ଧାଞ୍ଜଳିଙ୍କ ଓକିଲ ଅଶୋକ ଦାସ କହିଛନ୍ତି, ସେକ୍ସନ ୨୦୫ ନିୟମ ଅନୁଯାୟୀ ଶ୍ରଦ୍ଧାଞ୍ଜଳି ଦୂରରେ ରହୁଥିବାରୁ ପ୍ରାୟ ତାରିଖରେ ସେ କୋର୍ଟରେ ହାଜର ହେବା ସମ୍ଭବ ନୁହେଁ। ତେଣୁ ସେ ନିଜ ଓକିଲଙ୍କ ଜରିଆରେ ପକ୍ଷ ରଖୁଛନ୍ତି ବୋଲି ଦାସ କହିଛନ୍ତି। ଅନ୍ୟପକ୍ଷରେ ଦୁଇ ସପ୍ତାହ ଭିତରେ ମାମଲାର ଶୁଣାଣି ପାଇଁ ହାଇକୋର୍ଟ ନିର୍ଦ୍ଦେଶ ଦେଇଥିବାରୁ ମଙ୍ଗଳବାର ମଧ କୋର୍ଟରେ ଏ ନେଇ ଶୁଣାଣି ହେବ। ଏଥର ଯଦି ଶ୍ରଦ୍ଧାଞ୍ଜଳି ହାଜର ନ ହେବେ, ତାହା ହେଲେ ତାଙ୍କ ବିରୋଧରେ ୱାରେଣ୍ଟ ଜାରି ହେବା ନେଇ କୋର୍ଟ ବିଚାର କରିପାରେ ବୋଲି ସୂଚନା ମିଳିଛି।

ସେପଟେ ପରୀକ୍ଷା ପାଇଁ ଅର୍ଚ୍ଚନା ଓ ଜଗବନ୍ଧୁଙ୍କ ଘରୁ ଜବତ ହୋଇଥିବା ୫ଟି ମୋବାଇଲ ଫୋନ୍‌ରୁ ତଥ୍ୟ ହାସଲ ପାଇଁ ହାଇଦ୍ରାବାଦର ସେଣ୍ଟ୍ରାଲ ଫୋରେନ୍‌ସିକ ସାଇନ୍ସ ଲାବରେଟୋରୀ (ସିଏଫ୍‌ଏସ୍‌ଏଲ୍)କୁ ପଠାଇଛି ଖଣ୍ଡଗିରି ଥାନା ପୋଲିସ। ରସୁଲଗଡସ୍ଥିତ ଷ୍ଟେଟ୍ ଫୋରେନ୍‌ସିକ ସାଇନ୍ସ ଲାବରେଟୋରୀରେ ହାଇ-ଏଣ୍ଡ୍ ମୋବାଇଲ ସେଟ୍‌ରୁ ତଥ୍ୟ ବାହାର କରିବା ପାଇଁ ଆବଶ୍ୟକ ଉନ୍ନତ ଉପକରଣ ନ ଥିବାରୁ ସେଗୁଡିକୁ ଉକ୍ତ କେନ୍ଦ୍ରୀୟ ଲାବ୍‌କୁ ପଠାଇବାକୁ ପଡିଲା ବୋଲି କମିଶନରେଟ ପୋଲିସର ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି। ଜବତ ମୋବାଇଲରୁ ତଥ୍ୟ ପାଇବାକୁ ସିଏଫ୍‌ଏସ୍‌ଏଲ୍‌କୁ ହସ୍ତାନ୍ତର କରିବାକୁ ଇଡି ପକ୍ଷରୁ ଆବେଦନ କରାଯାଇଥିଲା। ଅନ୍ୟପଟେ ଜେଲରେ ପୁଣି ଅଭିଯୁକ୍ତଙ୍କୁ ଜେରା ପାଇଁ କୋର୍ଟରେ ପିଟିଶନ ଦଖଲ କରିଛି ଇଡି। ଅନୁମତି ମିଳିବା ପରେ ସେମାନଙ୍କଠାରୁ ଆଉ କିଛି ନୂଆ ତଥ୍ୟ ପାଇବାକୁ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ ଆଶା ରଖିଛି। ହେଲେ ଏହାକୁ ନେଇ ଅବ୍‌ଜେକ୍ସନ ଫାଇଲ କରାଯିବ ବୋଲି ଅର୍ଚ୍ଚନାଙ୍କ ଓକିଲ କହିଛନ୍ତି।

ଉଲ୍ଲେଖଯୋଗ୍ୟ, ସିନେ ପ୍ରଯୋଜକ ଅକ୍ଷୟ ପରିଜାଙ୍କ ଅଭିଯୋଗରେ ନୟାପଲ୍ଲୀ ଥାନାରେ ପଞ୍ଜୀକୃତ ମାମଲାରେ ଅର୍ଚ୍ଚନା ଓ ତାଙ୍କ ସ୍ୱାମୀଙ୍କୁ ଓଡ଼ିଶା ହାଇକୋର୍ଟ ସର୍ତ୍ତମୂଳକ ଜାମିନ ପ୍ରଦାନ କରିଥିଲେ। ହେଲେ ଅନ୍ୟ ମାମଲାରେ ଏହି ଦମ୍ପତିଙ୍କୁ ଜାମିନ ମିଳି ନ ଥିବାରୁ ସେମାନେ ଏବେ ଜେଲରେ ଦିନ କାଟୁଛନ୍ତି।

## ସେଲ୍‌ଫି କର୍ନର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com



@ ନନ୍ଦିନୀ



@ ବାଦଲ



@ ଜ୍ୟୋତିର୍ମୟୀ



@ ପ୍ରଶାନ୍ତ



@ ଶୁଭଜିତ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟ ବିବେଚିତ ଫଟୋ ପ୍ରକାଶ ପାଇବ।

## ରେଳ ଧାରଣାରୁ ଅଚିହ୍ନା ଯୁବକଙ୍କ ମୃତଦେହ ଜବତ

ଭୁବନେଶ୍ୱର,୨୪।୪(ବ୍ୟୁରୋ)

ପଟିଆ ଷ୍ଟେଶନ ନିକଟସ୍ଥ ରେଳ ଧାରଣାରୁ ଜଣେ ଯୁବକଙ୍କ ମୃତଦେହ ରବିବାର ରାତିରେ ମିଳିଛି। ଜିଆର୍‌ପି ମୃତଦେହ ଜବତ କରି କ୍ୟାପିଟାଲ ହସ୍ପିଟାଲର ଶବ ସଂରକ୍ଷଣ ଗୃହରେ ରଖିଛି। ତାଙ୍କ ପରିଚୟ ଜଣାପଡିନାହିଁ। ଯୁବକଙ୍କ ବୟସ ପାଖାପାଖି ୨୫ରୁ ୩୦ ହେବ। ଯୁବକ ଜଣକ ଟ୍ରେନ ଆଗରେ ଶୋଇପଡି ଆତ୍ମହତ୍ୟା କରିଥାଇପାରନ୍ତି ବୋଲି ଜିଆରପି ଅନୁମାନ କରୁଛି। ଏନେଇ ଜିଆରପି ଥାନାରେ ଏକ ଅପମୃତ ମାମଲା (ନଂ. ୩୧ / ୨୩) ରୁଜୁ କରାଯାଇ ଘଟଣାର ଅଧିକ ତଦନ୍ତ ଚାଲିଛି। ପୋଲିସ ଆଖପାଖ ଲୋକଙ୍କୁ ପଚରାଉଚରା କରିବା ସହ ସିସିଟିଭି ଫୁଟେଜ ଯାଞ୍ଚ କରାଯାଇଛି।





ଜି-୨୦ ଶିକ୍ଷା ୱାର୍କିଂ ଗ୍ରୁପ୍‌ର ତୃତୀୟ ବୈଠକ ପରିପ୍ରେକ୍ଷୀରେ ଭୁବନେଶ୍ୱରସ୍ଥିତ ସିଏସ୍‌ଆଇଆର୍-ଆଇଏମ୍‌ଏମ୍‌ଟି ପରିସରରେ ଚାଲିଥିବା 'ଭବିଷ୍ୟତର କାର୍ଯ୍ୟଶୈଳୀ ଓ ଦକ୍ଷତା ପ୍ରଦର୍ଶନୀ'କୁ ସୋମବାର ଛାତ୍ରୀଛାତ୍ର ବୁଲି ଦେଖୁଛନ୍ତି। ଏହି ଅବସରରେ କଳାକାରମାନେ ବିଭିନ୍ନ ବେଶରେ ନୃତ୍ୟ ପରିବେଷଣ କରୁଛନ୍ତି।(ଫଟୋ-ବିକାଶ)

# ଦିନକରେ ୧.୩୮ ଲକ୍ଷ କୋଟି ନିବେଶ ବୃଦ୍ଧି

■ପୁଞ୍ଜି ବଜାରରେ ଉତ୍ସାହ
■ସେନ୍‌ସେକ୍ସ ୪୦୧ ପଏଣ୍ଟ ବୃଦ୍ଧି
■ନିଫ୍ଟି ୧୮ ହଜାର ନିକଟତର



ନୂଆଦିଲ୍ଲୀ,୨୪।୪

ଅନ୍ତଃରାଷ୍ଟ୍ରୀୟ ସମସ୍ୟା ଓ ସ୍ଥାନୀୟ ବଜାରର ମାନ୍ଦାବସ୍ଥା ଯୋଗୁ ଗତ ସପ୍ତାହରେ ଶେୟାର ବଜାର କାରବାରରେ ବ୍ୟାପକ ହ୍ରାସ ଘଟିଥିଲା। ଫଳରେ ଲକ୍ଷାଧିକ ଟଙ୍କାର ନିବେଶ ଶେୟାର ବଜାରର ନିବେଶକମାନେ ହରାଇଥିଲେ। ହେଲେ ଗୋଟିଏ ସପ୍ତାହ ପରେ ପୁଞ୍ଜିବଜାରରେ ପୁଣି ଥରେ ଉତ୍ସାହ ଫେରିଥିବା ଜଣାପଡିଛି। ଏପରିକି ଚଳିତ ସପ୍ତାହର ପ୍ରଥମ କାରବାର ଶେଷ ସୁଦ୍ଧା ନିବେଶକମାନେ ଦିନକ ମଧ୍ୟରେ ପ୍ରାୟ ୧.୩୮ ଲକ୍ଷ କୋଟି ଟଙ୍କା ଲାଭ କରିଛନ୍ତି। ସେହିଭଳି ସୋମବାର ଶେୟାର ବଜାର କାରବାର ଶେଷ ସୁଦ୍ଧା ବମ୍ବେ ଷ୍ଟକ ଏକ୍ସଚେଞ୍ଜ (ବିଏସଇ)ର ସେନସେକ୍ସ ପୁଣି ଥରେ ୬୦,୦୦୦ ଅଙ୍କ ପାର୍ କରିଥିବା ବେଳେ ନ୍ୟାଶନାଲ ଷ୍ଟକ ଏକ୍ସଚେଞ୍ଜ (ଏନଏସଇ)ର ନିଫ୍ଟି-୫୦ ମଧ୍ୟ ୧୮,୦୦୦ (୧୭,୭୪୩.୪୦) ଅଙ୍କର ନିକଟତର ହୋଇଛି। ବିଶେଷକରି ବିଏସଇର ମିଡକ୍ୟାପ ଏବଂ ସ୍ମଲକ୍ୟାପ ସୂଚକାଙ୍କ ଯଥାକ୍ରମେ ୦.୪୭% ଏବଂ ୦.୩୪% ବୃଦ୍ଧି ସହ ପ୍ରଥମ ଦିନର କାରବାର ଶେଷ ହୋଇଛି। ଫଳରେ ଶେୟାର ବଜାର ନିବେଶକଙ୍କ ସମ୍ପତ୍ତି ଦିନକ ମଧ୍ୟରେ ପ୍ରାୟ ୧.୩୮ ଲକ୍ଷ କୋଟି ଟଙ୍କାର ବୃଦ୍ଧି ଘଟିଛି। ସେହିଭଳି ବିଏସଇରେ ସୂଚୀବଦ୍ଧ କମ୍ପାନୀଗୁଡିକର ମୋଟ ବଜାର ପୁଞ୍ଜି ସୋମବାର ପ୍ରାୟ ୧.୩୮ ଲକ୍ଷ କୋଟି ବଢି ୨୬୬.୩୫ ଲକ୍ଷ କୋଟି ଟଙ୍କାରେ ପହଞ୍ଚିଛି। ଏହା ପୂର୍ବରୁ (ଶୁକ୍ରବାର) ବିଏସଇରେ ସୂଚୀବଦ୍ଧ କମ୍ପାନୀଗୁଡିକର ମୋଟ ବଜାର ପୁଞ୍ଜି ୨୬୪.୯୭ ଲକ୍ଷ କୋଟି ଟଙ୍କାରେ ରହିଥିଲା। ସେହିପରି ସୋମବାର ବଜାର କାରବାର ମଧ୍ୟରେ ବ୍ୟାଙ୍କିଙ୍ଗ, ଫାଇନାନସିଆଲ୍, ରିୟଲ ଇଷ୍ଟେଟ, ମେଟାଲ ଏବଂ ଆଇଟି ଭଳି ପ୍ରମୁଖ ଶେୟାରଗୁଡିରେ ସବୁଠୁ ଅଧିକ ବୃଦ୍ଧି ଦେଖିବାକୁ ମିଳିଥିଲା। ଉଲ୍ଲେଖଯୋଗ୍ୟ ସୋମବାର ବିଏସଇର ୩୦ ଶେୟାର ବିଶିଷ୍ଟ ସୂଚକାଙ୍କ ସେନସେକ୍ସ ୪୦୧.୦୪ ପଏଣ୍ଟ ବୃଦ୍ଧି ଘଟି ୬୦,୦୫୬.୧୦ ଅଙ୍କରେ ବନ୍ଦ ହୋଇଥିଲାବେଳେ ଏନଏସଇର ନିଫ୍ଟି-୫୦ ଶେୟାର ବିଶିଷ୍ଟ ସୂଚକାଙ୍କ ନିଫ୍ଟିରେ ମଧ୍ୟ ୧୧୯.୩୫ ପଏଣ୍ଟ ବଢି ୧୭,୭୪୩.୪୦ ଅଙ୍କରେ କାରବାର ବନ୍ଦ କରିଛି।

## ଏମ୍‌ଏସ୍‌ଏମ୍‌ଇ ଅନର୍ସର ୩ୟ ସଂସ୍କରଣ

ନୂଆଦିଲ୍ଲୀ,୨୪।୪

ଲଘୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ (ଏମ୍‌ଏସ୍‌ଏମ୍‌ଇ)ର କର୍ମକର୍ତ୍ତାଙ୍କୁ ପ୍ରୋତ୍ସାହିତ କରିବା ପାଇଁ ଟାଲି ସଲ୍ୟୁସନ୍ସ ପକ୍ଷରୁ 'ଏମ୍‌ଏସ୍‌ଏମ୍‌ଇ ଅନର୍ସ'ର ୩ୟ ସଂସ୍କରଣ ସମ୍ପର୍କରେ ଘୋଷଣା କରାଯାଇଛି। ଏ ସମ୍ପର୍କରେ ଟାଲି ସଲ୍ୟୁସନ୍ସର ମୁଖ୍ୟ ମାର୍କେଟିଂ ଅଧିକାରୀ ଜାୟାତି ସିଂହ କହିଛନ୍ତି, ଦେଶର ଅର୍ଥନୈତିକ ବିକାଶ ପ୍ରତି ଯୋଗଦାନ ପ୍ରଦାନ କରୁଥିବା ବ୍ୟବସାୟ ଓ ଉଦ୍ୟୋଗୀଙ୍କୁ ଚିହ୍ନଟ କରିବା ଲାଗି ଏହା ହେଉଛି ଏକ ବାର୍ଷିକ ଅଭିଯାନ। ଏପରିକି ତୃଣମୂଳ ସ୍ତରରେ ଶ୍ରେଷ୍ଠ ପ୍ରଥା ଜରିଆରେ ବିବିଧତା ଓ ସକାରାତ୍ମକ ପ୍ରଭାବ ସୃଷ୍ଟି କରୁଥିବା ଏମ୍‌ଏସ୍‌ଏମ୍‌ଇଗୁଡ଼ିକୁ ଏଥିରେ ମାନ୍ୟତା ପ୍ରଦାନ କରାଯାଉଛି। ଅର୍ଥନୀତିକୁ ଆଗକୁ ବଢ଼ାଉଥିବା ସବୁ ପ୍ରକାର ସହଜ, କ୍ଷେତ୍ର ଓ ଅଜଣା ହିରୋମାନଙ୍କ ଭଳି ବାସ୍ତବ ପ୍ରଭାବ ସୃଷ୍ଟିକାରୀଙ୍କୁ ଏହି ଅଭିଯାନରେ ମାନ୍ୟତା ପ୍ରଦାନ କରାଯାଉଛି।

## ଓଏଚ୍‌ପିସିର ଟ୍ରେନିଂ ହଷ୍ଟେଲ କମ୍ପ୍ଲେକ୍ସ



ଭୁବନେଶ୍ୱର,୨୪।୪

ଓଡ଼ିଶା ସରକାରଙ୍କ ଶକ୍ତି ବିଭାଗ ଅଧୀନରେ କାର୍ଯ୍ୟ କରୁଥିବା ଓଡ଼ିଶା ହାଇଡ୍ରୋ ପାୱାର କର୍ପୋରେଶନ (ଓଏଚ୍‌ପିସି)ର ୫ ମହଲା ବିଶିଷ୍ଟ ଏକ ଅତ୍ୟାଧୁନିକ ଟ୍ରେନିଂ ହଷ୍ଟେଲ କମ୍ପ୍ଲେକ୍ସର ଶୁଭାରମ୍ଭ କରାଯାଇଛି। ଏହି ପରିପ୍ରେକ୍ଷୀରେ ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଓଡ଼ିଶା ସରକାରଙ୍କ ଶକ୍ତି ମନ୍ତ୍ରୀ ପ୍ରତାପ ଦେବ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଏହାର ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଓଏଚ୍‌ପିସିର ଚେୟାରମ୍ୟାନ ବିଷ୍ଣୁପଦ ସେଠୀଙ୍କ ସମେତ ଓଏଚ୍‌ପିସିର ପରିଚାଳନା ନିର୍ଦ୍ଦେଶକ ଅମରେଶ କୁମାରଙ୍କ ସମେତ ନିର୍ଦ୍ଦେଶକ (ଏଚ୍‌ଆର) ଡ. ପ୍ରବୋଧ କୁମାର ମହାନ୍ତି, ନିର୍ଦ୍ଦେଶକ (ଅପରେଶନ) ଆଶିଷ କୁମାର ମହାନ୍ତି ଓ ଅନ୍ୟମାନେ ଉପସ୍ଥିତ ଥିଲେ। ଭୁବନେଶ୍ୱର ପଟିଆ ଅଞ୍ଚଳର ଏହି ନବନିର୍ମିତ ଉଚ୍ଚ ଅଟ୍ଟାଳିକାରେ ସବୁ ପ୍ରକାରର ଅତ୍ୟାଧୁନିକ ସୁବିଧା ରହିଛି। ଏପରିକି ପ୍ରାୟ ୩୭୦୦ (୩୬୬୨) ବର୍ଗଫୁଟ ଜମିରେ ଗଢ଼ି ଉଠିଥିବା ବିଶାଳ ଅଟ୍ଟାଳିକାରେ ୧୨ଟି ସିଙ୍ଗଲ ରୁମ୍, ୧୨ଟି ଡବଲ ବେଡରୁମ୍ ସହ ସମ୍ମିଳନୀ କକ୍ଷ, ଅତ୍ୟାଧୁନିକ ଶ୍ରେଣୀଗୃହ ଇତ୍ୟାଦି ସାମିଲ ରହିଛି।

## ହାଉସିଫାଏ ଡେଭଲପର୍ସର ନୂତନ ପ୍ରକଳ୍ପ

HOUSIFY
Housing Everywhere

ଭୁବନେଶ୍ୱର,୨୪।୪

ରାଜ୍ୟର ପ୍ରମୁଖ ଗୃହ ନିର୍ମାଣକାରୀ ସଂସ୍ଥା ହାଉସିଫାଏ ଡେଭଲପର୍ସର ନୂତନ ପ୍ରକଳ୍ପ ଅକ୍ଷୟ ତୃତୀୟା ଅବସରରେ ଉଦ୍‌ଘାଟିତ ହୋଇଯାଇଛି। ଏପରି କି ଭୁବନେଶ୍ୱର ନିକଟସ୍ଥ ବାରଙ୍ଗ ନୂଆ ରେଲ୍‌ୱେଷ୍ଟେଶନ ନିକଟରେ ହାଉସିଫାଏ ଡେଭଲପର୍ସର ସାଢ଼େ ତିନି ଏକର ପରିମିତ ଜମିରେ ଉକ୍ତ ପ୍ରକଳ୍ପର ଶୁଭାରମ୍ଭ ସହ ଭୂମିପୂଜା ସମାପନ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ହାଉସିଫାଏ ଡେଭଲପର୍ସର ଅଧ୍ୟକ୍ଷ ଡ. ଶୁଭାଶିଷ ଦାସ କହିଛନ୍ତି, ସହରର ବର୍ଦ୍ଧିତ ଚେହେରା ଓ ଗ୍ରାହକଙ୍କ ଚାହିଦାକୁ ଆଖିଆଗରେ ରଖି ଉକ୍ତ ପ୍ରକଳ୍ପର ଶୁଭାରମ୍ଭ କରାଯାଇଛି। ସେହିଭଳି ଆମେ ଏଠାରେ ତିନିଶହରୁ ଊର୍ଦ୍ଧ୍ୱ ୩ ବିଏଚ୍‌କେ ଫ୍ଲାଟ୍ ନିର୍ମାଣ ପାଇଁ ଆଶା ରଖିଛୁ। ଉକ୍ତ ପ୍ରକଳ୍ପରେ ଫ୍ଲାଟ୍ ପାଇବା ପାଇଁ ପଞ୍ଜୀକୃତ ବ୍ୟକ୍ତିମାନଙ୍କୁ ଗୁଣାତ୍ମକ ସେବା ଓ ସମୟାନୁବର୍ତ୍ତିତା ସହ ଘର ଯୋଗାଇଦେବା କ୍ଷେତ୍ରରେ ସମସ୍ତ ପ୍ରକାର ସ୍ୱଚ୍ଛତା ଅବଲମ୍ବନ କରାଯିବ ବୋଲି ସେ କହିଛନ୍ତି। ଏହା ପୂର୍ବରୁ ରାଜ୍ୟରେ ଆମର ପେଲେଟ୍ ଷ୍ଟିଲ୍ ଉତ୍ପାଦନ ଓ ରପ୍ତାନି କ୍ଷେତ୍ରରେ ମଧ୍ୟ ବ୍ୟବସାୟ ରହିଛି। ଏପରି କି ଆମେ ଉକ୍ତ ବ୍ୟବସାୟରେ ଅଭୁତପୂର୍ବ ସଫଳତା ମଧ୍ୟ ହାସଲ କରିପାରିଛୁ। ବିଶେଷକରି ବ୍ୟବସାୟର ପୂର୍ବ ଅଭିଜ୍ଞତା, ଦକ୍ଷତା ଓ ସଫଳତାକୁ ପାଥେୟକରି ଆଗାମୀ ଦିନରେ ଆମେ ରିୟଲ୍ ଇଷ୍ଟେଟ୍ ପ୍ରକଳ୍ପ ଜରିଆରେ ଗୃହ ନିର୍ମାଣ କରି ଶତ ପ୍ରତିଶତ ସଫଳତା ହାସଲ କରିପାରିବୁ ବୋଲି ଦୃଢ଼ ଆଶାବାଦୀ ରହିଛୁ ବୋଲି ସେ ମତପ୍ରକାଶ କରିଥିଲେ। ଉଲ୍ଲେଖଯୋଗ୍ୟ, ଭୂମିପୂଜନ ଉତ୍ସବରେ କମ୍ପାନୀର ବହୁ ବରିଷ୍ଠ ଅଧିକାରୀଙ୍କ ସହ ପ୍ରକଳ୍ପର ଅନ୍ୟତମ ନିର୍ଦ୍ଦେଶକ ବିଭୂତି ଦାସ ମଧ୍ୟ ଉପସ୍ଥିତ ଥିଲେ।

## ବେଦାନ୍ତର ନ୍ୟୁ ମ୍ୟାଟେରିଆଲ ରିକଭରି ଫାସିଲିଟି




ଭୁବନେଶ୍ୱର,୨୪।୪

ଭାରତର ସର୍ବବୃହତ ଆଲୁମିନିୟମ ଉତ୍ପାଦନକାରୀ ବେଦାନ୍ତ ଆଲୁମିନିୟମ ପକ୍ଷରୁ ନିକଟରେ ୱାର୍ଲ୍ଡ ଆର୍ଥ ଡେ ପାଳିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ କମ୍ପାନୀର ଓଡ଼ିଶା ଏବଂ ଛତିଶଗଡ଼ଠାରେ ପରିଚାଳିତ ସମସ୍ତ ୟୁନିଟରେ ପୃଥିବୀ ଦିବସ-୨୦୨୩ ପାଳନ କରାଯାଇଥିଲା। ଏପରିକି କମ୍ପାନୀର ଓଡ଼ିଶା ୟୁନିଟ ଝାରସୁଗୁଡାଠାରେ ଥିବା ବିଶ୍ୱର ଏକ ବୃହତ୍ ଏକକ ଆଲୁମିନିୟମ୍ ସ୍ମେଲଟର ୟୁନିଟ କାର୍ଯ୍ୟକ୍ଷେତ୍ରରେ ନୂତନ ସାମଗ୍ରୀ ପୁନରୁଦ୍ଧାର ସୁବିଧାର ଶୁଭାରମ୍ଭ କରାଯାଇଛି।

ଏ ସମ୍ପର୍କରେ ବେଦାନ୍ତ ଲିମିଟେଡର ସିଇଓ (ଆଲୁମିନିୟମ ବିଜ୍‌ନେସ) ରାହୁଲ ଶର୍ମା କହିଛନ୍ତି, ଆମେ ସ୍ଥାୟୀ ଭବିଷ୍ୟତ ଦିଗରେ ଆବଶ୍ୟକ କାର୍ଯ୍ୟ କରିଥାଉ। ଏପରିକି ଯେଉଁଠି ବ୍ୟବସାୟ ଅଭିବୃଦ୍ଧି ସହ ପରିବେଶର ଉପଯୁକ୍ତ ସମନ୍ୱୟ ମଧ୍ୟ ରହିପାରିବ। ସେହିଭଳି ପରିବେଶ ଉପରୁ ଚାପ କମାଇବା ସହ ଏକ ସବୁଜ ପରିବେଶ ମଧ୍ୟ ସୃଷ୍ଟି କରାଯାଇପାରିବ। ଏଥିପାଇଁ ଆମ ସମସ୍ତଙ୍କର ମିଳିତ ପ୍ରୟାସ ରହିବା ଉଚିତ ବୋଲି ସେ ମତପ୍ରକାଶ କରିଛନ୍ତି। ଅପରପକ୍ଷରେ କମ୍ପାନୀ ଅନେକ ସ୍ୱେଚ୍ଛାସେବୀ ସଂସ୍ଥା ଏବଂ ବ୍ୟକ୍ତିବିଶେଷଙ୍କ ସହ ମିଳିତ ଭାବେ ସଚେତନତା ପଦକ୍ଷେପର ଆୟୋଜନ କରିଥାଏ। ବିଶେଷ କରି ଓଡିଶାର ଝାରସୁଗୁଡା ଜିଲାରେ ବେଦାନ୍ତର କର୍ମଚାରୀ ଓ ସ୍ୱେଚ୍ଛାସେବୀମାନେ ରାଜ୍ୟ ଜଙ୍ଗଲ ବିଭାଗର ଅଧିକାରୀଙ୍କ ସହ ମିଶି ସିଙ୍ଗହାବାଗାଠାରେ ବିଭିନ୍ନ କାର୍ଯ୍ୟ କରୁଥିବାବେଳେ କମ୍ପାନୀର ଲାଞ୍ଜିଗଡ ୟୁନିଟ (ବେଦାନ୍ତ ଆଲୁମିନା ରିଫାଇନାରି)ର କର୍ମଚାରୀ ଓ ସ୍ୱେଚ୍ଛାସେବୀମାନଙ୍କ ଜରିଆରେ ପରିବେଶ ସୁରକ୍ଷା ଓ ନୂତନ ଜଙ୍ଗଲ ସୃଷ୍ଟି ଦିଗରେ ଆବଶ୍ୟକ କାର୍ଯ୍ୟ କରାଯାଉଛି।

## ଯାତ୍ରୀ ସେବାକୁ ଗୁରୁତ୍ୱାରୋପ

ଭୁବନେଶ୍ୱର,୨୪।୪

ଓଡ଼ିଶା ପ୍ରଦେଶରେ ଭାରତୀୟ ରେଲୱେର ବିଭିନ୍ନ ପ୍ରକଳ୍ପ ଓ ବିକାଶମୂଳ କାର୍ଯ୍ୟ ଜାରି ରହିଛି। ଏପରିକି ଉକ୍ତ କାର୍ଯ୍ୟର ଅଗ୍ରଗତି ଓ ଆବଶ୍ୟକ ପଦକ୍ଷେପ ସମ୍ପର୍କରେ ଅବଗତ ହେବା ପାଇଁ ରେଲୱେ ବୋର୍ଡର ସଦସ୍ୟ (ଇନଫ୍ରାଷ୍ଟ୍ରକ୍‌ଚର ଡେଭଲପମେଣ୍ଟ-ଭିତ୍ତିଭୂମି ବିକାଶ) ରୂପ ନାରାୟଣ ସୁନକର ସମୀକ୍ଷା କରିଛନ୍ତି। ଏପରିକି ସୋମବାର ପୂର୍ବତଟ ରେଳପଥ ଅଧିକାରୀମାନଙ୍କ ସହ ପୂର୍ବତଟ ରେଳପଥର ମୁଖ୍ୟାଳୟଠାରେ ରେଳ ଭିତ୍ତିଭୂମି କାର୍ଯ୍ୟ ଏବଂ ତା'ର ବିକାଶକୁ ନେଇ ସୁନକର ବିସ୍ତୃତ ସମୀକ୍ଷା କରିଛନ୍ତି। ଅପରପକ୍ଷରେ ବିଶ୍ୱସ୍ତରର ଭିତ୍ତିଭୂମି ଏବଂ ସୁବିଧା ସହିତ ପୁରୀ ଏବଂ କଟକ ଷ୍ଟେଶନର ପୁନଃବିକାଶ ପାଇଁ ଜାରି ରହିଥିବା କାର୍ଯ୍ୟଗୁଡ଼ିକୁ ସୁନକର ବିସ୍ତୃତ ଭାବେ ସମୀକ୍ଷା କରିବା ସହ ପ୍ରକଳ୍ପ କାର୍ଯ୍ୟକୁ ଏକ ଆଦର୍ଶ ଓ ଆକର୍ଷଣୀୟ ଭାବେ ନିର୍ମାଣ କରିବାକୁ ସଂପୃକ୍ତ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ବିଶେଷ କରି ସାଧାରଣ ଜନତାଙ୍କ ସହିତ ପର୍ଯ୍ୟଟକ ଏବଂ ତୀର୍ଥଯାତ୍ରୀଙ୍କ ଆରାମ ପାଇଁ ପ୍ରସ୍ତାବିତ ଏହି ବିଶ୍ୱସ୍ତରୀୟ ଷ୍ଟେଶନ ପରିସରରେ ଯାତ୍ରୀ ସୁବିଧା ପରି ସେବା ଯୋଗାଇଦେବା ପାଇଁ ସେ ବିଭାଗୀୟ ଅଧିକାରୀମାନଙ୍କୁ ପରାମର୍ଶ ଦେଇଥିଲେ। ଉଲ୍ଲେଖଯୋଗ୍ୟ ଓଡ଼ିଶାରେ ଜାରି ରହିଥିବା ବିଭିନ୍ନ ପ୍ରକଳ୍ପର କାର୍ଯ୍ୟ ସହିତ ସମ୍ପୃକ୍ତ ଅଞ୍ଚଳର ରେଳ ଭିତ୍ତିଭୂମି ବିକାଶ ପାଇଁ ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ବେଶ୍ ପ୍ରାଥମିକତା ଦେଉଛନ୍ତି। ଏପରିକି ବିକାଶମୂଳକ କାର୍ଯ୍ୟ ଉପରେ ମଧ୍ୟ ମନ୍ତ୍ରୀ ଦୃଢ ନଜର ରଖିଛନ୍ତି, ତେଣୁ ଧାର୍ଯ୍ୟ ଅବଧି ମଧ୍ୟରେ ପ୍ରକଳ୍ପ କାର୍ଯ୍ୟର ସମାପ୍ତିକୁ ପ୍ରାଥମିକତା ଦିଆଯିବା ଉଚିତ ବୋଲି ସୁନକର କହିଛନ୍ତି। ଉକ୍ତ ବୈଠକରେ ପୂର୍ବତଟ ରେଳପଥର ମହାପ୍ରବନ୍ଧକ ମନୋଜ ଶର୍ମା, ଅତିରିକ୍ତ ମହାପ୍ରବନ୍ଧକ ଶରଦ କୁମାର ଶ୍ରୀବାସ୍ତବଙ୍କ ସମେତ ରେଳପଥର ବହୁ ବିଭାଗୀୟ ବରିଷ୍ଠ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ।

ଫୁର୍‌ସତ

# ମ୍ୟାଲେରିଆରୁ ମୁକ୍ତି ପାଇଁ ଆହ୍ୱାନ




ଦିନ ଥିଲା ସମଗ୍ର ବିଶ୍ୱରେ ମ୍ୟାଲେରିଆ ଜ୍ୱର ତାହାର କାୟା ବିସ୍ତାର କରିଥିଲା। କିନ୍ତୁ ବର୍ତ୍ତମାନ ଏହି ସ୍ୱାସ୍ଥ୍ୟ ସମସ୍ୟା କେତେ ନିୟନ୍ତ୍ରଣାଧୀନ ତାହା କହିବା ଅନାବଶ୍ୟକ। ଏଭଳି ଜ୍ୱର ନେଇ ପ୍ରାୟ ଅନେକେ ସଚେତନ। ପ୍ରାରମ୍ଭିକ ଅବସ୍ଥାରୁ ଔଷଧ ଖାଇବା ସହ ଉପଯୁକ୍ତ ଚିକିତ୍ସା କଲେ ସେଥିରୁ ସମ୍ପୂର୍ଣ୍ଣ ଆରୋଗ୍ୟ ମିଳିପାରୁଛି। ତଥାପି କେତେକେ ଏହାକୁ ଗୁରୁତ୍ୱ ଦେଉନାହାନ୍ତି। ଫଳରେ ଯେତେବେଳେ ମ୍ୟାଲେରିଆ ଜ୍ୱର ଗମ୍ଭୀର ଆକାର ଧାରଣ କରୁଛି ସେତେବେଳେ ତାହା ଅନେକ ସମୟରେ ମୃତ୍ୟୁର କାରଣ ସାଜୁଛି। ତେଣୁ ମ୍ୟାଲେରିଆ ବିଷୟରେ ଅଧିକ ଜନସଚେତନତା ସୃଷ୍ଟି କରାଯିବାକୁ ପ୍ରତିବର୍ଷ ଉଦ୍ୟମ କରାଯାଉଛି। ଏଥିଲାଗି ପ୍ରତ୍ୟେକ ବର୍ଷ ଏପ୍ରିଲ ୨୫ ତାରିଖକୁ 'ବିଶ୍ୱ ମ୍ୟାଲେରିଆ ଦିବସ' ଭାବରେ ପାଳନ କରାଯାଇଆସୁଛି। ଚଳିତ ବର୍ଷ ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ 'ଜିରୋ ମ୍ୟାଲେରିଆ' ବା ମ୍ୟାଲେରିଆକୁ ଶୂନରେ ପହଞ୍ଚାଇବା ଉପରେ ଗୁରୁତ୍ୱ ଦେଇଛି। ଏ ବର୍ଷ ବିଶ୍ୱ ମ୍ୟାଲେରିଆ ଦିବସ ଅବସରରେ ଉକ୍ତ ସଙ୍ଗଠନ ପକ୍ଷରୁ ଘୋଷିତ ସ୍ଲୋଗାନଟି ହେଉଛି 'ଟାଇମ୍ ଟୁ ଡେଲିଭର ଜିରୋ ମ୍ୟାଲେରିଆ : ଇନ୍‌ଭେଷ୍ଟ, ଇନୋଭେଟ, ଇମ୍ପ୍ଲିମେଣ୍ଟ'।

ସାଧାରଣତଃ ମ୍ୟାଲେରିଆ ଜ୍ୱର ମାଇ ଏନୋଫିଲିସ୍ ମଶା ଯୋଗୁ ବ୍ୟାପିଥାଏ। ଆକ୍ରାନ୍ତ ବ୍ୟକ୍ତିଙ୍କୁ ଏହି ମଶା କାମୁଡ଼ିବା ପରେ ଯଦି ସୁସ୍ଥ ଲୋକଙ୍କୁ କାମୁଡ଼େ ତେବେ ସେ ମ୍ୟାଲେରିଆ ଦ୍ୱାରା ଆକ୍ରାନ୍ତ ହୋଇଥାଆନ୍ତି। ମ୍ୟାଲେରିଆର ଏହି ପରଜୀବୀ ବା ପାରାସାଇଟ୍‌କୁ ଜଣେ ଆର୍ମି ସର୍ଜନ ଡା. ରୋନାଲ୍ଡ ରସ୍ ଆବିଷ୍କାର କରିଥିଲେ।

ବର୍ତ୍ତମାନ ସମଗ୍ର ବିଶ୍ୱରେ ମ୍ୟାଲେରିଆ ନିୟନ୍ତ୍ରଣାଧୀନ ହୋଇପାରିଛି। କାରଣ ଏହାର ଲକ୍ଷଣ ପ୍ରକାଶ ପାଇବା ମାତ୍ରେ ଚିକିତ୍ସା କରାଇ ନେଲେ ତାହା ଗୁରୁତର ଆକାର ଧାରଣ କରି ନ ଥାଏ। ଯଦି ମ୍ୟାଲେରିଆର ଲକ୍ଷଣ ପ୍ରକାଶ ପାଏ ଆଉ ଆବଶ୍ୟକ ସମୟରେ ଚିକିତ୍ସା ନ କରାନ୍ତି ତେବେ ତାହା ମୃତ୍ୟୁକୁ ଡାକିଆଣିବା ଆଶଙ୍କା ରହିଛି। ଆମ ରାଜ୍ୟରେ ମଧ୍ୟ ଏହି ରୋଗ ପ୍ରାୟ ନିୟନ୍ତ୍ରଣରେ ଅଛି। ମ୍ୟାଲେରିଆ ଦ୍ୱାରା ଲୋକମାନେ କିପରି ଅଧିକ ଆକ୍ରାନ୍ତ ନ ହେବେ ସେ ନେଇ ରାଜ୍ୟ ସରକାରଙ୍କ ପକ୍ଷରୁ ଅନେକ ପଦକ୍ଷେପ ନିଆଯାଇଛି। ମ୍ୟାଲେରିଆପ୍ରବଣ ଅଞ୍ଚଳରେ ଏହି ରୋଗ ବିଷୟରେ ଅଧିକ ଜନସଚେତନତା ସୃଷ୍ଟି କରାଯାଉଛି। ଏହାର ଲକ୍ଷଣ ସମ୍ପର୍କରେ ଅବଗତ ହୋଇ ଚିକିତ୍ସା କରାଇବା ବ୍ୟତୀତ ଆଉ କେତୋଟି କଥାକୁ ଗୁରୁତ୍ୱ ଦେବା ଆବଶ୍ୟକ। ସାଧାରଣତଃ ଅପରିଷ୍କାର ସ୍ଥାନରେ ଏହି ମଶା ତାହାର ବଂଶ ବିସ୍ତାର କରିଥାଆନ୍ତି। ତେଣୁ ରହୁଥିବା ବାସସ୍ଥାନ ଚାରିପଟ ଏବଂ ଭିତର ପରିଷ୍କାର ପରିଚ୍ଛନ୍ନ ରଖନ୍ତୁ। ସବୁବେଳେ ମଶାରି ଟାଙ୍ଗି ଶୁଅନ୍ତୁ। ଚଳିତ ବର୍ଷ ଉକ୍ତ ଦିବସ ଅବସରରେ ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ ପକ୍ଷରୁ ଘୋଷିତ ସ୍ଲୋଗାନକୁ ସାକାର କରିବାକୁ ହେଲେ ସମସ୍ତଙ୍କର ସହଯୋଗ ଆବଶ୍ୟକ।

## ୧୦୦ କୋଟିମୁହାଁ ସଲ୍‌ମାନଙ୍କ ଫିଲ୍ମ



**ମୁମ୍ବାଇ:** ଇଦ୍ ଅବସରରେ ଶୁକ୍ରବାର ମୁକ୍ତିଲାଭ କରିଥିବା ସଲମାନଙ୍କ ବହୁ ପ୍ରତିକ୍ଷିତ ଫିଲ୍ମ 'କିସି କା ଭାଇ କିସି କି ଜାନ' ବିଶ୍ୱବ୍ୟାପୀ ରେକର୍ଡ ସୃଷ୍ଟି କରିଛି। ବକ୍ସ ଅଫିସରେ ଏହି ସିନେମା ୧୦୦ କୋଟି ପାଖାପାଖି ପହଞ୍ଚି ସୁପରହିଟ୍ ବୋଲି ପ୍ରମାଣିତ ହୋଇଛି। ରିଲିଜ୍‌ର ପ୍ରଥମ ଦିନରେ ମୁଭିଟି ୧୫.୮୧ କୋଟି ରୋଜଗାର କରିଥିଲା, ଯାହା ଆଶାଠାରୁ ବହୁତ କମ୍ ଥିଲା। ହେଲେ ଦ୍ୱିତୀୟ ଦିନ ଏହି ଫିଲ୍ମ ୨୫.୭୫ କୋଟି ଏବଂ ତୃତୀୟ ଦିନ ୨୬.୬୧ କୋଟି ରୋଜଗାର କରିଥିଲା। ଏଥିସହ ମୋଟ ରୋଜଗାର ୬୮.୧୭ କୋଟିରେ ପହଞ୍ଚିଛି। ଦେଶ ଅପେକ୍ଷା ବିଦେଶରେ ଏହି ଫିଲ୍ମକୁ ଅଧିକ ଲୋକପ୍ରିୟତା ମିଳୁଥିବା ଜଣାପଡିଛି। ବିଦେଶରେ ଅଧିକାଂଶ ଲୋକ ସିନେମାକୁ ବହୁତ ପସନ୍ଦ କରୁଛନ୍ତି। ରିପୋର୍ଟ ଅନୁଯାୟୀ, ବିଦେଶରେ ଏହି ଚଳଚ୍ଚିତ୍ରଟି ୩୭ କୋଟି ସଂଗ୍ରହ କରିଛି। ଦିନକୁ ଦିନ ଫିଲ୍ମ ଅଧିକ ରୋଜଗାର କରୁଥିବା ଜଣାପଡିଛି। ସିନେମାରେ ସଲମାନଙ୍କ ସହ ସାଉଥ୍ ଅଭିନେତ୍ରୀ ପୂଜା ହେଗ୍‌ଡେଙ୍କୁ ଏକାଠି ଦେଖିବାକୁ ମିଳିଛି। ଏଥିସହ ଚଳଚ୍ଚିତ୍ରରେ ସାଉଥ୍ ଅଭିନେତା ଭେଙ୍କଟେସ ଡଗ୍ଗୁବତି ପ୍ରମୁଖ ଭୂମିକାରେ ଅଭିନୟ କରିଥିବାବେଳେ ଶେହନାଜ ଗିଲ୍, ପଲକ ତିୱାରି, ସିଦ୍ଧାର୍ଥ ନିଗମ୍, ରାଘବ ଜୁଏଲ, ଭିଜେନ୍ଦର ସିଂ, ଭୂମିକା ଚାୱଲା ଭିନ୍ନ ଭୂମିକାରେ ନଜରକୁ ଆସିଛନ୍ତି।

## କେକ୍‌ରେ 'ଗୁଡ୍‌ବାଏ ଫରଏଭର' ମେସେଜ




**ନୂଆଦିଲ୍ଲୀ:** ସାଧାରଣତଃ ଆମେ କେକ୍ ମାଧ୍ୟମରେ ଜନ୍ମଦିନ, ବିବାହ ବାର୍ଷିକୀ ଏବଂ ଅନେକ ଶୁଭେଚ୍ଛା ବାର୍ତ୍ତା ଦେଇଥାଉ। ହେଲେ ଏଠାରେ ଏକ କେକ୍‌ର ଫଟୋ ଭାଇରାଲ ହେବାରେ ଲାଗିଛି, ଯେଉଁଥିରେ କି ଶୁଭେଚ୍ଛା ବାର୍ତ୍ତା ବଦଳରେ ଲେଖାହୋଇଛି, 'ୟୁ ଆର୍ ଡେଡ୍ ଟୁ ଅସ୍, ଗୁଡ୍‌ବାଏ ଫରଏଭର୍'। ତେବେ ଏହି କେକ୍‌ଟିରେ ଏପରି କାହିଁକି ଲେଖାହୋଇଥିବା ପ୍ରଶ୍ନ ଉଠୁଛି। ରିପୋର୍ଟ ଅନୁସାରେ, ବେକେରି ମାଲିକ ଏହି କେକ୍‌ର ଭିଡିଓ ଶେୟାର କରି କହିଛନ୍ତି, କେକ୍‌ଟି କମ୍ପାନୀ ଛାଡ଼ି ଯାଉଥିବା ଜଣେ କର୍ମଚାରୀଙ୍କ ପାଇଁ ଅର୍ଡର ହୋଇଥିବା କହିଛନ୍ତି। ବହୁ ସମୟରେ କମ୍ପାନୀଗୁଡ଼ିକରେ କାର୍ଯ୍ୟ କରିବା ସମୟରେ ସେଠାରେ କାର୍ଯ୍ୟରତ ଅନ୍ୟ କର୍ମଚାରୀଙ୍କ ସହିତ ବହୁତ ଭଲ ସମ୍ପର୍କ ଯୋଡ଼ି ହୋଇଯାଇଥାଏ। ଯଦି କେହି ସେହି କମ୍ପାନୀ ଛାଡ଼ିଯିବାକୁ ଚାହାନ୍ତି, ତେବେ ଅନ୍ୟ କର୍ମଚାରୀମାନେ ତାକୁ ପସନ୍ଦ କରି ନ ଥାନ୍ତି। ଏହି କମ୍ପାନୀରେ ମଧ୍ୟ ସେପରି କିଛି ହୋଇଛି। ଯେଉଁଥିପାଇଁ ଏପରି କେକ୍‌ର ଅର୍ଡର ହୋଇଛି। ତେବେ ଏହି ଭିଡିଓଟି କେଉଁଠାର ତାହା ଜଣାପଡିନାହିଁ।

## ସବୁଠୁ ଖୁସି ରାଜ୍ୟ 'ମିଜୋରାମ'



**ଆଇଜଲ୍:** ମିଜୋରାମ ହେଉଛି ଭାରତର ସବୁଠୁ ଖୁସି ରାଜ୍ୟ। ଗୁରୁଗ୍ରାମସ୍ଥିତ ମ୍ୟାନେଜମେଣ୍ଟ ଡେଭଲପମେଣ୍ଟ ଇନ୍‌ଷ୍ଟିଚ୍ୟୁଟ୍ ଏକ ରିପୋର୍ଟ ଜାରି କରିଛି। ଯେଉଁଥିରେ କି ଇନ୍‌ଷ୍ଟିଚ୍ୟୁଟ୍‌ର ଷ୍ଟ୍ରାଟେଜି ପ୍ରଫେସର ରାକେଶ କେ ପିଲ୍ଲାନିଆ ତାଙ୍କର ଏହି ଅନୁଧ୍ୟାନରୁ ଜଣାଇଛନ୍ତି। ଏଥିସହ ମିଜୋରାମ ମଧ୍ୟ ଭାରତରେ ଶତପ୍ରତିଶତ ସାକ୍ଷରତା ହାସଲ କରିଥିବା ଦ୍ୱିତୀୟ ରାଜ୍ୟ। ରିପୋର୍ଟ ମୁତାବକ, ପାରିବାରିକ ସମ୍ପର୍କ, ନିଯୁକ୍ତି ପ୍ରସଙ୍ଗ, ସାମାଜିକ ପ୍ରସଙ୍ଗ, ଧର୍ମ, କୋଭିଡ୍-୧୯ର ପ୍ରଭାବ, ଶାରୀରିକ ଓ ମାନସିକ ସ୍ୱାସ୍ଥ୍ୟକୁ ଭିତ୍ତି କରି ଏହି ସୂଚକାଙ୍କ ପ୍ରସ୍ତୁତ ହୋଇଛି। ମିଜୋ ସ୍କୁଲର ଜଣେ ଛାତ୍ରଙ୍କ କହିବା ଅନୁସାରେ, ତାଙ୍କ ବାପା ତ୍ୟାଗ କରିବା ପରେ ତାଙ୍କୁ ବହୁତ କଷ୍ଟ କରିବାକୁ ପଡିଥିଲା। ଏହାସତ୍ତ୍ୱେ ମଧ୍ୟ ସେ ସକାରାତ୍ମକ ଭାବନା ରଖି ପାଠପଢି ପ୍ରଶାସନିକ ସେବା ପରୀକ୍ଷା ଲାଗି ପ୍ରସ୍ତୁତି କରୁଥିବା କହିଛନ୍ତି। ଅନ୍ୟ ଜଣେ ଛାତ୍ର କହିଛନ୍ତି, ସ୍କୁଲର ଶିକ୍ଷକମାନେ ସାଙ୍ଗ ପରି। ଯେକୌଣସି ବିଷୟ ହେଉ ମଧ୍ୟ ସେମାନେ ଶିକ୍ଷୟିତ୍ରୀ ଶିକ୍ଷକଙ୍କ ସହ ଶେୟାର କରିଥାନ୍ତି। ଶିକ୍ଷକମାନେ ନିୟମିତ ତାଙ୍କର ଓ ତାଙ୍କ ଅଭିଭାବକଙ୍କ ସହ ଯୋଗାଯୋଗ ରଖିଥାନ୍ତି। ତାଙ୍କ ସମାଜରେ ଜାତିଗତ ଭେଦଭାବ ନାହିଁ। ଅଭିଭାବକମାନେ ପାଠପଢା ନେଇ ପିଲାଙ୍କ ଉପରେ କୌଣସି ଚାପ ପକାନ୍ତି ନାହିଁ। ପାଠପଢା ସରିବା ମାତ୍ରେ ସେଠାକାର ପିଲାମାନେ ଲିଙ୍ଗ ନିର୍ବିଶେଷରେ ଚାକିରି କରିଥାନ୍ତି। ତେବେ ସେଠାକାର ଯୁବବର୍ଗ କୌଣସି କାର୍ଯ୍ୟକୁ ଛୋଟ ମନେକରନ୍ତିନି।

# କଳିଙ୍ଗ ଷ୍ଟାଡିୟମରେ ଗ୍ରୀଷ୍ମକାଳୀନ ଚେସ୍ ଶିବିର

ଭୁବନେଶ୍ୱର, ୨୪।୪ (କ୍ରୀଡ଼ା ପ୍ରତିନିଧି)

ଏବେ ରାଜ୍ୟରେ ଚାଲିଛି ବିଭିନ୍ନ କ୍ରୀଡ଼ାର ଗ୍ରୀଷ୍ମକାଳୀନ ପ୍ରଶିକ୍ଷଣ ଶିବିର ଋତୁ। ଏଥିରେ ଯୋଡ଼ି ହୋଇଛି ଚେସ୍। ରାଜ୍ୟ ସରକାରଙ୍କ କ୍ରୀଡ଼ା ଓ ଯୁବସେବା ବିଭାଗ ସହଯୋଗରେ ଅଲ୍ ଓଡ଼ିଶା ଚେସ୍ ଆସୋସିଏଶନ୍ (ଏଓସିଏ) ପକ୍ଷରୁ ମେ' ୨ରୁ ୨୧ ପର୍ଯ୍ୟନ୍ତ ଚେସ୍ ସମର କ୍ୟାମ୍ପ ସ୍ଥାନୀୟ କଳିଙ୍ଗ ଷ୍ଟାଡିୟମରେ ହେବାକୁ ଯାଉଛି। ଏହି ଶିବିର ଦୁଇଟି ଗ୍ରୁପ୍ (ବିଗ୍‌ନର ଓ ଇଣ୍ଟରମିଡିଏଟ୍)ରେ ଅନୁଷ୍ଠିତ ହେବ। ବିଗ୍‌ନର ବା ପ୍ରାରମ୍ଭିକ ସ୍ତରର ପିଲାଙ୍କ ପାଇଁ ସମୟ ଅପରାହ୍ଣ ୪ଟାରୁ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ରହିଛି। ଯେଉଁଥିରେ କେବଳ ୧୫ ବର୍ଷରୁ କମ୍ ପିଲାଙ୍କୁ ଅନୁମତି ଦିଆଯିବ। ଇଣ୍ଟରମିଡିଏଟ୍ ସ୍ତର ପାଇଁ ସମୟ ସକାଳ ୮ଟାରୁ ୧୦ଟା, ଯାହାକି ସବୁ ବୟସ ବର୍ଗ ପାଇଁ ଉନ୍ମୁକ୍ତ ରହିବ। କଳିଙ୍ଗ ହକି ଷ୍ଟାଡିୟମର ଗେଟ୍ ନଂ ୩ ନିକଟରେ ଅପରାହ୍ଣ ୩.୩୦ରୁ ୫.୩୦ ପର୍ଯ୍ୟନ୍ତ ପଞ୍ଜୀକରଣ ପ୍ରକ୍ରିୟା ଚଳିତ ମାସ ୨୪ରୁ ୩୦ ପର୍ଯ୍ୟନ୍ତ ଚାଲିବ। ପିଲାଙ୍କ ନାମ ପଞ୍ଜୀକରଣ ପାଇଁ ୫୦୦ ଟଙ୍କା ଦେବାକୁ ପଡିବ। ଉପଲବ୍ଧ ବାରକୋଡ୍ ମାଧ୍ୟମରେ ମଧ୍ୟ ପଞ୍ଜୀକରଣ ହୋଇପାରିବ। ଗୋଟିଏ ବ୍ୟାଚ୍‌ରେ କେବଳ ୫୦ ଛାତ୍ରୀଛାତ୍ରଙ୍କୁ ଅନୁମତି ଦିଆଯିବ। ଅଧିକ ସୂଚନା ପାଇଁ ଶୟନ ଦାସ କିମ୍ବା ଏଓସିଏ ସମ୍ପାଦକ ଦେବବ୍ରତ ଭଞ୍ଜଙ୍କ ସହ ଯୋଗାଯୋଗ କରାଯାଇପାରିବ। ଚେସ୍ ଖେଳର ପ୍ରଚାର ପ୍ରସାର ପାଇଁ ଓଡ଼ିଶା ସରକାରଙ୍କ ସହଯୋଗରେ ଆଗାମୀ ମାସରେ ଓଡ଼ିଶାର ବିଭିନ୍ନ ଜିଲାରେ ଚେସ୍ ସମର କ୍ୟାମ୍ପ ଆୟୋଜନ ହେବ ବୋଲି ଦେବବ୍ରତ କହିଛନ୍ତି।



## କିଟ୍‌ରେ ୧୧ ଗେମ୍‌ର କ୍ୟାମ୍ପ

ପୂର୍ବ ବର୍ଷ ଗୁଡ଼ିକଭଳି ଏଥର ମଧ୍ୟ କିଟ୍ ବିଶ୍ୱବିଦ୍ୟାଳୟ ପରିସରରେ ବିଭିନ୍ନ କ୍ରୀଡ଼ାର ସମରକ୍ୟାମ୍ପ ଆରମ୍ଭ ହେବାକୁ ଯାଉଛି। ମେ' ୧ରୁ ଏହା ଆରମ୍ଭ ହୋଇ ଜୁନ ୩୦ ପର୍ଯ୍ୟନ୍ତ ଚାଲିବ। ଆର୍ଚେରୀ, ଆଥ୍‌ଲେଟିକ୍ସ, ବ୍ୟାଡ୍‌ମିଣ୍ଟନ, ବାସ୍କେଟବଲ, ଚେସ୍, କ୍ରିକେଟ, ଲନ୍ ଟେନିସ, ହକି, ସୁଇମିଂ, ଭଲିବଲ, ଟେବୁଲ ଟେନିସ ଆଦି ୧୧ ଗେମ୍ ଏବଂ ସ୍ୱାସ୍ଥ୍ୟ ଓ ଫିଟ୍‌ନେସ ଉପରେ କ୍ୟାମ୍ପ ହେବ। ଏଥିରେ ଉଭୟ ବିଗ୍‌ନର ଏବଂ କ୍ରୀଡ଼ାକୁ କ୍ୟାରିୟର କରୁଥିବା ପିଲାମାନେ ଅଂଶଗ୍ରହଣ କରିପାରିବେ। ସକାଳ ୬ରୁ ୯ ଏବଂ ଅପରାହ୍ଣ ୩ଟାରୁ ରାତି ୮ଟା ପର୍ଯ୍ୟନ୍ତ କ୍ୟାମ୍ପର ସମୟସୀମା ରହିବ।

# ସ୍ପେଶାଲ ଅଲିମ୍ପିକ୍ସ ଜାତୀୟ ଶିବିରରେ ଓଡ଼ିଶାରୁ ୧୦



ସ୍ପେଶାଲ ଅଲିମ୍ପିକ୍ସ ଜାତୀୟ ଶିବିରପାଇଁ ମନୋନୀତ ଓଡ଼ିଶା ଖେଳାଳି ଓ ଅନ୍ୟମାନେ।

ଭୁବନେଶ୍ୱର, ୨୪।୪ (କ୍ରୀଡ଼ା ପ୍ରତିନିଧି)

ନଏଡ଼ାର ଆମିଟି ବିଶ୍ୱବିଦ୍ୟାଳୟ ପରିସରରେ ସ୍ପେଶାଲ ଅଲିମ୍ପିକ୍ସର ଜାତୀୟ ପ୍ରସ୍ତୁତି ଶିବିର ଚଳିତମାସ ୨୫ରୁ ୨୯ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଏଥିରେ ଭାଗ ନେବାପାଇଁ ମନୋନୀତ ଓଡ଼ିଶାର ୧୦ ଆଥ୍‌ଲେଟ ସୋମବାର ନଏଡ଼ା ଯାତ୍ରା କରିଛନ୍ତି। ସ୍ପେଶାଲ ଅଲିମ୍ପିକ୍ସ ଭାରତ-ଓଡ଼ିଶାର ବଲାଙ୍ଗୀର ଜିଲା ସଂଯୋଜକ ଉମାକାନ୍ତ ଷଡ଼ଙ୍ଗୀ ବିମାନ ବନ୍ଦରଠାରେ ଓଡ଼ିଶା ଆଥ୍‌ଲେଟଙ୍କୁ ବିଦାୟୀ ଶୁଭେଚ୍ଛା ଜଣାଇଥିଲେ। ଓଡ଼ିଶା ଦଳରେ ସାମିଲ ଥିବା ସଦସ୍ୟମାନେ ହେଲେ ଫୁଟସାଲ ଆଥ୍‌ଲେଟ ବୈଷ୍ଣବ ରାଜପାଲିଆ, ଆଥ୍‌ଲେଟ ସଚିନ ବାରିକ ଓ ଅରିଦିତା ଚକ୍ରବର୍ତ୍ତୀ, ସାଇକ୍ଲିଷ୍ଟ କଳ୍ପନା ଜେନା, ୟୁନିଫାଏଡ୍ ଭଲିବଲ ସଦସ୍ୟ ଜ୍ୟୋତି ରଞ୍ଜନ ଓଝା, ମାମାଲି ନାଗ୍ ଓ ଶିବାନୀ ପ୍ରିୟଦର୍ଶିନୀ, ଫୁଟ୍‌ସାଲ କୋଚ୍ ଝସକେତନ ସାହୁ, ବାସ୍କେଟବଲ କୋଚ୍ ସସ୍ମିତା ରାଉତରାୟ ଏବଂ ସପୋର୍ଟ ଷ୍ଟାଫ୍ ଚିନ୍ମୟୀ ବେହେରା। ଓଡ଼ିଶା ଦଳର ସଦସ୍ୟମାନେ ନିଜ ନିଜ କ୍ରୀଡ଼ା ବିଭାଗରେ ଭାଗନେବେ। ଉକ୍ତ ଶିବିରରୁ ସ୍ପେଶାଲ ଅଲିମ୍ପିକ୍ସ ୱାର୍ଲ୍ଡ ସମର ଗେମ୍ସ ୨୦୨୩ ପାଇଁ ଦଳ ଚୟନ ହେବ। ୱାର୍ଲ୍ଡ ସମର ଗେମ୍ସ ଜର୍ମାନୀର ବର୍ଲିନଠାରେ ଚଳିତ ବର୍ଷ ଜୁନ୍ ମାସରେ ଅନୁଷ୍ଠିତ ହେବ। ସ୍ପେଶାଲ ଅଲିମ୍ପିକ୍ସ ଭାରତ-ଓଡ଼ିଶାର ଆଞ୍ଚଳିକ ନିର୍ଦ୍ଦେଶକ ପ୍ରକାଶ କୁମାର ରଥ, ସଭାପତି କସ୍ତୁରୀ ମହାପାତ୍ର, ରାଜ୍ୟ ପ୍ରୋଗ୍ରାମ ସଂଯୋଜକ ଅର୍ପିତା ମହାପାତ୍ର, କିଟ୍ ବିଶ୍ୱବିଦ୍ୟାଳୟର କ୍ରୀଡ଼ା ମହାନିର୍ଦ୍ଦେଶକ ଗଗନେନ୍ଦୁ ଦାଶ ଓଡ଼ିଶା ଦଳକୁ ଶୁଭେଚ୍ଛା ଜଣାଇଛନ୍ତି।

# ସିଡ୍‌ନୀ କ୍ରିକେଟ ଗ୍ରାଉଣ୍ଡରେ ସଚିନ ଗେଟ୍ ଉନ୍ମୋଚିତ

ସିଡ୍‌ନୀ, ୨୪।୪ (ପି.ଟି.): ବ୍ୟାଟିଂ କିମ୍ବଦନ୍ତୀ ସଚିନ ତେନ୍ଦୁଲକରଙ୍କ ୫୦ତମ ଜନ୍ମ ଦିବସ ଅବସରରେ ସ୍ଥାନୀୟ ସିଡ୍‌ନୀ କ୍ରିକେଟ ଗ୍ରାଉଣ୍ଡ (ଏସ୍‌ସିଜି)ରେ ତାଙ୍କ ନାମରେ ଏକ ଗେଟ୍ ସୋମବାର ଉନ୍ମୋଚିତ ହୋଇଛି। ସୋମବାର ୫୦ବର୍ଷରେ ପଦାର୍ପଣ କରିଥିବା ତେନ୍ଦୁଲକର ଭାରତ ବାହାରେ ତାଙ୍କର ଏହି ଫେଭରାଇଟ୍ ଗ୍ରାଉଣ୍ଡରେ ୩ଟି ଶତକ ସହ ୭୮୫ ରନ ସଂଗ୍ରହ କରିଛନ୍ତି। ସେ ଏଠାରେ ୫ଟି ଟେଷ୍ଟ ମ୍ୟାଚ ଖେଳିଛନ୍ତି।



ତାଙ୍କର ସର୍ବୋଚ୍ଚ ସ୍କୋର ୨୪୧ ନଟ୍‌ଆଉଟ (୨୦୦୪ରେ) ରହିଛି। ତେନ୍ଦୁଲକର ଏହି ରନ ସବୁ ୧୫୭ ଆଭରେଜରେ ସଂଗ୍ରହ କରିଛନ୍ତି। ତାଙ୍କ ନାମରେ ଗେଟ୍ ଉନ୍ମୋଚନ କରାଯିବା ଅବସରରେ ଭାରତୀୟ ବ୍ୟାଟିଂ ଆଇକନ କହିଛନ୍ତି, ଭାରତ ବାହାରେ ସିଡ୍‌ନୀ କ୍ରିକେଟ ଗ୍ରାଉଣ୍ଡ ତାଙ୍କର ଫେଭରାଇଟ୍ ଥିଲା। ୧୯୯୧-୯୨ରେ ତାଙ୍କର ପ୍ରଥମ ଅଷ୍ଟ୍ରେଲିଆ ଟୁର୍ ପରଠାରୁ ଏସ୍‌ସିଜିରେ ବହୁ ଅଭୁଲା ସ୍ମୃତି ରହିଛି। ଅନ୍ୟ ଏକ ଗେଟ୍ ବ୍ରାଏନ ଲାରାଙ୍କ ନାମରେ ନାମିତ ହୋଇଛି।

# ସେଲିବ୍ରିଟି କ୍ରିକେଟ ଲିଗ୍: ଭୁବନେଶ୍ୱର ବ୍ଲାଷ୍ଟର୍ସ ଚାମ୍ପିୟନ

ଭୁବନେଶ୍ୱର,୨୪।୪(ସ୍ପୋର୍ଟ୍ସ ବ୍ୟୁରୋ)

ଆରଆର ଇଭେଣ୍ଟ୍ସ ପକ୍ଷରୁ ଦୁଇ ଦିନିଆ ସେଲିବ୍ରିଟି କ୍ରିକେଟ ଲିଗ ଉଦ୍‌ଯାପିତ ହୋଇଛି। ପିଣ୍ଟୁ ନନ୍ଦ ଓ ମିହିର ଦାସଙ୍କ ସ୍ମୃତିରେ କେଶୁରା ପଡିଆରେ ଅନୁଷ୍ଠିତ ଟୁର୍ନାମେଣ୍ଟରେ ଭୁବନେଶ୍ୱର ବ୍ଲାଷ୍ଟର୍ସ ଚାମ୍ପିୟନ ହୋଇଛି। ଓଡ଼ିଶାର ଅଭିନେତା, ଅଭିନେତ୍ରୀ, ଗାୟକ ଓ ଟେକ୍ନିସିଆନ୍ ଏଥିରେ ଅଂଶଗ୍ରହଣ କରିଥିଲେ। ପ୍ରଥମ ଦିନରେ ଶୀତଲ ପାତ୍ର, ମଣ୍ଟୁ, ଦେବାଶିଷ, ପପୁ ପମପମ୍‌ଙ୍କ ସହିତ ରଣଜୀ ଟ୍ରଫି ଖେଳାଳି ଅନୁରାଗ ଷଡଙ୍ଗୀ ଓ ବି. ଶିବା ଅତିଥି ଭାବରେ ଯୋଗ ଦେଇଥିଲେ। ଦ୍ୱିତୀୟ ଦିନରେ ସବ୍ୟସାଚୀ, ଅର୍ଚ୍ଚିତାଙ୍କ ସହିତ ବିଧାୟକ ସୁରେଶ କୁମାର ରାଉତରାୟ, ଆକାଶ ଦାସ ନାୟକ, ଆଇଏଏସ ଅଫିସର ପାର୍ଥ ସାରଥୀ ନାୟକ ଓ ମଧୁସୂଦନ ନାୟକ ଅତିଥି ଭାବରେ ଯୋଗ ଦେଇଥିଲେ।



ଅତିଥି ଆକାଶ ଦାସ ନାୟକଙ୍କ ସହ ଚାମ୍ପିୟନ ଦଳର ଖେଳାଳି।

# ଆଥ୍‌ଲେଟଙ୍କୁ ଭିତ୍ତିଭୂମି ଯୋଗାଇବାକୁ ନିର୍ଦ୍ଦେଶ ଦେଲେ ମୋଦି

ଇମ୍ଫାଲ, ୨୪।୪ (ପି.ଟି.)

ଭାରତର ପ୍ରତିଭାବାନ କ୍ରୀଡାବିତ୍‌ମାନଙ୍କ ପାଇଁ ଉପଯୁକ୍ତ ଭିତ୍ତିଭୂମି ପ୍ରଦାନ କରିବାକୁ କେନ୍ଦ୍ର କ୍ରୀଡା ମନ୍ତ୍ରୀ ଓ ସମସ୍ତ ରାଜ୍ୟର କ୍ରୀଡା ମନ୍ତ୍ରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି। ଏହା ସହିତ କ୍ଷୁଦ୍ର ଓ ମଧ୍ୟମ ଲକ୍ଷ୍ୟ ପ୍ରସ୍ତୁତ କରି ଭାରତକୁ ଏକ ଅଗ୍ରଣୀ କ୍ରୀଡା ରାଷ୍ଟ୍ରରେ ପରିଣତ କରିବା ପାଇଁ ସେ ଆହ୍ୱାନ ଦେଇଛନ୍ତି। ମଣିପୁରର ଇମ୍ଫାଲରେ ସୋମବାର ଅନୁଷ୍ଠିତ ଚିନ୍ତନ ଶିବିରରେ ଭର୍ଚୁଆଲ ମୋଡରେ ନିଜ ଅଭିଭାଷଣରେ ମୋଦି ଏହା ଉପରେ ଗୁରୁତ୍ୱାରୋପ କରିଛନ୍ତି। ସ୍ଥାନୀୟ ଅଞ୍ଚଳର ଖେଳାଳି ଓ ଅଭିଜ୍ଞତାକୁ ସୁଯୋଗ ପ୍ରଦାନ ପୂର୍ବକ ଆଗକୁ ବଢ଼ିବାର ସୁଯୋଗ ମିଳିବା ଉଚିତ ବୋଲି କହିଛନ୍ତି ମୋଦି। ଏହା ସହିତ କୌଣସି ପ୍ରତିଭା ଯେମିତି ଅବହେଳିତ ନ ହୁଅନ୍ତି ଏହା ଉପରେ ମନ୍ତ୍ରୀମାନେ ସ୍ୱତନ୍ତ୍ର ଭାବରେ ଧ୍ୟାନ ଦେବାକୁ ସେ କହିଛନ୍ତି। ଆପଣମାନଙ୍କୁ କ୍ରୀଡା ଭିତ୍ତିଭୂମି ଓ ଅଭ୍ୟାସ ଉପରେ ଧ୍ୟାନ ଦେବାକୁ ପଡିବ। କ୍ଷୁଦ୍ର, ମଧ୍ୟମ ଓ ଦୀର୍ଘମିଆଦୀ ଯୋଜନା ମାଧ୍ୟମରେ ସମସ୍ତ ପ୍ରତିଭାଙ୍କୁ ଆଗକୁ ବଢ଼ିବାର ସୁଯୋଗ ମିଳିବା ଉଚିତ ବୋଲି ସେ କହିଛନ୍ତି। ଖେଲୋ ଇଣ୍ଡିଆ ଦ୍ୱାରା ଜିଲା ସ୍ତରରେ କ୍ରୀଡା ଭିତ୍ତିଭୂମିର ବିକାଶ ହୋଇଥିବା ବେଳେ ମନ୍ତ୍ରୀମାନେ ବର୍ତ୍ତମାନ ବ୍ଲକ୍ ସ୍ତରରେ କ୍ରୀଡା ଭିତ୍ତିଭୂମିର ବିକାଶ ଉପରେ ଧ୍ୟାନ କେନ୍ଦ୍ରିତ କରନ୍ତୁ। ଏପରି କରିବା ଦ୍ୱାରା ଭାରତ ନିଶ୍ଚୟ ବିଶ୍ୱ ଦରବାରରେ ନିଜକୁ ଏକ ଅଗ୍ରଣୀ କ୍ରୀଡା ରାଷ୍ଟ୍ର ଭାବରେ ପ୍ରତିଷ୍ଠିତ କରିପାରିବ।

## ସର୍ବଭାରତୀୟ ଓପନ ଫିଡେ ରେଟିଂ ଚେସ୍

# ଉତ୍କଳ ରଞ୍ଜନ ଏକକ ଅଗ୍ରଣୀ

ଭୁବନେଶ୍ୱର, ୨୪।୪ (କ୍ରୀଡ଼ା ପ୍ରତିନିଧି): ଆଇଆଇଜି ସ୍ପୋର୍ଟ୍ସ ଏକାଡେମୀ ଆନୁକୂଲ୍ୟରେ ଚାଲିଥିବା କେଟି ଗ୍ଲୋବାଲ ସର୍ବଭାରତୀୟ ଓପନ ଫିଡେ ରେଟିଂ ଚେସ୍ ଟୁର୍ନାମେଣ୍ଟର ସୋମବାର ୮ମ ରାଉଣ୍ଡ ଶେଷସୁଦ୍ଧା ଓଡ଼ିଶାର ଉତ୍କଳ ରଞ୍ଜନ ସାହୁ ଏକକ ଅଗ୍ରଣୀଲାଭ କରିଛନ୍ତି। ସେ ୭ ପଏଣ୍ଟ ପାଇଛନ୍ତି। ୪ ଓଡ଼ିଆ ଖେଳାଳିଙ୍କ ସମେତ ମୋଟ ୯ ଜଣ ୬.୫ ପଏଣ୍ଟ ଲେଖାଏ ପାଇ ମିଳିତ ଦ୍ୱିତୀୟ ସ୍ଥାନରେ ରହିଛନ୍ତି। ଟପ୍-୧୦ରେ ରହିଥିବା ଏହି



ଖେଳାଳିମାନେ ହେଲେ ଓଡ଼ିଶାର ତପନ ବଡ଼ମୁଣ୍ଡି, କୌସ୍ତୁଭ ଦାଶ, ନିଲସୁ ପଟ୍ଟନାୟକ, ଫକୀର ମାଝି, ପଶ୍ଚିମବଙ୍ଗର ଉଦ୍ଦୀପନ ରୟ, ଆଲେଖ୍ୟ ମୁଖୋପାଧ୍ୟାୟ, ଅର୍ପଣ ଦାସ, ଅରିତ୍ରୟ ପାଲ୍ ଏବଂ ତାମିଲନାଡୁର କୁମାର ଜଗନ୍ନାଥ କିଶୋର। ୮ମ ରାଉଣ୍ଡରେ ଓଡ଼ିଶାର ଦୁଇ ଖେଳାଳି ଉତ୍କଳ ଓ ନିଲସୁ ପଏଣ୍ଟଭାଗ କରିଥିଲେ। ସେହିପରି ଓଡ଼ିଶାର କୌସ୍ତୁଭ ଓ ପଶ୍ଚିମବଙ୍ଗର ଆଲେଖ୍ୟ ଏବଂ ଦୁଇ ପଶ୍ଚିମବଙ୍ଗ ଖେଳାଳି ଉଦ୍ଦୀପନ ଓ ଅର୍ପଣ ନିଜ ମଧ୍ୟରେ ମ୍ୟାଚ ଡ୍ର ରଖିଥିଲେ। ଓଡ଼ିଶାର ଫକୀର ମାଝି ନିଜ ରାଜ୍ୟର ମନୋଜ ପାଣିଗ୍ରାହୀଙ୍କୁ, ତପନ ବଡ଼ମୁଣ୍ଡି ତାମିଲନାଡୁର ଜି. ନିଗାସଙ୍କୁ, ତାମିଲନାଡୁର କୁମାର ଜଗନ୍ନାଥ କିଶୋର ଓଡ଼ିଶାର ସଙ୍କେତ ସାଗର ଦାଶଙ୍କୁ ଏବଂ ପଶ୍ଚିମବଙ୍ଗର ଅରିତ୍ରୟ ପାଲ୍ ଓଡ଼ିଶାର ଶ୍ରୀୟାଂଶ ଦାସଙ୍କୁ ପରାସ୍ତ କରିଛନ୍ତି। ମଙ୍ଗଳବାର ଫାଇନାଲ ରାଉଣ୍ଡ ସହ ପ୍ରତିଯୋଗିତା ଉଦ୍‌ଯାପିତ ହେବ।


## BHUBANESWAR DEVELOPMENT AUTHORITY
AKASH SHOVA BUILDING
PANDIT JAWAHARLAL NEHRU MARG, BHUBANESWAR-751001
PABX No.0674-2392801,2390998 & 2396437, Fax No.0674-2390633/ 2390085

Letter No.12831/BDA, Bhubaneswar Dated:21.04.2023
File No.BDA/Planning (General Branch)/2023/20

### ବିଜ୍ଞାପନ

No.CAD-297:ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି କି ଯେ TP-1 (ମୌଜା-ପାଇକରାପୁର, ସିକୁପୁଟ, ସହଜପୁର, ନାରଗୋଦା)ରେ ରୟତମାନଙ୍କର ଜମିର ସୀମା ନିର୍ଦ୍ଧାରଣ କାର୍ଯ୍ୟ ଆରମ୍ଭ କରିଦିଆଯାଇଛି । ମୌଜାର ରୟତମାନଙ୍କୁ ଅନୁରୋଧ ସେମାନେ ସରଜମିନରେ ଉପସ୍ଥିତ ରହି ଦଖଲ ନେବେ । ଏହି ମର୍ମରେ ମୌଜା ପାଇକରାପୁର, ସିକୁପୁଟ, ସହଜପୁର, ନାରଗୋଦା (TP-1) ଅନ୍ତର୍ଗତ ରୟତମାନଙ୍କର ଜମିର ସୀମା ନିର୍ଦ୍ଧାରଣ ଏବଂ ତତ୍ ସଂଲଗ୍ନ ଦଖଲ ନିମ୍ନମତେ ସୂଚାଇ ଦିଆଯାଇଥିବା ସାରଣୀ ମୁତାବକ ସକାଳ ୭ ଘଟିକାରୁ ଦିବା ୧୧ ଘଟିକା ମଧ୍ୟରେ କରାଯିବ । ମୌଜାର ରୟତମାନଙ୍କୁ ଅନୁରୋଧ ସେମାନେ ସରଜମିନରେ ଉପସ୍ଥିତ ରହି ନିଜ ନିଜ ଜମିର ଦଖଲ ନେବାରେ କର୍ତ୍ତୃପକ୍ଷଙ୍କୁ ସାହାଯ୍ୟ କରିବା ହେବେ ।
ଖତିୟାନରେ ଲେଖାଥିବା ସମସ୍ତ ରୟତମାନେ ସରଜମିନରେ ଉପସ୍ଥିତ ରହିବା ନିତାନ୍ତ ଆବଶ୍ୟକ । ସମସ୍ତ ରୟତମାନଙ୍କୁ ଅନୁରୋଧ ସେମାନେ ନିଜ ନିଜ ଆଧାରକାର୍ଡର original ଏବଂ ଏକ xerox copy ସାଙ୍ଗରେ ନେଇ ସରଜମିନରେ ଉପସ୍ଥିତ ରହିବା ହେବେ ।

| କ୍ରମିକ ସଂଖ୍ୟା | ମୌଜାର ନାମ | Block ନମ୍ବର | Block କ୍ରମରେ TP ପ୍ଲଟ ନମ୍ବର | ଦଖଲ ହସ୍ତାନ୍ତର ତାରିଖ |
|---|---|---|---|---|
| 1. | ପାଇକରାପୁର (TP-1) | 91 | 1570,1590+1591,1577,1578,1571/1,1571/2,1693+1767 | 24.04.2023 |
| 2. | | 43 | 1719,1705,1706,1707,1715,1708/2,1708/3,1713,1714 | |
| 3. | | 84 | 1899/2,2497/2,2498/2,1799,1816 | 25.04.2023 |
| 4. | | 85 | 1798,1905/2,1897,1899/5,1899/3,1899/6 | |
| 5. | | 80 | 1538,1537/2,1640/14,1640/7,1532,1623/1,1622,1530, 1533 | 26.04.2023 |
| 6. | | 83 | 1660,1636,1632,1635,1633,1634,1656,1658, 1804,1798,1651,1650,1657/1 | |
| 7. | | 71 | 1419/3,1419/4,1419/2,1400+1427,1402,1411/2,1420 | 27.04.2023 |
| 8. | | 62 | 1399+1403,1485,1481,1483,1482,1484,1418,1406,1404 | |
| 9. | | 4 | 2482,2486,2487,2290,2289/2,2492,2482 | |
| 10. | | 6 | 1886,1876,1872 | 28.04.2023 |
| 11. | | 7 | 1873,1878/3,1878/1,1865+1877,1870/1+1870/2+1871 + 1878/2 | |
| 12. | | 8 | 1861,1862,1863+1864,1860,1859/1 | |
| 13. | | 40 | 1681/1,1755,1750,1575,1685/3,1685/2,1685/1,1680, 1679,1681/2 | 29.04.2023 |
| 14. | | 41 | 1736,1737/2,1686,1683,1684/3,1684/1,1684/2,1687,1 691, 1689,1690,1688,1735/2 | |
| 15. | | 87 | 1785,1910,1911,1909/4,1909/3,1909/2,2497/1,2498/1, 2497/2,1915/2,1906,1907,1786/2,1788, 1786/1 | 01.05.2023 |
| 16. | | 86 | 1497+1661,1793/2,1792/2,1793/8,1793/3,1793/4,1793/5 , 1793/6,1793/7 | |
| 17. | ସିକୁପୁଟ (TP-1) | 26 | 818,1051,1042,1020/3,1020/2 | 02.05.2023 |
| 18. | | 27 | 814,816,816,817/2,817/1,811,809,810,793,794,792 | |
| 19. | | 28 | 807,806,791,808 | 03.05.2023 |
| 20. | | 29 | 796,790,789,787/2+787/3,787/1 | |
| 21. | | 30 | 749,750,752,751,747,798/2,797,748,776,777 | |
| 22. | ସହଜପୁର (TP-1) | 2 | 203,202,201,199,198/2,204,286/1 | 04.05.2023 |
| 23. | | 3 | 150,151,152,149,148,147,145 | |
| 24. | | 4 | 142/2,139,138+141,140,143,137,200 | |
| 25. | | 7 | 133,136,197,206/3,197,156,153,154,155,186,194, 195,196 | 06.05.2023 |
| 26. | | 10 | 42,39/3,39/2,37/2,37/1,37/3,37/4,38,102,71,72 | |
| 27. | | 11 | 65,62,61,59,56,58,46,47,48,41/2,41/3,45,39/4,43,44 | 08.05.2023 |
| 28. | | 15 | 185,134/3,134/1,176,177,183,172,173,181,158,182 | |
| 29. | | 16 | 128/1,129,128/2,128/3,130/2,130/1,135,134/2,161,160 | 09.05.2023 |
| 30. | | 21 | 237,238,169,83,228,236,255,239 | |
| 31. | | 22 | 117/3,117/1,117/2.,126,120,127,118,119/2,164 | |
| 32. | | 26 | 49,52,51+53,55+57,7,8/1/1,11/3,11/2,17/3,17/7,17/6,1 7/2, 18,17/4,17/5,8/2,8/3,8/4,17/1,50,54 | 10.05.2023 |
| 33. | | 27 | 2, 3, 10, 8/1/2, 9, 11/1, 16, 24/3, 248/2, 13, 12 | |
| 34. | ନାରଗୋଦା (TP-1) | 20 | 471,464,317,470,469,468,466,467,463/3 | 11.05.2023 |
| | | 23 A | 591 | |
| | | 25 A | 554,559 | |
| 35. | | 8 | 306/1, 306/2, 298, 331/6, 331/1, 331/4, 331/5, 331/3, 331/2; 336, 297/3, 297/2, 297/1 | 12.05.2023 |
| 36. | | 10 | 315, 314, 313, 312; 303, 300+308, 295, 294 | |
| 37. | | 9 | 299,304,305/1,305/2,296 | 15.05.2023 |
| 38. | | 12 | 644,645,653,652,646/1,650,646/2; | |
| 39. | | 1 | 630, 631, 633/1, 633/2, 634, 651/2, 661/1, 661/2 | |

ସ୍ୱା./-ସଚିବ
ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ
OIPR-13033/11/0038/2324



## BOARD OF REVENUE:ODISHA:CUTTACK
(ESTABLISHMENT SECTION)
No. XV-E-05/2023-1489/Estt. Dated 21.04.2023

### SHORT TENDER NOTICE

No.F-30:Board of Revenue, Odisha, Cuttack invites tender for providing services of 78(Seventy Eight) numbers of Multitasking Court Assistants (MCA) in respect of the 39 Revisional courts under the Board of Revenue, Odisha. Cuttack on outsourcing basis. The details of the tender documents are available in Board of Revenue website https://boardodisha.nic.in. The interested parties are requested to visit the website.
The last date of apply for the tender is 06.05.2023, 04.00 P.M.

Sd./- Additional Secretary, Estt.
OIPR-24002/11/0003/2324



## OFFICE OF THE BASUDEVPUR MUNICIPALITY, BHADRAK
No.-1774 Date:24.04.2023

### E-Procurement Notice

Bid Identification No.BM_TCN_01_2023-24

No.C-151:Bid Documents consisting of Work, Estimated Cost, Cost of Tender Paper, EMD, Time of completion, Class of contractors and the set of terms and conditions or contract and other necessary documents can be seen in Govt. website i.e. https://tendersodisha.gov.in/nicgep/app.

1. Name of the Work : Civil Const works as mentioned in DTCN
2. No. of works : 01 no.
3. Estimated Cost : As per Work List
4. Period of Completion : As per DTCN
5. Date and Time of Bidding : 26.04.2023(10 A.M.) to 03.05.2023
6. Last date and time for receipt : 03.05.2023 up to 5.00 P.M.
7. Bids received online shall be opened on : 04.05.2023 from 11 A.M. onwards
8. Name and address of the Officer Inviting Bid : Executive Officer, Basudevpur Municipality

Sd./- Executive Officer
Basudevpur Municipality
OIPR-13135/11/0001/2324



## OFFICE OF THE DISTRICT MANAGER
## ODISHA STATE CIVIL SUPPLIES CORPORATION LTD. (OSCSC)
GANJAM DISTRICT
Phone: 06811-263931, District Website: www.ganjam.nic.in
Tender No. 2441 Dt.23.04.2023

No. CAD-296: District Manager, Odisha State Civil Supplies Corporation Ltd., Ganjam District invites tendrs in Double Cover System through ONLINE MODE ONLY for the works below:

| | | |
|---|---|---|
| 1 | Name of the work | Selection and appointment of Level-I Trnasport Contractor for transportation of Food Grains from FSD, FCI to RRCs |
| 2 | Availability of Bid document in the portal | From Date: 24.04.2023 |
| 3 | Last date/time for receipt of bids in the portal | Dt.08.05.2023 upto 5.00 P.M. |
| 4 | Date/time of Opening of Technical Bid | Dt.09.05.2023 upto 11.00 A.M. |
| 5 | Name and adderss of the Officer Inviting Tender | District Manager, OSCSC Ltd., Ganjam District. |

Tender documents & other details can be seen form the e-procurement portal **www.oscsc.in, www.foododisha.in & www.tendersodisha.gov.in** along with district website. Amendments/corrigendum/cancellation/retenders etc. if any shall be published only in above websites.

Sd./- District Manager
OSCSC Ltd., Ganjam, Chatrapur

## OFFICE OF THE DISTRICT MANAGER
## ODISHA STATE CIVIL SUPPLIES CORPORATION LTD. (OSCSC)
GANJAM DISTRICT
Phone: 06811-263931, District Website: www.ganjam.nic.in
Tender No. 2442 Dt.23.04.2023

District Manager, Odisha State Civil Supplies Corporation Ltd., Ganjam District invites tendrs in Double Cover System through ONLINE MODE ONLY for the works below:

| | | |
|---|---|---|
| 1 | Name of the work | Selection and appointment of Handling Contractor (Labour Works) for Handling of Foodgrains (Rice, Wheat) at the RRCs (except in those PEG godowns where godown owner is undertaking handling work) in the district of the State of Odisha. |
| 2 | Availability of Bid document in the portal | From Date: 24.04.2023 |
| 3 | Last date/time for receipt of bids in the portal | Dt.08.05.2023 upto 5.00 P.M. |
| 4 | Date/time of Opening of Technical Bid | Dt.09.05.2023 upto 11.00 A.M. |
| 5 | Name and adderss of the Officer Inviting Tender | District Manager, OSCSC Ltd., Ganjam District. |

Tender documents & other details can be seen form the e-procurement portal **www.oscsc.in, www.foododisha.in & www.tendersodisha.gov.in** along with district website. Amendments/corrigendum/cancellation/retenders etc. if any shall be published only in above websites.

Sd./- District Manager
OSCSC Ltd., Ganjam, Chatrapur
OIPR-07034/11/0001/2324



See Career Appointment on every Wednesday & Saturday



## WORLD SKILL CENTER
Block-B, Sector-A Tower, 2010, Mancheswar Industrial Estate, Bhubaneswar - 751007, Country - India
Telephone/Fax: +91-674-2580079
Website: www.worldskillcenter.org
Email address: tenders@worldskillcenter.org

### TENDER CALL NOTICE FOR EMPANELMENT AND SELECTION OF FIRMS FOR SUPPLY OF CONSUMABLES AT SCHOOL OF SERVICES, WORLD SKILL CENTER, BHUBANESWAR

Tender Enquiry No. WSC/Proc/EMP/SOS/2023-762 Date: 22.04.2023

No. CAD-295: World Skill Center, a Government of Odisha Company, invites quotations for selection of firms for Empanelment with WSC for the Supply of Consumables for School of Services. The empanelment shall be made for a period of one year from the date of first purchase order from WSC, Bhubaneswar which may be extended for further period.
Eligible firms and agencies are requested to submit their quotations in prescribed application form. The detailed terms & conditions, eligibility etc are in the tender document which can be downloaded from the WSC website: **www.worldskillcenter.org/tender**. Proposals duly filled in and complete in all respects should reach the office of the Chief Executive Officer, World Skill Center at Mancheswar Industrial Estate, Bhubaneswar - 751007.
For any queries related to tender, please contact Mr. Chandan Kumar, GM (Procurement & Contract Management), World Skill Center, Bhubaneswar, Contact No. +91-9650607819, Email: **tenders@worldskillcenter.org**.

| | |
|---|---|
| Last Date & Time for Submission of Bids | 05.05.2023 at 03.00 P.M. IST |
| Date & Time of Opening of Bids | 05.05.2023 at 04.00 P.M. IST |

Sd./- Chief Executive Officer

## WORLD SKILL CENTER
Block-B, Sector-A Tower, 2010, Mancheswar Industrial Estate, Bhubaneswar - 751007, Country - India
Telephone/Fax: +91-674-2580079
Website: www.worldskillcenter.org
Email address: tenders@worldskillcenter.org

### TENDER CALL NOTICE FOR EMPANELMENT AND SELECTION OF FIRMS FOR PRINTING OF COURSE MATERIAL AT SCHOOL OF SERVICES, WORLD SKILL CENTER, BHUBANESWAR

Tender Enquiry No. WSC/Proc/EMP/CM/2023-763 Date: 23.04.2023

World Skill Center, a Government of Odisha Company, invites quotations for selection of firms for Empanelment with WSC for the Printing of Course Material. The empanelment shall be made for a period of one year from the date of first purchase order from WSC, Bhubaneswar which may be extended for further period.
Eligible firms and agencies are requested to submit their quotations in prescribed application form. The detailed terms & conditions, eligibility etc are in the tender document which can be downloaded from the WSC website: **www.worldskillcenter.org/tender**. Proposals duly filled in and complete in all respects should reach the office of the Chief Executive Officer, World Skill Center at Mancheswar Industrial Estate, Bhubaneswar - 751007.
For any queries related to tender, please contact Mr. Chandan Kumar, GM (Procurement & Contract Management), World Skill Center, Bhubaneswar, Contact No. +91-9650607819, Email: **tenders@worldskillcenter.org**.

| | |
|---|---|
| Last Date & Time for Submission of Bids | 04.05.2023 at 03.00 P.M. IST |
| Date & Time of Opening of Bids | 04.05.2023 at 04.00 P.M. IST |

Sd./- Chief Executive Officer
OIPR-44011/11/0007/2324

## ଜନ୍ମଦିନର ଶୁଭେଚ୍ଛା

ନାମ: ....................................
ବୟସ:....................................
ଜନ୍ମ ତାରିଖ: ..............................


ରିନି
ପରିବାରବର୍ଗ


ଗୁଗୁଲି
ପରିବାରବର୍ଗ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ପିପିସିର ନୂଆ ଟିମ୍

- ୫ ବରିଷ୍ଠ ଉପସଭାପତି, ୧୨ ଉପସଭାପତି, ୩୯ ସାଧାରଣ ସମ୍ପାଦକ, ୬୧ସମ୍ପାଦକ
- କୋଷାଧ୍ୟକ୍ଷ ସନ୍ତୋଷ ସିଂ ସାଲୁଜା
- ଗଣେଶ୍ୱର ପିସିସି ଗଣମାଧ୍ୟମ ଅଧ୍ୟକ୍ଷ

ଭୁବନେଶ୍ୱର,୨୪।୪(ବ୍ୟୁରୋ)

ଆସନ୍ତା ସାଧାରଣ ନିର୍ବାଚନ ପୂର୍ବରୁ ପ୍ରଦେଶ କଂଗ୍ରେସ କମିଟି(ପିସିସି) ନୂଆ ଟିମ୍ ଗଠନ କରିଛି । କଂଗ୍ରେସ ରାଜ୍ୟ ସଭାପତି ଦାୟିତ୍ୱ ନେବାର ପ୍ରାୟ ୧୧ମାସ ପରେ ଶରତ ପଟ୍ଟନାୟକ ନିଜର ୨୧୨ ଜଣିଆ ଟିମ୍ ଗଠନ କରିଛନ୍ତି । ଏହି ଟିମ୍‌ରେ ୫ ବରିଷ୍ଠ ଉପସଭାପତି, ୧୨ ଉପସଭାପତି, ୩୯ ସାଧାରଣ ସମ୍ପାଦକ, ୬୧ ସମ୍ପାଦକ ଓ ଜଣେ କୋଷାଧ୍ୟକ୍ଷ, ୬୭ଜଣିଆ କାର୍ଯ୍ୟକାରିଣୀ କମିଟି ସଦସ୍ୟ ଓ ୨୭ଜଣିଆ ମିଡିଆ ବିଭାଗ ସଦସ୍ୟ ରହିଛନ୍ତି । ସୋମବାର ପିସିସି ପକ୍ଷରୁ ଦିଆଯାଇଥିବା ଏହି ପ୍ରସ୍ତାବକୁ ଅଖିଳ ଭାରତ କଂଗ୍ରେସ କମିଟି (ଏଆଇସିସି) ଅନୁମୋଦନ କରିଛି। ନୂଆଟିମ୍‌ରେ ବରିଷ୍ଠ ଉପ ସଭାପତି ଭାବେ ଗଣେଶ୍ୱର ବେହେରା, ତାରା ପ୍ରସାଦ ବାହିନୀପତି, ଦେବାଶିଷ ପଟ୍ଟନାୟକ, ଶିବାନନ୍ଦ ରାୟ ଏବଂ ସରସ୍ୱତୀ ହେମ୍ବ୍ରମଙ୍କୁ ନିଯୁକ୍ତି ଦିଆଯାଇଥିବା ବେଳେ ଉପସଭାପତି ଭାବେ ମମତା ମାଝୀ, ଅଧିରାଜ ମୋହନ ପାଣିଗ୍ରାହୀ, ରାଜେନ୍ଦ୍ର ଛତ୍ରିଆ, ବିଭୂତି ମିଶ୍ର, ସି.ଏସ ରାଜନ ଏକ୍କା, ଜାନକୀ ବଲ୍ଲଭ ପଟ୍ଟନାୟକ, କିଶୋର ଜେନା, ପ୍ରତିମା ମଲ୍ଲିକ, ଶୁଭେନ୍ଦୁ ମହାନ୍ତି, ବିଶ୍ୱଭୂଷଣ ଦାସ, ରଞ୍ଜିତ କୁମାର ଚୌଧୁରୀ ଏବଂ ନକୁଳ ନାଏକଙ୍କୁ ମନୋନୀତ କରାଯାଇଛି। କୋଷାଧ୍ୟକ୍ଷ ଭାବେ ସନ୍ତୋଷ ସିଂ ସାଲୁଜାଙ୍କୁ ନିଯୁକ୍ତି ଦିଆଯାଇଛି। ସେହିପରି ଏକଜିକ୍ୟୁଟିଭ କମିଟିରେ ବରିଷ୍ଠ ନେତା ଶରତ ପଟ୍ଟନାୟକ, ନରସିଂହ ମିଶ୍ର, କାହ୍ନୁଚରଣ ଲେଙ୍କା, କେ.ପି. ସିଂଦେଓ, ରାମ ଚନ୍ଦ୍ର ଖୁଣ୍ଟିଆ, ନିରଞ୍ଜନ ପଟ୍ଟନାୟକ, ଜୟଦେବ ଜେନା, ପ୍ରସାଦ ହରିଚନ୍ଦନ, ଭକ୍ତ ଚରଣ ଦାସ, ରାମଚନ୍ଦ୍ର ଖୁଣ୍ଟିଆ, ସପ୍ତଗିରି ଉଲାକା, ଶରତ ରାଉତ, ସୁଶୀଳା ତିରିଆ, ସୁରେଶ କୁମାର ରାଉତରାୟ, ରମେଶ ଜେନା, ମହମ୍ମଦ ମୋକିମ, ଦାଶରଥି ଗମାଙ୍ଗ, କିଶୋର ପଟେଲ, ଜଗନ୍ନାଥ ପଟ୍ଟନାୟକ, ଅମର ପ୍ରଧାନ, ଅନନ୍ତ ସେଠୀ, ଚିରଞ୍ଜୀବୀ ବିଶ୍ୱାଳଙ୍କ ସମେତ ୬୭ ଜଣଙ୍କୁ ସ୍ଥାନ ମିଳିଛି। ଗଣମାଧ୍ୟମ ବିଭାଗର ଅଧ୍ୟକ୍ଷ ଭାବେ ଗଣେଶ୍ୱର ବେହେରା ମନୋନୀତ ହୋଇଥିବା ବେଳେ ଦୀପକ ମହାପାତ୍ର ସଂଯୋଜକ ରହିଛନ୍ତି। ଏହି କମିଟିରେ ମୋଟ ୨୭ ଜଣ ସଦସ୍ୟ ରହିଛନ୍ତି।

# ମାନହାନି ମାମଲା: ରାହୁଲଙ୍କ ବିରୋଧରେ ଶୁଣାଣି ସ୍ଥଗିତ

ପାଟନା,୨୪।୪ : କଂଗ୍ରେସ ନେତା ରାହୁଲ ଗାନ୍ଧୀଙ୍କ ବିରୋଧରେ ମାନହାନି ମାମଲାର ତଳକୋର୍ଟରେ ଚାଲିଥିବା ଶୁଣାଣିକୁ ସ୍ଥଗିତ ରଖିବା ଲାଗି ପାଟନା ହାଇକୋର୍ଟ ସୋମବାର ନିର୍ଦ୍ଦେଶ ଦେଇଛନ୍ତି। ମୋଦି ସାଙ୍ଗିଆକୁ ନେଇ ରାହୁଲଙ୍କ ମନ୍ତବ୍ୟ ଉପରେ ବରିଷ୍ଠ ଭାଜପା ନେତା ତଥା ବିହାରର ପୂର୍ବତନ ଉପମୁଖ୍ୟମନ୍ତ୍ରୀ ସୁଶୀଲ କୁମାର ମୋଦି ମାନହାନି ମାମଲା ଦାଏର କରିଥିଲେ। ସବୁ ମୋଦି ଚୋର ମନ୍ତବ୍ୟ ପାଇଁ ରାହୁଲ ଗୁଜରାଟର ଏକ ଅଦାଲତଙ୍କ ଦ୍ୱାରା ଦୋଷୀସାବ୍ୟସ୍ତ ହୋଇସାରିଥିବାରୁ ଆଉ ଏକ ପିଟିଶନ୍‌ର ଶୁଣାଣିକୁ ମେ' ୧୫ ପର୍ଯ୍ୟନ୍ତ ସ୍ଥଗିତ ରଖିବା ପାଇଁ ଜଷ୍ଟିସ୍ ସନ୍ଦିପ କୁମାର ନିର୍ଦ୍ଦେଶ ଦେଇଛନ୍ତି। ଗୋଟିଏ ଅପରାଧ ପାଇଁ ଜଣେ ଅଭିଯୁକ୍ତଙ୍କୁ ଦୁଇଥର ବିଚାରର ସମ୍ମୁଖୀନ ହୋଇପାରିବେ ନାହିଁ ବୋଲି ଜଷ୍ଟିସ କୁମାର କହିଛନ୍ତି।



ବିହାର ମୁଖ୍ୟମନ୍ତ୍ରୀ ନୀତୀଶ କୁମାର ସୋମବାର ହାଓଡା ଜିଲାର ଏକ ବୈଠକରେ ଯୋଗ ଦେବା ଅବସରରେ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ସ୍ୱାଗତ କରୁଛନ୍ତି। ନିକଟରେ ଉପସ୍ଥିତ ଅଛନ୍ତି ବିହାର ଉପ ମୁଖ୍ୟମନ୍ତ୍ରୀ ତେଜସ୍ୱୀ ଯାଦବ।

# 'ବିରୋଧୀଙ୍କୁ ଅହଂକାର ଛାଡ଼ିବାକୁ ହେବ'

## ମମତାଙ୍କୁ ଭେଟିଲେ ନୀତୀଶ, ତେଜସ୍ୱୀ

କୋଲକାତା,୨୪।୪

୨୦୨୪ ଲୋକ ସଭା ନିର୍ବାଚନ ପୂର୍ବରୁ ବିରୋଧୀ ଦଳଗୁଡ଼ିକୁ ଏକାଠି କରିବା ଲାଗି ଜାରି ରହିଥିବା ଉଦ୍ୟମ କ୍ରମେ ବିହାର ମୁଖ୍ୟମନ୍ତ୍ରୀ ନୀତୀଶ କୁମାର ଏବଂ ଉପମୁଖ୍ୟମନ୍ତ୍ରୀ ତେଜସ୍ୱୀ ଯାଦବ ସୋମବାର ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କୁ ଭେଟିଛନ୍ତି। ଜେଡିୟୁ, ଆର୍‌ଜେଡି ଏବଂ ଟିଏମ୍‌ସିର ଏହି ୩ ନେତାଙ୍କ ମଧ୍ୟରେ ଦୀର୍ଘସମୟ ରୁଦ୍ଧଦ୍ୱାର ବୈଠକ ହୋଇଥିଲା। ୨୦୨୪ ନିର୍ବାଚନରେ ଭାଜପାକୁ ପରାସ୍ତ କରିବା ଲାଗି ବିରୋଧୀ ନେତାମାନେ ସେମାନଙ୍କର ବ୍ୟକ୍ତିଗତ ଅହଂ ଭାବ ତ୍ୟାଗକରି ଏକାଠି ହେବା ଉପରେ ମମତା ଓ ନୀତୀଶ ଜୋର ଦେଇଥିଲେ। ବିରୋଧୀ ନେତାମାନେ ଏକାଠି ବସି ଆସନ୍ତାବର୍ଷ ନିର୍ବାଚନ ପାଇଁ ଯୋଜନା ପ୍ରସ୍ତୁତ କରିବା ଆବଶ୍ୟକ। ସବୁ ବିରୋଧୀଙ୍କୁ ନିର୍ବାଚନ ପାଇଁ ଏକାଠି କରିବା ଉପରେ ଆଲୋଚନା ହୋଇଥିବା ନୀତୀଶ କହିଛନ୍ତି। ଭାଜପା ହିରୋରେ ପରିଣତ ହୋଇଛି, ଯାହାକୁ ଜିରୋରେ ବଦଳାଇବାକୁ ପଡ଼ିବ ବୋଲି ବିହାର ମୁଖ୍ୟମନ୍ତ୍ରୀ କହିବା ସହ ବ୍ୟକ୍ତିଗତ ଅହଂକାରର ପ୍ରଶ୍ନ ଉଠୁନାହିଁ ବୋଲି କହିଥିଲେ। ନୀତୀଶ କିଛିଦିନ ହେଲା ବିରୋଧୀ ନେତାମାନଙ୍କ ସହ ମେଣ୍ଟ ଗଠନ ନେଇ ଆଲୋଚନା ଚଳାଇଛନ୍ତି। ଟିଏମ୍‌ସି ନେତ୍ରୀ ମଧ୍ୟ ବିଭିନ୍ନ ନେତାଙ୍କ ସହ ଆଲୋଚନା କରୁଛନ୍ତି। ଏହି ଆଲୋଚନା ଆଗାମୀ ଦିନରେ ଜାରି ରହିବ ବୋଲି ମମତା କହିଛନ୍ତି।

ଜେଡିୟୁ ମୁଖ୍ୟ କହିଥିଲେ, ଦେଶର ଭଲ ପାଇଁ ଆମକୁ ଏକାଠି କାମ କରିବାକୁ ହେବ। ଶାସନ କ୍ଷମତାରେ ଥିବା ନେତାମାନେ କେବଳ ପ୍ରଚାରସର୍ବସ୍ୱ। ସେମାନେ ଦେଶର ଇତିହାସକୁ ବଦଳାଇଦେଉଛନ୍ତି। ବିରୋଧୀ ଦଳଗୁଡ଼ିକ ଏକାଠି ରହିଛନ୍ତି ବୋଲି ଏକ ବାର୍ତ୍ତା ପଠାଇବାକୁ ହେବ ବୋଲି ଟିଏମ୍‌ସି ନେତ୍ରୀ କହିଥିଲେ। ଜୟପ୍ରକାଶଜୀଙ୍କ ଆନ୍ଦୋଳନ ବିହାରରୁ ଆରମ୍ଭ ହୋଇଥିଲା। ଯଦି ସର୍ବଦଳୀୟ ବୈଠକ ବିହାରରେ ହୁଏ, ପରବର୍ତ୍ତୀ କାର୍ଯ୍ୟପନ୍ଥା ସମ୍ପର୍କରେ ସେଠାରେ ଆମେ ନିଷ୍ପତ୍ତି ନେଇପାରିବା ବୋଲି ମମତା କହିଥିଲେ।

# ପୂର୍ବାପେକ୍ଷା ଚାଷୀଙ୍କ ଆୟ କମିଛି: କଂଗ୍ରେସ

ଭୁବନେଶ୍ୱର, ୨୪।୪(ବ୍ୟୁରୋ)

ଓଡ଼ିଶା ସରକାର କୃଷକଙ୍କ ଆୟ ଦ୍ୱିଗୁଣିତ କରିବା ପାଇଁ ବହୁ ସମୟରେ ପ୍ରତିଶ୍ରୁତି ଦେଇଛନ୍ତି। ଏପରିକି ୨୦୧୨-୧୩ରେ ଖୋଦ୍ ମୁଖ୍ୟମନ୍ତ୍ରୀ ପ୍ରକାଶ କରି କହିଥିଲେ, ସାରା ଭାରତ ବର୍ଷରେ ଓଡ଼ିଶା ଏକମାତ୍ର ରାଜ୍ୟ, ଯେଉଁଠି କୃଷକଙ୍କ ଆୟକୁ ସରକାର ଦ୍ୱିଗୁଣିତ କରିଛନ୍ତି। କିନ୍ତୁ ବାସ୍ତବ ଚିତ୍ର ଆଜି ଯାହା ବର୍ଣ୍ଣନା କରୁଛି ତାହା ରାଜ୍ୟର ନବୀନ ସରକାରଙ୍କର ଦୃଢ଼ୋକ୍ତି ଏକ ବୃଥା ଆସ୍ଫାଳନ ବୋଲି କଂଗ୍ରେସ ମୁଖପାତ୍ର ରଜନୀ ମହାନ୍ତି କହିଛନ୍ତି। କଂଗ୍ରେସ ଭବନଠାରେ ସୋମବାର ଆୟୋଜିତ ଖବରଦାତା ସମ୍ମିଳନୀରେ ରଜନୀ କହିଛନ୍ତି, ୨୦୧୨-୧୩ରୁ ଆରମ୍ଭ କରି ୨୦୨୨-୨୩, ଏହି ୧୦ ବର୍ଷରେ ରାଜ୍ୟର କୃଷକ ପରିବାରର ମାସିକ ଆୟ ଦ୍ୱିଗୁଣିତ ହେବା ପରିବର୍ତ୍ତେ ୨୦୧୨-୧୩ ଆୟ ଠାରୁ ୩ ଟଙ୍କା କମିଛି। ତଥ୍ୟ ଆଧାରରେ ୨୦୧୨-୧୩ରେ ଓଡ଼ିଶାର ଏକ କୃଷକ ପରିବାରର ମାସିକ ଆୟ ୪୯୫୩ ଟଙ୍କା ଥିଲା। କିନ୍ତୁ ୨୦୨୨ରେ ରାଜ୍ୟର ଏକ କୃଷକ ପରିବାରର ବାର୍ଷିକ ଆୟ ୫୯,୪୪୦ ଟଙ୍କା ବୋଲି ରିପୋର୍ଟରେ ପ୍ରକାଶ ପାଇଛି। ଏହି ହିସାବ ଅନୁପାତରେ ଗୋଟେ କୃଷକ ପରିବାର ମାସକୁ ଆୟ ୪୯୫୦ ଟଙ୍କା ପାଖାପାଖି ଅଟେ। ଅର୍ଥାତ ଏହି ଦଶ ବର୍ଷ ଭିତରେ ନବୀନ ପଟ୍ଟନାୟକ ସରକାର କୃଷକମାନଙ୍କର ଆୟ ଦ୍ୱିଗୁଣିତ କରିବାରେ ସଫଳ ହୋଇନାହାନ୍ତି ବୋଲି ଏହି ତଥ୍ୟରୁ ସ୍ପଷ୍ଟ ପ୍ରମାଣିତ ହେଉଛି ବୋଲି ରଜନୀ କହିଛନ୍ତି।


HAPPY BIRTHDAY



Archita Mishra (Rini)
(Founder) Admn
"24X7 Always Alert Social Group"
ଜନ୍ମ ବାର୍ଷିକ ଅବସରରେ ଭଗବାନ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା, ଆପଣଙ୍କ ଚଲାପଥ କୁସୁମିତ ହେବା ସହିତ ଆପଣଙ୍କ ଏକମାତ୍ର ପୁତ୍ର ଶ୍ରୀ ଶିବାଶିଷ ନନ୍ଦଙ୍କର ଭବିଷ୍ୟତ ଉଜ୍ଜ୍ୱଳମୟ ହେଉ ଏବଂ ଆପଣ ଓ ଆପଣଙ୍କ ପରିବାର ଦୀର୍ଘାୟୁ ହୁଅନ୍ତୁ। ଆପଣଙ୍କ ଆଶୀର୍ବାଦ ଆମ ସଂଗଠନ ସହିତ ଯୋଡ଼ିହୋଇ ରହୁ।
ଶୁଭେଚ୍ଛା ସହ: (କର୍ମଚାରୀ ବୃନ୍ଦ)
Mob. No.- 9861375760
ଧ-୦୧୬୪


# ଏସ୍‌ଟି ଆୟୋଗ ସଭ୍ୟ ଅନନ୍ତ ନାୟକଙ୍କ କାର୍ଯ୍ୟକ୍ରମ ବାତିଲ କରାଯାଉ

## ସିଇଓଙ୍କୁ ଫେରାଦ ହେଲା ବିଜେଡି

ଭୁବନେଶ୍ୱର, ୨୪।୪(ବ୍ୟୁରୋ)

ଝାରସୁଗୁଡ଼ା ଉପନିର୍ବାଚନ ପାଇଁ ଆଦର୍ଶ ଆଚରଣ ବିଧି ଲାଗୁ ହୋଇଛି। ଏହାକୁ ଦୃଷ୍ଟିରେ ରଖି ଜାତୀୟ ଅନୁସୂଚିତ ଜନଜାତି(ଏସ୍‌ଟି) ଆୟୋଗ ସଭ୍ୟ ଅନନ୍ତ ନାୟକଙ୍କ ଝାରସୁଗୁଡ଼ାରେ ବୈଠକ ଓ କାର୍ଯ୍ୟକ୍ରମକୁ ବାତିଲ କରାଯାଉ ବୋଲି ବିଜେଡି ଦାବି କରିଛି। ସୋମବାର ଏହି ପ୍ରସଙ୍ଗରେ ବିଜେଡିର ଏକ ପ୍ରତିନିଧି ଦଳ ମୁଖ୍ୟ ନିର୍ବାଚନ ଅଧିକାରୀ(ସିଇଓ)ଙ୍କୁ ଫେରାଦ ହୋଇ ସ୍ମାରକପତ୍ର ପ୍ରଦାନ କରିଛି। ଦଳ ପକ୍ଷରୁ କୁହାଯାଇଛି ଯେ, ଆସନ୍ତା ମେ' ୧୦ ତାରିଖରେ ଝାରସୁଗୁଡ଼ା ବିଧାନସଭା ଆସନ ଲାଗି ଉପନିର୍ବାଚନ ଅନୁଷ୍ଠିତ ହେବ। ଏବେ ଝାରସୁଗୁଡ଼ାରେ ଆଦର୍ଶ ନିର୍ବାଚନ ଆଚରଣ ବିଧି ଲାଗୁ ହୋଇଛି। ମାତ୍ର ଜାତୀୟ ଜନଜାତି ଆୟୋଗର ସଭ୍ୟ ଥିବା ଅନନ୍ତ ନାୟକ ଝାରସୁଗୁଡ଼ା ଯାଉଛନ୍ତି ଏବଂ ସେଠାରେ ତାଙ୍କର ଏକ ବୈଠକରେ ଯୋଗଦେବାର କାର୍ଯ୍ୟକ୍ରମ ଥିବା ଜଣାପଡ଼ିଛି। ନାୟକ ଅତୀତରେ ଜଣେ ଭାଜପା ନେତା ଥିଲେ ଏବଂ କେନ୍ଦୁଝର ଆସନରୁ ଏମ୍‌ପି ଭାବେ ନିର୍ବାଚିତ ହୋଇଥିଲେ। ଏବେ ସେ ଜାତୀୟ ଜନଜାତି ଆୟୋଗର ସଭ୍ୟ ଭଳି ଏକ ସମ୍ମାନଜନକ ସାମ୍ବିଧାନିକ ପଦରେ ଅଛନ୍ତି। ତେଣୁ ଏହି ସମୟରେ ସେ ଝାରସୁଗୁଡ଼ାରେ କୌଣସି ବୈଠକରେ ଯୋଗଦେବାର କୌଣସି ଯଥାର୍ଥତା ନାହିଁ। ଏପରି କଲେ ତାହା ଆଦର୍ଶ ଆଚରଣ ବିଧିର ଉଲ୍ଲଂଘନ ବୋଲି ଧରାଯିବ। ଉପନିର୍ବାଚନ ଶେଷ ହେବା ପରେ ନାୟକ ଝାରସୁଗୁଡ଼ା ଗସ୍ତ କରିପାରିବେ। ସେଠାରେ ଯେକୌଣସି ସ୍ଥାନରେ ବୈଠକ କଲେ ଆମର କୌଣସି ଆପତ୍ତି ରହିବ ନାହିଁ। ତେଣୁ ତାଙ୍କୁ ଏବେ ଝାରସୁଗୁଡ଼ାରେ କୌଣସି ବୈଠକରେ ଯୋଗଦେବାର ଅନୁମତି ପ୍ରଦାନ ନ କରିବାକୁ ବିଜେଡି ପକ୍ଷରୁ ସିଇଓଙ୍କୁ ଅନୁରୋଧ କରାଯାଇଛି। ବିଜେଡି ପ୍ରତିନିଧି ଦଳରେ ଲେନିନ୍ ମହାନ୍ତି, ମଧୁସ୍ମିତା ନାୟକ, ସ୍ୱାଗତିକା ମହାନ୍ତି ପ୍ରମୁଖ ସାମିଲ ଥିଲେ।



ସିଇଓଙ୍କୁ ଦାବିପତ୍ର ଦେଉଛନ୍ତି ବିଜେଡି ପ୍ରତିନିଧି ଦଳ।

# ମଇଦାନରେ ୯ ପ୍ରାର୍ଥୀ

## ଝାରସୁଗୁଡ଼ା ଉପନିର୍ବାଚନ

## ପ୍ରାର୍ଥୀପତ୍ର ପ୍ରତ୍ୟାହାର କଲେ ଭୁବନେଶ୍ୱର ଗର୍ଡିଆ

ଭୁବନେଶ୍ୱର, ୨୪।୪(ବ୍ୟୁରୋ)

ଝାରସୁଗୁଡ଼ା ବିଧାନସଭା ନିର୍ବାଚନମଣ୍ଡଳୀରେ ହେବାକୁ ଥିବା ଉପନିର୍ବାଚନ ପାଇଁ ସମୁଦାୟ ୧୦ ଜଣ ପ୍ରାର୍ଥୀ ନାମାଙ୍କନପତ୍ର ଦାଖଲ କରିଥିଲେ । ସୋମବାର ପ୍ରାର୍ଥୀପତ୍ର ପ୍ରତ୍ୟାହାର କରିବାର ଶେଷ ଦିନ ଥିଲା । ଭୁବନେଶ୍ୱର ଗର୍ଡିଆ ନାମକ ଜଣେ ପ୍ରାର୍ଥୀ ତାଙ୍କର ପ୍ରାର୍ଥୀପତ୍ର ଶେଷ ଦିନରେ ପ୍ରତ୍ୟାହାର କରିନେଇଛନ୍ତି। ଉପନିର୍ବାଚନ ମଇଦାନରେ ୯ ଜଣ ପ୍ରାର୍ଥୀ ଅବତୀର୍ଣ୍ଣ ହୋଇଛନ୍ତି। ଭାଜପାର ଟଙ୍କଧର ତ୍ରିପାଠୀ, କଂଗ୍ରେସର ତରୁଣ ପାଣ୍ଡେ, ବିଜେଡିର ଦୀପାଳି ଦାସ, ଓଡ଼ିଶା ପ୍ରଗତି ଦଳର ଜନ୍ମା ରୋହିଦାସ, ଓଡ଼ିଶା ଜନତା ପାର୍ଟିର ମନୀଷ ଶର୍ମା, କଳିଙ୍ଗ ସେନାର ମହିନ୍ଦ୍ର ପଟ୍ଟନାୟକ, ସ୍ୱାଧୀନ ପ୍ରାର୍ଥୀ ବିଜୟ କୁମାର ଜାଲାନ, ସ୍ୱାଧୀନ ପ୍ରାର୍ଥୀ ମହେନ୍ଦ୍ର ଲୁହା ଓ ସ୍ୱାଧୀନ ପ୍ରାର୍ଥୀ ଜ୍ଞାନେନ୍ଦ୍ର ବେହେରା ପ୍ରମୁଖ ଝାରସୁଗୁଡ଼ା ଉପନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା କରୁଥିବା ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ କାର୍ଯ୍ୟାଳୟ ସୂତ୍ରରୁ ପ୍ରକାଶ କରାଯାଇଛି।

# ବରେଇପାଲି ଥାନାଧିକାରୀଙ୍କ ରିପୋର୍ଟ ଚିନ୍ତାଜନକ: ପୂଜାରୀ

ଭୁବନେଶ୍ୱର, ୨୪।୪(ବ୍ୟୁରୋ)

ହନୁମାନ ଜୟନ୍ତୀ ପାଳନ ଅବସରରେ ସମ୍ବଲପୁରରେ ଘଟି ଯାଇଥିବା ହିନ୍ଦୁ ବିରୋଧୀ ହିଂସାକାଣ୍ଡ ଓ ଦଙ୍ଗା ସମଗ୍ର ରାଜ୍ୟବାସୀଙ୍କୁ ଚକିତ କରିଛି। ସମ୍ବଲପୁର ଦଙ୍ଗା ଓ ହିଂସାକାଣ୍ଡକୁ ନେଇ ବରେଇପାଲି ଥାନାଧିକାରୀ ଏକ ପ୍ରାଥମିକ ରିପୋର୍ଟ ପ୍ରଦାନ କରିଛନ୍ତି। ହିଂସାକାଣ୍ଡ ଭିଆଇଥିବା ଦଙ୍ଗାକାରୀଙ୍କ ରାଷ୍ଟ୍ରବିରୋଧୀ ସ୍ଲୋଗାନ ଅତ୍ୟନ୍ତ ଚିନ୍ତାଜନକ। ଦଙ୍ଗାକାରୀମାନେ ସମ୍ବଲପୁରର ଉକ୍ତ ଅଞ୍ଚଳକୁ ପଡ଼ୋଶୀ ପାକିସ୍ତାନ ସହ ତୁଳନା କରିଥିଲେ। ଅର୍ଥାତ ଭାରତ ଭିତରେ ପାକିସ୍ତାନ ତିଆରି କରାଯାଉଛି, ଯାହାକି ସାରା ରାଜ୍ୟବାସୀଙ୍କୁ ବିଚଳିତ କରିଛି। ଏହାସହ ସମ୍ବଲପୁରରେ ରାଷ୍ଟ୍ର ବିରୋଧୀ ଶକ୍ତିମାନଙ୍କ ଉପସ୍ଥିତିକୁ ମଧ୍ୟ ସ୍ପଷ୍ଟ ପ୍ରମାଣିତ କରୁଛି ବୋଲି ବରଗଡ ଏମ୍‌ପି ସୁରେଶ ପୂଜାରୀ କହିଛନ୍ତି। ଝାରସୁଗୁଡାଠାରେ ସୋମବାର ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ସୁରେଶ କହିଛନ୍ତି, ପଡୋଶୀ ପଶ୍ଚିମବଙ୍ଗ ବର୍ତ୍ତମାନ ରାଷ୍ଟ୍ର ବିରୋଧୀ କାର୍ଯ୍ୟର ଅନ୍ତୁଡିଶାଳ ପାଲଟିଛି। ସମ୍ବଲପୁରର ମୋତିଝରନ ଠାରୁ ପଶ୍ଚିମବଙ୍ଗରେ ଆତଙ୍କବାଦର ଅନ୍ତୁଡିଶାଳ ମୁର୍ଶିଦାବାଦକୁ ପ୍ରତିଦିନ ବସ୍ ଚଳାଚଳ କରୁଥିଲେ ବି ଜିଲା ପୋଲିସ ପ୍ରଶାସନ ତରଫରୁ ଯାତ୍ରୀଙ୍କ ସମ୍ପର୍କରେ ବିସ୍ତୃତ ତଥ୍ୟ ରଖିବାର ଚେଷ୍ଟା କରାଯାଉନାହିଁ।


# Classified Everyday
0674-2580101, 2549949


REAL ESTATE

SALE

ଅନୁଗୁଳ, ଛେଣ୍ଡିପଦା ଅଞ୍ଚଳରେ ପଟ୍ଟାଥାଇ ବାସଉପଯୋଗୀ ପ୍ଲଟ କିଣିବା ପାଇଁ ଯୋଗାଯୋଗ କରନ୍ତୁ। 9437621753. D-75102

Plot for sale in and around Bhubaneswar investment commercial and residential. 9777345831. D-71052

Well developed gharabari yellow zone plot for sale. Kantabada-1250, Vola- 1350, Ranga Bazar- 650. Contact: 9439702573, 7978236408. D-0133

Fully developed gated Society 30ft. each road, electricity, plantation, few plots available at Nakhara- 9439363944. D-74848

30' Revenue ରୋଡ୍‌କୁ ଲାଗି gharabari yellowzone boundarywall plot (1200, 1500, 1800) ନେଇ ତୁରନ୍ତ ଘର କରନ୍ତୁ। Mouza- Jujhagarha near KIIT Campus, Bhubaneswar, Direct owner- 9437033320. D-74845

Your Classified Advertisement published in Dharitri will be listed free in Dharitri Online Edition: dharitriepaper.in


CONSTRUCTION

Construct your home @ 499/-, 1340/- with branded materials includes architecture, structure 3years FMC, provide BDA plan approval, boring, interiorwork- SNV Construction. 9439295469. D-74842

### ପାଠକଙ୍କ ପାଇଁ ସୂଚନା

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।




SPA head to foot body point only massages best Therapist Gents & Lady Senior Citizen @999/- Bhubaneswar- 9337672475. D-0171

Newly open SPA positively health benefits with expert therapist. 7849011931. D-73698

Asribadada Panchakarma herbal SPA Kesharimall, Bhubaneswar. Contact: 8926173473. D-74674

Newly open health benefits SPA special offer @799 Jaydev Vihar. 8018429809. D-73700

Relax, Refresh your body, Mind at Saikrupa Spa with best therapies. 8984068077. D-0145

Newly open health benefits Spa special offer @999 Nayapalli. 7846814019. D-75101

All type of professional full body massage by professional therapist at Rajmahal @ 999. Contact: 7855053566. D-0078

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/-ରେ। ରଙ୍ଗୀନ ଟ୪୨୦/-ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।

### ମନେ ପଡ଼ନ୍ତି

ଦ୍ୱାଦଶାହ ଉପଲକ୍ଷେ



✓ସାବିତ୍ରୀ ଦେବୀ
ଇଛଦା, ଧାମନଗର, ଭଦ୍ରକ
ଆବିର୍ଭାବ: ୨୫.୦୩.୧୯୨୫
ତିରୋଧାନ: ୧୪.୦୪.୨୦୨୩
(ମହା ବିଷୁଭ ସଂକ୍ରାନ୍ତି)
ଆଜିକି ବାରଦିନ ହେଲା, ଆମକୁ ଛାଡି ଦିବ୍ୟଧାମକୁ ଗଲିଗଲ । ଆପଣଙ୍କ ସ୍ନେହ, ଶ୍ରଦ୍ଧା, ନିଷ୍ଠା, ଆଦର୍ଶ କର୍ତ୍ତବ୍ୟ ପରାୟଣତା ଓ ସେବା ଆମମାନଙ୍କ ଜୀବନର ପ୍ରେରଣାର ଉତ୍ସ ହେଉ । ଆପଣଙ୍କ ପବିତ୍ର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା ।
ଶୋକସନ୍ତପ୍ତ
ଝିଅ ଓ ଜ୍ୱାଇଁ, ପୁତ୍ର ଓ ପୁତ୍ରବଧୂ, ନାତି ଓ ନାତୁଣୀ, ବନ୍ଧୁ ଓ ପରିବାରବର୍ଗ
ଧ-୭୪୮୪୭

Email ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:- classifieddharitri@gmail.com

ଫ୍ୟାଶନ

# ସାଲୱାର ସୁଟ୍

ଖରାଦିନେ ସାଲୱାର ସୁଟ୍ ପିନ୍ଧିବା ଯେମିତି ଆରାମଦାୟକ ସେମିତି ମଧ୍ୟ ଷ୍ଟାଇଲିଶ୍। ତେଣୁ ଏହି ଋତୁରେ କେଉଁ କେଉଁ ପ୍ରକାର ସାଲୱାର ସୁଟ୍ ଟ୍ରେଣ୍ଡରେ ରହିଛି ଜାଣି ରଖନ୍ତୁ...



■ଖରାଦିନେ ପଟିଆଲା ଷ୍ଟାଇଲ୍‌ର ସାଲୱାର ସୁଟ୍ ବେଶ୍ ପସନ୍ଦ ହୋଇଥାଏ। ଏହି ଷ୍ଟାଇଲ୍ ଏଭରଗ୍ରୀନ୍ କହିଲେ ବି ଭୁଲ୍ ହେବନାହିଁ। ଏହି ପ୍ରକାର ସୁଟ୍ ପିନ୍ଧି ଆପଣ ଡ୍ରେସ୍ ସହ ମ୍ୟାଚିଂ କାନଫୁଲ ଲଗାଇ ନିଜର ଏକ ଭିନ୍ନ ଲୁକ୍ ଦେଇପାରିବେ।

■ଅନାରକଲୀ ସୁଟ୍ ଦେଖିବା ପାଇଁ ବେଶ୍ ଷ୍ଟାଇଲିଶ୍। ଖରାଦିନେ ଏହାର ଟ୍ରେଣ୍ଡ ବି ବେଶ୍ ରହିଛି। ତେଣୁ ବିଭିନ୍ନ ଡିଜାଇନ ଅନାରକଲୀ ଡ୍ରେସ୍ ପିନ୍ଧି ଆପଣ ଅଫିସ୍, ପାର୍ଟି ସବୁ ସ୍ଥାନକୁ ଯାଇପାରିବେ।

■ଧଳାରଙ୍ଗର ସାଲୱାର ସୁଟ୍ ଖରାଦିନେ ବେଶ୍ ଭଲ ଲାଗେ ଏବଂ ଏହା ପିନ୍ଧିବା ପାଇଁ ଆରାମଦାୟକ ମଧ୍ୟ। ତେବେ ଧଳାରଙ୍ଗର ସାଲୱାର ସହ ମଲ୍‌ଟି କଲରର ଦୁପଟ୍ଟା ବେଶ୍ ଆକର୍ଷଣୀୟ ଲାଗିବ।

■ଆଜିକାଲି ଫ୍ୟାଶନ ଟ୍ରେଣ୍ଡରେ ପ୍ଲାଜୋ ଡ୍ରେସ୍‌ର ଖୁବ୍ ଚାହିଦା ରହିଛି। ସାଲୱାର ସୁଟ୍‌ର ଏହି ଡିଜାଇନ୍ ଏକ କ୍ଲାସିକ୍ ଲୁକ୍ ଦେଇଥାଏ। ପ୍ଲାଜୋ ସହିତ ସର୍ଟ୍ କୁର୍ତ୍ତା ବେଶି ଭଲ ଲାଗିଥାଏ। ନଚେତ୍ ଆପଣ ଚାହିଁଲେ ଲଙ୍ଗ୍ କୁର୍ତ୍ତା ମଧ୍ୟ ପିନ୍ଧିପାରିବେ। ଏହି ପୋଷାକ ଢିଲା ଥିବାରୁ ଖରାଦିନେ ପିନ୍ଧିବା ପାଇଁ ଫ୍ୟାଶନେବଲ ହେବା ସହିତ ପିନ୍ଧିବା ପାଇଁ ବେଶ୍ ଆରାମଦାୟକ।

# ଖରାରେ ରୁହନ୍ତୁ ଫିଟ୍

ଖରାଦିନେ ନିଜକୁ ସୁସ୍ଥ ଓ ଫିଟ୍ ରଖିବା ପାଇଁ ହେଲେ ନିଜର ଡେଲି ରୁଟିନ୍‌ରେ କିଛି କଥା ପ୍ରତି ଧ୍ୟାନଦେବାକୁ ହେବ। ତେବେ ଜାଣିରଖନ୍ତୁ ଏ ସବୁ ବିଷୟରେ...

➤ପ୍ରବଳ ଖରା ଫଳରେ ଝାଳ ବୋହିବା, ବାରମ୍ବାର ଶୋଷ ଲାଗିବା କିମ୍ବା ହାଲିଆ ଲାଗିବା ଭଳି ଲକ୍ଷଣ ଦେଖାଯାଇଥାଏ। ଡିହାଇଡ୍ରେସନ୍, ଟାନିଂ, ଘିମିରି କିମ୍ବା ଆଖି ଦରଜ ସମସ୍ୟା ବି ସୃଷ୍ଟି ହୋଇଥାଏ। ତେଣୁ ଏଥିରୁ ରକ୍ଷା ପାଇବା ପାଇଁ ଖରାଦିନେ ବିଭିନ୍ନ ପ୍ରକାର ଥଣ୍ଡା ପାନୀୟ ପିଅନ୍ତୁ। ସର୍ବପ୍ରଥମେ ବାରମ୍ବାର ପାଣି ପିଅନ୍ତୁ। ଫଳ ଓ ପରିବା ରସ ପିଅନ୍ତୁ। ପଇଡ଼ ପାଣି, ଲସି, ତରଭୁଜ କିମ୍ବା ଡାଳିମ୍ବ ଜୁସ୍ ପିଅନ୍ତୁ।

➤ଖରାଦିନେ ହାଲ୍‌କା ରଙ୍ଗର ଢିଲା ତଥା ସୂତା କପଡ଼ାର ପୋଷାକ ପିନ୍ଧନ୍ତୁ। ଫଳରେ ଝାଳ କମ୍ ବହିଥାଏ।

➤ଖରାରେ ବାହାରକୁ ଯିବାକୁ ଥିଲେ ପ୍ରଥମେ ମୁଣ୍ଡକୁ ଖରା ଦାଉରୁ ରକ୍ଷା ପାଇଁ ଘୋଡ଼ାଇ ଦିଅନ୍ତୁ ଏବଂ ଆଖିର ସୁରକ୍ଷା ପାଇଁ ସନ୍‌ଗ୍ଲାସ୍ ପିନ୍ଧନ୍ତୁ।

➤ଶରୀରର ତାପମାତ୍ରାକୁ ନିୟନ୍ତ୍ରଣ କରିବା ପାଇଁ ଋତୁକାଳୀନ ଫଳ ପନିପରିବା ଅଧିକ ଖାଆନ୍ତୁ। ଖରାଦିନିଆ ଫଳରେ ପାଣିର ମାତ୍ରା ଅଧିକ ରହିଥାଏ।

➤ଖରାଦିନେ ତ୍ୱଚାକୁ ମଧ୍ୟ ସୁରକ୍ଷା ଦେବା ଜରୁରୀ। ନଚେତ୍ ଇନ୍‌ଫେକଶନ୍ ହେବାର ବି ସମ୍ଭାବନା ରହିଛି। ତେଣୁ ଶରୀରରେ ଆଲୋଭେରା ଜେଲ୍ ଲଗାନ୍ତୁ। ଏହା ବ୍ୟତୀତ ଖରାକୁ ଯିବା ପୂର୍ବରୁ ତ୍ୱଚାକୁ ସୁରକ୍ଷା ଦିଅନ୍ତୁ।

➤ବାରମ୍ବାର ଚା' କିମ୍ବା କଫି ପିଅନ୍ତୁ ନାହିଁ। ଡିହାଇଡ୍ରେଶନର କାରଣ ହୋଇପାରେ।

➤ଖରାଦିନେ ଭୁଲ୍‌ରେ ବି ବାସି ଖାଦ୍ୟ ଖାଆନ୍ତୁ ନାହିଁ। ସକାଳୁ ଶୀଘ୍ର କାମ ସାରି ଦିଅନ୍ତୁ, ଖରା ସମୟରେ ବାହାରେ ବେଶି ସମୟ କାମ କରନ୍ତୁ ନାହିଁ।

ଆମ ସଂସ୍କୃତିରେ ଅତିଥି ହେଉଛନ୍ତି ଦେବତା। ସେଥିପାଇଁ ସମସ୍ତେ ଚାହାନ୍ତି ଭଲଭାବେ ଅତିଥି ସତ୍କାର କରିବାକୁ। ଆଉ ଆତିଥେୟତାରେ ଯେମିତି କିଛି ଊଣା ହୋଇ ନ ଯାଉ ସେନେଇ ସବୁବେଳେ ପ୍ରସ୍ତୁତ ଥାଆନ୍ତି ଗୃହିଣୀ।





# ଅତିଥି ସତ୍କାର

ବନ୍ଧୁବାନ୍ଧବ ହୁଅନ୍ତୁ କି ସାଙ୍ଗସାଥୀ ଅନେକ ସମ୍ପର୍କରେ ବନ୍ଧା ଆମ ଜୀବନ। ସେଥିପାଇଁ ତ ଘରକୁ ଅତିଥିଙ୍କ ଯିବାଆସିବା ପ୍ରାୟତଃ ଲାଗି ରହିଥାଏ। ଆଉ ଆମ ପରମ୍ପରା ଅନୁସାରେ ଅତିଥିଙ୍କୁ ଆପ୍ୟାୟିତ କଲେ ମନକୁ ଏକ ପ୍ରକାର ଶାନ୍ତି ମିଳିଥାଏ। ଯିବା ଆସିବା ଫଳରେ ପରସ୍ପର ସହ ଭାବ ବିନିମୟ ହୁଏ ଓ ସମ୍ପର୍କ ଆଗକୁ ବଢେ। ଅତିଥିଙ୍କ ପ୍ରତି ଆମ ସଂସ୍କୃତିରେ ଏଭଳି ବ୍ୟବହାର ଓ ଭାବନା ପିଢ଼ି ପରେ ପିଢ଼ି ସବୁ ସମୟରେ ରହିଆସିଛି। ସେଥିପାଇଁ ତ ପ୍ରତିଟି ଭାରତୀୟ ନାରୀ ଅତିଥିଙ୍କୁ ନିଜ ଘରେ ପାଇଲେ ଖୁସି ହୋଇଥାନ୍ତି। ସେ ଗୃହିଣୀ ହୁଅନ୍ତୁ କି କର୍ମଜୀବୀ ଅତିଥି ସେବା ପାଇଁ ସମସ୍ତେ ତତ୍ପର ଥାନ୍ତି।

**ଖୁସି ପରିବେଶ:** ଅତିଥି ଆସିଲେ ଘରେ ଏକ ଖୁସିର ପରିବେଶ ସୃଷ୍ଟି ହୋଇଥାଏ। ତେଣୁ ସମସ୍ତେ କିଛି ସମୟ ପାଇଁ ଭିନ୍ନ ଏକ ଆନନ୍ଦ ଅନୁଭବ କରିଥାନ୍ତି। ଫଳରେ ସମସ୍ତଙ୍କ ମନରେ ସକାରାତ୍ମକ ପ୍ରଭାବ ପଡେ। ଆଉ ଅତିଥିଙ୍କୁ ଖୁସି କରି ଘରୁ ବିଦାୟ ଦେବାପରେ ମନକୁ ଏକ ଭିନ୍ନ ପ୍ରକାର ଶାନ୍ତି ମିଳିଥାଏ।

**ସମ୍ପର୍କ ମଜଭୁତ:** ଘରକୁ ଅତିଥି ଆସିଲେ ପରସ୍ପର ମଧ୍ୟରେ ସମ୍ପର୍କ ମଜଭୁତ ହୋଇଥାଏ। ବନ୍ଧୁବାନ୍ଧବ ହୁଅନ୍ତୁ କି ସାଙ୍ଗସାଥୀ ପରସ୍ପର ଘରକୁ ଯିବାଆସିବା ଫଳରେ ସେମାନଙ୍କ ମଧ୍ୟରେ ସମ୍ପର୍କ ମଜଭୁତ ହୋଇଥାଏ। ପରସ୍ପର ସୁଖ ଦୁଃଖରେ ସାମିଲ ହେବାର ସୁଯୋଗ ମିଳେ। ସହାନୁଭୂତି ଓ ସହଯୋଗ ଭାବ ମଧ୍ୟ ସୃଷ୍ଟି ହୋଇଥାଏ।

**ସକାରାତ୍ମକ ପ୍ରଭାବ:** ଅତିଥିଙ୍କୁ ଘରେ ଆପ୍ୟାୟିତ କଲେ ଢେର୍ ପୁଣ୍ୟ ମିଳେ ବୋଲି ଆମ ସଂସ୍କୃତିରେ ବିଶ୍ୱାସ ରହିଛି। ଏମିତିକି ଅତିଥିଙ୍କୁ ଭୋଜନ ଦେବା ଯଜ୍ଞର ପୁଣ୍ୟ ସହିତ ସମାନ ବୋଲି କୁହାଯାଏ। ତେଣୁ ଅତିଥିଙ୍କୁ ମାନସମ୍ମାନର ସହିତ ପେଟପୂରା ଭୋଜନ ଦେଇ ବିଦାୟ ଦେବା ଦରକାର। ଆମ ସଂସ୍କୃତି ଅନୁସାରେ ଅତିଥିଙ୍କୁ ପ୍ରଥମେ ହସ ହସ ମୁହଁରେ ସ୍ୱାଗତ କରିବା ସହ ସେମାନଙ୍କ ଗୋଡ ହାତ ଧୋଇବା ପାଇଁ ଜଳ ଦେବା ଆବଶ୍ୟକ। ଏହା ପରେ ସେମାନଙ୍କୁ ଆରାମ କରିବା ନିମନ୍ତେ ସ୍ଥାନ ଦେବା ପରେ ଭୋଜନ କରି ଯିବା ସମୟରେ କିଛି ଉପହାର ଦେଇ ବିଦାୟ ଦେବା ଦରକାର। ଅତିଥି ଆମ ଘରକୁ ଆସିବା ଫଳରେ ଆମେ ବହୁତ ଖୁସି ହୋଇଛୁ ବୋଲି ତାଙ୍କୁ ଅନୁଭବ ହେବା ଦରକାର। ଏପରି କରିବା ଫଳରେ ଅତିଥି ଖୁସି ହୋଇ ଘରୁ ଫେରିଥାନ୍ତି ଫଳସ୍ୱରୂପ ସମସ୍ତଙ୍କ ଉପରେ ଏକ ସକାରାତ୍ମକ ପ୍ରଭାବ ପଡିଥାଏ।





## ଏମାନେ କ'ଣ କରନ୍ତି



**ଖୁସି ଲାଗେ:** ଆମ ଘରକୁ କିଏ ଆସିଲେ ମତେ ଯେତିକି ଖୁସି ଲାଗେ ତା' ଠାରୁ ଅଧିକ ଖୁସି ହୁଏ ମୋ ପୁଅ। କାହିଁକିନା ତାକୁ ସେମାନଙ୍କ ସହିତ କିଛି ସମୟ କଟାଇବାକୁ ମିଳିଯାଏ। ଘରେ ପ୍ରାୟ ସମୟ ଏକା ରହୁଥିବାରୁ ଯିଏ ବି ଘରକୁ ଆସିଲେ ତାକୁ ଭଲ ଲାଗେ। ତା' ଛଡ଼ା ମତେ ବି ଟିକେ ଗପସପ କରିବା ପାଇଁ ସୁଯୋଗ ମିଳେ। ସେଥିପାଇଁ ମୁଁ ବେଳେବେଳେ ଫୋନ୍ କରି ସାଙ୍ଗମାନଙ୍କୁ ନ ହେଲେ ନଣନ୍ଦ କି ମାମୁ ମାଇଁ କାହାକୁ ହେଲେ ବି ଘରକୁ ଡାକେ। ଆଉ ଘରକୁ ଆସିବା ପରେ ଆମେ ଏକାଠି ରୋଷେଇ ଖାଇବା ପିଇବା କରି ବେଶ୍ ମଜାକରୁ।

*– ସୀମା ପାଣି, ଗୃହିଣୀ, ଚକେଇସିହାଣୀ, ଭୁବନେଶ୍ୱର*



**ବହୁତ ପୁଣ୍ୟ ମିଳେ:** ଘରକୁ କେହି ଆସିଲେ ସେଇଟା ଆମର ଭାଗ୍ୟ। କାରଣ ଅତିଥି ସତ୍କାର କରି ପୁଣ୍ୟ ଲାଭ କରିବାର ସୁଯୋଗ ମିଳେ ଆମକୁ। ତେଣୁ ସାଙ୍ଗସାଥୀ କି ବନ୍ଧୁବାନ୍ଧବ ଯିଏ ବି ଘରକୁ ଆସିଲେ ମୁଁ ସେମାନଙ୍କୁ ଖିଆପିଆ କରାଇବା ପରେ ହିଁ ଛାଡିଥାଏ। ଏକଥା ତ ସମସ୍ତେ ଜାଣିଛନ୍ତି କି ରୋଷେଇ କରି ଅନ୍ୟ କାହାକୁ ଖାଇବାକୁ ଦେବାଠାରୁ ଶ୍ରେଷ୍ଠ ଯଜ୍ଞ କିଛି ନାହିଁ। ତେଣୁ ସବୁ ଗୃହିଣୀ ଅତିଥିମାନଙ୍କୁ ଭଲଭାବରେ ସ୍ୱାଗତ କରିବା ସହ ସେମାନଙ୍କୁ କିଛି ଖାଇବାକୁ ଦେବା ଆବଶ୍ୟକ। ଏହି ଦୃଷ୍ଟିରୁ କେହି ଘରକୁ ଆସିବା ଦେଖିଲେ ମୁଁ ଭଲ କିଛି ରୋଷେଇ ଆରମ୍ଭ କରିଦିଏ। ଅତିଥିଙ୍କୁ ଆମେ ଏପରି ବ୍ୟବହାର କରିଲେ ଆମ ଆଗାମୀ ପିଢ଼ି ମଧ୍ୟ ଆମଠୁ ଶିଖିବ ଓ ପରମ୍ପରା ବଞ୍ଚି ରହିବ।

**– ସ୍ମିତାଞ୍ଜଳି ବେହେରା,**
ଗୃହିଣୀ, ପ୍ରତାପନଗରୀ, କଟକ



**ସଂସ୍କାରକୁ ଭୁଲିନି:** ଘରେ ଅତିଥିଙ୍କୁ ସ୍ୱାଗତ କରିବା ଆମର ପରମ୍ପରା ଆଉ ସଂସ୍କାର। ଛୋଟବେଳରୁ ମୁଁ ଆମ ଘରୁ ଏକଥା ଶିଖିଛି। ଏବେ ବି ଏଇ ସଂସ୍କାରକୁ ମୁଁ ଛାଡ଼ିପାରିନି। ତେଣୁ ଯେତେବେଳେ ବି ଘରକୁ କେହି ଅତିଥି ଆସନ୍ତି ମୁଁ ବହୁତ ଖୁସି ହୋଇଯାଏ। ସେମାନଙ୍କ ପାଇଁ ଜଳଖିଆ କିମ୍ବା ଖାଦ୍ୟ ତିଆରି କରେ। ଏମିତିରେ ବି ମତେ ବିଭିନ୍ନ ପ୍ରକାର ଖାଦ୍ୟ ତିଆରି କରିବା ପାଇଁ ବହୁତ ଭଲ ଲାଗେ। ସେଥିପାଇଁ ବେଳେବେଳେ ପିଠାପଣା ତିଆରି କରି ପଡ଼ିଶା ଘରେ କିମ୍ବା ଅଫିସରେ ସାଙ୍ଗମାନଙ୍କୁ ଦେଇଥାଏ।

*– ସାଗରିକା ଚାନ୍ଦୁଆ, ଗୃହିଣୀ, ମଙ୍ଗଳାବାଗ, କଟକ*



**ଅତିଥି ଦେବୋ ଭବଃ:** ସାଧାରଣ ଭାବରେ ଅତିଥି କହିଲେ ଆମେ ଏଭଳି ବ୍ୟକ୍ତି ବିଶେଷ ବା ଆଗନ୍ତୁକଙ୍କ ବିଷୟରେ ବୁଝୁ ଯାହାଙ୍କର ପଦାର୍ପଣ ଆକସ୍ମିକ ଭାବରେ ଆମ ଘରେ ହୋଇଥାଏ। କିନ୍ତୁ ବ୍ୟବହାରିକ ଅର୍ଥରେ ଅତିଥି ନିମନ୍ତ୍ରିତ ହୋଇପାରନ୍ତି ତଥା ଅନିମନ୍ତ୍ରିତ ମଧ୍ୟ ହୋଇପାରନ୍ତି। ସେ ଯାହା ହେଉ ଭାରତୀୟ ପରମ୍ପରାର ମୂଳମନ୍ତ୍ର 'ଅତିଥି ଦେବୋ ଭବଃ' କ୍ରମରେ ଅତିଥିଙ୍କ ଆଗମନରେ ତାଙ୍କର ସତ୍କାର ସୁଚାରୁରୂପେ ହେବା ଆବଶ୍ୟକ। ଅତିଥିଙ୍କ ସହ ଆମର ବାର୍ତ୍ତାଳାପ ତଥା ବ୍ୟବହାର କୁଶଳତା ଆମର ସଂସ୍କାରକୁ ସାବ୍ୟସ୍ତ କରିଥାଏ। ଏହାଛଡ଼ା ଅତିଥିଙ୍କ ସୁବିଧା ଅସୁବିଧା ପ୍ରତି ଆମେ ସମ୍ବେଦନଶୀଳ ହେବା ଆବଶ୍ୟକ। ତେବେ ଅତିଥିଙ୍କ ମର୍ଯ୍ୟାଦା କ୍ଷୁଣ୍ଣ ନ ହେଉ ସେଥିପ୍ରତି ସଚେତନ ହେବା ଉଚିତ। ଏତଦ୍ୱାରା ଗୃହରେ ପଦାର୍ପଣ କରିଥିବା ଅତିଥି ଏକ ପାରିବାରିକ ଅନୁଭୂତି ପାଇବା ସହ ପରମ ସନ୍ତୋଷ ଅନୁଭବ କରନ୍ତି।

*– ଦୀପା ମହାନ୍ତି, ଗୃହିଣୀ, ଜଟଣୀ, ଖୋର୍ଦ୍ଧା*

ସୌନ୍ଦର୍ଯ୍ୟ

# ଦୂରକରନ୍ତୁ ଟାନିଂ



ପ୍ରବଳ ଖରା ପ୍ରଭାବରେ ତ୍ୱଚାରେ କଳାଦାଗ ପଡ଼ିଯାଏ, ଯାହାକୁ ସ୍କିନ୍ ଟାନିଂ କୁହାଯାଏ। ଏଭଳି ଟାନିଂ ତ୍ୱଚାକୁ ଅସୁନ୍ଦର କରିଥାଏ। ତେବେ ଏହାକୁ ଦୂର କରିବା ପାଇଁ ଜାଣିରଖନ୍ତୁ କିଛି ଘରୋଇ ଫେସ୍ ପ୍ୟାକ୍...



ସ୍କିନ୍ ଟାନିଂ ଦୂରକରିବା ପାଇଁ ହଳଦୀ, ବେସନ ଓ ଗୋଲାପ ଜଳ ଏକ ସୁନ୍ଦର ମାସ୍କ ହୋଇପାରେ। ଏଥିପାଇଁ ୨ ରୁ ୩ ଚାମଚ ବେସନ ସହ ୨ ଚୁଟ୍‌କି ହଳଦୀ, ଗୋଲାପ ଜଳ ଓ କ୍ଷୀର ମିଶାନ୍ତୁ। ଏସବୁକୁ ଭଲଭାବେ ମିଶାଇ ମୁହଁ, ବେକ ତଥା ହାତରେ ଲଗାଇ ଦିଅନ୍ତୁ। ଧୀରେ ଧୀରେ ଏହାକୁ ମସାଜ୍ କରି ଅଧ ଘଣ୍ଟା ପର୍ଯ୍ୟନ୍ତ ଛାଡ଼ି ଦିଅନ୍ତୁ। ଏହାପରେ ଥଣ୍ଡା ପାଣିରେ ମୁହଁ ଧୋଇ ଦିଅନ୍ତୁ। ପ୍ରତିଦିନ ଏହି ପ୍ୟାକ ମୁହଁରେ ଲଗାଇଲେ ତ୍ୱଚାରେ ଥିବା ଟାନିଂ ଦୂରହେବା ସହ ତ୍ୱଚା ଅତ୍ୟନ୍ତ ଉଜ୍ଜ୍ୱଳ ଦେଖାଯିବ।

❖ଲେମ୍ବୁରସରେ ଚିନି ମିଶାଇ ତ୍ୱଚାରେ ଫେସ୍ ପ୍ୟାକ୍ ଭଳି ଲଗାନ୍ତୁ। ଏଥିପାଇଁ ୩ରୁ ୪ଟି ଲେମ୍ବୁର ରସ ବାହାରକରି ସେଥିରେ ୧ ଚାମଚ ଚିନି ମିଶାନ୍ତୁ। ଏବେ ଏହି ମିଶ୍ରଣକୁ ମୁହଁରେ ଘଷନ୍ତୁ। ବାରମ୍ବାର ଏହାକୁ ଅତି କମ୍‌ରେ ଅଧଘଣ୍ଟା ପର୍ଯ୍ୟନ୍ତ ଘଷନ୍ତୁ। ଏହାପରେ ଥଣ୍ଡା ପାଣିରେ ଧୋଇଦିଅନ୍ତୁ। ଲେମ୍ବୁରସରେ ଭିଟାମିନ୍ -ସି ରହିଛି ଯାହା ଏକ ସୁନ୍ଦର ବ୍ଲିଚିଂ ଏଜେଣ୍ଟ ଭଳି କାମ ଦେଇଥାଏ। ତେଣୁ ଏହି ପ୍ୟାକ୍ ଲଗାଇଲେ ତ୍ୱଚାରୁ ମୃତକୋଷ ସବୁ ବାହାରିଯାଏ ଓ ତ୍ୱଚା ଅଧିକ ଉଜ୍ଜ୍ୱଳ ଦେଖାଯାଏ।

❖ପାଚିଲା କଦଳୀ ଓ କ୍ଷୀର ମିଶାଇ ଆପଣ ଟାନିଂ ଦୂରକରିବା ପାଇଁ ମାସ୍କ ତିଆରି କରିପାରିବେ। କଦଳୀ ଓ କ୍ଷୀରକୁ ମିଶାଇ ଭଲଭାବେ ଗ୍ରାଇଣ୍ଡିଂ କରି ମୁହଁରେ ଲଗାନ୍ତୁ। ଏହାକୁ ଧୀରେ ଧୀରେ ମସାଜ୍ କରନ୍ତୁ ଏବଂ ଅଧଘଣ୍ଟା ପର୍ଯ୍ୟନ୍ତ ରହିବାକୁ ଦିଅନ୍ତୁ। ଏହାପରେ ଥଣ୍ଡା ପାଣିରେ ଧୋଇ ଦିଅନ୍ତୁ। ପ୍ରତିଦିନ ଏହି ମାସ୍କ ଲଗାଇଲେ ତ୍ୱଚାର ଉଜ୍ଜ୍ୱଳତା ବଢ଼ିଥାଏ ଓ ଏହା ମଶ୍ଚରାଇଜର ଭଳି କାମ କରିଥାଏ।

ଖାଦ୍ୟରୁଚି

# ଫ୍ରାଏଡ୍ ଇଡ୍‌ଲି

**ଆବଶ୍ୟକ ସାମଗ୍ରୀ–** ଇଡ୍‌ଲି– ୬ଟି, ପିଆଜ– ୧ଟି ବଡ଼, ଅଦା ରସୁଣ ପେଷ୍ଟ– ୧ ଚାମଚ, ଶୁଖିଲା ଲଙ୍କା ଓ ରସୁଣ ଚଟଣି– ୧ ଚାମଚ, ଟମାଟୋ– ୧ଟି, କ୍ୟାପ୍ସିକମ୍– ୧ଟି, କଞ୍ଚାଲଙ୍କା–୧ଟି, ଲଙ୍କାଗୁଣ୍ଡ– ଅଧା ଚାମଚ, ପାଓଭାଜି ମସଲା– ୧ ଛୋଟ ଚାମଚ, ଲେମ୍ବୁରସ– ଅଧା ଚାମଚ, ଲହୁଣୀ– ୩ ଚାମଚ, ଧନିଆପତ୍ର– ଅଳ୍ପ, ଆବଶ୍ୟକ ଅନୁସାରେ ଲୁଣ ଓ ପାଣି।

**ପ୍ରସ୍ତୁତି ପ୍ରଣାଳୀ–** ପ୍ରଥମେ ପିଆଜକୁ ଛୋଟ ଛୋଟ କରି କାଟି ରଖନ୍ତୁ। ଗ୍ୟାସ୍‌ରେ କଡ଼େଇ ଗରମ କରି ସେଥିରେ ଲହୁଣୀ ପକାନ୍ତୁ। ଏବେ ଏହି ଲହୁଣୀରେ କଟା ପିଆଜକୁ ପକାଇ ଭାଜି ଦିଅନ୍ତୁ। ପିଆଜ ଭାଜି ହୋଇ ଆସିଲେ ସେଥିରେ ଅଦା ରସୁଣ ପେଷ୍ଟ ପକାଇ କଷନ୍ତୁ। ଏହାର କିଛି ସମୟ ପରେ ସେଥିରେ ଲଙ୍କା ଓ ରସୁଣ ପେଷ୍ଟ ପକାଇ ଅଳ୍ପ ଟିକେ ସମୟ ଭାଜନ୍ତୁ। ଏହାପରେ ଟମାଟୋ, କ୍ୟାପ୍ସିକମ୍ ଓ କଞ୍ଚାଲଙ୍କାକୁ ଛୋଟ ଛୋଟ କାଟି ସେଥିରେ ପକାନ୍ତୁ। ଏବେ ସେଥିରେ ଲଙ୍କାଗୁଣ୍ଡ ଓ ପାଓଭାଜି ମସଲା ପକାଇ ଭାଜନ୍ତୁ। ପରେ ସେଥିରେ ଲୁଣ ପକାଇ ଅଳ୍ପ ପାଣି ଦିଅନ୍ତୁ ଯେପରି ମସଲା ଗ୍ରେଭି ଭଳି ଲାଗିବ। ପାଣି ଫୁଟି ଆସିଲେ ସେଥିରେ ଇଡ୍‌ଲିକୁ ଛୋଟ ଛୋଟ ଖଣ୍ଡ କରି ପକାଇ ଗୋଳାଇ ଘୋଡ଼ାଇ ଦିଅନ୍ତୁ। ୫ ମିନିଟ୍ ପରେ ଘୋଡ଼ଣି କାଢି ସେଥିରେ ଲେମ୍ବୁରସ ଓ ୧ ଚାମଚ ଲହୁଣୀ ଓ ଧନିଆପତ୍ରକୁ କାଟି ପକାଇ ଦିଅନ୍ତୁ। ଏବେ ଏହାକୁ ଗରମ ଗରମ ଖାଆନ୍ତୁ।



# ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହେଲେ ରେସ୍‌ଲର

## ଡବ୍ଲ୍ୟୁଏଫ୍‌ଆଇ ନିର୍ବାଚନ ସ୍ଥଗିତ

ନୂଆଦିଲ୍ଲୀ,୨୪।୪

ଭାରତୀୟ କୁସ୍ତି ମହାସଂଘ (ଡବ୍ଲ୍ୟୁଏଫ୍‌ଆଇ) ମୁଖ୍ୟ ବ୍ରିଜ୍ ଭୂଷଣ ଶରଣ ସିଂଙ୍କ ବିରୋଧରେ ଅଣାଯାଇଥିବା ଯୌନ ନିର୍ଯାତନା ଅଭିଯୋଗର ନିରପେକ୍ଷ ତଦନ୍ତ ନିର୍ଦ୍ଦେଶ ପାଇଁ ଭାରତର ଟପ୍ ରେସଲର ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଛନ୍ତି। ଦିଲ୍ଲୀର ଯନ୍ତର ମନ୍ତରଠାରେ ଧାରଣାରେ ବସିଥିବା ରେସ୍‌ଲରମାନେ କହିଛନ୍ତି ପୋଲିସ ଯେପର୍ଯ୍ୟନ୍ତ ଏହି ମାମଲାରେ ଏକ ଏଫ୍‌ଆଇଆର୍ ରୁଜୁ ନ କରିଛି, ସେପର୍ଯ୍ୟନ୍ତ ସେମାନେ ଧାରଣାସ୍ଥଳରେ ବସି ରହିବେ। ରେସଲରମାନେ ସେମାନଙ୍କ ଦାବି ନେଇ ପ୍ରଥମେ ଜାନୁୟାରୀରେ ଧାରଣାରେ ବସିଥିଲେ। କ୍ରୀଡ଼ା ମନ୍ତ୍ରଣାଳୟର ପ୍ରତିଶ୍ରୁତି ପରେ ସେମାନେ ଧାରଣାରୁ ଓହରିଯାଇଥିଲେ। କିନ୍ତୁ ଇତିମଧ୍ୟରେ ୩ମାସ ବିତି ଯାଇଥିଲେ ମଧ୍ୟ ଡବ୍ଲ୍ୟୁଏଫ୍‌ଆଇ ମୁଖ୍ୟଙ୍କ ବିରୋଧରେ ଏପର୍ଯ୍ୟନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇନାହିଁ।

ଏଣେ ସୋମବାର କ୍ରୀଡ଼ା ମନ୍ତ୍ରଣାଳୟ ଆସନ୍ତା ମେ' ୭ ତାରିଖରେ ହେବାକୁଥିବା ଡବ୍ଲ୍ୟୁଏଫଆଇ ନିର୍ବାଚନକୁ ସ୍ଥଗିତ ରଖିଛନ୍ତି। ମହାସଂଘର ଦୈନନ୍ଦିନ କାର୍ଯ୍ୟ ବୁଝାଶୁଝା କରିବା ପାଇଁ ଏକ ଆଡହକ୍ କମିଟି ଗଠନ ଲାଗି ଭାରତୀୟ ଅଲିମ୍ପିକ ଆସୋସିଏଶନ (ଆଇଓଏ)କୁ କହିଛି। ୪୫ ଦିନ ମଧ୍ୟରେ କର୍ମକର୍ତ୍ତା ନିର୍ବାଚନ ମଧ୍ୟ କରିବାକୁ କୁହାଯାଇଛି। ଧାରଣାରେ ବସିଥିବା ରେସ୍‌ଲରମାନେ କହିଛନ୍ତି, ନିର୍ବାଚନ ସହ ସେମାନଙ୍କ କୌଣସି ନେଣଦେଣ ନାହିଁ। ସିଂ ମହିଳା ଆଥ୍‌ଲେଟମାନଙ୍କୁ ଯୌନ ନିର୍ଯାତନା ଦେଇଥିବା ଯେଉଁ ଅଭିଯୋଗ ହୋଇଛି ତାହାର ଉପଯୁକ୍ତ ତଦନ୍ତ ପାଇଁ ସେମାନେ ଚାପ ସୃଷ୍ଟି କରିବା ଜାରି ରଖିବେ। ଅଲିମ୍ପିଆନ ଭିନେଶ ଫୋଗତ, ବଜରଙ୍ଗ ପୁନିଆ ଓ ସାକ୍ଷୀ ମଲିକଙ୍କ ନେତୃତ୍ୱରେ ରେସଲରମାନେ କହିଛନ୍ତି ଯେ, କିଛି ଲୋକ ସେମାନଙ୍କୁ ଭୁଆଁ ବୁଲେଇଛନ୍ତି। ୩ମାସ ପୂର୍ବେ ସେମାନେ ଧାରଣାରୁ ଓହରିଯାଇ ଭୁଲ କରିଛନ୍ତି। ବର୍ତ୍ତମାନ ଆମେ କାହାରି କଥାରେ ପରିଚାଳିତ ହେବୁ ନାହିଁ, ବରଂ କେବଳ 'ଗୁରୁଜନ' (ସିନିୟର) ଓ 'କୋଚ୍ ଖଲିଫା' (ମେଣ୍ଟର)ମାନଙ୍କ କଥା ଅନୁସାରେ କାର୍ଯ୍ୟ କରିବୁ। ଯଦି କେହି ମଧ୍ୟସ୍ଥତା କରେ ତାହା ଆମ ଦ୍ୱାରା ଗ୍ରହଣୀୟ ହେବ ନାହିଁ ବୋଲି ଭିନେଶ କହିଛନ୍ତି। ସେ କହିଛନ୍ତି, ଆମେ ସମସ୍ତେ ଚାହୁଁ ପୋଲିସ ଏକ ମାମଲା ରୁଜୁ କରି ଏ ବିଷୟରେ ତଦନ୍ତ କରୁଛି। ଆମେ ହେଉଛୁ ସ୍ୱାଧୀନ ଭାରତର ନାଗରିକ। ନ୍ୟାୟ ପାଇବା ଲାଗି ଅନେକ ମାର୍ଗ ରହିଛି। କୌଣସି ଉପାୟରେ ଏହା ହାସଲ କରିହେବ। ଡବ୍ଲ୍ୟୁଏଫ୍‌ଆଇ ସଭାପତିଙ୍କ ବିରୋଧରେ ମାମଲା ରୁଜୁ କରିବା ଲାଗି ରେସ୍‌ଲରମାନେ କନଟ ପ୍ଲେସ ପୋଲିସ ଷ୍ଟେଶନ ଯାଇଥିଲେ। ପୋଲିସ କିନ୍ତୁ ସେମାନଙ୍କ କଥା ରଖି ନ ଥିଲା। ଗତ ଜାନୁୟାରୀରେ ରେସଲରମାନେ ଧାରଣାରେ ବସିଥିବାବେଳେ ପୂର୍ବତନ ରେସଲର ଓ ବର୍ତ୍ତମାନ ଭାଜପା ଦଳ ସହିତ ସଂଶ୍ଳିଷ୍ଟ ବବିତା ଫୋଗତ ଆନ୍ଦୋଳନକାରୀ ରେସଲର ଏବଂ ସରକାରଙ୍କ ମଧ୍ୟରେ ମଧ୍ୟସ୍ଥତା କରିଥିଲେ। ମାତ୍ର ସେଥିରୁ କିଛି ସୁଫଳ ମିଳି ନାହିଁ। ବବିତା ନିଜେ ଡବ୍ଲ୍ୟୁଏଫ୍‌ଆଇ ମୁଖ୍ୟଙ୍କ ବିରୋଧରେ ଆଗତ ଅଭିଯୋଗର ତଦନ୍ତ ପାଇଁ ସରକାରଙ୍କ ଦ୍ୱାରା ଗଠିତ ନିରୀକ୍ଷଣ କମିଟିର ସଦସ୍ୟ ଥିଲେ। ବର୍ତ୍ତମାନ ହୁଏତ ତାଙ୍କର ରେସ୍‌ଲିଂ ତୁଳନାରେ ରାଜନୀତି ପ୍ରତି ଅଧିକ ମୋହ ରହିଛି।



ସାହାଣୀ କପ୍ ଫୁଟବଲ: ବିଡ଼ାନାସୀ ଗ୍ରାଉଣ୍ଡରେ ସୋମବାର ବରଗଡ଼ ଓ ଗଞ୍ଜାମ ମଧ୍ୟରେ ଅନୁଷ୍ଠିତ ମ୍ୟାଚ।

# ବରଗଡ଼, ବଲାଙ୍ଗୀର, ଝାରସୁଗୁଡ଼ା ବିଜୟୀ

## ସାହାଣୀ କପ୍ ଫୁଟବଲ

ଭୁବନେଶ୍ୱର, ୨୪।୪ (କ୍ରୀଡ଼ା ପ୍ରତିନିଧି)

ଫୁଟବଲ ଆସୋସିଏଶନ ଅଫ୍ ଓଡ଼ିଶା (ଫାଓ) ଓ ରାଜ୍ୟ କ୍ରୀଡ଼ା ବିଭାଗର ମିଳିତ ଆନୁକୂଲ୍ୟରେ ସିନିୟର ପୁରୁଷ ଆନ୍ତଃଜିଲା ଫୁଟବଲ ଟୁର୍ନାମେଣ୍ଟ ସାହାଣୀ କପ୍‌ର ୩ଟି ମ୍ୟାଚ ସୋମବାର ଅନୁଷ୍ଠିତ ହୋଇଛି। ଏଥିରେ ବରଗଡ଼, ବଲାଙ୍ଗୀର ଓ ଝାରସୁଗୁଡ଼ା ଦଳ ବିଜୟ ହାସଲ କରିଛି। କଟକର ବିଡ଼ାନାସୀ ଗ୍ରାଉଣ୍ଡରେ ଅନୁଷ୍ଠିତ ମ୍ୟାଚରେ ବରଗଡ଼ ୫-୧ ଗୋଲରେ ଗଞ୍ଜାମକୁ ପରାସ୍ତ କରିଛି। ବିଜୟୀ ଦଳ ପକ୍ଷରୁ ଫ୍ରାନ୍ସିସ ଲାକ୍ରା ୧୪ ଓ ୪୨ତମ ମିନିଟରେ ୨ଟି ଏବଂ ଚନ୍ଦ୍ର ମୋହନ ମୁର୍ମୁ ୧୦, ପ୍ରଭାତ ଦନସେନା ୩୨ ଓ ଅଙ୍କିତ ବେହେରା ୪୪ତମ ମିନିଟରେ ଗୋଟିଏ ଲେଖାଏ ଗୋଲ ଦେଇଥିଲେ। ଗଞ୍ଜାମ ପକ୍ଷରୁ ରବୀନ୍ଦ୍ର ସିଂ ୫୫ତମ ମିନିଟରେ ଗୋଟିଏ ଗୋଲ ପରିଶୋଧ କରିଥିଲେ। କଟକ ଚୌଦ୍ୱାରସ୍ଥିତ ଓଟିଏମ୍ ଗ୍ରାଉଣ୍ଡରେ ଅନୁଷ୍ଠିତ ମ୍ୟାଚରେ ବଲାଙ୍ଗୀର ୧-୦ ଗୋଲରେ ପାରାଦୀପ ପୋର୍ଟ ଟ୍ରଷ୍ଟକୁ ହରାଇଛି। ବିଜୟୀ ଦଳର ସୁବ୍ରତ ପାତ୍ର ୭୪ତମ ମିନିଟରେ ଗୋଲ ଦେଇଥିଲେ। ଭୁବନେଶ୍ୱରର ୭ମ ବାଟାଲିୟନ ପଡ଼ିଆରେ ଅନୁଷ୍ଠିତ ମ୍ୟାଚରେ ଝାରସୁଗୁଡ଼ା ୩-୧ ଗୋଲରେ ମୟୂରଭଞ୍ଜକୁ ହରାଇ ଦେଇଛି। ଝାରସୁଗୁଡ଼ା ପକ୍ଷରୁ ବିଶାଲ ମୁଣ୍ଡା ୫ମ, ଘାସିରାମ ମାଝି ୬୦ ଏବଂ ରୋମି ଓରାମ ୭୩ତମ ମିନିଟରେ ଏବଂ ପରାଜିତ ଦଳର ସୁକୁଲ ମୁର୍ମୁ ୮୬ତମ ମିନିଟରେ ଗୋଟିଏ ଲେଖାଏ ଗୋଲ ଦେଇଥିଲେ।

# ଏକାନ୍ତରେ ଜନ୍ମଦିନ ପାଳିଲେ ସଚିନ

ନୂଆଦିଲ୍ଲୀ,୨୪।୪

କ୍ରିକେଟରେ ରେକର୍ଡର ମହସମୁଦ୍ର କରିଥିବା ତଥା ଭାରତରେ କ୍ରିକେଟକୁ ଏକ ଧର୍ମରେ ପରିଣତ କରିଥିବା କ୍ରିକେଟ କିମ୍ବଦନ୍ତୀ ସଚିନ୍ ତେନ୍ଦୁଲକର ନିଜ ଜନ୍ମଦିନ ସମ୍ପୂର୍ଣ୍ଣ ଏକାନ୍ତରେ ପାଳନ କରିଛନ୍ତି। ୨୪ ଏପ୍ରିଲରେ ନିଜର ୫୦ ତମ ଜନ୍ମ ଦିବସ ପାଳନ କରିଥିଲେ ସଚିନ୍। ତେବେ ଆଡମ୍ବରପୂର୍ଣ୍ଣ ପରିବେଶର କୋଳାହଳରୁ ଦୂରରେ ସେ ନିଜର ଜନ୍ମଦିନ ପାଳନ କରିଛନ୍ତି। କେଉଁ ସ୍ଥାନରେ ସେ ଜନ୍ମଦିନ ପାଳନ କରିଛନ୍ତି ତାହା ସ୍ପଷ୍ଟ ହୋଇ ନ ଥିଲେ ମଧ୍ୟ ନିଜ ବାସଭବନର ପୁଲ୍ ସାଇଡ୍‌ରେ ବସି ସେ ଚା'ର ମଜା ନେଉଛନ୍ତି। ନିଜ ସୋସିଆଲ ମିଡିଆ ଆକାଉଣ୍ଟରେ ସଚିନ୍ ଫଟୋ ପୋଷ୍ଟ କରିବା ସହିତ ଟି ଟାଇମ: ୫୦ ନଟ୍ ଆଉଟ ବୋଲି କ୍ୟାପସନ୍ ଲେଖିଛନ୍ତି। ଭାରତ ତଥା ବିଶ୍ୱର ଶ୍ରେଷ୍ଠ ଖେଳାଳି ରହିଥିବା ସଚିନ୍ ୧୦ ବର୍ଷ ପୂର୍ବରୁ ଅନ୍ତର୍ଜାତୀୟ କ୍ରିକେଟରୁ ସନ୍ନ୍ୟାସ ଗ୍ରହଣ କରିଛନ୍ତି। ୬୬୪ ଅନ୍ତର୍ଜାତୀୟ ମ୍ୟାଚ୍ ଖେଳି ସେ ୩୪,୩୫୭ ରନ୍ ସଂଗ୍ରହ କରିଛନ୍ତି। ୪୮.୫୨ ଆଭରେଜରେ ସେ ଏହି ରନ୍ ସ୍କୋର କରିଥିବା ବେଳେ ଏହା ମଧ୍ୟରେ ସାମିଲ ରହିଛି ୧୦୦ ଶତକ ଓ ୧୬୪ ଅର୍ଦ୍ଧଶତକ। ଦିନିକିଆରେ ୧୮,୪୨୬ ରନ୍ ଓ ଟେଷ୍ଟରେ ୧୫,୯୨୧ ରନ୍ ସହିତ ସେ ଉଭୟ ଫର୍ମାଟରେ ସର୍ବାଧିକ ରନ୍‌ର ରେକର୍ଡ ନିଜ ନାମରେ ରଖିଛନ୍ତି। ପ୍ରଥମ ଖେଳାଳି ଭାବରେ ସଚିନ୍ ଦିନିକିଆରେ ଦ୍ୱିଶତକ ହାସଲ କରିଥିବା ବେଳେ ପ୍ରଥମ ଖେଳାଳି ଭାବରେ ସେ ୨୦୦ତମ ଟେଷ୍ଟ ମ୍ୟାଚ୍ ଖେଳିବାର ସୌଭାଗ୍ୟ ହାସଲ କରିଛନ୍ତି। ସମୁଦାୟ ୬୬୪ ଅନ୍ତର୍ଜାତୀୟ ମ୍ୟାଚରେ ସେ ଭାରତର ପ୍ରତିନିଧିତ୍ୱ କରିଥିବା ବେଳେ ତାଙ୍କ ନାମରେ ରହିଛି ୨୦୧ ଅନ୍ତର୍ଜାତୀୟ ଉଇକେଟ। ୨୦୧୧ ବିଶ୍ୱକପ ବିଜୟୀ ଭାରତୀୟ ଦଳର ସଦସ୍ୟ ମଧ୍ୟ ରହିଥିଲେ ସଚିନ୍। ଏହା ବ୍ୟତିତ ସେ ଆଇପିଏଲ୍‌ରେ ୬ଟି ସିଜନ ମୁମ୍ବାଇ ଇଣ୍ଡିଆନ୍ସ ପାଇଁ ଖେଳିଛନ୍ତି। ୭୮ ଆଇପିଏଲ ମ୍ୟାଚରୁ ୩୪.୮୪ର ଆଭରେଜ ସହ ସେ ୨୩୩୪ ରନ୍ ସ୍କୋର କରିଛନ୍ତି। ଏହା ମଧ୍ୟରେ ୧୩ ଅର୍ଦ୍ଧଶତକ ଓ ଗୋଟିଏ ଶତକ ସାମିଲ ଥିଲା। ଆଇପିଏଲ କ୍ୟାରିୟରରେ ସେ ୨୯ ଛକା ଓ ୨୯୫ ଚୌକା ମାରିଥିବା ବେଳେ ତାଙ୍କର କ୍ୟାରିୟର ଷ୍ଟ୍ରାଇକ୍‌ରେଟ୍ ରହିଛି ୧୧୯.୮୨। ଏହା ସହ ଖେଳାଳି ଭାବରେ ସେ ୨୦୧୩ ସଂସ୍କରଣର ଆଇପିଏଲରେ ଚାମ୍ପିୟନ୍ ଆଖ୍ୟା ଅର୍ଜନ କରିଥିଲେ। ୨୦୧୦ ସିଜନରେ ମୁମ୍ବାଇ ଇଣ୍ଡିଆନ୍ସ ରନର୍ସ ଅପ୍ ହୋଇଥିବା ବେଳେ ସଚିନ୍ ୧୫ ମ୍ୟାଚ୍‌ରୁ ୬୧୮ ରନ୍ କରି ଅରେଞ୍ଜ କ୍ୟାପ୍ ହାସଲ କରିଥିଲେ।



ମୁମ୍ବାଇସ୍ଥିତ ନିଜ ବାସଭବନ ସୁଇମିଂ ପୁଲ୍ ନିକଟରେ ସଚିନ ତେନ୍ଦୁଲକର।

ଭାରତୀୟ କ୍ରିକେଟର ଭଗବାନ ସଚିନ୍ ତେନ୍ଦୁଲକର ୫୦ ବର୍ଷରେ ପାଦ ଦେଇଛନ୍ତି। ଅନ୍ତର୍ଜାତୀୟ କ୍ରିକେଟରେ ସର୍ବାଧିକ ଅର୍ଦ୍ଧଶତକର ରେକର୍ଡ ନିଜ ନାମରେ ରଖିଥିବା ତେନ୍ଦୁଲକର ଜୀବନର ଅର୍ଦ୍ଧଶତକ ହାସଲ କରିଛନ୍ତି। ବିଶ୍ୱର ଏହି ସର୍ବଶ୍ରେଷ୍ଠ କ୍ରିକେଟରଙ୍କ ଜନ୍ମଦିନ ଅବସରରେ ବିସିସିଆଇ, ଆଇସିସି ଓ ସାଥୀ ଖେଳାଳି ନୁହନ୍ତି ବରଂ ବିପକ୍ଷ ଖେଳାଳିଙ୍କ ପକ୍ଷରୁ ମଧ୍ୟ ଶୁଭେଚ୍ଛାର ସୁଅ ଛୁଟିଛି।

ସଚିନ୍ ତେନ୍ଦୁଲକରଙ୍କୁ ଆଉ ଏକ ଅର୍ଦ୍ଧଶତକ ପାଇଁ ଶୁଭେଚ୍ଛା। ଦଶନ୍ଧି ଧରି ସେ କ୍ରିକେଟ ପାଇଁ କିମ୍ବଦନ୍ତୀ ବୋଲୀ ଆଇସିସି ପକ୍ଷରୁ ଟୁଇଟ୍ କରାଯାଇଛି।

୬୬୪ ଅନ୍ତର୍ଜାତୀୟ ମ୍ୟାଚ୍, ୩୪୩୫୭ ଅନ୍ତର୍ଜାତୀୟ ରନ୍, ୨୦୧ ଅନ୍ତର୍ଜାତୀୟ ଉଇକେଟ୍, ଏକମାତ୍ର କ୍ରିକେଟର ଭାବରେ ୧୦୦ ଅନ୍ତର୍ଜାତୀୟ ଶତକ, ୨୦୧୧ ଦିନିକିଆ ବିଶ୍ୱକପ ବିଜେତା ତଥା କିମ୍ବଦନ୍ତୀ କ୍ରିକେଟର ସଚିନ୍ ତେନ୍ଦୁଲକରଙ୍କୁ ୫୦ ତମ ଜନ୍ମ ଦିନର ଶୁଭେଚ୍ଛା ବୋଲି ବିସିସିଆଇ ପକ୍ଷରୁ ଟୁଇଟ୍ କରାଯାଇଛି।

ପୂର୍ବତନ ଭାରତୀୟ କ୍ରିକେଟର ତଥା ଭାଷ୍ୟକାର ରବି ଶାସ୍ତ୍ରୀ ମଧ୍ୟ ତେନ୍ଦୁଲକରଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ହାପି ବାର୍ଥଡେ ବିଗ୍ ବସ୍। ଜୀବନର ଅର୍ଦ୍ଧଶତକ ଆଉ ପ୍ରଫେସନାଲ କ୍ୟାରିୟରର ଶହେ ଶତକ। ୧୫୦ ନଟ୍‌ଆଉଟରେ ବ୍ୟାଟିଂ କରି କେମିତି ଲାଗୁଛି? ଜନ୍ମଦିନର ଢେର ସାରା ଶୁଭେଚ୍ଛା ବୋଲି ଲେଖିଛନ୍ତି ରବି ଶାସ୍ତ୍ରୀ।

ପୂର୍ବତନ ଭାରତୀୟ କ୍ରିକେଟର ତଥା ୨୦୧୧ ଦିନିକିଆ ବିଶ୍ୱକପର ପ୍ଲେୟର ଅଫ୍ ଦ ଟୁର୍ନାମେଣ୍ଟ ଯୁବରାଜ ସିଂ ଲେଖିଛନ୍ତି, 'ସେ ଆସିଲେ, ଖେଳିଲେ ଆଉ ଦୀର୍ଘ ୪ ଦଶନ୍ଧି ଧରି ହୃଦୟ ଜିତିବାରେ ସଫଳ ହେଲେ। ଦିନ ଭଲ ହେଉ କି ଖରାପ, ସ୍କୋର କାର୍ଡରେ ୦ ଥାଉ କି ୧୦୦ ସେ ସର୍ବଦା ସମାନ ରୁହନ୍ତି। ମସ୍ତିଷ୍କ ସମ୍ମାନରେ ଉଚ୍ଚ ରହୁଥିବା ବେଳେ ପାଦ ସର୍ବଦା ଭୂମିରେ ରହିଥାଏ'।

ଅଷ୍ଟ୍ରେଲୀୟ କ୍ରିକେଟର ବ୍ରେଟ୍ ଲି ମଧ୍ୟ ଟୁଇଟ୍ କରି ଶୁଭେଚ୍ଛା ଜଣାଇଛନ୍ତି। ବିଗତ ବର୍ଷରେ ଅନେକ ଚମତ୍କାର ଅର୍ଦ୍ଧଶତକ ଦେଖିଛି କିନ୍ତୁ ସେ ସବୁ ମଧ୍ୟରୁ ଏହା ଶ୍ରେଷ୍ଠ ବୋଲି ଲି ଟୁଇଟ୍ କରିଛନ୍ତି। କିମ୍ବଦନ୍ତୀ ସଚିନ୍ ତେନ୍ଦୁଲକରଙ୍କୁ ମୋର ଶୁଭେଚ୍ଛା ବୋଲି ସେ ଲେଖିଛନ୍ତି।

ଭାରତୀୟ ଖେଳାଳି ଅନୀଲ କୁମ୍ବଲେ ତେନ୍ଦୁଲକରଙ୍କୁ ଶୁଭେଚ୍ଛା ଜଣାଇବାକୁ ଯାଇ ତେନ୍ଦୁଲକରଙ୍କ ୩୫ ତମ ଶତକର ଏକ ଫଟୋ ଟୁଇଟ୍ କରିଛନ୍ତି। ୫୦ ବର୍ଷୀୟ କ୍ଲବକୁ ସ୍ୱାଗତ। ଭାରତ ଓ ବିଶ୍ୱର କୋଟି କୋଟି କ୍ରିକେଟରଙ୍କୁ ଅନୁପ୍ରାଣିତ କରିଛ। କ୍ରିକେଟ ପ୍ରତି ରହିଥିବା ତୁମର ଅବଦାନ ଅତୁଳନୀୟ। ୩୫ ତମ ଟେଷ୍ଟ ଶତକ ବେଳେ ଡ୍ରେସିଂ ରୁମ୍ ବାଲକୋନୀରୁ ଉଠାଇଥିବା ଫଟୋ ସ୍ମୃତି ଭାବରେ ଶେୟାର କରୁଛି ବୋଲି କୁମ୍ବଲେ ଲେଖିଛନ୍ତି।

ସଚ୍ ହେଉଛି ସତ୍ୟ, ସଚ୍ ହେଉଛି ଜୀବନ, ସଚ୍ ହେଉଛି ଉତ୍ତର, ସଚ୍ ହେଉଛି ମାର୍ଗ... ସର୍ବଦା ପ୍ରେରଣାର ଉତ୍ସ ରହିଥିବା ଭଲ ବନ୍ଧୁ ଓ ଆଦର୍ଶ ସଚିନ୍ ତେନ୍ଦୁଲକରଙ୍କୁ ଜନ୍ମଦିନର ଶୁଭେଚ୍ଛା ବୋଲି ଲେଖିଛନ୍ତ ଭିଭିଏସ୍ ଲକ୍ଷ୍ମଣ।

ଆପଣଙ୍କ ସହିତ ଖେଳିବାର ସୁଯୋଗ ପାଇଥିବାରୁ ଓ ଶିଖିବାର ସୁଯୋଗ ପାଇବା ମୋ ପାଇଁ ସୌଭାଗ୍ୟ ସଚିନଙ୍କୁ ଜନ୍ମଦିନର ଶୁଭେଚ୍ଛା ବୋଲି ଲେଖିଛନ୍ତି ଚେତେଶ୍ୱର ପୂଜାରା।

ଭାରତର ଯୋଗଜନ୍ମା ସନ୍ତାନ ତେନ୍ଦୁଲକରଙ୍କୁ ଜନ୍ମଦିନର ଶୁଭେଚ୍ଛା। ପାଜି' ଆମେ ଆପଣଙ୍କୁ ଭଲ ପାଉ ବୋଲି ଲେଖିଛନ୍ତି ହରଭଜନ ସିଂ।

ଜନ୍ମଦିନର ଶୁଭେଚ୍ଛା ସଚିନ୍ ତେନ୍ଦୁଲକର, ଅନେକ ପିଢିର କ୍ରିକେଟରଙ୍କୁ ଅନୁପ୍ରାଣିତ କରିଥିବାରୁ ଆପଣଙ୍କୁ ଶୁଭେଚ୍ଛା ବୋଲି ଲେଖିଛନ୍ତି ସ୍ମୃତି ମନ୍ଧାନା।

ସଚିନ୍ ପାଜି' ୫୦ ତମ ଜନ୍ମଦିବସର ଶୁଭେଚ୍ଛା। କ୍ରିକେଟ ପ୍ରତି ଆପଣଙ୍କ ସ୍ନେହ, ଶ୍ରଦ୍ଧା ଓ ପ୍ରତିବଦ୍ଧତା ଆମ ମାନଙ୍କୁ ସର୍ବଦା ଅନୁପ୍ରାଣିତ କରିଛି। ୫୦ ତମ ଜନ୍ମଦିନରେ ଇଶ୍ୱରଙ୍କ ପାଖରେ ଆପଣଙ୍କ ଉତ୍ତମ ସ୍ୱାସ୍ଥ୍ୟ ଓ ଖୁସି କାମନା କରୁଛି ବୋଲି ଲେଖିଛନ୍ତି ସୁରେଶ ରାଇନା।

## ଶୁଭେଚ୍ଛାର ସୁଅ

### ଜୀବନର ଅର୍ଦ୍ଧଶତକ ପୂରଣ କଲେ ତେନ୍ଦୁଲକର



# ଦିଲ୍ଲୀର ଦ୍ୱିତୀୟ ବିଜୟ

ହାଇଦ୍ରାବାଦ,୨୪।୪

ଆଇପିଏଲର ୩୪ତମ ମ୍ୟାଚରେ ସନରାଇଜର୍ସ ହାଇଦ୍ରାବାଦକୁ ୭ ରନରେ ପରାସ୍ତ କରି ଦ୍ୱିତୀୟ ବିଜୟ ହାସଲ କରିଛି ଦିଲ୍ଲୀ କ୍ୟାପିଟାଲ୍ସ। ପ୍ରଥମେ ବ୍ୟାଟିଂ କରି କ୍ୟାପିଟାଲ୍ସ ୯ ଉଇକେଟ ହରାଇ ୧୪୪ ରନ୍ କରଥିବା ବେଳେ ସନରାଇଜର୍ସ ୨୦ ଓଭରରେ ୬ ଉଇକେଟ ହରାଇ ୧୩୭ ରନ୍ କରିଥିଲା। ଦିଲ୍ଲୀ ପକ୍ଷରୁ ଫିଲ୍ ସଲ୍ଟ ଓ ଡେଭିଡ୍ ୱାର୍ନର ଇନିଂସ ଓପନ କରିଥିଲେ। ସଲ୍ଟ ଖାତା ଖୋଲିବା ପୂର୍ବରୁ ପ୍ୟାଭିଲିୟନ ଫେରିଥିଲେ। ଡେଭିଡ ୱାର୍ନର (୨୧) ଓ ମିଚେଲ ମାର୍ଶ(୨୫ ରନ୍)ଙ୍କ ମଧ୍ୟରେ ୩୮ ରନ୍‌ର ଭାଗୀଦାରି ହୋଇଥିଲା। ୬୨ ରନ୍‌ରେ ଦଳ ୫ ଉଇକେଟ ହରାଇଥିବା ବେଳେ ମନୀଷ ପାଣ୍ଡେ ଓ ଅକ୍ଷର ପଟେଲ ୩୪ ରନ୍ ଲେଖାଏ ସ୍କୋର କରିଥିଲେ। ୱାଶିଂଟନ୍ ସୁନ୍ଦର ସର୍ବାଧିକ ୩ ଉଇକେଟ ନେଇଥିବା ବେଳେ ଭୁବନେଶ୍ୱର ୨ ଓ ଟି ନଟରାଜନ ଗୋଟିଏ ଉଇକେଟ ନେଇଥିଲେ। ୧୪୫ ରନ୍ ଲକ୍ଷ୍ୟର ପିଛା କରୁଥିବା ହାଇଦ୍ରାବାଦ ପକ୍ଷରୁ ଓପନର ମୟଙ୍କ ଅଗ୍ରୱାଲ ସର୍ବାଧିକ ୪୯ ରନ୍ କରିଥିଲେ। ଏକଦା ୬୯/୧ ରହିଥିବା ହାଇଦ୍ରାବାଦ ନିୟମିତ ବ୍ୟବଧାନରେ ଉଇକେଟ ହରାଇ ୮୫ ରନ୍‌ରେ ୫ ଉଇକେଟ ହରାଇଥିଲା। ତେବେ ହେନରିଚ୍ କ୍ଲାସେନ୍ (୩୧) ଓ ୱାଶିଂଟନ୍ ସୁନ୍ଦର ଅପରାଜିତ ୨୪ ରନ୍ କରିବା ସହ ଷଷ୍ଠ ଉଇକେଟରେ ୪୧ ରନ୍ ଯୋଡି ବିଜୟ ଆଶ ସଞ୍ଚାର କରିଥିଲେ। ତେବେ ୧୯ ତମ ଓଭରରେ ବଡ ଶଟ୍ ଖେଳିବାକୁ ଯାଇ କ୍ଲାସେନ୍ ଆଉଟ ହେବା ପରେ ହାଇଦ୍ରାବାଦ ଜିତି ପାରିନଥିଲା।

**ସଂକ୍ଷିପ୍ତ ସ୍କୋର**

ଦିଲ୍ଲୀ କ୍ୟାପିଟାଲ୍ସ ୨୦ ଓଭରରେ ୧୪୪/୯ (ମନୀଷ ପାଣ୍ଡେ-୩୪, ଅକ୍ଷର ପଟେଲ୍-୩୪, ମିଚେଲ୍ ମାର୍ଶ-୨୫, ୱାଶିଂଟନ୍ ସୁନ୍ଦର-୩/୨୮, ଭୁବନେଶ୍ୱର କୁମାର-୨/୧୧, ଟି ନଟରାଜନ-୧/୨୧)। ସନରାଇଜର୍ସ ହାଇଦ୍ରାବାଦ ୨୦ ଓଭରରେ ୧୩୭/୬(ମୟଙ୍କ ଅଗ୍ରୱାଲ-୪୯, ହେନରିଚ୍ କ୍ଲାସେନ୍-୩୧, ୱାଶିଂଟନ୍ ସୁନ୍ଦର-୨୪*, ଅକ୍ଷର ପଟେଲ-୨/୨୧, ଆନରିଚ୍ ନର୍ଜେ-୨/୩୩, ଇଶାନ୍ତ ଶର୍ମା-୧/୧୮)।

**ଆଇପିଏଲ୍ କାର୍ଯ୍ୟସୂଚୀ**

(ଆଜିର ମ୍ୟାଚ)

**ଗୁଜରାଟ ବନାମ ମୁମ୍ବାଇ**

ସ୍ଥାନ:ଅହମଦାବାଦ,
ସମୟ: ରାତି ୭.୩୦

ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ




1-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ